

ଅନନ୍ୟାଙ୍କ
ଏଣ୍ଟ୍ରି

▶ପୃଷ୍ଠା ୧୧ ଦେଖନ୍ତୁ...


RNI REGD NO: 42041/83
www.sakalaepaper.com
/sakalanews
/sakalanews
www.thesakala.in

# ସକାଳ
THE SAKALA
PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

♦VOLUME- 42 ♦ISSUE-341 ♦BHUBANESWAR ♦MONDAY ♦9 JUNE 2025 ♦PAGE-12 ♦₹ 6.00 | BHUBANESWAR | ♦ବର୍ଷ-୪୨ ♦ସଂଖ୍ୟା-୩୪୧ ♦ଭୁବନେଶ୍ୱର ♦ସୋମବାର ♦୯ ଜୁନ୍ ୨୦୨୫ ♦ପୃଷ୍ଠା-୧୨ ♦ଟ.୬.୦୦


## ଇଦ୍‌ରେ ଦୁଇଟି ଛେଳିର ମୂଲ୍ୟ ୫୧ ଲକ୍ଷ ଟଙ୍କା



■ **ଲକ୍ଷ୍ନୌ, ୮ ।୬ (ଏଜେନ୍ସି):** ଇଦ୍ ଉଲ ଜୁହା ପର୍ବରେ ଛେଳିଙ୍କ ମୂଲ୍ୟ ଆଶାତୀତ ବୃଦ୍ଧି ପାଇଛି । ସ୍ଥାନୀୟ ବକ୍ରା ମଣ୍ଡିରେ ଦୁଇଟି ଛେଳି ରେକର୍ଡ ୫୧ ଲକ୍ଷ ଟଙ୍କାରେ ବିକ୍ରି ହୋଇଛନ୍ତି । ଏହି ଦୁଇଟି ଛେଳିର ଶରୀରରେ ଆରବିକ୍ ଭାଷାରେ 'ଆଲ୍‌ହା' ସଦୃଶ ଜନ୍ମଚିହ୍ନ ରହିଛି । ଫଳରେ ଦୁଇଟି ଛେଳିର ଦାମ୍ ଆକାଶ ଛୁଆଁ ହୋଇଛି । ୧୮ ମାସର ବାରବରୀ ଛେଳି ସଲମାନର ଓଜନ ୬୫ କେଜି ରହିଛି ଏବଂ ତାର ଡାହାଣ କାନରେ ଏହି ଜନ୍ମ ଚିହ୍ନ ରହିଛି । ସେହିପରି ଘନି ନାମକ ରାଜସ୍ଥାନୀ ଛେଳି ଶରୀରେ ମଧ୍ୟ ସମାନ ଚିହ୍ନ ରହିଛି । ସ୍ଥାନୀୟ କୃଷକ ମୁସ୍ତାକ ଅହମ୍ମଦ ହେଉଛନ୍ତି ଏହି ଦୁଇଟି ଛେଳିର ମାଲିକ ଏଥର ସର୍ବାଧିକ ମୂଲ୍ୟରେ ଦୁଇଟି ଛେଳି ବିକ୍ରି ହୋଇଛନ୍ତି । ଏହି ଦୁଇଟି ଛେଳିଙ୍କୁ ନେଇ ଲକ୍ଷ୍ନୌରେ ବେଶ୍ ଚର୍ଚ୍ଚା ହେଉଛି ।

## ୯୦ ବର୍ଷରେ ଅଭିନୟ କରିବେ ଅମୀରଙ୍କ ମା'

■ **ମୁମ୍ବାଇ,୮ ।୬ (ଏଜେନ୍ସି):** ବଲିଉଡ୍ ସୁପରଷ୍ଟାର ଅମୀର ଖାନ୍‌ଙ୍କ ମା ଜିନତ ହୁସେନ ୯୦ ବର୍ଷରେ ବଲିଉଡ୍‌ରେ ପଦାର୍ପଣ କରିବାକୁ ଯାଉଛନ୍ତି । ସେ ଅମୀରଙ୍କ ମହତ୍ୱାକାଂକ୍ଷୀ ସିନେମା 'ସିତାରେ ଜମିନପର'ରେ ଅଭିନୟ କରିଛନ୍ତି । ଆସନ୍ତା ୨୦ ତାରିଖରେ ଏହି ପ୍ରତୀକ୍ଷିତ ସନେମା ମୁକ୍ତିଲାଭ କରିବ । ଅମୀର ଏହି ସିନେମାର ପ୍ରମୋସନରେ ବ୍ୟସ୍ତ ରହିଛନ୍ତି । ଜିନତ ଥରେ ଏହି ସିନେମାର ସେଟ୍‌କୁ ଯିବା ପାଇଁ ଇଚ୍ଛା ପ୍ରକାଶ କରିଥିଲେ । ସେତେବେଳେ 'ହାପି ୱେଡିଂ' ଗୀତ ସୁଟିଂ ହେଉଥିଲା । ଏହି ଗୀତରେ ଜିନତଙ୍କୁ ସାମିଲ କରିବାକୁ ନିର୍ଦ୍ଦେଶକ ଆରଏସ୍ ପ୍ରସନ୍ନା ଆମୀରଙ୍କୁ ଅନୁରୋଧ କରିଥିଲେ । ସେ ଏଥିରେ ରାଜି ହୋଇଥିଲେ । ଫଳରେ ଅମୀରଙ୍କ ମା'ଙ୍କୁ ଡେବ୍ୟୁ କରିବାର ସୁଯୋଗ ମିଳିଥିଲା ।



# ଋଣ ଯନ୍ତାରେ ଭାରତ

## ବର୍ଷ ଶେଷ ବେଳକୁ ଋଣ ଛୁଇଁବ ୨୦୦ ଲକ୍ଷ କୋଟି



### ବୈଦେଶିକ ଋଣ ପରିମାଣ ୭୧୮ ବିଲିଅନ୍ ଡଲାର ଟପିଲା

### ୮୧.୫୯ ପ୍ରତିଶତରେ ପହଞ୍ଚିଲା ଋଣ-ଜିଡିପି ଅନୁପାତ

### ରାଜ୍ୟର ଆର୍ଥିକ ସ୍ଥିତି ବିଗାଡ଼ିଲାଣି ମାଗଣା ବଣ୍ଟନ ବ୍ୟବସ୍ଥା

■ **ନୂଆଦିଲ୍ଲୀ, ୮।୬ (ଏଜେନ୍ସି):** ଗତ ଆର୍ଥିକ ବର୍ଷ ଶେଷ ସୁଦ୍ଧା ଦେଶର ମୋଟ ଋଣ ପରିମାଣ ୧୮୧.୭୪ ଲକ୍ଷ କୋଟିରେ ପହଞ୍ଚିଛି । ଚଳିତ ଆର୍ଥିକ ବର୍ଷ ଶେଷକୁ ଏହା ପ୍ରାୟ ୨ଶହ ୧୯୬.୭୯ ଲକ୍ଷ କୋଟି ଅତିକ୍ରମ କରିବ ବୋଲି କେନ୍ଦ୍ର ଅର୍ଥ ମନ୍ତ୍ରଣାଳୟ ଆକଳନ କରିଛି । ମାତ୍ର ସାମ୍ପ୍ରତିକ ସ୍ଥିତିକୁ ଦେଖିଲେ ୩୧ ମାର୍ଚ୍ଚ ୨୦୨୬ ସୁଦ୍ଧା ଦେଶର ସାମଗ୍ରିକ ଋଣ ପରିମାଣ ୨୦୦.୧୬ ଲକ୍ଷ କୋଟି ଅତିକ୍ରମ କରିବ ବୋଲି ଅର୍ଥନୈତିକ ବିଶେଷଜ୍ଞମାନେ ଆଶଙ୍କା କରିଛନ୍ତି । ଏହି ସମୟରେ ଦେଶର ବୈଦେଶିକ ଋଣ ପରିମାଣ ୧୦.୭% ବୃଦ୍ଧି ପାଇ ୭୧୭.୯ ବିଲିଅନ ଆମେରିକୀୟ ଡଲାର ଅତିକ୍ରମ କରିଛି । ତେବେ ଦେଶର ଜିଡିପି ଓ ଋଣର ଅନୁପାତ ଅତ୍ୟନ୍ତ ସ୍ପର୍ଶକାତର ସ୍ଥିତିରେ ପହଞ୍ଚିଛି । ଋଣ ଓ ଜିଡିପି ଅନୁପାତ ୮୧ ପ୍ରତିଶତ ଅତିକ୍ରମ କରି ୮୧.୫୯%ରେ ପହଞ୍ଚିଛି । ୧୯୮୦ ମସିହାରେ ଭାରତର ଋଣ ଓ ଜିଡିପି ଅନୁପାତ ୬୦.୮୭% ରହିଥିଲା ।

ଅର୍ଥ ମନ୍ତ୍ରଣାଳୟ ଦ୍ୱାରା ପ୍ରକାଶିତ ତଥ୍ୟ ଅନୁସାରେ, ଭାରତର ବୈଦେଶିକ ଋଣ ପରିମାଣ ୬୪୮.୭ ବିଲିଅନ ଆମେରିକୀୟ ଡଲାର ଥିଲା; ମାତ୍ର ୨୦୨୪ ଡିସେମ୍ବରରେ ଏହା ୧୦.୭% ବୃଦ୍ଧି ପାଇ ୭୧୭.୯ ବିଲିୟନ ଆମେରିକୀୟ ଡଲାରରେ ପହଞ୍ଚିଛି । ଭାରତୀୟ ଟଙ୍କା ତୁଳନାରେ ଡଲାର ମୂଲ୍ୟ ବୃଦ୍ଧି ଯୋଗୁଁ ବାହ୍ୟଋଣ ପରିମାଣ ବୃଦ୍ଧି ପାଇଥିବା ଅର୍ଥ ମନ୍ତ୍ରଣାଳୟ ପ୍ରକାଶ କରିଛି । ଭାରତର ବାହ୍ୟ ଋଣର ସିଂହଭାଗ ଆମେରିକୀୟ ଡଲାର ଦ୍ୱାରା ପ୍ରଭାବିତ ହୋଇଛି ଓ ମୋଟ ଋଣର ୫୪.୮% ଆମେରିକୀୟ ଡଲାରରେ ଗ୍ରହଣ କରାଯାଇଛି । ଏହାବ୍ୟତୀତ ଜାପାନୀ ୟେନ୍, ଏସ୍‌ଡିଆର୍ ଓ ୟୁରୋ ମଧ୍ୟ ଭାରତର ଋଣ କ୍ଷେତ୍ରକୁ ପ୍ରଭାବିତ କରିଛି । ଅନ୍ୟପକ୍ଷରେ ଭାରତ ସରକାରଙ୍କ ଆଭ୍ୟନ୍ତରୀଣ ଋଣ ଆହରଣ ମଧ୍ୟ ଉଲ୍ଲେଖନୀୟ ବୃଦ୍ଧି ପାଇଛି । ଏହି ରିପୋର୍ଟ ଅନୁସାରେ ଭାରତ ସରକାରଙ୍କ ମୋଟ ବାହ୍ୟ ଋଣରେ ଅଣ-ଆର୍ଥିକ କର୍ପୋରେସନଗୁଡ଼ିକର ବକେୟା ଋଣର ଅଂଶ ୩୬.୫ % ରହିଛି । ସେହିପରି ଜମା ଗ୍ରହଣକାରୀ କର୍ପୋରେସନ (କେନ୍ଦ୍ରୀୟ ବ୍ୟାଙ୍କ ବ୍ୟତୀତ) (୨୭.୮ %), କେନ୍ଦ୍ର ସରକାର (୨୨.୧%) ଏବଂ ଅନ୍ୟାନ୍ୟ ଆର୍ଥିକ କର୍ପୋରେସନ (୮.୭ %) ରହିଛି ।

ସମ୍ପ୍ରତି ଦେଶର ଆର୍ଥିକ ସ୍ଥିତିକୁ ନେଇ ଅର୍ଥନୈତିକ ବିଶାରଦମାନେ ଚିନ୍ତାବ୍ୟକ୍ତ କରିଥିବା ସମୟରେ ବିଭିନ୍ନ ରାଜ୍ୟଗୁଡ଼ିକର ମାଗଣା ବଣ୍ଟନ ବ୍ୟବସ୍ଥା ପରିସ୍ଥିତିକୁ ଆହୁରି ବିକଟ କରିବ ବୋଲି ଆକଳନ କରିଛନ୍ତି । ନିର୍ବାଚନ ସମୟରେ ▶ପୃଷ୍ଠା-୭

### ମୈତେଇ ନେତାଙ୍କ ଗିରଫଦାରୀ ବିରୋଧରେ ତେଜିଲା ହିଂସା

# ମଣିପୁର ପୁଣି ଅଶାନ୍ତ



### ପୁଲିସ ସହ ସଂଘର୍ଷ ପରେ କର୍ଫ୍ୟୁ, ଇଣ୍ଟରନେଟ ବନ୍ଦ

### ଆଜିଠାରୁ ୧୦ ଦିନିଆ ବନ୍ଦ ପାଳନ

■ **ଇମ୍ଫାଲ, ୮।୬ (ଏଜେନ୍ସି):** ପୁଣି ଅଶାନ୍ତ ମଣିପୁର । ମୈତେଇ ସଂଗଠନର ଜଣେ ନେତାଙ୍କୁ ଗିରଫ କରାଯାଇଥିବାରୁ ଏହାର ବିରୋଧ କରି ବିଭିନ୍ନ ସ୍ଥାନରେ ହିଂସାକାଣ୍ଡ ଘଟିଛି । ଅନେକ ସ୍ଥାନରେ କର୍ଫ୍ୟୁ ଜାରି କରାଯିବା ସହିତ ଇଣ୍ଟରନେଟ୍ ସେବାକୁ ବନ୍ଦ କରିଦିଆଯାଇଛି । ରାଜ୍ୟପାଳ ପରିସ୍ଥିତିର ସମୀକ୍ଷା କରିବା ସହିତ ଉତ୍ତେଜନାପ୍ରବଣ ଅଞ୍ଚଳରେ ସୁରକ୍ଷା ବ୍ୟବସ୍ଥାକୁ କଡ଼ାକଡ଼ି କରାଯାଇଛି ।

ଅରମବାଇ ଟେଙ୍ଗୋ ନାମକ ମୈତେଇ ସଂଗଠନର ନେତା କନନ ସିଂହଙ୍କୁ ଗତକାଲି ସିବିଆଇ ଗିରଫ କରିବା ପରେ ମଣିପୁରରେ ସାନି ଉତ୍ତେଜନା ପ୍ରକାଶ ପାଇଛି । ୨୦୨୩ ମଣିପୁର ହିଂସା ବେଳେ ସେ ଅନେକ ଅପରାଧିକ କାର୍ଯ୍ୟକଳାପରେ ସଂପୃକ୍ତ ଥିବାରୁ ସିବିଆଇ ତାଙ୍କୁ ଗିରଫ କରିଛି । ଇମ୍ଫାଲରେ ଗିରଫ କରିବା ପରେ ତାଙ୍କୁ ଗୌହାଟି ନିଆଯାଇଛି । ଆଜି ତାଙ୍କୁ କୋର୍ଟରେ ହାଜର କରାଯିବ । ଏହାକୁ ବିରୋଧ କରିବା ସହିତ ତାଙ୍କୁ ତୁରନ୍ତ ମୁକ୍ତ କରିବା ଲାଗି ବିଭିନ୍ନ ମୈତେଇ ସଂଗଠନ ପକ୍ଷରୁ ରାଜଧାନୀ ସମେତ ଅନେକ ସ୍ଥାନରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି । ରାସ୍ତା ଅବରୋଧ ସହିତ ସେମାନେ ପୁଲିସ ଉପରେ ଆକ୍ରମଣ କରିବାକୁ ଉଦ୍ୟମ କରିଛନ୍ତି । ସେମାନଙ୍କୁ ଘଉଡ଼ାଇବା ଲାଗି ପୁଲିସ ବିମାନବନ୍ଦର ଓ ରାଜଭବନ ପାଖରେ ଲାଠିମାଡ଼ କରିଛି । ଏଥିରେ କେତେ ଲୋକ ଆହତ ହୋଇଛନ୍ତି, ତାହା ଜଣାପଡ଼ିନାହିଁ । ତେବେ ଏବେ ବି ହିଂସାତ୍ମକ ବିକ୍ଷୋଭ ଜାରି ରହିଛି । ସୁରକ୍ଷା ବାହିନୀ ରାଜଭବନ ଓ ବିମାନବନ୍ଦରକୁ ଘେରି ରହିଛନ୍ତି । ରାଜଧାନୀ ଇମ୍ଫାଲ ସମେତ ୫ଟି ଜିଲ୍ଲାରେ ନିଷେଧାଜ୍ଞା ଜାରି କରାଯାଇଛି । ବିଷ୍ଣୁପୁର ଜିଲ୍ଲାରେ କର୍ଫ୍ୟୁ ଜାରି କରାଯିବା ସହିତ ସମସ୍ତ ୫ଟି ଜିଲ୍ଲାରେ ଇଣ୍ଟରନେଟ୍ ସେବାକୁ ବନ୍ଦ କରି ଦିଆଯାଇଛି । ସାମାଜିକ ଗଣମାଧ୍ୟମ ଜରିଆରେ ହିଂସାକୁ ଉସୁକାଇବା ଲାଗି ଉଦ୍ୟମ କରାଯାଉଥିବାରୁ ରାଜ୍ୟ ସରକାର ଏଭଳି ▶ପୃଷ୍ଠା-୭

## ବଡ଼ଦାଣ୍ଡରେ ଆମିଷ, ମଦ ମନା



■ **ପୁରୀ, ୮।୬ (ସମିସ):** ମଦ ଓ ଆମିଷମୁକ୍ତ ହେବ ବଡ଼ଦାଣ୍ଡ । ଶ୍ରୀକ୍ଷେତ୍ର ପୁରୀକୁ ତୀର୍ଥାଟନ(ତୀର୍ଥ ଓ ପର୍ଯ୍ୟଟନ) ସହର ଭାବେ ଗଢ଼ିତୋଳିବାର ଉଦ୍ୟମ ସ୍ୱରୂପ ଏଭଳି ବଡ଼ ପଦକ୍ଷେପ ନେବାକୁ ଯାଉଛନ୍ତି ରାଜ୍ୟ ସରକାର । ଏହି କ୍ରମରେ ଶ୍ରୀମନ୍ଦିରର ୨ କିଲୋମିଟର ପରିଧି ସହ ସମ୍ପୂର୍ଣ୍ଣ ବଡ଼ଦାଣ୍ଡରେ ମଦ ଓ ଆମିଷ ବିକ୍ରି ଉପରେ କଟକଣା ଲଗାଯିବ । ଏଥିପାଇଁ ପ୍ରକ୍ରିୟା ଆରମ୍ଭ ହୋଇଛି ବୋଲି କହିଛନ୍ତି ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ।

ସେହିପରି ଶ୍ରୀକ୍ଷେତ୍ର ଧାମକୁ ୟୁନିଫର୍ମ ଲୁକ୍ ଦେବାର ପ୍ରୟାସ ବି ଆରମ୍ଭ ହୋଇଛି । ଅର୍ଥାତ୍ ସବୁ କୋଠାବାଡ଼ିର ଗୋଟିଏ ରଙ୍ଗ, ଗୋଟିଏ ଉଚ୍ଚତା, ଏକାଭଳି ନିର୍ମାଣ ଶୈଳୀ ରହିବ । ଫଳରେ ଭକ୍ତମାନେ ପୁରୀକୁ ଆସିଲେ, ଏକ ଭିନ୍ନ ଅନୁଭବ ପାଇବେ ବୋଲି ମନ୍ତ୍ରୀ କହିଛନ୍ତି । ଶ୍ରୀକ୍ଷେତ୍ରକୁ ଆଧାତ୍ମିକ ପର୍ଯ୍ୟଟନ କ୍ଷେତ୍ର ଭାବେ ବିକଶିତ କରିବାକୁ ଏ ଉଦ୍ୟମ କେବେଠୁ ଏବଂ କିଭଳି ଫଳପ୍ରଦ ଢଙ୍ଗରେ କାର୍ଯ୍ୟକାରୀ ହେଉଛି, ଏବେ ତା'ଉପରେ ନଜର ।

## ଗୁଣିଆ ସନ୍ଦେହରେ ବୃଦ୍ଧଙ୍କୁ ହତ୍ୟା କରି ପୋଡ଼ିଦେଲେ



■ **ମୋହନା, ୮।୬ (ସମିସ):** ଗୁଣିଆ ସନ୍ଦେହରେ ଜଣେ ବୃଦ୍ଧଙ୍କୁ ହତ୍ୟା କରି ପୋଡ଼ିଦେଲେ । ଗଜପତି ଜିଲ୍ଲା ମୋହନା ଥାନା କୁଇହୁରୁ ଗାଁରେ ଏଭଳି ଏକ ଜଘନ୍ୟ ହତ୍ୟାକାଣ୍ଡ ଘଟିଛି । ମୃତକ ହେଲେ, କାମ୍ବି ମଳିକ (୬୦) । ଗତ ମଙ୍ଗଳବାର ଘଟିଥିବା ଏହି ହତ୍ୟାକାଣ୍ଡ ଆଜି ପଦାକୁ ଆସିବା ପରେ ପୁଲିସ୍ ଘଟଣାସ୍ଥଳରେ ପହଞ୍ଚି କାମ୍ବିଙ୍କ ହାଡ଼, ପାଉଁଶ ଜବତ କରିଛି । ଏହି ଘଟଣାରେ ପୁଲିସ୍ ଗ୍ରାମର ୮ଜଣଙ୍କୁ ଅଟକ ରଖି ପଚରାଉଚରା କରୁଛି । ସେମାନଙ୍କ ମଧ୍ୟରେ ୬ଜଣ ମହିଳା ଥିବା ବେଳେ ୨ଜଣ ପୁରୁଷ ରହିଛନ୍ତି । ଅପରପକ୍ଷେ ଗିରଫଦାରୀ ଭୟରେ ପୂରା ଗାଁ ପୁରୁଷଶୂନ୍ୟ ହୋଇଯାଇଥିବା ଜଣାଯାଇଛି ।

### ୮ ଅଟକ; ଗିରଫ ଭୟରେ ଗାଁ ପୁରୁଷଶୂନ୍ୟ

ସୂଚନାନୁଯାୟୀ, କାମ୍ବି ଗାଁରେ ଝଡ଼ାଫୁଙ୍କା କରିବା ସହ ଚେରମୂଳି ଔଷଧ ଦେଉଥିଲେ । କିନ୍ତୁ, ସେ ଗୁଣି କରୁଥିବା ଗାଁର କିଛି ଲୋକ ଅଭିଯୋଗ କରି ଆସୁଥିଲେ । ଗତ ମଙ୍ଗଳବାର ରାତିରେ କାମ୍ବିଙ୍କ ଘରେ କେହି ନଥିବା ବେଳେ କିଛି ଗ୍ରାମବାସୀ ▶ପୃଷ୍ଠା-୭

## ଭୁବନେଶ୍ୱରରେ ମାଡ଼ିଲା ଡେଙ୍ଗୁ

### ନିଳାଦ୍ରୀବିହାର, ଶୈଳଶ୍ରୀବିହାର ହଟ୍‌ସ୍ପଟ୍

■ **ଭୁବନେଶ୍ୱର, ୮।୬ (ସମିସ):** ଭୁବନେଶ୍ୱରରେ ଡେଙ୍ଗୁ ରୋଗୀଙ୍କ ସଂଖ୍ୟା ୧୭ ପାର କରିଛି । ଜୁନ୍ ପହିଲାରୁ ପ୍ରତ୍ୟେକ ଦିନ ଭୁବନେଶ୍ୱରରୁ ଡେଙ୍ଗୁ ରୋଗୀ ଚିହ୍ନଟ ହେଉଥିବାବେଳେ ଶୈଳଶ୍ରୀ ବିହାରରେ ସର୍ବାଧିକ ମାମଲା ସାମ୍ନାକୁ ଆସିଛି । ଜାନୁଆରୀରୁ ମେ ଶେଷ ଯାଏଁ ଯେଉଁଠି ଭୁବନେଶ୍ୱରରେ ଡେଙ୍ଗୁ ରୋଗୀଙ୍କ ସଂଖ୍ୟା ଦୁଇରୁ ୩ ମଧ୍ୟରେ ରହୁଥିଲା, ମାତ୍ର ଜୁନ୍ ମାସରେ ଏହି ସଂଖ୍ୟା ଦୁଇ ଅଙ୍କ ଛୁଇଁଛି । ଏଯାବତ୍ ଶୈଳଶ୍ରୀ ବିହାର, ଲିଙ୍ଗରାଜ ମନ୍ଦିର ନିକଟ ଓ ଶିଖରଚଣ୍ଡୀ ନଗରରୁ ଏକାଧିକ ମାମଲା ସାମ୍ନାକୁ ଆସିଛି । ସେହିପରି ପଟିଆ, ନିଳାଦ୍ରୀ ବିହାର, ନୟାପଲ୍ଲୀ ଅଞ୍ଚଳର ନୂଆ ମାମଲା ଠାବ ହୋଇଛି । ନୂଆ ଅଞ୍ଚଳରୁ ମଧ୍ୟ ଡେଙ୍ଗୁ ମାମଲା ସାମ୍ନାକୁ ଆସିବା ପରେ ଡେଙ୍ଗୁ ନିୟନ୍ତ୍ରଣ ଲାଗି ସଚେତନତା ଓ ପଦକ୍ଷେପକୁ ବ୍ୟାପକ କରାଯିବ ବୋଲି ଏଡିପିଏଚଓ ନୀଳମଣି ସେନାପତି କହିଛନ୍ତି । ଅନ୍ୟପକ୍ଷରେ ୭୦ଟି ସ୍ପ୍ରେ ମେସିନ୍ ସହ କର୍ମଚାରୀଙ୍କୁ ମଶା ଲାର୍ଭା ନଷ୍ଟ କରିବାକୁ ଫିଲ୍ଡକୁ ପଠାଯିବ ଓ ଏହାସହ ▶ପୃଷ୍ଠା-୭



## ଭିଜିଲାନ୍ସ ଜାଲରେ ଆଇଏଏସ୍ ଅଧିକାରୀ

### ୧୦ ଲକ୍ଷ ଲାଞ୍ଚ ନେବାବେଳେ ଧରାପଡ଼ିଲେ ଧର୍ମଗଡ଼ ଉପଜିଲ୍ଲାପାଳ

### ଘରୁ ବାହାରିଲାଣି ୪୭ ଲକ୍ଷ ଟଙ୍କା





■ **ଭୁବନେଶ୍ୱର/ଧର୍ମଗଡ଼, ୮।୬ (ସମିସ):** ଜଣେ କ୍ରସର ବ୍ୟବସାୟୀଙ୍କଠାରୁ ୧୦ ଲକ୍ଷ ଟଙ୍କା ଲାଞ୍ଚ ନେବା ବେଳେ ଭିଜିଲାନ୍ସ ଜାଲରେ ପଡ଼ିଛନ୍ତି ଆଇଏଏସ୍ ଅଧିକାରୀ । ସେ ହେଉଛନ୍ତି ଧର୍ମଗଡ଼ ଉପଜିଲ୍ଲାପାଳ ଧୀମାନ୍ ଚକ୍‌ମା । ଉପଜିଲ୍ଲାପାଳ ସଂପୃକ୍ତ ବ୍ୟବସାୟୀଙ୍କୁ ୨୦ ଲକ୍ଷ ଟଙ୍କା ଲାଞ୍ଚ ମାଗିଥିବା ବେଳେ ଆଜି ସନ୍ଧ୍ୟାରେ ନିଜ ସରକାରୀ କ୍ୱାର୍ଟର୍ସରେ ପ୍ରଥମ କିସ୍ତିରେ ୧୦ ଲକ୍ଷ ଟଙ୍କା ନେଉଥିବାବେଳେ ଧରାପଡ଼ିଛନ୍ତି । ଲାଞ୍ଚ ଡିଲ୍ ହେବା ପରେ ବ୍ୟବସାୟୀ ଜଣକ ଭିଜିଲାନ୍ସକୁ ଜଣାଇଥିଲେ ।

ଯୋଜନା ଅନୁଯାୟୀ ଆଜି ଭିଜିଲାନ୍ସ ଟିମ୍ ଉପଜିଲ୍ଲାପାଳଙ୍କ ଗତିବିଧି ଉପରେ ନଜର ରଖିଥିଲା । ସନ୍ଧ୍ୟାରେ ଉପଜିଲ୍ଲାପାଳ ସରକାରୀ ଗାଡ଼ିରେ କ୍ୱାର୍ଟର୍ସକୁ ଯାଇଥିଲେ । ତାଙ୍କ ଗାଡ଼ି ଯିବାର କିଛି ସମୟ ପରେ ଭିଜିଲାନ୍ସ ଟିମ୍ କ୍ୱାର୍ଟର୍ସରେ ପଶି ତାଙ୍କ ଘର ତ୍ର' ଯାଞ୍ଚ କରିବା ପରେ କେମିକାଲ ବୋଳା ୧୦ ଲକ୍ଷ ଟଙ୍କା ମିଳିଥିଲା । ଏହାପରେ ଉପଜିଲ୍ଲାପାଳଙ୍କୁ ଭିଜିଲାନ୍ସ ଅଧିକାରୀମାନେ ନିଜ ହେପାଜତକୁ ନେଇ ପଚରାଉଚରା କରିଥିଲେ । ହେଲେ ଏହି ଟଙ୍କା ସମ୍ପର୍କରେ ସେ ସଠିକ୍ ଉତ୍ତର ଦେଇପାରି ନ ଥିଲେ । ଏହାପରେ ତାଙ୍କ ▶ପୃଷ୍ଠା-୭

# ରାଜ୍ୟରେ ଦିନକୁ ୧୫ ଦୁଷ୍କର୍ମ

### ୧୦ ମାସରେ ସାଢେ ୪ହଜାର ମାମଲା ରୁଜୁ

### ଘରୁ ଗୋଡ଼ କାଢ଼ିବାକୁ ଡରିଲେଣି ମହିଳା



■ **ଭୁବନେଶ୍ୱର, ୮।୬ (ସମିସ):** ରାଜ୍ୟରେ ଏବେ ମହିଳା ସମ୍ପୂର୍ଣ୍ଣ ଅସୁରକ୍ଷିତ । ରାତି କ'ଣ, ଦିନରେ ବି ଘରୁ ବାହାରିବାକୁ ଡରିଲେଣି । ଗତ ୧୦ ମାସରେ ରାଜ୍ୟର ବିଭିନ୍ନ ଥାନାରେ ସାଢ଼େ ଚାରି ହଜାର ଦୁଷ୍କର୍ମ ମାମଲା ରୁଜୁ ହେଲାଣି । ହିସାବ କଲେ ହାରାହାରି ଦିନକୁ ୧୫ଜଣ ଦୁଷ୍କର୍ମର ଶିକାର ହେଉଛନ୍ତି । ବିଶେଷକରି ଗଞ୍ଜାମ, ଖୋର୍ଦ୍ଧା, କନ୍ଧମାଳ, ବଲାଙ୍ଗିର, ମୟୂରଭଞ୍ଜ ଆଦି ଜିଲ୍ଲାରେ ଅଧିକ ଦୁଷ୍କର୍ମ ଘଟିଥିବା ଅଭିଯୋଗ ହୋଇଛି । କିଛି ମାମଲାରେ ଅଭିଯୁକ୍ତ ଗିରଫ ହୋଇଥିଲେ ହେଁ ଅଧିକାଂଶ ମାମଲାରେ ଅଭିଯୁକ୍ତମାନେ ଏବେ ବି ବାହାରେ ବୁଲୁଛନ୍ତି । ପୁଲିସର କାର୍ଯ୍ୟାନୁଷ୍ଠାନ ଓ ଦଣ୍ଡବିଧାନରେ ବିଳମ୍ବ ଯୋଗୁଁ ଅଭିଯୁକ୍ତମାନେ ଖସିଯିବାକୁ ସକ୍ଷମ ହେଉଛନ୍ତି ।

ଗତ ୭୨ ଘଣ୍ଟା ଭିତରେ ନାବାଳିକାଙ୍କୁ ଗଣଦୁଷ୍କର୍ମ, ହତ୍ୟା ଓ ଅପହରଣ ଖବର ସାରା ରାଜ୍ୟରେ ହଇଚଇ ସୃଷ୍ଟି କରିଛି । ଦୁଇ ଦିନ ତଳେ ବ୍ରହ୍ମପୁରରେ ଦୁଇ ଜଣ ନାବାଳିକାଙ୍କୁ ଗଣଦୁଷ୍କର୍ମ ମାମଲା ରାଜ୍ୟକୁ ସ୍ତବ୍ଧ କରି ଦେଇଛି । ଗୋଳନ୍ଥରା ଥାନା ଅଞ୍ଚଳର ଦୁଇ ନାବାଳିକାଙ୍କୁ ୪ଜଣ ଗଣଦୁଷ୍କର୍ମ କରିବା ପରି ଜଘନ୍ୟ ଘଟଣା ଘଟିଛି । ଅନୁରୂପ ଭାବରେ ବରଗଡ଼ ସଦର ଥାନା ଅଞ୍ଚଳରେ ଜଣେ ନାବାଳିକାକୁ ଦୁଷ୍କର୍ମ ପରେ ହତ୍ୟା କରାଯାଇଛି । ମାମୁଘରକୁ ଯାଇ ନିଖୋଜ ଥିବା ନାବାଳିକାକୁ ଜଣେ ଯୁବକ ଗୁରୁତର ଅବସ୍ଥାରେ ସୋହେଲା ଡାକ୍ତରଖାନାରେ ଭର୍ତ୍ତି କରିଥିଲେ । ସେଠାରେ ନାବାଳିକାଙ୍କ ମୃତ୍ୟୁ ଘଟିଛି । ସମ୍ବଲପୁରରେ ଜଣେ ପୁଲିସ କର୍ମଚାରୀ ନାବାଳିକାଙ୍କୁ ଦୁଷ୍କର୍ମ ଉଦ୍ୟମ କରିଥିବା ନେଇ ସାଂଘାତିକ ଅଭିଯୋଗ ହୋଇଛି । ନାବାଳିକାଙ୍କୁ ଦୁଷ୍କର୍ମ ଉଦ୍ୟମ ଅଭିଯୋଗରେ କନେଷ୍ଟବଳଙ୍କୁ ଗିରଫ କରିଛି ସମ୍ବଲପୁର ପୁଲିସ । ଭଦ୍ରକ ଜିଲ୍ଲା ପୀରହାଟ ଥାନା ଅଞ୍ଚଳ କାନିସାହି ଓ ହରିପୁର ଗାଁରୁ ଦୁଇ ଜଣ ନାବାଳିକାଙ୍କୁ ଅପହରଣ ଘଟଣାରେ ପୁଲିସ ହାତବାନ୍ଧି ବସିଥିବା ଅଭିଯୋଗ ହୋଇଛି । ଏପରିକି ଅପହରଣକାରୀଙ୍କୁ ସୁରକ୍ଷା ଦେଉଥିବା ଅଭିଯୋଗ କରି ସମ୍ପୃକ୍ତ ନାବାଳିକାଙ୍କ ପରିବାର ଥାନା ଆଗରେ ଆତ୍ମହତ୍ୟା କରିବାକୁ ଚେତାବନୀ ଦେଇଛନ୍ତି । ସେହିପରି ଆଜି କେନ୍ଦୁଝର ଜିଲ୍ଲା ଆନନ୍ଦପୁର ଉପଖଣ୍ଡ ରାମଚନ୍ଦ୍ରପୁର ଥାନା ଅଞ୍ଚଳରେ ଜଣେ ମହିଳାଙ୍କୁ ଦୁଇ ସମ୍ପର୍କୀୟ ଭାଇ ▶ପୃଷ୍ଠା-୭

### ଆର୍‌ଆଇ, ଅମିନ ନିଯୁକ୍ତି ପ୍ରସଙ୍ଗ

## ଦେଢ଼ବର୍ଷ ହେଲା ଅପେକ୍ଷାରେ ଆଶାୟୀ

■ **ଭୁବନେଶ୍ୱର, ୮ ।୬ (ସମିସ):** ବହୁଚର୍ଚ୍ଚିତ ଆର୍‌ଆଇ, ଏଆର୍‌ଆଇ ଓ ଲାଇଭଷ୍ଟକ୍ ଇନ୍ସପେକ୍ଟର (ଏଲ୍‌ଆଇ) ପ୍ରିଲିମିନାରୀ ପରୀକ୍ଷାରେ ସମସ୍ତ ପରୀକ୍ଷାର୍ଥୀଙ୍କୁ ପାସ୍ କରିଦେବା ପରେ ମୁଖ୍ୟ ଲିଖିତ ପରୀକ୍ଷା କେବେ ଏବଂ କେଉଁ ମାଧ୍ୟମରେ ହେବ, ସେନେଇ ଦ୍ୱନ୍ଦ୍ୱ ଲାଗି ରହିଛି । ପ୍ରିଲିମିନାରୀ ପରୀକ୍ଷା ଅନ୍‌ଲାଇନ୍‌ରେ ହୋଇଥିବା ବେଳେ ବ୍ୟାପକ ଅନିୟମିତତା ଅଭିଯୋଗ ହୋଇଥିଲା । ଫଳରେ ମୁଖ୍ୟ ଲିଖିତ ପରୀକ୍ଷା ଅନ୍‌ଲାଇନ୍ ନା ଅଫଲାଇନ୍‌ରେ ହେବ, ସେନେଇ ଆଶାୟୀଙ୍କ ମଧ୍ୟରେ କଳ୍ପନାଜଳ୍ପନା ଲାଗି ରହିଛି । ଅପରପକ୍ଷେ, ପରିଚାଳନା କରୁଥିବା ଓଡ଼ିଶା ଅଧସ୍ତନ କର୍ମଚାରୀ ଚୟନ ଆୟୋଗ (ଓଏସ୍‌ଏସ୍‌ଏସ୍‌ସି) ମଧ୍ୟ ଏନେଇ କୌଣସି ସ୍ପଷ୍ଟ ସୂଚନା ଦେଉନାହିଁ । ଫଳରେ ଦେଢ଼ବର୍ଷ ଧରି ପ୍ରସ୍ତୁତି କରୁଥିବା ଆଶାୟୀଙ୍କ ମଧ୍ୟର ଅସନ୍ତୋଷ ଘନୀଭୂତ ହେବାରେ ଲାଗିଛି ।

### ଗୋଟିଏ ସିଫ୍ଟରେ ଅଫ୍‌ଲାଇନ୍ ପରୀକ୍ଷା କରିବାକୁ ଦାବି

### ତ୍ୱରିତ ପଦକ୍ଷେପ ନନେଲେ ବିଧାନସଭା ଘେରଉ ଚେତାବନୀ

୨୦୨୩ ଡିସେମ୍ବରରେ ଆର୍‌ଆଇ, ଏଆର୍‌ଆଇ, ଅମିନ ଓ ଏଲ୍‌ଆଇ ନିଯୁକ୍ତି ପାଇଁ ବିଜ୍ଞପ୍ତି ପ୍ରକାଶ ପାଇଥିଲା । ପ୍ରାୟ ୨୮ଶହ ପଦ ପାଇଁ ପାଖାପାଖି ୪ଲକ୍ଷ ଆଶାୟୀ ଆବେଦନ କରିଥିଲେ । ଏହାର ୯ ମାସ ପରେ ଅର୍ଥାତ୍ ୨୦୨୪ ସେପ୍ଟେମ୍ବରରେ ପରୀକ୍ଷା ହୋଇଥିଲା । ଅନଲାଇନ୍‌ରେ ପ୍ରିଲିମିନାରୀ ପରୀକ୍ଷା ▶ପୃଷ୍ଠା-୭

### ଖଇର କାଠ ଉପରେ ମାଫିଆଙ୍କ ନଜର

# ବଲାଙ୍ଗିର ଜଙ୍ଗଲରୁ ରାଜ୍ୟ ବାହାରକୁ ଚାଲାଣ ହେଉଛି

**ବଲାଙ୍ଗିର, ୮।୬(ସମିସ)**

ବଲାଙ୍ଗିର ଜିଲ୍ଲାରେ ଏବେ ଖଇର ଚାଲାଣ ବନ ବିଭାଗ ପାଇଁ ବଡ ସମସ୍ୟା ସାଜିଛି। ଗୋଟିଏ ପଟେ ପ୍ରତିଦିନ ଶହ ଶହ କୁଇଣ୍ଟାଲ ଖଇର ଗଛ କାଟୁଥିବା ବେଳେ ଗତ ଗୋଟିଏ ମାସ ହେଲା ବନ ବିଭାଗ ମଧ୍ୟ ଖଇର କାଠ ଚାଲାଣକୁ ରୋକିବା ପାଇଁ ଜୋରଦାର ଅଭିଯାନ ଆରମ୍ଭ କରିଛି। ଗତ ପ୍ରାୟ ମାସକ ଭିତରେ ଜିଲ୍ଲାରେ ହୋଇଥିବା ବନ ବିଭାଗ ଚଢ଼ଉ କରି ପ୍ରାୟ ୨୦ ଟନ ଖଇର କାଠ ଜବତ କରିସାରିଥିବା ଜଣାପଡ଼ିଛି। ତେବେ ଏହି ପରିମାଣ ହିଁ ବଲାଙ୍ଗିର ଜିଲ୍ଲାରେ ଚାଲିଥିବା ଖଇର କାଠ ଚାଲାଣର ବଡ କାରବାରକୁ ପଦାରେ ପକାଇଛି।



ଗତ କିଛି ବର୍ଷ ହେଲା ବଲାଙ୍ଗିର ଜିଲ୍ଲାରୁ ରାଜ୍ୟ ତଥା ରାଜ୍ୟ ବାହାରକୁ ଖଇର କାଠ ଚାଲାଣ ହେଉଥିବା ନେଇ ଅଭିଯୋଗ ହୋଇଆସୁଛି। ଏହି କାରବାରରେ ଜିଲ୍ଲା ତଥା ଜିଲ୍ଲା ବାହାରର କିଛି ବ୍ୟକ୍ତିଙ୍କ ବଡ ନେଟଓ୍ୱର୍କ କାମ କରୁଥିବା ମଧ୍ୟ ଜଣାପଡ଼ିଛି। ତେବେ ଏହି ବେଆଇନ ଚାଲାଣ ଏବେ ବନ ବିଭାଗ ପାଇଁ ମୁଣ୍ଡ ବ୍ୟଥାର କାରଣ ପାଲଟିଥିବା ବେଳେ ଏହାକୁ ରୋକିବା ପାଇଁ ବନ ବିଭାଗ ପକ୍ଷରୁ ଅଭିଯାନ ଆରମ୍ଭ ହୋଇଛି। ଗତ ମାସକ ଭିତରେ ପ୍ରାୟ ୧୨ ରୁ ୧୫ ଟି ସ୍ଥାନରେ ଚଢ଼ଉ ହୋଇଥିବା ବେଳେ ବନ ବିଭାଗ ପ୍ରାୟ ୨୦ ଟନ୍ ଖଇର କାଠ ଜବତ କରିବା ସହ ବେଆଇନ ଚାଲାଣ କରୁଥିବା ଗାଡିକୁ ଜବତ କରିଥିବା ଜଣାପଡ଼ିଛି। ବିଭାଗୀୟ ସୂଚନା ଅନୁସାରେ ଗତ ଶନିବାର ସକାଳୁ ସଇଁନ୍ତଲା ରେଞ୍ଜ ଝିମାନପାଲି ଗାଁ ନିକଟରେ ବନ ବିଭାଗ ଚଢ଼ଉ କରି ଅଟୋରୁ ୪୧୮ କେଜି ଖଇର କାଠ ଜବତ କରିଥିବା ବେଳେ ଲାଠୋର ରେଞ୍ଜ ଧଉରାଖମନ ଗାଁ ନିକଟରେ ଏକ ପିକଅପ୍‌ରୁ ୨୨କୁଇଣ୍ଟାଲ ଖଇର କାଠ ବନ ବିଭାଗ ଜବତ କରିଛି। ସେହିପରି ଶନିବାର ବିଳମ୍ବିତ ରାତିରେ ପିକଅପ୍ ଗାଡ଼ିରୁ ୨୩କୁଇଣ୍ଟାଲ ଖଇର କାଠ ଜବତ ହୋଇଥିବା ବେଳେ ଉକ୍ତ ଗାଡ଼ିରେ ନକଲି ନମ୍ବର ପ୍ଲେଟ ଲଗାଇ ଚାଲାଣ କରାଯାଉଥିବା ଜଣାପଡ଼ିଛି। ସେହିପରି ଜୁନ ୩ ତାରିଖରେ ପାଟଣାଗଡ଼ ରେଞ୍ଜ ରୁ ୧୦ ଟନ, ୨ ତାରିଖରେ ମୁରିବାହାଲ ରେଞ୍ଜରୁ ୭କୁଇଣ୍ଟାଲ, ମେ ୨୭ ତାରିଖରେ ଲୋଇସିଂହା ରେଞ୍ଜ ଭରସୁଜାରୁ ୫କୁଇଣ୍ଟାଲ, ମେ ୨୦ ତାରିଖରେ ସଇଁନ୍ତଲା ରେଞ୍ଜ ଖର୍ଲିକାନୀ ଗାଁ ନିକଟରୁ ୨କୁଇଣ୍ଟାଲ, ମେ ୨୧ ତାରିଖରେ ସଇଁନ୍ତଲା ରେଞ୍ଜ ମନୁମୁଣ୍ଡା ଠାରୁ ୨୨୭ କେଜି, ମେ ୫ ତାରିଖରେ ପାଟଣାଗଡ଼ ରେଞ୍ଜ ପିତାମହୁଲ ଗାଁ ନିକଟରୁ ୮କୁଇଣ୍ଟାଲ ଖଇର କାଠ ଜବତ କରିସାରିଛି। ଏହି ଗତ ପ୍ରାୟ ଗୋଟିଏ ମାସ ଭିତରେ ବନ ବିଭାଗ ପ୍ରାୟ ୧୯ ଟନ୍ ୫୬କୁଇଣ୍ଟାଲ ଖଇର କାଠ ଜବତ କରିଥିବା ବେଳେ

**ରୋକିବାକୁ ବନ ବିଭାଗର ଉଦ୍ୟମ**

**ମାସକ ଭିତରେ ଜବତ ହେଲାଣି ୨୦ଟନ୍ କାଠ**

ବହୁ ସଂଖ୍ୟାରେ ପିକଅପ୍, ମିନିଟ୍ରକ୍, ବାଇକ୍ ଜବତ କରିଥିବା ଜଣାପଡ଼ିଛି। କିଛି ମାମଲାରେ ଚାଲାଣକାରୀକୁ ବନ ବିଭାଗ ଗିରଫ କରିଥିବା ବେଳେ ଏହି କାରବାର ଚଳାଇଥିବା ଅସଲି ମାଫିଆକୁ କିନ୍ତୁ ଏପର୍ଯ୍ୟନ୍ତ ବନ ବିଭାଗ ଧରିବାରେ ବିଫଳ ହୋଇଛି। ସୂଚନା ଅନୁସାରେ ବଲାଙ୍ଗିର ଜିଲ୍ଲା ପାଟଣାଗଡ଼ ଓ ବରଗଡ଼ ଜିଲ୍ଲାର ଦୁଇ ଜଣ ଅଣଓଡିଆ ମାଫିଆ ଏହି ନେଟଓ୍ୱର୍କ ଚଲାଉଥିବା ଅଭିଯୋଗ ହୋଇଛି। ଅନେକ ସମୟରେ ଧରାପଡୁଥିବା ଗାଡି ଗୁଡିକ ତାଙ୍କର ହୋଇଥିବା ବେଳେ ନକଲି ନମ୍ବର ପ୍ଲେଟ ଯୋଗୁଁ ସେମାନେ ବର୍ତ୍ତିଯାଉଥିବା ଜଣାପଡ଼ିଛି। ତେବେ ବଲାଙ୍ଗିର ଜିଲ୍ଲାର ପାଟଣାଗଡ଼, ସଇଁନ୍ତଲା, ମୁରିବାହାଲ, ଲୋଇସିଂହା, ବଙ୍ଗୋମୁଣ୍ଡା ରେଞ୍ଜରେ ଥିବା ଜଙ୍ଗଲରୁ ଖଇର କାଠ ଚାଲାଣ ହେଉଥିବା ଜଣାପଡ଼ିଛି। ଗତ କିଛି ବର୍ଷ ହେଲା ଏହା ଜାରି ରହିଥିବା ବେଳେ ଗତ ପ୍ରାୟ ବର୍ଷେ ସମୟ ବନ ବିଭାଗ ଏହି ବେଆଇନ ଚାଲାଣକୁ ଗୁରୁତ୍ୱ ଦେଇନଥିଲା। କିନ୍ତୁ ବଲାଙ୍ଗିର ଡିଏଫଓ ଭାବେ ଅଜିତ ବିଶି ଯୋଗଦେବା ପରେ ଖଇର କାଠ ଚାଲାଣକୁ ସ୍ୱତନ୍ତ୍ର ଭାବେ ଗୁରୁତ୍ୱ ଦେବା ସହ ଚାଲାଣ ଉପରେ ଚଢ଼ଉ କରିବା ପାଇଁ ରେଞ୍ଜରମାନଙ୍କୁ ନିର୍ଦ୍ଦେଶ ଦେଇଥିବା ଜଣାପଡ଼ିଛି। କିନ୍ତୁ ଏହି କାରବାରକୁ ରୋକିବାକୁ ହେଲେ ଏହାର ମାଷ୍ଟର ମାଇଣ୍ଡକୁ ଗିରଫ କରିବାକୁ ଦାବି ହୋଇଛି। ଏନେଇ ଡିଏଫଓ ଅଜିତ ବିଶିଙ୍କୁ ପଚାରିବାରୁ ମାଷ୍ଟର ମାଇଣ୍ଡମାନଙ୍କ ବିଷୟରେ ସୂଚନା ଅଛି କିନ୍ତୁ ସିଧାସଳଖ ଭାବେ ତାଙ୍କ ନାମ ଗିରଫ ହେଉଥିବା ଅଭିଯୁକ୍ତମାନେ କହୁନଥିବାରୁ ଓ ତାଙ୍କର ସିଧା ହସ୍ତକ୍ଷେପ ହେଉନଥିବାରୁ ତାଙ୍କ ନାମରେ ମାମଲା ରୁଜୁ ହୋଇପାରୁନାହିଁ। ଆଗକୁ ଯଦି ତାଙ୍କ ନାମରେ କିଛି ବି ପ୍ରମାଣ ଆସେ ତେବେ ନିଶ୍ଚିତ ସେମାନଙ୍କୁ ତଦନ୍ତ ପରିସର ଭୁକ୍ତ କରାଯିବ ବୋଲି ଶ୍ରୀ ବିଶି କହିଛନ୍ତି।

### ରେଳ ଫାଟକ ପାଇଁ ଅସୁବିଧା ଭୋଗୁଛନ୍ତି ଲୋକେ

# ଅଟକି ରହୁଛି ଆମ୍ବୁଲାନ୍ସ, ରୋଗୀ ହନ୍ତସନ୍ତ



**ସଇଁତଲା, ୮।୬(ସମିସ):** ସଇଁତଲା ଦେଇ ଯାଇଥିବା ଜାତୀୟ ରାଜପଥ-୨୬ରୁ ବ୍ଲକ କାର୍ଯ୍ୟାଳୟ ତଥା ଅନ୍ୟାନ୍ୟ କାର୍ଯ୍ୟାଳୟକୁ ସଂଯୋଗ କରୁଥିବା ରାସ୍ତାରେ ରେଳ ଫାଟକ ରହିଛି। ରେଳ ଫାଟକଟି ବ୍ଲକ ଛକ ନିକଟରେ ରହିଥିବା ବେଳେ ବ୍ଲକ ଛକ ନିକଟରେ ତହସିଲ, ବ୍ଲକ, ଡାକ୍ତରଖାନା, ଗ୍ରାମ୍ୟ ଉନ୍ନୟନ ବିଭାଗ, ସମନ୍ୱିତ ଶିଶୁ ବିଭାଗ, କୃଷି ବିଭାଗ, ମୃତ୍ତିକା ସଂରକ୍ଷଣ ବିଭାଗ ଭଳି କାର୍ଯ୍ୟାଳୟ ରହିଛି। ପ୍ରତ୍ୟହ ବ୍ଲକର ବିଭିନ୍ନ ପଞ୍ଚାୟତରୁ ଲୋକେ ଭିନ୍ନ ଭିନ୍ନ କାର୍ଯ୍ୟରେ ବ୍ଲକ କାର୍ଯ୍ୟାଳୟକୁ ଆସିଥାନ୍ତି। ଜାତୀୟ ରାଜପଥରେ କୌଣସି ଦୁର୍ଘଟଣା ଘଟିଲେ ତୁରନ୍ତ ଦୁର୍ଘଟଣାଗ୍ରସ୍ତ ବ୍ୟକ୍ତିଙ୍କୁ ଆମ୍ବୁଲାନ୍ସ କିମ୍ବା ଅନ୍ୟ କୌଣସି ଗାଡ଼ିରେ ଡାକ୍ତରଖାନାକୁ ଅଣାଯାଇଥାଏ। ସମ୍ବଲପୁର-ଟିଟିଲାଗଡ଼ ଯାଇଥିବା ଫାଟକଟି ରେଳ ଗମନାଗମନ ପାଇଁ ପ୍ରତ୍ୟେକ ୧୦ ରୁ ୧୫ ମିନିଟ ବ୍ୟବଧାନରେ ବନ୍ଦ ରହିଥାଏ। ଫାଟକ ୧୦ ମିନିଟରୁ ଊର୍ଦ୍ଧ୍ୱ ସମୟ ଧରି ବନ୍ଦ ରହୁଥିବାରୁ ଉକ୍ତ ରାସ୍ତା ଦେଇ ଗମନାଗମନ କରୁଥବା ଲୋକେ ନାହିଁ ନ ଥିବା ଅସୁବିଧାର ସମ୍ମୁଖିନ ହୋଇଥାନ୍ତି। ସେହିପରି ଆମ୍ବୁଲାନ୍ସରେ କୌଣସି ରୋଗୀ କିମ୍ବା ଦୁର୍ଘଟଣାଗ୍ରସ୍ତ ବ୍ୟକ୍ତିଙ୍କୁ ଡାକ୍ତରଖାନାକୁ ଆସୁଥିବା ବେଳେ ରେଳ ଫାଟକ ବନ୍ଦ ରହୁଥିବାରୁ ରୋଗୀ ତଥା ଦୁର୍ଘଟଣାଗ୍ରସ୍ତ ବ୍ୟକ୍ତିଙ୍କ ଜୀବନ ଯିବାର ସମ୍ଭାବନା ମଧ୍ୟ ରହିଛି। ପୂର୍ବରୁ ସମ୍ବଲପୁର-ଟିଟିଲାଗଡ଼ ପାଇଁ ଗୋଟିଏ ରେଳ ଲାଇନ ଥିବାରୁ ରେଳ ଫାଟକଟି ବହୁ କମ ସମୟରେ ବନ୍ଦ ରହୁଥିଲା। ବର୍ତ୍ତମାନ ରେଳ ଲାଇନ୍ ଦୋହରୀକରଣ ହେବା ସହ ରେଳ ଚଳାଚଳ ବୃଦ୍ଧି ପାଇବା ପରେ ଫାଟକ ବାରମ୍ବାର ବନ୍ଦ ରହିଛି। ବାରମ୍ବାର ଫାଟକ ବନ୍ଦ ହେଉଥିବାରୁ ଅଞ୍ଚଳରେ ଅସନ୍ତୋଷ ବୃଦ୍ଧି ପାଇବାରେ ଲାଗିଛି।ଜନସାଧାରଣଙ୍କ ଗମନାଗମନ ପାଇଁ ଓଭରବ୍ରିଜ ନିର୍ମାଣ କରାଗଲେ ଜନସାଧାରଣ ଉପକୃତ ହେବେ। ବିଭାଗ ତରଫରୁ ତୁରନ୍ତ ପଦକ୍ଷେପ ନେବାକୁ ଦାବି ହେଉଛି।

**ଓଭରବ୍ରିଜ ନିର୍ମାଣ ପାଇଁ ଦାବି**

## ରିସର୍ଚ୍ଚ ଇନଫର୍ମେସନ ସିଷ୍ଟମ ସହ ମାଣିକେଶ୍ୱରୀ ବିଶ୍ୱବିଦ୍ୟାଳୟର ଚୁକ୍ତି



**ଭବାନୀପାଟଣା, ୮।୬(ସମିସ):** ମା' ମାଣିକେଶ୍ୱରୀ ବିଶ୍ୱବିଦ୍ୟାଳୟ ଗବେଷଣା ଦିଗରେ ବିଭିନ୍ନ ସମୟରେ ନୂତନ ପଦକ୍ଷେପ ନେଇଛି। ଉନ୍ନତମାନର ଗବେଷଣା ପାଇଁ କ୍ଷେତ୍ର ପ୍ରଶସ୍ତ କରି ଗବେଷକମାନଙ୍କୁ ପ୍ରୋତ୍ସାହନ ଦେଉଛି। ପୁଣି ଗବେଷଣା କ୍ଷେତ୍ରରେ ଏକ ନୂଆ ଫର୍ଦ୍ଦ ଯୋଡି ହୋଇଛି। ନୂଆଦିଲ୍ଲୀଠାରେ ଅନୁଷ୍ଠିତ ଇଣ୍ଟରନାସନାଲ କନଫରେନ୍ସ ଅନ୍ ଗ୍ଲୋବାଲ କନଫରେନ୍ସ ଆଣ୍ଡ ଟ୍ରିଆଙ୍ଗୁଲାର କନଫରେନ୍ସ: ଏମରଜିଙ୍ଗ ଫାକ୍ଟସ୍ ସମାରୋହରେ ଭାରତର ବିଭିନ୍ନ ବିଶ୍ୱବିଦ୍ୟାଳୟର କୁଳପତିମାନେ ଉପସ୍ଥିତ ଥିଲେ। ଏହି ସମାରୋହର ଉଦ୍‌ଘାଟନୀ ପର୍ବରେ ରିସର୍ଚ୍ଚ ଇନଫର୍ମେସନ ସିଷ୍ଟମ (ଆର ଆଇ ଏସ୍) ସହ ମା' ମାଣିକେଶ୍ୱରୀ ବିଶ୍ୱବିଦ୍ୟାଳୟର ଚୁକ୍ତି ସ୍ୱାକ୍ଷରିତ ହୋଇଛି। ଏଥିରେ ରିସର୍ଚ୍ଚ ଇନଫର୍ମେସନ ସିଷ୍ଟମ (ଆର ଆଇ ଏସ୍)ର ମହାନିର୍ଦ୍ଦେଶକ ପ୍ରଫେସର ସଚିନ ଚତୁର୍ବେଦୀ, ଭାରତୀୟ ସାମାଜିକ ବିଜ୍ଞାନ ଗବେଷଣା ପରିଷଦ (ଆଇସିଏସ୍ଏସ୍ଆର)ର ସଦସ୍ୟ ସଚିବ ପ୍ରଫେସର ଧନଞ୍ଜୟ ସିଂହ ଓ ମା' ମାଣିକେଶ୍ୱରୀ ବିଶ୍ୱବିଦ୍ୟାଳୟର କୁଳପତି ଡକ୍ଟର ନିବେଦିତା ନାଥ ଉପସ୍ଥିତ ଥିଲେ। ଏହି ଚୁକ୍ତି ସ୍ୱାକ୍ଷର ସମାରୋହରେ ରିସର୍ଚ୍ଚ ଇନଫର୍ମେସନ ସିଷ୍ଟମ (ଆରଆଇଏସ) ଦ୍ୱାରା ମନୋନୀତ ଭାରତର ୨୧ଟି ବିଶ୍ୱବିଦ୍ୟାଳୟ ମଧ୍ୟରୁ ମା' ମାଣିକେଶ୍ୱରୀ ବିଶ୍ୱବିଦ୍ୟାଳୟ ଚୁକ୍ତି ସ୍ୱାକ୍ଷର ପାଇଁ ରହିଥିବା ୪ଟି ମାନଦଣ୍ଡରେ ଉତ୍ତୀର୍ଣ୍ଣ ହୋଇ ଓଡ଼ିଶାର ଏକମାତ୍ର ବିଶ୍ୱବିଦ୍ୟାଳୟ ଭାବେ ଗୌରବ ବୃଦ୍ଧି କରିଛି। ଏହାଦ୍ୱାରା ଓଡ଼ିଶା ତଥା କଳାହାଣ୍ଡିର ଶୈକ୍ଷିକ ପରିବେଶରେ ଗବେଷଣାର ଗୁଣାତ୍ମକ ମାନ ବୃଦ୍ଧି ପାଇବ ବୋଲି ବୁଦ୍ଧିଜୀବୀ ମହଲରେ ଚର୍ଚ୍ଚା ହେଉଛି। ମା' ମାଣିକେଶ୍ୱରୀ ବିଶ୍ୱବିଦ୍ୟାଳୟର ଗବେଷଣାର ପରିଧିକୁ ପରିବ୍ୟାପ୍ତ କରିବାରେ ରିସର୍ଚ୍ଚ ଇନଫର୍ମେସନ ସିଷ୍ଟମ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବା ସହ ନବୀନ ଗବେଷକଙ୍କ ପାଇଁ ନୂଆ ବାଟ ଦେଖାଇବ ବୋଲି କୁହାଯାଇଛି।

### ଯୋଗିମୁଣ୍ଡା ଅଞ୍ଚଳରେ ମାଳମାଳ ବେଆଇନ କ୍ଲିନିକ୍

# ତଦନ୍ତ ନିର୍ଦ୍ଦେଶ ପରେ ମଧ୍ୟ କାର୍ଯ୍ୟାନୁଷ୍ଠାନ ଶୂନ

**ପାଟଣାଗଡ଼, ୮।୬(ସମିସ):** ବଲାଙ୍ଗିର ଜିଲ୍ଲା ପାଟଣାଗଡ଼ ବ୍ଲକ ଯୋଗିମୁଣ୍ଡା ଅଞ୍ଚଳରେ ମାଳମାଳ ବେଆଇନ କ୍ଲିନିକ, ଲୋକଙ୍କ ଜୀବନ ସହ ଖେଳ, କାର୍ଯ୍ୟାନୁଷ୍ଠାନ ଶୂନ ସମ୍ବନ୍ଧୀୟ ଖବର ଗତମାସ ୧୯ ତାରିଖରେ 'ସକାଳ'ରେପ୍ରସାରଣ ହୋଇଥିଲା। ଖବର ପ୍ରକାଶ ପରେ ସ୍ୱାସ୍ଥ୍ୟ ବିଭାଗ ତତ୍ପରତା ପ୍ରକାଶ କରି ଜିଲ୍ଲା ସ୍ୱାସ୍ଥ୍ୟ ଅଧିକାରୀ ବଲାଙ୍ଗିର

**ତଦନ୍ତ ନାଁରେ ବେଆଇନ ଚିକିତ୍ସାକୁ ପ୍ରୋତ୍ସାହନ**

ଉକ୍ତ ଖବର ଉପରେ ଏଡିଏମ୍ଓ ଡିଏଚ୍ଏଚ୍ ବଲାଙ୍ଗିର ଙ୍କୁ ତଦନ୍ତ ନିର୍ଦ୍ଦେଶ ଦେଇଥିବା ସୂଚନା ଦେଇଥିଲେ। କିନ୍ତୁ ସ୍ୱାସ୍ଥ୍ୟ ବିଭାଗ ଆଜି ପର୍ଯ୍ୟନ୍ତ କୌଣସି ପଦକ୍ଷେପ ନ ନେଇ ତଦନ୍ତ ନାଁରେ ଦିନ ଗଡ଼ାଇ ବେଆଇନ ଚିକିତ୍ସାକୁ ପ୍ରୋତ୍ସାହନ ଦେଉଥିବା ଅଭିଯୋଗ ଉଠିଛି। ଏଭଳି ଏକ ଗୁରୁତ୍ୱପୂର୍ଣ୍ଣ ଘଟଣାକୁ ଜିଲ୍ଲା ସ୍ୱାସ୍ଥ୍ୟ ବିଭାଗ ଚାପିବାକୁ ଉଦ୍ୟମ କରୁଥିବା ଅଞ୍ଚଳବାସୀ ଅଭିଯୋଗ ଆଣିଛନ୍ତି। ତେବେ ଉକ୍ତ ଔଷଧ ଦୋକାନରେ ଖୁଲମଖୁଲା ବେଆଇନ ଚିକିତ୍ସା ଜାରିରହିଛି ଫଳରେ ଅଞ୍ଚଳର ନିରୀହ ଜନସାଧାରଣ ବେଆଇନ ଚିକିତ୍ସା କରିବାକୁ ବାଧ୍ୟ ହେବାସହ ଲୁଟ୍‌ର ଶିକାର ହେଉଛନ୍ତି। ସୂଚନାଯୋଗ୍ୟ ଯେ ପାଟଣାଗଡ଼ ସଦର ମହକୁମା ଠାରୁ ଦଶ କିମି ଦୂର ଯୋଗିମୁଣ୍ଡା ଅଞ୍ଚଳରେ ଛତୁ ଫୁଟିଲା ପରି ବେଆଇନ କ୍ଲିନିକ୍ ଗଢି ଉଠିଛି। ଉପଯୁକ୍ତ ଶିକ୍ଷାଗତ ଯୋଗ୍ୟତା ନ ଥାଇ ନକଲି ଡାକ୍ତର ଗୁଡିକ କ୍ଲିନିକ୍ ଖୋଲି ବେଡ ପକାଇ ବେଆଇନ ଭାବେ ସାଲାଇନ, ଇଞ୍ଜେକ୍ସନ ଦେବା ଭଳି ଚିକିତ୍ସା କରୁଛନ୍ତି। ଲୋକଙ୍କ ଜୀବନ ସହ ଖେଳ ଖେଳୁଛନ୍ତି। ଯୋଗିମୁଣ୍ଡା ପଣ୍ଡାମୁଣ୍ଡା ରାସ୍ତାର ଡାହାଣ ପାର୍ଶ୍ୱରେ ଥିବା ଷ୍ଟଲରେ ଜଣେ ଯୁବକ ଗୋଟିଏ ପଟେ ଔଷଧ ଦୋକାନ ସହ ଅନ୍ୟ ଷ୍ଟଲରେ କ୍ଲିନିକ ଖୋଲି ଖୋଲାଖୋଲି ଭାବେ ବେଆଇନ ଚିକିତ୍ସା କରୁଥିବା 'ସକାଳ' ହାତରେ ପ୍ରମାଣ ଲାଗିଛି। ଛୋଟଛୋଟ ଶିଶୁଙ୍କୁ ଇଞ୍ଜେକ୍ସନ ଦେବା ସମୟର ଭିଡିଓ କ୍ୟାମେରାରେ କଏଦ ହୋଇଛି। ଏପରିକି ପଛପଟେ ଦୁଇଟି ବେଡ ପକାଇ ଲୋକଙ୍କୁ ଆଡ଼ମିଟ କରି ବେଆଇନ ଭାବେ ସାଲାଇନ ଲଗାଯାଉଛି। ଅଞ୍ଚଳର ନିରୀହ ଲୋକଙ୍କ ଠାରୁ ସ୍ୱାସ୍ଥ୍ୟ ନାଁରେ ଲୁଟୁଥିବା ଅଭିଯୋଗ ହେଉଛି। ଏ ଦିଗରେ ଜିଲ୍ଲା ପ୍ରଶାସନ ଦୃଷ୍ଟି ଦେଇ ତୁରନ୍ତ ପଦକ୍ଷେପ ନେବା ପାଇଁ ଦାବି ହେଉଛି।



# ବୋଡେନରେ ଯୁବ ଛାତ୍ର ବୈଠକ

**ଧର୍ମଗଡ଼, ୮।୬(ସମିସ):** ଧର୍ମଗଡ଼ ବ୍ଲକ ବୋଡେନଠାରେ ମୂଳନିବାସୀ ବହୁଜନ ମିଳିତ ମହାସଂଘ ତରଫରୁ ଯୁବ ଛାତ୍ର ବୈଠକ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ସଂଗଠନର ରାଜ୍ୟ ସାଧାରଣ ସମ୍ପାଦକ ଦିଗାମ୍ବର ଦୁରିଆ, ପୂର୍ବତନ କୃଷି ଅଧିକାରୀ ତଥା ଉପଦେଷ୍ଟା ଚକ୍ରଧର ବେନୁପାଣି, ପ୍ରେମଲାଲ ଜଗତ, ଯୁଗେସ ତାଣ୍ଡି, ଢଗ ନାଏକ, ଓମ୍‌ପ୍ରକାଶ, ମଘବା ସୁନାନୀ, ଦିଲ୍ଲୀପ ବାଗ ପ୍ରମୁଖ ମଞ୍ଚାସୀନ ଥିଲେ। ଏଥିରେ ବୋଡେନ, ରଙ୍କାବହାଲ, ବଡଫୁର୍ଲା, ଅଇଁଲାଜୋର ଗ୍ରାମର ମନୋଜ ବାଗ, ରୋହିତ ଖମାରୀ, ଉଦିତ ନାଏକ, ପାବନୀ ମହାନନ୍ଦ, ଅକ୍ଷୟ ଜାଲ, ପ୍ରଦୀପ ଦୁର୍ଗା, ଚୁମନ ଛୁରା, ସୀତାଂଶୁ ସାଗର, ପୂର୍ଣ୍ଣ ଦୁର୍ଗାଙ୍କ ସମେତ ଅନେକ ଯୁବକ ଓ ଛାତ୍ର ଉପସ୍ଥିତ ଥିଲେ। ଆମ୍ବେଦକରବାଦକୁ ଗାଁ ଗାଁରେ ପହଞ୍ଚାଇବା ସହ ସଂଗଠନକୁ ସୁଦୃଢ କରିବା ପାଇଁ ସମସ୍ତେ ସଂକଳ୍ପ ନେଇଥିଲେ।



## ବିବାହର ୪ ବର୍ଷ ପରେ ସ୍ତ୍ରୀକୁ ପ୍ରତାରଣା

**ବଲାଙ୍ଗିର, ୮।୬(ସମିସ):** ବିବାହର ଚାରି ବର୍ଷ ପରେ ସ୍ତ୍ରୀକୁ ଛାଡି ସ୍ୱାମୀ ଫେରାର। ଯାହାକୁ ନେଇ ମହିଳା ଜଣଙ୍କ ଏସ୍‌ପିଙ୍କ ଦ୍ୱାରସ୍ଥ ହୋଇଛନ୍ତି। ରବିବାର ଏଭଳି ଅଭିଯୋଗ ନେଇ ବଲାଙ୍ଗିର ଏସ୍‌ପି ଅଫିସର ଦ୍ୱାରସ୍ଥ ହୋଇଛନ୍ତି ଝାରସୁଗୁଡ଼ାର ଜଣେ ମହିଳା। ତାଙ୍କର କହିବା ଅନୁସାରେ ବଲାଙ୍ଗିର ଜିଲ୍ଲା ଆଗଲପୁର ଥାନା ଅନ୍ତର୍ଗତ ପାଣ୍ଡେସରା ଗ୍ରାମର ରଜନୀ ପ୍ରଧାନ ଝାରସୁଗୁଡ଼ା ଜିଲ୍ଲାର ସରୋଜିନୀ ଖଡିଆଙ୍କୁ ମନ୍ଦିରରେ ବିବାହ କରିଥିଲେ। ଗତ ଚାରି ବର୍ଷ ତଳେ ତାଙ୍କର ବିବାହ ହୋଇଥିଲା, ଦୁହେଁ ଏକାଠି ରହୁଥିଲେ। ହେଲେ ଗତକିଛି ଦିନ ହେଲା ସେ ଘରୁ ଆସୁଛି କହି ଆଉ ଘରକୁ ଫେରି ନାହାନ୍ତି। ରଜନୀଙ୍କ ପରିବାର ଲୋକେ କୁଆଡେ ତାଙ୍କର ଅନ୍ୟତ୍ର ବାହାଘର କରିବାକୁ ଯୋଜନା କରିଥିବା ସରୋଜିନୀ ଖବର ପାଇଥିଲେ। ଫଳରେ ସେ ଥାନାରେ ଏତଲା ଦେବା ସହିତ ଏସପି ଅଫିସର ଦ୍ୱାରସ୍ଥ ହୋଇଛନ୍ତି। ରଜନୀକୁ ଧରିବାକୁ ସେ ଦାବି କରିଛନ୍ତି।

## ଭୀମଡୁଙ୍ଗୁରୀରେ 'ଏକ ଦେଶ ଏକ ନିର୍ବାଚନ' କାର୍ଯ୍ୟକ୍ରମ

**ଦେଓଗାଁ, ୮।୬(ସମିସ):** ବଲାଙ୍ଗିର ଜିଲ୍ଲା ଦେଓଗାଁ ବ୍ଲକ ମକୁନ୍ଦପୁର ପଞ୍ଚାୟତ ଅନ୍ତର୍ଗତ ଭୀମଡୁଙ୍ଗୁରୀ ସ୍ଥିତ ପର୍ଯ୍ୟଟନସ୍ଥଳୀ ଭୀମପାହାଡ଼ ଠାରେ ରବିବାର ବିଜେପି ପକ୍ଷରୁ ଏକ ଦେଶ ଏକ ନିର୍ବାଚନ ଓ ସାଂଗଠନିକ ସଭା ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲା ସଭାପତି ଶ୍ରୀବତ୍ସ ବେହେରାଙ୍କ ଅଧ୍ୟକ୍ଷତାରେ ତଥା ଅମିତ କୁମାର ସିଂ ନିନାଙ୍କ ସଂଯୋଜନାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ ଏମପି ସଙ୍ଗୀତା କୁମାରୀ ସିଂ ଦେଓ ଯୋଗଦେଇ କେନ୍ଦ୍ର ସରକାରଙ୍କ ଏକ ଦେଶ ଏକ ନିର୍ବାଚନ ନିଷ୍ପତ୍ତିର ମହତ୍ୱ ବିଷୟରେ ଆଲୋକପାତ କରିଥିଲେ। କାର୍ଯ୍ୟକ୍ରମରେ ବକ୍ତାଭାବେ କେଶବ ପଟେଲ, ସମ୍ମାନିତ ଅତିଥିଭାବେ ବରିଷ୍ଠ ନେତା ଗୋପାଳଜୀ ପାଣିଗ୍ରାହୀ, ଯଜ୍ଞେଶ୍ୱର ବାବୁ, ଏମପି ପ୍ରତିନିଧି ଶଶିଭୂଷଣ ପାଣିଗ୍ରାହୀ, ସଦରବ୍ଲକ ପ୍ରତିନିଧି ପୁରୁଷୋତ୍ତମ ସାହୁ, ଦେଓଗାଁ ମଣ୍ଡଳ ସଭାପତି ଗୌରୀ ଶଙ୍କର ଥନାପତି ପ୍ରମୁଖ ଯୋଗଦେଇ ସାଂଗଠନିକ ସ୍ଥିତିକୁ ସୁଦୃଢ଼ କରିବା ପାଇଁ ଆହ୍ୱାନ ଦେଇଥିଲେ। କାର୍ଯ୍ୟକ୍ରମରେ ଦେବବ୍ରତ ସିଂ ନିନା, ପ୍ରଶାନ୍ତ ନାଏକ ତଥା ଜିଲ୍ଲାର ବିଭିନ୍ନ ବ୍ଲକରୁ ବିଜେପି କାର୍ଯ୍ୟକର୍ତ୍ତାମାନେ ଯୋଗଦେଇଥିଲେ। ଏହି କାର୍ଯ୍ୟକ୍ରମରେ ଦୂରଦୂରାନ୍ତରୁ ଆସିଥିବା କାର୍ଯ୍ୟକର୍ତ୍ତା ତଥା ଏସଏଚ୍‌ଜି ସଦସ୍ୟାଙ୍କ ପାଇଁ ଖାଦ୍ୟ ପେୟରେ ଘୋର ଅବ୍ୟବସ୍ଥା ଯୋଗୁଁ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଥିଲା। ଏନେଇ ଜିଲ୍ଲା ସଭାପତି ବେହେରାଙ୍କ ମତଲୋଡିବାରୁ ଆବଶ୍ୟକରୁ ଅଧିକ ସଂଖ୍ୟାରେ ସମାଗମହେବାରୁ କିଛିଟା ଅବ୍ୟବସ୍ଥା ଦେଖାଦେଇଥିଲା, ଆଗକୁ ଏଥିରେ ସୁଧାର ଅଣାଯିବ ବୋଲି କହିଛନ୍ତି।

## ଚାନ୍ଦ ମନ୍ଦିରରେ ରଥଯାତ୍ରା ପ୍ରସ୍ତୁତି



**ବଲାଙ୍ଗିର, ୮।୬(ସମିସ):** ଜଗନ୍ନାଥ ମହାପ୍ରଭୁଙ୍କ ପ୍ରସିଦ୍ଧ ରଥଯାତ୍ରା ପାଇଁ ପ୍ରସ୍ତୁତି ବୈଠକ ସ୍ଥାନୀୟ ଟିକ୍ରାପଡ଼ା ଶ୍ରୀକ୍ଷେତ୍ର ଚାନ୍ଦ ମନ୍ଦିରର ଆନୁକୂଲ୍ୟରେ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ପବିତ୍ର ରଥଯାତ୍ରା ପାଇଁ ସ୍ନାନ ପୂର୍ଣ୍ଣିମା ଠାରୁ ଆରମ୍ଭ ହୋଇ ନିଳାଦ୍ରୀ ବିଜେ ପର୍ଯ୍ୟନ୍ତ ସମସ୍ତ କାର୍ଯ୍ୟବିଧି ଉପରେ ଆଲୋଚନା ହୋଇଥିଲା। ରଥ କମିଟି ସଭାପତି ଆଲୋକ କୁମାର ଚାନ୍ଦ ସମବେତ ଭକ୍ତବୃନ୍ଦ ରଞ୍ଜିତ ପଣ୍ଡା, ଅଶୋକ ଚାନ୍ଦ, ପଦ୍ମ ଲୋଚନ ଯୋଷୀ, ସୁଧୀର ଚାନ୍ଦ, ରାଜ କୁମାର ମିଶ୍ର, ଅନିଲ ଠାକୁର, ଛାୟାକାନ୍ତ ସାହୁ, ରାଜୀବ ମିଶ୍ର, ସୁଧୀର ତ୍ରିପାଠୀ, ଜୟକୃଷ୍ଣ ପଟେଲ, ଦୀପକ କୁମାର ଚାନ୍ଦ, ଶିବ ନାୟକ, ସୁମନ ବାବୁ, ରାଜୀବ ବେହେରା, ପିତାମ୍ବର ପଣ୍ଡା, ପ୍ରକାଶ ନାୟକ, ଅର୍ଜୁନ ମିଶ୍ର, ଜୟଚନ୍ଦ୍ର ପଟେଲ, ବୁଲୁ, ସମ୍ବିତ ପତି, ଟୁନା ହୋତା, ଅକ୍ଷୟ କୁମାର ପାଢ଼ୀ, ଭଗବାନ ବଗର୍ତ୍ତି, ନିମାଇଁ ଚରଣ ହାତୀ, ସତ୍ୟନାରାୟଣ ଶତପଥୀ, ଦ୍ୱିଜରାଜ ମିଶ୍ର, ଜଗନ୍ନାଥ ମନ୍ଦିର ପୂଜକ କୃଷ୍ଣଚନ୍ଦ୍ର ମିଶ୍ର, ଚାନ୍ଦ ମନ୍ଦିର ରଥ କମିଟିର ଅନ୍ୟ ସଦସ୍ୟ ବୃନ୍ଦ ତଥା ରାମ ମନ୍ଦିର ପୂଜା କମିଟିର ସଭାପତି ସନ୍ତୋଷ ଅଗ୍ରୱାଲ ଯୋଗ ଦେଇଥିଲେ। ଚାନ୍ଦ ରଥ କମିଟିର ସଭାପତି ଆଗାମୀ ଦିନରେ ପ୍ରସିଦ୍ଧ ରଥଯାତ୍ରାରେ ସମସ୍ତ ପ୍ରକାର କାର୍ଯ୍ୟବିଧି ପାଇଁ ସହଯୋଗ କାମନା କରିଥିଲେ।

### ରାଜ୍ୟ ସରକାରଙ୍କୁ ନରସିଂହଙ୍କ ଟାର୍ଗେଟ

# ସ୍ୱାସ୍ଥ୍ୟମନ୍ତ୍ରୀଙ୍କ ଜିଲ୍ଲାରେ ହୁଗୁଳା ସ୍ୱାସ୍ଥ୍ୟ ବ୍ୟବସ୍ଥା

**ବଲାଙ୍ଗିର, ୮।୬(ସମିସ)**

ରାଜ୍ୟ ସରକାରଙ୍କୁ ବରିଷ୍ଠ କଂଗ୍ରେସ ନେତା ନରସିଂହ ମିଶ୍ରଙ୍କ ଟାର୍ଗେଟ। ସ୍ୱାସ୍ଥ୍ୟମନ୍ତ୍ରୀଙ୍କ ଜିଲ୍ଲାରେ ବିଗିଡିଛି ସ୍ୱାସ୍ଥ୍ୟ ବ୍ୟବସ୍ଥା। ନିର୍ବାଚନ ସମୟରେ ଯାହା କହିଥିଲେ ପୂରଣ କରିବାରେ

**କହିଥିବା କଥା ପୂରଣ କରିପାରିଲେ ନାହିଁ**

ଫେଲ ହୋଇଛନ୍ତି ରାଜ୍ୟ ସରକାର। ମହିଳାଙ୍କୁ ଠକିଲେ, ଚାଷୀଙ୍କୁ ବି ଠକିଲେ ଏମିତିରେ ରାଜ୍ୟ ସରକାର ଶୂନ ମାର୍କ ପାଇବା ପାଇଁ ମଧ ଅଯୋଗ୍ୟ ବୋଲି ଶ୍ରୀ ମିଶ୍ର କହିଛନ୍ତି। ରବିବାର ସ୍ଥାନୀୟ ସର୍କିଟ ହାଉସରେ ଏକ ସାମ୍ବାଦିକ ସମ୍ମିଳନୀରେ ଏନେଇ ରାଜ୍ୟ ସରକାରଙ୍କ ବିରୋଧରେ ବର୍ଷିବା ସହ ଜିଲ୍ଲାର ମୁଖ୍ୟ ସମସ୍ୟା ସାଜିଥିବା ସ୍ୱାସ୍ଥ୍ୟ ସମସ୍ୟାର ସମାଧାନ ନକଲେ ଆଗାମୀ ଦିନରେ କଂଗ୍ରେସ ରାଜରାସ୍ତାକୁ ଓହ୍ଲାଇବ ବୋଲି ଚେତାବନୀ ଦେଇଛନ୍ତି।

ବଲାଙ୍ଗିରର ପୂର୍ବତନ ବିଧାୟକ ତଥା ବରିଷ୍ଠ କଂଗ୍ରେସ ନେତା ନରସିଂହ ମିଶ୍ର ରାଜ୍ୟ ସରକାରଙ୍କ ଉପରେ ସର୍କିଟ ହାଉସରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ବର୍ଷିଛନ୍ତି। ଜିଲ୍ଲାରେ ପୂର୍ବରୁ ସ୍ୱାସ୍ଥ୍ୟ ସମସ୍ୟାର ସମାଧାନ କରିବା ପାଇଁ ଅନେକ ଉଦ୍ୟମ କରାଯାଇଥିଲା। ବଲାଙ୍ଗିରରେ ମେଡିକାଲ କଲେଜ ଆରମ୍ଭ ହେବା ସହ ସ୍ୱାସ୍ଥ୍ୟ ଭିତ୍ତିଭୂମିକୁ ସୁଦୃଢ କରିବା ପାଇଁ ଆନେକ ବ୍ୟବସ୍ଥା କରାଯାଇଥିଲା। କିନ୍ତୁ ଗତ ଗୋଟିଏ ବର୍ଷ ଭିତରେ ବଲାଙ୍ଗିର ଭୀମଭୋଇ ମେଡିକାଲ କଲେଜକୁ ଅଣଦେଖା କରାଯାଇଥିବା ସେ ଅଭିଯୋଗ କରିଛନ୍ତି। ମେଡିକାଲ କଲେଜ ତଥା ଜିଲ୍ଲାରେ ଥିବା ଅନ୍ୟ ଡାକ୍ତରଖାନାମାନଙ୍କରେ ଡାକ୍ତର ନାହାନ୍ତି କି ପାରା ମେଡିକାଲ କର୍ମଚାରୀ ନାହାନ୍ତି। ମେଡିକାଲ କଲେଜରେ କାମ କରୁଥିବା ଡାକ୍ତରମାନେ ସରକାରୀ ଡ୍ୟୁଟି କରିବା ବଦଳରେ ଘରୋଇ କ୍ଲିନିକ୍ ଉପରେ ଧ୍ୟାନ ଦେଉଛନ୍ତି। ଅନେକ ଡାକ୍ତର କେବଳ ଦରମା ପାଇଁ ମାସରେ ଥରେ କି ଦୁଇ ଥର ବଲାଙ୍ଗିର ଆସୁଥିବା ଶ୍ରୀ ମିଶ୍ର ଅଭିଯୋଗ କରିଛନ୍ତି। ପୂର୍ବରୁ ଏହା ନିୟନ୍ତ୍ରଣ ହୋଇଥିଲା କିନ୍ତୁ ଏହା ବର୍ତ୍ତମାନ ସମୟରେ ଚରମସୀମାରେ ପହଞ୍ଚିଛି। ସେହିପରି ମେଡିକାଲ କଲେଜରେ ପିଜି ପାଠ୍ୟକ୍ରମ ପାଇଁ ସମସ୍ତ ବ୍ୟବସ୍ଥା ରହିଛି କିନ୍ତୁ ଅନେକ ବିଭାଗରେ ପ୍ରଫେସର ନାହାନ୍ତି। ଯେଉଁଥିରେ ଅଛନ୍ତି ସେମାନଙ୍କୁ ମଧ୍ୟ ରାଜ୍ୟ ସରକାର ଅନ୍ୟତ୍ର ନିୟୋଜିତ କରିଛନ୍ତି ଯାହାକି ସ୍ପଷ୍ଟ କରୁଛି ପିଜି ଆରମ୍ଭ କରିବାରେ ବିଳମ୍ବ ହେବ। ଏତେ ସବୁ ସମସ୍ୟା ଯଦି ସ୍ୱାସ୍ଥ୍ୟମନ୍ତ୍ରୀଙ୍କ ଜିଲ୍ଲାରେ ରହିଛି ତେବେ ଅନ୍ୟ ଜିଲ୍ଲା କଥା ପଚାରେ କିଏ ବୋଲି ଶ୍ରୀ ମିଶ୍ର କହିଛନ୍ତି। ସେହିପରି ସୁଭଦ୍ରା ଯୋଜନାରେ ସମସ୍ତ ମହିଳାଙ୍କୁ ଏକାଥରକେ ୫୦ ହଜାର ଟଙ୍କାର ଭାଉଚର ଦିଆଯିବ ଯାହାକି ସେମାନେ ଦୁଇ ବର୍ଷ ଭିତରେ ଖର୍ଚ୍ଚ କରିବେ ବୋଲି କହିଥିଲେ କିନ୍ତୁ ତାହା କରିପାରିଲେ ନାହିଁ। ସେହିପରି ଚାଷୀମାନଙ୍କ ଧାନ କୁଇଣ୍ଟାଲ ପ୍ରତି ୩୧ ଶହ ଟଙ୍କାରେ କିଣିବାକୁ ସରକାର କହିଥିବା ବେଳେ ବୋନସ ଆକାରରେ ୮ଶହ ଟଙ୍କା ଦିଆଯାଇଛି। କଟନୀ ବନ୍ଦ କରିବାକୁ କହିଥିଲେ କିନ୍ତୁ ଜିଲ୍ଲାରେ ଏପରି କୌଣସି ମଣ୍ଡି ନାହିଁ ଯେଉଁଠାରେ କଟ୍‌ନୀ ହେଉନାହିଁ। ଯାହାକିଛି କହିଥିଲେ ସବୁଥିରେ ରାଜ୍ୟ ସରକାର ଫେଲ ମାରିଥିବା ବେଳେ ସେ ଶୂନ ମାର୍କ ହେଲେ କେମିତି ଦେବେ ବୋଲି କହିଛନ୍ତି।



କଳାହାଣ୍ଡିରେ ପଛୁଆ ବର୍ଗ ମଞ୍ଚର କର୍ମକର୍ତ୍ତା ଚୟନ

# ଓବିସିଙ୍କ ପାଇଁ ସଂରକ୍ଷଣ ବ୍ୟବସ୍ଥା ନ ହେଲେ ଆନ୍ଦୋଳନ



**ଭବାନୀପାଟଣା, ୮ ।୬(ସମିସ):** ସ୍ଥାନୀୟ ଭବାନୀପାଟଣା ଅମଲା ଭବନରେ କଳାହାଣ୍ଡି ପଛୁଆ ବର୍ଗ ମଞ୍ଚ କର୍ମକର୍ତ୍ତା ଚୟନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ତେବେ କେନ୍ଦ୍ର ଓ ରାଜ୍ୟ ସରକାର ଶିକ୍ଷା, ଚାକିରି ଓ ରାଜନୀତି କ୍ଷେତ୍ରରେ ୨୭% ପ୍ରତିଶତ ସଂରକ୍ଷଣ ଦେବାକୁ ଦାବି କରାଯାଇଛି। ଯଦି ଆସନ୍ତା ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନରେ ରାଜ୍ୟ ସରକାର ପଛୁଆ ବର୍ଗଙ୍କ ପାଇଁ ୨୭% ପ୍ରତିଶତ ସଂରକ୍ଷଣ ନ ଦେଲେ ସାରା ରାଜ୍ୟରେ ଓବିସି ମଞ୍ଚ ଓଡ଼ିଶା ପକ୍ଷରୁ ଭୟାବହ ଆନ୍ଦୋଳନ ହେବ ବୋଲି ସାମ୍ବାଦିକ ସମ୍ମିଳନୀରେ ପଛୁଆ ବର୍ଗ ମଞ୍ଚ ପ୍ରକାଶ କରିଛି। ଏହି ଅବସରରେ କଳାହାଣ୍ଡି ଜିଲ୍ଲା ପଛୁଆ ବର୍ଗ ମଞ୍ଚ ଜିଲ୍ଲା ସଭାପତି ଭାବେ ଡମ୍ବରୁଧର ଲହଜଲ, କାର୍ଯ୍ୟକାରୀ ସଭାପତି ଭାବେ ସଚ୍ଚିଦାନନ୍ଦ ମହାଖୁଡ, ଉପ ସଭାପତି ଭାବେ କୃଷ୍ଣଚନ୍ଦ୍ର ସାହୁ, ବେଣୁଧର ଟୋଲଟିଆ, ଗୋଲାପଚନ୍ଦ୍ର ସାହୁ, ପ୍ରଦୀପ ନାଏକ, ସାଧାରଣ ସମ୍ପାଦକ ଭାବେ ହିମାଂଶୁ ଶେଖର ବରାଡ, ସାଂଗଠନିକ ସମ୍ପାଦକ ଭାବେ ଡାକେଶ୍ୱର ଲହଜଲ, କୋଷାଧ୍ୟକ୍ଷ ଭାବେ ଦୀପଚାନ୍ଦ ସାହୁ, ସହସମ୍ପାଦକ ଭାବେ ରଶ୍ମିରେଖା ରାଉତ, ବିରଞ୍ଚି ପ୍ରସାଦ ସରାପ, ସଚ୍ଚିଦାନନ୍ଦ ସାହୁଙ୍କୁ ଦାୟିତ୍ୱ ଦିଆଯାଇଛି। କାର୍ଯ୍ୟକାରୀ ସଦସ୍ୟା ଭାବେ ସଙ୍ଗୀତ ଖର୍ସେଲ, ସଦସ୍ୟ ଲିଲାମ୍ବର ସାହୁ, ରଜନୀକାନ୍ତ ବିଶି, ନରହରୀ ବାଗ, କୀର୍ତ୍ତିଚନ୍ଦ୍ର ଗଉଡ, ବିକାଶ ପ୍ରଧାନ, ଅଙ୍କୁର ବାଗ, ଗିରିଧାରୀ ସାହୁ ଦାୟିତ୍ୱ ତୁଲାଇବେ। ଉପଦେଷ୍ଟା ଭାବେ ରୂପକେଶର ଦଳାଇ, ବ୍ରଜମୋହନ ସାହୁ, ସିଦ୍ଧାର୍ଥ ନାଏକ, କୀର୍ତ୍ତନ ନାଏକ, ପ୍ରକାଶ ଚନ୍ଦ୍ର ନାଏକ, ଈଶ୍ୱର ପୁଝାରୀ, ଟିକଚନ ନାଗ, ମହେନ୍ଦ୍ର ନାଏକ, ଦିଲୀପ ମେହେରଙ୍କୁ ଦାୟିତ୍ୱ ମିଳିଛି। ଜିଲ୍ଲା ଛାତ୍ର ସଂଯୋଜକ ଭାବେ ନୀଳାମ୍ବର ସାହୁ ଓ ସାମାଜିକ ଗଣମାଧ୍ୟମ ସଂଯୋଜକ ଭାବେ ତୁଳାମଣି ନାଗ, ଲକ୍ଷ୍ମୀ ରଞ୍ଜନ ବାଗ, ମନମୋହନ ପ୍ରଧାନଙ୍କ ନାମ ଘୋଷଣା କରାଯାଇଛି।

# ସାମ୍ବାଦିକଙ୍କୁ ଭଣ୍ଡେଇ ଦେଇଛନ୍ତି ସରକାର

ନୂଆପଡ଼ା, ୮।୬(ସମିସ)

- କାମରେ ଆସୁନି ଗୋପବନ୍ଧୁ ସ୍ୱାସ୍ଥ୍ୟ ବୀମା କାର୍ଡ
- କ୍ୟାସଲେସ୍ ସୁବିଧା ମିଳୁନି
- ୨ ଲକ୍ଷରୁ ଅଧିକ ଟଙ୍କା ଆବଶ୍ୟକ
- ବେଡ୍‌ରେ ପଡ଼ିଛି କୁନି ଝିଅ

ବିଜେଡି ଶାସନ ସମୟରେ ରାଜ୍ୟ ସରକାର ଓଡ଼ିଶାର ପ୍ରତ୍ୟେକ ଜିଲ୍ଲାର ପ୍ରତିଷ୍ଠିତ ଖବର କାଗଜ ଓ ବୈଦ୍ୟୁତିକ ଗଣମାଧ୍ୟମର ସମ୍ବାଦିକଙ୍କ ପରିବାର ବର୍ଗଙ୍କ ସ୍ୱାସ୍ଥ୍ୟ ସୁରକ୍ଷା ନିମନ୍ତେ ୨୦୧୭ ମସିହାରେ ଗୋପବନ୍ଧୁ ସ୍ୱାସ୍ଥ୍ୟ କାର୍ଡ ଯୋଜନା ମାଧ୍ୟମରେ ଦେଶର ବିଭିନ୍ନ ହସ୍ପିଟାଲରେ ୫ ଲକ୍ଷ ଟଙ୍କାର ମାଗଣା ଚିକିତ୍ସା ସୁବିଧା ଯୋଗାଇଛନ୍ତି; ହେଲେ ବର୍ଷେ ହେଲା ସରକାର ପରିବର୍ତ୍ତନ ପରେ ଏହାର ଫାଇଦା ଏବେ ସାମ୍ବାଦିକଙ୍କ ପରିବାର ସଦସ୍ୟ ପାଉ ନ ଥିବା କୋମନା ବ୍ଲକର ଜଣେ ଛାପା ଗଣମାଧ୍ୟମ ସଂସ୍ଥାର ଜଣେ ସାମ୍ବାଦିକ ଏକ୍ସରେ ସିଏମ୍ଓ ଓଡ଼ିଶା ଓ ସୂଚନା ଓ ଲୋକ ସମ୍ପର୍କ ବିଭାଗକୁ ଜଣାଇଛନ୍ତି। ଅଭିଯୋଗକାରୀ ସାମ୍ବାଦିକ ନନ୍ଦିଘୋଷ ଖମାରୀଙ୍କ ଅଭିଯୋଗ ଅନୁଯାୟୀ, ସେ ତାଙ୍କର ୧୩ ଅର୍ଷର ଝିଅ ଅର୍ପିତା ଖମାରୀଙ୍କୁ ଦୀର୍ଘ ୩ ବର୍ଷ ହେବ ତାମିଲନାଡୁର ଜଣାଶୁଣା ହସ୍ପିଟାଲ ଭେଲୋରର ସିଏମ୍‌ସିରେ ଚିକିତ୍ସା କରିଆସୁଛନ୍ତି। ୨୦୨୨ ମସିହାରେ ଝିଅକୁ ଭୁବନେଶ୍ୱର ଆପୋଲୋ ହସ୍ପିଟାଲ ଏବଂ ସିଏମ୍‌ସି ଭେଲୋରରେ ଭର୍ତ୍ତି କରି ଉକ୍ତ କାର୍ଡ ମାଧ୍ୟମରେ ମାଗଣା ଚିକିତ୍ସା କରିବାକୁ ଆବେଦନ କରିଥିଲେ। ପରମାଉଣ୍ଟ ହେଲ୍‌ଥ(ଟିପିଏ) କାର୍ଡ ଗ୍ରହଣ କରିଥିଲା; କିନ୍ତୁ ଡିସଚାର୍ଜ ସମୟରେ ଫାଇନାଲ ବିଲ୍ ପେମେଣ୍ଟ କରିବାର ଆବେଦନ ନାକଚ କରିଥିଲା। ଏହା ଫଳରେ ନିଜ ପକେଟ ତଥା ଚିହ୍ନା ଲୋକଙ୍କ ଠାରୁ ଧାର କରଜ କରି ବିଲ୍ ଦେଇ ଘରକୁ ଫେରାଇ ଆଣିଥିଲେ। ବର୍ତ୍ତମାନ ସାମ୍ବାଦିକଙ୍କ କୁନି ଝିଅ ଅର୍ପିତାକୁ ୟୁରିନ୍ ଇନ୍‌ଫେକ୍ସନ୍ ସମସ୍ୟା କାରଣରୁ ସେଠାରେ ଭର୍ତ୍ତି କରାଯାଇଛି। ହସ୍ପିଟାଲ ବୋର୍ଡ଼ରେ ପାରାମାଉଣ୍ଟର ସଂସ୍ଥା ସହ ଟାଏ ଅପ୍ ଥିବା ସୂଚନା ଥିଲେ ସୁଦ୍ଧା ଗୋପବନ୍ଧୁ ସ୍ୱାସ୍ଥ୍ୟ ବୀମା କାର୍ଡରେ ବର୍ତ୍ତମାନ ମଧ୍ୟ ସିଏମ୍‌ସି ହସ୍ପିଟାଲରେ ମାଗଣା ଚିକିତ୍ସା ହେଉ ନ ଥିବା ଜଣାପଡ଼ିଛି। କାର୍ଡ ଦ୍ୱାରା ମାଗଣା ଚିକିତ୍ସା ଆଶାରେ ଉତ୍ତମ ଚିକିତ୍ସା ପାଇଁ ବାହାର ରାଜ୍ୟକୁ ଯାଉଥିବା ବେଳେ ତାହା ବାହାର ରାଜ୍ୟର ହସ୍ପିଟାଲରେ କାମରେ ଆସୁ ନ ଥିବାରୁ ହିତାଧିକାରୀଙ୍କୁ ହାଇରାଣ ହେବାକୁ ପଡୁଛି। ଏଣୁ ଏହାର ଉଚ୍ଚସ୍ତରୀୟ ତଦନ୍ତ କରି ସାମ୍ବାଦିକ ବନ୍ଧୁମାନଙ୍କ ବୀମାକାର୍ଡ ସମ୍ବନ୍ଧୀୟ ସମସ୍ୟାର ସ୍ଥାୟୀ ସମାଧାନ କରିବା ସହ ବୀମା କମ୍ପାନୀ ବିରୋଧରେ ଆଇନଗତ କାର୍ଯ୍ୟାନୁଷ୍ଠାନ ନେବା ପାଇଁ ଜିଲ୍ଲାର ସାମ୍ବାଦିକ ମହଲରେ ଦାବି ହୋଇଛି।



# ଗଛରେ ପିଟିହୋଇ ବାଇକ୍ ଚାଳକଙ୍କ ମୃତ୍ୟୁ

**ନୂଆପଡ଼ା/ପାଇକମାଲ, ୮ ।୬(ସମିସ):** ନୂଆପଡ଼ା-ବରଗଡ଼ ରାସ୍ତାର ଜାମସେଠ ଗାଁ ନିକଟରେ ରବିବାର ଦୁର୍ଘଟଣା ଘଟଇଛି। ଜଣେ ବାଇକ୍ ଚାଳକ ରାସ୍ତା କଡ଼ରେ ଥିବା ଏକ ଗଛରେ ପିଟି ହେବା ଫଳରେ ଘଟଣାସ୍ଥଳରେ ହିଁ ତାଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ନୂଆପଡ଼ା ଥାନା ପଗାର ପାଣି ଗାଁର ସହଦେବ ରାଉତ (୩୨)। ରାତି ପ୍ରାୟ ୮ ଟାରେ ସହଦେବ ପାଇକମାଲ ପଟୁ ଏକ ବାଇକ୍‌ରେ ଏକୁଟିଆ ନୂଆପଡ଼ା ପଟକୁ ଆସୁଥିଲେ। ଜାମସେଠ ବସ୍ତି ଅତିକ୍ରମ କଲାପରେ ରାସ୍ତା ପାର୍ଶ୍ୱରେ ଥିବା ନିମ୍ବ ଗଛରେ ପିଟି ହୋଇ ରାସ୍ତାରେ ପଡ଼ି ଯାଇଥିଲେ। ଘଟଣା ସ୍ଥଳରେ ହିଁ ତାଙ୍କ ମୃତ୍ୟୁ ଘଟିଥିଲା। ସ୍ଥାନୀୟ ଲୋକ ଉଦ୍ଧାର କରି ନୂଆପଡ଼ା ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। ଡାକ୍ତର କିନ୍ତୁ ମୃତ ଘୋଷଣା କରିଥିଲେ।

# ବିକାଶ ମେଳା ପ୍ରସ୍ତୁତି ପାଇଁ ଜିଲ୍ଲାପାଳଙ୍କ ସମୀକ୍ଷା



**ନୂଆପଡ଼ା, ୮।୬(ସମିସ):** ଓଡ଼ିଶାର ରାଜ୍ୟ ସରକାରଙ୍କ ଶାସନର ବର୍ଷ ପୂର୍ତ୍ତି ଉପଲକ୍ଷେ ନୂଆପଡ଼ା ଜିଲ୍ଲାରେ ବିକାଶ ମେଳା ସହ ପଲ୍ଲୀଶ୍ରୀ ମେଳା ଅନୁଷ୍ଠିତ ହେବ। ଜୁନ ୧୨ରୁ ୧୮ ତାରିଖ ପର୍ଯ୍ୟନ୍ତ ଏହି ମେଳା ସ୍ଥାନୀୟ ମିନି ଷ୍ଟାଡିୟମ ପରିସରରେ ହେବ। ଏହାର ପ୍ରସ୍ତୁତି ଓ ସଫଳ ଆୟୋଜନ ନେଇ ଜିଲ୍ଲାପାଳ ମଧୁସୂଦନ ଦାଶଙ୍କ ଅଧ୍ୟକ୍ଷତାରେ ରବିବାର ଜିଲ୍ଲା କାର୍ଯ୍ୟାଳୟ ସଭାଗୃହରେ ଏକ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି। ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗ ଏବଂ ଓଡ଼ିଶା ଗ୍ରାମ୍ୟ ଉନ୍ନୟନ ଓ ବିପଣନ ସମିତି, ଓର୍‌ମାସ ଆନୁକୂଲ୍ୟରେ ହେବାକୁ ଥିବା ବିକାଶ ମେଳା ଏବଂ ପଲ୍ଲୀଶ୍ରୀ ମେଳାରେ ମୋଟ ୨୫ ଗୋଟି ଷ୍ଟଲ ଖୋଲାଯିବ। ମିଶନ ଶକ୍ତି ବିଭାଗ ପକ୍ଷରୁ ସୁଭଦ୍ରା ପାରମ୍ପରିକ ଖାଦ୍ୟ ଉତ୍ସବ ଓ ପ୍ରତିଯୋଗିତା ଅନୁଷ୍ଠିତ ହେବ। ଏହି ସମୟରେ ଯୋଗ୍ୟ ହିତାଧିକାରୀଙ୍କୁ ଆଧାର କାର୍ଡ, ଖାଉଟି କାର୍ଡ, ପିଏମ୍ ବୟୋ ବନ୍ଦନା କାର୍ଡ, ଆୟୁଷ୍ମାନ ଭାରତ କାର୍ଡ, ଲେବର କାର୍ଡ, ସୁଭଦ୍ରା ଯୋଜନା, ପିଏମ୍ ଓ ସିଏମ୍ କିଷାନ କାର୍ଡ, କୃଷି କ୍ରେଡିଟ କାର୍ଡ ବିତରଣ କରାଯିବାର କାର୍ଯ୍ୟକ୍ରମ ରହିଛି। ୧୨ ତାରିଖ ଦିନ ମେଳା ଉଦ୍‌ଘାଟିତ ହେବ। ଏହି ଅବସରରେ ଜିଲ୍ଲାର ବିଭିନ୍ନ କ୍ଷେତ୍ରରେ ସଫଳତା ଅର୍ଜନ କରିଥିବା ବ୍ୟକ୍ତି ବିଶେଷଙ୍କୁ ସମ୍ମାନିତ କରାଯିବ। ପ୍ରତ୍ୟେକ ସନ୍ଧ୍ୟାରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯିବ। ଏହି ସମୟରେ ରଜ ପର୍ବ ପଡୁଥିବାରୁ ରଜ ପିଠା, ପୋଡ଼ ପିଠା, ପାନ ପ୍ରଦର୍ଶନ ଓ ପ୍ରତିଯୋଗିତା ସହ ରଜ ଦୋଳିର ମଧ୍ୟ ବ୍ୟବସ୍ଥା କରାଯିବ। ଝିଅମାନଙ୍କ ମଧ୍ୟରେ ପୁଚି ଓ ପୁଅମାନଙ୍କ ମଧ୍ୟରେ କବାଡ଼ି ପ୍ରତିଯୋଗିତା ହେବ। ସପ୍ତାହ ବ୍ୟାପୀ ବୃକ୍ଷରୋପଣ କରାଯିବ ବୋଲି ବୈଠକରେ ସୂଚାଯାଇଥିଲା। ଏହି ସମୀକ୍ଷା ବୈଠକରେ ଅତିରିକ୍ତ ଜିଲ୍ଲାପାଳ ଭୀମସେନ ଶବର, ସୁବାଷ ଚନ୍ଦ୍ର ରଇତ, ଜିଲ୍ଲା ମୁଖ୍ୟ ଉନ୍ନୟନ ଅଧିକାରୀ ଲମ୍ବୋଦର ଧରୁଆ, ଉପ ଜିଲ୍ଲାପାଳ ଯୋଗେନ୍ଦ୍ର ମାଝୀଙ୍କ ସମେତ ସମସ୍ତ ଜିଲ୍ଲାସ୍ତରୀୟ ଅଧିକାରୀ ଏବଂ ଲାଇନ ବିଭାଗ ଅଧିକାରୀ ଉପସ୍ଥିତ ଥିଲେ।



# ହନୁମାନ ମନ୍ଦିର ଓ ବିଗ୍ରହ ପ୍ରତିଷ୍ଠା

**ଭବାନୀପାଟଣା, ୮ ।୬(ସମିସ):** ସଦର ବ୍ଲକ ଜଗନ୍ନାଥପୁର ଗ୍ରାମରେ ଶ୍ରୀ ଶ୍ରୀ ମହାବୀର ହନୁମାନ ମନ୍ଦିର ଏବଂ ବିଗ୍ରହ ପ୍ରାଣ ପ୍ରତିଷ୍ଠା ଉତ୍ସବ ଅନୁଷ୍ଠିତ ହୋଇଛି। ଏହି କାର୍ଯ୍ୟକ୍ରମରେ କର୍ତ୍ତା ରୂପେ ଜଗନ୍ନାଥପୁର ଗ୍ରାମର ମନୋରଞ୍ଜନ ରାଜଗୁରୁ ଏବଂ ତାଙ୍କ ପତ୍ନୀ ପୁଷ୍ପାଞ୍ଜଳି ରାଜଗୁରୁ ଦାୟିତ୍ୱ ତୁଲାଇ ଥିଲେ। ମୁଖ୍ୟ ପୁରୋହିତ ଭାବେ ନିରଞ୍ଜନ ଦାଶ, ଆଚାର୍ଯ୍ୟ ଭାବେ ମନୋରଞ୍ଜନ ଦାଶ, ପ୍ରଚାରକ ଭାବେ ପ୍ରଦ୍ୟୁମ୍ନ ମିଶ୍ର, ବ୍ରହ୍ମା ଭାବେ ବଳଭଦ୍ର ମିଶ୍ର, ଚଣ୍ଡୀପାଠକ ଭାବେ ଚକ୍ରଧର ତ୍ରିପାଠୀ, ରୁଦ୍ରାଭିଷେକରେ ରାୟଗଡ଼ାର ହରିହର ମିଶ୍ର, ହନୁମାନଙ୍କ ସେବାୟତ ତିରୁପତି ମିଶ୍ର ଏବଂ ଗଦାଧର ଦାଶ ସ୍ୱସ୍ତି ବାଚକ ଦାୟିତ୍ୱ ସମ୍ପାଦନ କରିଥିଲେ। ପ୍ରତିଷ୍ଠା ଉତ୍ସବରେ ଜଗନ୍ନାଥପୁର ଗ୍ରାମର ସମସ୍ତ ଜନସାଧାରଣ ସହଯୋଗ କରିଥିଲେ। ଜୁନ୍ ୪ ରେ ଅଙ୍କୁରାରୋପଣ ଏବଂ କଳସ ଯାତ୍ରା ହୋଇଥିବା ସ୍ଥଳେ ୫ରେ ଶାଳା ପୂଜା, ୬ରେ ବନଜାଗ ଯାତ୍ରା ଏବଂ ରତ୍ନ ଭରଣ ହୋଇଥିଲା। ୭ରେ ପ୍ରାଣ ପ୍ରତିଷ୍ଠା ତଥା ଜୀବନ୍ୟାସ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ୮ ତାରିଖରେ ପ୍ରଭୁ ଶ୍ରୀ ହନୁମାନଙ୍କ ବିଗ୍ରହ ମନ୍ଦିର ବିଜେ କରିଥିଲେ।

# ସିନାପାଲିରେ ରଥଯାତ୍ରା ପ୍ରସ୍ତୁତି ବୈଠକ

**ସିନାପାଲି, ୮।୬(ସମିସ) :** ନୂଆପଡ଼ା ଜିଲ୍ଲା ସିନାପାଲିଠାରେ ରଥଯାତ୍ରା ପାଳନ ନିମନ୍ତେ ଏକ ପ୍ରସ୍ତୁତି ବୈଠକ ସ୍ଥାନୀୟ ଜଗନ୍ନାଥ ମନ୍ଦିର ପରିସରରେ ରବିବାର ଅନୁଷ୍ଠିତ ହୋଇଛି। ମନ୍ଦିର ପରିଚାଳନା କମିଟିର ସଭାପତି ବୈଶମ୍ପାୟନ ମେହେରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ମହାପ୍ରଭୁଙ୍କ ସ୍ନାନଯାତ୍ରା, ଅଣସରନୀତି, ନେତ୍ରୋତ୍ସବ, ରଥଯାତ୍ରା, ହେରାପଞ୍ଚମୀ, ବାହୁଡ଼ାଯାତ୍ରା, ସୁନାବେଶ, ଅଧରପଣା, ନୀଳାଦ୍ରି ବିଜେ ଆଦି ଉତ୍ସବକୁ ଶୃଙ୍ଖଳାର ସହ ପାଳନ ନେଇ ଆଲୋଚନା କରାଯାଇଥିଲା। ଏଥିସହ ଯାତ୍ରା ସମୟରେ ଶ୍ରଦ୍ଧାଳୁଙ୍କ ଭିଡ଼ ଦୃଷ୍ଟିରୁ ଟ୍ରାଫିକ୍ ବ୍ୟବସ୍ଥା, ସ୍ୱଚ୍ଛତା, ପାନୀୟ ଜଳ, ପ୍ରାଥମିକ ଚିକିତ୍ସା ବ୍ୟବସ୍ଥାକୁ କମିଟି ତରଫରୁ ଗୁରୁତ୍ୱ ଦିଆଯାଇଛି। ଏହି ଅବସରରେ ସେବାୟତମାନଙ୍କୁ ବିଭିନ୍ନ ଦାୟିତ୍ୱ ବଣ୍ଟନ କରାଯାଇଥିଲା। ପ୍ରାରମ୍ଭରେ ନବୀନ ଚନ୍ଦ୍ର ମେହେର ସଭାର ବିବରଣୀ ଉପସ୍ଥାପନ କରିଥିଲେ। ଶେଷରେ ରୂପେଶ ମେହେର ଧନ୍ୟବାଦ ଦେଇଥିଲେ।

# ସ୍ୱାଧୀନତା ସଂଗ୍ରାମୀ ଲାଲ୍‌ସିଂଙ୍କୁ ଭୁଲି ଯାଉଛନ୍ତି ସରକାର

**ନୂଆପଡ଼ା, ୮।୬(ସମିସ):** ନୂଆପଡ଼ା ଜିଲ୍ଲାର ବୀରପୁତ୍ର ତଥା ବ୍ରିଟିସ ଶାସନ ଅମଳରେ କଳାପାଣି ସଜା ଭୋଗିଥିବା ପ୍ରଥମ ଓଡ଼ିଆ ସ୍ୱାଧୀନତା ସଂଗ୍ରାମୀ ଟାନୱାଟର ଗୌନ୍ତିଆ ଲାଲ ସିଂ ମାଝୀଙ୍କୁ ଭୁଲିଯାଉଛନ୍ତି ସରକାର। ତାଙ୍କୁ ଆଜି ଓଡ଼ିଶା ତଥା ଜାତୀୟସ୍ତରରେ କୌଣସି ମର୍ଯ୍ୟାଦା ମିଳିପାରିନାହିଁ ବୋଲି ପଡୋଶୀ ଛତିଶଗଡ଼ ମହାସମୁନ୍ଦର ପୂର୍ବତନ ସାଂସଦ ଚୁନିଲାଲ ସାହୁ ଏକ ସାମ୍ବାଦିକ ସମ୍ମିଳନୀରେ ଅଭିଯୋଗ ଆଣିଛନ୍ତି। ଟାନୱାଟରେ ଏକ ସ୍ମୃତି ସ୍ତମ୍ଭ ସ୍ଥାପନ ସହ ନୂଆପଡ଼ା ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ(ଡିଏଚ୍‌ଏଚ୍)କୁ ଲାଲ ସିଂ ମାଝିଙ୍କ ନାମରେ ନାମିତ କରିବାକୁ ପୂର୍ବତନ ସାଂସଦ ସାହୁ ଦାବି ଜଣାଇଛନ୍ତି। ଏନେଇ ସେ ଓଡ଼ିଶାର ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂ ଦେଓଙ୍କୁ ଦାବିପତ୍ର ପ୍ରଦାନ କରିଥିବା ସାମ୍ବାଦିକ ସମ୍ମିଳନୀରେ ସୂଚାଇଛନ୍ତି। ଲାଲସିଂଙ୍କ ବୀରତ୍ୱ ଗାଥାକୁ ନେଇ କୋଶଲ କ୍ରାନ୍ତିବୀର ନାମକ ଏକ ପୁସ୍ତକ ମଧ୍ୟ ସେ ଉନ୍ମୋଚନ କରିଛନ୍ତି। ଲାଲସିଂଙ୍କ ପରି ଜଣେ ସହୀଦଙ୍କୁ ଉପଯୁକ୍ତ ସମ୍ମାନ ମିଳିବା ଉଚିତ ବୋଲି ପୂର୍ବତନ ସାଂସଦ ମତବ୍ୟକ୍ତ କରିଥିଲେ। ତାଙ୍କ ସ୍ମୃତିରେ ସରକାର, ସ୍ଥାନୀୟ ପ୍ରଶାସନ କୌଣସି ପ୍ରକାରେ ଧ୍ୟାନ ଦେଉନଥିବାରୁ ଏଭଳି ବୀର ପୁରୁଷଙ୍କ ପ୍ରତି ଆଗାମୀ ଦିନରେ ସମସ୍ତଙ୍କୁ ଆଗକୁ ଆସିବାକୁ ହେବ ବୋଲି ସେ ଆହ୍ୱାନ ଦେଇଥିଲେ।

# ବିଜେପିର ମଣ୍ଡଳସ୍ତରୀୟ ବିକଶିତ ଭାରତ କାର୍ଯ୍ୟକ୍ରମ

**ନୂଆପଡ଼ା, ୮ ।୬(ସମିସ):** ସ୍ଥାନୀୟ ଜିଲ୍ଲା ବିଜେପି କାର୍ଯ୍ୟାଳୟରେ ବିକଶିତ ଭାରତ ଅମୃତ କାଳ ସେବା, ସୁଶାସନ ଏବଂ ଗରିବ କଲ୍ୟାଣରେ କେନ୍ଦ୍ର ସରକାରଙ୍କ ୧୧ ଓ ରାଜ୍ୟ ସରକାରଙ୍କ ୧ ବର୍ଷ ପୂର୍ତ୍ତି ଉପଲକ୍ଷେ ମଣ୍ଡଳସ୍ତରୀୟ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ବିଜେପି ଯୁବ ମୋର୍ଚ୍ଚା ଜିଲ୍ଲା ସଭାପତି ଅଭିନନ୍ଦନ ପଣ୍ଡା, ମୂରଲୀ ସୁନା, ବିଜୟ ଚନ୍ଦ୍ରପାର, ମିଲୋଉ ରଣା, ଅଜିତ ସୁନା, ଲାଲା ମାଝୀ, ଘନଶ୍ୟାମ ବାରିକ, ଆଲୋକ ଧଳ ପ୍ରମୁଖ ଯୋଗ ଦେଇଥିଲେ। ଏଥିରେ ବିଜେପି ସରକାରର ବର୍ଷକ ଭିତରେ କାର୍ଯ୍ୟାନ୍ୱୟନ ହୋଇଥିବା ବିଭିନ୍ନ କାର୍ଯ୍ୟ କଳାପ ଉପରେ ଆଲୋଚନା କରାଯାଇଥିଲା। ନୂଆପଡ଼ା ମଣ୍ଡଳ ସଭାପତି ସଦାନନ୍ଦ ଯୋଷୀ ସଭାପତିତ୍ୱ କରିଥିଲେ। ସେହିଭଳି ଲୋକନାଥ ହୋତାଙ୍କ ସଭାପତିତ୍ୱରେ ସୁନଦାଇ ମଣ୍ଡଳରେ କାର୍ଯ୍ୟକ୍ରମ ହୋଇଥିଲା। ସେଠାରେ ମୁଖ୍ୟ ଅତିଥି ଭାବେ ପୂର୍ବତନ ରାଜ୍ୟ ସଭାପତି ତଥା ପୂର୍ବତନ କଳାହାଣ୍ଡି ସାଂସଦ ବସନ୍ତ ପଣ୍ଡା, ଅଭିନନ୍ଦନ ପଣ୍ଡା, ତୁଳସ ପଟେଲ, ବିକ୍ରମ ଆଡବଙ୍ଗ, ସହଦେବ ପ୍ରଧାନ ଉପସ୍ଥିତ ଥିଲେ। ଅନ୍ୟପକ୍ଷେ ବଞ୍ଜାରୀ ମଣ୍ଡଳରେ ଭକ୍ତ ରଣାଙ୍କ ନେତୃତ୍ୱରେ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ମୁଖ୍ୟ ଅତିଥି ଭାବେ ପୂର୍ବତନ ସାଂସଦ କଳାହାଣ୍ଡି ବସନ୍ତ ପଣ୍ଡା, ଅଭିନନ୍ଦନ ପଣ୍ଡା, ତୁଳସ ପଟେଲ, ଡମରୁ ମହାନନ୍ଦ, ଫୁଲେଶ୍ୱର ଭୋଇ, ଚନ୍ଦ୍ରମଣି ଶବର ପ୍ରମୁଖ ଉପସ୍ଥିତ ଥିଲେ।






ଭିଜନ ଓଡ଼ିଶା-୨୦୩୬ ଓ ବିକଶିତ ଭାରତ-୨୦୪୭ ଉପଲକ୍ଷେ ଜିଲ୍ଲାସ୍ତରୀୟ ପ୍ରତିଯୋଗିତା

# ପ୍ରବନ୍ଧ ଓ ଚିତ୍ରାଙ୍କନରେ ଦକ୍ଷତା ପ୍ରତିପାଦନ କଲେ ଛାତ୍ରଛାତ୍ରୀ

ଭବାନୀପାଟଣା, ୮ ।୬(ସମିସ)



କଳାହାଣ୍ଡି ଜିଲ୍ଲା ଶିକ୍ଷା ବିଭାଗ ଆନୁକୂଲ୍ୟରେ ସ୍ଥାନୀୟ ବ୍ରଜ ମୋହନ ସରକାରୀ ଉଚ୍ଚ ବିଦ୍ୟାଳୟ ପରିସରରେ ଭିଜନ ଓଡ଼ିଶା-୨୦୩୬ ଓ ବିକଶିତ ଭାରତ-୨୦୪୭ ଉପଲକ୍ଷେ ଜିଲ୍ଲାସ୍ତରୀୟ ପ୍ରବନ୍ଧ ଓ ଚିତ୍ରାଙ୍କନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲା ଶିକ୍ଷା ଅଧିକାରୀ ରାଧାକାନ୍ତ ଛତ୍ରୀଙ୍କ ପୌରୋହିତ୍ୟରେ ଆୟୋଜିତ ସଭାରେ ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ଶୁଭଲକ୍ଷ୍ମୀ ନାୟକ ଓ ହେମସାଗର ମହାନନ୍ଦ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଅନ୍ୟତମ ଅତିଥି ଭାବେ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ଷଷ୍ଠୀ ଝାଙ୍କର ଓ ବୋରଡା ଜନତା ସରକାରୀ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ପ୍ରକାଶ ନିଶଙ୍କ ଯୋଗ ଦେଇଥିଲେ। ଜିଲ୍ଲା ବିଜ୍ଞାନ ପର୍ଯ୍ୟବେକ୍ଷକ ଦୁଷ୍ମନ୍ତ ଶେଖର ପାଢ଼ୀ ସ୍ୱାଗତ ଅଭିଭାଷଣ ପ୍ରଦାନ କରିଥିବା ବେଳେ ସୋମନାଥ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ। ବିଚାରକ ଭାବେ ଦଧିଚନ୍ଦ୍ର ସାହୁ, ଧୀରେନ୍ଦ୍ର ପଣ୍ଡା, ଝସକେତନ ପଧାନ, ବିଭୁତି ଭୂଷଣ ଠାକୁର, ମୁକୁନ୍ଦ ରେଣ୍ଡୀ ଓ ବାଞ୍ଛାନିଧି ପଣ୍ଡା ଯୋଗ ଦେଇଥିଲେ। ବରିଷ୍ଠ ବର୍ଗ ପ୍ରବନ୍ଧ ପ୍ରତିଯୋଗିତାରେ ପ୍ରଗତି ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ରୁପାଲି ସାହୁ ପ୍ରଥମ ହୋଇଛନ୍ତି। ଧର୍ମଗଡ଼ ମହିଳା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଝରଣା ଲହଜଲ ହୋଇଛନ୍ତି। ବିଶ୍ୱନାଥପୁର ମା' ହୀରା ଲୀଳା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ସୁଭଦ୍ରା ବେହେରା ତୃତୀୟ ହୋଇଛନ୍ତି। କନିଷ୍ଠ ବର୍ଗ ପ୍ରବନ୍ଧ ପ୍ରତିଯୋଗିତାରେ ଜୁନାଗଡ଼ ଓଡ଼ିଶା ଆଦର୍ଶ ବିଦ୍ୟାଳୟର ସତ୍ୟମ ପଧାନ ପ୍ରଥମ ହୋଇଛନ୍ତି। ବେହେରା ଦନ୍ତେଶ୍ୱରୀ ସରକାରୀ ଉଚ୍ଚ ବିଦ୍ୟାଳୟର ତନ୍ମୟିତା ନାଏକ ଦ୍ୱିତୀୟ ହୋଇଛନ୍ତି। କେସିଙ୍ଗା ଓଡ଼ିଶା ଆଦର୍ଶ ବିଦ୍ୟାଳୟର ଶୁଭଲକ୍ଷ୍ମୀ ସାହୁ ତୃତୀୟ ହୋଇଛନ୍ତି। ବରିଷ୍ଠ ଚିତ୍ରାଙ୍କନ ପ୍ରତିଯୋଗିତାରେ ରେଗେଡ଼ା ଓଡ଼ିଶା ଆଦର୍ଶ ବିଦ୍ୟାଳୟର ପରିସ୍ମିତା ଜାନି ପ୍ରଥମ ହୋଇଛନ୍ତି। ଡଙ୍ଗରୀଗୁଡ଼ା ଇନ୍ଦ୍ରାବତୀ ସରକାରୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଆଶିଷ ନାଏକ ଦ୍ୱିତୀୟ ହୋଇଛନ୍ତି। ଭବାନୀପାଟଣା ପ୍ରଗତି ବିଜ୍ଞାନ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଅଭିଷେକ ପଧାନ ତୃତୀୟ ହୋଇଛନ୍ତି। କନିଷ୍ଠ ଚିତ୍ରାଙ୍କନ ପ୍ରତିଯୋଗିତାରେ ରିସିଡା ସରକାରୀ ଉଚ୍ଚ ବିଦ୍ୟାଳୟର ହରିଶ ରଣା ପ୍ରଥମ ହୋଇଛନ୍ତି। କର୍ଲାମୁଣ୍ଡା ଓଡ଼ିଶା ଆଦର୍ଶ ବିଦ୍ୟାଳୟର ସ୍ନେହମଞ୍ଜରୀ କୁମାର ଦ୍ୱିତୀୟ ହୋଇଛନ୍ତି। ନର୍ଲା ଓଡ଼ିଶା ଆଦର୍ଶ ବିଦ୍ୟାଳୟର ଓ ଅଙ୍କିତା ମହାରଣା ତୃତୀୟ ସ୍ଥାନ ଅଧିକାର କରିଥିଲେ। କାର୍ଯ୍ୟକ୍ରମ ପରିଚାଳନାରେ ସାଧୁ ଶରଣ ପ୍ରସାଦ, ବୀରେନ୍ଦ୍ର ଆଚାର୍ଯ୍ୟ, ଡିପିଇଓ ରୂପ ସିଂ ରାଉତ, ମନୋଜ ସାହୁ, ଶ୍ରଦ୍ଧାଞ୍ଜଳି ଦାଶ, ମଙ୍ଗୁଳୁ ପଧାନ, ମୁରଲୀ ଦୀପ, ବିଜୟ ମହାଳିକ, ସୌମେନ୍ଦ୍ର ପଟ୍ଟନାୟକ, ପ୍ରଫୁଲ୍ଲ ଠାକୁର, ପ୍ରଶାନ୍ତ ନନ୍ଦ, ନରେନ୍ଦ୍ର ସାହୁ ପ୍ରମୁଖ ସାହାଯ୍ୟ କରିଥିଲେ।

# ଗତିପଥ ବଦଳାଉଛି ସୁବର୍ଣ୍ଣରେଖା

ବାଲିଆପାଳ, ୮।୬(ସମିସ)



**■ କୁହ୍ଲାଚଡ-କୁହ୍ଲା ଗ୍ରାମପ୍ରତି ବିପଦ**
**■ କାମପାଇଁ ଟେଣ୍ଡର ସରିଛି : ବିଭାଗୀୟଯନ୍ତ୍ରୀ**

ବାଲିଆପାଳ ବାସୀଙ୍କ ଦୁଃଖ ସୁବର୍ଣ୍ଣରେଖା। ପ୍ରତିବର୍ଷ ଏହି ନଦୀ ଗତିପଥ ବଦଳାଇ କୂଳ ଖାଉଥିବାରୁ ବାଲିଆପାଳ ବ୍ଲକରେ ପ୍ରଭୂତ କ୍ଷତି ହୋଇଥାଏ। ବିଗତ କିଛିବର୍ଷ ଧରି ଏହି ନଦୀର ଅତଳ ଗର୍ଭରେ କୁଦମାନସିଂହପୁର, ମନୋନଗର, ରସଲପୁର, ନୟାବାଲି, ଇକଡପାଳ ପ୍ରଭୃତି ଗ୍ରାମର ବହୁ ଅଞ୍ଚଳ ଲୀନ ହୋଇଯାଇଛି। ଏବେ ସେ ସବୁ ସ୍ଥାନରେ ପଥର ପ୍ୟାଚିଂ ହେବାପରେ ବର୍ତ୍ତମାନ କୁହ୍ଲାଚଡଗ୍ରାମ ନିକଟସ୍ଥ ପନ୍ତେଇଘାଟ ନିକଟରେ ନଦୀ କୂଳ ଖାଉଛି। ଫଳରେ ବାଲିଆପାଳ ବ୍ଲକ ଅନ୍ତର୍ଗତ କାମଦ୍ରଣ୍ଡା ପଞ୍ଚାୟତ ର କୁହ୍ଲାଚଡ ଏବଂ ଭୋଗରାଇ ବ୍ଲକ ଅନ୍ତର୍ଗତ ରସଲପୁର ପଞ୍ଚାୟତ କୁହ୍ଲାଗ୍ରାମପ୍ରତି ବିପଦ ସୃଷ୍ଟି ହୋଇଛି। ସୁବର୍ଣ୍ଣରେଖା ନଦୀ ପନ୍ତେଇଘାଟ ନିକଟରେ କୁହ୍ଲାଚଡ ପଟରେ ପ୍ରାୟ ୨୦୦ ମିଟର ଲମ୍ବ ଅଞ୍ଚଳରେ ପ୍ରତିଦିନ ନଦୀରୁ ଅତଡା ଖସୁଛି।

ବିଗତ ୬ମାସ ଭିତରେ କୁହ୍ଲାଚଡ ଓ କୁହ୍ଲାଗ୍ରାମର ଚାଷୀଙ୍କ ଏକର ଏକର ଜମି ନଦୀଗର୍ଭକୁ ଚାଲିଗଲାଣି। ବର୍ତ୍ତମାନ ଯେଉଁବେଗରେ ନଦୀରୁ ଅତଡା ଖସୁଛି ଏହି ଧାରା ଜାରି ରହିଲେ ଦୁଇ ଗ୍ରାମ ନିକଟରେ ନଦୀ ପହଂଚିବାକୁ ବେଶି ବିଳମ୍ବ ହେବ ନାହିଁ। ବଙ୍ଗୋପସାଗର ଲୁଣି ଜୁଆର ନଦୀର ମୁହାଁଣରେ ପ୍ରବଳଗତିରେ ପ୍ରବେଶ କରୁଥିବାରୁ ଏଭଳି ପରିସ୍ଥିତି ସୃଷ୍ଟି ହେଉଥିବା କୁହାଯାଉଛି। ସାମୁଦ୍ରିକ ଜୁଆର ନଦୀର ପୂର୍ବପଟେ ମାଡ ଖାଇ ବାଲିଆପାଳ ପଟକୁ ଆସୁଥିବାରୁ ଅଧିକ ଅତଡା ଖସୁଛି। ପୂର୍ବପଟରେ ପନ୍ତେଇ ଗ୍ରାମ ନିକଟରେ ସ୍ୱର ଓପରେ ପ୍ୟାଚିଂ ହୋଇଥିବାରୁ ଜୁଆରମାଡ ହୋଇ ସେ ପାଖରେ କ୍ଷତି କରି ନ ପାରି କୁହ୍ଲା ଓ କୁହ୍ଲାଚଡ ଗ୍ରାମ ନିକଟରେ ଅଧିକ କ୍ଷତି କରି ଚାଲିଛି। ଏହାଦ୍ୱାରା ବର୍ତ୍ତମାନ ଅଧିକ କ୍ଷତିଗ୍ରସ୍ତ ହୋଇପଡିଛି ବ୍ୟସ୍ତବହୁଳ ପନ୍ତେଇ ଫେରିଘାଟ। ପ୍ରତିଦିନ ଏହି ଘାଟ ପାର ହୋଇ ହଜାର ହଜାର ଲୋକ ବାଇକ ଓ ସାଇକେଲ ପ୍ରଭୃତିରେ ଭୋଗରାଇ ବ୍ଲକ ଓ ପଶ୍ଚିମବଙ୍ଗର ବିଭିନ୍ନ ଅଞ୍ଚଳକୁ ଯାତାୟତ କରିଥାନ୍ତି। ଏବେ ନାଉରିଆ ଘାଟଠାରୁ ଦୂରରେ ଅନ୍ୟସ୍ଥାନରେ ଡଙ୍ଗା ଲଗାଇ ଯାତ୍ରୀମାନଙ୍କୁ ନେବା ଅଣିବା କରୁଛି। ଜୁଆର ଛାଡିଯିବା ବେଳେ ଲୋକମାନେ ପାଣି କାଦୁଅରେ ପଶି ଡଙ୍ଗା ଚଢୁଥିବାରୁ ଅନେକ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଜିଲ୍ଲା ପ୍ରଶାସନ ଓ ଜଳସେଚନ ବିଭାଗକୁ ବାରମ୍ବାର ସ୍ଥାନୀୟ ଅଂଚଳବାସୀ ପକ୍ଷରୁ ଦାବି କରାଯାଇଛି। ଗତ ବର୍ଷ ଜୁଲାଇ ମାସରେ ଜଳସେଚନ ବିଭାଗର ଇଞ୍ଜିନିୟିର ଇନ ଚିଫ କମ୍ ସ୍ପେଶାଲ ସେକ୍ରେଟେରୀ ମୁକୁଲ ବେରା ସମେତ ବିଭାଗୀୟ ଉଚ୍ଚପଦସ୍ଥ ଅଧିକାରୀ ମାନେ ଉକ୍ତସ୍ଥାନ ପରିଦର୍ଶନ କରି ତୁରନ୍ତ ପଥର ପ୍ୟାଚିଂ ପାଇଁ ବ୍ୟବସ୍ଥା କରାଯିବ ବୋଲି ପ୍ରତିଶ୍ରୁତି ଦେଇଥିଲେ। ମାତ୍ର ଏହା ଭିତରେ ଏକ ବର୍ଷ ବିତିଯାଇଥିଲେ ମଧ୍ୟରେ ସେଠାରେ ଖୁଡିଏ ମାଟି ମଧ୍ୟ ପଡିପାରିନାହିଁ। ଏହାର ପ୍ରତିକାର ପାଇଁ ତୁରନ୍ତ ପଦେକ୍ଷପ ନ ନେଲେ ବନ୍ୟା ହେଲେ ପରିସ୍ଥିତି ଅଧିକ ଭୟଙ୍କର ହେବ ବୋଲି ଅଞ୍ଚଳବାସୀ କହିଛନ୍ତି। ସେହିପରି ଏଠାରେ କାମକୁଣ୍ଡା ଲକ ଠାରୁ ପନ୍ତେଇ ଘାଟ ପର୍ଯ୍ୟନ୍ତ ସୁବର୍ଣ୍ଣରେଖା ନଦୀ ଉପରେ ୧୧୨ କୋଟି ଟଙ୍କାରେ ଏକ ପୋଲ ନିର୍ମାଣ କାର୍ଯ୍ୟ ଏଲଏନଟି କରୁଛି। ତେବେ ଏହି କାର୍ଯ୍ୟ ମଧ୍ୟ କଇଁଛ ଗତିରେ ଚାଲୁଥିବାରୁ ଏହା ନିର୍ଦ୍ଧାରିତ ସମୟସୀମା ମଧ୍ୟରେ ସରିବା ଦେଖାଯାଉନି। ଏ ସମ୍ପର୍କରେ ଜଳସେଚନ ବିଭାଗର କନିଷ୍ଠ ଯନ୍ତ୍ରୀ ନନିଗୋପାଳ ସେନ କହିଛନ୍ତି ସେଠାରେ ପଥର ପ୍ୟାଚିଂ ପାଇଁ ୩ କୋଟି ୭୨ ଲକ୍ଷ ଟଙ୍କାର ଏକ ଅଟକଳ ପ୍ରସ୍ତୁତ କରାଯାଇ ଟେଣ୍ଡର ସରିଥିବା କହିଛନ୍ତି। ଖୁବ୍‌ଶୀଘ୍ର ସେହି କାର୍ଯ୍ୟ ଆରମ୍ଭ ହେବ। ଚଳିତ ବର୍ଷା ଦିନରେ ସେଠାକାର ପରିସ୍ଥିତି ଦେଖି ଜରୁରୀ ପଦକ୍ଷେପ ନିଆଯିବ ବୋଲି ଶ୍ରୀ ସେନ କହିଛନ୍ତି।

## ଏସ୍‌ଏସ୍‌ପୁର ସେବା ସମବାୟ ସମିତି ସମ୍ମାନିତ



ନୀଳଗିରି, ୮।୬ (ସମିସ): ଆନ୍ତର୍ଜାତିକ ସମବାୟ ବର୍ଷ-୨୦୨୫ ଭୁବନେଶ୍ୱର ରେ ସ୍ୱତନ୍ତ୍ର ଭାବେ ଭୁବନେଶ୍ୱର ରାଜଭବନଠାରେ ପାଳିତ ହୋଇଯାଇଛି। ସମାରୋହରେ ବାଲେଶ୍ୱର ଜିଲ୍ଲା ନୀଳଗିରି ଉପଖଣ୍ଡର ଶ୍ୟାମସୁନ୍ଦରପୁର ପ୍ରାଥମିକ କୃଷି ସମିତିକୁ ନିମନ୍ତ୍ରଣ କରାଯାଇଥିଲା। ଶ୍ୟାମସୁନ୍ଦରପୁର ପ୍ରାଥମିକ କୃଷି ସମବାୟ ସମିତିର ସଭାପତି ମନୋରଞ୍ଜନ ଦାସଙ୍କୁ ରାଜ୍ୟପାଳ ମାନପତ୍ର ଓ ବ୍ୟାଚ ଦେଇ ସମ୍ମାନିତ କରାଯାଇଥିବା ଜଣାପଡିଛି। ଉକ୍ତ କାର୍ଯ୍ୟକ୍ରମରେ ସଭାପତି ଶ୍ରୀ ଦାସଙ୍କ ସହିତ ସମିତିର ସଭ୍ୟ ପୁରସ୍ତମ ସେଠୀ, ସମିତିର ସମ୍ପାଦକ ଗଦାଧର ପାତ୍ର, ନୀଳଗିରି ଏଆରସିଏସ କାର୍ଯ୍ୟାଳୟର କ୍ଷେତ୍ର କର୍ମଚାରୀ ବିଭୂତି ଭୂଷଣ ବାରିକ ପ୍ରମୁଖ ଯୋଗ ଦେଇ ଥିଲେ।

## ଖଇରାରେ ବିଜେପିର ତ୍ରିରଙ୍ଗା ଯାତ୍ରା

ଖଇରା,୮।୬ (ସମିସ): ବାଲେଶ୍ୱର ଜିଲା ଅନ୍ତର୍ଗତ ଖଇରା ବ୍ଲକରେ ବିଜେପି ପକ୍ଷରୁ ରବିବାର ତ୍ରିରଙ୍ଗା ଯାତ୍ରା ଅନୁଷ୍ଠିତ ହୋଇ ଯାଇଛି। ପ୍ରଥମେ ଏକ ବାଇକ ଶୋଭାଯାତ୍ରା ଡୁଡିଗଡିଆ ସହୀଦ ସ୍ତମ୍ଭ ନିକଟରୁ ବାହାରି ଖଇରା ବ୍ଲକ ଛକରେ ପହଞ୍ଚିଥିଲା। ବ୍ଲକ ଛକରେ ଆୟୋଜିତ ସମାବେଶରେ ରାଜ୍ୟ ପଞ୍ଚାୟତିରାଜ, ପାନୀୟ ଜଳ ଓ ଗ୍ରାମ୍ୟ ଉନ୍ନୟନ ବିଭାଗ ମନ୍ତ୍ରୀ ରବି ନାରାୟଣ ନାଏକ ମୁଖ୍ୟଅତିଥି ଭାବେ ଯୋଗ ଦେଇ ପାକିସ୍ତାନର ସନ୍ତ୍ରାସବାଦୀ ମାନେ ଯେଉଁ ବ୍ୟକ୍ତିମାନଙ୍କୁ ଗୁଳି କରି ୨୬ଜଣଙ୍କ ସିନ୍ଦୁର ପୋଛିଲେ ପ୍ରଧାନମନ୍ତ୍ରୀ ମୋଦୀ ଅପରେସନ ସିନ୍ଦୁର ମାଧମରେ ଜବାବୀ କାର୍ଯ୍ୟାନୁଷ୍ଠାନ ଦେଇ ୪ଦିନ ମଧ୍ୟରେ ପାକିସ୍ତାନକୁ ଧରାଶାୟୀ କରି ଜଣେ ଦୃଢ ନେତାର ପରିଚୟ ଦେଲେ ବୋଲି କହିଥିଲେ। ବିଧାୟକ ପଦ୍ମଲୋଚନ ପଣ୍ଡା ବକ୍ତବ୍ୟ ରଖିଥିଲେ। ବ୍ଲକ ଅଧକ୍ଷା ଅଭିଲିପ୍ସା ସାହୁ, ଭାଜପା ଜିଲା ସଭାପତି ଈଶ୍ୱର ଚନ୍ଦ୍ର ବେହେରା, ସମ୍ପାଦକ ବିଜୟ ସାହୁ,ନିର୍ବାଚନ ମଣ୍ଡଳୀ ପ୍ରଭାରୀ ଚନ୍ଦ୍ର ଶେଖର ନନ୍ଦ, ଯୁବନେତା ନିଳମାଧବ ପଣ୍ଡା ଓ ଅଣୁମାଧବ ପଣ୍ଡା, ୪ଜୋନ ସଭାପତି ସୁମନ୍ତ କୁମାର ଜେନା, ଲକ୍ଷ୍ମୀଧର ନାୟକ, ମାନସ କୁମାର ମୁଦୁଲୀ ଓ ରମେଶ କୁମାର ଜେନା ପ୍ରମୁଖ ଅନ୍ୟତମ ଅତିଥି ଭାବେ ଯୋଗ ଦେଇଥିଲେ। ରାଧାକାନ୍ତ ପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ। କୈଳାସ ମାଝୀ ଓ ସୁଶାନ୍ତ ମହାପାତ୍ର ମଞ୍ଚ ପରିଚାଳନା କରିଥିଲେ। ପରେ ଉପରୋକ୍ତ ନେତୃବୃନ୍ଦ ଖଇରା ବ୍ଲକରେ ନିର୍ମିତ ହେବାକୁ ଥିବା ପଞ୍ଚାୟତ ସମିତି ନୁତନ ଗୃହର ଶିଳାନ୍ୟାସ କରିଥିଲେ।



## ମନ୍ଦାରସାହିରେ ଶୀତଳା ମାତାଙ୍କ ବାର୍ଷିକ ଉତ୍ସବ

ଭୋଗରାଇ, ୮।୬ (ସମିସ) : ଭୋଗରାଇ ବ୍ଲକ ମନ୍ଦାରସାହି ପଞ୍ଚାୟତ ସେହି ଗ୍ରାମରେ ଥିବା ଶୀତଳା ମାତାଙ୍କ ବାର୍ଷିକ ଉତ୍ସବ ମହା ଆଡମ୍ବରରେ ପାଳିତ ହୋଇଯାଇଛି। ଗତ ମଙ୍ଗଳବାର ଘଟ ଉତ୍ତୋଳନ ହୋଇଥିଲା। ୫ ଦିନ ବ୍ୟାପି ଏହି ପୂଜାତ୍ସବ ଅନୁଷ୍ଠିତ ହୋଇଥିଲା। ଗତ ଶନିବାର ଅନ୍ତିମ ତଥା ବଡ଼ ପୂଜା ଅନୁଷ୍ଠିତ ହୋଇ ଉତ୍ସବ ଉଦଯାପିତ ହୋଇଥିଲା। ଏହି ପୂଜାଉତ୍ସବରେସମଗ୍ରମନ୍ଦାର ସାହି ପଞ୍ଚାୟତର ମହିଳା ଓ ପୁରୁଷମାନେ ଫୁଲ ନୈବେଦ୍ୟ ଶୀତଳା ମାତାଙ୍କୁ ଅର୍ପଣ କରି ପୂଜାର୍ଚ୍ଚନା କରିଥିଲେ। ୫ ଦିନ ବ୍ୟାପି ଶୀତଳା ମାତାଙ୍କ ମଙ୍ଗଳ ଗୀତିନାଟ୍ୟ ଅନୁଷ୍ଠିତ ହୋଇଥିଲା। ଏହି ପୂଜାର୍ଚ୍ଚନାରେ ଗ୍ରାମର ମୁଖ୍ୟ କରୁଣାକର ମହାନ୍ତି, ଗଜେନ୍ଦ୍ର ଦାସ, ଶ୍ରୀନିବାସ ଗିରି, ହରିପଦ ଗିରି, ଶଶାଙ୍କ ଶେଖର ଗିରି, ହରିହର ଜେନା, ପୂର୍ଣ୍ଣଚନ୍ଦ୍ର ଗିରିଙ୍କ ସହ ଗ୍ରାମବାସୀ ସହଯୋଗ କରିଥିଲେ।



## ଜଳେଶ୍ୱର ପ୍ରଖଣ୍ଡ ବଜରଙ୍ଗ ଦଳର ବୈଠକ



ଜଳେଶ୍ୱର ବ୍ଲକ, ୮।୬ (ସମିସ): ଜଳେଶ୍ୱର ପ୍ରଖଣ୍ଡ ବଜରଙ୍ଗ ଦଳର ନୂତନ ସଂଯୋଜକ ଭାବେ ମହମ୍ମଦ ନଗର ପାଟଣାର ଯୁବକ ସାଗର କୁମାର ଦାସ ଏବଂ ସହ-ସଂଯୋଜକ ଭାବେ ଗୋବରଘଟା ପଞ୍ଚାୟତର ଯୁବକ ସଂଗ୍ରାମ ଜେନା, ଜଳେଶ୍ୱର ଷ୍ଟେସନ ବଜାର ଅଞ୍ଚଳର ବିନାୟକ ଦାସ, ଅବିନାଶ ଦାସ ପ୍ରମୁଖ ଦାୟିତ୍ୱ ଗ୍ରହଣ କରିଛନ୍ତି। ସେହିପରି ମିଳନ କେନ୍ଦ୍ର ପ୍ରମୁଖ ଭାବେ ଗଜେନ୍ଦ୍ର ନାଥ ଖମାରୀ, ସହ ପ୍ରମୁଖ ଭାବେ ଚିନ୍ମୟ ବାରିକ, ମାକିଡ଼ିଆର ଶିବାଜୀଶଙ୍କର ଦାସ, ରାଇବଣିଆର ସାଗର କୁମାର ଦାନ ପ୍ରମୁଖ ବିଭିନ୍ନ ଦାଇତ୍ୱ ଗ୍ରହଣ କରିଛନ୍ତି । ଏହି ଅବସରରେ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ଜଳେଶ୍ୱର ପ୍ରାଙ୍ଗଣରେ ବିଶ୍ୱହିନ୍ଦୁ ପରିଷଦର ବାଲେଶ୍ୱର ଜିଲ୍ଲା ସମ୍ପାଦକ ରଶ୍ମିରଞ୍ଜନ ଦାସ ଏକ ବୈଠକ ଡକାଇ ବଜରଙ୍ଗ ଦଳର କାର୍ଯ୍ୟ ଏବଂ ଆଭିମୁଖ୍ୟ ସମ୍ପର୍କରେ ଉପସ୍ଥିତ ଯୁବକ ମାନଙ୍କ ସହ ଆଲୋଚନା କରିଥିଲେ। କାର୍ଯ୍ୟକ୍ରମରେ ବିପ୍ଳବ ପ୍ରଧାନ, ଓରିନ ମହାନ୍ତି, ସରୋଜ ବେହେରା, ଅଜିତ ଦାସ, ଦୀପକ ସିଂ, ରବିରଞ୍ଜନ ମାହାନ୍ତି, ଅଜୟ ଗିରି, ରାଜୀବ ଘୋଷ, ରିଙ୍କୁରାଜ ମିଶ୍ର ପ୍ରମୁଖ ଯୋଗଦାନ କରିଥିଲେ।

## ଦୁଇ ଅନାଥ ନାବାଳକଙ୍କୁ ସହାୟତା



ଜଳେଶ୍ୱର ବ୍ଲକ, ୮।୬ (ସମିସ): ଜଳେଶ୍ୱର ବ୍ଲକ୍ ଅନ୍ତର୍ଗତ ଆରୁହା ପଞ୍ଚାୟତର ମଙ୍ଗା ପୋଖରୀ ସାହିର ଅନାଥ ଦୁଇ ଭାଇଙ୍କୁ ଓଡ଼ିଶା ରେଶନ କାଡ ପରିଚାଳନା କେନ୍ଦ୍ର ଓ ଜିଲ୍ଲା ଅଭିଯୋଗ ପ୍ରତିକାର ଅଧିକାରୀଙ୍କ ତଥ୍ୟ ପ୍ରବେଶ ଚାଳକ ସଂଘ ମିଳିତ ଭାବେ ପହଞ୍ଚି ରାଜ୍ୟ ସଭାପତି ଉମେଶ ବାଗ, ଉପସଭାପତି ଦେବେନ ଦେବଦାସ ନାୟକ, ସଂପାଦକ ଜୀତେନ୍ଦ୍ର ସାହୁ, ଯୁଗ୍ମ ସଂପାଦକ ଶୁଭେନ୍ଦୁ କୁମାର ହୋତା, ସଂଗଠକ ସଂପାଦକ ଗଣେଶ ବେହେର ଦଳେଇ, ବାଲେଶ୍ୱର ଜିଲ୍ଲା ସଭାପତି ଜାନକୀ ଜେନା, ସଂପାଦକ ଆଲୋକ କୁମାର ନାୟକ, ସନ୍ତୋଷ ପଣ୍ଡା, ବିରେନ୍ଦ୍ର କୁମାର ସାହୁ, ପ୍ରଶାନ୍ତ କୁମାର ବେହେରା, ଗୌତମ ନାୟକ, ଜ୍ୟୋତି ମହାପାତ୍ର, ଭବ ଶଙ୍କର ଜେନା ପ୍ରମୁଖ ସଭ୍ୟ ମାନେ ପହଞ୍ଚି ଅନାଥ ଦୁଇ ଭାଇଙ୍କ ବ୍ୟାଙ୍କ ଖାତାକୁ ୩୫ ହଜାର ଟଙ୍କା ସହାୟତା କରିଥିଲେ। ସେହିପରି ଅନୁଗୋଳ ଜିଲ୍ଲାର ଜୟ ଜଗନ୍ନାଥ କ୍ଲବ ପକ୍ଷରୁ ମଧ୍ୟ ୨ ହଜାର ୫ ଶହ ଟଙ୍କା ସହାୟତା ପ୍ରଦାନ କରିଥିଲେ। ବରିଷ୍ଠ ବିଜେପି ନେତା ବ୍ରଜମୋହନ ପ୍ରଧାନଙ୍କ ସହ ବିଦ୍ୟାଳୟର ଅଧକ୍ଷ ସୁଧୀର କୁମାର ଚାନ୍ଦ, ଯୁବନେତା ରାଜେଶ ଖଟୁଆ, କାଳି ଚରଣ ଦାସ, ସଞ୍ଜୀବ ପାତ୍ର, ସାମ୍ବାଦିକ ମନୋଜ ଭୂୟାଁ, ରଞ୍ଜନ କୁମାର ବେହେରା, ଅଶ୍ରୁମୋଚନ ଘୋଷ, ପ୍ରଶାନ୍ତ ସେନାପତି ପ୍ରମୁଖ ଉପସ୍ଥିତ ଥିଲେ।

## ଖଇରା କଲେଜ ୧୯୯୮ ବ୍ୟାଚ୍ ଗ୍ରାଜୁଏଟଙ୍କ ବନ୍ଧୁ ମିଳନ



ଖଇରା, ୮।୬ (ସମିସ): ବାଲେଶ୍ୱର ଜିଲାର ଅନ୍ୟତମ ଖ୍ୟାତି ସମ୍ପନ୍ନ ଖଇରା କଲେଜ୧୯୯୮ ବ୍ୟାଚ ଗ୍ରାଜୁଏଟଙ୍କର ଏକ ବନ୍ଧୁମିଳନ ଉତ୍ସବ ରବିବାର ଦିନ ଖଇରା ଇଣ୍ଡେନ ଗ୍ୟାସ କାର୍ଯ୍ୟାଳୟ ପରିସରରେ ଅବିନାଶ ମହାନ୍ତିଙ୍କ ପ୍ରତ୍ୟକ୍ଷ ତତ୍ୱାବଧାନରେ ଅନୁଷ୍ଠିତ ହୋଇ ଯାଇଛି। ପବିତ୍ର ଖିଲାରଙ୍କ ସଭାପତିତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଖଇରା କଲେଜର ପ୍ରାକ୍ତନ ଓଡିଆ ପ୍ରଧାପକ ଲକ୍ଷ୍ମଣ ଶତପଥୀ, ଇଂରାଜୀ ଅଧାପକ ବନମାଳୀ ବାରିକ, ରାଜନୀତି ବିଜ୍ଞାନ ଅଧାପକ ଆର୍ତ୍ତବନ୍ଧୁ ନାୟକ, ପ୍ରାଧାପକ ଡ ଗୋପବନ୍ଧୁ ମହାପାତ୍ର ପ୍ରମୁଖ ଅତିଥି ଭାବେ ଯୋଗ ଦେଇ ଥିଲେ। ରଞ୍ଜନ କୁମାର ମହଲା ମଞ୍ଚ ପରିଚାଳନା କରିଥିଲେ।

## ରକ୍ତଦାନ ଶିବିର, ୪୪ ୟୁନିଟ୍ ସଂଗୃହୀତ



ନୀଳଗିରି, ୮।୬(ସମିସ): ନୀଳଗିରିସ୍ଥିତ ଅଗ୍ରଣୀ ଶିକ୍ଷାନୁଷ୍ଠାନ ଡିଭାଇନ ଶିକ୍ଷାନୁଷ୍ଠାନ ଏବଂ ଚାରିଟେବୁଲ ଟ୍ରଷ୍ଟ ପକ୍ଷରୁ ଆଜି ବିଶାଳ ରକ୍ତ ଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ନୀଳଗିରି ଉପଖଣ୍ଡ ଏସଡିପିଓ ପ୍ରମୋଦ କୁମାର ମଲ୍ଲିକ ଶିବିରକୁ ଉଦଘାଟନ କରିଥିଲେ। ନୀଳଗିରି ଉପଖଣ୍ଡ ରକ୍ତ ଭଣ୍ଡାରର ଅଧିକାରୀ ଡାକ୍ତର ତ୍ରିନାଥ ପାଲ ଉପସ୍ଥିତିରେ ରକ୍ତ ସଂଗ୍ରହ କରାଯାଇଥିଲା । ଏଥିରେ ନୀଳଗିରି ଡାକ୍ତର ଖାନାର ନର୍ସ ମଞ୍ଜରୀ ବେହେରା, ଏଲଟି ରାଜେଶ କୁମାର ଦାସ, ସରୋଜ କୁମାର ପସା, ଡିଆଇଏମ ସଂଗ୍ରାମ ମହାପାତ୍ର ଓ ଡ୍ରାଇଭର ରାଜେନ୍ଦ୍ର ବେହେରା ପ୍ରମୁଖ ଉପସ୍ଥିତ ରହି ସ୍ୱେଚ୍ଛାସେବୀଙ୍କ ପାଖରୁ ରକ୍ତ ସଂଗ୍ରହ କରିଥିଲେ। ଡିଭାଇନ ଟ୍ୟୁଟୋରିଆଲ୍‌ର ପରିଚାଳକ ତଥା ଡିଭାଇନ ଶିକ୍ଷାନୁଷ୍ଠାନ ଏବଂ ଚାରିଟେବୁଲ ଟ୍ରଷ୍ଟର ସମ୍ପାଦକ ସୁଶାନ୍ତ କୁମାର ମହାପାତ୍ର ଉପସ୍ଥିତିରେ ଏହି ରକ୍ତ ଦାନ ଶିବିରକୁ ପରିଚାଳନା କରିଥିଲେ। ଶିବିରରେ ମୋଟ ୪୪ ୟୁନିଟ ରକ୍ତ ସଂଗ୍ରହ କରାଯାଇଥିଲା ।

## ଶ୍ରମିକ ବଦଳରେ ଜେସିବି କରୁଛି ମନରେଗା କାମ



ଔପଦା, ୮।୬(ସମିସ) : ଔପଦା ବ୍ଲକରେ ମନରେଗା ପୋଖରୀ ଖୋଳା କାର୍ଯ୍ୟରେ ବ୍ୟାପକ ଦୁର୍ନୀତି ଅଭିଯୋଗ। ଜେସିବି ମେସିନ ପାଲଟିଛି ଶ୍ରମିକ। ଫଳକ ନ ଲଗାଇ ବେଧଡକ ଭାବେ ଜେସିବି ମେସିନିରେ ଚାଲିଛି ପୋଖରୀ ଖୋଳା। ଏଭଳି ସ୍ଥିତି ଦେଖିବାକୁ ମିଳିଛି ବାଲେଶ୍ୱର ଜିଲ୍ଲା ଔପଦା ବ୍ଲକ ତଳକିଆ ପଞ୍ଚାୟତ ଦରଖୋଳି ଗ୍ରାମରେ। ଦରଖୋଳି ନୋଡାଲ ହାଇସ୍କୁଲ ସମ୍ମୁଖ ପୋଖରୀରେ ଦୁଇ ଦିନ ଧରି ଜେସିବି ମେସିନରେ ଖୋଳା ଚାଲିଛି। ଏହି ପୋଖରୀ ନାଁ ରେ ମନରେଗା ରେ ୫ ଲକ୍ଷ ଟଙ୍କା ଅନୁମୋଦନ ହୋଇଛି। ହୁଏତ ଫଳକ ଲଗାଇଲେ ଲୋକ ଲୋଚନକୁ ଆସିବ ସେଥିପାଇଁ ଆଗୁଆ ଖୋଳା ଚାଲିଛି। କାହା ଇଙ୍ଗିତରେ ବେଧଡ଼ ଭାବେ କିଏ ଏ ପ୍ରକାର ପୋଖରୀ ଖୋଳା ଚଳାଇଛି ତାହା ସାଧାରଣ ରେ ପ୍ରଶ୍ନ ସୃଷ୍ଟି ହୋଇଛି। ଏ ସମ୍ପର୍କରେ ବ୍ଲକ ପ୍ରଶାସନ ପାଖରେ କୌଣସି ସୂଚନା ନାହିଁ ବୋଲି ବିଭାଗୀୟ କନିଷ୍ଠ ଯନ୍ତ୍ରୀ ଓ ସହକାରୀ ନିର୍ବାହୀ ଯନ୍ତ୍ରୀ କହିଛନ୍ତି।

## ମନ୍ଦିରରୁ ଚୋରି ଅଭିଯୋଗ

ସୋର, ୮।୬ (ସମିସ): ସୋର ବ୍ଲକ ବାଳଙ୍ଗ ପଞ୍ଚାୟତ ଜହ୍ନିଆ ଗ୍ରାମର ଶିବ ମନ୍ଦିରରୁ ଗତକାଲି ବିଳମ୍ବିତ ରାତିରେ ଚୋରି ହୋଇଥିବା ନେଇ ଅନନ୍ତପୁର ଫାଣ୍ଡିରେ ଅଭିଯୋଗ ହୋଇଛି। ଆଜି ସକାଳେ ମନ୍ଦିର ପୂଜକ ପୂଜା କରିବାକୁ ଆସିଥିବା ବେଳେ ମନ୍ଦିରର ଭଙ୍ଗା ଯାଇଥିବା ଦେଖିବାକୁ ପାଇଥିଲେ। ଭିତରେ ଶିବ ଲିଙ୍ଗ ନିକଟରେ ଥିବା ୧୪ କିଲୋ ଓଜନର ଦୁଇଟି ତମ୍ବା ନାଗ ସହ ୬ ଶହ ଗ୍ରାମର ରୁପା ଅଳଙ୍କାର ଓ ଦାନ ବାକ୍ସ ଭଙ୍ଗାଯାଇ ୫ ହଜାରରୁ ଉଦ୍ଧ୍ୱର୍ ଟଙ୍କା ଚୋରି ହୋଇଥିବା ଜାଣିବାକୁ ପାଇଥିଲେ। ଏ ବାବଦରେ ପୂଜକ ଗ୍ରାମବାସୀଙ୍କୁ ଅବଗତ କରିବା ପରେ ଗ୍ରାମବାସୀ ଅନନ୍ତପୁର ଫାଣ୍ଡି ପୁଲିସକୁ ଖବର ଦେଇଥିଲେ। ଖବର ପାଇ ଅନନ୍ତପୁର ଫାଣ୍ଡି ପୁଲିସ ଘଟଣାସ୍ଥଳରେ ପହଞ୍ଚି ଘଟଣାର ତଦନ୍ତ କରି ଫେରି ଯାଇଥିଲେ। ପରେ ଏ ବାବଦରେ ଗ୍ରାମବାସୀ ଏବଂ ପୂଜକ ଅଭିଯୋଗ କରିବା ପରେ ପୁଲିସ ଏକ ମାମଲା ରୁଜୁ କରି ଘଟଣାର ଅଧିକ ତଦନ୍ତ ଆରମ୍ଭ କରିଥିବା ଜଣାପଡ଼ିଛି

## ଆଖଡ଼ା ଶୋଭାଯାତ୍ରାବେଳେ ଆକ୍ରମଣ, ୩ ଗୁରୁତର



ସୋର, ୮।୬ (ସମିସ): ଗତକାଲି ଇଦ ଉଲ ଜୁହା ପାଳନ ଅବସରରେ ସୋର ପୌର ପାଳିକାରେ ଆଖଡ଼ା ଶୋଭାଯାତ୍ରା ଚାଲିଥିବା ବେଳେ ଗଣ୍ଡଗୋଳ ହେବା ଫଳରେ ୩ ଜଣ ଗୁରୁତର ଆହତ ହୋଇଥିଲେ। ଅଭିଯୋଗ ଅନୁସାରେ ଇଟୁଆ ଗ୍ରାମର ସେକ ରହେମାନ, ଦିଦାର ଖାନ ଏବଂ ପଠାଣ ମହଲ୍ଲା ଗ୍ରାମର ରିୟାଜ ଖାନ ଛତ୍ରପୁର ଛକ ନିକଟରେ ଆଖଡ଼ା ଶୋଭାଯାତ୍ରା ଦେଖୁଥିବା ବେଳେ କାଶୀପୁର ଗ୍ରାମର ୩ ଜଣ ଯୁବକ ଖଣ୍ଡା, ହକି ଷ୍ଟିକରେ ହଠାତ ଆକ୍ରମଣ କରିଥିଲେ। ଫଳରେ ସମସ୍ତଙ୍କ ମୁଣ୍ଡରେ ଗଭୀର କ୍ଷତ ସୃଷ୍ଟି ହେବା ସହିତ ସମସ୍ତେ ଗୁରୁତର ଆହତ ହୋଇଥିଲେ। ସ୍ଥାନୀୟ ଲୋକେ ସମସ୍ତଙ୍କୁ ଉଦ୍ଧାର କରି ସୋର ମେଡିକାଲରେ ଭର୍ତ୍ତି କରିଥିଲେ। ସେଠାରେ ଦିଦାରର ଅବସ୍ଥା ଅତି ଗୁରୁତର ଥିବାରୁ ଡାକ୍ତର ତାଙ୍କୁ ବାଲେଶ୍ୱର ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରିଥିଲେ। ଆଜି ଅପରାହ୍ନରେ ସମସ୍ତେ ମେଡିକାଲରୁ ଚିକିତ୍ସିତ ହୋଇ ଫେରିବା ପରେ ସେକ ରହେମାନ ସୋର ଥାନାରେ ଅଭିଯୋଗ କରିଛନ୍ତି। ଅଭିଯୋଗ ମୂଳେ ପୁଲିସ ଘଟଣାର ତଦନ୍ତ ଆରମ୍ଭ କରିଛି।

## ବିକଶିତ କୃଷି ସଂକଳ୍ପ ଅଭିଯାନ କାର୍ଯ୍ୟକ୍ରମ

ସୋର, ୮।୬ (ସମିସ)



କୃଷି ବିଭାଗ ତରଫରୁ ସୋର ବ୍ଲକ ଅନନ୍ତପୁର ଗ୍ରାମରେ ବିକଶିତ କୃଷି ସଂକଳ୍ପ ଅଭିଯାନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏଥିରେ ଆଇସିଏଆର ର ଡ଼. ଏସ. ପ୍ରଧାନ, କେଭିକେ ଡ. କମଳାକାନ୍ତ ବେହେରା, ଡ. ନିରୋଜ କୁମାର ଜେନା, ଏଫଏଆଇସି ଚେୟାରମ୍ୟାନ ଗିରିଧାରୀ ବେହେରା, ଏଏଫଓ ସନ୍ଧ୍ୟାରାଣୀ ମୁର୍ମୁ, ଏଏଓ ସୁବାସିନୀ କର, ଏଓଓ ଚିତ୍ତରଞ୍ଜନ ସେଠୀ, ଜିଲ୍ଲା ପରିଷଦ ସଭ୍ୟ ଜୟରାମ ଦାସ, ଏଟିଏମ ସୁବାସ ଚନ୍ଦ୍ର ଦୀକ୍ଷିତ, ଭିଏଡବ୍ଲୁ ହରେକୃଷ୍ଣ ରଣା ପ୍ରମୁଖ ଯୋଗଦେଇ ଚାଷୀ ମାନଙ୍କୁ ଚାଷର ବିଭିନ୍ନ ଦିଗରେ ପ୍ରଶିକ୍ଷଣ ଦେଇଥିଲେ। ସେହିପରି ଅପରାହ୍ନରେ ମଧୁସୂଦନପୁର ପଞ୍ଚାୟତରେ ଅନୁରୂପ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏଥିରେ ଉପରୋକ୍ତ ସମସ୍ତ କୃଷି ଅଧିକାରୀଙ୍କ ସମେତ ପଞ୍ଚାୟତ ସରପଞ୍ଚ ମାଳତୀଲତା ଜେନା, ସମିତି ସଭ୍ୟା ସରୋଜିନୀ ଦାସ, ଭିଏଡବ୍ଲୁ ଝରଣା ବେହେରା, ଏଚଇଡବ୍ଲୁ ଗିରିଜା ଶଙ୍କର ପଣ୍ଡା ଉପସ୍ଥିତ ଥିଲେ। ଏହି କାର୍ଯ୍ୟକ୍ରମକୁ ସୋର ଜିଲ୍ଲା କୃଷି ବିଭାଗର ସମସ୍ତ କର୍ମଚାରୀ ମାନେ ପରିଚାଳନା କରିଥିବା ବେଳେ ଉଭୟ କାର୍ଯ୍ୟକ୍ରମରେ ବ୍ଲକର ଦୁଇ ଶହ ପଚାଶରୁ ଉଦ୍ଧ୍ୱର୍ ଚାଷୀ ଯୋଗ ଦେଇଥିଲେ।

## ବାଇକ୍‌ରୁ ପଡ଼ି ଯୁବକ ମୃତ

ସିମୁଳିଆ, ୮।୬ (ସମିସ): ଭଦ୍ରକ ଜିଲ୍ଲା ବିଦେଇପୁର ପଞ୍ଚାୟତ ବିରସ ଗ୍ରାମର ବଂଶୀଧର ଜେନାଙ୍କ ପୁତ୍ର ସର୍ବେଶ୍ୱର ଜେନା ବାଇକ ଯୋଗେ ସିମୁଳିଆ ବ୍ଲକ ଅଧିନସ୍ଥ କନେଇଁ ବିନ୍ଧା ପଞ୍ଚାୟତର ତାଙ୍କ ମାମୁ ଘରକୁ ଆସୁଥିଲା ବେଳେ ଦଧିବାମନପୁର ଛକ ନିକଟସ୍ଥ ରାଧା କୃଷ୍ଣ ମନ୍ଦିର ନିକଟରେ ଭାରସାମ୍ୟ ହରାଇ ହୁଣ୍ଡି ବାକ୍ସକୁ ଧକ୍କା ଦେଇ ନିକଟ ଏକ ଗଡିଆ ରେ ଛିଟିକି ପଡ଼ିଥିଲେ। ସ୍ଥାନୀୟ ଲୋକେ ତାଙ୍କୁ ଉଦ୍ଧାର କରି ଆମ୍ବୁଲାନ୍ସକୁ ଖବର ଦେଇଥିଲେ। ହେଲେ ଆମ୍ବୁଲାନ୍ସ ଆସିବାରେ ବିଳମ୍ବ ହେବାରୁ ଅଟୋ ଯୋଗେ ସିମୁଳିଆ ଡାକ୍ତରଖାନାକୁ ନେଇଥିଲେ। ସେଠାରେ ଡାକ୍ତର ସର୍ବେଶ୍ୱରକୁ ମୃତ ଘୋଷଣା କରିଥିଲେ।

# ପଟିଦିଅାଁ ଅଙ୍କନ ଉତ୍ସବ; ପଟିରେ ଲାଗିଲା ରଙ୍ଗ

● ଆକର୍ଷିତ କଲା ଦାସକାଠିଆ ଓ ଓଡ଼ିଶୀ ନୃତ୍ୟ




ବାଲେଶ୍ୱର, ୮।୬(ସମିସ): ୧୧ତମ ପଟିଦିଅାଁ ଅଙ୍କନ ଉତ୍ସବର ଦ୍ୱିତୀୟ ଦିବସରେ ଚିତ୍ରକରମାନେ ପଟିରେ ଅନନ୍ତ ବାସୁଦେବ, ଅନନ୍ତ ନାରାୟଣ ଓ ଭୁବନେଶ୍ୱରୀଙ୍କ ରେଖାଚିତ୍ର ଆଙ୍କିବା ପରେ ରଙ୍ଗ ଲଗାଯାଇଛି। ସନ୍ଧ୍ୟାରେ ସଭା କାର୍ଯ୍ୟକୁ ଶିଳ୍ପୀ କେଶୁଦାସ ପରିଚାଳନା କରିଥିବାବେଳେ ଅରୁଣ ବାରିକ ମଞ୍ଚ ଆହ୍ୱାନ କରିଥିଲେ। ସମ୍ମାନିତ ଅତିଥି ଭାବରେ ନୋସିର ଉପସଭାପତି ସୁବ୍ରତ ନାୟକ, ଓଡିଶୀ ନୃତ୍ୟଗୁରୁ ଭାଗବତ ପାଣି, ସମାଜସେବୀ ବିଜୟ କୁମାର୍ ଆଚାର୍ଯ୍ୟ ଯୋଗ ଦେଇଥିବା ବେଳେ ଅଙ୍କିତ ଦାସ ଧନ୍ୟବାଦ ପ୍ରଦାନ କରିଥିଲେ। ସାଂସ୍କୃତିକ କାର୍ଯ୍ୟକ୍ରମରେ ବସ୍ତା ପଣ୍ଡରୁଙ୍ଗୀର ଦାସକାଠିଆ ଗାୟକ ଦମ୍ପତି ପୂର୍ଣ୍ଣଚନ୍ଦ୍ର ବେହେରା ଓ ଭବାନୀ ରାଣୀ ବେହେରା ଜଗନ୍ନାଥଙ୍କ ମାହାତ୍ମ୍ୟ ଦାସକାଠିଆ ମାଧ୍ୟମରେ ପରିବେଷଣ କରି ସମସ୍ତଙ୍କୁ ଆକର୍ଷିତ କରିଥିବା ବେଳେ ଦେବସ୍ମିତା ସେନ, ସାଇ ନିର୍ଝର ପାଣି, ରୀଶିତା ରାୟ ଦଳାଇ, ବୀଦିଶା ପଣ୍ଡା, ଲୋପାମୁଦ୍ରା ପାତ୍ର ପ୍ରମୁଖ ଓଡ଼ିଶୀ ନୃତ୍ୟ ପରିବେଷଣ କରିଥିଲେ। ନନ୍ଦିନୀ ବିଶ୍ୱାଳ, ଅଂଶିକା ମହାପାତ୍ର, ଅମ୍ରିତା ବେହେରା ପ୍ରମୁଖ ଲଘୁ ନୃତ୍ୟ ପରିବେଷଣ କରିଥିବା ବେଳେ ନନ୍ଦିନୀ ନାୟକ ଓ ନବୀନ ମଣ୍ଡଳ ଓ ପପୁନ ପ୍ରଧାନ ଜଗନ୍ନାଥ ଜଣାଣ ପରିବେଷଣ କରି ଦର୍ଶକଙ୍କୁ ମନ ମୋହିଥିଲେ।

# ବୀମା କର୍ମଚାରୀ ସଂଘ ପକ୍ଷରୁ ଅବସରକାଳୀନ ସମ୍ବର୍ଦ୍ଧନା




ବାଲେଶ୍ୱର,୮।୬(ସମିସ): ଭାରତୀୟ ଜୀବନ ବୀମା ନିଗମ ବାଲେଶ୍ୱର ଶାଖାର କର୍ମଚାରୀ ତଥା କଟକ ଡ଼ିଭିଜନ ବୀମା କର୍ମଚାରୀ ସଂଘର ଯୁଗ୍ମ ସମ୍ପାଦକ ବସନ୍ତ କୁମାର ମହାନ୍ତିଙ୍କୁ ଅବସରକାଳୀନ ବିଦାୟ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି। ଏଲଆଇସି ବାଲେଶ୍ୱର ଶାଖା କାର୍ଯ୍ୟାଳୟ ପରିସରରେ ଆୟୋଜିତ କାର୍ଯ୍ୟକ୍ରମରେ ଶାଖାର ମୁଖ୍ୟ ପ୍ରବନ୍ଧକ ସୁନମୟ ଚକ୍ରବର୍ତ୍ତୀ, ରେମୁଣାର ପୂର୍ବତନ ବିଧାୟକ ସୁଧାଂଶୁ ଶେଖର ପରିଡ଼ା ଓ ସୁଦର୍ଶନ ନୋ, କୋରେଇର ପୂର୍ବତନ ବିଧାୟିକା ସଞ୍ଚିତା ମହାନ୍ତି,ରେମୁଣା ବ୍ଲକର ପୂର୍ବତନ ଅଧକ୍ଷ ସୁଶାନ୍ତ ପଟ୍ଟନାୟକ, ଅଲ ଓଡ଼ିଶା ଏଲଆଇସି ପେନସନର୍ସ ଆସୋସିଏସନର ସଧାରଣ ସମ୍ପାଦକ ମାନଗୋବିନ୍ଦ ବାରିକ, ପ୍ରଥମ ଶ୍ରେଣୀ କର୍ମଚାରୀ ସଂଘର ସମ୍ପାଦକ ଗିରିଜା ଶଙ୍କର ବେହେରା ପ୍ରମୁଖ ବରେଣ୍ୟ ଅତିଥି ଭାବେ ଯୋଗଦେଇ ଅବସର ନେଉଥିବା ଶ୍ରୀ ମହାନ୍ତିଙ୍କ ସଫଳ ତଥା ଦୀର୍ଘ କାର୍ଯ୍ୟକାଳ ସମୟର ନିଃସ୍ୱାର୍ଥପର ବ୍ୟକ୍ତିତ୍ୱ ସମ୍ପର୍କରେ ଆଲୋଚନା କରିଥିଲେ। ଏହି ଅବସରରେ ଏଲଆଇସି କର୍ମଚାରୀ ସଂଘ ସମେତ ସଂଗଠନ ପକ୍ଷରୁ ଶ୍ୟାମସୁନ୍ଦର ଜେନା, ରସାନନ୍ଦ ଦାସ, ଭାବଗ୍ରାହୀ ପ୍ରତିହାରୀ, ଦାମୋଦର ନାୟକ ତଥା ବିଭିନ୍ନ ଜିଲ୍ଲା ଶାଖା କାର୍ଯ୍ୟାଳୟ ପକ୍ଷରୁ ଶ୍ରୀ ମହାନ୍ତିଙ୍କୁ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଥିଲା। କଟକ ଡ଼ିଭିଜନ ବୀମା କର୍ମଚାରୀ ସଂଘର ସଭାପତି ଡ. ସନ୍ତୋଷ କୁମାର ମହାପାତ୍ର କାର୍ଯ୍ୟକ୍ରମରେ ଅଧକ୍ଷତା କରିଥିବା ବେଳେ ସାଧାରଣ ସମ୍ପାଦକ ଅଭୟ ଦାସ ପ୍ରାରମ୍ଭିକ ସୂଚନା ଦେଇଥିଲେ। ସଂଘର ବାଲେଶ୍ୱର ଶାଖା ସଭାପତି ବସନ୍ତ କୁମାର ପୁହାଣ ଧନ୍ୟବାଦ ଦେଇଥିଲେ।

## ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ରୋଗୀସେବା ବିପର୍ଯ୍ୟସ୍ତ ପ୍ରସଙ୍ଗ

# ଡିଏଚ୍ଏଚ୍ ମାନ୍ୟତା ପୂର୍ବପରି ବଜାୟ ରହୁ

ବାଲେଶ୍ୱର, ୮।୬ (ସମିସ)



ଜିଲ୍ଲା ମୁଖ୍ୟ ଚିକିତ୍ସାଳୟର ସ୍ଥିତି ହଜିବାକୁ ବସିଲାଣି। ମେଡିକାଲ କଲେଜ ଓ ମୁଖ୍ୟ ଚିକିତ୍ସାଳୟର ବ୍ୟବସ୍ଥା ନେଇ ହନ୍ତସନ୍ତ ହେଲେଣି ରୋଗୀ। ଡିଏଚଏଚରୁ ମେଡିକାଲ କଲେଜ ଓ ହସପିଟାଲ ସମ୍ପୂର୍ଣ୍ଣ ଅଲଗା ହେବା ଫଳରେ ରୋଗୀ ଶୋଷଣ ହୋଇ ଘରୋଇ ନର୍ସିଂ ହୋମ୍‌କୁ ଚିକିତ୍ସା ପାଇଁ ଯାଉଛନ୍ତି। ବର୍ତ୍ତମାନ ଓଟି ବ୍ୟବସ୍ଥା ସେଟ୍ ଅପ୍ ହୋଇନଥିବାରୁ ସାଧାରଣ ରୋଗୀ ବାଧହୋଇ ଖର୍ଚ୍ଚାନ୍ତ ହେଉଛନ୍ତି। ଏପରି ସ୍ଥିତିରେ ନର୍ସିଂ ହୋମ୍‌କୁ ମାଲେମାଲ କରିବାକୁ ସୁଯୋଗ ମିଳିଗଲା। କାରଣ ଡାକ୍ତରମାନେ ରୋଗୀଙ୍କୁ ନର୍ସିଂ ହୋମ୍ ଏବଂ ରାଜଧାନୀ ରେଫର୍ କରୁଥିବା ନେଇ ଅଭିଯୋଗ ହେଉଛି। ୦ପ୍ ହେଲାଣି ରୋଗୀ ସେବା। ରାଜ୍ୟ ସରକାରଙ୍କ ସ୍ଥାଣୁତା ନେଇ ବଢୁଛି ଅସନ୍ତୋଷ। ୮ ବର୍ଷ ଧରି ଏକାଠି ଚାଲୁଥିଲା ମେଡିକାଲ କଲେଜ୍ ଓ ମୁଖ୍ୟ ଚିକିତ୍ସାଳୟ। ଏବେ ମେଡିକାଲ କଲେଜ୍ ନିଜ କ୍ୟାମ୍ପସ ରେମୁଣାକୁ ସମସ୍ତ ବିଭାଗ ସ୍ଥାନାନ୍ତର ହେବା ସହ ମୁଖ୍ୟ ଚିକିତ୍ସାଳୟରୁ ଯନ୍ତ୍ରପାତି ଓ ବୈଷୟିକ କର୍ମଚାରୀଙ୍କୁ କାଢ଼ି ନିଆଯାଉଛି। ମୁଖ୍ୟ ଚିକିତ୍ସାଳୟକୁ ବାଲେଶ୍ୱର ମେଡିକାଲ କଲେଜକୁ ସ୍ଥାନାନ୍ତର ହେଉଥିବାରୁ ମିଳୁନି ରୋଗୀଙ୍କୁ ସ୍ୱାସ୍ଥ୍ୟସେବା। ଏଥିପାଇଁ ବିଶେଷକରି ବାଲେଶ୍ୱର ସହରରେ ରହୁଥିବା ଲକ୍ଷାଧିକ ଲୋକ ଅଧିକ କ୍ଷତିଗ୍ରସ୍ତ ହେଉଛନ୍ତି। ଏତେ ତରବରିଆ ଭାବେ ବିକଳ୍ପ ପରିଚାଳନା ବ୍ୟବସ୍ଥା ନ କରି ଅଧିକାଂଶ ବିଭାଗକୁ ମେଡିକାଲ କଲେଜକୁ ସ୍ଥାନାନ୍ତରିତ କରିବା ପଛରେ କେଉଁ ଅଦୃଶ୍ୟ ଶକ୍ତିର ହାତ ରହିଛି ଜନସାଧାରଣ ଜାଣିବା ଉଚିତ। ଅନ୍ୟପଟେ ମେଡିକାଲ କଲେଜରେ ଆଇସିୟୁ ନାହିଁ, ଅର୍ଥୋପେଡିକ ୱାର୍ଡ ଚତୁର୍ଥ ମହଲାରେ ଅଛି ଓ ସେଠି ଲିଫ୍ଟ ନାହିଁ, ଏକ୍ସରେ ନାହିଁ।

## କ'ଣ କହୁଛନ୍ତି ଏମାନେ...



ବର୍ତ୍ତମାନ ପ୍ରାୟ ସବୁ ବିଭାଗ ଡିଏଚଏଚରୁ ଉଠିଗଲାଣି। ବାଲେଶ୍ୱର ସହରରେ ପାଖାପାଖି ଦେଢ ଲକ୍ଷ ଲୋକ ରହୁଛନ୍ତି। ଯଦି ତାର ଆଖପାଖ ଅଞ୍ଚଳକୁ ମିଶାଇବା ତାହେଲେ ପାଖାପାଖି ତିନି ଲକ୍ଷ ଲୋକ ବାଲେଶ୍ୱର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ଉପରେ ନିର୍ଭର କରନ୍ତି। ଯେହେତୁ ଏବେ ଚିକିତ୍ସା ବ୍ୟବସ୍ଥା ସମ୍ପୂର୍ଣ୍ଣ ଭାବେ ବାଧାପ୍ରାପ୍ତ ହୋଇଛି ତେଣୁ ରୋଗୀମାନଙ୍କୁ ପ୍ରାଇଭେଟ୍ କ୍ଲିନିକ ଯିବାକୁ ବାଧ କରାଯାଉଛି। ଏଥିପାଇଁ ଜିଲ୍ଲାପାଳ, ସିଡିଏମଓ ଏବଂ ବର୍ତ୍ତମାନର ସରକାରୀ ଏବଂ ବିରୋଧୀ ଦଳ ସମସ୍ତେ ଯଦି ପ୍ରଚେଷ୍ଟା କରିବେ ତେବେ ଚିକିତ୍ସା କ୍ଷେତ୍ରର ଭୟାବହ ପରିସ୍ଥିତିର ସମାଧାନ ହୋଇପାରିବ। କିନ୍ତୁ କିଛି ବିକଳ୍ପ ବ୍ୟବସ୍ଥା ନକରି ଏପରି ସବୁ ଜିନିଷପତ୍ର ନେଇଯିବା ଅତ୍ୟନ୍ତ ଦୁଃଖଦାୟକ ଘଟଣା।

**ସାହିରୁଲ ହକ୍, ଆଇନଜୀବୀ**



ଆମ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟର ମାନ୍ୟତା ପୂର୍ବ ପରି ରହିବ। ବର୍ତ୍ତମାନ ପାଇଁ ଟିକେ ଅସୁବିଧା ଉପୁଜିବ। କାରଣ ଡାକ୍ତର, କର୍ମଚାରୀ, ନର୍ସ ପ୍ରମୁଖ ଅଭାବ ଅଛନ୍ତି। କିନ୍ତୁ ଯେତେବେଳେ ମେଡିକାଲ କଲେଜ ସମ୍ପୂର୍ଣ୍ଣ ଭାବେ ଆରମ୍ଭ ହୋଇଯିବ ସେତେବେଳେ ଲୋକ ବି ସେବା ଠିକ୍ ଭାବେ ନିଶ୍ଚୟ ପାଇବେ। ଯେମିତି କଟକରେ ଏସବିବି ଓ ହସ୍ପିଟାଲର ଚାଲିଛି ସେମିତି ବାଲେଶ୍ୱରରେ ମଧ୍ୟ ମେଡିକାଲ କଲେଜ ଓ ମୁଖ୍ୟ ଚିକିତ୍ସାଳୟ ଚାଲିବ। ହଠାତ୍ ସବୁ ସ୍ଥାନାନ୍ତର ପାଇଁ ରୋଗୀସେବା ବାଧାପ୍ରାପ୍ତ ହୋଇଛି। କିନ୍ତୁ ସମୟକ୍ରମେ ଏହା ଦୂର ହୋଇଯିବ।

**ଡା. ମୃତ୍ୟୁଞ୍ଜୟ ମିଶ୍ର, ଅବସରପ୍ରାପ୍ତ ଏଡିଏମଓ**



ବିଗତ ଦିନରେ ଯେଉଁଠି ମେଡିକାଲ କଲେଜ ସବୁ ହୋଇଛି ସେଠାରେ ବିଭିନ୍ନ ପ୍ରକାର ଅସୁବିଧା ଦେଖାଦେଇଛି। କିନ୍ତୁ ବାଲେଶ୍ୱରରେ ଯେହେତୁ ଆମେ ମେଡିକାଲ କଲେଜ ସହ ଏତେ ଜଡିତ ନାହୁଁ, ସେଥିପାଇଁ ସରକାର ଟିକେ ଯତ୍ନଶୀଳ ହେବାର ଆବଶ୍ୟକତା ଅଛି। ମେଡିକାଲ କଲେଜ ଓ ହସପିଟାଲର ସମସ୍ତ ବିଭାଗ ସ୍ଥାନାନ୍ତର ପରେ ଡିଏଚ୍ଏଚ୍ ଭିତରେ ଯେଉଁ ଦୂରତା ରହୁଛି, ଏହାକୁ ପୂରଣ ପାଇଁ ଜିଲ୍ଲା ପ୍ରଶାସନ ତଥା ସରକାର ଆନ୍ତରିକ ଉଦ୍ୟମ କରନ୍ତୁ। ଲୋକଙ୍କୁ ଏନେଇ ସଚେତନ କରାଯାଉ ଏବଂ ଡିଏଚ୍ଏଚ୍‌ର ମାନ୍ୟତା ବଜାୟ ରହୁ। ମେଡିକାଲ କଲେଜ ହେବା ପୂର୍ବରୁ ଯେମିତି ଚିକିତ୍ସା ଚାଲିଥିଲା ସେମିତି ରହୁ ଏବଂ ତାହାର ମାନ୍ୟତା ରଖିବାର ଆବଶ୍ୟକତା ରହିଛି। ଭୌଗୋଳିକ ଦୃଷ୍ଟିକୋଣରୁ ସମସ୍ତଙ୍କୁ ଚିକିତ୍ସା ପାଇବାରେ ଏଠାରେ ସୁବିଧା ହେଉଥିଲା।

**ବିକ୍ରମ ପଣ୍ଡା, ସମାଜସେବୀ**



ବର୍ତ୍ତମାନ ସହରବାସୀ ତଥା ସହରକୁ ଲାଗି ପାଖାପାଖି ପଞ୍ଚାୟତ ଗୁଡିକ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। କାରଣ ମେଡିକାଲ କଲେଜ ସହରଠୁ ବହୁତ ଦୂର। ହଠାତ କୌଣସି ରୋଗରେ ଆକ୍ରାନ୍ତ ହେଲେ ସଙ୍ଗେ ସଙ୍ଗେ ଚିକିତ୍ସିତ ହେବା କଷ୍ଟସାଧ ହେଉଛି। ସେମାନେ ବାଧହୋଇ ସହରରେ ଥିବା ବିଭିନ୍ନ ପ୍ରାଇଭେଟ ନର୍ସିଂ ହୋମ୍‌କୁ ଯାଉଛନ୍ତି। ଏହା ଦ୍ୱାରା ଗରିବ ଶ୍ରେଣୀ ଓ ମଧ୍ୟବିତ୍ତ ପରିବାରର ଲୋକ ମାନେ ବହୁତ ହଇରାଣର ସମ୍ମୁଖୀନ ହେଉଛନ୍ତି। ତେଣୁ ଆମେ ସରକାରଙ୍କୁ ନିବେଦନ କରୁଛୁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ସମସ୍ତ ପ୍ରକାରର ସୁବିଧା ଯୋଗେଇ ଦିଆଯାଉ।

**ଭାରତ ଭୂଷଣ ଦାସ, ସମ୍ପାଦକ, ପ୍ରଗତି ମଞ୍ଚ**



ମିଳିତ ସହଯୋଗରେ ଏ ଦିଗରେ ସମାଧାନର ବାଟ ବାହାର କରିବା ଦରକାର। ରାଜନୈତିକ ଲୋକ, ସାମାଜିକ କର୍ମୀ, ସଚେତନ ନାଗରିକ ଏବଂ ଜିଲ୍ଲା ପ୍ରଶାସନ ସ୍ୱାସ୍ଥ୍ୟସେବା ଦିଗରେ ଚିନ୍ତା କରିବା ଆବଶ୍ୟକ। ବର୍ତ୍ତମାନ ଜିଲ୍ଲାରେ ସ୍ୱାସ୍ଥ୍ୟବସ୍ଥା ୦ପ୍ ହୋଇଯାଇଛି। ସ୍ୱାସ୍ଥ୍ୟ ବିଭାଗ ସୁପରିଚାଳନା ପାଇଁ ଏକ ଜିଲ୍ଲାସ୍ତରୀୟ କମିଟି ଗଠନ ହେବା ଦରକାର। ଏଥିରେ ସବୁ ବର୍ଗର ଲୋକଙ୍କୁ ସାମିଲ କରିବା ଆବଶ୍ୟକ। ଆମ ଜିଲ୍ଲାର ଚିକିତ୍ସା ସେବା କେତେ ସୁନ୍ଦର ହୋଇପାରିବ ସେଥିପାଇଁ ସମସ୍ତଙ୍କ ଅଧିକାର ଅଛି ମତ ରଖିବାର। ସମସ୍ତଙ୍କ ମତ ନିଆଯାଇ ଜିଲ୍ଲାର ସ୍ୱାସ୍ଥ୍ୟ ସେବା ଓ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ସୁପରିଚାଳନା ପାଇଁ ପଦକ୍ଷେପ ଗ୍ରହଣ କରାଯାଉ।

**ରାଜେନ୍ଦ୍ର ରାଉତ, ବ୍ୟବସାୟୀ**



ଆମର ଯେଉଁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ଥିଲା ତାହା ଚାଲୁ ରହୁ। ସରକାରଙ୍କ ଗାଇଡ ଲାଇନ୍ ଅନୁସାରେ ଡିଏଚଏଚ ମାନ୍ୟତା ଦରକାର। ସେହି ଅନୁସାରେ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ସମସ୍ତ ଭିତ୍ତିଭୂମି ତ ଅଛି। କେବଳ ଡାକ୍ତର, ନର୍ସ, କର୍ମଚାରୀ ଏବଂ ସରଞ୍ଜାମ ଦରକାର। ସେସବୁ ବ୍ୟବସ୍ଥା କରାଯାଉ। ନହେଲେ କେବଳ ଆଉଟଡୋର୍ ରଖିଲେ ଲୋକ ସ୍ୱାସ୍ଥ୍ୟସେବା କେମିତି ପାଇବେ। ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ସମ୍ପୂର୍ଣ୍ଣ ବ୍ୟବସ୍ଥା କରାଯାଉ। ଫଳରେ ମେଡିକାଲ କଲେଜ ଉପରେ ବି ଅଧିକ ଲୋଡ୍ ପଡିବନି। ବାଲେଶ୍ୱର ପାଇଁ ମେଡିକାଲ କଲେଜ ହେବାର ଆବଶ୍ୟକତା ଥିଲା। ତା' ଅର୍ଥ ନୁହେଁ ଯେ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ଅବସ୍ଥା ଖରାପ ନ ହେଉ।

**ଗିରିଜା ଶଙ୍କର ଦାସ, ସଚେତନ ନାଗରିକ**

# ଇନୋଭେଟିଭ୍ କ୍ଲାସେସ୍‌ର ମହାମିଳନ ପର୍ବ






ବାଲେଶ୍ୱର, ୮।୬(ସମିସ): ନୂତନ ସମାଜ ଗଠନରେ ପରିମାର୍ଜିତ ଶିକ୍ଷକ ହିଁ ମୁଖ୍ୟ ବିଧାଣୀ ବୋଲି ସଦର ବ୍ଲକ ଅନ୍ତର୍ଗତ ଇନୋଭେଟିଭ୍ କ୍ଲାସେସ୍ ଦ୍ୱାରା ଆୟୋଜିତ ମହାମିଳନ ପର୍ବ କାର୍ଯ୍ୟକ୍ରମରେ ଅତିଥିମାନେ ମତବ୍ୟକ୍ତ କରିଥିଲେ। ଉତ୍ତର ଓଡ଼ିଶାରେ ବିଗତ ଷୋହଳ ବର୍ଷ ଧରି ବି. ଏଡ଼. ଶିକ୍ଷା ପ୍ରଦାନ କରୁଥିବା ଇନୋଭେଟିଭ୍ କ୍ଲାସେସ୍‌ର ଚେୟାରମ୍ୟାନ ତରୁଣ କୁମାର ପଣ୍ଡା ଓଡ଼ିଶାରେ ଭିନ୍ନ ଭିନ୍ନ ଜିଲ୍ଲାରେ ସରକାରୀ ବିଦ୍ୟାଳୟ ମାନଙ୍କରେ ସେବାରତ ଶିକ୍ଷକ ଶିକ୍ଷୟିତ୍ରୀମାନଙ୍କୁ ଏକତ୍ରିତ କରି ମହା ମିଳନର ପର୍ବ ଆୟୋଜିତ କରିଥିଲେ। ଆଜକୁ ପ୍ରାୟତଃ ଦଶ ହଜାରରୁ ଊର୍ଦ୍ଧ୍ୱର୍ ପିଲାଙ୍କ ମଧ୍ୟରୁ ଛଅ ହଜାରରୁ ଅଧିକ ଛାତ୍ର ରେଗୁଲାର ଶିକ୍ଷକ ଭାବେ ସେବାରତ ଥିବା ବେଳେ ଅନେକ ଏବେବି ଚାକିରୀ ସମ୍ଭାବ୍ୟରେ ଅଛନ୍ତି। ତେଣୁ ନିଜ କ୍ୟାରିୟର ତଥା ଶିକ୍ଷା ଗ୍ରହଣ କରିବା ପୂର୍ବରୁ ଉଚିତ ପରାମର୍ଶ ଏବଂ ଅନୁସନ୍ଧାନ କରିବା ଜରୁରୀ ବୋଲି ମଞ୍ଚାସୀନ ଅତିଥିମାନେ ମତବ୍ୟକ୍ତ କରିଥିଲେ। ଏହି ଅବସରରେ ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ବାଦଲ ଚନ୍ଦ୍ର ପାତ୍ର ମୁଖ୍ୟଅତିଥି, ଶିକ୍ଷକ ବସନ୍ତ ମଣ୍ଡଳ, ଶିକ୍ଷାବିତ୍ ଆଦିତ୍ୟ ନାରାୟଣ ଦାସ, ଶିକ୍ଷକ ଶ୍ରୀତମ ଦାସ, ଗୋବିନ୍ଦ ଚନ୍ଦ୍ର ସାହୁ ପ୍ରମୁଖ ଉପସ୍ଥିତ ଥିବାବେଳେ ଅନୁଷ୍ଠାନର ଚେୟାରମ୍ୟାନ ତରୁଣ କୁମାର ପଣ୍ଡା ଅଧକ୍ଷତା କରିଥିଲେ। ଅନୁଷ୍ଠାନର ପରିଚାଳନା ନିର୍ଦ୍ଦେଶକ ଜ୍ୟୋତି ପ୍ରକାଶ ମହାପାତ୍ର ମଞ୍ଚ ଆହ୍ୱାନ କରିଥିବା ବେଳେ ଶିକ୍ଷାବିତ ଅମୟ କୁମାର ଦାସ ମଞ୍ଚ ପରିଚାଳନା କରିଥିଲେ। ସ୍ୱତନ୍ତ୍ର ଅତିଥି ଭାବେ ଇନୋଭେଟିଭ୍ ଆବାସିକ ବିଦ୍ୟାଳୟର ନିର୍ଦ୍ଦେଶିକା ସଚଳା ମଣି ପଣ୍ଡା ଆମନ୍ତ୍ରିତ କୃତି ଶିକ୍ଷକ ଶିକ୍ଷୟିତ୍ରୀ ମାନଙ୍କୁ ଉତ୍ତରୀୟ, ଫଳକ ଓ ଫୁଲତୋଡ଼ା ଦେଇ ସମ୍ବର୍ଦ୍ଧିତ କରିଥିଲେ। ସଦସ୍ୟ ରାଜୀବ ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ। ହେମନ୍ତ ମଣ୍ଡଳ, ଭୁବନ ବେହେରା, ଗଣେଶ ପଣ୍ଡା ଏବଂ ମାନସୀ ପଣ୍ଡା କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

# ଜିଲ୍ଲା ଅବସରପ୍ରାପ୍ତ ରାଜ୍ୟ ସରକାରୀ କର୍ମଚାରୀଙ୍କ ଏଫ୍ଏମ୍‌ୟୁ ପରିଦର୍ଶନ

ବାଲେଶ୍ୱର, ୮।୬ (ସମିସ): ଜିଲ୍ଲା ଅବସରପ୍ରାପ୍ତ ରାଜ୍ୟ ସରକାରୀ କର୍ମଚାରୀ ସଂଘର କର୍ମକର୍ତ୍ତା ଫକୀରମୋହନ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ଡ. ସନ୍ତୋଷ କୁମାର ତ୍ରିପାଠୀଙ୍କ ନିମନ୍ତ୍ରଣ କ୍ରମେ ବିଶ୍ୱବିଦ୍ୟାଳୟ ପରିଦର୍ଶନରେ ଆସିଥିଲେ। ପ୍ରତିନିଧି ଦଳରେ ଅଧକ୍ଷ ଇଂ. ବନମାଳୀ ନାୟକ, ଉପାଧକ୍ଷ ସୁଦର୍ଶନ ଦାସ, ଦେବେନ୍ଦ୍ର ଚୌଧୁରୀ, ବାସନ୍ତୀ ପାଣି, ସାଧାରଣ ସମ୍ପାଦକ ଦାମୋଦର ନାୟକ, ସଂଗଠନ ସମ୍ପାଦକ ସଞ୍ଜୟ କୁମାର ପଣ୍ଡା, ସାଂସ୍କୃତିକ ସଂପାଦକ ଭାଗବତ ଦଳାଇ, ଯୁଗ୍ମ ସମ୍ପାଦିକା ସୁଶ୍ରୀ ସାବିତ୍ରୀ ଦାସ, ଉପଦେଷ୍ଟା ବସନ୍ତ ନାୟକ, ଜ୍ଞାନେନ୍ଦ୍ର ସାହୁ, ପୁଷ୍ପଲତା ମହାନ୍ତିଙ୍କ ସହିତ ଜ୍ୟୋତ୍ସ୍ନା ରାୟ ଉପସ୍ଥିତ ଥିଲେ।

# ବିଜୁ ଛାତ୍ର ଜନତା ଦଳ ପକ୍ଷରୁ ମେଗା ରକ୍ତଦାନ ଶିବିର



**ସଂଗୃହୀତ ହେଲା ୩୫୧ ୟୁନିଟ୍**

ବାଲେଶ୍ୱର,୮।୬(ସମିସ)

ବାଲେଶ୍ୱର ଜିଲ୍ଲା ବିଜୁ ଛାତ୍ର ଜନତା ଦଳ ପକ୍ଷରୁ ଏକ ସ୍ୱେଚ୍ଛାକୃତ ମେଗା ରକ୍ତଦାନ ଶିବିର ସ୍ଥାନୀୟ ଷ୍ଟେସନ କ୍ଲବ ପରିସରରେ ଅନୁଷ୍ଠିତ ହୋଇଯାଇଛି। ପୂର୍ବତନ ସାଂସଦ ରବୀନ୍ଦ୍ର କୁମାର ଜେନା ଏହି ଶିବିରକୁ ଉଦଘାଟନ ସହିତ ରକ୍ତଦାତାମାନଙ୍କୁ ଉତ୍ସାହିତ କରିଥିଲେ। ସମ୍ପ୍ରତି ବାଲେଶ୍ୱର ଜିଲ୍ଲାରେ ଦେଖାଦେଉଥିବା ରକ୍ତର ଅଭାବ ପୂରଣରେ ବିଜୁ ଛାତ୍ର ଜନତା ଦଳର ନିରନ୍ତର ପ୍ରୟାସ ବେଶ୍ ପ୍ରଶଂସନୀୟ ତଥା ପ୍ରେରଣାଦାୟୀ ବୋଲି ସେ କହିଥିଲେ। ଭୋଗରାଇ ବିଧାୟକ ଗୌତମ ବୁଦ୍ଧ ଦାସ, ବସ୍ତା ବିଧାୟିକା ସୁବାସିନୀ ଜେନା, ଯୁବନେତା ମାନସ ଦାସ ପଟ୍ଟନାୟକ, ଶ୍ରମିକ ନେତା ଶାନ୍ତନୁ ଦାସ, ବିଟିସିସି ସଭାପତି ବାଦଲ ଦାସ ଓ ସମ୍ପାଦକ ପ୍ରଶାନ୍ତ ପଣ୍ଡା, କୃଷକ ନେତା ଅଜୟ ସାମଲ, ରକ୍ତଦାତା ସଂଘ ସଭାପତି କମଳ ଚକ୍ରବର୍ତ୍ତୀ ଓ ସମ୍ପାଦକ ହୃଷିକେଶ ସାହୁ, ଯୁବ ସଙ୍ଗଠକ ସାହିରୁଲ ହକ, ଭାଗବତ ସାହୁ, ଅସିତ ଦାସ, ଶ୍ରୀମନ୍ତ ମାଝୀ, ହେମନ୍ତ ମହାନ୍ତି, ଚନ୍ଦନେଶ୍ୱର ବେହେରା, ଶ୍ରୀମାନ ଶ୍ରୀଚନ୍ଦନ, ସାମାଜିକ କର୍ମୀ ହ୍ରିତିକ ନାୟକ, ଲକ୍ଷ୍ମୀଧର ବାରିକ, ପ୍ରାଣକୃଷ୍ଣ ମହାପାତ୍ର, କାଉନସିଲର ରଂଜିତା ମହାପାତ୍ର, ରେମୁଣା ବ୍ଲକ ଅଧକ୍ଷ ରାଜେନ୍ଦ୍ର ରାଉତ, ଆଶ୍ରିତା ତରେଇ, ସୋନାଲି ସାହା, ବିଜୁ ଛାତ୍ର ଜନତା ଦଳ ରାଜ୍ୟ ସାଧାରଣ ସମ୍ପାଦକ ଓମପ୍ରକାଶ ମହାପାତ୍ର, ସୀମନ ସାମଲ ପ୍ରମୁଖ ଯୋଗ ଦେଇଥିଲେ। ବିଜୁ ଛାତ୍ର ଜନତା ଦଳର ଜିଲ୍ଲା ସଭାପତି ସୀମନ ଦାସମହାପାତ୍ର ଏହି ଶିବିରରେ ଉପସ୍ଥିତ ରହି ଶିବିର ଆୟୋଜନର ଆଭିମୁଖ୍ୟ ସମ୍ପର୍କରେ ସୂଚନା ଦେଇଥିଲେ। ଜିଲ୍ଲା ରକ୍ତଭଣ୍ଡାର ଅଧିକାରୀ ଡାକ୍ତର ବସନ୍ତ ଉପାଧ୍ୟାୟଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ରକ୍ତ ଭଣ୍ଡାର କର୍ମଚାରୀ ରକ୍ତ ସଂଗ୍ରହ କାର୍ଯ୍ୟ ସମ୍ପାଦନ କରିଥିଲେ। ବିଜୁ ଛାତ୍ର ଜନତା ଦଳର ଟାଉନ ସଭାପତି ଭବାନୀ ମହାନ୍ତି, ଟାଉନ କାର୍ଯ୍ୟକାରୀ ସଭାପତି ଚିନ୍ମୟ ମହାନ୍ତି, ରାହୁଲ ନାୟକ, ଜିଲ୍ଲା ଛାତ୍ର ନେତା ସୁଶୀଲ ପଣ୍ଡା, ନରୋତ୍ତମ ଦାସ, ଅମିତ ନାୟକ, ଅରୁଣ ଦାସ, ବିଜୟ ଜେନା, କିରଣ ନାଥ, ସ୍ୱୟମ ଆଚାର୍ଯ୍ୟ, ଶିବ ଶଙ୍କର ଦାସ, ପ୍ଲାବନ ଦାସ, ତାପସ ନାୟକ, ବିଶ୍ୱଜିତ ମହାନ୍ତି, ଶକ୍ତି ପଣ୍ଡା, ବିଶାଳ ପାତ୍ର ପ୍ରମୁଖ ଛାତ୍ର ନେତା ଉପସ୍ଥିତ ରହି ଶିବିର ପରିଚାଳନା କରିଥିଲେ। ଶିବିରରୁ ମୋଟ ୩୫୧ୟୁନିଟ ରକ୍ତ ସଂଗୃହୀତ ହୋଇଥିଲା।




# ପଟ୍ଟାମୁଣ୍ଡାଇରେ ଇଦ୍-ଉଲ୍-ଜୁହା ପାଳିତ

ପଟ୍ଟାମୁଣ୍ଡାଇ,୮।୬(ସମିସ): ଇସଲାମ ଧର୍ମର ଅନ୍ୟତମ ପବିତ୍ର ପର୍ବ ଇଦ୍-ଉଲ-ଜୁହା ପଟ୍ଟାମୁଣ୍ଡାଇରେ ପାଳିତ ହୋଇଯାଇଛି। ଇଦ୍ ଉପଲକ୍ଷେ ଇଦଘାଠାରେ ମୌଲାନା ଇସ୍ରାଫିଲ ଆମଜାଦୀ, ମୌଲାନା ସଲାଉଦ୍ଦିନ ଖାଁ ସମୂହ ନମାଜ ପାଠ କରାଇଥିଲେ। ଏହି ନମାଜ ସଭାରେ ୧୫୦୦ରୁ ଊର୍ଦ୍ଧ୍ୱ ଶ୍ରଦ୍ଧାଳୁ ଯୋଗ ଦେଇଥିଲେ। ନମାଜ ଶେଷରେ ନିଜ ଦେଶ ଭାରତ ପାଇଁ ପ୍ରାର୍ଥନା କରାଯାଇ ଦେଶ ସୁରକ୍ଷା ଓ ଭାଇଚାରା ସମ୍ପର୍କରେ ଆଲୋଚନା କରାଯାଇଥିଲା। ଏହି ପର୍ବକୁ ଗ୍ରାମ ମୁରବୀ ଶେଖ ମୋଇଉଦ୍ଦିନ, ଶେଖ ଅବଦୁଲ ବାରି, ଶେଖ ସାରାତୁଲ୍ଲା, ଇସ୍ମାଇଲ ଅଲ୍ଲୀ, ଶେଖ ଆମରୁଲ, ମୁସ୍ତର ଅଲ୍ଲୀ, ଶେଖ ଜାକିର ହୁସେନ, ସେକ ମହିରୁଲା, ମିର୍ଜ ଇବ୍ରାର ବେଗ, ତାରିକ ମହମ୍ମଦ, ମହମ୍ମଦ ଫିର୍ଦୋଷ, ଶେଖ ବାଦଶାହ, ଶେଖ ଜୁମା ପ୍ରମୁଖ ପ୍ରମୁଖ ପରିଚାଳନା କରିଥିଲେ।



**ଅବହେଳିତ ହାବଳଗଣ୍ଡ ହରିଜନ ବସ୍ତି**

# ରାସ୍ତା ଶୋଚନୀୟ, ହୋଇନି ପାନୀୟଜଳ ବ୍ୟବସ୍ଥା

ରାଜକନିକା,୮।୬(ସମିସ)

ଦେଶ ସ୍ୱାଧୀନତାର ଦୀର୍ଘ ୭୬ ବର୍ଷ ପରେ ବି ପାରିନୂଆପଡ଼ା ହାବଳଗଣ୍ଡ ପଞ୍ଚାୟତର ୧୦ ନମ୍ବର ୱାର୍ଡସ୍ଥ ହରିଜନ ସାହି ଲୋକେ ମୌଳିକ ସୁବିଧାରୁ ବଞ୍ଚିତ ହୋଇଛନ୍ତି। ଉକ୍ତ ସାହିକୁ ଭଲ ରାସ୍ତା ନ ଥିବାବେଳେ ପାନୀୟଜଳ ସୁବିଧା ନାହିଁ। ଫଳରେ ୧୦ନଂ ୱାର୍ଡବାସୀ ଏବେ ତ୍ରାହି ତ୍ରାହି ଡାକୁଛନ୍ତି। ସେମାନଙ୍କ କଥା କାହା କାନରେ ପଡୁନାହିଁ। ଦିନକୁ ଦିନ ଅସନ୍ତୋଷ ବଢ଼ିଚାଲିଛି। ଏହି ୱାର୍ଡ ପ୍ରତି ଅବହେଳା କରାଯାଉଥିବା ଅଜୟ ମଲିକ, ଭଞ୍ଜକିଶୋର ମଲିକ, ରମେଶ ମଲିକ, ଜଗବନ୍ଧୁ ମଲିକ, କୈଳାସ ମଲିକ, ମରୁତ ମଲିକ, ଶିବ ମଲିକ, ଗଣେଶ ମଲିକ, ଶରତ ମଲିକ, ଜଗନ ମଲିକ ପ୍ରମୁଖ ଅଭିଯୋଗ କରିଛନ୍ତି। ଆମ ୱାର୍ଡ ପ୍ରତି ଦୃଷ୍ଟି ଦିଆଯିବାକୁ ଦାବି କରିଛନ୍ତି। ସୂଚନା ମୁତାବକ, ହାବଳଗଣ୍ଡ ହରିଜନ ବସ୍ତି ରାସ୍ତା ଶୋଚନୀୟ ହୋଇପଡ଼ିଛି। ବୟସ୍କ ଲୋକ ହୁଅନ୍ତୁ ବା ମହିଳା ଏହି ରାସ୍ତାରେ ଯିବାକୁ ଭୟ କରୁଛନ୍ତି। ବର୍ଷାଦିନେ ଲୋକମାନେ ଏକପ୍ରକାର ଗୃହବନ୍ଦୀ ଜୀବନ ବିତାଉଛନ୍ତି। ପିଇବା ପାଣି ସମସ୍ୟା ଏଠାରେ ଉତ୍କଟ। ଏଠାରେ ୬୦ଟି ପରିବାର ବସବାସ କରୁଥିବାବେଳେ ଲୋକ ସଂଖ୍ୟା ୪୦୦ରୁ ଅଧିକ। ବହୁଦିନ ପୂର୍ବେ ଏକମାତ୍ର ନଳକୂପ ନିର୍ମାଣ ହୋଇଯାଇଥିଲେ ବି ତାହା ବିଭିନ୍ନ ସମୟରେ ଖରାପ ହେବା କାରଣରୁ ଲୋକେ ସମସ୍ୟା ଭୋଗ କରୁଛନ୍ତି। ପ୍ରତି ଗାଁ ଗଣ୍ଡା ଓ ସାହିବସ୍ତିକୁ ଆଲୋକୀକରଣ କରାଯାଇ ଲାଇଟ୍ ପୋଷ୍ଟ ଲଗାଯାଉଥିବାବେଳେ ଏହି ହରିଜନ ବସ୍ତି ସେଥିରୁ ବଞ୍ଚିତ ରହିଛି। ଆବଶ୍ୟକତା ନ ଥାଇ ବି ଅନ୍ୟ ସ୍ଥାନରେ ଉଜ୍ଜ୍ୱଳ ଲାଇଟ୍ ବ୍ୟବସ୍ଥା ହୋଇଛି। ଏହି ସାହିର ଅବସ୍ଥା ସ୍ୱଚକ୍ଷୁରେ ନ ଦେଖିଲେ, କେହି ଉପଲବ୍ଧି କରିପାରିବ ନାହିଁ। ଦଳିତ ପରିବାର ହୋଇଥିବାରୁ ସେମାନଙ୍କ ପ୍ରତି ପ୍ରଶାସନ ଅବହେଳା କରୁଥିବା ଅଭିଯୋଗ ହେଉଛି। ଜିଲ୍ଲା ପ୍ରଶାସନ ଏଭଳି ଏକ ଗାଁ ପ୍ରତି ଦୃଷ୍ଟି ଦେବାର ଆବଶ୍ୟକତା ରହିଛି।



**୧୫ନଂ ଜୋନ୍ ବିଜେପିର କୃତଜ୍ଞତା ସଭା**

# 'ମୋହନଙ୍କ ଯୋଗୁଁ ଅଳପୁଆ ସେତୁ ନିର୍ମାଣ ସମ୍ଭବ ହୋଇଛି'



ପଟ୍ଟାମୁଣ୍ଡାଇ, ୮।୬(ସମିସ): ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଯୋଗୁଁ କେନ୍ଦ୍ରାପଡ଼ା ନିର୍ବାଚନମଣ୍ଡଳୀ ସମେତ ୧୫ନଂ ଜୋନ ଧୋଆଞ୍ଚଳବାସୀଙ୍କ ଦୀର୍ଘଦିନର ଦାବି ଅଳପୁଆ ସେତୁ ୧୬୮ କୋଟି ଟଙ୍କା ବ୍ୟୟରେ ନିର୍ମାଣ ହେବାକୁ ଯାଉଛି ବୋଲି ୧୫ନଂ ଜୋନ୍ ବିଜେପି ମଣ୍ଡଳ ପକ୍ଷରୁ ଅଳପୁଆ ବ୍ରାହ୍ମଣୀ ନଦୀଘାଟ ନିକଟରେ ଆୟୋଜିତ କୃତଜ୍ଞତା ସଭାରେ କେନ୍ଦ୍ରାପଡ଼ା ନିର୍ବାଚନମଣ୍ଡଳୀ ବିଜେପି ବିଧାୟିକା ପ୍ରାର୍ଥୀ ଗୀତାଞ୍ଜଳି ସେଠୀ ପ୍ରକାଶ କରିଛନ୍ତି। ୧୫ନଂ ଜୋନ ବିଜେପି ସଭାପତି ଆରୋଶିଷ ରାଉତଙ୍କ ପୌରୋହିତ୍ୟ ଓ ବରିଷ୍ଠ ବିଜେପି ନେତା ଦିଲ୍ଲୀପ ବିଶ୍ୱାଳଙ୍କ ସଂଯୋଜନାରେ ଆୟୋଜିତ ସଭାରେ ବିଜେପି ନେତ୍ରୀ ଶ୍ରୀମତୀ ସେଠୀ କହିଲେ, ଉଭୟ କେନ୍ଦ୍ର ଓ ରାଜ୍ୟରେ ଡବଲ ଇଞ୍ଜିନ ସରକାର ଯୋଗୁଁ ସମଗ୍ର ଓଡିଶା ଓ କେନ୍ଦ୍ରାପଡ଼ା ନିର୍ବାଚନମଣ୍ଡଳୀରେ ବିକାଶର ପରିଭାଷା ବଦଳି ଯାଇଛି। ମୁଖ୍ୟମନ୍ତ୍ରୀ ଧୋଆଞ୍ଚଳବାସୀଙ୍କ ଦୀର୍ଘଦିନର ସ୍ୱପ୍ନ ଅଳପୁଆ ସେତୁ ପାଇଁ ୧୬୮ କୋଟି ଟଙ୍କା ମଞ୍ଜୁର କରିବା ସହିତ ଟେଣ୍ଡର ପ୍ରକ୍ରିୟା ଆରମ୍ଭ କରି କେନ୍ଦ୍ରାପଡ଼ା ଜିଲ୍ଲା ସହିତ ଯାଜପୁର ଜିଲ୍ଲାକୁ ସଂଯୋଗ କରିବା ପାଇଁ ବଳିଷ୍ଠ ପଦକ୍ଷେପ ନେଇଛନ୍ତି ଓ ଏହି ସେତୁ ନିର୍ମାଣ ସଂପୂର୍ଣ୍ଣ ହେଲେ କେନ୍ଦ୍ରାପଡ଼ା ଓ ଯାଜପୁର ଜିଲ୍ଲାବାସୀ ଉତ୍ତମ ଗମନାଗମନ ସୁବିଧା ପାଇବା ସହିତ ଉଭୟ ଜିଲ୍ଲାର ବିକାଶ ତ୍ୱରାନ୍ୱିତ ହେବ ବୋଲି ବିଜେପି ନେତ୍ରୀ ଶ୍ରୀମତୀ ସେଠୀ ପ୍ରକାଶ କରିବା ସହିତ ଏଥିପାଇଁ ମୁଖ୍ୟମନ୍ତ୍ରୀ ମୋହନ ମାଝୀ, ପୂର୍ବତନମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ଓ କେନ୍ଦ୍ରାପଡ଼ା ସାଂସଦ ବୈଜୟନ୍ତ ପଣ୍ଡାଙ୍କୁ କୃତଜ୍ଞତା ଜ୍ଞାପନ କରିଥିଲେ। ଏହି ସଭାରେ ପୂର୍ବତନ ମଣ୍ଡଳ ବିଜେପି ସଭାପତି ନଳିନୀକାନ୍ତ ବିଶ୍ୱାଳ, ପୂର୍ବତନ ଜିଲ୍ଲା ପରିଷଦ ସଦସ୍ୟ ନାରଦ ବିଶ୍ୱାଳ, ବିଜେପି ଯୁବନେତା ଶଶୀକାନ୍ତ ସ୍ୱାଇଁ, ଶକ୍ତିରଞ୍ଜନ ବିଶ୍ୱାଳ, ନାରୀନେତ୍ରୀ ସନ୍ଧ୍ୟାରାଣୀ ମଲିକ, ଦୟାନିଧି ବଳ, ମନମୋହନ ପାତ୍ର, ଦୀପକ ଭଦ୍ର, ବ୍ରଜବିହାରୀ ଧଳ, ସମୀର ଦାସ, ବିଚିତ୍ରାନନ୍ଦ ପ୍ରଧାନ, କିଶୋର ରାଉତ ପ୍ରମୁଖ ଯୋଗ ଦେଇଥିଲେ।

## ଡିସେମ୍ବରରେ ଅଳପୁଆ ସେତୁର ସ୍ଥାନ ନିରୂପଣ ହୋଇସାରିଛି: ବିଜେଡି

ପଟ୍ଟାମୁଣ୍ଡାଇ, ୮।୬(ସମିସ): ଗତ ଡିସେମ୍ବର ମାସ ୨୧ ତାରିଖରେ ପଟ୍ଟାମୁଣ୍ଡାଇ ବ୍ଲକ୍ ଅର୍ନ୍ତଗତ ଅଳପୁଆ ସେତୁ ନିର୍ମାଣ ସ୍ଥାନ ନିରୂପଣ ହୋଇସାରିଛି। ଏଥିରେ କେନ୍ଦ୍ରାପଡ଼ା ବିଧାୟକ ଗଣେଶ୍ୱର ବେହେରା ଓ ବିଭାଗୀୟ ମୁଖ୍ୟଯନ୍ତ୍ରୀ ଦୁର୍ଗାଚରଣ ବେହେରା ଯୋଗଦେଇଥିଲେ। ତେବେ ବିଜେପି ନେତ୍ରୀ ଗୀତାଞ୍ଜଳି ସେଠୀ ୧୫ ନମ୍ବର ଜୋନ ମଣ୍ଡଳସ୍ତରୀୟ ପଥପ୍ରାନ୍ତ ସଭାରେ ଶନିବାର ଯେଉଁ ବକ୍ତବ୍ୟ ରଖିଛନ୍ତି, ତାହା ସଂପୂର୍ଣ୍ଣ ଅମୂଳକ ଓ ଭିତ୍ତିହୀନ ବୋଲି କେନ୍ଦ୍ରାପଡା ବ୍ଲକ ବିଜେଡ଼ି ସଭାପତି ଆଲୋକ ସାହୁ କହିଛନ୍ତି। ଶ୍ରୀ ବେହେରା ବିଧାୟକ ଭାବେ ନିର୍ବାଚିତ ହେବା ପରେ ତାଙ୍କର ପ୍ରଥମ ପଦକ୍ଷେପ ଥିଲା ଅଳପୁଆ ସେତୁ ନିର୍ମାଣ। ବିଜେପି ନେତ୍ରୀ ଗୀତାଞ୍ଜଳି ସେଠୀ ସେହି ସମୟରେ କେଉଁଠି ଥିଲେ ବୋଲି ବିଜେଡି ସଭାପତି ଶ୍ରୀ ସାହୁ ପ୍ରଶ୍ନ କରିଛନ୍ତି। ସେତୁ ସ୍ଥାନ ନିରୂପଣ ସମୟରେ ବିଧାୟକଙ୍କ ସହିତ ଧୋଆ ଅଞ୍ଚଳର ମାନ୍ୟଗଣ୍ୟ ବ୍ୟକ୍ତି କୈଳାସ ଦାସ, ଚନ୍ଦନ ସାହୁ, ଉମାକାନ୍ତ ରାଉତ, ଟୁକୁନା ସାହୁ, ଉମାକାନ୍ତ ବିହାରୀ, ଡୋରା ଧଳ, ସମିତିସଭ୍ୟ ରାମକୃଷ୍ଣ ସେଠୀ, ସରପଞ୍ଚ ପ୍ରତିନିଧି ମିଟୁଆ ବେହେରା, ହଗନ ନାୟକ, ରବୀନ୍ଦ୍ର ପରିଡ଼ା, ଗଗନ ମହାଳିକ, ନିମାଇଁ ସେଠୀ ପ୍ରମୁଖ ଉପସ୍ଥିତ ଥିଲେ। ଏପରି ସ୍ଥଳେ ବିଜେପି ନେତ୍ରୀ ଗୀତାଞ୍ଜଳି ସେଠୀ ମିଛ ବାହାବା ନେବାକୁ ପଥପ୍ରାନ୍ତ ସଭା କରି ଲୋକଙ୍କୁ ଭୁଆଁ ବୁଲାଉଛନ୍ତି ବୋଲି ବିଜେଡି ସଭାପତି ଶ୍ରୀ ସାହୁ ଏକ ପ୍ରେସ ବିବୃତିରେ କହିଛନ୍ତି।

# ତୃତୀୟ ଦିବସରେ ଥାନା ଆଗରେ ଅନଶନ



ରାଜନଗର,୮।୬(ସମିସ): ରାଜନଗରରେ ଆଇନଶୃଙ୍ଖଳା ବିପର୍ଯ୍ୟସ୍ତ ଓ ରାଜନଗର ଥାନାକୁ ଦଲାଲଙ୍କ ଚରାଭୂଇଁ କରାଯାଇଥିବା ପ୍ରତିବାଦରେ ବିଜେଡି ପକ୍ଷରୁ ଥାନା ଆଗରେ ଚାଲିଥିବା ଅନଶନ ତୃତୀୟ ଦିନରେ ପହଞ୍ଚିଛି। ପଞ୍ଚାୟତ ସମିତି ଅଧ୍ୟକ୍ଷଙ୍କ ସହିତ ସରପଞ୍ଚ, ସମିତିସଭ୍ୟ ଓ ବିଜୁ ଜନତା ଦଳର କର୍ମକର୍ତ୍ତା ରାଜନଗର ଥାନା ଆଗରେ ୬ ତାରିଖ ୧୦ଟାରୁ ଅନଶନରେ ବସି ରହିଛନ୍ତି। ଦାବି ପୂରଣ ହେବ ଓ ରାଜନଗରରେ ଆଇନଶୃଙ୍ଖଳା ଫେରିବା ଯାଏଁ ଶାନ୍ତିପୂର୍ଣ୍ଣ ଭାବେ ଅନଶନରେ ବସି ରହିବାକୁ ନେତା ଓ କର୍ମୀଙ୍କ ଜିଦ୍ ପୁଲିସର ନିଦ ହଜାଇ ଦେଇଛି। ଗତକାଲି ପ୍ରଚଣ୍ଡ ରୋଦ୍ରତାପ ଓ ଗୁଳୁଗୁଳି ଯୋଗୁଁ ଅସୁସ୍ଥ ହୋଇ ରାଜନଗର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି ହୋଇଥିବା ବ୍ଲକ୍ ବିଜେଡି ସଭାପତି ନିରଞ୍ଜନ ରାଉତ, ଗୁପ୍ତି ସମିତି ସଭ୍ୟା ମିନତୀ ସାହୁ, ସମବାୟବିତ୍ ଦିଲ୍ଲୀପ ପାତ୍ର, ବନ୍ଧପଡ଼ା ସରପଞ୍ଚଙ୍କ ପ୍ରତିନିଧି ମନୋରଞ୍ଜନ ପାତ୍ର, ବ୍ରାହ୍ମଣସାହି ସରପଞ୍ଚଙ୍କ ପ୍ରତିନିଧି ପ୍ରମୋଦ ପ୍ରଧାନ ପ୍ରମୁଖ ଆଜି ପୁଣି ଅନଶନରେ ବସିଛନ୍ତି। ଗତକାଲି ସନ୍ଧ୍ୟାରେ ଅତିରିକ୍ତ ଏସପି ଦେବାଶିଷ ଧଳ, ଏସଡିପିଓ କ୍ଷମାସାଗର ପଣ୍ଡା, ଆଇଆଇସି ନରେଶ ସାହୁଙ୍କ ଅନଶନକାରୀଙ୍କ ପ୍ରତିନିଧି ଦଳ ସହ ଆଲୋଚନା ବିଫଳ ହେବା ପରେ ଅନଶନ ଜାରି ରହିଛି। ପୁଲିସ ଅନଶନକାରୀଙ୍କ ଦାବି ପ୍ରତି କୌଣସି ପଦକ୍ଷେପ ନେଇ ନ ଥିବାରୁ ଅନଶନକାରୀଙ୍କ ଅନଶନ ଆଜି ତୃତୀୟ ଦିନରେ ଜାରି ରହିଛି। ରାଜନଗର ଥାନା ଆଗରେ ୪୦ରୁ ଊର୍ଦ୍ଧ୍ୱ ଲୋକ ପ୍ରତିନିଧିଙ୍କ ସହିତ ବିଜେଡି କର୍ମୀ ଅନଶନରେ ୩ ଦିନ ଧରି ବସିଥିବବେଳେ କେନ୍ଦ୍ରାପଡ଼ା ଏସପି ଘଟଣାସ୍ଥଳକୁ ନ ଆସିବା ଅନଶନକାରୀ ଓ ବିଜେଡି କର୍ମୀଙ୍କ ମଧ୍ୟରେ ତୀବ୍ର ପ୍ରତିକ୍ରିୟା ସୃଷ୍ଟି କରିଛି।

# ମଣ୍ଡପଡ଼ାରେ ଶ୍ରୀମଦ ଭାଗବତ ପାରାୟଣ

ପଟ୍ଟାମୁଣ୍ଡାଇ,୮।୬(ସମିସ): ପଟ୍ଟାମୁଣ୍ଡାଇ ବ୍ଲକ୍ ଅନ୍ତର୍ଗତ ମଣ୍ଡପଡ଼ା ଗ୍ରାମରେ ସପ୍ତାହ ବ୍ୟାପି ଭାଗବତ ପାରାୟଣ ଓ ପ୍ରବଚନ ଜ୍ଞାନଯଜ୍ଞ, ଭଜନ ସନ୍ଧ୍ୟା, ପାଲା ଆଦି ବିବିଧ ଆଧ୍ୟାତ୍ମିକ କାର୍ଯ୍ୟକ୍ରମ ଆୟୋଜିତ ହୋଇଛି। ୪ ତାରିଖରେ ଶ୍ରୀଶ୍ରୀ ଠାକୁରଙ୍କ ଶୁଭ ଗମନ, ଶୁଭାଧିବାସ, ୫ ତାରିଖରେ ଶ୍ରୀଗୁରୁ ଓ ବାସୁଦେବ ପୂଜା ପୂଜକ ଅଶୋକ କରଙ୍କ ଦ୍ୱାରା ସମ୍ପନ୍ନ ହୋଇଥିଲା। ଏଥିରେ ବିଭୂତି ଭୂଷଣ ସାମଲ ଓ ସସ୍ମିତା ସାମଲ କର୍ତ୍ତା ଭାବେ ସମସ୍ତ ନୀତି ସମ୍ପନ୍ନ କରିଥିଲେ। ବରାହ ଚରଣ ପଣ୍ଡା ଭାଗବତ ପାଠ କରିଥିଲେ ଓ କରମଳା ଶାନ୍ତିଧାମର ସନ୍ଥ ସଦାନନ୍ଦ ଦାସ, ହରେକୃଷ୍ଣ ଦାସ, ଭୀମସେନ ଦାସ, ବନବିହାରୀ ଦାସ, ଦିବ୍ୟ ଚୈତନ୍ୟ ଦାସ ଭାଗବତ କଥାମୃତ ଭଜନ, ନାମ ସଂକୀର୍ତ୍ତନ ଓ ଦିବ୍ୟ ପ୍ରବଚନ ପ୍ରଦାନ କରିଥିଲେ। କଟକ ମହାବୀର ଭଜନ ସନ୍ଧ୍ୟା କଳାକାର ଭଜନ ପରିବେଷଣ କରିଥିଲେ। ଆଗାମୀ ୯, ୧୦ ତାରିଖରେ ବ୍ରହ୍ମଗିରି ଅଞ୍ଚଳର ପାଲା ଗାୟିକା ସୁଲୋଚନା ପଣ୍ଡା ଓ କରମଳା ସାଧୁ ସତ୍ୟ ପ୍ରଜ୍ଞାନନ୍ଦ ପାଲା ଓ ଭାବ ରସାତ୍ମକ ଦିବ୍ୟ ପ୍ରବଚନ ପ୍ରଦାନ କାର୍ଯ୍ୟକ୍ରମ ରହିଛି। ୧୧ ତାରିଖରେ ହରିହାଟ ଓ ନାମ ସଂକୀର୍ତ୍ତନ ସହ ସପ୍ତାହ ବ୍ୟାପି ଆଧ୍ୟାତ୍ମିକ କାର୍ଯ୍ୟକ୍ରମ ଉଦଯାପିତ ହେବ। ଏଥିରେ ନୂଆଦିଲ୍ଲୀ ଅଭିରାମ ସାଂସ୍କୃତିକ ପରିଷଦ ସଭାପତି ଆଡ଼ଭୋକେଟ ବିଜୟ ସାମଲ, ସମାଜସେବୀ ବରାହ ଚରଣ ସାମଲ, ଅନ୍ତର୍ଯ୍ୟାମୀ ସାହୁ, ନୂଆଦିଲ୍ଲୀ ଓଡିଶା ସମାଜ ପ୍ରମୁଖ କର୍ମକର୍ତ୍ତା ଜୟରାମ ସାମଲ, ସିବିଆଇ ଡିଏସପି ସଞ୍ଜୟ ସାମଲ, ସତ୍ୟବ୍ରତ ସାମଲ, ଉମାକାନ୍ତ ପ୍ରଧାନ, ଅବିନାଶ ପ୍ରଧାନ, ସରପଞ୍ଚ ରଂଜିତା ସାହୁ, ବାସୁଦେବ ପଣ୍ଡା, ପୂର୍ବତନ ସମିତି ସଭ୍ୟ ଶ୍ରୀକାନ୍ତ ବେହେରା ପ୍ରମୁଖ ଯୋଗଦେବେ। କାର୍ଯ୍ୟକ୍ରମକୁ ଅକ୍ଷୟ ରାୟ, ବାବୁଲି ପ୍ରଧାନ, ସମାଜ ପ୍ରଧାନ ଓ ଶଶୀକାନ୍ତ ସାମଲ ପରିଚାଳନା କରୁଛନ୍ତି।



# କେନ୍ଦ୍ରାପଡ଼ା ଗୋଖା ମହାସଂଘର ବୈଠକ



ରାଜନଗର,୮।୬(ସମିସ): ରାଜନଗରସ୍ଥ ରେଣୁକା ହୋଟେଲ ପରିସରରେ କେନ୍ଦ୍ରାପଡ଼ା ଜିଲ୍ଲା ଗୋଖା ମହାସଂଘର ବୈଠକ ଓ କର୍ମକର୍ତ୍ତା ଶପଥ ଗ୍ରହଣ କାର୍ଯ୍ୟକ୍ରମ ଆଜି ଅନୁଷ୍ଠିତ ହୋଇଯାଇଛି। କେନ୍ଦ୍ରାପଡ଼ା ଜିଲ୍ଲା ସଭାପତି ବସନ୍ତ କୁମାର ସେଠୀଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ରାଜ୍ୟ ଗୋଖା ମହାସଂଘର ସଭାପତି ରାମଚନ୍ଦ୍ର ମଲ୍ଲିକ, ବିଶିଷ୍ଟ ସମାଜସେବୀ ମାମିନା ମଲ୍ଲିକ, ରାଜ୍ୟ କାର୍ଯ୍ୟକାରିଣୀ କମିଟି ସଦସ୍ୟ ପ୍ରଫୁଲ ସେଠୀ ନିରଞ୍ଜନ ସେଠୀ, ରାଜ୍ୟ ଉପଦେଷ୍ଟା ନାରାୟଣ ସେଠୀ, ବାଉରୀ ବନ୍ଧୁ ସେଠୀ, ଉପସଭାପତି ହଳଧର ସେଠୀ, ରାଜ୍ୟ ସାଧାରଣ ସମ୍ପାଦକ ଧରଣୀଧର ସେଠୀ, ବାଲେଶ୍ୱର ଜିଲ୍ଲା ସମ୍ପାଦକ ବିଶ୍ୱକେସନ ବେହେରା, ଭଦ୍ରକ ଜିଲ୍ଲା ଉପଦେଷ୍ଟା ହରିହର ମଲ୍ଲିକ ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ। ଏ ଅବସରରେ କେନ୍ଦ୍ରାପଡ଼ା ଜିଲ୍ଲା କର୍ମକର୍ତ୍ତା ଚୟନ ସହିତ ଶପଥ ପାଠ କରାଯାଇଥିଲା। ଜିଲ୍ଲା ସଭାପତି ଭାବେ ବସନ୍ତ କୁମାର ସେଠୀ, ଉପସଭାପତି ଭାବେ ସଞ୍ଜୟ କୁମାର ସେଠୀ, ସମ୍ପାଦକ ଭାବେ ଅକ୍ଷୟ କୁମାର ଦାସ, ସହସମ୍ପାଦକ ଭାବେ ଗଣେଶ୍ୱର ସେଠୀ, କୋଷାଧ୍ୟକ୍ଷ ଭାବେ ମହେନ୍ଦ୍ର କୁମାର ସେଠୀ ଓ ଉପଦେଷ୍ଟା ଭାବେ ହଳଧର ସେଠୀ, ନିରଞ୍ଜନ ସେଠୀ, ଆଇନଜୀବୀ ପ୍ରଦୀପ କୁମାର ଦାସଙ୍କୁ ସର୍ବସମ୍ମତି କ୍ରମେ ଚୟନ କରାଯାଇଥିଲା।

**● ଆମ୍ବ ଗଛ କୋରଡ଼ରେ ରହୁଛି ନାଗ**

# ପିଉଛି କ୍ଷୀର, ପୂଜାର୍ଚ୍ଚନା କଲେ ପରିବାର ଲୋକ

ମହାକାଳପଡ଼ା, ୮।୬(ସମିସ): କେନ୍ଦ୍ରାପଡ଼ା ଜିଲ୍ଲା ମହାକାଳପଡ଼ା ବ୍ଲକ୍ ପେଟଛିଲା ପଞ୍ଚାୟତ ଅନ୍ତର୍ଗତ ପଲ୍ଲୀଗଡ଼ ଗ୍ରାମର ରଞ୍ଜନ ସ୍ୱାଇଁଙ୍କ ବାଡ଼ିରେ ଥିବା ଏକ ଆମ୍ବ ଗଛ କୋରଡ଼ରେ ୧୫ ଦିନ ଧରି ଏକ ନାଗ ସାପ ରହୁଥିବା ଦେଖିବାକୁ ମିଳିଛି। ଶନିବାର ବିଳମ୍ବିତ ରାତିରେ ରଞ୍ଜନଙ୍କ ଗୋରୁ ଗୁହାଳ ଭିତରେ ସାପଟି ବୁଲାବୁଲି କରୁଥିବାବେଳେ କାହାର କିଛି କ୍ଷତି କରି ନ ଥିବା ପରିବାର ଲୋକ କହିଛନ୍ତି। ପ୍ରଥମେ ସାପକୁ ପରିବାର ଲୋକ ନାଗ ଦେବତା ଭାବି ପୂଜାର୍ଚ୍ଚନା କରିଥିଲେ। ପୂଜା ପରେ ସାପଟି ଆମ୍ବ ଗଛ କୋରଡ଼ ପାଖରେ ଥିବା ଏକ ଉଇ ହୁଙ୍କା ପାଖକୁ ଚାଲିଯାଇଥିଲା। ସାପଟି ଦିନ ବେଳା ଉଇ ହୁଙ୍କା ପାଖରେ ରହୁଥିବାବେଳେ ରାତିରେ ଆମ୍ବ ଗଛ କୋରଡ଼ରେ ରହୁଥିବା ପରିବାର ପକ୍ଷରୁ କୁହାଯାଇଛି। ନାଗ ସାପକୁ ଦେଖିବାକୁ ଗାଁ ଲୋକଙ୍କ ଭିଡ଼ ପରିଲକ୍ଷିତ ହୋଇଥିଲା। ପରିବାର ଲୋକ ନାଗ ସାପକୁ ନାଗ ଦେବତା ଭାବି କ୍ଷୀର ଦେଉଛନ୍ତି। ସାପଟି କ୍ଷୀରପିଇ ଉଇ ହୁଙ୍କା ପାଖରେ ରହୁଥିବା ଦେଖିବାକୁ ମିଳିଛି।

# ଲଛମନଜୀଉଙ୍କ ଯଜ୍ଞ ନିମନ୍ତେ ଆସିଲା ଆଜ୍ଞାମାଳ

ଡେରାବିଶ, ୮।୬(ସମିସ): କୁଶିଆପାଳ ପଞ୍ଚାୟତସ୍ଥ ପ୍ରଭୁ ଲଛମନଜୀଉଙ୍କ ନିକଟରେ ବିଶ୍ୱଶାନ୍ତି ମହାଯଜ୍ଞ ନିମନ୍ତେ ଆଜି ଆଜ୍ଞାମାଳ ଆସି ପହଞ୍ଚିଛି। ଆଜି ବିଶିଷ୍ଟ ସମାଜସେବୀ ପ୍ରାଧାପକ ଅଜୟ ରାଉତ, କୁଶିଆପାଳ ସରପଞ୍ଚ ଦୟାନିଧି ଦାସଙ୍କ ସମେତ ବହୁ ଭକ୍ତ କେନ୍ଦ୍ରାପଡ଼ାସ୍ଥ ଶ୍ରୀବଳଦେବଜୀଉଙ୍କ ମନ୍ଦିରକୁ ଯାଇ ପୂଜାର୍ଚ୍ଚନା ପୂର୍ବକ ଆଜ୍ଞାମାଳ ଆଣିଥିଲେ। ଏହି ଆଜ୍ଞାମାଳକୁ ଭକ୍ତଙ୍କ ଦ୍ୱାରା ସଂକୀର୍ତ୍ତନ କରାଯାଇ ପ୍ରଭୁ ଲଛମନଜୀଉଙ୍କ ମନ୍ଦିରରେ ପହଞ୍ଚାଇଥିଲେ। ଆସନ୍ତାକାଲି ମହାଯଜ୍ଞ ନିମନ୍ତେ କଳସ ଶୋଭାଯାତ୍ରା ଅନୁଷ୍ଠିତ ହେବ।






**ଦଧିବାମନଜୀଉଙ୍କ ମନ୍ଦିର କାମରେ ନିମ୍ନମାନର ଇଟା ବ୍ୟବହାର ଅଭିଯୋଗ**

# ଖବର ପ୍ରସାରଣ ପରେ ଇଟା ଲୁଚାଇବାକୁ ଠିକାଦାରଙ୍କ ଉଦ୍ୟମ

ଡେରାବିଶ, ୮।୬(ସମିସ)



ଗୋଲରାହାଟ ପଞ୍ଚାୟତ ଅନ୍ତର୍ଗତ ଦୁମୁକାହାଟସ୍ଥ ଶ୍ରୀଶ୍ରୀ ଦଧିବାମନଜୀଉଙ୍କ ମନ୍ଦିରର ଉନ୍ନତିକରଣ କାମରେ ନିମ୍ନମାନର ଇଟା ବ୍ୟବହାର ହେଉଥିବା ନେଇ ପୂର୍ବରୁ ଅଭିଯୋଗ ହୋଇଆସୁଥିଲା। ଠିକାଦାର ଓ ଯନ୍ତ୍ରୀ ଏ ସମ୍ବନ୍ଧରେ କର୍ଣ୍ଣପାତ ନ କରି କାର୍ଯ୍ୟ କରିଆସୁଥିଲେ। ଏ ସମ୍ପର୍କରେ ଦୈନିକ ଖବରକାଗଜ 'ସକାଳ'ରେ ସଚିତ୍ର ଖବର ପ୍ରକାଶ ପାଇବା ପରେ ଠିକାଦାର ନିମ୍ନମାନର ଇଟାକୁ ଲୁଚାଇବାକୁ ତତ୍ପର ହୋଇଉଠିଛନ୍ତି । ଆଜି ସକାଳୁ ଲୋକ ଲଗାଇ ଠିକାଦାର ପୂର୍ବରୁ ଇତସ୍ତତ ଭାବେ ପଡ଼ିଥିବା ଇଟାକୁ ବାଛି ଭଲ ଭଲ ଇଟାକୁ ଥାକ କରିବା ସହିତ ସମସ୍ତ ଭଙ୍ଗା ଓ ଗୁଣ୍ଡ ଇଟାକୁ ସେଠାରୁ ସଫା କରିଦେଇଛନ୍ତି। ତେବେ ଯେତେ ଲୁଚିଲେ ମଧ ଗୋଡ଼ ଦିଶୁଛି ନ୍ୟାୟରେ ଥାକ ହୋଇଥିବା ଇଟା ଯେ ବର୍ଷାରେ ଧୋଇ ହୋଇଯାଇଛି ତାହା ସ୍ପଷ୍ଟ ଭାବେ ଦେଖିବାକୁ ମିଳୁଛି। ସ୍ଥାନୀୟ ଲୋକଙ୍କ କହିବା ଅନୁଯାୟୀ ଠିକାଦାର ଜଣକ ଇଟା ଫ୍ୟାକ୍ଟ୍ରିରୁ ସଙ୍ଗେ ସଙ୍ଗେ ନିର୍ମିତ ହୋଇଥିବା ନିମ୍ନମାନର ସିମେଣ୍ଟ ଇଟାକୁ ଆଣି ତୁରନ୍ତ ଲୋକ ଲଗାଇ ନିର୍ମାଣ କାର୍ଯ୍ୟ କରିଥା'ନ୍ତି। କୌଣସି କାରଣରୁ ଆସିଥିବା ଇଟା କାର୍ଯ୍ୟରେ ଲାଗି ନ ପାରି ଗଦା ହୋଇରହିଥିଲା। ଏହି ଇଟା ଲଘୁଚାପ ବର୍ଷାରେ ଧୋଇ ହୋଇ ହୋଇଯିବାରୁ ଏହା ନିମ୍ନମାନର ଇଟା, ତାହା ଧରାପଡ଼ିଯାଇଥିଲା। ଦଧିବାମନଜୀଉ ଡେରାବିଶର ଆରାଧ୍ୟ ହୋଇଥିବାବେଳେ ଏଠାରେ ୧୨ ମାସରେ ତେର ଯାତ୍ରା ଓ ପର୍ବପର୍ବାଣୀ ପାଳନ ହୋଇଥାଏ। ବର୍ଷସାରା ହଜାର ହଜାର ଜନସାଧାରଣ ଶ୍ରୀଜୀଉଙ୍କ ଦର୍ଶନ କରିବା ସହିତ ଆଶୀର୍ବାଦ ଭିକ୍ଷା କରିଥା'ନ୍ତି। ଠିକାଦାର ଜଣକ ଏଭଳି ଇଟାରେ ଯଦି ଭକ୍ତ ନିବାସ ଓ ଅନ୍ୟାନ୍ୟ ଗୃହ କାର୍ଯ୍ୟ ନିର୍ମାଣ କରିଥାଏ, ତାହାର ସ୍ଥାୟିତ୍ୱ ନେଇ ଭକ୍ତ ମହଲରେ ସନ୍ଦେହ ଉପୁଜିଲାଣି। ଏ ସମ୍ପର୍କରେ ବିଭାଗୀୟ ଯନ୍ତ୍ରୀଙ୍କୁ ପଚାରିବାରୁ ସେ କହିଛନ୍ତି, ଠିକାଦାର ବୋଧହୁଏ ଫ୍ୟାକ୍ଟ୍ରିରୁ ଇଟାକୁ ନିର୍ମାଣ କରି ଏହକୁ ସଠିକ ଭାବରେ କ୍ୟୁରିଙ୍ଗ ନକରି କାମ କରିବା ପାଇଁ ନେଇଆସିଛି। ଯଦ୍ୱାରା ଏଭଳି ଅବସ୍ଥା ହୋଇଛି ବୋଲି କହିଥିଲେ।

### ଯୁବକଙ୍କ ମୃତ୍ୟୁକୁ ନେଇ ଉତ୍ତେଜନା

# ମୃତଦେହ ରଖି ରାସ୍ତା ଅବରୋଧ; ୬ ଘଣ୍ଟା ଯାତାୟାତ ଠପ୍




ସୁନାବେଡ଼ା,୮।୬ (ସମିସ): ଶୁକ୍ରବାର ରାତିରେ ସୁନାବେଡ଼ା ଡିପି କ୍ୟାମ୍ପ୍ ମୁଖ୍ୟ ରାସ୍ତାରେ କାର୍ ଧକ୍କାରେ ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି । ଏଥିରେ ଅନ୍ୟ ଜଣେ ଗୁରୁତର ଆହତ ହୋଇଛନ୍ତି। ଘଟଣାକୁ ନେଇ ମୃତ ଯୁବକଙ୍କ ସମ୍ପର୍କୀୟ ଓ ସ୍ଥାନୀୟ ଲୋକେ ୨୬ ନମ୍ବର ଜାତୀୟ ରାଜପଥ ଅବରୋଧ କରିବାରୁ ଦୀର୍ଘ ୬ ଘଣ୍ଟା ଧରି ଗାଡ଼ି ଚଳାଚଳ ସମ୍ପୂର୍ଣ୍ଣ ଠପ୍ ହୋଇଯାଇଛି ।

ସୂଚନା ଅନୁଯାୟୀ, ସୁନାବେଡ଼ା ଗଞ୍ଜାମ କଲୋନୀ ବାସିନ୍ଦା ଇସ୍କା ବାଘ (୨୨) ଓ ବାପୁଜୀ କଲୋନୀର ମନୋଜ କୁଲଦୀପ (୨୫) ଉଭୟ ଏକ ଟେଣ୍ଟ ଦୋକାନରେ କାର୍ଯ୍ୟ କରୁଥିଲେ। ସୁନାବେଡ଼ା ଅଞ୍ଚଳର ଶଙ୍କର ବହାଦୁର ନିଜ ଭଉଣୀ ବାହାଘର ପାଇଁ ଇସ୍କାଙ୍କ ଠାରୁ ଟେଣ୍ଟ ଆଣିଥିଲେ ମଧ ପଇସା ଦେଉ ନଥିବାରୁ ଉଭୟଙ୍କ ମଧରେ ପୂର୍ବରୁ ବଚସା ହୋଇଥିଲା। ତେବେ ଗତ ଶୁକ୍ରବାରଦିନ ରାତି ପ୍ରାୟ ୧୧ ସମୟରେ ଇସ୍କା ଓ ମନୋଜ ଚାଲି ଚାଲି ଘରକୁ ଫେରୁଥିବା ବେଳେ ପୁଲିସ କ୍ୟାମ୍ପ୍ ନିକଟରେ ଶଙ୍କର ଏକ କାର୍ ନମ୍ବର ଓଡି ୧୦ଏନ୍ ୦୯ ୯ ୯ରେ ଉଭୟଙ୍କୁ ପଛ ପଟରୁ ଧକ୍କା ଦେବାରୁ ଇସ୍କା ଓ ମନୋଜ ଗୁରୁତର ଆହତ ହୋଇଥିଲେ।

### ଗାଡ଼ି ଚଢ଼ାଇ ହତ୍ୟା ଅଭିଯୋଗ

ଘଟଣା ଘଟାଇବା ପରେ ଶଙ୍କର ସ୍ଥାନ ଛାଡ଼ି ଫେରାର ହୋଇ ଯାଇଥିଲା। ଆହତ ଇସ୍କା ଓ ମନୋଜଙ୍କୁ ସ୍ଥାନୀୟ ଲୋକେ ଉଦ୍ଧାର କରି କୋରାପୁଟ ସ୍ଥିତ ଶହୀଦ ଲକ୍ଷ୍ମଣ ନାୟକ ଭେଷଜ ମହାବିଦ୍ୟାଳୟକୁ ପଠାଇ ଥିଲେ। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ଇସ୍କାଙ୍କର ମୃତ୍ୟ ଘଟିଥିଲା। ସୁନାବେଡ଼ା ପୁଲିସ କୋରାପୁଟରେ ପହଞ୍ଚି ମୃତଦେହ ଜବତ କରିବା ସହ ବ୍ୟବଚ୍ଛେଦ ପାଇଁ ପଠାଇଥିଲେ ଏହାକୁ ନେଇ ଗଞ୍ଜାମ କଲୋନୀ ଅଞ୍ଚଳରେ ପ୍ରବଳ ଉତ୍ତେଜନା ପ୍ରକାଶ ପାଇଥିଲା । ତେବେ ଆଜି ଇସ୍କାଙ୍କ ମୃତଦେହ ବ୍ୟବଚ୍ଛେଦ ସରିବା ପରେ ସମ୍ପର୍କୀୟ ମାନେ ଶବକୁ ସୁନାବେଡ଼ା ଥାନା ସାମ୍ନା ୨୬ ନମ୍ବର ଜାତୀୟ ରାଜପଥରେ ରଖି କ୍ଷତି ପୂରଣ ପ୍ରଦାନ ଓ ଜାଣି ଶୁଣି ଗାଡ଼ି ଚଢ଼ାଇ ହତ୍ୟା କରିଥିବାରୁ ଶଙ୍କରଙ୍କୁ ତୁରନ୍ତ ଗିରଫ କରିବା ଦାବିରେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ୨୦୦ରୁ ଅଧିକ ପୁରୁଷ ଓ ମହିଳା ରାଜପଥ ଅବରୋଧ କରିଥିଲେ। ଫଳରେ ଦିନ ୩ଟାରୁ ରାତି ୯ ଟା ପର୍ଯ୍ୟନ୍ତ ରାଜପଥରେ ଗାଡି ଚଳାଚଳ ସମ୍ପୂର୍ଣ୍ଣ ଭାବେ ଠପ୍ ହୋଇ ପଡିଥିଲା। କୋରାପୁଟ ଉପ ଜିଲ୍ଲାପାଳ ପ୍ରେମଲାଲ ହିଆଲ, ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ମନୋବ୍ରତ ଶତପଥୀ, ଆମ୍ରିତ କୁମାର ମହାନ୍ତି, ସେମିଳିଗୁଡା ଅତିରିକ୍ତ ତହସିଲଦାର ଦେବୀ ପ୍ରସାଦ ନାୟକ ପ୍ରମୁଖ ବିକ୍ଷୋଭ କାରୀଙ୍କ ସହ ଆଲୋଚନା କରିଥିଲେ। ଉପଜିଲ୍ଲାପାଳ ଶ୍ରୀ ହିଆଲ ରେଡ଼କ୍ରସ ପାଣ୍ଠିରୁ ୧୫୦୦୦ଟଙ୍କା ସହାୟତା ରାଶି ଘୋଷଣା ଓ ଶଙ୍କରଙ୍କୁ ଶୀଘ୍ର ଗିରଫ କରିବା ପାଇଁ ପ୍ରତିଶୃତି ଦେବା ପରେ ରାସ୍ତାରୋକ୍ ହଟି ଗାଡ଼ି ଚଳାଚଳ ସ୍ୱାଭାବିକ ହୋଇଥିଲା।

## ପାଶ୍ୱର୍ଦେବତା ମନ୍ଦିର ନିର୍ମାଣ ଶୁଭାରମ୍ଭ



ଗୁଡ଼ାରୀ,୮।୬ (ସମିସ): ପ୍ରାୟ ଏକ କୋଟି ଟଙ୍କା ବ୍ୟୟରେ ଗୁଡ଼ାରୀ ଶ୍ରୀ ଜଗନ୍ନାଥ ମନ୍ଦିର ନିର୍ମାଣଶେଷହୋଇପ୍ରତିଷ୍ଠାକୁ ଏକବର୍ଷ ବିତି ଯାଇଛି। ଏହି ମନ୍ଦିର ଗୁଡ଼ାରୀ ସହରବାସୀ, ଜଗନ୍ନାଥ ପ୍ରେମୀ ଓ ବିଜେଡି ସରକାରଙ୍କ ପୁର୍ଣ୍ଣ ସହଯୋଗରେ ନିର୍ମାଣ କରାଯାଇଥିଲା। ତିନି ଠାକୁରଙ୍କ ମନ୍ଦିର ନିର୍ମାଣ ହୋଇଥିଲେ ମଧ ପାଶ୍ୱର୍ ମନ୍ଦିର ଗୁଡ଼ିକ ପୁନରୁଦ୍ଧାର ପାଇଁ ଅର୍ଥର ଆବଶ୍ୟକତା ରହିଛି। ଏଣୁ ଦୁଇ ବର୍ଷ ପରେ ଶ୍ରୀ ଜଗନ୍ନାଥ ମନ୍ଦିର ନୂତନ କମିଟି ଏହି ପାଶ୍ୱର୍ ମନ୍ଦିର ଗୁଡ଼ିକ ନିର୍ମାଣ କରିବା ପାଇଁ ଅଣ୍ଟା ଭିଡ଼ିଛି। ଗତ ରବିବାର ଦିନ ସକାଳ ୬.୩୦ମି ସମୟରେ ଶ୍ରୀ ମନ୍ଦିର ପ୍ରାଙ୍ଗଣରେ ରୋଷଘର, ମହାଲକ୍ଷ୍ମୀ ମନ୍ଦିର ଏବଂ ହନୁମାନଙ୍କ ମନ୍ଦିର ନୂତନ ଭାବରେ ନିର୍ମାଣ କରିବା ପାଇଁ ଶୁଭ ପଡ଼ିଛି। ଏଥିପାଇଁ ପ୍ରାୟ ୨୦ରୁ ୩୦ ଲକ୍ଷ ଟଙ୍କା ଖର୍ଚ୍ଚ ହେବାର ଆକଳନ କରିଛି କମିଟି। ମନ୍ଦି ନିର୍ମାଣ ପାଇଁ ଦାନ ହେବାକୁ ଚାହୁଁଥିବା ଶ୍ରଦ୍ଧାଳୁ ସଭାପତି ପ୍ରଭାକର ରଥଙ୍କ ମୋବାଇଲ୍ ଫୋନ୍ ୯୪୩୭୦୫୫୯୪୮ ଏବଂ ସମ୍ପାଦକ ଗଣପତି ପାଠୀଙ୍କ ୮୦୯୩୯୦୫୫୫୬ ନମ୍ବର ଏବଂ କୋଷାଧକ୍ଷ ଗୋପିନାଥ ଗୌଡ଼ଙ୍କ ୯୫୫୬୧୩୩୪୩୦ ନମ୍ବରରେ ଯୋଗାଯୋଗ କରି ପାରିବେ। ସେହିପରି ସିଧାସଳଖ ଦାନ ଦେବା ପାଇଁ ଶ୍ରୀଜଗନ୍ନାଥ ବ୍ୟାଙ୍କ ଖାତା ନଂ ୩୦୯୯୭ ୫୪୧୩୨୧ରେ ଦେଇପାରିବେ।

## ବ୍ୟବସାୟୀଙ୍କ ବିରୋଧରେ ମାମଲା

ଜୟପୁର,୮ ।୬ (ସମିସ):

କୋରାପୁଟ ଜିଲ୍ଲା ଜୟପୁର ସଦର ଥାନା ଠାରେ ସହର ବିଶିଷ୍ଟ ରିଏଲ ଏଷ୍ଟେଟ ବ୍ୟବସାୟୀଙ୍କ ବିରୋଧରେ ଅଭିଯୋଗ କ୍ରମେ ଏକ ମାମଲା ରୁଜୁ ହୋଇଛି। ଜୟପୁର ନୂଆସାହି ପ୍ରଥମ ଲାଇନ୍‌ର ବାସିନ୍ଦା ତଥା ୱେବ୍ ମିଡିଆ ସାମ୍ବାଦିକ ସୁମନ୍ତ ସାହୁଙ୍କ ଲିଖିତ ଅଭିଯୋଗ କ୍ରମେ ଗତ ୫ ତାରିଖ ସଂଧ୍ୟା ସାଢେ ୫ଟା ସମୟରେ ସ୍ଥାନୀୟ ଏକଟାଗୁଡା ସ୍ଥିତ ତାଙ୍କ ଜମିରେ ଠିଆ ହୋଇଥିବା ବେଳେ ପାରାବେଢା ଶ୍ରୀରାମ ନଗରର ବାସିନ୍ଦା ତଥା ବିଶିଷ୍ଟ ରିଏଲ ଇଷ୍ଟେଟ ବ୍ୟବସାୟୀ କେ.ଲକ୍ଷ୍ମଣ ରାଓ ତାଙ୍କ ଜମି ନିକଟରେ ପହଞ୍ଚି ତାଙ୍କୁ ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରିବା ସହ ଜମିରେ ପୋତା ହୋଇଥିବା ସିମେଣ୍ଟ ପୋଲ୍‌କୁ ବାହାର କରିବା ସହ ସେଥିରେ ଆକ୍ରମଣ କରିବା ନେଇ ଉଦ୍ୟମ କରିଥିଲେ। କିନ୍ତୁ ଅଭିଯୋଗକାରୀ ଶ୍ରୀ ସାହୁ ସେଠାରୁ ଭୟଭୀତ ହୋଇ ଦୌଡ଼ି ଚାଲି ଆସିଥିବା ବେଳେ ପଛରେ ଗୋଡ଼ାଇ ତାଙ୍କୁ ଗୁଳି କରି ହତ୍ୟା କରିବାକୁ ରିଏଲ ଇଷ୍ଟେଟ ମାଲିକ କୁଆଡ଼େ ଧମକ ଦେଇଥିଲେ। ତେଣୁ ଅଭିଯୁକ୍ତ ସଂଧ୍ୟାରେ ସଦର ଥାନାରେ ପହଞ୍ଚି ଏତଲା ଦେଇଥିଲେ। ବିଏନଏସର ବିଭିନ୍ନ ଦଫାରେ ମାମଲା (୧୫୮/୨୫) ରୁଜୁ କରାଯାଇଛି । ଏ ନେଇ ତଦନ୍ତ ଆରମ୍ଭ କରାଯାଇଥିବା ଥାନା ଅଧିକାରୀ ସଚିନ୍ଦ୍ର ପ୍ରଧାନ ସୂଚନା ଦେଇଛନ୍ତି।

## ୩୫ଦିନ ଧରି ଅନ୍ଧାରରେ ଅଧା ଗ୍ରାମବାସୀ

ପଟ୍ଟାଙ୍ଗି,୮।୬(ସମିସ):

କୋରାପୁଟ ଜିଲ୍ଲା ସେମିଳିଗୁଡ଼ା ବ୍ଲକ ଅଧୀନ କୁନ୍ଦୁଲି ପଞ୍ଚାୟତ ପରଜା ସିରୀମୁଣ୍ଡା ଗ୍ରାମର ଅଧା ଗ୍ରାମବାସୀ ଦୀର୍ଘ ୩୫ ଦିନ ଧରି ଅନ୍ଧାରରେ ରହିଛନ୍ତି। ଗ୍ରାମବାସୀଙ୍କ ଅଭିଯୋଗ ଅନୁଯାୟୀ, ଦୀର୍ଘ ୩୫ ଦିନ ପୂର୍ବେ ଏହି ଅଞ୍ଚଳରେ କାଳବୈଶାଖୀ ପ୍ରଭାବରେ ପ୍ରବଳ ବର୍ଷା ଏବଂ ପବନ ହୋଇଥିଲା। ଯାହାଦ୍ୱାରା ଗ୍ରାମର ଗୋଟିଏ ଫେଜରୁ ସଂଯୋଗ ହୋଇଥିବା ବିଦ୍ୟୁତ୍ କଟି ଯାଇଛି। ଗ୍ରାମର ୧୦୦ଟି ଘର ନିମନ୍ତେ ଦୁଇଟି ଫେଜରୁ ବିଦ୍ୟୁତ୍ ସଂଯୋଗ ଦିଆଯାଇଛି। ସେଥିମଧ୍ୟରୁ ଗୋଟିଏ ଫେଜ୍‌ରୁ ସଂଯୋଗ ହୋଇଥିବା ବିଦ୍ୟୁତ୍ କଟି ଯାଇଥିଲା। ଏନେଇ ବିଭାଗୀୟ ଯନ୍ତ୍ରୀଙ୍କ ସହ ଯୋଗାଯୋଗ କରିବା ପରେ ବି ସମସ୍ୟା ସମାଧାନ ହୋଇନଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି। ଏତେଦିନ ହେଲା ଗ୍ରାମର ୫୦ଟି ଗୃହରେ ବିଦ୍ୟୁତ ସେବା ଦିଆଯାଉନଥିବାରୁ ଲୋକେ ଗ୍ରୀଷ୍ମରେ ହନ୍ତସନ୍ତ ହେବାସହ ଛାତ୍ରଛାତ୍ରୀ ପାଠପଢ଼ି ପାରୁନାହାନ୍ତି। ସମସ୍ୟାର ସମାଧାନ ତୁରନ୍ତ କରାନଗଲେ ବିଭାଗୀୟ କାର୍ଯ୍ୟାଳୟରେ ପହଞ୍ଚି ଘେରଉ କରିବୁ କହି ଗ୍ରାମବାସୀ ଚେତାବନୀ ଦେଇଛନ୍ତି। ଉକ୍ତ ସମସ୍ୟା ନେଇ ବିଭାଗୀୟ ଯନ୍ତ୍ରୀଙ୍କୁ ଯୋଗାଯୋଗ କରିବା ସତ୍ତ୍ୱେ ତାଙ୍କ ଯୋଗାଯୋଗ ହୋଇପାରିନଥିଲା।

## ପରଜା ସମାଜ ପକ୍ଷରୁ ଦଶମ ଓ ଦ୍ୱାଦଶ ଛାତ୍ରଛାତ୍ରୀଙ୍କୁ ସମ୍ବର୍ଦ୍ଧନା



ଚାକିରିଗୁମା,୮।୬(ସମିସ):

ପରଜା ସମାଜ ପକ୍ଷରୁ ପ୍ରତିବର୍ଷ ଭଳି ଚଳିତ ବର୍ଷ ଦଶମ ଓ ଯୁକ୍ତ ଦୁଇ ପରୀକ୍ଷାରେ ପାସ୍ ହୋଇଥିବା ପରଜା ଛାତ୍ରଛାତ୍ରୀଙ୍କୁ ସମ୍ବର୍ଦ୍ଧିତ କରାଯାଇଛି। କୋରାପୁଟ ଜିଲ୍ଲା ଲକ୍ଷ୍ମୀପୁର ବ୍ଲକ୍ ପରଜା ସମାଜ ତରଫରୁ ରବିବାର ଦିନ ଗୌଡ଼ଗୁଡା ପରଜା ସମାଜ ସଭାଗୃହ ଠାରେ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମ ଅନୁଷ୍ଠିତ ହେଇଥଲା। ଏହି କାର୍ଯ୍ୟକ୍ରମରେ ପରଜା ସମାଜର ସଭାପତି ପୂର୍ବତନ ସରପଞ୍ଚ ଡମ୍ବୁରୁଧର ମୁଦୁଲି ସଭାପତିତ୍ୱ କରିଥିଲେ। ମୁଖ୍ୟ ଅତିଥି ଭାବେ ପୂର୍ବତନ ବିଧାୟକ ପଟାଙ୍ଗି, ପ୍ରୀତିମ ପାଢ଼ୀ, ସମ୍ମାନିତ ଅତିଥି ଭାବେ ଗୌଡ ଗୁଡା ସରପଞ୍ଚ ଭଗବତୀ ମୁଦୁଲି, ମୁଖ୍ୟ ବକ୍ତା ଭାବେ ଲକ୍ଷ୍ମୀପୁର ବ୍ଲକ୍‌ର ସହକାରୀ ଗୋଷ୍ଠୀ ଶିକ୍ଷା ଅଧିକାରୀ ମଦନ ମୁଦୁଲି, ଅତିଥି ଭାବେ ବନ୍ଧୁଗାଁ ବ୍ଲକ୍‌ର ସହକାରୀ ଗୋଷ୍ଠୀ ଶିକ୍ଷା ଅଧିକାରୀ ଈଶ୍ୱର ଚନ୍ଦ୍ର ମୁଦୁଲି ଅତିଥି ଭାବେ ଯୋଗ ଦେଇଥିଲେ। ଅତିଥି ମାନେ ପରଜା ସମାଜ ଛାତ୍ର ଛାତ୍ରୀ ଶିକ୍ଷାଲାଭ କରି କିପରି ଉପାର୍ଜନକ୍ଷମ ହେବେ, ଶିଶୁ ଶ୍ରମିକ ଓ ବାଲ୍ୟ ବିବାହ ବିବାହ ଠାରୁ ଦୂରେଇ ରହିବେ, ସେ ନେଇ ଗୁରୁତ୍ୱାରୋପ କରିଥିଲେ। ଏହି କାର୍ଯ୍ୟକ୍ରମରେ ଲକ୍ଷ୍ମୀପୁର ନିର୍ବାଚନ ମଣ୍ଡଳୀର ଲକ୍ଷ୍ମୀପୁର, ନାରାୟଣପାଟଣା, ବନ୍ଧୁଗାଁ, ଦଶମନ୍ତପୁର ଚାରୋଟି ବ୍ଲକ୍‌ର ୫୧ ଟି ପଞ୍ଚାୟତର ପରଜା ସମାଜ ଛାତ୍ରଛାତ୍ରୀମାନେ ୨୦୨୫ ମସିହାରେ ଦଶମ ଓ ଦ୍ୱାଦଶ ପାସ୍ ହେଇଥିବା ୧୭୦ ଜଣ ଛାତ୍ର ଛାତ୍ରୀଙ୍କୁ ପୁରସ୍କାର ପ୍ରଦାନ ଚରାଯାଇଥିଲା। ଅନ୍ୟତମ ଅତିଥି ଭାବେ ପଞ୍ଜଡା ପଞ୍ଚାୟତ ସରପଞ୍ଚ ପ୍ରିୟଙ୍କା ଜାନୀ, ନାରାୟଣପାଟଣା ପଞ୍ଚାୟତ ସରପଞ୍ଚ ରେବତୀ ମୁଦୁଲି, ପୂର୍ବତନ ସରପଞ୍ଚ ଘାସିରାମ ମୁଦୁଲି ଓ ରାଧେଶ୍ୟାମ ଜାନୀ, ପୂର୍ବତନ ସରପଞ୍ଚ ଧନପତି ଜାନୀ, ଖୁଦ ଦାମୀ, ପୂର୍ବତନ ଜିଲ୍ଲାପରିଷଦ କନାହ୍ନ ଜାନୀ, ଶିକ୍ଷକ ସାଧବ ଜାନୀ, ଶିମାଚଞ୍ଚ ବେପାରୀ ଓ ଅନେକ ଶିକ୍ଷକ ଶିକ୍ଷୟିତ୍ରୀ ଉପସ୍ଥିତ ଥିଲେ। ୫୧ଟି ପଞ୍ଚାୟତର ୫୦୦ରୁ ଅଧିକ ଲୋକ ଯୋଗ ଦେଇଥିଲେ। ଠଣ ମୁଦୁଲି, ସୁବାଷ ନନ୍ଦିବାଡି, ପୁରୁଷୋତ୍ତମ ମୁଦୁଲି, ଦୁର୍ଯ୍ୟୋ ମୁଦୁଲି, କୁନା ମୁଦୁଲି, ଭୁବନ ଧାଙ୍ଗଡ଼ା ମାଝୀ, ଉରିଅ ମୁଦୁଲି ସହଯୋଗ କରିଥିଲେ। ଡମ୍ବୁରୁଧର ମୁଦୁଲି ଧନ୍ୟବାଦ ପ୍ରଦାନ କରି କାର୍ଯ୍ୟକ୍ରମ ସମାପ୍ତ କରିଥିଲେ

## ଷଣ୍ଢ ଆକ୍ରମଣ ରେ ପଥଚାରୀ ଗୁରୁତର



କୋରାପୁଟ,୮।୬(ସମିସ): ଷଣ୍ଢ ଆକ୍ରମଣ କରିବାରୁ ଜଣେ ପଥଚାରୀ ଗୁରୁତର ଆହତ ହୋଇଛନ୍ତି। ଆହାତ ବୃଦ୍ଧଙ୍କ ନାମ ଟି ନାରାୟଣ। ଚିକିତ୍ସା ପାଇଁ ତାଙ୍କୁ କୋରାପୁଟ ସହିଦ ଲକ୍ଷ୍ମଣ ନାୟକ ମେଡ଼ିକାଲ କଲେଜ ଓ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ସୂଚନାଯୋଗ୍ୟ ଯେ ଟି ନାରାୟଣ ନିଜ ଘରୁ ପୁଟିଲାସାହି ସ୍ଥିତ ନିଜ ଦୋକାନକୁ ଗଲା ବେଳେ ରାସ୍ତାରେ ଷଣ୍ଢଟି ଆକ୍ରମଣ କରିଥିଲା। ଆକ୍ରମଣରେ ବୃଦ୍ଧଙ୍କ ହାତରେ ଗଭୀର କ୍ଷତ ସୃଷ୍ଟି ହେବା ସହ ହାତଟି ଭାଙ୍ଗି ଯାଇଥିବା ଜଣାପଡିଛି। ସେ ବର୍ତ୍ତମାନ ମେଡିକାଲ୍‌ରେ ଚିକିତ୍ସିତ ହେଉଛନ୍ତି।

## କାର୍ଯ୍ୟକ୍ଷମ ହେଲା ନନ୍ଦପୁରର ସିସି ଟିଭି କ୍ୟାମେରା

ନନ୍ଦପୁର,୮।୬ (ସମିସ): ନନ୍ଦପୁର ବ୍ଲକ୍ କାର୍ଯ୍ୟାଳୟ ପରିସରରେ ଜିଲ୍ଲାପାଳ ଓ ପୁଲିସ ଆରକ୍ଷୀ ଅଧିକ୍ଷକଙ୍କ ମିଳିତ ଜନଶୁଣାଣି ଶିବିରରେ ଅଭିଯୋଗ କରିବା ପରେ ବିଳମ୍ବ ହେଉ ପଛକେ ନନ୍ଦପୁର ସହର ମୁଣ୍ଡ ଉପରେ ଲାଗିଥିବା ଅଚଳ ସିସି ଟିଭି କ୍ୟାମେରା କାର୍ଯ୍ୟକ୍ଷମ ହୋଇଛି। ଏହାକୁ ନେଇ ନନ୍ଦପୁରବାସୀ ଖୁସି ପ୍ରକଟ କରିଛନ୍ତି। ସୂଚନା ମୁତାବକ ନନ୍ଦପୁର ବ୍ଲକ ସଦର ମହକୁମାରେ ଜିଲ୍ଲା ପ୍ରଶାସନ ଓ ପୁଲିସ ବିଭାଗ ଦ୍ୱାରା ଆଇନ ଶୃଙ୍ଖଳା ପରିସ୍ଥିତି ଉପରେ ନଜର ରଖିବାକୁ ୧୪ଟି ସିସି ଟିଭି କ୍ୟାମେରା ସ୍ଥାପନ କରାଯାଇଥିଲା। ଯାହା ବର୍ଷାଧିକ କାଳ ହେବ ଅଚଳ ଥିବା ଓ ଯଦ୍ୱାରା ନନ୍ଦପୁର ପୁଲିସ ଆଇନ ଶୃଙ୍ଖଳା ପରିସ୍ଥିତି ଉପରେ କଡା ନଜର ରଖିବାକୁ ଅସମର୍ଥ ହେଉଥିଲା। ସିସି ଟିଭି କ୍ୟାମେରା ଗୁଡ଼ିକର ମରାମତି କରି ସଚଳ କରିବାକୁ ନନ୍ଦପୁର ବୁଦ୍ଧିଜୀବୀଙ୍କ ସମେତ ନନ୍ଦପୁର ଗଣମଧ୍ୟମ ପ୍ରତିନିଧି ମାନେ ପ୍ରଶାସନଙ୍କୁ ବାରମ୍ବାର ଦୃଷ୍ଟି ଆକର୍ଷଣ କରିଥିଲେ। ତେବେ ବର୍ତ୍ତମାନ ୧୪ ବଦଳରେ ୧୬ ସିସି ଟିଭି କ୍ୟାମେରା ନନ୍ଦପୁର ସହର ଉପରେ ନଜର ରହିଛି। ରବିବାର ସଂପୂର୍ଣ୍ଣ କ୍ୟାମେରା ଗୁଡ଼ିକ କାର୍ଯ୍ୟକ୍ଷମ ହେବା ନେଇ ନନ୍ଦପୁର ବିଡିଓ ଦୁର୍ଗା ପ୍ରସାଦ ଦୋରା ଗଣମାଧ୍ୟମ ସୂଚନା ଦେଇଛନ୍ତି।



## ଜୟ ସଦଗୁରୁ ଯୁବକ ସଂଘର କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ ଉଦ୍‌ଯାପିତ



ରାୟଗଡ଼ା,୮।୬(ସମିସ):

ରାୟଗଡା ସଦର ବ୍ଲକର କାର୍ଲାକଣା ପଞ୍ଚାୟତର ଅଙ୍ଗୁରୁ ଗ୍ରାମରେ ଜୟ ସଦଗୁରୁ ଯୁବକ ସଂଘ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ ଉଦ୍‌ଯାପିତ ହୋଇଯାଇଛି। ୧୭ଦିନ ଧରି ଖେଳା ଯାଇଥିବା ଏହି ଟୁର୍ଣ୍ଣାମେଣ୍ଟରେ ମୋଟ ୧୬ଟି ଦଳ ଅଂଶଗ୍ରହଣ କରିଥିଲେ। ଆଜି ଫାଇନାଲ ମ୍ୟାଚ୍ କେଉଟଗୁଡ଼ା ଏବଂ ବଡ଼ ଚାନ୍ଦିଲି ଦଳ ମଧରେ ଖେଳା ଯାଇଥିଲା। ବଡ଼ ଚାନ୍ଦିଲି ପ୍ରଥମେ ବ୍ୟାଟିଂ କରି ୧୨ ଓଭରରେ ୫୯ ରନ୍ କରିଥିଲା। ଜବାବରେ କେଉଟଗୁଡ଼ା ଦଳ ୮.୧ ଓଭରରେ ୬୦ରନ୍ କରି ବିଜୟ ହେବା ସହ ଚାମ୍ପିଅନ ହୋଇଥିଲା। ବିଜୟୀ କେଉଟଗୁଡ଼ା ଦଳକୁ ୧୫ ହଜାର ଟଙ୍କା ସହ ଟ୍ରଫି ଏବଂ ଉପବିଜେତା ବଡ଼ ଚାନ୍ଦିଲି ଦଳକୁ ୧୦ ହଜାର ଟଙ୍କା ସହ ଟ୍ରଫି ଅତିଥିମାନେ ପ୍ରଦାନ କରିଥିଲେ। ଏଥିରେ ମୁଖ୍ୟ ଅତିଥି ଭାବେ ଯୁବ ନେତା ଉଦୟ କୁମାର ହିମିରିକା, ଯୁବ ସାମ୍ବାଦିକ ତଥା ସମାଜସେବୀ ସଦାନନ୍ଦ ପେଦେଣ୍ଟି,ଭଦ୍ରବ୍ୟକ୍ତି ବିଙ୍ଗୁ ଅଟକା ଓ ସୁନୀଲ ପେଦେଣ୍ଟି ଯୋଗ ଦେଇଥିଲେ। କୋଲନରା ବ୍ଲକର ଦୁନ୍ଦିଲି ପଞ୍ଚାୟତର ସମାଜ ସେବୀ, ଅଙ୍ଗୁର ଗ୍ରାମର ଜାନି ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ। ଏଙ୍କଟି ପେଦେଣ୍ଟି, ହେମନ୍ତ ପେଦେଣ୍ଟି, ଡିନୁ କୁଲିସିକା ପ୍ରମୁଖ ଟୁର୍ନାମେଣ୍ଟ ପରିଚାଳନା କରିଥିବା ବେଳେ ଗ୍ରାମର ଯୁବଗୋଷ୍ଠୀ ସହଯୋଗ କରିଥିଲେ ।

# ବନୀକରଣକୁ ଗ୍ରାମବାସୀଙ୍କ ବିରୋଧ

### ଜଙ୍ଗଲ ବିଭାଗର ହସ୍ତକ୍ଷେପ ପରେ ସମାଧାନ

ପାପଡାହାଣ୍ଡି,୮।୬(ସମିସ):



ନବରଙ୍ଗପୁର ଜିଲ୍ଲା ପାପଡାହାଣ୍ଡି ବନ ବିଭାଗ ଅଧୀନରେ ରହିଥିବା ମୁଣ୍ଡାଗୁଡା ଆରଏଫ ଜଙ୍ଗଲର କଂଗମାଝୀଗୁଡା ଜଙ୍ଗଲରେ ନୂତନ ବନୀକରଣକୁ ଗ୍ରାମବାସୀ ବିରୋଧ କରୁଥିଲେ। ଏନେଇ ବନ ବିଭାଗ ହସ୍ତକ୍ଷେପ ପରେ ବୁଝିଲେ ଗ୍ରାମବାସୀ। ଗତକାଲି ଠାରୁ ଚାରାରୋପଣ କରାଯିବ ବୋଲି ସୂଚନା ମିଳିଛି।

ସୂଚନା ଅନୁଯାୟୀ ମୁଣ୍ଡାଗୁଡା ଆରଏଫ ଜଙ୍ଗଲର କଂଗମାଝୀଗୁଡା ଜଙ୍ଗଲ ଜମିରେ ଦୀର୍ଘ ୨୦ ବର୍ଷ ହେଲା ଗ୍ରାମବାସୀ ଚାଷ କରି ଉପକୃତ ହେଉଥିଲେ। ଗତ ବର୍ଷ ବନବିଭାଗର ସର୍ଭେ ପରେ ଏହି ୨୦ ଏକର ଜମିରେ ନୂତନ ବନୀକରଣ କରିବାକୁ ଉପରିସ୍ତ ଅଧିକାରୀଙ୍କ ଠାରୁ ନିର୍ଦ୍ଦେଶ ପାଇବା ପରେ ଗତବର୍ଷ ଏହି ସ୍ଥାନରେ ବନୀକରଣ ପାଇ ଯୋଜନା ହୋଇଥିଲା। ଗ୍ରାମବାସୀକୁ ଜଙ୍ଗଲ ଜମିରେ ଚାଷ ନ କରିବାକୁ ମଧ ମନା କରଯାଇଥିଲା। କିନ୍ତୁ ଗତବର୍ଷ ଚାଷ ପାଇଁ ପ୍ରସ୍ତୁତି ସରିଛି। ତେଣୁ ଏହି ବର୍ଷ ଚାଷ ପରେ ଆମେ ଆସନ୍ତା ବର୍ଷ ଛାଡିଦେବୁ ବୋଲି ଗ୍ରାମବାସୀ ନିବେଦନ କରିଥିଲେ। ବର୍ତ୍ତମାନ ବନବିଭାଗ ତରଫରୁ ନୂତନ ବନୀକରଣ କାମ ଆରମ୍ଭ କରିବା ସମୟରେ ଗ୍ରାମବାସୀ ଏହାକୁ ବିରୋଧ କରିଥିଲେ। କାମ ବନ୍ଦ କରିବାକୁ ହୋ ହଲ୍ଲା କରିଥିଲେ। ରେଞ୍ଜର ଗୋପୀନାଥ ସାହୁଙ୍କ ନେତୃତ୍ୱରେ ଫୋରେଷ୍ଟର ଗୋବିନ୍ଦ ନାୟକ ଓ ବନବିଭାଗ ଏକ ଦଳ ପହଞ୍ଚି ଗ୍ରାମବାସୀକୁ ବୁଝାଇଥିଲେ। ଏହା ସହ ସରପଞ୍ଚଙ୍କ ପ୍ରତିନିଧି ଲକ୍ଷଣ ଭତରା ମଧ ପହଞ୍ଚି ଗ୍ରାମବାସୀକୁ ବୁଝାଇଥିଲେ। ଏହି ଜଙ୍ଗଲ ଜମିରେ ୨୪୦୦୦ ହଜାରରୁ ଅଧିକ ଚାରା ରୋପଣ କରାଯିବ। ଏଥିରେ ଗ୍ରାମବାସୀ କାମ କରିବେ। ଗଛ ବଢ଼ିବା ପରେ ଫଳ, ଜଙ୍ଗଲ ଦ୍ରବ୍ୟ ପାଇବା ସହ ଗ୍ରାମବାସୀ ଉପକୃତ ହେବେ। ଏହା ସରକାରଙ୍କ ନିର୍ଦ୍ଦେଶ ବୋଲି ବୁଝାଇଥିଲେ। ଏହା ଜାଣିବା ପରେ ଲିଖିତ ଭାବେ ଗ୍ରାମବାସୀ ଦେଇଥିଲେ ଯେ ଆସନ୍ତା କାଲି ଠାରୁ ନୂତନ ବନୀକରଣ ପାଇଁ କାମ ଆରମ୍ଭ କରାଯିବ । କଂଗମାଝୀଗୁଡା ଗ୍ରାମର ଗ୍ରାମବାସୀ ଏହି କାମରେ ନିୟୋଜିତ ହେବେ ବୋଲି ବନ ବିଭାଗ ତରଫରୁ ସୂଚନା ମିଳିଛି। ଏହି ୨୦ ଏକର ସ୍ଥାନ ରେ ୨୪ ହଜାର ଗଛ ଲାଗିବା ସହ ଚାରି ପାଖରେ ତାର ବାଡ଼ ଲାଗିବ

## ଶିରିଆପାଳ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ

# ସ୍ୱୀକୃତିପ୍ରାପ୍ତ ହଷ୍ଟେଲ ବନ୍ଦ ନିଷ୍ପତ୍ତିକୁ 'ଶରତ ବିକାଶ ମଞ୍ଚ'ର ବିରୋଧ

ଶରତ, ୮।୬(ସମିସ)

କପ୍ତିପଦା ବ୍ଲକ ଅଧୀନ ଦେୱାନବାହାଲୀ ପଞ୍ଚାୟତ ଅନ୍ତର୍ଗତ ଶିରିଆପାଳ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ପ୍ରଥମ ଶ୍ରେଣୀରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ସର୍ବମୋଟ ୩୧୪ଜଣ ଛାତ୍ରଛାତ୍ରୀ ପାଠ ପଢୁଛନ୍ତି। ଏଠାରେ ୧୯୭୨ ମସିହାରେ ବିଦ୍ୟାଳୟ ପ୍ରତିଷ୍ଠା ହୋଇ ଦେୱାନବାହାଲୀ ପଞ୍ଚାୟତ ତଥା ଶରତ ଅଞ୍ଚଳରେ ଶିକ୍ଷାର ଆଲୋକ ବାଣ୍ଟୁଛି। ପ୍ରଥମ ଶ୍ରେଣୀରୁ ପଞ୍ଚମ ଶ୍ରେଣୀ ପର୍ଯ୍ୟନ୍ତ ପିଲାମାନେ ପାଠପଢ଼ିବା ନିମନ୍ତେ ଉକ୍ତ ବିଦ୍ୟାଳୟରେ ସରକାରୀ ଅନ୍ତେବାସୀ ଛାତ୍ର ନିବାସ ରହିଛି। ଷଷ୍ଠ ଶ୍ରେଣୀରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ପିଲା ପାଠ ପଢ଼ିବା ନିମନ୍ତେ ଉକ୍ତ ବିଦ୍ୟାଳୟରେ ସରକାରୀ ସ୍ୱୀକୃତିପ୍ରାପ୍ତ ଛାତ୍ର ନିବାସ ରହିଛି। ସୂଚନା ଥାଉ କି ମୟୂରଭଞ୍ଜ ଜିଲ୍ଲା ମଙ୍ଗଳ ଅଧିକାରୀ ତାଙ୍କ ଚିଠିରେ ଶିରିଆପାଳ ସରକାରୀ ସ୍ୱୀକୃତିପ୍ରାପ୍ତ ଛାତ୍ରନିବାସ ବନ୍ଦ କରିବା ପାଇଁ କପ୍ତିପଦା ବ୍ଲକ ସମ୍ପ୍ରସାରଣ ଅଧିକାରୀଙ୍କୁ ନିର୍ଦ୍ଦେଶ ଜାରି କରିଛନ୍ତି। ନିର୍ଦ୍ଦେଶ କାର୍ଯ୍ୟକାରୀ ହୋଇଥିବାରୁ ଷଷ୍ଠ ଶ୍ରେଣୀ ନିମନ୍ତେ ଆଉ ହଷ୍ଟେଲରେ ରହି ପାଠ ପଢ଼ିବା ପାଇଁ ପିଲାମାନଙ୍କୁ ଆଡ଼ମିଶନ ନିଆଯିବ ନାହିଁ। ଅର୍ଥାତ ଷଷ୍ଠ ଶ୍ରେଣୀରେ ପାଠ ପଢ଼ିବା ନିମନ୍ତେ ପିଲା ଆଡ଼ମିଶନ ହୋଇପାରିବେ, କିନ୍ତୁ ସେମାନଙ୍କ ପାଇଁ ରହଣି ପାଇଁ ହଷ୍ଟେଲ ବ୍ୟବସ୍ଥା ବନ୍ଦ କରିଦିଆଯାଇଛି। ଶରତ ଅଞ୍ଚଳର ଜନସାଧାରଣ ଆଜି ବି ଶିକ୍ଷା ସଭ୍ୟତା ଓ ବିକାଶରୁ ବହୁ ଦୂରରେ ରହିଛନ୍ତି। ସରକାରୀ ହଷ୍ଟେଲରେ ରହି ପାଠ ପଢ଼ିବା ନିମନ୍ତେ ସୁଯୋଗ ପାଉ ନ ଥିବାରୁ ଶରତ ଅଞ୍ଚଳର ଅଭିଭାବକମାନେ ତାଙ୍କ ପିଲାଙ୍କୁ ବାଲେଶ୍ୱର ଜିଲ୍ଲା ଅନ୍ତର୍ଗତ ଔପଦା ବ୍ଲକ ଏବଂ ଖଇରା ବ୍ଲକରେ ଥିବା ସଂସ୍କୃତ ମାଧ୍ୟମ ବିଦ୍ୟାଳୟମାନଙ୍କରେ ପାଠ ପଢ଼ାଇବାକୁ ପଠାଉଛନ୍ତି। ତତସହିତ ହଷ୍ଟେଲରେ ରହି ପାଠ ପଢ଼ିବା ନିମନ୍ତେ ସୁଯୋଗ ନ ଥିବାରୁ ଆଦିବାସୀ ଛାତ୍ରଛାତ୍ରୀ ଅଧାରୁ ପାଠପଢ଼ା ବନ୍ଦକରି ଜଙ୍ଗଲରେ ଶିକାର କରୁଛନ୍ତି ଏବଂ ବାହାର ରାଜ୍ୟକୁ ଦାଦନ ଖଟିବାକୁ ଯାଉଛନ୍ତି। ଶରତ ଅଞ୍ଚଳର ଗରିବ ଛାତ୍ରଛାତ୍ରୀଙ୍କ ବୃହତ୍ତର ସ୍ୱାର୍ଥ ଦୃଷ୍ଟିରୁ ଜିଲ୍ଲା ମଙ୍ଗଳ ଅଧିକାରୀ ତାଙ୍କ ନିଷ୍ପତ୍ତି ପ୍ରତ୍ୟାହାର କରନ୍ତୁ। ତତସହିତ ଶିରିଆପାଳ ସରକାରୀ ସ୍ୱୀକୃତିପ୍ରାପ୍ତ ହଷ୍ଟେଲରେ ପୁନର୍ବାର ଷଷ୍ଠରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ପିଲାମାନେ ସେଠାରେ ରହି ପାଠପଢ଼ିବାକୁ ଉକ୍ତ ବିଦ୍ୟାଳୟର ସରକାରୀ ସ୍ୱୀକୃତିପ୍ରାପ୍ତ ହଷ୍ଟେଲକୁ ପୁନର୍ବାର ଖୋଲିବା ପାଇଁ 'ଶରତ ବିକାଶ ମଞ୍ଚ' ପକ୍ଷରୁ ନିବେଦନ କରାଯାଇଛି। ସମସ୍ୟା ସମ୍ପର୍କରେ ଉଭୟ ମୟୂରଭଞ୍ଜ ଜିଲ୍ଲାପାଳ ଏବଂ ମୟୁରଭଞ୍ଜ ଜିଲ୍ଲା ମଙ୍ଗଳ ଅଧିକାରୀଙ୍କୁ ଲିଖିତ ଅଭିଯୋଗ କରିବା ପରେ ମଧ ପୁନର୍ବାର ଉକ୍ତ ହଷ୍ଟେଲ ଖୋଲିବା ଦିଗରେ କୌଣସି ପଦକ୍ଷେପ ନିଆ ନ ଥିବାରୁ ଅଭିଭାବକ ମହଲରେ ଅସନ୍ତୋଷ ପ୍ରକାଶ ପାଇଛି। ମୟୂରଭଞ୍ଜ ଜିଲ୍ଲା ମଙ୍ଗଳ ଅଧିକାରୀଙ୍କ ଭୁଲ ନିଷ୍ପତିକୁ ଯୋଗୁଁ ଗରୀବ ଆଦିବାସୀ ଛାତ୍ରଛାତ୍ରୀ ହଷ୍ଟେଲରେ ରହି ପାଠ ପଢ଼ିବା ନିମନ୍ତେ ସୁଯୋଗ ନ ପାଉଥିବାରୁ ହଇରାଣ ହରକତ ହେଉଛନ୍ତି। ନିଷ୍ପତି ପ୍ରତ୍ୟାହାର କରି ପୁନର୍ବାର ହଷ୍ଟେଲ ଖୋଲିବା ପାଇଁ ଜିଲ୍ଲା ମଙ୍ଗଳ ଅଧିକାରୀ ତତ୍ପରତା ଦେଖାନ୍ତୁ ନଚେତ ତାଙ୍କର ଭୁଲ ନିଷ୍ପତି ତଥା ଅପ୍ରାସଙ୍ଗିକ ନିର୍ଦ୍ଦେଶକୁ ଓଡ଼ିଶା ଉଚ୍ଚ ନ୍ୟାୟାଳୟରେ ଜନସ୍ୱାର୍ଥ ଦାୟର କରି ଚାଲେଞ୍ଜ କରାଯିବ ବୋଲି ବିକାଶ ମଞ୍ଚ ସଭାପତି ଗାମାଏ ରୀମିଲ ସିଂ ଗୋଇପାଇ ପ୍ରେସ୍ ବିଜ୍ଞପ୍ତି ଯୋଗେ ପ୍ରକାଶ କରିଛନ୍ତି।

**ପଦକ୍ଷେପ ନନେଲେ ଛାତ୍ରଛାତ୍ରୀଙ୍କ ପାଠପଢ଼ା ପ୍ରଭାବିତ ହେବ**



## ରାଜ୍ୟ ଉଚ୍ଚ ଶିକ୍ଷା ବିଭାଗ ସ୍ଲେଟ୍ ପରୀକ୍ଷା କରିବାକୁ ଦାବି

**ବାରିପଦା, ୮।୬(ସମିସ):** କେନ୍ଦ୍ର ସରକାରଙ୍କ ବିଶ୍ୱବିଦ୍ୟାଳୟ ଅନୁଦାନ ଆୟୋଗ ନିୟମ ଅନୁସାରେ ଆସିଷ୍ଟାଣ୍ଟ ପ୍ରଫେସର ନିଯୁକ୍ତି ନିମନ୍ତେ ନେଟ୍ (ନେସନାଲ ଏଲିଜିବିଲିଟି ଟେଷ୍ଟ) ବା ସ୍ଲେଟ(ଷ୍ଟେଟ ଲେଭେଲ ଏଲିଜିବିଲିଟି ଟେଷ୍ଟ)ରେ କୃତକାର୍ଯ୍ୟ ହେବା ଏକାନ୍ତ ପ୍ରୟୋଜନ। ନଚେତ୍ ପିଜିରେ ୫୫ପ୍ରତିଶତ ମାର୍କ ସହିତ ପିଏଚ୍‌ଡି କରିଥିଲେ ଆସିଷ୍ଟାଣ୍ଟ ପ୍ରଫେସର ଭାବେ ନିଯୁକ୍ତି ପାଇବାକୁ ଯୋଗ୍ୟ ବିବେଚିତ ହେବେ। ଆମ ଦେଶରେ ବହୁ ରାଜ୍ୟ ସ୍ଲେଟ ପରୀକ୍ଷା କରାଉଛନ୍ତି ଏବଂ ଏହି ପରୀକ୍ଷାରେ କୃତକାର୍ଯ୍ୟ ହୋଇଥିବା ଛାତ୍ରଛାତ୍ରୀଙ୍କୁ ଆସିଷ୍ଟାଣ୍ଟ ପ୍ରଫେସର ଭାବେ ନିଯୁକ୍ତି ମଧ ଦେଉଛନ୍ତି। କିନ୍ତୁ ଓଡ଼ିଶାରେ ସ୍ଲେଟ (ଷ୍ଟେଟ୍ ଲେଭେଲ ଏଲିଜିବିଲିଟି ଟେଷ୍ଟ) କରାଯାଉନଥିବାରୁ ଓଡ଼ିଶା ଛାତ୍ରଛାତ୍ରୀ ଏହି ସୁଯୋଗରୁ ବଞ୍ଚିତ ହେଉଛନ୍ତି। ତେଣୁ ରାଜ୍ୟରେ ଅଧ୍ୟାପକ ନିଯୁକ୍ତି ନିମନ୍ତେ ରାଜ୍ୟ ଉଚ୍ଚଶିକ୍ଷା ବିଭାଗ ପ୍ରତିବର୍ଷ ସ୍ଲେଟ ପରୀକ୍ଷା କରାଇବାକୁ ସଚେତନ ନାଗରିକ ମଞ୍ଚ ସଭାପତି ତଥା ପୂର୍ବତନ ବିଧାୟକ କିଶୋର ଦାଶ, ମହାରାଜା ରାମଚନ୍ଦ୍ର ଭଞ୍ଜ ଦେଓ ବିଶ୍ୱବିଦ୍ୟାଳୟର ପୂର୍ବତନ ସିନେଟ୍ ଓ ଏକାଡେମୀ କାଉନସିଲ୍ ସଦସ୍ୟ ପ୍ରଦୀପ କୁମାର ନାୟକ, ପୂର୍ବତନ ସିନେଟ୍ ସଦସ୍ୟ ସଞ୍ଜୀବ ଆଚାର୍ଯ୍ୟ, ସଂଘମିତ୍ରା ରାଉତ ଓ ରଞ୍ଜିତା ନାୟକ ଆଦି ଦୃଢ଼ ଦାବି କରିଛନ୍ତି। ରାଜ୍ୟ ଉଚ୍ଚଶିକ୍ଷା ବିଭାଗ ପ୍ରତିବର୍ଷ ପିଜି ଆଡ଼ମିଶନ ନିମନ୍ତେ ବିଭିନ୍ନ ବିଷୟରେ ସିପିଏଟ ପରୀକ୍ଷା କରାଉଛନ୍ତି, ତେଣୁ ଉଚ୍ଚଶିକ୍ଷା ବିଭାଗ ବିଭିନ୍ନ ବିଷୟରେ ସ୍ଲେଟ ପରୀକ୍ଷା କରାଇବାରେ କୌଣସି ଅସୁବିଧା ହେବନାହିଁ ବୋଲି ଛାତ୍ରଛାତ୍ରୀ ମତ ପ୍ରକାଶ କରିଛନ୍ତି। ତେଣୁ ଓଡ଼ିଶାର ମୁଖ୍ୟମନ୍ତ୍ରୀ, ଉଚ୍ଚଶିକ୍ଷା ମନ୍ତ୍ରୀ ଓ ଉଚ୍ଚଶିକ୍ଷା ବିଭାଗ ଶାସନ ସଚିବ ରାଜ୍ୟରେ ସ୍ଲେଟ ପରୀକ୍ଷା କରାଇବାକୁ ଛାତ୍ରଛାତ୍ରୀ ଦୃଢ଼ ଦାବି କରିଛନ୍ତି। ସ୍ଲେଟ ପରୀକ୍ଷା କରାଗଲେ ଛାତ୍ରଛାତ୍ରୀ ବିଶେଷ ଭାବରେ ଅଧ୍ୟାପକ ନିଯୁକ୍ତି କ୍ଷେତ୍ରରେ ଉପକୃତ ହେବେ।

## ନାରଦ ଜୟନ୍ତୀ ସମାରୋହ



**ରାଇରଙ୍ଗପୁର, ୮।୬(ସମିସ):** ମୟୂରଭଞ୍ଜ ଜିଲ୍ଲା ବାମନଘାଟୀ ଉପଖଣ୍ଡ ରାଇରଙ୍ଗପୁର ପୌରପାଳିକା ଅନ୍ତର୍ଗତ ଅଲାଁଡୁବା ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ପ୍ରାଙ୍ଗଣରେ ଶୁକ୍ରବାର ନାରଦ ଜୟନ୍ତୀ ସମାରୋହ ବିଶ୍ୱ ସମ୍ବାଦ କେନ୍ଦ୍ର ଆନୁକୂଲ୍ୟରେ ସଭାପତି ଲଳିତ ମହାନ୍ତଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟଅତିଥି ଭାବେ ରାଷ୍ଟ୍ରୀୟ ସ୍ୱୟଂ ସେବକ ସଂଘର ରାଇରଙ୍ଗପୁର ନଗର ସଂଘଚାଳକ ଗିରିଜା ଶଙ୍କର ମହାନ୍ତ, ମୁଖ୍ୟବକ୍ତା ଭାବେ ରାଷ୍ଟ୍ରଦୀପ ପତ୍ରିକାର ସମ୍ପାଦକ ଚିତରଞ୍ଜନ ମହାପାତ୍ର ଏବଂ ସମ୍ମାନିତ ଅତିଥି ବରିଷ୍ଠ ସାମ୍ବାଦିକ ରବୀନ୍ଦ୍ର ପଟ୍ଟନାୟକ ଓ ସୌରଭ ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ଥିଲେ। ସଭା ପ୍ରାରମ୍ଭରେ ଅତିଥିଗଣ ଭାରତମାତା ଓ ନାରଦଙ୍କ ଫଟୋଚିତ୍ରରେ ପ୍ରଦୀପ ପ୍ରଜ୍ୱଳନ କରିଥିଲେ। ଅତିଥିଗଣ ନାରଦଙ୍କ ନୀତି ଓ ଆଦର୍ଶରେ ଅନୁପ୍ରାଣିତ ହେବା ପାଇଁ ଉପସ୍ଥିତ ସମସ୍ତ ସାମ୍ବାଦିକ ବନ୍ଧୁମାନଙ୍କୁ ପରାମର୍ଶ ଦେଇଥିଲେ। ଏହାପରେ ବରିଷ୍ଠ ସାମ୍ବାଦିକ ଶରତ ଦାସ ରବୀନ୍ଦ୍ର ପଟ୍ଟନାୟକ ଓ ସୌରଭ ପଟ୍ଟନାୟକଙ୍କୁ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଥିଲା। ନାରଦ ସମ୍ମାନରେ ପ୍ରିଣ୍ଟ ମିଡିଆରେ ତୁଷାରକାନ୍ତ ମହାନ୍ତ, ରାଜେଶ କୁମାର ଶର୍ମା, ଇଲେକଟ୍ରୋନିକ୍ସ ମିଡିଆରେ ପ୍ରଦୀପ ମହାନ୍ତ ଓ ସୋସିଆଲ ମିଡିଆରେ ମେଘନାଦଙ୍କୁ ସମ୍ମାନିତ କରାଯାଇଥିଲା। ବନ୍ଦେ ଉତ୍କଳ ଜନନୀ ଗାନ କରାଯାଇ ସଭକାର୍ଯ୍ୟ ଶେଷ ହୋଇଥିଲା। ସଭାପତି ଲଳିତ ମହାନ୍ତ ସଭାପତିତ୍ୱ କରିବା ସହିତ ମଞ୍ଚ ପରିଚାଳନା କରିଥିଲେ। ଏଥିରେ ବଳରାମ ବାରିକ, ରାଜୀବ ଲୋଚନ ସିଂହ, ଅଙ୍କିତ ପାଢିଆ ଏବଂ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରର ସମସ୍ତ ଗୁରୁଜୀଗୁରୁମା ସହଯୋଗ କରିଥିଲେ।

## ଶୁଳିଆପଦା ଥାନା ଇଲାକାରେ ଫାଣ୍ଡି ପ୍ରତିଷ୍ଠା ପାଇଁ ଦାବି

**ଶୁଳିଆପଦା, ୮।୬(ସମିସ):** ମୟୂରଭଞ୍ଜ ଜିଲ୍ଲା ଶୁଳିଆପଦା ଥାନା ସୀମାକୁ ଲାଗି ପଡ଼ୋଶୀ ପଶ୍ଚିମବଙ୍ଗ ଥିବାରୁ ଅନେକ ସମୟରେ ଚୋରା ବାଲି ଓ ଗୋମାଫିଆମାନେ ସକ୍ରିୟ ହୋଇଥାନ୍ତି। ଏତେ ବଡ଼ ଇଲାକାକୁ ଗୋଟେ ଥାନା ସମ୍ଭାଳିବା ପୁଲିସ ପାଇଁ ବଡ଼ ଚ୍ୟାଲେଞ୍ଜ ସୃଷ୍ଟି କରିଛି। ଯାହାଫଳରେ ବେଳେ ବେଳେ ଅପରାଧୀମାନେ କୋଷ୍ଠା ବାଘଡ଼ା ଦେଇ ପଶ୍ଚିମବଙ୍ଗକୁ ଚୋରାଚାଲାଣ କରିବା ସହ ପୁଲିସକୁ ଚକମା ଦେଇ ଖସି ଯିବାରେ ସଫଳ ହେଉଛନ୍ତି। ତାଛଡ଼ା ଅନେକ ଦୂରଦୂରାନ୍ତରୁ ଲୋକେ ଅଭିଯୋଗ ନେଇ ବିପଦଜନକ ଭାବରେ ରାତି ଅଧିଆ ଥାନାକୁ ଆସିବା ଉଚିତ ମନେ କରୁନାହାନ୍ତି। ଲୋକଙ୍କ ସ୍ୱାର୍ଥକୁ ଦୃଷ୍ଟିରେ ରଖି ଏବଂ ଆଇନଶୃଙ୍ଖଳା ବ୍ୟବସ୍ଥାକୁ ସୁଦୃଢ଼ କରିବା ସହ ଅପରାଧିକ କାର୍ଯ୍ୟକଳାପକୁ ନିୟନ୍ତ୍ରଣ କରିବାକୁ ବାଘଡ଼ାରେ ଏକ ଫାଣ୍ଡି ପ୍ରତିଷ୍ଠା କରିବା ପାଇଁ ମୋରଡା ବିଧାୟକ ତଥା ଗୃହ ଓ ନଗର ଉନ୍ନୟନ ମନ୍ତ୍ରୀ ଡ.କୃଷ୍ଣଚନ୍ଦ୍ର ମହାପାତ୍ର ଦୃଷ୍ଟି ଦେବାକୁ ସାଧାରଣରେ ଦାବି ହେଉଛି।

## ଭାରତୀୟ ମଜଦୁର ସଂଘର କାର୍ଯ୍ୟକାରିଣୀ ବୈଠକ



**ରାଇରଙ୍ଗପୁର, ୮।୬(ସମିସ):** ସ୍ଥାନୀୟ ଗଢ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ଭାରତୀୟ ମଜଦୁର ସଂଘର ୧୪୭ତମ କାର୍ଯ୍ୟକାରିଣୀ ବୈଠକ ସଭାପତି ବାଦଲ କୁମାର ମହାରଣାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ବୈଠକକୁ ସାଧାରଣ ସମ୍ପାଦକ ପୃଥ୍ୱୀରାଜ ପଣ୍ଡା ସଞ୍ଚାଳନ କରୁଥିବା ବେଳେ ଅଖିଳ ଭାରତୀୟ ସହସଂଗଠନ ସମ୍ପାଦକ ଗଣେଶ ପ୍ରସାଦ ମିଶ୍ର ସମ୍ପୂର୍ଣ୍ଣ ସମୟ ରହି ମାର୍ଗଦର୍ଶନ କରିଥିଲେ। ବୈଠକରେ ଓଡ଼ିଶା ରାଜ୍ୟର ସମସ୍ତ ଜିଲ୍ଲାରୁ ସଭାପତି, ଉପସଭାପତି, ସମ୍ପାଦକ, କୋଷାଧ୍ୟକ୍ଷ ଓ ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଯୋଗଦେଇଥିଲେ। ପ୍ରାରମ୍ଭରେ ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ନିଗମାନନ୍ଦ ପଟ୍ଟନାୟକ ରାଇରଙ୍ଗପୁର ମାଟିରେ ସମସ୍ତ ରାଜ୍ୟ କାର୍ଯ୍ୟକର୍ତ୍ତାଙ୍କୁ ସ୍ୱାଗତ କରିଥିଲେ। ଗତ ୭ ଓ ୮ ତାରିଖ ଦୁଇଦିନ ଧରି ଚାଲୁଥିବା କାର୍ଯ୍ୟକ୍ରମରେ ରାଜ୍ୟର ଶ୍ରମିକମାନଙ୍କର କଲ୍ୟାଣ ପାଇଁ ଆଲୋଚନା କରାଯାଇଥିଲା। ସଂଘର ୭୦ତମ ପୂର୍ତ୍ତୀ ଉପଲକ୍ଷେ କିପରି ବିଭିନ୍ନ ଘାତପ୍ରତିଘାତ ଭିତରେ ସାରା ପ୍ରଦେଶରେ ୧ ନମ୍ବର ସ୍ଥାନ ପାଇଛି, ସେ ଉପରେ ବିଶେଷଭାବେ ସମୀକ୍ଷା ହୋଇଥିଲା। ମୟୂରଭଞ୍ଜର ବିକାଶ ପାଇଁ ଟ୍ରେନ୍ ସଂଯୋଗୀକରଣ ନିମନ୍ତେ ଗୋରୁମହିଷାଣୀ-ବାଙ୍ଗିରିପୋଷି ଓ ବାଦାମପାହାଡ଼-କେନ୍ଦୁଝର ସଂଯୋଗକୁ ବିଳମ୍ବ କରୁଥିବାରୁ ସମାଲୋଚନା କରାଯାଇଥିଲା। ଖୁବ୍‌ଶୀଘ୍ର ଯୁଦ୍ଧକାଳୀନ ଭିତରେ ରେଳ ସଂଯୋଗ ତଥା ବୃହତ୍ତ ଶିଳ୍ପାନୁଷ୍ଠାନ କରାଯିବା ପାଇଁ ଗୁରୁତ୍ୱାରୋପ କରାଯାଇଥିଲା। ସଂଘର ୭୦ ବର୍ଷ ଅବସରରେ ପଞ୍ଚାୟତରୁ ଆରମ୍ଭ କରି ସହରାଞ୍ଚଳ ପର୍ଯ୍ୟନ୍ତ ଶ୍ରମିକମାନଙ୍କର ହିତ ଦୃଷ୍ଟିକୁ ଆଖିରେ ରଖି ସଂଗ୍ରାମ କରିବ ବୋଲି ଶପଥ ଗ୍ରହଣ କରିଛନ୍ତି। ଆସନ୍ତା ୨୦୨୬ ଫେବୃୟାରୀ ୬, ୭ ଓ ୮ ତାରିଖରେ ଭାରତୀୟ ମଜଦୁର ସଂଘର ସର୍ବଭାରତୀୟ ୨୧ତମ ଅଧିବେସନ ପୁରୀ ଠାରେ ହେବ ବୋଲି ସୂଚନା ମିଳିଛି। ଏଥିରେ ରାଜ୍ୟର ବହୁ ପଦାଧିକାରୀଙ୍କ ମଧ୍ୟରୁ ଲକ୍ଷ୍ମଣ ଦାସ, ସତ୍ୟବ୍ରତ ପଣ୍ଡା, ସୁନିତା ମହାପାତ୍ର, ବସନ୍ତ କୁମାର ସାହୁ, ଏ ଶ୍ରୀନିବାସ ରାଓ, ସୁରେନ୍ଦ୍ର ରାୟ ଓ ଜଗେଶ୍ୱର ଦାସ, ରାଷ୍ଟ୍ରୀୟ ସ୍ୱୟଂ ସେବକ ସଂଘ ଜିଲ୍ଲା କାର୍ଯ୍ୟବାହକ ବଳରାମ ବାରିକ ପ୍ରମୁଖ ଜିଲ୍ଲାର କାର୍ଯ୍ୟକର୍ତ୍ତାମାନେ ଯୋଗଦେଇଥିଲେ।

## ଠାକୁରମୁଣ୍ଡାରେ ଇଦ୍ ଜୁହା ପାଳିତ



**ମହୁଲଡିହା, ୮।୬(ସମିସ):** ମୟୂରଭଞ୍ଜ ଜିଲ୍ଲା ଠାକୁରମୁଣ୍ଡାରେ ମୁସଲମାନ ସମ୍ପ୍ରଦାୟର ଭାଇ ଭଉଣୀମାନେ ଆନନ୍ଦ ଉଲ୍ଲାସରେ ଇଦ୍ ଜୁହା ବା ବକରିଦ୍ ପର୍ବ ପାଳନ କରିଛନ୍ତି। ସ୍ଥାନୀୟ ବେଣ୍ଟକାରପଡ଼ାସ୍ଥିତ ଇଦ୍‌ଗାପଡ଼ିଆରେ ଥାନା ନିକଟସ୍ଥ ମସଜିଦ୍‌ର ଇମାମ୍ ହାଫିଜ୍ ତାହିର୍ ହୁସେନ୍ ସାହେବ ଏବଂ ବଜାର ମସଜିଦ୍‌ର ଇମାମ୍ ମୌଲାନା ଅବଦୁଲ୍ ସାତାର୍ ସାହେବ୍‌ଙ୍କ ନେତୃତ୍ୱରେ ସାମୂହିକ ନମାଜ ପାଠ କରାଯାଇଥିଲା। ଠାକୁରମୁଣ୍ଡା, ବେଣ୍ଟକାରପଡ଼ା ଓ ଖୁଣ୍ଟାପୋଷି ଗ୍ରାମର ଶତାଧିକ ମୁସଲମାନ ଭାଇ ପାରମ୍ପରିକ ପୋଷାକ ପରିଧାନ କରି ମୁଣ୍ଡରେ ଟୋପି ଲଗାଇ ଇଦ୍‌ଗାପଡ଼ିଆରେ ଏକତ୍ରିତ ହୋଇ ସାମୂହିକ ନମାଜ ପାଠ କରିଥିଲେ। ପ୍ରତ୍ୟେକ ମୁସଲମାନ ଭାଇଭଉଣୀଙ୍କ ଘରେ ଘରେ ପାରମ୍ପରିକ ରୀତିରେ ଆନନ୍ଦ ଉଲ୍ଲାସର ସହ ପର୍ବ ପାଳନ କରିଥିଲେ। ନମାଜ ସମୟରେ ଇଦଗାପଡ଼ିଆରେ ଠାକୁରମୁଣ୍ଡା ଥାନା ପୁଲିସ ପକ୍ଷରୁ ମୁସଲମାନ ଭାଇମାନଙ୍କୁ ସୁରକ୍ଷା ପ୍ରଦାନ କରାଯାଇଥିବା ଜଣାପଡ଼ିଛି।

## ସାନ୍ତାଳୀ ଅଲ୍ ଚିକି ଲିପି ପରୀକ୍ଷା



**ରାଇରଙ୍ଗପୁର, ୮।୬(ସମିସ):** ବିଜାତଳା ବ୍ଲକ ଅଞ୍ଚଳ ବାଘିଆ ଟାଙ୍ଗର ଗାଁ ସ୍ଥିତ ସାରନା ଅଲ ଇତୁନ ଆଶ୍ଲା ପକ୍ଷରୁ ଶନିବାର ଗ୍ରୀଷ୍ମକାଳୀନ ସାନ୍ତାଳୀ ଅଲ୍ ଚିକି ଲିପି ପରୀକ୍ଷା ଅନୁଷ୍ଠିତ ହୋଇଯାଇଛି। ଏଥିରେ ବିଭିନ୍ନ ଶ୍ରେଣୀର ପ୍ରାୟ ୧୫୦ ପରୀକ୍ଷାର୍ଥୀ ଅଂଶଗ୍ରହଣ କରିଥିଲେ। ପରୀକ୍ଷା ପରିଚାଳନା ଜଗୁରା ମାର୍ଣ୍ଡି, ରାମ ଚନ୍ଦ୍ର ବେଶ୍ରା, ସୁମିତ୍ରା ଟୁଡୁ ଓ ଅନ୍ୟମାନେ ସହଯୋଗ କରିଥିଲେ।

## ଦିବାରାତ୍ର ୨୦-ଟ୍ୱେଣ୍ଟି କ୍ରିକେଟ ଟୁର୍ଣ୍ଣାମେଣ୍ଟ; କୋର୍ ହାର୍ଣ୍ଟର୍ସ ବିଜୟୀ



**ବାରିପଦା, ୮।୬(ସମିସ):** ସ୍ଥାନୀୟ ମଧୁବନ ମିନି ଷ୍ଟାଡିୟମରେ ଡିଆରକେ କ୍ଲବ ଆନୁକୂଲ୍ୟରେ ଆୟୋଜିତ ୧ମ ବାର୍ଷିକ ଡିଆରକେ କପ୍ ଦିବାରାତ୍ର ୨୦-ଟ୍ୱେଣ୍ଟି କ୍ରିକେଟ ଟୁର୍ଣ୍ଣାମେଣ୍ଟର ୪ର୍ଥ ଦିନର ମ୍ୟାଚରେ କୋର ହାର୍ଣ୍ଟର୍ସ ୩ ୱିକେଟରେ ରାଫେଲ ରକେଟ୍ସକୁ ପରାସ୍ତ କରିଛି। ପ୍ରଥମେ ବ୍ୟାଟିଂ କରି ରାଫେଲ ରକେଟ୍ସ ୧୯.୧ ଓଭରରେ ସମସ୍ତ ୱିକେଟ ହରାଇ ୯୮ ରନ ସଂଗ୍ରହ କରିଥିଲେ। ଉତ୍ତରରେ କୋର ହାର୍ଣ୍ଟର୍ସ ୧୫.୪ ଓଭରରେ ୭ ୱିକେଟ ହରାଇ ୯୯ ରନ ସଂଗ୍ରହ କରି ବିଜୟ ଲକ୍ଷ୍ୟ ହାସଲ କରିଥିଲେ। ଦଳ ପକ୍ଷରୁ ଦିବ୍ୟେଶ ମହାନ୍ତି ୪୪ ରନ ସଂଗ୍ରହ କରିଥିବା ବେଳେ ବିପକ୍ଷ ଦଳର ସିଦ୍ଧାର୍ଥ ସିହ୍ନା, ପ୍ରୀତିଦେବ ଜେନା ଓ ବିଶ୍ୱଜିତ୨ଟି ଲେଖାଏଁ ୱିକେଟ ଅକ୍ତିଆର କରିଥିଲେ। ଅମ୍ପାୟାର ଆଶୁତୋଷ ପାଣି ଓ ଦିଲ୍ଲୀପ ଦାସ ଖେଳ ପରିଚାଳନା କରିଥିବା ବେଳେ ସମ୍ବିତ ମହାରଣା ସ୍କୋରିଂରେ ସହାୟତା କରିଥିଲେ। ସୋମନାଥ ସିଂହ ଓ ବୁବୁ ସିହ୍ନା ଧାରବିବରଣୀ ପ୍ରଦାନ କରିଥିଲେ। ଅତିଥି ଭାବେ ଟୁର୍ଣ୍ଣାମେଣ୍ଟର ଉପ ସଭାପତି କାଶୀନାଥ ରଣା, ପୂର୍ବତନ କ୍ରିକେଟ ଖେଳାଳି ଅଞ୍ଜନ ଜେନା ତଥା ଆୟୋଜକ ଅମିତାଭ ଦାସ ଓ ସତ୍ୟନାରାୟଣ ଜୀଉ ପ୍ରମୁଖ ଉପସ୍ଥିତ ରହି ଖେଳାଳିମାନଙ୍କୁ ଉତ୍ସାହିତ କରିଥିଲେ। କାର୍ଯ୍ୟକାରୀ ସମ୍ପାଦକ ନିରୋଜ ସାହୁ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

## ଯୁକ୍ତଦୁଇ ପରୀକ୍ଷା ଫଳ ପାଇଁ ଅର୍କପ୍ରତିମ୍ ସମ୍ବର୍ଦ୍ଧିତ



**ସାନକେରକ, ୮।୬(ସମିସ):** କୁଡୁମି ଶିକ୍ଷକ ମଞ୍ଚ ତରଫରୁ ଆୟୋଜିତ ବାରିପଦା ଷ୍ଟଡିଅମ୍ ହଲରେ ସମ୍ବର୍ଦ୍ଧନା ଉତ୍ସବରେ ବଡ଼ସାହି ବ୍ଲକ ସାନକେରକୋ ପଞ୍ଚାୟତର ଅର୍କପ୍ରତିମ୍ ମହାନ୍ତଙ୍କୁ ସମ୍ବର୍ଦ୍ଧିତ କରାଯାଇଛି। ସେ +୨ ବିଜ୍ଞାନରେ ୯୧ ପ୍ରତିଶତ ମାର୍କ ରଖି ସମ୍ମାନିତ ହୋଇ ବାପା ମାଆଙ୍କ ନାମ ରଖିବା ସଙ୍ଗେ ସଙ୍ଗେ ଅଞ୍ଚଳର ମଧ ସମ୍ମାନ ରଖିଛନ୍ତି। ଭବିଷ୍ୟତରେ ସେ ମାଛ ବୈଜ୍ଞାନିକ ହେବେ ବୋଲି ଆଜିଠୁ ନିଜକୁ ପ୍ରସ୍ତୁତ କରୁଛନ୍ତି। ଅର୍କପ୍ରତିମ ମାଟ୍ରିକ୍‌ରେ ମଧ ୮୧ ପ୍ରତିଶତ ମାର୍କରଖି ୨୦୨୩ ମସିହାରେ ମଧ କୁଡୁମି ଶିକ୍ଷକ ମଞ୍ଚ ତରଫରୁ ସମ୍ମାନିତ ହୋଇଥିଲେ।

## ହସ୍ପିଟାଲ ପରିସରରୁ ବାଇକ୍ ଚୋରି

**ବାରିପଦା, ୮।୬(ସମିସ):** ସ୍ଥାନୀୟ ପିଆରଏମ ହସ୍ପିଟାଲ ପରିସରରୁ ବାଇକ୍ ଚୋରି ହୋଇଛି। ଏନେଇ ରାଗଧା ଅଞ୍ଚଳର ବାଦଲ ବିଦ୍ଧାଣି ବାରିପଦା ଟାଉନ ଥାନାରେ ଅଭିଯୋଗ କରିଛନ୍ତି। ତାଙ୍କ ମାଆ ଚିକିତ୍ସା ନିମନ୍ତେ ହସ୍ପିଟାଲରେ ଭର୍ତ୍ତି ହୋଇଛନ୍ତି। ସେ ପାର୍କିଂସ୍ଥଳରେ ବାଇକ ରଖି ହସ୍ପିଟାଲରେ ଥିଲେ। ତେବେ ଫେରି ଦେଖିବା ବେଳକୁ ବାଇକ ନଥିଲା। ବହୁ ଖୋଜାଖୋଜି ପରେ ମଧ ନପାଇ ଥାନାରେ ଅଭିଯୋଗ କରିଛନ୍ତି। ପୁଲିସ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛନ୍ତି।

## ଦ୍ୱିତୀୟ ରାଜ୍ୟସ୍ତରୀୟ ପ୍ରତିଭା ସମ୍ମାନ ଓ ସମ୍ବର୍ଦ୍ଧନା ସଭା



**ବୈଶିଙ୍ଗା, ୮।୬(ସମିସ):** ମୟୂରଭଞ୍ଜ ଆମ୍ବଗାଡ଼ିଆ ବିକାଶ ପରିଷଦ ପକ୍ଷରୁ ଦ୍ୱିତୀୟ ରାଜ୍ୟସ୍ତରୀୟ ପ୍ରତିଭା ସମ୍ମାନ ଓ ସମ୍ବର୍ଦ୍ଧନା ସଭା ବିକାଶ ପରିଷଦର ସଭାପତି ଅନ୍ତର୍ଯ୍ୟାମୀ ମହାପାତ୍ରଙ୍କ ସଭାପତିତ୍ୱରେ ବେତନଟୀର ଧର୍ମଶାଳାରେ ଅନୁଷ୍ଠିତ ହୋଇଯାଇଛି। ପଣ୍ଡିତ ଚକ୍ରଧର ଆଚାର୍ଯ୍ୟ ବେଦମନ୍ତ୍ର ପାଠ କରିବା ସଙ୍ଗେ ସଙ୍ଗେ ଅତିଥିମାନଙ୍କ ପରିଚୟ ପ୍ରଦାନ କରିଥିଲେ। ପ୍ରତିଭା ସମ୍ମାନ ଓ ସମ୍ବର୍ଦ୍ଧନା ସଭାରେ ବିଶିଷ୍ଟ ସମାଜସେବୀ ଲୋଲାଟେନ୍ଦୁ ବେହେରା ମୁଖ୍ୟଅତିଥି ଭାବେ ଯୋଗଦେଇ ପ୍ରତିଭାମାନଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ବୈଦିକ ଗୁରୁକୁଳ ଆଶ୍ରମ ପିଞ୍ଛାବଣିଆଁର ସଞ୍ଚାଳକ ଆଚାର୍ଯ୍ୟା ବିଜୟ ଜୀ ମୁଖ୍ୟବକ୍ତା ଭାବେ ଯୋଗଦାନ କରି ଛାତ୍ରଛାତ୍ରୀଙ୍କୁ ବିଦ୍ୟାର ମହତ୍ତ୍ୱ ସମ୍ପର୍କରେ ଉପଦେଶ ପ୍ରଦାନ କରିଥିଲେ। ବରେଣ୍ୟ ଅତିଥି ବିଶିଷ୍ଟ ସମାଜସେବୀ ଅକ୍ଷୟ କୁମାର ମିଶ୍ର ଯୋଗ ଦେଇ ନୈତିକ ଶିକ୍ଷା ଉପରେ ଗୁରୁତ୍ୱ ଦେଇଥିଲେ। ଅନ୍ୟତମ ଅତିଥି ଭାବେ ସମ୍ମାନୀତ ବକ୍ତା ଭୀମଚରଣ ମାଝୀ ଏବଂ ସମ୍ମାନିତ ଅତିଥି ସମାଜସେବୀ ଚକ୍ରଧର ମହାନ୍ତି, ରୂପସାର ଗଛ ମଣିଷ ରବୀନ୍ଦ୍ର ବେହେରା ଯୋଗଦେଇ ପ୍ରତିଭାମାନଙ୍କୁ ଉତ୍ସାହିତ କରିଥିଲେ। ସମ୍ବର୍ଦ୍ଧନା ସଭାରେ ଓଡ଼ିଶାର ମ୍ୟାଟ୍ରିକ ଓ +୨ ପରୀକ୍ଷାରେ ସର୍ବୋଚ୍ଚ ନମ୍ବର ରଖିଥିବା ପ୍ରତିଭାମାନଙ୍କୁ

## ଜିଲ୍ଲାସ୍ତରୀୟ ଦ୍ୱିତୀୟ ସନ୍ତରଣ ପ୍ରତିଯୋଗିତା

ବାରିପଦା, ୮।୬(ସମିସ)



ରବିବାର ବାରିପଦାର ଦେବେନ୍ଦ୍ରପୁରସ୍ଥିତ ବିଜୁପଟ୍ଟନାୟକ ସନ୍ତରଣାଗାର ଠାରେ ଓଡ଼ିଶା ରାଜ୍ୟ ସନ୍ତରଣ ଆସୋସିଏସନ ଆନୁକୂଲ୍ୟରେ ଜିଲ୍ଲାସ୍ତରୀୟ ଦ୍ୱିତୀୟ ସନ୍ତରଣ ପ୍ରତିଯୋଗିତା-୨୦୨୫ ଅନୁଷ୍ଠିତ ହୋଇଯାଇଛି। ଉକ୍ତ ପ୍ରତିଯୋଗିତା କାର୍ଯ୍ୟକ୍ରମରେ ସମ୍ମାନିତ ଅତିଥି ଭାବେ ମହାରାଣୀ ରଶ୍ମି ରାଜଲକ୍ଷ୍ମୀ ଭଞ୍ଜଦେଓ ଏବଂ ପଞ୍ଚମ ବାଟାଲିୟନର କମାଣ୍ଡାଣ୍ଟ ପ୍ରଶାନ୍ତ କୁମାର ନାୟକ ଯୋଗଦେଇ ପ୍ରଦୀପ ପ୍ରଜ୍ୱଳନ ପୂର୍ବକ ପ୍ରତିଯୋଗିତାକୁ ଉଦ୍‌ଘାଟନ କରିଥିଲେ। ଏହି ଅବସରରେ ମହାରାଣୀ ପ୍ରତିଯୋଗତାରେ ଅଂଶଗ୍ରହଣକାରୀ ଛାତ୍ରଛାତ୍ରୀଙ୍କୁ ଶୁଭେଚ୍ଛା ଜଣାଇ ଉତ୍ସାହଭରା ଶବ୍ଦ ମାଧ୍ୟମରେ ସେମାନଙ୍କ ଭବିଷ୍ୟତ ଜୀବନ ଅଗ୍ରଗତିର ମଙ୍ଗଳ କାମନା କରିଥିଲେ। ସେହିପରି କମାଣ୍ଡାଣ୍ଟ ଶ୍ରୀ ନାୟକ କହିଥିଲେ ଯେ, ଅନ୍ୟାନ୍ୟ ଖେଳକୁଦ ସହିତ ସନ୍ତରଣ ଶିଖିବା ନିଶ୍ଚିତ ଭାବେ ପିଲାମାନଙ୍କର ଏକ ଅନନ୍ୟ ପ୍ରତିଭା। ଏହା କେବଳ ଯେ ନିଜର ଦକ୍ଷତାର ପରିଚୟ ଦେଇଥାଏ ତା ନୁହେଁ, ବରଂ ଜଳରେ ବୁଡ଼ିଯିବା ଭଳି ଆକସ୍ମିକ ବିପଦ ସମୟରେ ଆତ୍ମରକ୍ଷାର ମାଧ୍ୟମ ସାଜିଥାଏ। କାରଣ ବନ୍ୟାବାତ୍ୟା ଓ ଅନ୍ୟାନ୍ୟ ସମୟରେ ଦୁର୍ଭାଗ୍ୟ ବଶତଃ ଲୋକମାନେ ପାଣିରେ ବୁଡ଼ି ମୃତ୍ୟୁ ମୁଖରେ ପଡ଼ିଥାନ୍ତି। ତେଣୁ ଛୋଟ ବେଳରୁ ସନ୍ତରଣ କୌଶଳ ତାଲିମ ନେଇଥିଲେ ଜଳରେ ବୁଡିଯିବା ଭଳି ଆକସ୍ମିକ ବିପଦରୁ ନିଜେ ରକ୍ଷା ପାଇବା ସହିତ ଅନ୍ୟମାନଙ୍କ ଅମୂଲ୍ୟ ଜୀବନ ବଞ୍ଚାଇବାରେ ସକ୍ଷମ ହୋଇପାରିବେ। ଅନୁଷ୍ଠିତ ପ୍ରତିଯୋଗିତାରେ ପାଖାପାଖି ୧୦୦ରୁ ଊର୍ଦ୍ଧ୍ୱ ଛାତ୍ରଛାତ୍ରୀ ଅଂଶ ଗ୍ରହଣ କରିଥିଲେ। ପ୍ରତିଯୋଗିତାକୁ ହୃଷିକେଶ ମହାପାତ୍ର, ହେମନ୍ତ କୁମାର ବଳ, କମଳ କୁମାର କୁଅଁରବାବୁ ଓ ଅବିନାଶ ସାହୁ ଆୟୋଜନ କରିଥିଲେ।

**୧୦୦ରୁ ଊର୍ଦ୍ଧ୍ୱ ଛାତ୍ରଛାତ୍ରୀଙ୍କ ଅଂଶଗ୍ରହଣ**

# କଟକ ସିଟି



## ଶ୍ରମିକ ମୃତ୍ୟୁରେ ସିପିଡିଆର୍‌ଏସ୍‌ର ଉଦ୍‌ବେଗ

**କଟକ, ୮।୬(ସମିସ):** ଶୈଳବାଳା ମହାବିଦ୍ୟାଳୟ ସମ୍ପ୍ରସାରଣ କାମ ବେଳେ ୬ ମହଲାରୁ ପଡ଼ି ଜଣେ ଶ୍ରମିକ ମୃତ୍ୟୁ ଘଟଣାରେ ସେଣ୍ଟର୍ ଫର ପ୍ରୋଟେକ୍ସନ୍ ଅଫ ହ୍ୟୁମାନ ରାଇଟ୍ସ ଆଣ୍ଡ ସିକ୍ୟୁଲାରିଜିମ (ସିପିଡିଆରଏସ) ରାଜ୍ୟ ଶାଖା ପକ୍ଷରୁ ଗଭୀର ଉଦବେଗ ପ୍ରକାଶ କରାଯାଇଛି। ସଙ୍ଗଠନର ରାଜ୍ୟ ଆବାହକ ବିଶ୍ୱାବସୁ ଦାସ ଏକ ପ୍ରେସ ବିବୃତ୍ତିରେ କହିଛନ୍ତି ଯେ ଶ୍ରମ ବିଭାଗ ଓ ପ୍ରଶାସନର ନିଷ୍କ୍ରିୟତା ଫଳରେ ଏହିଭଳି ମର୍ମନ୍ତୁଦ ଘଟଣା ବାରମ୍ବାର ଘଟୁଛି ଓ ଶ୍ରମିକମାନଙ୍କ ମୃତ୍ୟୁ ଘଟି ଚାଲିଛି। ଠିକାସଂସ୍ଥାଗୁଡିକ ଶ୍ରମିକଙ୍କ ଦାରିଦ୍ର୍ୟ ଓ ଅସହାୟତାର ସୁଯୋଗ ନେଇ ଉପଯୁକ୍ତ ସୁରକ୍ଷା ବ୍ୟବସ୍ଥା ନ ଦେଇ ଏଭଳି ବିପଦଜନକ ପରିସ୍ଥିତିରେ ଶ୍ରମିକମାନଙ୍କୁ କାମ କରିବାକୁ ବାଧ କରୁଛନ୍ତି। ଏହି ପରିସ୍ଥିତିରେ କର୍ମସ୍ଥଳରେ ଉପଯୁକ୍ତ ସୁରକ୍ଷା ବ୍ୟବସ୍ଥା ସୁନିଶ୍ଚିତ କରିବା, ଶ୍ରମ ବିଭାଗର ଅଧିକାରୀଙ୍କ ଦ୍ୱାରା ସୁରକ୍ଷା ବ୍ୟବସ୍ଥାର ନିୟମିତ ଯାଞ୍ଚ କରିବା ଓ ଏ ସମ୍ପର୍କିତ ଶ୍ରମ ଆଇନକୁ କଡାକଡି ଲାଗୁ କରିବା ସଙ୍ଗେ ସଙ୍ଗେ ମୃତ ଶ୍ରମିକଙ୍କ ପରିବାରକୁ ୫୦ଲକ୍ଷ ଟଙ୍କା କ୍ଷତିପୂରଣ ପ୍ରଦାନ କରିବା ପାଇଁ ଶ୍ରୀ ଦାସ ଦାବି କରିଛନ୍ତି।

### ପରିବାରକୁ ୫୦ଲକ୍ଷ ଟଙ୍କା କ୍ଷତିପୂରଣ ପ୍ରଦାନ ଦାବି

**କଟକ, ୮।୬(ସମିସ):** ଗତକାଲି ଶୈଳବାଳା କଲେଜ ସମ୍ପ୍ରସାରଣ କାମ ବେଳେ ୬ ମହଲାରୁ ପଡ଼ି ଜଣେ ଶ୍ରମିକ ମୃତ୍ୟୁ ଘଟଣା ଠିକା ସଂସ୍ଥାର ବେପରୁଆ କାର୍ଯ୍ୟ, ଶ୍ରମ ବିଭାଗ ଓ ପ୍ରଶାସନର ତତ୍ପରତା ଅଭାବରୁ ଘଟିଛି ବୋଲି କେନ୍ଦ୍ରୀୟ ଶ୍ରମିକ ସଂଗଠନ ଏଆଇୟୁଟିୟୁସି ପକ୍ଷରୁ ଉଦବେଗ ପ୍ରକାଶ କରାଯାଇଛି। ଏଭଳି ଘଟଣା ବରମ୍ବାର ଘଟୁଛି ନିରୀହ ଶ୍ରମିକଙ୍କ ପ୍ରାଣହାନୀ ଘଟି ଚାଲିଛି। ମୃତ ଶ୍ରମିକ ପରିବାରକୁ ୫୦ ଲକ୍ଷ କ୍ଷତିପୂରଣ ଦେବା, ଠିକା ସଂସ୍ଥା ବିରୋଧରେ ଅପରାଧୀ ମାମଲା ରୁଜୁ କରି ଦଣ୍ଡ ବିଧାନ କରିବା ଓ ପ୍ରଶାସନ ଓ ଶ୍ରମ ବିଭାଗର ବିରୋଧରେ ଆଇନଗତ ପଦକ୍ଷେପ ନେବା ପାଇଁ ଶ୍ରମିକ ନେତା ଏଆଇୟୁଟିୟୁସି ଜିଲ୍ଲା ସଭାପତି ଖଗେଶ୍ୱର ସେଠୀ, ସମ୍ପାଦକ ରାଜକିଶୋର ମଲ୍ଲିକ ଦୃଢ ଦାବି କରିଛନ୍ତି।

## ସୁଧୁରୁନି ଟ୍ରାଫିକ୍ ଇଲେକ୍ଟ୍ରିକ୍ ସିଗ୍‌ନାଲ୍



କଟକ, ୮।୬(ସମିସ)

ଦୀର୍ଘ ଦେଢ଼ ବର୍ଷ ହେବ ଟ୍ରାଫିକ୍ ଇଲେକ୍ଟ୍ରିକ୍ ସିଗନାଲ୍ ବ୍ୟବସ୍ଥାରେ ସୁଧାର ଆସି ପାରୁନାହିଁ। ଟ୍ରାଫିକ୍ ପୁଲିସର ପରିଚାଳନାଗତ ତ୍ରୁଟିକୁ ନେଇ ଜନଅସନ୍ତୋଷ ବୃଦ୍ଧି ପାଇବାରେ ଲାଗିଛି। ଗୋଟିଏ ପଟେ ସହରର ଟ୍ରାଫିକ୍ ପୋଷ୍ଟଗୁଡ଼ିକରେ ଅତ୍ୟାଧୁନିକ ଏଲିଇଡି(ଇଲେକ୍ଟ୍ରିକ୍ ଡିସ୍‌ପ୍ଲେ) ଲଗାଯାଉଥିବା ବେଳେ ସିଗନାଲ୍ ବ୍ୟବସ୍ଥା ପ୍ରତି ଧ୍ୟାନ ଦିଆଯାଉ ନାହିଁ। ଟ୍ରାଫିକ୍ ବ୍ୟବସ୍ଥା ପରିଚାଳନା ନିମନ୍ତେ ଇଲେକ୍ଟ୍ରିକ୍ ସିଗନାଲ୍ ବ୍ୟବସ୍ଥା ଗୁରୁତ୍ୱପୂର୍ଣ୍ଣ। ହେଲେ ଇଲେକ୍ଟ୍ରିକ୍ ଡିସ୍‌ପ୍ଲେ'ର ଗୁରୁତ୍ୱ ନାହିଁ କହିଲେ ଚଳେ। ଜନସାଧାରଣଙ୍କ ଅତି ଆବଶ୍ୟକ ହେଉଥିବା ସିଗନାଲ୍ ବ୍ୟବସ୍ଥାକୁ ଅଣଦେଖା କରି ବିଜ୍ଞାପନ କରିବା ନିମନ୍ତେ ଇଲେକ୍ଟ୍ରିକାଲ୍ ଡିସପ୍ଲେ'ଲଗାଇବାକୁ ନେଇ ବିଭିନ୍ନ ମହଲରେ ଅସନ୍ତୋଷ ଦେଖାଦେଇଛି। ଅନ୍ୟପଟେ ଦିନକୁ ଦିନ ସହରରେ ଭିଡ଼ ବଢ଼ିବାରେ ଲାଗିଛି। ସହର ବାହାରୁ ପ୍ରତି ଦିନ ହଜାର ହଜାର ଲୋକଙ୍କ ପ୍ରବେଶ ଘଟୁଛି। କଟକ ସହରରେ ସମୁଦାୟ ୫୩ଟି ଟ୍ରାଫିକ୍ ପୋଷ୍ଟ ରହିଥିବା ବେଳେ ୨୭ଟି ଟ୍ରାଫିକ୍ ପୋଷ୍ଟରେ ଇଲେକ୍ଟ୍ରିକ୍ ସିଗ୍‌ନାଲ୍ ବ୍ୟବସ୍ଥା ରହିଛି। କିନ୍ତୁ ୭ଟି ସିଗ୍‌ନାଲ୍ ପଏଣ୍ଟକୁ ବାଦ ଦେଲେ ୨୦ଟି ଇଲେକ୍ଟ୍ରିକ୍ ସିଗ୍‌ନାଲ୍ ପଏଣ୍ଟ ତ୍ରୁଟିପୂର୍ଣ୍ଣ ସଂକେତ(ସିଗନାଲ୍) ଦେଉଛି। ଅଧିକାଂଶ ସମୟରେ ଆଦୌ ସବୁଜ କିମ୍ବା ନାଲି ବତୀ ଜଳୁ ନାହିଁ। ଏପରିକି ଇଲେକ୍ଟ୍ରିକ୍ ସିଗନାଲ୍ ବାରମ୍ବାର ତ୍ରୁଟିପୂର୍ଣ୍ଣ ସଂକେତ ଦର୍ଶାଉଛି। ଦେଢ଼ ବର୍ଷ ହେବ ଏଭଳି ଅବ୍ୟବସ୍ଥା ଲାଗି ରହିଛି। ଏହାର ରକ୍ଷଣାବେକ୍ଷଣ ଦାୟିତ୍ୱ ମହାନଗର ନିଗମ ହାତକୁ ଦିଆଯାଇଥିଲା। ମହାନଗର ନିଗମ ଏକ ସଂସ୍ଥାକୁ ଏହି ଟ୍ରାଫିକ୍ ଇଲେକ୍ଟ୍ରିକ୍ ସିଗନାଲ୍ ସଜାଡିବା ଦାୟିତ୍ୱ ଦେଇଥିଲା। ହେଲେ ସମ୍ପୃକ୍ତ ସଂସ୍ଥା ଏହାର ରକ୍ଷଣାବେକ୍ଷଣ କରିନପାରିବାରୁ ଏଭଳି ପରିସ୍ଥିତି ସୃଷ୍ଟି ହୋଇଛି। ଗତ ୬ମାସ ପୂର୍ବରୁ କମିଶନରେଟ୍ ପୁଲିସ ସିଏମ୍‌ସି ହାତରେ ଏହି ଦାୟିତ୍ୱ ନଦେଇ ସିଧାସଳଖ ଟେଣ୍ଡର୍ ମାଧ୍ୟମରେ ଇଲେକ୍ଟ୍ରିକ୍ ସିଗନାଲ୍ ଗୁଡ଼ିକର ଦାୟିତ୍ୱ ଦେବ ବୋଲି ସୂଚନା ଦେଇଥିଲା। ଏକ ନୂଆ ସଂସ୍ଥା ହାତକୁ ଏହି ଦାୟିତ୍ୱ ଯିବା ପରେ ସହରର ୨୭ଟି ଟ୍ରାଫିକ୍ ପୋଷ୍ଟର ଇଲେକ୍ଟ୍ରିକ୍ ସିଗନାଲ୍ ଠିକ୍ ହୋଇ ପାରିବ ବୋଲି ଆଶା କରାଯାଉଥିଲା। ତାହା ଏପର୍ଯ୍ୟନ୍ତ ହୋଇ ପାରୁନାହିଁ।

- ୬ ମାସ ହେବ ସରିଲାଣି ସିଏମ୍‌ସି-କମିଶନରେଟ୍ ପୁଲିସର ବୁଝାମଣା
- ଏକାଧିକ ଟ୍ରାଫିକ୍ ପୋଷ୍ଟର ଇଲେକ୍ଟ୍ରିକ୍ ସିଗ୍‌ନାଲ୍‌ରେ ତ୍ରୁଟିପୂର୍ଣ୍ଣ ସଂକେତ

ପ୍ରାପ୍ତ ସୂଚନା ଅନୁସାରେ, ବକ୍ସିବଜାର, ଦୋଳମୁଣ୍ଡାଇ, ବଜ୍ରକବାଟୀ, ଓଏମ୍‌ପି ଓ କଲେଜଛକରେ ଲାଗିଥିବା ସିଗନାଲ୍ ଆଦୌ କାମ କରୁ ନାହିଁ। ସେହିପରି ସମୁଦାୟ ୨୦ଟି ପୋଷ୍ଟରେ ଏହି ବ୍ୟବସ୍ଥା ତ୍ରୁଟିଯୁକ୍ତ ରହିଛି। ଏଭଳି ସ୍ଥିତିରେ ଟ୍ରାଫିକ୍ ପରିଚାଳନାରେ ବିଭ୍ରାଟ ଦେଖାଦେଇଛି। ସହରରେ ବାଦାମବାଡି, ମଙ୍ଗଳାବାଗ, ଖାନ୍‌ନଗର, ବିଜୁପଟ୍ଟନାୟକ ଛକ, ଲିଙ୍କ୍‌ରୋଡ, ଶିଖରପୁର ଆଦି ହେଉଛି ଜନଗହଳିପୂର୍ଣ୍ଣ ଅଞ୍ଚଳ। ଏହି ଗୁରୁତ୍ୱପୂର୍ଣ୍ଣ ପୋଷ୍ଟ'ର ଟ୍ରାଫିକ୍ ସିଗନାଲ୍ ବ୍ୟବସ୍ଥା ତ୍ରୁଟିପୂର୍ଣ୍ଣ ରହିଥିଲେ ମଧ୍ୟ ଏଥିରେ ସୁଧାର ଆସି ପାରିନାହିଁ।

## ମୋବାଇଲ କମ୍ପାନୀ ପକ୍ଷରୁ ୫ଟି ଥାନାରେ ଏତଲା

**କଟକ, ୮।୬(ସମିସ):** ସହରରେ ଏକ ବେସରକାରୀ ମୋବାଇଲ୍ ସେବା ପ୍ରଦାନକାରୀ ସଂସ୍ଥା ପକ୍ଷରୁ ୫ଟି ଥାନାରେ ଯନ୍ତ୍ରାଂଶ ଚୋରିକୁ ନେଇ ଏତଲା ଦିଆଯାଇଛି। ଏହି ସଂସ୍ଥାର ସେବା ଦୀର୍ଘ ୮ ବର୍ଷ ହେବ କଟକ ସହରରେ ବନ୍ଦ ହୋଇଯାଇଛି। ସେବା ଯୋଗାଇ ଦେଉଥିବା ସମୟରେ କମ୍ପାନି ପକ୍ଷରୁ ସହରରେ ବହୁ ମୋବାଇଲ୍ ଟାୱାର୍ ଲଗାଯାଇଥିଲା। ତେବେ ସେବା ବନ୍ଦ ହୋଇଯିବା ପରେ ତାର ଯନ୍ତ୍ରାଂଶଗୁଡ଼ିକ କମ୍ପାନି ପକ୍ଷରୁ ଖୋଲା ଯାଇ ନ ଥିଲା। ସହରରେ ସୁଉଚ୍ଚ ଟାୱାର ଗୁଡ଼ିକ ରହିଥିଲା। ପରେ କମ୍ପାନି ପକ୍ଷରୁ ଉକ୍ତ ଟାୱାର ଗୁଡ଼ିକୁ ଅନ୍ୟ ଏକ ପ୍ରମୁଖ କମ୍ପାନିକୁ ବିକ୍ରି କରି ଦିଆଯାଇଥିଲା। ଏବେ ସେହି କମ୍ପାନି ପକ୍ଷରୁ କଟକର ୫ଟି ଥାନାରେ ଏତଲା ଦିଆଯାଇଛି। ପୁଲିସ ମାମଲା ରୁଜୁ କରି ତଦନ୍ତ କରୁଛି। ମୋବାଇଲ୍ କମ୍ପାନିଠାରୁ କିଣାଯାଇଥିବା ଟାୱାର ଉକ୍ତ ସ୍ଥାନରେ ନାହିଁ। କେହି ଟାୱାରର ଲୁହା ବାର୍ ଓ ଆଙ୍ଗେଲଗୁଡ଼ିକ ଖୋଲି ଚୋରି କରି ନେଇଛି ବୋଲି ଏତଲାରେ ଦର୍ଶାଯାଇଛି।

## କଳାବିକାଶ କେନ୍ଦ୍ରର ନୂତନ କର୍ମକର୍ତ୍ତା ନିର୍ବାଚିତ



**କଟକ, ୮।୬(ସମିସ):** ଓଡ଼ିଶା ସର୍ବପୁରାତନ ସାଂସ୍କୃତିକ ଅନୁଷ୍ଠାନ କଳାବିକାଶ କେନ୍ଦ୍ର, କଟକର ଆଜି ଆସନ୍ତା ତିନି ବର୍ଷ ପାଇଁ ନୂତନ କର୍ମକର୍ତ୍ତା ନିର୍ବାଚିତ ହୋଇଛନ୍ତି। କେନ୍ଦ୍ରର ନିର୍ବାଚନ ଅଧିକାରୀ ଟ୍ରଷ୍ଟି ଗୌର ପଟ୍ଟନାୟକଙ୍କ ସୁପରିଚାଳନାରେ ଆସନ୍ତା ୩ ବର୍ଷ ପାଇଁ କର୍ମକର୍ତ୍ତା ନିର୍ବାଚନ କଳାବିକାଶ କେନ୍ଦ୍ରର କାର୍ଯ୍ୟାଳୟରେ ଅନୁଷ୍ଠିତ ହୋଇଥିଲା। ସଭାପତି ଭାବେ ଡ. ବିଜୟାନନ୍ଦ ସିଂହ, କାର୍ଯ୍ୟକାରୀ ସଭାପତି ଭାବେ ଏ. ମହେଶ୍ୱର ରାଓ, ଉପସଭାପତି ଭାବେ ରାଧାମୋହନ ସାହୁ ଓ ବିକାଶ ଚନ୍ଦ୍ର ଦାଶ, ସାଧାରଣ ସମ୍ପାଦକ ଭାବେ କାମାକ୍ଷାପ୍ରସାଦ ମହତାବ, ଯୁଗ୍ମ ସମ୍ପାଦକ ଭାବେ ସୁଦୀପ୍ତା ଦାଶ, ଡ. ସ୍ନେହଲତା ମିଶ୍ର ଓ କୃଷ୍ଣଚନ୍ଦ୍ର ସାମଲ ଏବଂ କାର୍ଯ୍ୟକାରୀ ସମିତିକୁ ସଦସ୍ୟ ଭାବେ ସୁବ୍ରତ କୁମାର ମୁଖାର୍ଜୀ, ବନ୍ଦନା ପାଠକ, ଓମପ୍ରକାଶ ମହାନ୍ତି, ଗାୟତ୍ରୀ ଦେବୀ, ଅକ୍ଷୟ ଦାସ, ପ୍ରମୋଦ ରଞ୍ଜନ ମହାନ୍ତି, ବସନ୍ତ ସାହୁ, ହରିପଦ ମହାନ୍ତି, ନୃସିଂହ ଚରଣ ସାହୁ ଓ ସରୋଜ କୁମାର ସାହୁ ନିର୍ଦ୍ୱନ୍ଦ୍ୱରେ ଓ ସର୍ବସମ୍ମତିକ୍ରମେ ନିର୍ବାଚିତ ହୋଇଛନ୍ତି। ନିର୍ବାଚନ ଫଳାଫଳ ଘୋଷଣା ପରେ ନବନିର୍ବାଚିତ କର୍ମକର୍ତ୍ତାମାନେ ଶପଥପୂର୍ବକ କାର୍ଯ୍ୟଭାର ଗ୍ରହଣ କରିଥିଲେ। ମ୍ୟାନେଜିଂ ଟ୍ରଷ୍ଟି ରବୀନ୍ଦ୍ର ନାଥ ମହାନ୍ତି ନୂତନ କର୍ମକର୍ତ୍ତାଙ୍କୁ ଶପଥ କରାଇଥିଲେ। ନିର୍ବାଚନ ପୂର୍ବରୁ କଳାବିକାଶ କେନ୍ଦ୍ରର ବାର୍ଷିକ ସାଧାରଣ ଅଧିବେଶନ କେନ୍ଦ୍ରର ସଭାପତି ଡ. ବିଜୟାନନ୍ଦ ସିଂହଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଥିଲା। ଦିବଙ୍ଗତ ସଭ୍ୟମାନଙ୍କ ଉଦ୍ଦେଶ୍ୟରେ ଶୋକ ପ୍ରସ୍ତାବ ଆଗତପରେ ସାଧାରଣ ସମ୍ପାଦକ କାମାକ୍ଷା ପ୍ରସାଦ ମହତାବ ବାର୍ଷିକ ବିବରଣୀ ଓ ଅଡିଟ ରିପୋଟ୍ର୍ ପାଠ କରିଥିଲେ। ମ୍ୟାନେଜିଂ ଟ୍ରଷ୍ଟି ରବୀନ୍ଦ୍ର ନାଥ ମହାନ୍ତି କେନ୍ଦ୍ରର ଦାୟିତ୍ୱ ଓ ଆଭିମୁଖ୍ୟ ବର୍ଣ୍ଣନା କରିଥିଲେ। ଦିଲ୍ଲୀପ ପଟ୍ଟନାୟକ ଧନ୍ୟବାଦ ଦେଇଥିଲେ।

**ବିଜୟାନନ୍ଦ ସଭାପତି, କାମାକ୍ଷା ପ୍ରସାଦ ସାଧାରଣ ସମ୍ପାଦକ ଓ ଏ. ମହେଶ୍ୱର କାର୍ଯ୍ୟକାରୀ ସଭାପତି**

## ଶିକ୍ଷା ବିକାଶ ସମିତ ପ୍ରାଦେଶିକ ସମ୍ପାଦକ ସମ୍ମିଳନୀ ଉଦ୍‌ଯାପିତ




**କଟକ, ୮।୬(ସମିସ):** ଆଜିର ପରିବର୍ତ୍ତିତ ପରିସ୍ଥିତିରେ ଆମର ବିଦ୍ୟାଳୟ ଓ ବିଦ୍ୟାଳୟ ଶିକ୍ଷା ଯୁଗାନୁକୂଳ ହେବା ଆବଶ୍ୟକତା ରହିଛି। ଶିକ୍ଷା ଶାଶ୍ୱତ, ସନାତନୀ ଓ ଚିରନ୍ତନ ଅଟେ। ବିଦ୍ୟାଭାରତୀ, ଶିକ୍ଷାବିକାଶ ସମିତି, ଓଡ଼ିଶାଙ୍କ ଆନୁକୂଲ୍ୟରେ ଅନୁଷ୍ଠିତ ହୋଇଥିବା ପ୍ରାଦେଶିକ ସମ୍ପାଦକ ସମ୍ମିଳନୀ ସମାପିତ ହୋଇଯାଇଛି। ଏଥିରେ ବିଦ୍ୟା ଭାରତୀ ଅଖିଳ ଭାରତୀୟ ଶିକ୍ଷା ସଂସ୍ଥାନର ସଂଗଠନ ମନ୍ତ୍ରୀ ଗୋବିନ୍ଦ ଚନ୍ଦ୍ର ମହାନ୍ତ ମୁଖ୍ୟଅତିଥି ଭାବେ ଯୋଗଦେଇ ବିଦ୍ୟାଳୟ ପରିଚାଳନା ପାଇଁ ଆସୁଥିବା ବିଭିନ୍ନ ସମସ୍ୟାଗୁଡ଼ିକୁ ସଫଳତାର ସହିତ ମୁକାବିଲା କରିବା ଏଥିପାଇଁ ସରକାରୀ ନୀତିନିୟମକୁ ଗ୍ରହଣ କରିବା ସହିତ ସହଯୋଗୀ ହେବା ପାଇଁ ମାର୍ଗଦର୍ଶନ ଦେଇଥିଲେ। ମୁଖ୍ୟବକ୍ତା ଭାବରେ ବିଦ୍ୟା ଭାରତୀ ଅଖିଳ ଭାରତୀୟ ଶିକ୍ଷା ସଂସ୍ଥାନର ମହାମନ୍ତ୍ରୀ ଦେଶରାଜ ଶର୍ମା ପରିବର୍ତ୍ତିତ ପରିସ୍ଥିତି ଓ ସମୟାନୁସାରେ ଯୁଗାନୁକୂଳ ବିଦ୍ୟାଳୟ ଓ ଶିକ୍ଷା ବ୍ୟବସ୍ଥା ଦ୍ୱାରା ଆଗାମୀ ପିଢ଼ି ପାଇଁ ଆମେ ପଥପ୍ରଦର୍ଶକ ହେବା ଉଚିତ ବୋଲି କହିଥିଲେ।

ଶିକ୍ଷା ବିକାଶ ସମିତି, ଓଡ଼ିଶାର ସଭାପତି ଡ. କିଶୋରଚନ୍ଦ୍ର ମହାନ୍ତି ଅଧ୍ୟକ୍ଷୀୟ ଅଭିଭାଷଣ ବ୍ୟକ୍ତ କରିଥିଲେ। ସମ୍ପାଦକ ଡ. ସରୋଜ ହାତୀ ମଞ୍ଚାସୀନ ଅତିଥିମାନଙ୍କର ପରିଚୟ ପ୍ରଦାନ କରିବା ସହିତ ସମ୍ମିଳନୀର ବିବରଣୀ ପାଠ କରିଥିବା ବେଳେ ଉତ୍ତର ପୂର୍ବ ସମ୍ଭାଗର ସଦସ୍ୟା ଡ. ଇନ୍ଦୁମତୀ ଦାଶ ଧନ୍ୟବାଦ ଦେଇଥିଲେ ଏବଂ ଦକ୍ଷିଣ ସମ୍ଭାଗ ସମ୍ପାଦକ ରୁଦ୍ରମାଧବ ବାରିକ ମଞ୍ଚ କାର୍ଯ୍ୟ ସଞ୍ଚାଳନ କରିଥିଲେ। ବିଦ୍ୟା ଭାରତୀ ସହ ମନ୍ତ୍ରୀ ଗାୟତ୍ରୀ ବାହିନୀପତି, ବିଦ୍ୟା ଭାରତୀ ପୂର୍ବକ୍ଷେତ୍ରର ମନ୍ତ୍ରୀ ଡା. ଲକ୍ଷ୍ମୀକାନ୍ତ ମହାରଣା, ସହ ମନ୍ତ୍ରୀ ହେମନ୍ତ ପାଣିଗ୍ରାହୀ, ପୂର୍ବ କ୍ଷେତ୍ର ସଂଗଠନ ମନ୍ତ୍ରୀ ଡ. ଆନନ୍ଦ ରାଓ ପାର୍ଦ୍ଦୀ, କାର୍ଯ୍ୟକାରୀଣୀ ସଦସ୍ୟ ଦିବାକର ଘୋଷ, ବିଜୟ ଗଣେଶ କୁଲକର୍ଣ୍ଣୀ, ଶିକ୍ଷା ବିକାଶ ସମିତି ଓଡ଼ିଶାଙ୍କ ଉପାଧ୍ୟକ୍ଷ କମଳାକାନ୍ତ ମିଶ୍ର, କୋଷାଧ୍ୟକ୍ଷ ସତ୍ୟନାରାୟଣ ପଟ୍ଟନାୟକ, ସଂଗଠନ ମନ୍ତ୍ରୀ ତାରକଦାସ ସରକାର ଆଦି ପ୍ରମୁଖ କାର୍ଯ୍ୟକର୍ତ୍ତାଙ୍କ ପ୍ରତ୍ୟକ୍ଷ ମାର୍ଗଦର୍ଶନ ଓ ତତ୍ତ୍ୱାବଧାନରେ କାର୍ଯ୍ୟକ୍ରମଟି ଶେଷ ହୋଇଥିଲା।

## ଏନ୍‌ସିସି ବାର୍ଷିକ ପ୍ରଶିକ୍ଷଣ ଶିବିର ଉଦ୍‌ଘାଟିତ

**କଟକ, ୮।୬(ସମିସ):** କଟକ ଗ୍ରୁପ ହେଡକ୍ୱାର୍ଟର ଅନ୍ତର୍ଗତ ତୃତୀୟ ଓଡ଼ିଶା ନାଭାଲ ଏନସିସିର ବାର୍ଷିକ ପ୍ରଶିକ୍ଷଣ ଶିବିର କଟକ ସ୍ଥିତ ଖ୍ରୀଷ୍ଟ ମହାବିଦ୍ୟାଳୟ ଠାରେ ଜୁନ ୪ ତାରିଖରେ ଉଦଘାଟିତ ହୋଇଯାଇଛି। ଏହି ପ୍ରଶିକ୍ଷଣ ଶିବିରରେ ବିଭିନ୍ନ ଜିଲ୍ଲାର ୨୮ରୁ ଊର୍ଦ୍ଧ୍ୱ ଶିକ୍ଷାନୁଷ୍ଠାନର ୪୫୦ରୁ ଊର୍ଦ୍ଧ୍ୱ ବରିଷ୍ଠ ଓ କନିଷ୍ଠ ବିଭାଗର ବାଳିକା ଓ ବାଳିକା କ୍ୟାଡେଟ ଅଂଶଗ୍ରହଣ କରିଛନ୍ତି। ଏହି ଶିବିରରେ ଦୀର୍ଘ ଦଶଦିନ ଧରି କ୍ୟାଡେଟଙ୍କୁ ଯୁଦ୍ଧକାଳୀନ ପରିସ୍ଥିତିର ମୁକାବିଲା କରିବା ପାଇଁ ବନ୍ଧୁକ ଚାଳନା, ନୌ ଚାଳନା, ଅଗ୍ନି ନିୟନ୍ତ୍ରଣର କୌଶଳ, ଇତ୍ୟାଦି ପ୍ରଶିକ୍ଷଣ ଦିଆଯିବ ବୋଲି




କମାଣ୍ଡିଂ ଅଫିସର କମାଣ୍ଡର ସୁଶାନ୍ତ କୁମାର ମହାନ୍ତି କହିଛନ୍ତି। ଏହି ଶିବିରରେ କ୍ୟାଡେଟମାନେ, ନାରୀ ସଶକ୍ତିକରଣ, ପରିବେଶ ସୁରକ୍ଷା, ଜଳ ସମ୍ପଦର ସଂରକ୍ଷଣ ଭଳି ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ ସମ୍ପର୍କରେ ଜନସଚେତନତା ସୃଷ୍ଟି କରିବେ। ଲେଫ୍ଟନାଣ୍ଟ କମାଣ୍ଡର ଅକ୍ଷୟ ମିଶ୍ର ଏବଂ ଲେଫ୍ଟନାଣ୍ଟ ଡ. ପ୍ରଦ୍ୟୁମ୍ନ ଦାଶ ପ୍ରଶିକ୍ଷଣ ଶିବିର ଆୟୋଜନରେ ମୁଖ୍ୟ ଭୂମିକା ଗ୍ରହଣ କରିବା ସହ କ୍ୟାଡେଟଙ୍କୁ ଅଭିଭାଷଣ ଦ୍ୱାରା ଉତ୍ସାହିତ କରିଥିଲେ। ତୃତୀୟ ଓଡ଼ିଶା ନାଭାଲ ୟୁନିଟର ନିୟୋଜିତ ସମସ୍ତ ସାଧାରଣ ଓ ସାମରିକ କର୍ମଚାରୀ ଓ ସହଯୋଗୀ ଏନସିସି ଅଧିକାରୀ ମଧ୍ୟ ଉପସ୍ଥିତ ରହି ପୂର୍ଣ୍ଣ ସହଯୋଗ କରିବେ ବୋଲି କମାଣ୍ଡର ମହାନ୍ତି ସୂଚନା ଦେଇଛନ୍ତି।

## ଦୀପକ ଦେଙ୍କ ବିୟୋଗରେ ଶୋକସଭା



**କଟକ, ୮।୬(ସମିସ):** ବିଶିଷ୍ଟ ରାଜନେତା ତଥା ଆଇନଜୀବୀ ଦୀପକ ଦେଙ୍କ ବିୟୋଗରେ ବାଖରାବାଦସ୍ଥିତ ଗାନ୍ଧୀ ଭବନଠାରେ ଏକ ଶୋକସଭା ଅନୁଷ୍ଠିତ ହୋଇଯାଇଛି। କଟକ ମହାନଗର ନାଗରିକ ମହାସଭା ଆନୁକୂଲ୍ୟରେ ଅନୁଷ୍ଠାନର ସଭାପତି ଡା. ରବିରଞ୍ଜନ ସାହୁଙ୍କ ଅଧ୍ୟକ୍ଷତାରେ ସଭା ପ୍ରାରମ୍ଭରେ ସ୍ୱର୍ଗତ ଆତ୍ମାଙ୍କ ସଦ୍‌ଗତି କାମନା କରି ଏକ ମିନିଟ୍ ନିରବ ପ୍ରାର୍ଥନା କରାଯାଇଥିଲା। ପୂର୍ବତନ ବିଧାୟକ ପ୍ରଭାତ ତ୍ରିପାଠୀ, ଚିତ୍ତରଞ୍ଜନ ମହାନ୍ତି, ପ୍ରତାପ ଶତପଥୀ, ଜୟନ୍ତ ବିଶ୍ୱାଳ, ଜ୍ୟୋତ୍ସ୍ନା ପାଣି, ରଞ୍ଜନ ମିତ୍ର, ଧର୍ମେଶ ନାୟକ, କୃଷ୍ଣକେଶବ ମିଶ୍ର, ବଳରାମ ମହାନ୍ତି, ପ୍ରକାଶ ଦାଶ, ପ୍ରଫୁଲ୍ଲ ବେହେରା, ମନୋରଞ୍ଜନ ମିଶ୍ର, ପଦ୍ମଲୋଚନ ମିଶ୍ର, ଦୀପ୍ତିରଞ୍ଜନ ପଣ୍ଡା ପ୍ରମୁଖ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ।

## ଦହି ପଣା ବଣ୍ଟନ ଶିବିର ଉଦ୍‌ଯାପିତ



**କଟକ, ୮।୬(ସମିସ):** ମାର୍ଚ୍ଚ ୩୦ରୁ ଚହଟା ଶିବ ମନ୍ଦିର ପାଖରେ ଦହି ପଣା ବଣ୍ଟନ ଆରମ୍ଭ ହୋଇ ଜୁନ ୮ ତାରିଖରେ ସମାପନ ହୋଇଛି। ଦୀର୍ଘ ୩ମାସ କାଳ ଶ୍ରୀ ହରି ଫାଉଣ୍ଡେସନ, କଟକ ତରଫରୁ ଅନବରତ ଦହି ପଣା ବଣ୍ଟା ଯାଉଥିଲା। ୪୦ ଡିଗ୍ରୀ ଖରକୁ ଖାତିର ନ କରି ଶ୍ରୀ ହରି ଫାଉଣ୍ଡେସନର ସଦସ୍ୟମାନେ ନିରନ୍ତର ଭାବେ ସେବା କରି ଆସିଥିଲେ। ଆଜି ତାର ଉଦଯାପନୀ ଦିବସ ପାଳିତ ହୋଇଯାଇଛି। ଉପଦେଷ୍ଟା ମଣ୍ଡଳୀ, ଶୁଭେଚ୍ଛୁ, ଗୁରୁଜନ, କିଛି ପଥଚାରୀଙ୍କ ସହଯୋଗ ଓ ସଦସ୍ୟ ସଦସ୍ୟାଙ୍କ ସହଯୋଗ ଦ୍ୱାରା ଏତେ ବଡ଼ କାର୍ଯ୍ୟ ସଫଳ ହୋଇପାରିଛି। ଶ୍ରୀହରି ଫାଉଣ୍ଡେସନ ମୂଳ ଲକ୍ଷ୍ୟ ଅସହାୟ ମୁହଁରେ ହସ ଫୁଟାଇବା। ଏଭଳି ମହତ କାର୍ଯ୍ୟକୁ ସାରା ମହଲରେ ପ୍ରଶଂଶା କରାଯାଇଛି। ଫାଉଣ୍ଡେସନର ସଭାପତି ମମତା ମହାନ୍ତି ଧନ୍ୟବାଦ ଦେଇଥିଲେ।

### ଉପମୁଖ୍ୟମନ୍ତ୍ରୀଙ୍କ ଦିନିକିଆ କଟକ ଗସ୍ତ

## ଜିଲ୍ଲାସ୍ତରୀୟ ନାରୀଶକ୍ତି ସମ୍ମିଳନୀ ଆୟୋଜନର ତଦାରଖ




କଟକ, ୮।୬(ସମିସ)

ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ ଆଜି ଦିନିକିଆ କଟକ ଜିଲ୍ଲା ଗସ୍ତରେ ଆସି ଜିଲ୍ଲାରେ କାର୍ଯ୍ୟକାରୀ ହେଉଥିବା କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ବିଭିନ୍ନ ଜନକଲ୍ୟାଣକାରୀ ଯୋଜନାଗୁଡିକର ସ୍ଥିତି ଓ କାର୍ଯ୍ୟକାରିତା ସମ୍ପର୍କରେ ବିଭାଗୀୟ ଅଧିକାରୀମାନଙ୍କ ସହ ଆଲୋଚନା କରି କାର୍ଯ୍ୟଗୁଡିକର ଅଗ୍ରଗତି ସମ୍ପର୍କରେ ସନ୍ତୋଷ ବ୍ୟକ୍ତ କରିଛନ୍ତି। ଉପାୟୁକ୍ତ କମିଶନରେଟ ପୁଲିସ ଖିଲାରି ରଷିକେଷ ଦ୍ୟାନଦେଓ କଟକ ସହରର ଆଇନଶୃଙ୍ଖଳା ପରିସ୍ଥିତି ସମ୍ପର୍କରେ ଅବଗତ କରାଇଥିବାବେଳେ ଆରକ୍ଷୀ ଅଧୀକ୍ଷକ ପ୍ରତୀକ ସିଂ ଜିଲ୍ଲାର ବିଭିନ୍ନ ଅଞ୍ଚଳରେ ସିସିଟିଭି କ୍ୟାମେରା ଲଗାଯାଇ ଅପରାଧ ନିୟନ୍ତ୍ରଣ କରାଯାଉଥିବା ବିଷୟ ଉଲ୍ଲେଖ କରିଥିଲେ। ଜିଲ୍ଲାର ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା, କୃଷି ଏବଂ କୃଷକ ସଶକ୍ତିକରଣ ବିଭାଗ, ଉଦ୍ୟାନ କୃଷି, ମତ୍ସ୍ୟ ଏବଂ ପ୍ରାଣୀସମ୍ପଦ, ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ, ଶକ୍ତି ଓ ଶିଳ୍ପ କ୍ଷେତ୍ରର ଅଧିକାରୀମାନେ ନିଜ ନିଜ ବିଭାଗର କାର୍ଯ୍ୟକାରିତା ସମ୍ପର୍କରେ ଉପମୁଖ୍ୟମନ୍ତ୍ରୀଙ୍କୁ ଅବଗତ କରାଇଥିଲେ। ଜିଲ୍ଲାର ପ୍ରମୁଖ ବିକାଶମୂଳକ ପ୍ରକଳ୍ପ, ଏସସିବି ମେଡିକାଲ କଲେଜ ହସପିଟାଲ, ଚଣ୍ଡୀ ମନ୍ଦିର, ସତ୍ୟଭାମାପୁରସ୍ଥିତ ଉତ୍କଳ ଗୌରବ ମଧୁସୂଦନ ଦାସଙ୍କ ଜନ୍ମପୀଠ, ତାରକସି ହବ୍, ମହାନଦୀ ତଟବର୍ତ୍ତି ବିକାଶ ପ୍ରକଳ୍ପ ଆଦିର ବର୍ତ୍ତମାନର ସ୍ଥିତି ସମ୍ପର୍କରେ ମଧ୍ୟ ଉପମୁଖ୍ୟମନ୍ତ୍ରୀ ଅବଗତ ହୋଇଥିଲେ। ସମୀକ୍ଷା ବୈଠକରେ ଚୌଦ୍ୱାର କଟକ ବିଧାୟକ ସୌଭିକ ବିଶ୍ୱାଳ, କଟକ ସଦର ବିଧାୟକ ଇଂ ପ୍ରକାଶ ଚନ୍ଦ୍ର ସେଠୀ, ବାରବାଟୀ-କଟକ ବିଧାୟିକା ଇଂ ସୋଫିଆ ଫିର୍ଦୋଷ, ନିଆଳି ବିଧାୟକ ଛବି ମଲ୍ଲିକ, ଜିଲ୍ଲାପାଳ ଏବଂ ଜିଲ୍ଲା ମାଜିଷ୍ଟ୍ରେଟ ଦତ୍ତାତ୍ରୟ ଭାଉସାହେବ ଶିନ୍ଦେ, ଡିସିପି କଟକ ଖିଲାରି ରଷିକେଷ ଦ୍ୟାନଦେଓ, ଆରକ୍ଷୀ ଅଧୀକ୍ଷକ ପ୍ରତୀକ ସିଂ, କଟକ ମହାନଗର ନିଗମ ଆୟୁକ୍ତ ଅନାମ ଚରଣ ପାତ୍ର, ଅତିରିକ୍ତ ଜିଲ୍ଲାପାଳ ଶିବ ଟପୋ, ଅତିରିକ୍ତ ଜିଲ୍ଲାପାଳ ଡ. ଦିବ୍ୟଲୋଚନ ମହନ୍ତ, ଅତିରିକ୍ତ ଜିଲ୍ଲାପାଳ ଡ. ଇପ୍ସିତା ପ୍ରିୟଦର୍ଶିନୀ ମିଶ୍ର ଓ ସମସ୍ତ ବିଭାଗର ଅଧିକାରୀ ଉପସ୍ଥିତ ଥିଲେ। ପୂର୍ବାହ୍ନରେ ଉପମୁଖ୍ୟମନ୍ତ୍ରୀ ଆସନ୍ତା ୧୩ ତାରିଖରେ ବାଲିଯାତ୍ରା ପଡ଼ିଆଠାରେ ଆୟୋଜିତ ହେବାକୁ ଥିବା ଜିଲ୍ଲାସ୍ତରୀୟ ନାରୀଶକ୍ତି ସମ୍ମିଳନୀର ଆୟୋଜନ ଉପରେ ଗୁରୁତ୍ୱାରୋପ କରିବା ସହ ସେନେଇ ପୁଙ୍ଖାନୁପୁଙ୍ଖ ତଦାରଖ କରିଥିଲେ। ମିଶନ ଶକ୍ତି ନିର୍ଦ୍ଦେଶିକା ଡ. ମୋନିକା ପ୍ରିୟଦର୍ଶିନୀ, ମହିଳା ଓ ଶିଶୁ ବିକାଶ ବିଭାଗ ନିର୍ଦ୍ଦେଶିକା ମୋନିଷା ବାନାର୍ଜୀ, ଜିଲ୍ଲା ବିଜେପି ସଭାପତି ରାମାନାରାୟଣ ଦାସ ଓ ସୁକାନ୍ତ ବିଶ୍ୱାଳ ପ୍ରମୁଖ ଉପସ୍ଥିତ ଥିଲେ।

**ଜିଲ୍ଲାର ଉନ୍ନୟନମୂଳକ କାର୍ଯ୍ୟର ସମୀକ୍ଷା**




# ରଥଯାତ୍ରା ପ୍ରସ୍ତୁତି ବୈଠକ, ଚାରାରୋପଣ



ଚନ୍ଦାହାଣ୍ଡି,୮।୬(ସମିସ): ନବରଙ୍ଗପୁର ଜିଲ୍ଲା ଚନ୍ଦାହାଣ୍ଡି ବ୍ଲକ ଅନ୍ତର୍ଗତ ଧୋଡ଼ିପାଣି ହାଟପଦା ସ୍ଥିତ ଶ୍ରୀଗୁଣ୍ଡିଚା ମନ୍ଦିର ପ୍ରାଙ୍ଗଣରେ ଦଣ୍ଡାମୁଣ୍ଡା ଶ୍ରୀଜଗନ୍ନାଥ ମନ୍ଦିର ପରିଚାଳନା କମିଟି ପକ୍ଷରୁ ରଥଯାତ୍ରା ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ପୂର୍ବତନ ସାଂସଦ ରମେଶ ଚନ୍ଦ୍ର ମାଝୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ଆଗାମୀ ରଥଯାତ୍ରାକୁ ଶାନ୍ତି ଶୃଙ୍ଖଳାର ସହ ଆୟୋଜନ, ରଥ ନିର୍ମାଣ, ମହାପ୍ରଭୁଙ୍କ ନୀତିକାନ୍ତି, ଜନ ଗହଳି ନିୟନ୍ତ୍ରଣ ଆଦି ସମ୍ପର୍କରେ ବିସ୍ତୃତ ଆଲୋଚନା ହୋଇଥିଲା। ବୈଠକ ପରେ ପରିଚାଳନା କମିଟି ପକ୍ଷରୁ ହାଟପଦା ଠାରେ ବିଭିନ୍ନ ପ୍ରକାରର ବୃକ୍ଷ ରୋପଣ କରାଯାଇଥିଲା। ବୈଠକରେ ନରେନ୍ଦ୍ର ମାଝୀ, ସ୍ଥାନୀୟ ସରପଞ୍ଚ ଦୁଲ୍ଲବ ପୂଜାରୀ, ଗୌରହରି ନାୟକ, ନୀଳମଣି ଗୌଡ଼, ବଳି ଚିଲାଗୁନ, ମକର ନାୟକ, ମାନସ ବାଘ, ଭାଗିରଥି ମାଝୀ, ନରୋତ୍ତମ ନାୟକ, ବଳରାମ ପଟ୍ଟନାୟକ, ସିମାଞ୍ଚଳ ଗଣ୍ଡା, ସଂଗ୍ରାମ କେଶରୀ ସାହୁ, ଗୋବର୍ଦ୍ଧନ ଡଙ୍ଗରି, ପ୍ରତାପ ଗୌଡ଼, ଧବଳେଶ୍ୱର ପଟ୍ଟନାୟକ, ପରମେଶ୍ୱର ମାଝୀ, ସୁରେଶ ମହାନ୍ତି ପ୍ରମୁଖଙ୍କ ସମେତ ଅନେକ ଯୋଗଦେଇଥିଲେ।

## ସରକାରୀ ଜାଗାରେ ୯୦ ପ୍ରତିଶତ ଜନବସତି

# ଜବରଦଖଲ ଉଚ୍ଛେଦକୁ ବିରୋଧ

ଝରିଗାଁ , ୮।୬ (ସମିସ): ନୂଆ ସରକାର ପକ୍ଷରୁ ଆରମ୍ଭ ହୋଇଥିବା ଜବରଦଖଲ ଉଚ୍ଛେଦ ପ୍ରକ୍ରିୟାକୁ ନେଇ ଝରିଗାଁ ଅଞ୍ଚଳବାସୀଙ୍କ ମନରେ ତୀବ୍ର ଅସନ୍ତୋଷ ହେବା ସହିତ କୋକୁଆଭୟ ସୃଷ୍ଟି ହୋଇଛି। ସରକାରୀ ଜମି ଜବରଦଖଲ ସମସ୍ୟା କେବଳ ଝରିଗାଁ ସଦର ମହକୁମାର ନୁହେଁ, ସମଗ୍ର ଝରିଗାଁ ବ୍ଲକର ୨୩ ଗୋଟି ପଞ୍ଚାୟତର ସମସ୍ୟା। ଝରିଗାଁ ବ୍ଲକ ଏକ ଆଦିବାସୀ ଅଧ୍ୟୁଷିତ ଦୁର୍ଗମ ଓ ଉପାନ୍ତ ଅଞ୍ଚଳ। ଏହି ଅଞ୍ଚଳରେ ୧୯୫୧ ମସିହାରେ ଭୂ- ବନ୍ଦୋବସ୍ତ ହୋଇଥିଲା। ତାପରେ ଦୀର୍ଘ ୭୦ ବର୍ଷ ହେବ ସରକାରଙ୍କ ତରଫରୁ ଭୂ-ବନ୍ଦେବସ୍ତ ହୋଇନଥିବା ଯୋଗୁଁ ବିଭିନ୍ନ ସମ୍ପ୍ରଦାୟର ଲୋକ ବାଧ୍ୟ ହୋଇ ସରକାରୀ ଜାଗାରେ ଘର ଦ୍ୱାର କରି ୭୦/୮୦ ବର୍ଷ ହେବ ରହି ଆସୁ ଛନ୍ତି। ବିଗତ ଦିନରେ ଝରିଗାଁ ବ୍ଲକର ହାତୀବାଡି ଅଞ୍ଚଳରେ ୨୮ ଗୋଟି ପରିବାରକୁ ଜବରଦଖଲରୁ ଉଚ୍ଛେଦ କରାଯାଇଥିଲା। ଏହାକୁ ନେଇ ଝରିଗାଁ ବ୍ଲକରେ ମଧ୍ୟ ତୀବ୍ର ଆସନ୍ତୋଷ ହେବା ସହିତ ଜବରଦଖଲ ବିରୋଧରେ ସ୍ଥାନୀୟ ଅଧିବାସୀମାନେ ଝରିଗାଁ ରାଧାକୃଷ୍ଣ ମନ୍ଦିର ପ୍ରାଙ୍ଗଣରେ ଏକ ବୈଠକ କରିଥିଲେ। ଏହି ବୈଠକରେ ସରକାର ପ୍ରଥମେ ଏ ଅଞ୍ଚଳର ଭୂ-ବନ୍ଦୋବସ୍ତ କରି ଲୋକଙ୍କୁ ଥଇଥାନ କରନ୍ତୁ, ଅନ୍ୟଥା ଜୋରଜବରଦସ୍ତି ଲୋକଙ୍କୁ ଉଚ୍ଛେଦ କଲେ ହଜାର ହଜାର ସଂଖ୍ୟାରେ ଲୋକ ବାସହରା ହୋଇଯିବେ ବୋଲି କୁହାଯାଇଥିଲା। ଲୋକଙ୍କୁ ଥଇଥାନ କରିବା ପାଇଁ ଦାବି କରାଯାଇଛି। ନଚେତ୍ ବଡ଼ ଧରଣର ଆନ୍ଦୋଳନ ପାଇଁ ଚେତାବନୀ ଦିଆଯାଇଛି।



## ଅବହେଳିତ ମାଝିଗୁଡା ପଞ୍ଚାୟତ ଅଞ୍ଚଳ

# ସ୍ଥିତି ଅନୁଧ୍ୟାନ କଲେ କୋଟପାଡ଼ ବିଧାୟକ

ବୈପାରୀଗୁଡ଼ା,୮।୬(ସମିସ): ଗ୍ରାଉଣ୍ଡ ଜିରୋ ସ୍ଥିତି ଅନୁଧ୍ୟାନ କଲେ କୋଟପାଡ଼ ବିଧାୟକ ରୁପୁ ଭତ୍ରା । ଆଜି ବି ଲୋକେ ପକ୍କା ରାସ୍ତା, ପାଣି, ଆଲୁଅ, ଆବାସ ଘର, ଭତ୍ତା ଭଳି ବିଭିନ୍ନ ମୌଳିକ ସୁବିଧାରୁ ବଞ୍ଚିତ ଅଛନ୍ତି । ଏହାର କାରଣ ଖୋଜିବା ପାଇଁ କୋଟପାଡ଼ ନିର୍ବାଚନ ମଣ୍ଡଳୀ ବୈପାରିଗୁଡା ବ୍ଲକ୍‌ର ଉପାନ୍ତ ଅଞ୍ଚଳ ମାଝିଗୁଡା ପଞ୍ଚାୟତ ଅଞ୍ଚଳ ସେ ଗସ୍ତ କରିଛନ୍ତି । ମାଝୀଗୁଡା ପଞ୍ଚାୟତର ସଦର ମହକୁମାଠାରେ ବିଭିନ୍ନ ସମସ୍ୟାକୁ ନେଇ ସେ ଲୋକଙ୍କ ଅଭିଯୋଗ ପତ୍ର ଗ୍ରହଣ କରିଥିଲେ। ପରେ ମହୁଲପୁଟ ଠାରେ ସରକାରୀ ଯୋଜନା ପହଞ୍ଚିଛି କି ନାହିଁ ସେ ବିଷୟରେ ଲୋକଙ୍କୁ ପଚାରି ବୁଝିଥିଲେ। ସେହିପରି ଉଲଦାନିପୁଟ ଠାରେ ଅଚଳ ନଳକୂପକୁ ନେଇ ଗାଁ ଲୋକେ ଅଭିଯୋଗ କରିଥିବା ବେଳେ ସମସ୍ୟା ସମାଧାନ କରାଯିବ ବୋଲି ଗାଁ ଲୋକଙ୍କୁ ପ୍ରତିଶ୍ରୁତି ଦେଇଥିଲେ। ଏହି ଅବସରରେ ତୋଟାପୋଡାଠାରେ "ବିକଶିତ ଗାଁ, ବିକଶିତ ଓଡ଼ିଶା' ଯୋଜନାର ଭାଗବତ ଟୁଙ୍ଗି ଘର ଭୂମି ପୂଜନ କରିଥିଲେ। ଶେଷରେ ତୋଟାପୋଡା ଠାରୁ ମାଙ୍କିଡିକୁ ସଂଯୋଗ କରୁଥିବା ରାସ୍ତା ପାଞ୍ଚ ବର୍ଷ ହେବ ଅଧପନ୍ତରିଆ ହୋଇ ପଡିରହିଛି । ସେହିପରି ସେ ପ୍ରଧାନମନ୍ତ୍ରୀ ସଡ଼କ କାର୍ଯ୍ୟ ତଦାରଖ କରିଥିଲେ। ବିଭାଗୀୟ ଅଧିକାରୀଙ୍କୁ ଅତି ଶୀଘ୍ର ରାସ୍ତା କାମ ଶେଷ କରିବା ପାଇଁ ତାଗିଦ କରିଥିଲେ। ଲୋକଙ୍କ ଅଭିଯୋଗ ପରେ ବିଧାୟକ ଶ୍ରୀ ଭତ୍ରା ସ୍ଥାନୀୟ ସରପଞ୍ଚ ଏବଂ ବିଭାଗୀୟ ଅଧିକାରୀଙ୍କୁ ପଞ୍ଚାୟତ କାର୍ଯ୍ୟାଳୟରେ ଭେଟିଛନ୍ତି । ଲୋକଙ୍କ ସମସ୍ୟାର ସମାଧାନ କିପରି ହେବ, ଆଉ ମାଝୀଗୁଡା ପଞ୍ଚାୟତର ବିକାଶ କିପରି ହେବ ସେ ନେଇ ସେ ଆଲୋଚନା କରିଛନ୍ତି। ବିଧାୟକଙ୍କ ସହ ନବରଙ୍ଗପୁର ସାଂସଦ ପ୍ରତିନିଧି ନରେନ୍ଦ୍ର କାନ୍ଦିଲିଆ, ମାଝୀଗୁଡା ସରପଞ୍ଚ ମଞ୍ଜୁ ଶ୍ରୀ କରଲିଆ, ସମିତି ସଭ୍ୟା ପାର୍ବତୀ ଗାଦବା ଓ ପିଇଓ ଦେବ ଶିଶା ପ୍ରମୁଖ ଉପସ୍ଥିତ ଥିଲେ।



■ ଚାଷ ଜମିକୁ ରାସ୍ତା ନାହିଁ

# ରାସ୍ତା ଉପରେ ଧାରଣା ଦେଲେ ଗ୍ରାମବାସୀ



ପଟ୍ଟାଙ୍ଗି, ୮।୬(ସମିସ): ଗ୍ରାମବାସୀଙ୍କ ଚାଷ ଜମିକୁ ଯିବା ନିମନ୍ତେ ନାହିଁ ରାସ୍ତା। ଚାଷ କିଭଳି କରିବୁ ଏବଂ ଗୃହ ପାଳିତ ପଶୁ କିଭଳି ପାଇବେ ଖାଦ୍ୟ ଓ ପାନୀୟ ଜଳ ଚିନ୍ତାରେ ଗ୍ରାମବାସୀ। ପ୍ରଶାସନକୁ ଗୁହାରି ଜଣାଇବା ପରେ ପ୍ରଶାସନ ଏନେଇ ଧ୍ୟାନ ନଦେବାରୁ ବାଧ୍ୟ ହୋଇ ଭାରତମାଳା ରାସ୍ତା ରୋକ କରି ଧାରଣା ଗ୍ରାମବାସୀ। ଏଭଳି ଏକ ଦୃଶ୍ୟ କୋରାପୁଟ ଜିଲ୍ଲା ସେମିଳିଗୁଡା ବ୍ଲକ ଅନ୍ତର୍ଗତ ହାଟଗୁଡ଼ା ପଞ୍ଚାୟତର ରାମନାୟକପୁଟ ଗ୍ରାମ ଭାରତମାଳା ପରିଯୋଜନାରେ ହେଉଥିବା ରାସ୍ତାକାର୍ଯ୍ୟ ସ୍ଥଳରେ ଦେଖିବାକୁ ମିଳିଅଛି। ଉକ୍ତ ଗ୍ରାମ ନିକଟରେ ଏକ ବିଶ୍ରାମଗାର ଏବଂ ଅନ୍ୟ ସୁବିଧା କରିବା ନିମନ୍ତେ ଗ୍ରାମବାସୀ ଦାବି କରୁଛନ୍ତି। ଗ୍ରାମର ଲୋକଙ୍କ ଜମିକୁ ନେଇ ଅର୍ଥନୈତିକ କରିଡ଼ର କରାଯାଉଛି। ଉକ୍ତ ପ୍ରକଳ୍ପ ଦ୍ୱାରା ଶହ ଶହ ଲୋକ ଉପକୃତ ହୋଇପାରିବେ। କିନ୍ତୁ ଗ୍ରାମବାସୀଙ୍କ ଚାଷ ଜମିକୁ ଏବଂ ଗୃହ ପାଳିତ ପଶୁଙ୍କୁ ଚରାଇବା ନିମନ୍ତେ ନିର୍ମାଣ କରିନି ରାସ୍ତା। ଗ୍ରାମରେ ରହିଛନ୍ତି ୧୦୦ ପରିବାର। ଭାରତମାଳା ପରିଯୋଜନାର ରାସ୍ତା କାର୍ଯ୍ୟ ପ୍ରାରମ୍ଭ ହେବା ପୂର୍ବରୁ ଉକ୍ତ ଗ୍ରାମବାସୀ ଜମିରେ ଚାଷ କରି ନିଜର ଜୀବନ ଜୀବିକା ନିର୍ବାହ କରୁଥିଲେ। ଉକ୍ତ ଚାଷ କାର୍ଯ୍ୟ ପାଇଁ ଗ୍ରାମବାସୀ ରଖିଛନ୍ତି ଗୃହ ପାଳିତ ପଶୁ। ଭାରତ ମାଳା ରାସ୍ତା ନିର୍ମାଣ କାର୍ଯ୍ୟ ଶେଷ ହେବାକୁ ବସିଲାଣି। କିନ୍ତୁ ବର୍ତ୍ତମାନ ସୁଦ୍ଧା ଗ୍ରାମବାସୀଙ୍କ ଚାଷ ଜମିକୁ ଯିବା ପାଇଁ ରାସ୍ତା ନିର୍ମାଣ ହୋଇ ପାରିନି। ଉକ୍ତ ସମସ୍ୟା ନେଇ ବହୁବାର ଗ୍ରାମବାସୀ ପହଞ୍ଚିଥିଲେ ସରକାରୀ ଅଧିକାରୀଙ୍କ ନିକଟରେ। ଅଭିଯୋଗ ପାଇବା ପରେ ତଦନ୍ତ ନିମନ୍ତେ ଗ୍ରାମରେ ପହଞ୍ଚିବା ସହ ଉକ୍ତ ସମସ୍ୟାର ସମାଧାନ କରାଯିବ ବୋଲି ପ୍ରତିଶ୍ରୁତି ମିଳିଥିଲା। ଆଉ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରା ନଯିବାରୁ ଗ୍ରାମବାସୀ ଚିନ୍ତା ପ୍ରକଟ କରିଅଛନ୍ତି। ବାଧ୍ୟ ହୋଇ ଗ୍ରାମବାସୀ ଭାରତ ମାଳା ରାସ୍ତାରେ ପହଞ୍ଚି ରାସ୍ତାରୋକ କରିବା ସହ ଧାରଣା ଦେଇଥିଲେ। ଏହାପରେ ସ୍ଥାନୀୟ ସରପଞ୍ଚ ନାରାୟଣ ନାନ୍ଦିବାଲି ପହଞ୍ଚି ଲୋକଙ୍କୁ ବୁଝାସୁଝା କରିବା ସହ ଉକ୍ତ ବିଷୟ ନେଇ ଅଧିକାରୀଙ୍କ ନିକଟରେ ପହଞ୍ଚି ଆଲୋଚନା କରିବେ ବୋଲି ପ୍ରତିଶ୍ରୁତି ଦେଇଥିଲେ। ପ୍ରତିଶ୍ରୁତି ପାଇବା ପରେ ଗ୍ରାମବାସୀ ଧାରଣାରୁ ହଟି ଯାଇଥିବା ଜଣାପଡ଼ିଛି।

# ଗଛ ପଡ଼ି ଘର ଭାଙ୍ଗିଲା

ନନ୍ଦପୁର,୮।୬ (ସମିସ): ନନ୍ଦପୁର ବ୍ଲକ ଚାଟୁଆ ମହକୁମାର ଏକ ଘର ଉପରେ ଆଜି ସକାଳେ ତେନ୍ତୁଳି ଗଛ ପଡ଼ି ଯିବାରୁ ରୋଷେଇ ଘର ଓ ପାଇଖାନା ଘର ଭାଙ୍ଗି ଯାଇଛି। ଘର ଭିତରେ ଥିବା ସାଧୁଙ୍କ ପରିବାର ଲୋକେ ଅଳ୍ପକେ ଭର୍ତ୍ତି ଯାଇଥିବା ଜଣାପଡ଼ିଛି। ଖବର ପାଇ ନନ୍ଦପୁର ଅଗ୍ନିଶମ ବିଭାଗ କର୍ମଚାରୀ ହେମନ୍ତ ସାମଲ, ପ୍ରକାଶ କିଷାନ୍, ଦିଲେଶ୍ୱର୍ ସେଠୀଆ, ରଞ୍ଜନ ମଲ୍ଲିକ ଓ ବିଷ୍ଣୁ ପ୍ରସାଦ ନାୟକ ପହଞ୍ଚି ଗଛ କାଟି ସଫା କରିଥିଲେ।

# ସରକାରୀ ସହାୟତାରୁ ବଞ୍ଚିତ ସାନ୍ଦାଇ ମୁଦୁଲି

ପୋଡ଼ାଗଡ଼, ୮।୬(ସମିସ): କୋରାପୁଟ ଜିଲ୍ଲା ଦଶମନ୍ତପୁର ବ୍ଲକ ଅନ୍ତର୍ଗତ ଗାଦିଆଗୁଡା ପଞ୍ଚାୟତ ଅଧିନସ୍ଥ ଘାଟଗୁଡ଼ା ଗ୍ରାମର ସାନ୍ଦାଇ ମୁଦୁଲି ସରକାରୀ ସହାୟତାରୁ ବଞ୍ଚିତ ଅଛନ୍ତି। ସରକାରଙ୍କ ଖାଉଟି କଲ୍ୟାଣ ବିଭାଗ ଦ୍ୱାରା ମାସିକ



୫କେଜି ଚାଉଳ ଛଡ଼ା ସେ ଆଉ ଅନ୍ୟ କୌଣସି ସୁବିଧା ପାଇ ପାରୁନଥିବା ଅଭିଯୋଗ ହୋଇଛି। କିଛି ବର୍ଷ ପୂର୍ବେ ସାନ୍ଦାଇ, ନିଜ ସ୍ୱାମୀ ଓ ଝିଅ ସହ ମିଶି ଦିନ ମଜୁରି ସହ ଚାଷ କରି ଅତି ଖୁସିରେ ଜୀବନ ଅତିବାହିତ କରିଥିଲେ। କିନ୍ତୁ ଆଗପଛ ହୋଇ ଆରପାରିକୁ ଚାଲିଗଲେ ସ୍ୱାମୀ ଓ ଝିଅ। ସେହି ଦିନ ଠାରୁ ମୃତକଙ୍କ ନାମରେ ଆଉ ଚାଉଳ ମିଳିଲା ନାହିଁ। ଏବେ ଜଣେ ରହୁଥିବାରୁ ମାତ୍ର ୫କେଜି ଚାଉଳ ମିଳୁଥିବାରୁ ଅନ୍ୟ ଘରେ ମୂଳ ଲାଗି ନିଜ ଜୀବନ ବିତାଉଥିବା ଜଣାପଡ଼ିଛି। ନିଜେ ରହିବ ପାଇଁ ଘର ଟି ନଥିବାରୁ ଗାଁ ମୁଣ୍ଡରେ ଏକ ପାଳ କୁଡିଆ କରି ସେ ରହିଥିବା ଜଣାପଡ଼ିଛି। ତାଙ୍କୁ ଆବାସ ଗୃହ ଦେବାକୁ କାହାରି ଆନ୍ତରିକତା ନାହିଁ। ତାଙ୍କୁ ବିଧବା ଭତ୍ତା ବି ମିଳୁନାହିଁ। ସାନ୍ଦାଇ ପ୍ରତି ଜିଲ୍ଲା ପ୍ରଶାସନ ଦୃଷ୍ଟି ଦେବାକୁ ଦାବି ହେଉଛି।

# ଭଞ୍ଜ ସଂସଦର ବୈଠକ; ସମ୍ବର୍ଦ୍ଧନା ସଭା



ସୁନାବେଡ଼ା, ୮।୬ (ସମିସ): ସୁନାବେଡ଼ା ହାଲ ସହରାଞ୍ଚଳ ସ୍ଥିତ ଭଞ୍ଜ ସଂସଦର ଏକ ସାଧାରଣ ବୈଠକ ଓ ଅବସରକାଳୀନ ସମ୍ବର୍ଦ୍ଧନ ସଭା ୟୁ ଜୋନ ସ୍ଥିତ ହନୁମାନ ମନ୍ଦିର ପ୍ରାଙ୍ଗଣରେ ଅନୁଷ୍ଠିତ ହୋଇଯାଇଛି। ସଂସଦର ସଭାପତି କାଳୁ ଚରଣ ବେହେରାଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଉକ୍ତ କାର୍ଯ୍ୟକ୍ରମରେ ସେମିଳିଗୁଡା ବରିଷ୍ଠ ନାଗରିକ ସଂଘର ସଭାପତି ପ୍ରତାପ ଚନ୍ଦ୍ର ପାତ୍ର ମୁଖ୍ୟ ଅତିଥି ଭାବେ ଯୋଗଦେଇ ଚାକିରିରୁ ଅବସର ନେଇଥିବା ବରିଷ୍ଠ ସଦସ୍ୟ ଅମୂଲ୍ୟ ଜେନା, ପ୍ରଫୁଲ୍ଲ କୁମାର ଜେନା, ରାମକୃଷ୍ଣ ଦାଶ, ନିରଞ୍ଜନ ବେହେରା, ରବୀନ୍ଦ୍ର କୁମାର ନାୟକ, ସୋମନାଥ ନାୟକ ଓ ସନ୍ତୋଷ ନାୟକଙ୍କୁ ଅବସରକାଳୀନ ବିଦାୟ ସମ୍ବର୍ଦ୍ଧନା ଜ୍ଞାପନ କରିଥିଲେ। ଶ୍ରୀ ପାତ୍ର ବିଦାୟୀ ବନ୍ଧୁମାନଙ୍କୁ ସମ୍ବର୍ଦ୍ଧିତ କରି ସଂସଦର ଉତ୍ପତ୍ତିର ଲକ୍ଷ୍ୟ ଓ କାର୍ଯ୍ୟକଳାପ ଉପରେ ଆଲୋକପାତ କରିଥିଲେ। ବୈଠକରେ ସାଧାରଣ ସମ୍ପାଦକ ବିଜୟ ପାତ୍ର, ସାଂଗଠନିକ ସମ୍ପାଦକ ଅମର ବାଡତ୍ୟା, ଯୁଗ୍ମ ସମ୍ପାଦକ ସୁଦାମ ଦାସ, ସାହିତ୍ୟ ସମ୍ପାଦକ ଜିତେନ୍ଦ୍ର କୁମାର ସେନାପତି, ସାଂସ୍କୃତିକ ସମ୍ପାଦକ ସନ୍ତୋଷ କୁମାର ସାହୁ, ସଞ୍ଜୟ ନାୟକ, ବ୍ରହ୍ମାନନ୍ଦ ଭଞ୍ଜ, ଦୁର୍ଯୋଧନ ସ୍ୱାଇଁଙ୍କ ସହ ସଂସଦର ବହୁ ମାନ୍ୟଗଣ୍ୟ ସଭ୍ୟ ମାନେ ଉପସ୍ଥିତ ରହି ଆଗାମୀ ବାର୍ଷିକ ଉତ୍ସବ ପାଳନ, ମୁଖପତ୍ର 'ସମ୍ରାଟ'ର ଉନ୍ମୋଚନ ତଥା ସଂସଦର ଆଗାମୀ କାର୍ଯ୍ୟକ୍ରମ ଉପରେ ଆଲୋଚନା କରିଥିଲେ। ଏକ ୧୦ ଜଣିଆ ଆବାହକ କମିଟି ଗଠନ କରି ନୂତନ ପିଢ଼ିକୁ ସୁଯୋଗ ପ୍ରଦାନ କରିବାପାଇଁ ପ୍ରସ୍ତାବ ଅନୁମୋଦିତ ହୋଇଥିଲା। ଉକ୍ତ କମିଟି ପାଇଁ ଧୀରେନ ସାମଲ, ମନୋଜ ପାତ୍ର ଓ ରାଜେନ୍ଦ୍ର ବିଶ୍ୱାଳ ନିଜ ନାମକୁ ପ୍ରସ୍ତାବିତ କରିଥିଲେ। ସାଧାରଣ ସମ୍ପାଦକ ଓ ସାଂଗଠନିକ ସମ୍ପାଦକ ଆଗାମୀ ଗହ୍ମା ପୂର୍ଣ୍ଣିମାକୁ ବାର୍ଷିକ ଉତ୍ସବ ରୂପେ ପାଳନ କରିବାକୁ ପ୍ରସ୍ତାବ ଦେଇଥିଲେ। ସଭା ଶେଷରେ ସାହିତ୍ୟ ସମ୍ପାଦକ ଜିତେନ୍ଦ୍ର କୁମାର ସେନାପତି ଧନ୍ୟବାଦ ଅର୍ପଣ କରିଥିଲେ।

# ବାଣିଜ୍ୟ ଓ ପରିବହନ ମନ୍ତ୍ରୀଙ୍କ ସମୀକ୍ଷା ବୈଠକ



ନବରଙ୍ଗପୁର,୮।୬ (ସମିସ) : ସ୍ଥାନୀୟ ମିଶନ ଶକ୍ତି ସମ୍ମିଳନୀ ଗୃହରେ ରାଜ୍ୟ ବାଣିଜ୍ୟ ଓ ପରିବହନ ତଥା ଇସ୍ପାତ ଓ ଖଣି ବିଭାଗ ମନ୍ତ୍ରୀ ବିଭୂତି ଭୂଷଣ ଜେନାଙ୍କ ଅଧ୍ୟକ୍ଷତାରେ ବିଭିନ୍ନ ଉନ୍ନତିମୂଳକ କାର୍ଯ୍ୟକ୍ରମର ଜିଲ୍ଲାସ୍ତରୀୟ ସମୀକ୍ଷା ଏବଂ ରାଜ୍ୟ ସରକାରଙ୍କ ଏକ ବର୍ଷ ପୂର୍ତ୍ତି ଅବସରରେ ଜିଲ୍ଲାରେ ଚଳିତ ମାସ ୧୨ରୁ ୧୮ ତାରିଖ ପର୍ଯ୍ୟନ୍ତ ଜିଲ୍ଲାସ୍ତରୀୟ ବିକାଶ ମେଳା ନିମନ୍ତେ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ, ବିଧାୟକ ନବରଙ୍ଗପୁର ଗୌରୀ ଶଙ୍କର ମାଝୀ, ବିଧାୟକ ଝରି ଗାଁ ନରସିଂହ ଭତରା , ସାଂସଦ ପ୍ରତିନିଧି କୁଞ୍ଜ ବିହାରୀ ଦାସ, ଅତିରିକ୍ତ ଜିଲ୍ଲାପାଳ ସାଧାରଣ ତପନ କୁମାର ଖୁଣ୍ଟିଆ, ଅତିରିକ୍ତ ଜିଲ୍ଲାପାଳ ରାଜସ୍ୱ ବିଶ୍ୱଜିତ ବର୍ମନ୍, ମୁଖ୍ୟ ଉନ୍ନୟନ ଅଧିକାରୀ ଜିଲ୍ଲା ପରିଷଦ ବିରଞ୍ଚି ନାରାୟଣ ଦରୱାନଙ୍କ ସମେତ ବହୁ ଜିଲ୍ଲାସ୍ତରୀୟ ବିଭାଗୀୟ ଅଧିକାରୀ ଉପସ୍ଥିତ ଥିଲେ। ନୂତନ ମଣ୍ଡେଇ ପଡ଼ିଆରେ ହେବାକୁ ଥିବା ବିକାଶ ମେଳାରେ ବିଭିନ୍ନ ବିଭାଗୀୟ ଷ୍ଟଲ୍, ଖାଦ୍ୟ ଉତ୍ସବ ଓ ପାରମ୍ପରିକ ଖାଦ୍ୟ ପ୍ରତିଯୋଗିତା, ସାଂସ୍କୃତିକ କାର୍ଯ୍ୟକ୍ରମ, ଗ୍ରାମାଞ୍ଚଳରୁ ବ୍ଲକ ଓ ସହରାଞ୍ଚଳରେ ବିକାଶ ବାହନ ଯାତ୍ରା ଦ୍ୱାରା ରାଜ୍ୟ ସରକାରଙ୍କ ବିଭିନ୍ନ ଜନହିତକର ଯୋଜନାର ବିଶେଷ ପ୍ରଚାର ପ୍ରସାର , ବିଭିନ୍ନ ବିଭାଗୀୟ ଅଧିକାରୀ ମାନଙ୍କୁ ଶାନ୍ତି ଶୃଙ୍ଖଳା, ପାର୍କିଂ, ମାଜିଷ୍ଟ୍ରେଟ୍ ଦାୟିତ୍ୱ, ଶୌଚାଳୟ, ପାନୀୟ ଜଳ, ପରିମଳ, ଅଗ୍ନିଶମ ନିରାପତ୍ତା, ଷ୍ଟଲ୍ , ସାଂସ୍କୃତିକ କାର୍ଯ୍ୟକ୍ରମ, ପଡିଆ ସଫେଇ, ବିଶେଷ ପ୍ରଚାର ପ୍ରସାର, ମିଡିଆ, ସୁଭଦ୍ରା ଶକ୍ତି ପାରମ୍ପାରିକ ଖାଦ୍ୟ ପ୍ରତିଯୋଗିତା, ଷ୍ଟେଜ, ଅତିଥି ସ୍ୱାଗତ, ବିଦ୍ୟୁତ୍ ଓ ଅନ୍ୟାନ୍ୟ ଆନୁଷଙ୍ଗିକ ବ୍ୟବସ୍ଥା ଉପରେ ଦାୟିତ୍ୱ ନ୍ୟସ୍ତ କରାଯାଇ ଏହାର ସଫଳ ରୂପାୟନ ପାଇଁ ବିଶେଷ ପଦକ୍ଷେପ ନେବାକୁ ମନ୍ତ୍ରୀ ଶ୍ରୀ ଜେନା ଜିଲ୍ଲା ପ୍ରଶାସନକୁ ନିର୍ଦ୍ଦେଶ ଦେଇଥିଲେ। ଜିଲ୍ଲାରେ ବିଭିନ୍ନ ଷ୍ଟାର୍ଟଅପ ଉଦ୍ୟୋଗୀ ଏବଂ ଶିଳ୍ପ ଉଦ୍ୟୋଗୀଙ୍କୁ ଉତ୍ସାହିତ ,ସ୍ୱାଧୀନତା ସଂଗ୍ରାମୀଙ୍କ ସ୍ମୃତି ଓ କାର୍ଯ୍ୟ , ବିଶିଷ୍ଟ ଖେଳାଳି, ସାହିତ୍ୟିକ, କଳାକାର ଉପରେ ବିଶେଷ ଧାରଣା, ବିଭାଗୀୟ ସଫଳ କାହାଣୀର ପ୍ରଦର୍ଶନ, ଜିଲ୍ଲାରେ ପର୍ଯ୍ୟଟନ ସ୍ଥଳୀର ବିକାଶ ଓ ଇକୋ ଟୁରିଜମ , ସଡ଼କ ସୁରକ୍ଷା ଓ ଶୂନ୍ ଦୁର୍ଘଟଣା ଦିବସ, ମକା ପ୍ରକ୍ରିୟାକରଣ ଓ ଆନୁସଙ୍ଗିକ ଶିଳ୍ପର ବିକାଶ, ଆଦର୍ଶ ଥାନା, ପୋଷଣ, ଗୋଦାବରିଶ ମିଶ୍ର ଆଦର୍ଶ ବିଦ୍ୟାଳୟ ଉପରେ ଗୁରୁତ୍ୱ ଦେଇ ମନ୍ତ୍ରୀ କହିଥିଲେ। ଏହି ଅବସରରେ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ଜିଲ୍ଲାରେ ବିଭାଗୀୟ ବିଭିନ୍ନ ଯୋଜନାର ପ୍ରଣୟନ ଓ ହିତାଧିକାରୀ ମାନଙ୍କୁ ପହଞ୍ଚିଥିବା ସହାୟତା, ବିକାଶ ମୂଳକ କାର୍ଯ୍ୟକ୍ରମର ବିକାଶ ମେଳାରେ ସଫଳ ପ୍ରଦର୍ଶନ ଓ ପ୍ରଚାର ପ୍ରସାର ପାଇଁ ପଦକ୍ଷେପ ନେବାକୁ ଜିଲ୍ଲା ପ୍ରଶାସନକୁ କହିଥିଲେ। ବିକାଶ ମେଳାରେ ମୋଟ ବିଭାଗୀୟ ଷ୍ଟଲ୍ ୩୬ ଏବଂ ପାରମ୍ପରିକ ଖାଦ୍ୟ ଷ୍ଟଲ ୨୫କୁ ମିଶାଇ ୬୧ଟି ଷ୍ଟଲର ଆୟୋଜନ କରାଯାଉଥିବା ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ବିଭାଗ ଅଧିକାରୀ ମନୋଜ କୁମାର ବେହେରା ସୂଚନା ଦେଇଛନ୍ତି। ଶେଷରେ ଅତିରିକ୍ତ ଜିଲ୍ଲାପାଳ ତପନ କୁମାର ଖୁଣ୍ଟିଆ ଧନ୍ୟବାଦ୍ ଅର୍ପଣ କରିଥିଲେ।



# କେଦାରନାଥ ପ୍ରଧାନଙ୍କ ସ୍ମୃତିଚାରଣ ସଭା



**ରାଉରକେଲା, ୮।୬(ସମିସ):** ଓଡ଼ିଆ ଭାଷା ବିକାଶ ମଞ୍ଚ ଆନୁକୂଲ୍ୟରେ ଛେଣ୍ଡ ସ୍ଥିତ ମଧୁସୂଦନ ଭବନ ପରିସରରେ ସାଧାରଣ ସମ୍ପାଦକ ଆର୍ତ୍ତତ୍ରାଣ ମହାପାତ୍ରଙ୍କ ଆବାହକତ୍ୱ ଓ ଅବି ବଳରାମ ରାଉଳଙ୍କ ଅଧ୍ୟକ୍ଷତାରେ କେଦାରନାଥ ପ୍ରଧାନଙ୍କ ସ୍ମୃତିଚାରଣ ସଭା ଅନୁଷ୍ଠିତ ହୋଇଯାଇଛି। କେଦାରନାଥଙ୍କ ଫଟୋଚିତ୍ରରେ ମାଲ୍ୟାର୍ପଣ ପରେ ଅତିଥିମାନେ ତାଙ୍କର ସ୍ମୃତିଚାରଣ କରିଥିଲେ। ଏକାଦଶାହ ତିଥି ଅବସରରେ ଅନୁଷ୍ଠିତ ଏହି ସ୍ମୃତିଚାରଣ ସଭାରେ କଲ୍‌ଚୁରାଲ୍ ଏକାଡେମୀ ଦ୍ୱାରା ସମ୍ପାଦିତ 'ସ୍ମୃତିରେ ସ୍ମୃତିରେ' ଶୋକ ପୁସ୍ତିକା ବଣ୍ଟନ କରାଯାଇଥିଲା। ପଟ୍ଟାମୁଣ୍ଡାଇର ପୂର୍ବତନ ବିଧାୟକ ରାଧାକାନ୍ତ ସେଠି, ବିଚିତ୍ରାନନ୍ଦ ସାହୁ, ପ୍ରଦୋଷ ମହାନ୍ତି, ଛବି ମହାନ୍ତି, ମୀନକେତନ ପଶାୟତ, କପିଳ ଚରଣ ବାରିକ, ନରେନ୍ଦ୍ର ଗୋପ, ଡଃ ନଗେନ କୁମାର ଦାସ, ପିତବାସ ନାୟକ, ରାଧାମୋହନ ନାୟକ, ଡଃ କୃପାସିନ୍ଧୁ ନାୟକ, ବିମାନ ମାଇତି, ଅରବିନ୍ଦ ପାତ୍ର, ଲକ୍ଷ୍ମଣ ଚନ୍ଦ୍ର ଦାଶ, ସଦାନନ୍ଦ ସାହୁ ଉପସ୍ଥିତ ଥିଲେ। ସଞ୍ଜୁଲତା ଦେଇ ଧନ୍ୟବାଦ ଅର୍ପଣ କରିଥିଲେ। ତାଙ୍କର ସୁପୁତ୍ର କମଳ ପ୍ରଧାନ, ପଙ୍କଜ ପ୍ରଧାନ ଓ ପରିବାରବର୍ଗ ସମସ୍ତ କାର୍ଯ୍ୟକୁ ପରିଚାଳନା କରିଥିଲେ।

## ବଣେଇରେ ନାହିଁ ସିନେମା ହଲ୍

# ଭଗ୍ନ ଅବସ୍ଥାରେ ସ୍ମୃତି ବଖାଣୁଛି ଗଜାନନ ଟକିଜ୍

ବଣାଇଁ, ୮।୬(ସମିସ)



ପୌରାଣିକ ସହର ବଣାଇଁରେ ଏବେ ମନୋରଞ୍ଜନ ପାଇଁ ସିନେମା ହଲ ଟିଏ ନାହିଁ। ଫଳରେ ମନୋରଞ୍ଜନ ପାଇଁ ଲୋକେ ଦୀର୍ଘ ୬୦ କିମି ଦୁରରେ ଥିବା ରାଉରକେଲା ସହରକୁ ଯାଇ ସିନେମା ଦେଖୁଛନ୍ତି। ଅନ୍ୟପକ୍ଷରେ ବଣାଇଁ ସହରର ସାପ୍ତାହିକ ହାଟ ନିକଟରେ ଥିବା ୮୦ ଦଶକର ଗଜାନନ ଟକିଜ୍ ଏବେ ଭଗ୍ନ ଅବସ୍ଥାରେ ରହି କେବଳ ପୁରୁଣା ସ୍ମୃତି ବଖାଣୁଥିବା ସ୍ଥାନୀୟବାସୀନ୍ଦା କହିଛନ୍ତି। ୨୦୦୦ ମସିହାରୁ ରକ୍ଷଣାବେକ୍ଷଣ ଅଭାବ ଓ ଆଧୁନିକତାର ଜ୍ଞାନକୌଶଳ ସହ ଖାପଖୁଆଇ ନପାରି ବନ୍ଦ ହୋଇପଡ଼ିଛି। ଏହି ବନ୍ଦ ସିନେମା ହଲ୍ ଏବେ ଅଞ୍ଚଳବାସୀଙ୍କୁ ଅଶି ଦଶକର ସ୍ୱର୍ଣ୍ଣିମ ଦିନକୁ ମନେ ପକାଇବା ସହ ଆନ୍ଦୋଳିତ କରୁଛି। ୮୦ ଦଶକରେ ସହରର ଜଣାଶୁଣା ବ୍ୟବସାୟୀ ଗଜାନନ ସାହୁ (ଗଜନୁ) ଏହି ହଲ୍‌କୁ ପ୍ରତିଷ୍ଠା କରିଥିଲେ। ବଣାଇଁ ର ପ୍ରଥମ ଫିଲ୍ମ ଟକିଜ୍ ଗଜାନନରେ ପ୍ରଥମ ଓଡିଆ ଚଳଚ୍ଚିତ୍ର 'ଜଗା ହାତରେ ପଘା' ବଡ ପରଦାରେ ପ୍ରଦର୍ଶିତ କରିଥିଲା। ବଡ ମେସିନରେ ରିଲ ଲାଗିବା ପରେ ଚଳଚିତ୍ର ଦେଖୁଥିଲେ ଲୋକେ। ଦିନକୁ ତିନୋଟି ସୋ ଚାଲୁଥିଲେ ମଧ୍ୟ ଲୋକଙ୍କ ଅସଂଖ୍ୟ ଗହଳି ଦେଖିବାକୁ ମିଳୁଥିଲା। ବେଳେ ବେଳେ ଅନେକ ଦର୍ଶକ ଟିକେଟ୍ ନପାଇ ନିରାଶ ହୋଇ ଘରକୁ ଫେରିଯାଉଥିଲେ। ରିକ୍ସା ପଛପଟେ ଫିଲ୍ମର ପୋଷ୍ଟର ଲଗାଇ ଆଖପାଖ ଗାଁ ଗୁଡିକୁ ଫିଲ୍ମର ପ୍ରଚାର ପାଇଁ ଯାଉଥିଲେ। ପରବର୍ତ୍ତୀ ସମୟରେ ରିକ୍ସା ବଦଳରେ ଅଟୋ ଯୋଗେ ପ୍ରଚାର ହେଉଥିଲା। ଗାଁ ଗୁଡିକରେ ପୋଷ୍ଟର ଦେଖିବାକୁ ଲୋକଙ୍କ ଭିଡ଼ ଜମୁଥିଲା। ପରିଚାଳକ ଗଜନୁ ଭାଇଙ୍କ କହିବା ଅନୁଯାୟୀ, ଗଜାନନ ଟକିଜ୍‌ରେ ଦର୍ଶକମାନେ ଅନେକ ସୁପରହିଟ୍ ହିନ୍ଦୀ ସହ ଓଡ଼ିଆ ସିନେମା ଦେଖିବାର ସୁଯୋଗ ପାଇଛନ୍ତି। ଚାହିଦା ଯୋଗୁଁ ଅନେକ ସିନେମା ମାସ ମାସ ଧରି ପରିବେଷିତ ହେଉଥିଲା। କଟକର କିଛି ବ୍ୟବସାୟୀଙ୍କ ସହ ସ୍ଥାନୀୟ ଲୋକେ ମଧ୍ୟ ଏହି ସିନେମା ହଲ୍ ପାଇଁ ରୋଜଗାର ପାଉଥିଲେ। ପ୍ରତ୍ୟକ୍ଷ ଓ ପରୋକ୍ଷ ଭାବେ ସେତେବେଳେ ପ୍ରାୟ ୩୦ ଜଣରୁ ଅଧିକ ଲୋକଙ୍କ ପରିବାର ଚଳୁଥିଲା। ତେବେ ୧୯ ୯୦ ବେଳକୁ ଭିଡିଓ କ୍ୟାସେଟ୍ ଓ ପ୍ଲେୟାର ସହ ସହରରେ କେବୁଲ ଲାଇନ ଡିସ ଆଣ୍ଟିନା ଓ ପରେ ପରେ ଡିଭିଡି ପ୍ଲେୟାର ଭଳି ଅତ୍ୟାଧୁନିକ ଜ୍ଞାନକୌଶଳ ଆସିବା ଯୋଗୁଁ ସିନେମା ଶିଳ୍ପ ପ୍ରଭାବିତ ହେଲା। ଲାଭ ନମିଳିବାରୁ ଗଜାନନ ଟକିଜ କ୍ଷତିରେ ଚାଲିଲା। ଶେଷରେ ୨୦୦୦ ମସିହାରେ ଏହା ବନ୍ଦ ହୋଇଗଲା ବୋଲି ବ୍ୟବସାୟୀ ଗଜାନନ କହିଛନ୍ତି।

# ରାଜ୍ୟ କ୍ରୀଡ଼ା ମନ୍ତ୍ରୀଙ୍କ ରାଉରକେଲା ଗସ୍ତ



**ରାଉରକେଲା, ୮।୬(ସମିସ):** ରାଜ୍ୟ କ୍ରୀଡା ଉଚ୍ଚଶିକ୍ଷା ଓ ସଂସ୍କୃତି ମନ୍ତ୍ରୀ ସୂର୍ଯ୍ୟବଂଶୀ ସୁରଜ ରବିବାର ରାଉରକେଲା ଗସ୍ତ କରିଥିଲେ। ସେ ପାନପୋଷ ଗାନ୍ଧୀ ଛକରେ ପହଞ୍ଚିବା ପରେ ଶତାଧିକ କର୍ମକର୍ତ୍ତା ତାଙ୍କୁ ଉତ୍ତରୀୟ ଓ ପୁଷ୍ପଗୁଚ୍ଛ ଦେଇ ସମ୍ବର୍ଦ୍ଧନା ଜ୍ଞାପନ କରିଥିଲେ। ପରେ ମନ୍ତ୍ରୀଙ୍କୁ ଏକ ବିରାଟ ବାଇକ୍ ଶୋଭଯାତ୍ରାରେ ରାଉରକେଲାର ବିଶ୍ରା ଛକ ନିକଟସ୍ଥ ବିଶ୍ରମୁଣ୍ଡା ଷ୍ଟାଡିୟମ୍‌କୁ ନିଆଯାଇଥିଲା। ସେଠାରେ ଅନୁଷ୍ଠିତ୧୫ ବର୍ଷରୁ କମ୍ ମୁଖ୍ୟମନ୍ତ୍ରୀ ଫୁଟବଲ ଚାମ୍ପିଅନସିପ୍‌ର ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ। ଝାରସୁଗୁଡ଼ା ବିଧାୟକ ତଥା ଫୁଟବଲ ଆସୋସିଏସନର ସଭାପତି ଟଙ୍କଧର ତ୍ରିପାଠୀ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ପରେ ମନ୍ତ୍ରୀ ସେକ୍ଟର ୩ ସ୍ଥିତ ବିଜେପି ଜିଲ୍ଲା କାର୍ଯ୍ୟାଳୟରେ ବିଜେପି କର୍ମୀଙ୍କ ବିବିଧ ସମସ୍ୟା ଶୁଣି ଉପଯୁକ୍ତ ପଦକ୍ଷେପ ନେବାକୁ ପ୍ରତିଶ୍ରୁତି ଦେଇଥିଲେ। ପରେ ମନ୍ତ୍ରୀ ରାଉରକେଲା ହାଉସ ଯାଇ ବିଭିନ୍ନ ସଙ୍ଗଠନ ଓ ବ୍ୟକ୍ତିବିଶେଷଙ୍କୁ ଭେଟି ଫେରିଥିଲେ। ଉକ୍ତ କାର୍ଯ୍ୟକ୍ରମରେ ଜିଲ୍ଲା ସଭାନେତ୍ରୀ ପୂର୍ଣ୍ଣିମା କେରକେଟା, ରଘୁନାଥ ପଲ୍ଲୀ ବିଧାୟକ ଦୁର୍ଗା ଚରଣ ତନ୍ତି, ପ୍ରାକ୍ତନ ବୀରମିତ୍ରପୁର ବିଧାୟକ ଶଙ୍କର ଓରାମ, ରାଜ୍ୟ ମୁଖପାତ୍ର ଧୀରେନ୍ ସେନାପତି, ରମେଶ ଅଗ୍ରୱାଲ, ଜସୱନ୍ତ ନାୟକ ଉପସ୍ଥିତ ଥିଲେ।

## ମୁଖ୍ୟମନ୍ତ୍ରୀ ଫୁଟବଲ ଚାମ୍ପିଅନ୍‌ସିପ୍; ବରଗଡ଼ ଚାମ୍ପିଅନ୍

**ରାଉରକେଲା, ୮।୬ (ସମିସ):** ୧୫ ବର୍ଷରୁ କମ୍ ମୁଖ୍ୟମନ୍ତ୍ରୀ ଫୁଟବଲ୍ ଚମ୍ପିଅନ୍‌ସିପ୍‌ର ଉଦ୍‌ଯାପନୀ ଉତ୍ସବ ତଥା ଫାଇନାଲ ମ୍ୟାଚ୍ ରାଉରକେଲା ବିର୍ସା ମୁଣ୍ଡା ଆଥଲେଟିକ୍ ଷ୍ଟାଡିୟମ୍‌ରେ ଅନୁଷ୍ଠିତ ହୋଇଛି। ଏହି ଫାଇନାଲ ମ୍ୟାଚ୍ ବରଗଡ଼ ଓ ଭୁବନେଶ୍ୱର ମଧ୍ୟରେ ହୋଇଥିଲା। ବରଗଡ଼ ଟିମ୍ ଭୁବନେଶ୍ୱରକୁ ହରାଇ ଚାମ୍ପିଅନ୍ ଟ୍ରଫି ହାସଲ କରିଥିଲେ। ରାଜ୍ୟ କ୍ରୀଡ଼ା ଏବଂ ଯୁବ ବ୍ୟାପାର ମନ୍ତ୍ରୀ ସୂର୍ଯ୍ୟବଂଶୀ ସୁରଜ୍ ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ। ରାଉରକେଲା ବିଧାୟକ ସାରଦା ପ୍ରସାଦ ନାୟକ, ଝାରସୁଗୁଡ଼ା ବିଧାୟକ ଟଙ୍କଧର ତ୍ରିପାଠୀ, ସୁନ୍ଦରଗଡ଼ ଜିଲ୍ଲାପାଳ ମନୋଜ ସତ୍ୟବାନ ମହାଜନ, ବିଜେପି ପାନପୋଷ ସାଂଗଠନିକ ଅଧିକାରୀ ପୂର୍ଣ୍ଣିମ କେରକେଟା ପ୍ରମୁଖ ଉପସ୍ଥିତ ଥିଲେ।

# ବନମାଳି ଧୂପାଳଙ୍କ ସ୍ମୃତିରେ ରକ୍ତଦାନ ଶିବିର




ରାଉରକେଲା, ୮।୬(ସମିସ): ରାଉରକେଲା ସହରର ବିଶିଷ୍ଟ ସମାଜସେବୀ ତଥା ଶ୍ରମିକ ନେତା ବନମାଳି ଧୂପାଳଙ୍କ ଚତୁର୍ଥ ପୁଣ୍ୟ ତିଥି ଉପଲକ୍ଷେ ତାଙ୍କ ସ୍ମୃତିରେ ଏକ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ବନମାଳି ଧୂପାଳ ଚାରିଟେବୁଲ ଟ୍ରଷ୍ଟ ଦ୍ୱାରା ଇସ୍ପାତ ଜେନେରାଲ ହସପିଟାଲ ଓ ରାଉଲକେଲା ସରକାରୀ ହସ୍ପିଟାଲ୍ ରେ ଅନୁଷ୍ଠିତ ରକ୍ତଦାନ ଶିବିରରେ ମୋଟ ୩୩ ୟୁନିଟ୍ ରକ୍ତ ସଂଗ୍ରହ କରାଯାଇଥିଲା। ଏହି ଅବସରରେ ଆପୋଲୋ ହସ୍ପିଟାଲର ଡାକ୍ତର, ଷ୍ଟାଫ୍, ଟ୍ରଷ୍ଟ ସଦସ୍ୟ, ଏକ୍ସ ଆର୍ମି ସଦସ୍ୟ ରକ୍ତ ଦାନ କରିଥିଲେ। ଟ୍ରଷ୍ଟର ଅଧ୍ୟକ୍ଷା ଡ. ମଧୁସ୍ମିତା ଧୂପାଳ ଉପସ୍ଥିତ ଥିଲେ। ସୂଚନାଯୋଗ୍ୟ, ବିଶିଷ୍ଟ ବାମପନ୍ଥୀ ନେତା ବନମାଳି ଧୂପାଳ ଅଙ୍ଗ ପ୍ରତିରୋପଣ ତଥା ଚିକିତ୍ସା ବିଜ୍ଞାନ ଗବେଷଣା ପାଇଁ ନିଜର ମର ଶରୀର ହାଇଟେକ୍ ମେଡିକାଲ କଲେଜକୁ ଦାନ କରି ଅନ୍ୟମାନଙ୍କ ପାଇଁ ଉଦାହରଣ ପାଲଟିଥିଲେ।

## ସାରନଗରୀ ଜଗନ୍ନାଥ ମନ୍ଦିର କମିଟିର ନୂତନ କର୍ମକର୍ତ୍ତା ନିର୍ବାଚନ

# ଅଶୋକ ସଭାପତି, ସୌମେନ୍ଦ୍ର ସାଧାରଣ ସମ୍ପାଦକ

**ରାଉରକେଲା, ୮।୬(ସମିସ):** ସ୍ଥାନୀୟ ସାରନଗରୀ ସ୍ଥିତ ଜଗନ୍ନାଥ ମନ୍ଦିର କମିଟିର ନୂତନ କର୍ମକର୍ତ୍ତା ନିର୍ବାଚନ ରବିବାର ଅନୁଷ୍ଠିତ ହୋଇଯାଇଛି। ପାନପୋଷ ଉପଜିଲ୍ଲାପାଳ ବିଜୟ କୁମାର ନାୟକଙ୍କ ନିର୍ଦ୍ଦେଶ କ୍ରମେ ଟାଙ୍ଗରପାଲ୍ଲୀ ଥାନା ଅଧିକାରୀ ନିରଞ୍ଜନ ସେଠୀଙ୍କ ଅଧ୍ୟକ୍ଷତାରେ ସାରନଗରୀ ଜଗନ୍ନାଥ ମନ୍ଦିରର ସମ୍ମିଳନୀ କକ୍ଷରେ ଏହି ନିର୍ବାଚନ ଅନୁଷ୍ଠିତ ହୋଇଥିଲା। ସାରନଗରୀ ଅଞ୍ଚଳର ବୁଦ୍ଧିଜୀବୀ ତଥା ବିଶିଷ୍ଟ ସମାଜସେବୀ ଅଶୋକ କୁମାର ପଟ୍ଟନାୟକଙ୍କୁ ମନ୍ଦିର କମିଟିର ସଭାପତି ଭାବେ ନିର୍ବାଚିତ କରାଯାଇଥିଲା। ସୌମେନ୍ଦ୍ର ବେହୁରିଆଙ୍କୁ ସାଧାରଣ ସମ୍ପାଦକ ଭାବେ ନିର୍ବାଚିତ କରାଯାଇଥିଲା। ଏହାବ୍ୟତୀତ ପ୍ରଦ୍ୟୁମ୍ନ କୁମାର ଭୋଳ ଓ ରାମଚନ୍ଦ୍ର ମହାନ୍ତି ଉପସଭାପତି, ଦିଲିପ କୁମାର ମଲ୍ଲିକ ଓ ଶଶାଙ୍କ ସ୍ୱାଇଁ ଯୁଗ୍ମ ସମ୍ପାଦକ ଏବଂ ଉତ୍ତମ କୁମାର ଜେନା କୋଷାଧ୍ୟକ୍ଷ ଭାବେ ସର୍ବସମ୍ମତି କ୍ରମେ ନିର୍ବାଚିତ ହୋଇଥିଲେ। ଏତଦବ୍ୟତୀତ କାର୍ଯ୍ୟନିର୍ବାହୀ ସଦସ୍ୟ ଭାବେ ବିପିନ କୁମାର ଲେଙ୍କା, ଗୋପିନାଥ ଦାସ, ଜ୍ୟୋତିରଞ୍ଜନ ମହାନ୍ତି, ଶ୍ରୀଚରଣେ ମହାନ୍ତି ମନୋନୀତ ହୋଇଥିଲେ। ଚଳିତ ବର୍ଷ ରଥଯାତ୍ରାରେ ପ୍ରଧାନ ସେବକ କିଏ ହେବେ ତାକୁ ନେଇ ଉଠିଥିବା ଦ୍ୱନ୍ଦ ଏବେ ବି ସମାଧାନ ହୋଇ ପାରି ନଥିବା କୁହାଯାଉଛି। ଅପରପକ୍ଷେ ମନ୍ଦିରରେ ବର୍ଷ ତମାମ ହେଉଥିବା ବିବାହ ବ୍ରତ ମହୋତ୍ସବକୁ ବାହାର ସଂସ୍ଥା ହାତରେ ଟେକି ନଦେଇ ପୂର୍ବ ପରି ମନ୍ଦିର କମିଟି ଦ୍ୱାରା ପରିଚାଳନା କରି ମନ୍ଦିରର ରାଜସ୍ୱ ବୃଦ୍ଧି ଦିଗରେ ନୂତନ କମିଟିର କର୍ମକର୍ତ୍ତାମାନେ ଗୁରୁତ୍ୱ ଦେବାକୁ ବୁଦ୍ଧିଜୀବୀ ମହଲରେ ଦାବି ହେଉଛି। ସୂଚନାଯୋଗ୍ୟ, ସୁନ୍ଦରଗଡ଼ ଜିଲ୍ଲାପାଳଙ୍କ ନିର୍ଦ୍ଦେଶକ୍ରମେ ଗତ ଜୁନ ୧ ତାରିଖରେ ପାନପୋଷ ଉପଜିଲ୍ଲାପାଳ ବିଜୟ କୁମାର ନାୟକଙ୍କ ଅଧ୍ୟକ୍ଷତାରେ ସାରନଗରୀ ସ୍ଥିତ ଜଗନ୍ନାଥ ମନ୍ଦିର ସମ୍ମିଳନୀ କକ୍ଷରେ ଏକ ସାଧାରଣ ସଭାରେ ବହୁ ବାଦବିବାଦ, ହଟ୍ଟଗୋଳ ମଧ୍ୟରେ ଉପରୋକ୍ତ ୧୧ ଜଣ ସଦସ୍ୟଙ୍କୁ ଚୟନ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ରାଉରକେଲା ତହସିଲଦାର ନିବେଦିତା ପ୍ରଧାନ, ଟାଙ୍ଗରପାଲ୍ଲୀ ଥାନା ଅଧିକାରୀ ନିରଞ୍ଜନ ସେଠୀ ଉପସ୍ଥିତ ଥିଲେ।

## ଖବରକାଗଜ ଏଜେଣ୍ଟଙ୍କୁ ହତ୍ୟା ଧମକ

**ରାଉରକେଲା, ୮।୬(ସମିସ):** ରବିବାର ସକାଳେ ଜଣେ ଯୁବକ ରାଉରକେଲା ନୂଆ ବସ୍‌ଷ୍ଟାଣ୍ଡରେ ଥିବା ଖବରକାଗଜ ଏଜେଣ୍ଟ ଧର୍ମେନ୍ଦ୍ର କୁମାର ସିଂହ ଓରଫ ଟୁଣ୍ଟୁନଙ୍କୁ ଆକ୍ରମଣ କରି ହତ୍ୟା ଧମକ ଦେଇଥିବା ପ୍ଲାଣ୍ଟସାଇଟ୍ ଥାନାରେ ଲିଖିତ ଅଭିଯୋଗ ହୋଇଛି। ପୁଲିସ ଅଭିଯୁକ୍ତକୁ ଥାନାକୁ ଆଣିବା ସହ ଘଟଣାର ତଦନ୍ତ କରୁଛି। ସୂଚନାନୁଯାୟୀ, ରବିବାର ସକାଳେ ଖବରକାଗଜ ଏଜେଣ୍ଟ ଧର୍ମେନ୍ଦ୍ର କୁମାର ସିଂହ ନୂଆ ବସ୍‌ଷ୍ଟାଣ୍ଡ ସେଣ୍ଟରରେ ଥିବା ବେଳେ ଉକ୍ତ ଅଞ୍ଚଳର ସନ୍ତୋଷ ନାମକ ଜଣେ ଯୁବକ ସେଠାକୁ ଆସି କିଛି ଖବରକାଗଜ ନେବାକୁ ଆରମ୍ଭ କରିଥିଲେ। ତାଙ୍କୁ ଅଟକାଇବା ପରେ ସେ ଝଗଡ଼ା କରିବା ସହ ଗାଳିଗୁଲଜ କରିଥିଲେ। ତାଙ୍କୁ ବିରୋଧ କରାଯିବାରୁ ସେ ମାଡ଼ ମାରିବା ସହ ଠେଲାପେଲି କରିବା ଆରମ୍ଭ କରିଥିଲେ। ସେ ଧର୍ମେନ୍ଦ୍ର କୁମାର ସିଂହଙ୍କୁ ହତ୍ୟା କରିବାକୁ ଧମକ ମଧ୍ୟ ଦେଇଥିଲେ। ଏ ସମ୍ପର୍କରେ ସୂଚନା ପାଇ ପ୍ଲାଣ୍ଟସାଇଟ୍ ପୁଲିସ ସେଠାରେ ପହଞ୍ଚି ଅଭିଯୁକ୍ତ ସନ୍ତୋଷକୁ ଥାନାକୁ ନେଇଥିଲା। ଲିଖିତ ଅଭିଯୋଗ ପରେ ପୁଲିସ ଘଟଣାର ତଦନ୍ତ ଆରମ୍ଭ କରିଛି। ରାତିରୁ ସକାଳ ୭ଟା ପର୍ଯ୍ୟନ୍ତ ନିକଟସ୍ଥ ଛକରେ ଦୁଇଜଣ ହୋମଗାର୍ଡ ନିଯୁକ୍ତ କରିବା ସହ କୌଣସି ଅପ୍ରୀତିକର କାର୍ଯ୍ୟକଳାପ ବିଷୟରେ ସୂଚନା ପାଇଲେ ତୁରନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ପୁଲିସ ପ୍ରତିଶ୍ରୁତି ଦେଇଛି।

# ଖଣ୍ଡାୟତ କ୍ଷତ୍ରୀୟ ମହାସଭାର ବୈଠକ



**ରାଉରକେଲା, ୮।୬(ସମିସ):** ନିଖିଳ ଉତ୍କଳ ଖଣ୍ଡାୟତ କ୍ଷତ୍ରିୟ ମହାସଭା ଇସ୍ପାତ ନଗର କମିଟିର ଏକ ବୈଠକ ମହାସଭାର କାର୍ଯ୍ୟାଳୟଠାରେ ଅନୁଷ୍ଠିତ ହୋଇଯାଇଛି। ମହାସଭାର ସାଧାରଣ ସମ୍ପାଦକ ଶଶଧର ପାତ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ଭୁବନେଶ୍ୱର ସ୍ଥିତ ନିଖିଳ ଓଡ଼ିଶା ଖଣ୍ଡାୟତ କ୍ଷତ୍ରିୟ ପାଇକ ଚଷା ମହାସଂଘର ସାଧାରଣ ସମ୍ପାଦକ ସୁଦର୍ଶନ ଛୋଟରାୟ ଅତିଥି ଭାବେ ଯୋଗଦେଇଥିଲେ। ମହାସଂଘକୁ ଅଧିକ କ୍ରୀୟାଶୀଳ ଓ ସଂଗଠିତ କରିବା ପାଇଁ ସେ ଆହ୍ୱାନ ଦେଇଥିଲେ। ଆଗାମୀ ଜୁଲାଇ ମାସର ଶେଷ ଭାଗରେ ଭୁବନେଶ୍ୱରଠାରେ ଅନୁଷ୍ଠିତ ହେବାକୁ ଥିବା ମହାସଂଘର ଏକ ଜାତୀୟ ସମ୍ମିଳନୀରେ ଯୋଗ ଦେବା ପାଇଁ ଶ୍ରୀ ଛୋଟରାୟ ନିବେଦନ କରିଥିଲେ। ଏହି ଅବସରରେ ଅନୁଷ୍ଠାନ ତରଫରୁ ଶ୍ରୀ ଛୋଟରାୟଙ୍କୁ ଅଙ୍ଗବସ୍ତ୍ର ପ୍ରଦାନ କରି ସମ୍ମାନିତ କରାଯାଇଥିଲା। ପରେ ସେ ବାରହାତ ଖଣ୍ଡ ଓ ଭବନ ପରିଦର୍ଶନ କରିଥିଲେ। ବୈଠକରେ ମହାସଭାର ବରିଷ୍ଠ କର୍ମକର୍ତ୍ତା ରବି ନାରାୟଣ ପରିଡ଼ା, ଡ. ରବୀନ୍ଦ୍ର କୁମାର ଜେନା, ଗଙ୍ଗାଧର ନାୟକ, ରଥିନ୍ଦ୍ର ନାଥ ପ୍ରଧାନ, ନାରାୟଣ ଚନ୍ଦ୍ର ସାମଲ, ସୁବ୍ରତ ମଲ୍ଲିକ, ଚାନ୍ଦମଣୀ ବେହୁରା, ଜଗନ୍ନାଥ ରାଉତ, ଗଣପତି ଜେନା, ଉଗ୍ରସେନ ବିଶ୍ୱାଳ, ରବୀନ୍ଦ୍ର କୁମାର ବାରିକ ଓ କୁଞ୍ଜବିହାରୀ ରାଉତ ପ୍ରମୁଖ ଉପସ୍ଥିତ ଥିଲେ।

## ୧୦ରେ ଶିଶୁ ନାଟ୍ୟ କର୍ମଶାଳାର ଉଦ୍‌ଯାପନୀ ଉତ୍ସବ

# ମଞ୍ଚସ୍ଥ ହେବ ଏନ୍‌ଏସ୍‌ଡିର ନାଟକ 'ଘାଟି-୧୮୫୭'

**ରାଉରକେଲା, ୮।୬(ସମିସ) :** ସରକାରଙ୍କ ସଂସ୍କୃତି ମନ୍ତ୍ରଣାଳୟର ତତ୍ତ୍ୱାବଧାନରେ ନ୍ୟାସନାଲ ସ୍କୁଲ ଅଫ୍ ଡ୍ରାମା (ଏନଏସ୍‌ଡି) ଓ ସେଲ ରାଉରକେଲା ଇସ୍ପାତ କାରଖାନାର ମିଳିତ ଆନୁକୂଲ୍ୟରେ ଆୟୋଜିତ ୩୦ ଦିନିଆ ଶିଶୁ ନାଟ୍ୟ କର୍ମଶାଳାର ଉଦ୍‌ଯାପନୀ ଦିବସ ଆସନ୍ତା ୧୦ ତାରିଖରେ ଅନୁଷ୍ଠିତ ହେବ। ରାଉରକେଲାର ସିଭିକ୍ ସେଣ୍ଟରରେ ଅନୁଷ୍ଠିତ ହେବାକୁ ଥିବା ଉଦ୍‌ଯାପନୀ ଉତ୍ସବରେ ରାଉରକେଲାର ପ୍ରାୟ ୪୦ ଜଣ ପିଲା କେ.ଆର୍. ପ୍ରଧାନଙ୍କ ଦ୍ୱାରା ଲିଖିତ ଏବଂ ଏନ୍‌ଏସ୍‌ଡିର ପୂର୍ବତନ ଛାତ୍ର ଜଗନ୍ନାଥ ସେଠଙ୍କ ନିର୍ଦ୍ଦେଶିତ ନାଟକ 'ଘାଟି-୧୮୫୭' ମଞ୍ଚସ୍ଥ ହେବ ବୋଲି ଜଣାପଡ଼ିଛି।

ସୂଚନାଯୋଗ୍ୟ, ଏହି କର୍ମଶାଳା ୧୨ ମେ ରୁ ଆରମ୍ଭ ହୋଇଥିବା ବେଳେ ଚଳିତ ମାସ ୯ ତାରିଖ ପର୍ଯ୍ୟନ୍ତ ରାଉରକେଲାର ସେକ୍ଟର-୨୦ସ୍ଥିତ ଇସ୍ପାତ ଇଂରାଜୀ ମାଧ୍ୟମ ବିଦ୍ୟାଳୟରେ ଚାଲୁ ରହିବ। ଏଥିରେ ୧୪ଟି ସ୍କୁଲର ୮ ରୁ ୧୬ ବର୍ଷ ବୟସର ୪୦ ଜଣ ପିଲା ଅଂଶଗ୍ରହଣ କରିଥିଲେ। ସେମାନଙ୍କୁ ଅଭିନୟ, ସ୍ୱର ମଡ୍ୟୁଲେସନ୍, ମଞ୍ଚ ଉପସ୍ଥିତି ଏବଂ ଦଳଗତ କାର୍ଯ୍ୟ ସମେତ ନାଟ୍ୟଶାସ୍ତ୍ରର ବିଭିନ୍ନ ଦିଗ ଉପରେ ତାଲିମ ଦିଆଯାଇଛି।




## ବଡ଼ପୋଖରୀରେ କ୍ରିକେଟ ଟୁର୍ଣ୍ଣାମେଣ୍ଟ



**ଟାଙ୍ଗୀ,୮।୬(ସମିସ):** ଟାଙ୍ଗୀ ଚୌଦ୍ୱାର ବ୍ଲକ କନ୍ହେଇପୁର ପଞ୍ଚାୟତ ବଡପୋଖରୀ ଗ୍ରାମରେ ପଞ୍ଚାୟତସ୍ତରୀୟ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟରେ ପ୍ରିମିୟର ଲିଗ୍ ୨୦୨୫ ଗୁରୁବାର ରାତ୍ରରେ ଅନୁଷ୍ଠିତ ହୋଇଯାଇଛି। ଉକ୍ତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଟାଙ୍ଗୀ ସାଲେପୁର ବିଜେପି ନେତା ହିମାଂଶୁ କୁମାର ମହାନ୍ତି ବିଜେତା କଲଣ ଟାଇଗର ଓ ପରାଜିତ ସ୍କାଏଲାର ସ୍କାଏ ଟିମକୁ ପୁରସ୍କାର ବଣ୍ଟନ କରିବା ସହ ଆଦିବାସୀଙ୍କ ବିକାଶରେ କ୍ରୀଡ଼ା ଏକ ମାଧ୍ୟମ ବୋଲି କହିଥିଲେ। ଅନ୍ୟତମ ଅତିଥି ଭାବେ ପଞ୍ଚାୟତ ସଭାପତି ଅନନ୍ତ ପାତ୍ର ଓ ସଂଗଠକ ଶଶିକାନ୍ତ ମହାନ୍ତି ପ୍ରମୁଖ ଯୋଗଦେଇଥିଲେ। ଉକ୍ତ କାର୍ଯ୍ୟକ୍ରମରେ ଅମିତ ସିଂଙ୍କୁ ପରିଚାଳନା କରିଥିବାବେଳେ ଉପେନ୍ଦ୍ର ପୂର୍ତ୍ତି, ଲାଲା ପିଙ୍ଗୁଆ ଓ ଦିଲୁ ପୂର୍ତ୍ତିଙ୍କ ସମେତ ଗ୍ରାମର ସମସ୍ତ ଗ୍ରାମବାସୀ ସହଯୋଗ କରିଥିଲେ।

# ୯ କୋଟିର ରାସ୍ତା ୯ ଦିନ ବି ଗଲାନି

### ନିର୍ମାଣରେ ଦୁର୍ନୀତିର ଗନ୍ଧ
### ରାସ୍ତା ମଝିରେ ନଳକୂପ
### ଦୁଇଦିନ ପରେ ଉଠିଲା ପିଚୁ

**କଟକ, ୮।୬(ସମିସ):** ମାହାଙ୍ଗା ଗ୍ରାମ୍ୟ ଉନ୍ନୟନ ବିଭାଗରେ କିପରି ରାସ୍ତା ନିର୍ମାଣରେ ବ୍ୟାପକ ଅନିୟମିତତା କରାଯାଇ ସରକାରୀ ରାଜକୋଷରୁ କୋଟି କୋଟି ଟଙ୍କା ଲୁଟି ନିଆଯାଉଛି ତାହାର ଏକ ନଗ୍ନ ନମୁନା ଦେଖିବାକୁ ମିଳିଛି। ନିମ୍ନମାନର କାର୍ଯ୍ୟ ହେତୁ ୯କୋଟି ଟଙ୍କା ପାଣିରେ ପଡିବା ନେଇ ଆଶଙ୍କା ହୋଇଛି। ମାହାଙ୍ଗା ବ୍ଲକର ସାଇ ମନ୍ଦିରଠାରୁ ଛତର ତୋଟା ଭାୟା କଏରପୁର, ଧାରପୁର ରଘୁନାଥ ନଗର, ଉଷୁମା, ସଲରା, ପାଟକୂଳ, ମଲ୍ଲିପୁରା ସ୍ୱାଇଁ ସାହି ରାସ୍ତା ନିର୍ମାଣ ନିମନ୍ତେ ବିଗତ ନବୀନ ସରକାରଙ୍କ ଅମଳରେ ୯ କୋଟି ଟଙ୍କା ମଞ୍ଜୁର ହୋଇଥିଲା। ପ୍ରାକ୍ତନ ମନ୍ତ୍ରୀ ପ୍ରତାପ ଜେନା ଏହି ରାସ୍ତାର ଶିଳାନ୍ୟାସ କରିଥିଲେ। ମାତ୍ର ନିର୍ବାଚନ ଥିବା କାରଣରୁ ଶିଳାନ୍ୟାସର ଏକ ବର୍ଷ ପରେ ରାସ୍ତା ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇଥିଲା। ଠିକାଦାର ଅଟକଳ ଅନୁଯାୟୀ ଏହି ରାସ୍ତା ନିର୍ମାଣ କରି ନ ଥିବାର ଅଭିଯୋଗ ହୋଇଛି। ରାସ୍ତା ନିର୍ମାଣରେ ଅତ୍ୟନ୍ତ ନିମ୍ନମାନର ନିର୍ମାଣ ସାମଗ୍ରୀ ବ୍ୟବହାର କରାଯାଇଥିବା କାରଣରୁ ନିର୍ମାଣର ମାତ୍ର ଦୁଇ ଦିନ ପରେ ରାସ୍ତାରୁ ପିଚୁ ଗୋଡି ଉଠି ଯାଇଥିବାର ଦେଖିବାକୁ ମିଳିଛି। ଠିକାଦାର ମନମୁଖୀ ଭାବେ ମନ୍ଥର ଗତିରେ କାର୍ଯ୍ୟ କରୁଥିଲା ବେଳେ ମାହାଙ୍ଗା ଗ୍ରାମ୍ୟ ଉନ୍ନୟନ ବିଭାଗର କୌଣସି ବିଭାଗୀୟ ଅଧିକାରୀ ଏହି କାର୍ଯ୍ୟର ତଦାରଖ କରୁ ନ ଥିବାର ଅଭିଯୋଗ ହୋଇଛି। ବିଭାଗୀୟ ଅଧିକାରୀଙ୍କ ସହ ଠିକାଦାରଙ୍କ ଅସାଧୁ ମେଣ୍ଟ ରହିଥିବାର ଅଭିଯୋଗ ହେଉଛି। ୯ କୋଟି ଟଙ୍କା ବ୍ୟୟରେ ନିର୍ମାଣ କରାଯାଇଥିବା ଏହି ରାସ୍ତା ୯ ଦିନ ନ ଯିବା ଘଟଣାଟି ସାଧାରଣରେ ଚର୍ଚ୍ଚା ହେଉଛି। ବିକଶିତ ମାହାଙ୍ଗା ଗଠନ ନିମନ୍ତେ ଆହ୍ୱାନ ଦେଇଥିବା ସ୍ଥାନୀୟ ରାଜନେତା ଏହି ଘଟଣାରେ ଚୁପ ରହିବାକୁ ନେଇ ରାଜନୈତିକ ମହଲରେ ଆଲୋଚନାର ବିଷୟ ହୋଇଛି। ରାସ୍ତା ନିର୍ମାଣ କାର୍ଯ୍ୟରେ କେତେଦୂର ଦୁର୍ନୀତି କରାଯାଇଛି ତାହା ତଦନ୍ତସାପେକ୍ଷ ବୋଲି ସାଧାରଣରେ



ମତ ପ୍ରକାଶ ପାଇଛି। ଅପରପକ୍ଷରେ ଏହି ରାସ୍ତା ନିର୍ମାଣରେ ହୋଇଥିବା ଅନିୟମିତତା ଓ ଦୁର୍ନୀତିର ଉଚ୍ଚସ୍ତରୀୟ ତଦନ୍ତ କରାଯିବା ନିମନ୍ତେ ସ୍ଥାନୀୟ ଲୋକେ ଦାବି କରିଛନ୍ତି। ରାସ୍ତା ନିର୍ମାଣରେ ଦୁର୍ନୀତି ଯୋଗୁଁ ସ୍ଥାୟିତ୍ୱ ନେଇ ସନ୍ଦେହ ସୃଷ୍ଟି ହୋଇଛି।

## ରାୟପୁର-ବ୍ରାହ୍ମଣଝରିଲୋ ଅଞ୍ଚଳରୁ ଜବରଦଖଲ ଉଚ୍ଛେଦ କେବେ ?

**ଫୁଲନଖରା, ୮।୬(ସମିସ):** ବାରଙ୍ଗ ତହସିଲ ଅନ୍ତର୍ଗତ ବ୍ରାହ୍ମଣଝରିଲୋ ରାଜସ୍ୱ ସର୍କଲ ଅଞ୍ଚଳରେ ଶହ ଶହ ଏକର ସରକାରୀ ଜମି ଏବେ ଜବରଦଖଲକାରୀଙ୍କ କବ୍‌ଜାରେ। ଅଭିଯୋଗ ହେଲା ପରେ ମଧ୍ୟ ଜବରଦଖଲ ଉଚ୍ଛେଦ କରିବାର ନାଁ ଧରୁନାହିଁ ରାଜସ୍ୱ ବିଭାଗ। ରାୟପୁର ମୌଜାରେ ଥିବା ସରକାରୀ ଜମି ଉପରେ ଜବରଦଖଲ କରି ବଡ଼ବଡ଼ ସ୍ଥାୟୀ ଗୃହ ନିର୍ମାଣ କରାଯାଇ ଦୀର୍ଘ ବର୍ଷ ହେବ ବେପାର ବଣିଜ କରାଯାଉଛି। ଯାହାଫଳରେ ରାସ୍ତା ସଂକୁଚିତ ହେବା ସହ ଛୋଟବଡ ଦୁର୍ଘଟଣାମାନ ଦେଖିବାକୁ ମିଳୁଛି। ଏନେଇ ସ୍ଥାନୀୟ ଅଞ୍ଚଳର କିଛି ବ୍ୟକ୍ତି ଉକ୍ତ ଜବରଦଖଲ ଉଚ୍ଛେଦ ପାଇଁ ଜିଲ୍ଲାପାଳଙ୍କ ଜନଶୁଣାଣି ଆରମ୍ଭ କରି ମୁଖ୍ୟମନ୍ତ୍ରୀଙ୍କ ଜନଶୁଣାଣି ପର୍ଯ୍ୟନ୍ତ ଅଭିଯୋଗ କରିଥିଲେ ମଧ୍ୟ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ ନାହିଁ। ତଦନ୍ତର ଆଳ ଦେଖାଇ ଉଚ୍ଛେଦକୁ ଗଡ଼ାଇ ଚାଲୁଛନ୍ତି ରାଜସ୍ୱ ବିଭାଗ। ସେହିଭଳି ବ୍ରାହ୍ମଣଝରିଲୋ ମୌଜାରେ ଜଣେ ବିଲ୍‌ଡର ଗ୍ରାମ୍ୟ ଜଙ୍ଗଲକୁ ଜବର ଦଖଲ କରି ପାଚେରି ନିର୍ମାଣ କରୁଥିବାର ଦୃଷ୍ଟିଗୋଚର ହେଉଛି। ଗ୍ରାମବାସୀଙ୍କ ତରଫରୁ ତହସିଲଦାରଙ୍କୁ ଅଭିଯୋଗ କଲାପରେ ମଧ୍ୟ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉନାହିଁ। ଉପଯୁକ୍ତ ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ଅଞ୍ଚଳବାସୀଙ୍କ ତରଫରୁ ଦାବି ହେବା ସହ ସଂପୂର୍ଣ୍ଣ ଆଇ.ଆଇ ସର୍କଲ ଅଞ୍ଚଳରେ ଯେଉଁସବୁ ସରକାରୀ ଜମିକୁ ବେଆଇନ୍ ଜବରଦଖଲ କରାଯାଇଛି ସେସବୁକୁ ଉଚ୍ଛେଦ କରିବାକୁ ମଧ୍ୟ ସାଧାରଣରେ ଦାବି ହେଉଛି।

## ଗ୍ରାମୀଣ ଜିଲ୍ଲା ବିଜେପି ପକ୍ଷରୁ କର୍ମଶାଳା

**ସାଲେପୁର,୮।୬(ସମିସ):** ଭାରତୀୟ ଜନତା ପାର୍ଟି କଟକ ଗ୍ରାମୀଣ ଜିଲ୍ଲାର ସଭାପତି ରାମନାରାୟଣ ମହାନ୍ତିଙ୍କ ନେତୃତ୍ୱରେ ସାଲେପୁର ନିର୍ବାଚନମଣ୍ଡଳୀରେ କେନ୍ଦ୍ର ସରକାରଙ୍କ ୧୧ବର୍ଷ ଓ ରାଜ୍ୟ ସରକାରଙ୍କ ୧ବର୍ଷ ପୂର୍ତ୍ତି ଅବସରରେ ଜିଲ୍ଲାସ୍ତରୀୟ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ରାଜ୍ୟ ମହିଳା ମୋର୍ଚ୍ଚା ସଭାପତି ଐଶ୍ୱର୍ଯ୍ୟା ବିଶ୍ୱାଳ, ଆଠଗଡ଼ର ପୂର୍ବତନ ବିଧାୟକ ରମେଶ ରାଉତ, ମାହାଙ୍ଗା ନିର୍ବାଚନମଣ୍ଡଳୀର ନେତା ସୁମନ୍ତ ଘଡେଇ, ବରିଷ୍ଠ ବିଜେପି ନେତା କୁଞ୍ଜମୋହନ ସେଠୀ, ରାଜ୍ୟ କୃଷକ ମୋର୍ଚ୍ଚା ସଂପାଦକ ସତ୍ୟବାଦୀ ଚଇନି କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ବିକାଶମୂଳକ କାର୍ଯ୍ୟ ସଂପର୍କରେ ଆଲୋଚନା କରିଥିଲେ। ସାଲେପୁର ମଣ୍ଡଳ ସଭାପତି ଅସିତ୍ ମହାନ୍ତି ଅତିଥି ପରିଚୟ ପ୍ରଦାନ କରିଥିଲେ। ଏହି ସଭାରେ ବହୁଗ୍ରାମ ମଣ୍ଡଳ ସଭାପତି ହେମନ୍ତ ସ୍ୱାଇଁ, ରାଇସୁଙ୍ଗୁଡ଼ା ମଣ୍ଡଳ ସଭାପତି ରମେଶ ନାୟକ, ତ୍ରିଲୋଚନ ରାଉତ, ସ୍ମୃତିରଞ୍ଜନ ମହାନ୍ତି, କିଶୋର ମହାନ୍ତି, ସତ୍ୟ କର, ସନ୍ତୋଷ ରାଉତ, ଦିଲ୍ଲୀପ ରାଉତ, ପ୍ରିୟଦର୍ଶିନୀ ପ୍ରଧାନ, ଲକ୍ଷ୍ମୀପ୍ରିୟା ଲେଙ୍କା, ଦିଲ୍ଲୀପ ଦାଶ, ପାର୍ଥସାରଥୀ ସାହୁ, ପ୍ରତ୍ୟୁଷ ଦାଶ, ପ୍ରିୟରଂଜନ ମହାପାତ୍ର, ଭାବଗ୍ରାହୀ ବେହେରା, ମେଘୁ ସିଂ, ସଂଗ୍ରାମ ସ୍ୱାଇଁ, ରାମନାରାୟଣ ପଣ୍ଡା, ପ୍ରଭାତ ସ୍ୱାଇଁ, ବିକ୍ରମ କେଶରୀ ବଳ, ରାଜେଶ ଜେନା, ସଂଜିତ୍ ଷଡ଼ଙ୍ଗୀ, ରଶ୍ମିରଞ୍ଜନ ପରିଡ଼ାଙ୍କ ସମେତ ବହୁ ବିଜେପି କର୍ମୀ ଉପସ୍ଥିତ ଥିଲେ। ତାପସ ଜେନା ଧନ୍ୟବାଦ ଦେଇଥିଲେ।

## ପିକୋଳ ଗ୍ରାମରେ ରଜ ମହୋତ୍ସବ ପ୍ରସ୍ତୁତି

**ସାଲେପୁର,୮।୬(ସମିସ):** ସାଲେପୁର ବ୍ଲକ୍ ପିକୋଳ ଗ୍ରାମର ଗୋରେଖନାଥ ୟୁଥ୍ କ୍ଲବ୍‌ର ସଦସ୍ୟମାନଙ୍କ ଦ୍ୱାରା ପିକୋଳ ରଜ ମହୋତ୍ସବ ପାଇଁ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ରଜପର୍ବ ପାଳନ ପାଇଁ ଆଉ ୬ ଦିନ ବାକି ଥିବାବେଳେ ପ୍ରସ୍ତୁତି କାର୍ଯ୍ୟ ଜୋରଦାର ଆରମ୍ଭ ହୋଇଯାଇଛି। ଏବେଠାରୁ ଗ୍ରାମର ଯୁବକମାନେ ଦୋଳି ଲଗାଇବା ପାଇଁ ପ୍ରସ୍ତୁତି କରିବା ସହିତ କୁନି କୁନି ପିଲାମାନେ ନୃତ୍ୟ ଶିକ୍ଷା ଗ୍ରହଣ କରୁଛନ୍ତି। ପ୍ରଥମ ରଜରେ ଗ୍ରାମର କୁନି କୁନି ପିଲାମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ଓ ଦ୍ୱିତୀୟ ରଜରେ ସରସ୍ୱତୀ ଡ୍ୟାନ୍‌ସ ଗ୍ରୁପ୍ କେନ୍ଦୁପାଟଣା ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯିବାର ସ୍ଥିର କରାଯାଇଛି। ଶେଷ ରଜରେ ନଟରାଜ ଡ୍ୟାନ୍‌ସ ଗ୍ରୁପ୍ ତାହାର କାର୍ଯ୍ୟକ୍ରମ ପରିବେଷଣ କରିବ। ୩ଦିନ ଧରି ଅନୁଷ୍ଠିତ ଏହି ରଜ ମହୋତ୍ସବରେ ବିଶିଷ୍ଟ ବ୍ୟକ୍ତିଙ୍କୁ ସମ୍ବର୍ଦ୍ଧିତ କରାଯିବାର ଆୟୋଜନ କରାଯାଇଛି। ଏହି ରଜ ମହୋତ୍ସବରେ ଯାତ୍ରା ଜଗତର ହାସ୍ୟ ଅଭିନେତା ଭିକାରୀ ସ୍ୱାଇଁ ଯୋଗଦେବା ସହିତ ଆତବାଜି ପ୍ରତିଯୋଗିତା ପାଇଁ ସ୍ଥିର କରାଯାଇଛି। ସାମ୍ବାଦିକ ମହେଶ୍ୱର ବେହେରାଙ୍କ ତତ୍ତ୍ୱାବଧାନରେ କୈଳାସ ବେହେରା, ତପନ ପାତ୍ର, ପର୍ଶୁରାମ ବେହେରା, ବନମାଳୀ ବେହେରା, ବିରେନ୍ଦ୍ର ପାତ୍ର, ଭଗବାନ ବେହେରା, ଓମପ୍ରକାଶ ବେହେରା, ତାପସ ବେହେରା, ରୁଦ୍ରପ୍ରସାଦ ବେହେରାଙ୍କ ସମେତ ଗ୍ରାମବାସୀ ବୈଠକରେ ସାମିଲ ହୋଇଥିଲେ।

## ଦୁର୍ଘଟଣାରେ ଜଣେ ଗୁରୁତର

**ସାଲେପୁର,୮।୬(ସମିସ):** ରବିବାର ରାତି ୮ଟା ୩୦ ସମୟରେ କଟକ-ସାଲେପୁର ରାସ୍ତାର ସପନପୁର ସନ୍ତୋଷୀ ମା' ମନ୍ଦିର ନିକଟରେ ଏକ ମୋଟରସାଇକଲ ଓ କାର ମୁହାଁମୁହିଁ ଧକ୍କା ହେବା ଫଳରେ ଜଣେ ଗୁରୁତର ଆହତ ହୋଇଥିବା ଜଣାଯାଇଛି। ସାଲେପୁରରୁ କଟକ ଅଭିମୁଖେ ଯାଉଥିବା ଏକ ମୋଟର ସାଇକଲ୍ ନଂ ଓଡି ୦୫ ଏଏ ୦୫୦୭ ସହ ବିପରୀତ ଦିଗରୁ ଆସୁଥିବା ଏକ କାର ନଂ ଓଡି ୦୧ ପି ୨୯୧୯ ସହ ଏହି ଧକ୍କା ଫଳରେ ମୋଟର ସାଇକଲ ଚାଳକ ଜପକୁଦ ଅଞ୍ଚଳର ସୁଦାମ ବାରିକ ଗୁରୁତର ଆହତ ହୋଇଛନ୍ତି। ସ୍ଥାନୀୟ ଲୋକେ ତାଙ୍କୁ ଉଦ୍ଧାର କରି ସାଲେପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ପଠାଇଥିବାବେଳେ ସେଠାରେ ତାଙ୍କ ଅବସ୍ଥା ଗୁରୁତର ହେବାରୁ କଟକ ବଡ଼ ଡାକ୍ତରଖାନାକୁ ପଠାଇ ଦିଆଯାଇଛି। ସାଲେପୁର ପୁଲିସ ଘଟଣାସ୍ଥଳରେ ପହଞ୍ଚି ଦୁର୍ଘଟଣାଗ୍ରସ୍ତ ଗାଡ଼ି ଦୁଇଟିକୁ ଜବତ କରିଥିବା ଜଣାଯାଇଛି।

### ବ୍ୟବସାୟିକ ପେଣ୍ଠସ୍ଥଳରେ ନାହିଁ ଶୌଚାଳୟ କି ବସ୍‌ଷ୍ଟାଣ୍ଡ
## ସମସ୍ୟା ଭୋଗୁଛନ୍ତି ଜନସାଧାରଣ ଓ ଯାତ୍ରୀ

**ଅଡ଼ଶପୁର,୮।୬(ସମିସ):** କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ପକ୍ଷରୁ ସ୍ୱଚ୍ଛତା ପ୍ରତି ଜନଜାଗରଣ ସୃଷ୍ଟି ସହ ଏଥି ପାଇଁ କୋଟି କୋଟି ଟଙ୍କା ଖର୍ଚ୍ଚ ମଧ୍ୟ କରାଯାଉଛି, ହେଲେ କେତେକ କ୍ଷେତ୍ରରେ ପ୍ରଶାସନିକ ଅବହେଳା ଯୋଗୁଁ ଜନସାଧାରଣ ସ୍ୱଚ୍ଛତା ଅବଲମ୍ବନ କରିପାରୁନାହାନ୍ତି। ଅଡ଼ଶପୁର ବଜାର ଏକ ବ୍ୟବସାୟିକ ପେଣ୍ଠସ୍ଥଳ। ଦ୍ୱୀପାଞ୍ଚଳ, ନିଆଳି ଖୋର୍ଦ୍ଧା ଜିଲ୍ଲାର ବାଲିପାଟଣା, ବାଲିଅନ୍ତା ସମେତ କଣ୍ଟାପଡ଼ା ବ୍ଲକର ଶତାଧିକ ବ୍ୟବସାୟୀ ଓ ଜନସାଧାରଣ ଏହି ବଜାର ଉପରେ ନିର୍ଭର କରିଥାଆନ୍ତି। ବଜାରରେ ଶୌଚାଳୟଟିଏ ନ ଥିବାରୁ ସେମାନେ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଅନ୍ୟ ଉପାୟ ନ ପାଇ ଲୋକେ ବାହାରେ ମଳମୂତ୍ର ତ୍ୟାଗ କରିବାକୁ ବାଧ୍ୟ ହେଉଛନ୍ତି। ବ୍ୟବସାୟ ବ୍ୟତିତ ଅଡଶପୁର ବଜାରରୁ ବହୁ ଲୋକ ଅନ୍ୟ ସ୍ଥାନକୁ ଯିବା ପାଇଁ ବସ ଓ ଅନ୍ୟାନ୍ୟ ଯାନବାହନ ଉପରେ ନିର୍ଭର କରିଥାନ୍ତି। ଫଳରେ ଯାତ୍ରୀମାନେ ଶୌଚ ପାଇଁ ଦହଗଞ୍ଜ ହେଉଛନ୍ତି। ବିଶେଷ କରି ମହିଳାମାନେ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ସେହିପରି ସ୍ଥାନ ନିରୂପଣ ହୋଇଥିଲେ ବି ଅଦ୍ୟାବଧି ବସଷ୍ଟାଣ୍ଡ କାମ ଆରମ୍ଭ ହେଉନାହିଁ। ଏନେଇ ପୂର୍ବରୁ ବାରମ୍ବାର ଜିଲ୍ଲାପାଳଙ୍କ ଜନଶୁଣାଣିରେ ଅଭିଯୋଗ ହୋଇଛି। ପ୍ରଶାସନିକ ଅଧିକାରୀମାନେ ଆସି ତଦାରଖ କରୁଥିବା ବେଳେ କିନ୍ତୁ ବସ ଷ୍ଟାଣ୍ଡ ହେଉନାହିଁ ବୋଲି ଲୋକମାନେ ଅଭିଯୋଗ କରିଛନ୍ତି। ବିଭିନ୍ନ ଅଞ୍ଚଳରୁ ଆସୁଥିବା ଯାତ୍ରୀମାନେ ଖରା ବର୍ଷାରେ ଠିଆ ହେଉଛନ୍ତି। ତେଣୁ ଅଞ୍ଚଳବାସୀଙ୍କ ପକ୍ଷରୁ ଶୌଚାଳୟ, ବସଷ୍ଟାଣ୍ଡ ପାଇଁ ବାରମ୍ବାର ପ୍ରଶାସନ ନିକଟରେ ଦାବି କରାଯାଇଥିଲେ ମଧ୍ୟ କୌଣସି ପଦକ୍ଷେପ ନିଆଯାଉ ନାହିଁ। ସ୍ଥାନୀୟ ସରପଞ୍ଚ ତପନ ଦାସ ବାରମ୍ବାର ବିଡିଓ, ଜିଲ୍ଲାପାଳଙ୍କୁ ଦାବି ଜଣାଇଛନ୍ତି ତେଣୁ ତୁରନ୍ତ ଏ ଦିଗରେ ପଦକ୍ଷେପ ନେବାକୁ ସୁରେଶ ମହାନ୍ତି, ପ୍ରଭାତ ପ୍ରଧାନ, ବ୍ରହ୍ମାନନ୍ଦ ପ୍ରଧାନ, ବାବା ହଂସନାଥ ସାହୁ, ସମାଜସେବୀ ସନ୍ତୋଷ ମାଝୀ, ପୂର୍ବତନ ସରପଞ୍ଚ ଗୀତାଞ୍ଜଳି ମଲ୍ଲିକ, ପ୍ରଦ୍ୟୁମ୍ନ ଖଟେଇ ପ୍ରମୁଖ ଦାବି କରିଛନ୍ତି।

## ଅବସରପ୍ରାପ୍ତ କର୍ମଚାରୀ ସଂଘର ସମ୍ବର୍ଦ୍ଧନା ସଭା

**କିଶନନଗର,୮।୬(ସମିସ):** ଯଶପଡା-ଅରିଲୋ ଶାଖାର ମାସିକ ଅଧିବେଶନ ବସ୍ତପଡାର ଅସ୍ଥାୟୀ କାର୍ଯ୍ୟାଳୟଠାରେ ଅଜୟ କୁମାର ପଟ୍ଟନାୟକଙ୍କ ସଭାପତିତ୍ୱ ଓ ବିଜୟ କୁମାର ବିଶ୍ୱାଳଙ୍କ ପରିଚାଳନାରେ ସଭା କାର୍ଯ୍ୟ ଚାଲିଥିଲା। ବିଶିଷ୍ଟ ଯୁବ ସମାଜସେବୀ ଇଂ ଏସ.ପି. ଆଶିଷ ସ୍ୱାଇଁ ମୁଖ୍ୟଅତିଥି ଓ ଭାଷ୍ୟକାର ଅଧ୍ୟାପକ ଧରଣୀଧର ଜେନା ମୁଖ୍ୟବକ୍ତା ଭାବେ ଯୋଗଦେଇଥିଲେ। ପ୍ରାରମ୍ଭରେ ଅପରେସନ ସିନ୍ଦୂରର ସହିଦଙ୍କ ଉଦ୍ଦେଶ୍ୟରେ ନିରବ ପ୍ରାର୍ଥନା କରାଯାଇଥିଲା। ଗୋପ ଗୋସେଇଁ ବାବା ମନୋରଞ୍ଜନ ଦାସ ଓ ବରିଷ୍ଠ ସଦସ୍ୟ ଉଦ୍ଧବ ଭୂୟାଁଙ୍କ ଜନ୍ମଦିନ ଉପଲକ୍ଷେ ପୁଷ୍ପଗୁଚ୍ଛ ଓ ଉତ୍ତରୀୟ ପ୍ରଦାନ କରାଯାଇଥିଲା। ସଂଘ ପକ୍ଷରୁ ସ୍ଥାନୀୟ ପାଞ୍ଚଟି ସ୍କୁଲର ସର୍ବୋଚ୍ଚ ନମ୍ବର ରଖିଥିବା ଛାତ୍ରଛାତ୍ରୀ ଜାନି ନାୟକ ତେଲଦିଆ



ହାଇସ୍କୁଲ, ଶୁଭଲକ୍ଷ୍ମୀ ଦାଶ ତେଲଦିଆ ଶିଶୁ ମନ୍ଦିର, ପ୍ରାଂଶୁ ବେହେରା ନାହାକାଣୀ ହାଇସ୍କୁଲ, ସୌମ୍ୟାଶ୍ରୀ ସାହୁ ଧାରଣା ହାଇସ୍କୁଲ ଓ ସୋନାଲି ପ୍ରିୟଦର୍ଶିନୀ ବେହେରା କେଳି କଦମ୍ବ ହାଇସ୍କୁଲଙ୍କୁ ସମ୍ବର୍ଦ୍ଧନା କରି ମାନପତ୍ର ଓ ଆର୍ଥିକ ପ୍ରୋତ୍ସାହନ ପ୍ରଦାନ କରିଥିଲେ। ସରକାର ନଅ ଦଫା ଦାବି ପୁରଣରେ ଅହେତୁକ ବିଳମ୍ବ କରୁଥିବାରୁ ରାଜ୍ୟର ୧୧୧ଟି ସଂଘ ସଂପୃକ୍ତ ଜିଲ୍ଲାପାଳଙ୍କ ଜରିଆରେ ମୁଖ୍ୟମନ୍ତ୍ରୀଙ୍କୁ ସ୍ମାରକ ପତ୍ର, ଇମେଲ ବାର୍ତ୍ତା ଓ ସମୂହ ପୋଷ୍ଟ କାର୍ଡ ସ୍ମାରକ ପତ୍ର ପ୍ରଦାନ କରାଯାଇଛି। ଏଥିରେ ଯଦି ସରକାର ପ୍ରତିଶ୍ରୁତି ନ ପାଳନ କରନ୍ତି ଆଗାମୀ ଦିନରେ ମହାସଂଘର ଆହ୍ୱାନରେ ଗାନ୍ଧୀ ମାର୍ଗରେ ବିକ୍ଷୋଭ ପ୍ରଦର୍ଶନ କରାଯିବ ବୋଲି ଅବସରପ୍ରାପ୍ତ କର୍ମଚାରୀ ଯଥା ଲକ୍ଷ୍ମୀଧର ନାୟକ, ପ୍ରମୋଦ ସାହୁ, ସୁରେନ୍ଦ୍ର ସ୍ୱାଇଁ, ଯୋଗେଶ୍ୱର ତ୍ରିପାଠୀ, ସୁବାସ ସାହୁ, ଶାନ୍ତି ଜେନା, ଜାନକୀ ବଲ୍ଲଭ ସାହୁ, ଅନୀଲ ପଣ୍ଡା, ନିହାର ରଞ୍ଜନ ବିଶ୍ୱାଳ, ବସନ୍ତ ପାଣିଗ୍ରାହୀ ଓ କୁନା ମହାନ୍ତି ପ୍ରମୁଖ ବିବୃତ୍ତି ରଖିଛନ୍ତି।

## ନରସିଂହପୁର କ୍ଲଷ୍ଟର-୨ ପାଣି ପଞ୍ଚାୟତ ବୈଠକ



**ନରସିଂହପୁର,୮।୬(ସମିସ):** ନରସିଂହପୁର ବୃହତ ଉଠା ଜଳସେଚନ ପ୍ରକଳ୍ପ ଅଧୀନ କ୍ଲଷ୍ଟର-୨ ଅଧୀନ କୃଷକ ଗୋଷ୍ଠୀ ଉତ୍ପାଦକ ସଂଘର ୨ୟ ବାର୍ଷିକ ସାଧାରଣ ସଭା ଶୁକ୍ରବାର ଚକାମୁଣ୍ଡା ପଞ୍ଚାୟତ କାର୍ଯ୍ୟାଳୟର ସଭାଗୃହରେ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲା ପରିଷଦ ସଭ୍ୟା ଭାଗ୍ୟଲକ୍ଷ୍ମୀ ବିଶ୍ୱାଳଙ୍କ ସଭାପତିତ୍ୱରେ ଆୟୋଜିତ ଏହି ବୈଠକରେ କ୍ଲଷ୍ଟର-୨ ଅଧୀନ ୩୦୦ରୁ ଊର୍ଦ୍ଧ୍ୱ କୃଷକ ଯୋଗ ଦେଇଥିଲେ। କୃଷକ ଅଂଶଧନ ବାବଦକୁ ମୋଟ ୫୦ ହଜାର ଟଙ୍କା ଆଦାୟ ହୋଇ ବ୍ୟାଙ୍କରେ ଜମା କରାଯିବା ସହ ଆସନ୍ତା କାର୍ଯ୍ୟପନ୍ଥା ନିର୍ଦ୍ଧାରଣ କରାଯାଇଥିଲା। ଚକାମୁଣ୍ଡା ପଞ୍ଚାୟତ ସରପଞ୍ଚ ଝୁନୁପ୍ରିୟା ପ୍ରଧାନ, କ୍ଲଷ୍ଟର-୨ ସଂପାଦକ ଗୋପୀନାଥ ରାଉତଙ୍କ ସମେତ କାଳନ୍ଦୀ ବେହେରା, ଗଣେଷ ଦାସ, ସୁକାନ୍ତ ଦାସ, ସଞ୍ଜୟ ମୁଦୁଲି, ରାମଚନ୍ଦ୍ର ଓଝା ଉପସ୍ଥିତ ଥିଲେ।

## ପାରମ୍ପରିକ ଖାଦ୍ୟ ପ୍ରତିଯୋଗିତା



**ନରସିଂହପୁର,୮।୬(ସମିସ):** ନରସିଂହପୁର ବ୍ଲକ ଅନ୍ତର୍ଗତ ସିଡିପିଓଙ୍କ କାର୍ଯ୍ୟାଳୟ ପକ୍ଷରୁ ମିଶନଶକ୍ତିର କର୍ମକର୍ତ୍ତାଙ୍କୁ ନେଇ ସୁଭଦ୍ରାଶକ୍ତି ପାରମ୍ପରିକ ଖାଦ୍ୟ ପ୍ରତିଯୋଗିତା ସ୍ଥାନୀୟ ନରସିଂହପୁର ମହାବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଛି। ଉକ୍ତ କାର୍ଯ୍ୟକ୍ରମରେ ସିଡିପିଓ କୌଶଲ୍ୟା ସେନ ଅଧ୍ୟକ୍ଷତା କରିଥିବାବେଳେ ନରସିଂହପୁର ବିଡ଼ିଓ ପ୍ରଳୟାନନ୍ଦ ଶତପଥୀ ମୁଖ୍ୟଅତିଥି, ସମ୍ମାନିତ ଅତିଥି ଭାବେ ଏବିଡ଼ିଓ ଉଷାରାଣୀ ଜେନା ପ୍ରମୁଖ ଯୋଗ ଦେଇଥିଲେ। ଏହି ବ୍ଲକସ୍ତରୀୟ ସୁଭଦ୍ରା ଶକ୍ତି ପାରମ୍ପରିକ ଖାଦ୍ୟ ପ୍ରତିଯୋଗିତାରେ ସ୍ୱୟଂସେବା ଗୋଷ୍ଠୀ, ଏମବିକେ ସିଆରସି ପ୍ରମୁଖ ବିଭିନ୍ନ ଖାଦ୍ୟ ପ୍ରସ୍ତୁତି କରିଥିଲେ। ପରେ ପ୍ରତିଯୋଗୀଙ୍କୁ ସହାୟତା ରାଶି ପୁରସ୍କାର ଅତିଥିମାନଙ୍କ ଦ୍ୱାରା ପ୍ରଦାନ କରାଯାଇଥିଲା।

## ମଦନମୋହନଙ୍କ ପୀଠରେ ବିଶ୍ୱକଲ୍ୟାଣ ମହାଯଜ୍ଞ

**ଟାଙ୍ଗୀ,୮।୬(ସମିସ):** ଟାଙ୍ଗୀ-ଚୌଦ୍ୱାର ବ୍ଲକ ମୁଖ୍ୟାଳୟ କୋଟସାହି ପଞ୍ଚାୟତ ଟାଙ୍ଗୀ ମଦନମୋହନ ସାହିସ୍ଥିତ ଶ୍ରୀ ଶ୍ରୀ ମଦନମୋହନଙ୍କ ପୀଠରେ ସ୍ଥାପିତ ଚତୁର୍ଦ୍ଧାମୂର୍ତ୍ତିଙ୍କ ଚତୁର୍ଥ ବାର୍ଷିକ ବିଶ୍ୱକଲ୍ୟାଣ ମହାଯଜ୍ଞ ରବିବାରଠାରୁ ଆରମ୍ଭ ହୋଇଛି। ପୂର୍ବାହ୍ନରେ ଘଟାଧିବାସ (କଳସ ଯାତ୍ରା)ଓ ବେଦପାଠ ସହ ସୂର୍ଯ୍ୟପୂଜା, ଗୁରୁପୂଜା, ଗୋ ପୂଜା ଏବଂ ଶାଳା ପ୍ରବେଶ କାର୍ଯ୍ୟ ବୈଦିକ ରୀତିନୀତି ଅନୁଯାୟୀ ଅନୁଷ୍ଠିତ ହୋଇଥିଲା। କଳସ ଯାତ୍ରା ସାହିର ଶତାଧିକ ମହିଳା ସାମିଲ ହୋଇଥିବାବେଳେ ସନ୍ଧ୍ୟାରେ ସାଧୁସନ୍ଥ ସମ୍ମିଳନୀ ସମଗ୍ର ଅଞ୍ଚଳରେ ଭକ୍ତି ଭାବମୟ ପରିବେଶ ସୃଷ୍ଟି କରିଥିଲା। ସାହି ବାସିନ୍ଦାଙ୍କ ମିଳିତ ସହଯୋଗରେ ଅନୁଷ୍ଠିତ ଯଜ୍ଞରେ ବିଭୁଧେନ୍ଦୁ ଷଡ଼ଙ୍ଗୀ ଓ ସରୋଜିନୀ ଷଡ଼ଙ୍ଗୀ କର୍ତ୍ତା ଦାୟିତ୍ୱ ନିର୍ବାହ କରୁଛନ୍ତି। ମଙ୍ଗଳବାର ପୂର୍ଣ୍ଣାହୁତି ଉତ୍ସବରେ ବହୁ ବିଶିଷ୍ଟ ବ୍ୟକ୍ତି ଓ ଶ୍ରଦ୍ଧାଳୁ ଅଂଶଗ୍ରହଣ କରିବେ ବୋଲି ଜାଣିବାକୁ ମିଳିଛି।

## ବଟେଶ୍ୱର ବାସୁକୀ କ୍ଷେତ୍ରରେ ବାର୍ଷିକ ମହାଯଜ୍ଞ

**ସାଲେପୁର,୮।୬(ସମିସ):** ବଟେଶ୍ୱର ଗ୍ରାମରେ ଥିବା ବାସୁକୀ ମହାରାଜ ତଥା ନାଗମାତାଙ୍କ ଚତୁର୍ଥ ବାର୍ଷିକ ମହାଯଜ୍ଞ ଉତ୍ସବ ଗତ ୩ତାରିଖ ଠାରୁ ଆରମ୍ଭ ହୋଇଛି। ଏହି ଅବସରରେ ଯଜ୍ଞକୁଣ୍ଡରେ ଅଗ୍ନି ସଂଯୋଗ, ଅଙ୍କୁରରୋପଣ, ଦେବ ବିଗ୍ରହମାନଙ୍କର ଧାନ ଧାର, କଳସ ଶୋଭାଯାତ୍ରା, ମଙ୍ଗଳଘଟାଧିବାସ, ଅଗ୍ନିସ୍ଥାପନ, ସୂର୍ଯ୍ୟପୂଜା, ଗୋପୂଜା, ମଣ୍ଡଳାଦିପୂଜା, ଯଜ୍ଞକର୍ମ ଆଦି ଧାର୍ମିକ କାର୍ଯ୍ୟକ୍ରମ ଯଥା ରୀତିନୀତି ଅନୁଯାୟୀ ଅନୁଷ୍ଠିତ ହେଉଛି। ପ୍ରତ୍ୟହ ସନ୍ଧ୍ୟାରେ ମହାପ୍ରଭୁ ନାଗରାଜ ବାସୁକୀ ଟ୍ରଷ୍ଟ ପକ୍ଷରୁ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଉଥିବାବେଳେ ବିଭିନ୍ନ କ୍ଷେତ୍ରରେ ସୁନାମ ଅର୍ଜନ କରିଥିବା ସାଲେପୁର ଅଞ୍ଚଳର ବ୍ୟକ୍ତିବିଶେଷଙ୍କୁ ସମ୍ବର୍ଦ୍ଧନା ପ୍ରଦାନ କରାଯାଉଛି। ପ୍ରତିଦିନ ଅନୁଷ୍ଠାନ ପକ୍ଷରୁ ପ୍ରସାଦ ସେବନର ବ୍ୟବସ୍ଥା ମଧ୍ୟ କରାଯାଇଛି। ଏହି କାର୍ଯ୍ୟକ୍ରମକୁ ବାସୁକୀ ଟ୍ରଷ୍ଟର ସମସ୍ତ କାର୍ଯ୍ୟବାହ ମଣ୍ଡଳୀ ପରିଚାଳନା କରୁଛନ୍ତି।



# ବ୍ରହ୍ମକ୍ଷେତ୍ର ରଥ ନିର୍ମାଣ କାର୍ଯ୍ୟ ତ୍ୱରାନ୍ୱିତ

### ଶେଷ ପର୍ଯ୍ୟାୟରେ ରଥ ଚଉକ ଓ ଉଟାର କାର୍ଯ୍ୟ

**ନିଶ୍ଚିନ୍ତକୋଇଲି,୮।୬(ସମିସ):** ନିଶ୍ଚିନ୍ତକୋଇଲି ବ୍ଲକ ଅଧିନସ୍ଥ ଜିଗ୍ନୀପୁର ବ୍ରହ୍ମକ୍ଷେତ୍ର ପୀଠ ଶ୍ରୀ ଶ୍ରୀ ବଳଦେବଜୀଉଙ୍କ ରଥଖଳାରେ ରଥ ନିର୍ମାଣ କାର୍ଯ୍ୟ ଦ୍ରୁତ ଗତିରେ ଚାଲିଛି। ଆସନ୍ତା ଜୁନ୍ ୨୭ ତାରିଖରେ ମହାପ୍ରଭୁ ଶ୍ରୀ ବଳଦେବଜୀଉଙ୍କ ଶ୍ରୀଗୁଣ୍ଡିଚା ଯାତ୍ରା ଏବଂ ଏହାର ପୂର୍ବଦିନ ତଥା ୨୬ ତାରିଖରେ ନେତ୍ର ଉତ୍ସବ ପଡୁଥିବାରୁ ଏହା ପୂର୍ବରୁ ଯେପରି ରଥ କାର୍ଯ୍ୟ ଶେଷ ହେବ ସେନେଇ ଟ୍ରଷ୍ଟ ବୋଡର୍ ପକ୍ଷରୁ ତତ୍ପରତା ପ୍ରକାଶ ପାଇଛି।

ରଥ ନିର୍ମାଣ ଦାୟିତ୍ୱରେ ଥିବା ମୁଖ୍ୟ କାରିଗର ମହାରଣା ଧ୍ରୁବଚରଣ ମହାରଣା ଏବଂ ସହ ମହାରାଣା ମହେନ୍ଦ୍ର ମହାରଣା ଓ ସହଯୋଗୀ ହରେକୃଷ୍ଣ ମହାରଣା, ସଞ୍ଜୟ କୁମାର ଦାଶଙ୍କ ତତ୍ତ୍ୱାବଧାନରେ ଶ୍ରୀ ବଳଦେବଜୀଉଙ୍କ ପ୍ରଜାମାନେ ରଥ ନିର୍ମାଣ କାର୍ଯ୍ୟ ତୁଲାଉଛନ୍ତି। ବ୍ରହ୍ମକ୍ଷେତ୍ରରେ ଯଦିଓ ଶ୍ରୀକ୍ଷେତ୍ର ପୁରୀ ମନ୍ଦିରର ସମୟ ନୀତିନିର୍ଘଣ୍ଟ ଅନୁସାରେ ଶ୍ରୀ ବଳଦେବଜୀଉଙ୍କର ବିଭିନ୍ନ ପୂଜାର୍ଚ୍ଚନା, ପର୍ବପର୍ବାଣୀ ଏପରିକି ଘୋଷଯାତ୍ରା ପାଳନ କରାଯାଇଥାଏ ହେଲେ ଏଠାରେ ଗୋଟିଏ ମାତ୍ର ରଥ ତିଆରି ହୋଇଥାଏ। ଏହି ଗୋଟିଏ ବିରାଟକାୟ ରଥରେ ପ୍ରଭୁ ବଳଭଦ୍ର, ଭଗିନୀ ସୁଭଦ୍ରା ଓ ମହାପ୍ରଭୁ ଜଗନ୍ନାଥ ଅଧିଷ୍ଠିତ ହୋଇ ଘୋଷଯାତ୍ରାରେ ମାଉସୀ ମା' ମନ୍ଦିରକୁ ଯାଆନ୍ତି। ଏଠାରେ ଗୋଟିଏ ରଥ ନିର୍ମାଣ ହେଉଥିଲେ ମଧ୍ୟ ଏହା ଅତ୍ୟନ୍ତ ସୁନ୍ଦର ଓ ବିରାଟକାୟ ଭାବେ ତିଆରି ହୋଇଥାଏ। ଏହି ରଥରେ ୧୨ଟି ଚକ ରହିଥିବା ବେଳେ ଏହାର ଉଚ୍ଚତା ୭୨ ଫୁଟ, ଲମ୍ବ ୫୨ ଫୁଟ ଓ ଓସାର ୪୨ ଫୁଟ ଅଟେ। ରଥ ନିର୍ମାଣରେ ପୁରାତନ ଓ ନୂତନ କାଠ ବ୍ୟବହାର କରାଯାଇଥାଏ। ବର୍ତ୍ତମାନ ରଥରେ ଚକ, ଅଖ ଲଗାଯାଇ ତା' ଉପରେ ବରାନ୍ଦ ପଡ଼ି ସାରିଲାଣି। ବରାନ୍ଦ ଉପରେ ଚଉକ ପକାଯିବା କାର୍ଯ୍ୟ ଶେଷ ହୋଇ ଏହା ଉପରେ ବର୍ତ୍ତମାନ ଉଟାର କାର୍ଯ୍ୟ ଶେଷ ପର୍ଯ୍ୟାୟରେ ପହଞ୍ଚିଥିବା ମହାରଣା ଧ୍ରୁବ ମହାରଣା ପ୍ରକାଶ କରିଛନ୍ତି। ମ୍ୟାନେଜିଂ ଟ୍ରଷ୍ଟି ଧିରେନ୍ଦ୍ରନାଥ ବେହେରା, ସଭ୍ୟ ରାଜେନ୍ଦ୍ରମୋହନ କରଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ରଥ ନିର୍ମାଣ କାର୍ଯ୍ୟ ଚାଲିଥିଲା ବେଳେ ସ୍ଥାନୀୟ ଗ୍ରାମବାସୀମାନେ ଏଥିରେ ସହଯୋଗ କରୁଛନ୍ତି। ଶ୍ରୀ ବଳଦେବଜୀଉ ରଥ ଯାତ୍ରାରେ ଯେତିକି ଅର୍ଥ ଖର୍ଚ୍ଚ ହେବାର ବ୍ୟବସ୍ଥା ରହିଛି ଅର୍ଥାଭାବରୁ ଟ୍ରଷ୍ଟ ବୋଡର୍ ପକ୍ଷରୁ ଏହା ପ୍ରଦାନ କରାଯିବା କଷ୍ଟକର ହେଲାଣି। ଶ୍ରୀଜୀଉଙ୍କର ରହିଥିବା ସ୍ଥାବର



ଅସ୍ଥାବର ସମ୍ପତ୍ତିରୁ ଯେତିକି ଆୟ ହେଉଛି ସେଥିରେ ପ୍ରତ୍ୟେକ ଦିନର ପୂଜାର୍ଚ୍ଚନା ଓ ନୀତି ନିର୍ଘଣ୍ଟ କରିବା ସମ୍ଭବପର ହେଉନାହିଁ। ଏହାଛଡ଼ା ବିଭିନ୍ନ ପର୍ବ ପର୍ବାଣୀରେ ଲକ୍ଷାଧିକ ଟଙ୍କା ଖର୍ଚ୍ଚ ହେଉଥିବାରୁ ଏହାକୁ କିପରି ଭରଣା କରାଯିବ ସେ ନେଇ ଚିନ୍ତା ପ୍ରକଟ କରାଯାଇଛି। ରଥଯାତ୍ରା ପାଇଁ ସରକାରଙ୍କ ପକ୍ଷରୁ ଯେତିକି ସହାୟତା ଅର୍ଥ ମିଳେ ତାହା ସମୁଦ୍ରକୁ ଶଙ୍ଖେ ସଦୃଶ ହୋଇଥିବାରୁ ସେତିକିରେ ଯାତ୍ରା ସମାପନ କରିବା ସମ୍ଭବପର ହେଉନାହିଁ। ଚଳିତ ବର୍ଷ ପାଇଁ ସରକାରଙ୍କ ପକ୍ଷରୁ ଏହି ରଥଯାତ୍ରା କରିବା ନିମନ୍ତେ ଅଧିକ ଅର୍ଥ ଯୋଗାଇଦେବାକୁ ଭକ୍ତ ମହଲରେ ଦାବି ହୋଇଛି।

# ଶ୍ରୀରାମ ମନ୍ଦିର ପ୍ରତିଷ୍ଠା ଉତ୍ସବ ଉଦ୍‌ଯାପିତ



ଗୋଷାଣି,୮ ।୬(ସମିସ): ଗଜପତି ଜିଲ୍ଲା ଗୋଷାଣି ବ୍ଲକ ଅଗରଖଣ୍ଡି ପଞ୍ଚାୟତ ଭିନ୍ନଳା ଗ୍ରାମରେ ଚାଲିଥିବା ପ୍ରଭୁ ଶ୍ରୀରାମଙ୍କ ମନ୍ଦିର ପ୍ରତିଷ୍ଠା ଉତ୍ସବ ଉଦ୍‌ଯାପିତ ହୋଇଛି। ବୁଧବାର ଜ୍ୟେଷ୍ଠ ଶୁକ୍ଳପକ୍ଷ ନବମୀ ଠାରୁ ଆରମ୍ଭ ହୋଇଥିବା ପ୍ରତିଷ୍ଠା ଉତ୍ସବ ରବିବାର ଜ୍ୟେଷ୍ଠ ଶୁକ୍ଳପକ୍ଷ ତ୍ରୟୋଦଶୀ ପର୍ଯ୍ୟନ୍ତ ୫ ଦିନ ଧରି ଚାଲିଥିଲା। ପ୍ରଥମ ଦିବସରେ ଦୀକ୍ଷାଗ୍ରହଣ, ଅଙ୍କୁରାରୋପଣ, ମଣ୍ଡଳ ବିନ୍ୟାସ ହୋଇଥିବା ବେଳେ ଗୁରୁବାର କଳସଯାତ୍ରା, ସୂର୍ଯ୍ୟପୂଜା, ଗୋ ପୂଜା, ଶାଳପୂଜା, ବନଯୋଗ, ବୈଷ୍ଣବାଗ୍ନି ସଂସ୍କାର ହୋମ, ଶୁକ୍ରବାର ସୂର୍ଯ୍ୟପୂଜା, ଗୋ ପୂଜା, ଶାଳପୂଜା, ରତ୍ନମୁଦ, ଶ୍ରୀରାମଚନ୍ଦ୍ରଙ୍କ ଅଧିବାସ, ସ୍ନାନ ସ୍ୱସ୍ତିକ ମଣ୍ଡଳ ସହ ପାରଳାଖେମୁଣ୍ଡି ଦିବ୍ୟଜୀବନ ସଂଘ ଦ୍ୱାରା ସୁନ୍ଦରକାଣ୍ଡ ଏବଂ ଗଞ୍ଜାମର ସୀମାଞ୍ଚଳ ନାହାକଙ୍କ ଦ୍ୱାରା ଗାହାଣୀ ଗଣ୍ଠି, ପୁରୀର ଗାୟକ ମାନସ ରଞ୍ଜନ ନାଥଙ୍କ ଦ୍ୱାରା ଚୈତାଳି ଘୋଡ଼ ନାଚ, ଶନିବାର ଜୀବନ୍ୟାସ ଓ ପ୍ରାଣ ପ୍ରତିଷ୍ଠା, ଅଷ୍ଟପ୍ରହର ନାମଯଜ୍ଞ ଏବଂ ରବିବାର ପ୍ରତିଷ୍ଠା ଉତ୍ସବର ଶେଷ ଦିନରେ ଦେବତା ପୂଜା, ଗ୍ରାମ ପରିକ୍ରମା, ପାଶ୍ୱର୍ଦେବତା ଓ ଚକ୍ର ସ୍ଥାପନ, ସିଂହାସନ ଆହାରଣ, ମହାଧ୍ୱଜ ସ୍ଥାପନ, ପୂର୍ଣ୍ଣାହୂତି, ଦଧିହାଣ୍ଡି ଭଞ୍ଜନ, ନାମଯଜ୍ଞ ସମାପନ ସହ ଭିନ୍ନଳା ଗ୍ରାମର ଶ୍ରୀ ଗୌର ଭକ୍ତ ନାଟ୍ୟ କଳା ସଂସଦ ଦ୍ୱାରା ଭାରତ ଲୀଳା ପରିବେଷଣ କରାଯାଇଥିଲା। ପ୍ରତିଦିନ ସନ୍ଧ୍ୟାରେ ସାଂସ୍କୃତିକ କାର୍ଯ୍ୟକ୍ରମ ହୋଇଥିଲା। ଉତ୍ସବରେ ଅଞ୍ଚଳର ହଜାର ହଜାର ଶ୍ରଦ୍ଧାଳୁଙ୍କ ସହ ପଡୋଶୀ ଆନ୍ଧ୍ରପ୍ରଦେଶରୁ ମଧ୍ୟ ଶ୍ରଦ୍ଧାଳୁ ଯୋଗ ଦେଇଥିଲେ।

# ପଣସ ପ୍ରକ୍ରିୟାକରଣ କେନ୍ଦ୍ରରେ ତାଲା; ଖତ ଖାଉଛି ମେସିନ

ଫିରିଙ୍ଗିଆ,୮ ।୬(ସମିସ)




କନ୍ଧମାଳ ଜିଲ୍ଲା ଫିରିଙ୍ଗିଆ ବ୍ଲକରେ ସ୍ୱୟଂ ସହାୟିକା ଗୋଷ୍ଠୀର ମହିଳାମାନଙ୍କୁ ଆର୍ଥିକ ସ୍ୱାବଲମ୍ବୀ କରିବାକୁ ଜିଲ୍ଲା ଓ ବ୍ଲକ ପ୍ରଶାସନଙ୍କ ଉଦ୍ୟମ ଏବଂ ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥା ଫୁଲବାଣୀଙ୍କ ମିଳିତ ସହଯୋଗରେ ପଣସ ପ୍ରକ୍ରିୟାକରଣ କେନ୍ଦ୍ର କରାଯାଇଥିଲା। ଏଥିରେ ତତ୍କାଳୀନ ବିଡିଓ ତଥା ବର୍ତ୍ତମାନର ରେଢ଼ାଖୋଲ ଉପ ଜିଲ୍ଲାପାଳ ରଶ୍ମି ରଞ୍ଜନ ମହନ୍ତଙ୍କ ନିଜସ୍ୱ ଚେଷ୍ଟାରେ କୋଟି କୋଟି ଟଙ୍କା ଖର୍ଚ୍ଚ କରି ଏହି ୟୁନିଟ ସ୍ଥାପନ କରାଯାଇଥିଲା। ବର୍ତ୍ତମାନ ପ୍ରଶାସନିକ ଅଧିକାରୀଙ୍କ ଇଚ୍ଛା ଶକ୍ତିର ଅଭାବ ଏବଂ ଆନ୍ତରିକତାର ଅଭାବ ଯୋଗୁ ତାହା ଦୀର୍ଘବର୍ଷ ପରେ ବି କାର୍ଯ୍ୟକ୍ଷମ ହୋଇପାରୁନି।

ସ୍ୱୟଂ ସହାୟିକା ଗୋଷ୍ଠୀର ମହିଳା ଆର୍ଥିକ ସ୍ୱାବଲମ୍ବୀ ହେବା ଦୂରର କଥା କୋଟି କୋଟି ଟଙ୍କାରେ ନିର୍ମାଣାଧୀନ ୨ଟି ଆମ୍ବ ଓ ପଣସ ପ୍ରକ୍ରିୟାକରଣ ୟୁନିଟ ଯନ୍ତ୍ରାଂଶ କାର୍ଯ୍ୟକ୍ଷମ ଆଗରୁ ଖତ ଖାଇବାକୁ ବସିଛି। କନ୍ଧମାଳ ଜିଲ୍ଲାରେ ଅଧିକ ମାତ୍ରାରେ ଆମ୍ବ ପଣସ ଗଛ ଭରି ହୋଇ ରହିଥିବାରୁ ସରକାରଙ୍କ ତରଫରୁ ଏହି ଆମ୍ବ ପଣସର ସଦୁପଯୋଗ କରି ପ୍ରକ୍ରିୟାକରଣ କରି ଚିପ୍ସ ଓ ଅନ୍ୟାନ୍ୟ ସ୍ୱାଦିଷ୍ଟ ଖାଦ୍ୟ ଜିନିଷ ତିଆରି କରି ବାହାରକୁ ପଠାଇ ରୋଜଗାରକ୍ଷମ ହେବା ସହ ଆମ୍ବ ପଣସ ଯେଉଳି ନଷ୍ଟ ନହୁଏ ସେଥିପାଇଁ ଗୁରୁତ୍ୱ ଦିଆଯାଇଥିଲା। ସବୁଠାରୁ ଦୁଃଖ ବିଡ଼ମ୍ବନାର ବିଷୟ ମହିଳାମାନଙ୍କୁ ବିଭିନ୍ନ ଜାଗାରେ ଆମ୍ବ ପଣସରୁ ବିଭିନ୍ନ ଜିନିଷ ତିଆରି ଓ ବିକ୍ରି ପାଇଁ ତାଲିମ ପ୍ରଦାନ କରାଯିବା ପରେ ବି ଦାୟିତ୍ୱରେ ଥିବା ପ୍ରଶାସନିକ ଅଧିକାରୀ କୋଟି କୋଟି ଟଙ୍କାର ଗୃହ ନିର୍ମାଣ ସହ ବିଦ୍ୟୁତ ସଂଯୋଗ, ଲକ୍ଷାଧିକ ଟଙ୍କାର ପ୍ରକ୍ରିୟାକରଣ ମେସିନ ଓ ବୋରିଂ ଖୋଳି ସବୁ ବ୍ୟବସ୍ଥା କରିଥିଲେ ମଧ୍ୟ ବର୍ତ୍ତମାନ ତାହା ଖତ ଖାଇବାକୁ ବସିଲାଣି। ୟୁନିଟ୍ କାର୍ଯ୍ୟକ୍ଷମ ନ ହେବା ଓ ଗତ ୨ ବର୍ଷରୁ ଉର୍ଦ୍ଧ ହେବ ଆମ୍ବ ପଣସ ନଷ୍ଟ ହେବା ସାଧାରଣ ଲୋକ ଏବଂ ମହିଳା ସ୍ୱୟଂ ସହାୟିକାଙ୍କୁ ଆଶ୍ଚର୍ଯ୍ୟ କରିଥିବାବେଳେ ଲଗାଯାଇଥିବା ମେସିନକୁ ନେଇ ସନ୍ଦେହ ସୃଷ୍ଟି କରିଥିବା ବେଳେ ତାହା ଅରିଜିନାଲ ନା ଆଉ କଣ

- କାର୍ଯ୍ୟକ୍ଷମ ଆଗରୁ ନଷ୍ଟ ହେବାକୁ ବସିଲାଣି କୋଟି କୋଟି ଟଙ୍କାର ଯନ୍ତ୍ରାଂଶ
- କଟାପଙ୍ଗା ଆମ୍ବ ପ୍ରକ୍ରିୟାକରଣ ୟୁନିଟ୍‌ର ବି ସମାନ ଅବସ୍ଥା

ବୋଲି ସନ୍ଦେହ ସୃଷ୍ଟି କରିଛି। ଫିରିଙ୍ଗିଆ ବ୍ଲକର ପାଙ୍ଗା ଉପରସାହି ପଞ୍ଚାୟତର କାଲାଡ଼ି ଗାଁ ନିକଟରେ ଏକ ପଣସ ପ୍ରକ୍ରିୟାକରଣ ୟୁନିଟ ନିର୍ମାଣ କରାଯାଇଥିବା ବେଳେ ସାଡିଙ୍ଗିଆ ପଞ୍ଚାୟତର କଟାପଙ୍ଗା ଗାଁ ନିକଟରେ ଏକ ଆମ୍ବ ପ୍ରକ୍ରିୟାକରଣ ୟୁନିଟ କୋଟି କୋଟି ଟଙ୍କା ଖର୍ଚ୍ଚ କରି ୨ ଟି ୟୁନିଟ ନିର୍ମାଣ କରାଯାଇଛି।

ତେବେ ମହିଳାମାନେ କହିବା କଥା ପ୍ରଶାସନିକ ଅଧିକାରୀ ତାଙ୍କୁ କୁଆଡ଼େ ଡେମୋ ଦେଖାଇ ପ୍ରକ୍ରିୟାକରଣ ନାଁରେ ଭୁଆଁ ବୁଲାଇ ଗଲାପରେ ଆଉ କାହାର ଦେଖା ମିଳୁନାହିଁ। ପୂର୍ବରୁ ବାରମ୍ବାର ଆସି ବଡ଼ ବଡ଼ କଥା କହୁଥିଲେ କିନ୍ତୁ ଏବେ କାହାର ଦେଖା ନାହିଁ ବର୍ତ୍ତମାନ ଆମ୍ବ ପଣସ ପାଖାପାଖି ସରିବାକୁ ବସିଲାଣି। ଗଛ ତଳେ ପଡ଼ି ଖତ ଖାଉଛି ଏମିତି କି ଗାଈ ଗୋରୁ ବି ଖାଉନାହାନ୍ତି ତେଣୁ ୨ଟି ୟୁନିଟ କାର୍ଯ୍ୟକ୍ଷମ ହୋଇଥିଲେ ରୋଜଗାର ହେବା ସହ ଆମ୍ବ ପଣସ ମଧ୍ୟ କାମରେ ଲାଗିଥାନ୍ତା ବୋଲି ମହିଳାମାନେ କହିଛନ୍ତି। ତେବେ ପ୍ରଶାସନିକ ଅଧିକାରୀ ଏହାକୁ ଗୁରୁତ୍ୱ ଦେଇ କାର୍ଯ୍ୟକ୍ଷମ ନ କଲେ ଆଗାମୀ ଦିନରେ କୋଟି କୋଟି ଟଙ୍କାର ମେସିନ, ବିଦ୍ୟୁତ ସଂଯୋଗ, ବୋରିଂ ଓ ବିଭିନ୍ନ ଯନ୍ତ୍ରାଂଶ ଖତ ହେବ ବୋଲି କହିଛନ୍ତି ମହିଳା ଗୋଷ୍ଠୀ ସମେତ ଅଞ୍ଚଳବାସୀ।

**ତୁମୁଡ଼ିବନ୍ଧ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଅବ୍ୟବସ୍ଥା**

# ଲୋ.ଭୋଲ୍‌ଟେଜ୍ ଯୋଗୁଁ କାମ କରୁନି ଏକ୍ସରେ ମେସିନ

ତୁମୁଡିବନ୍ଧ,୮।୬(ସମିସ): ସରକାର ସ୍ୱାସ୍ଥ୍ୟକେନ୍ଦ୍ରରେରେ ରୋଗୀଙ୍କୁ ଉତ୍ତମ ସ୍ୱାସ୍ଥ୍ୟ ସେବା ଯୋଗାଇ ଦେବା ନିମନ୍ତେ କୋଟି କୋଟି ଟଙ୍କା ବ୍ୟୟ କରୁଥିବା ବେଳେ କନ୍ଧମାଳ ଜିଲ୍ଲା ତୁମୁଡିବନ୍ଧ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଏହାର ବିପରୀତ ଚିତ୍ର ସାମ୍ନାକୁ ଆସିଛି। ତୁମୁଡିବନ୍ଧ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଉପରେ ଉଭୟ କୋଟଗଡ ଓ ତୁମୁଡିବନ୍ଧ ବ୍ଲକର ରୋଗୀ ଭରସା କରିଥାନ୍ତି। ଉଭୟ ବ୍ଲକରେ ଅଧିକାଂଶ ଅଞ୍ଚଳ ଅପହଞ୍ଚ ଓ ଦୁର୍ଗମ। ଏଥିରେ ପ୍ରାୟ ୮୦ ପ୍ରତିଶତ ଆଦିବାସୀ ଓ ଦଳିତ ସମ୍ପ୍ରଦାୟର। ଦୁର୍ଘଟଣାରେ ଗୁରୁତର ତୁମୁଡିବନ୍ଧ ଡାକ୍ତରଖାନାକୁ ଚିକିତ୍ସା ସହ ଏକ୍ସ କରିବାକୁ ଆସିଥାଆନ୍ତି। କିନ୍ତୁ ତୁମୁଡିବନ୍ଧ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଥିବା ରଞ୍ଜନରଶ୍ମି ବା ଏକ୍ସରେ ମେସିନ ଲୋ ଭୋଲଟେଜ କାରଣରୁ କାର୍ଯ୍ୟକ୍ଷମ ହୋଇପାରୁନି। ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଥିବା ଜେନେରେଟର ପାଖାପାଖି ୧୫ ବର୍ଷ ଅଧିକ ପୁରୁଣା। ଗୋଟିଏ ମାତ୍ର ଜେନେରେଟର ସମ୍ପୂର୍ଣ୍ଣ ସ୍ୱାସ୍ଥ୍ୟକେନ୍ଦ୍ରକୁ ସମ୍ଭାଳି ପାରୁନି। ସେ ଜେନେରେଟର ବର୍ତ୍ତମାନ ଅଚଳ ଅବସ୍ଥାରେ ରହିଛି। କେତେବେଳେ ଷ୍ଟାର୍ଟ ହେଉଛି ତ କେତେବେଳେ ହେଉନାହିଁ। ଯଦ୍ୱାରା ନିରୀହ ରୋଗୀ ହନ୍ତସନ୍ତ ହେଉଛନ୍ତି। ଏ ସଂକ୍ରାନ୍ତରେ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀଙ୍କୁ




**କାମରେ ଆସୁନି ଜେନେରେଟର; ହନ୍ତସନ୍ତ ରୋଗୀ**

ପଚରା ଯିବାରେ ତୁମୁଡିବନ୍ଧ ଅଞ୍ଚଳରେ ବେପରୁଆ ବିଜୁଳି କାଟ କରାଯାଉଛି। ଏଥିଯୋଗୁ ଏସବୁ ସମସ୍ୟା ଦେଖାଯାଉଛି। ଯଦି ବି ବିଦ୍ୟୁତ ରହୁଛି ଲୋ-ଭୋଲଟେଜ କାରଣରୁ ଏକ୍ସରେ ମେସିନ କାର୍ଯ୍ୟକାରୀ ହେଇପାରୁନି। ଦିନ ୧୧ଟାରୁ ୧୨ଟା ପର୍ଯ୍ୟନ୍ତ ଭୋଲଟେଜ ରହୁଛି। ଭୋଲଟେଜ ରହିଲେ ଏକ୍ସ ମେସିନ କାମ କରୁଛି। ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ରହିଥିବା ଜେନେରେଟର ଅତି ପୁରୁଣା। ଏହାକୁ ବାରମ୍ବାର ମରାମତି କଲେ ମଧ୍ୟ ଷ୍ଟାର୍ଟ ହୋଇପାରୁନି। ବାରମ୍ବାର ପ୍ରଚେଷ୍ଟା ପରେ ଷ୍ଟାର୍ଟ ହେଲେ ଏହା ରଞ୍ଜନରଶ୍ମି ମେସିନର ଭାର ସମ୍ଭାଳିପାରୁନି। ଏନେଇ ଜିଲ୍ଲା ମୁଖ୍ୟ ଅଧିକାରୀଙ୍କୁ ବାରମ୍ବାର ଲିଖିତ ଓ ସାକ୍ଷାତ କରି ଅଭିଯୋଗ କରିଥିଲେ ମଧ୍ୟ ଉକ୍ତ ସମସ୍ୟାର ସମାଧାନ ହୋଇପାରୁନି ବୋଲି କହିଛନ୍ତି। ତୁମୁଡିବନ୍ଧ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ନୂତନ ଜେନେରେଟର ଯୋଗାଇଦେବାକୁ ଅଞ୍ଚଳବାସୀ ଓ ବୁଦ୍ଧିଜୀବୀ ଦାବି କରିଛନ୍ତି।

# ବିଧାୟକଙ୍କ ବିଏନ୍ ପ୍ୟାଲେସ୍ ପରିଦର୍ଶନ

ପାରଳାଖେମୁଣ୍ଡି,୮ ।୬(ସମିସ): ପାରଳାଖେମୁଣ୍ଡି ବିଧାୟକ ଇଂ. ରୂପେଶ କୁମାର ପାଣିଗ୍ରାହୀ ଐତିହ୍ୟ ସମ୍ପନ୍ନ ତଥା ପର୍ଯ୍ୟଟନ କ୍ଷେତ୍ର ମାନ୍ୟତା ପାଇଥିବା ବି.ଏନ୍. ପ୍ୟାଲେସ୍ ପରିଦର୍ଶନ କରିଥିଲେ। ବିଧାୟକ ଶ୍ରୀ ପାଣିଗ୍ରାହୀ ବିଏନ୍ ପ୍ୟାଲେସ୍‌ର ସମସ୍ତ ସ୍ଥାନ ବୁଲି ଦେଖିଥିଲେ। ବର୍ତ୍ତମାନର ଅବସ୍ଥା ଦେଖି ଆଶ୍ଚର୍ଯ୍ୟ ପ୍ରକଟ କରିଥିଲେ। ରକ୍ଷଣାବେକ୍ଷଣ ଅଭାବରୁ ବୃନ୍ଦାବନ ପ୍ୟାଲେସ ଜରାଜୀର୍ଣ୍ଣ ହୋଇଯାଇଛି। ସ୍ୱତନ୍ତ୍ର ପ୍ରଦେଶ ଗଠନର ପ୍ରମୁଖ ଭୂମିକା ଓ ଓଡ଼ିଆ ଅସ୍ମିତାର ବାର୍ତ୍ତା ବହନ କରୁଥିବା ଏହି ଐତିହ୍ୟ ପ୍ୟାଲେସ୍ ପ୍ରତି ବାରମ୍ବାର ଅବହେଳା କରାଯାଉଛି। ଯାହାଫଳରେ




ଦ୍ୱିତଳ ବିଶିଷ୍ଟ ଏହି ସୌଧ କିଛି ସ୍ଥାନରେ ବିପଦସଂକୁଳ ଅବସ୍ଥାରେ ରହିଥିବା ବେଳେ ଛାତରେ ଫାଟ ଦେଖାଦେଇଛି।

ଚାରିଆଡେ କାନ୍ଥରେ ଅନାବନା ଗଛ ଉଠିବା ଯୋଗୁଁ ଭାଙ୍ଗିବା ପରିସ୍ଥିତି ସୃଷ୍ଟି ହୋଇଛି। ସୌଧ ସୌନ୍ଦର୍ଯ୍ୟ ହରାଉଛି। ସେହିପରି ଏଥିରେ ଥିବା କିଛି ମୂଲ୍ୟବା ସାମଗ୍ରୀ ଚୋରି ହୋଇଥିବା ଘଟଣାକୁ ନେଇ ବିଧାୟକ ଦୁଃଖ ପ୍ରକାଶ କରିଛନ୍ତି। ରାଜ୍ୟ ସରକାର ଐତିହ୍ୟ ବହନ କରୁଥିବା ଏହି ବି.ଏନ୍. ପ୍ୟାଲେସ୍‌ର ରକ୍ଷଣାବେକ୍ଷଣ ପ୍ରତି ଆଦୌ ଧ୍ୟାନ ନଦେବା କାରଣରୁ ଏଭଳି ପରିସ୍ଥିତି ସୃଷ୍ଟି ହୋଇଛି ବୋଲି ବିଧାୟକ ଶ୍ରୀ ପାଣିଗ୍ରାହୀ ଅଭିଯୋଗ କରିଛନ୍ତି।

ସୂଚନା ଯୋଗ୍ୟ ଯେ, ଏକମାସ ହେଲା ବି.ଏନ୍. ପ୍ୟାଲେସ୍ ସିଡିର ରେଲିଂ ଚୋରି ଘଟଣାକୁ ନେଇ ବହୁ ଚର୍ଚ୍ଚାର ଘେରରେ ରହିଛି। ବିଧାୟକଙ୍କ ପରିଦର୍ଶନ ସମୟରେ ଜିଲ୍ଲା ପରିଷଦ ସଭ୍ୟ ଏସ୍. ବାଲାରାଜୁ ଉପସ୍ଥିତ ଥିଲେ।

# ପାରଳାଖେମୁଣ୍ଡିର ରାସ୍ତା ପ୍ରଶସ୍ତିକରଣ କାମ ପୁଣି ଆରମ୍ଭ

ପାରଳାଖେମୁଣ୍ଡି,୮ ।୬(ସମିସ): ଗଜପତି ଜିଲ୍ଲାର ସଦରମହକୁମା ପାରଳାଖେମୁଣ୍ଡିରେ ରାସ୍ତା ପ୍ରଶସ୍ତିକରଣ କାମ ପୁଣି ଥରେ ଆରମ୍ଭ ହୋଇଛି। ରବିବାର ସହରର ଶ୍ରୀ କୃଷ୍ଣଚନ୍ଦ୍ର ଗଜପତି ଛାତ୍ରାବାସ ସମ୍ମୁଖ ନାଳକୁ ପୂର୍ତ୍ତ ବିଭାଗ ତରଫରୁ ଖନନ କରାଯାଉଥିବା ଦେଖାଯାଇଥିଲା। କିଛି ଦିନ ପୂର୍ବେ ରାସ୍ତା ପ୍ରଶସ୍ତିକରଣ କାମ ଆରମ୍ଭ ହୋଇଥିଲା। କିନ୍ତୁ ବିଭାଗ ତରଫରୁ କରାଯାଉଥିବା ପ୍ରଶସ୍ତିକରଣ କାମ ଆବଶ୍ୟକତା ଠାରୁ କମ୍ ଓସାରରେ କରାଯାଉଥିବା ସମ୍ପର୍କରେ ବିଜେପି ସମେତ ଜନସାଧାରଣ ପୂର୍ତ୍ତ ବିଭାଗ ଓ ଜିଲ୍ଲା ପ୍ରଶାସନ ନିକଟରେ ପ୍ରତିବାଦ କରିଥିଲେ। ଓସାରିଆ ରାସ୍ତା ନିର୍ମାଣ ହେବା ଯାଏଁ ରାସ୍ତା କାମ ବନ୍ଦ କରାଯାଇଥିଲା। ହେଲେ ଆଜି ପୁଣିଥରେ କାମ ଆରମ୍ଭ ହୋଇଛି। ଅନ୍ୟପକ୍ଷରେ ଦାବି ମୁତାବକ କାମ ହେଉଛି କି ନାହିଁ ସେ ସମ୍ପର୍କରେ କିଛି କୁହାଯାଇନାହିଁ।

**ନିର୍ମାଣ ଓ ହସ୍ତାନ୍ତର ସତ୍ତ୍ୱେ ସଚଳ ହେଉନି ଶୌଚାଳୟ**

# ଜରାଜୀର୍ଣ୍ଣ ଶୌଚାଳୟ; ହନ୍ତସନ୍ତ ଜନସାଧାରଣ




ଟିକାବାଲି,୮।୬(ସମିସ): ଟିକାବାଲି ବଜାର ଅପେକ୍ଷା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ସମ୍ମୁଖ ଛକ ଅଧିକ ଜନଗହଳି ପୂର୍ଣ୍ଣ ରହିଥାଏ। ପ୍ରତିଦିନ ଦିନ ସକାଳୁ ସନ୍ଧ୍ୟା ପର୍ଯ୍ୟନ୍ତ ସ୍ୱାସ୍ଥ୍ୟକେନ୍ଦ୍ର ଛକରେ ଜନସମାଗମ ଯଥେଷ୍ଟ ଅଧିକ ହୋଇଥାଏ। କାରଣ ଛକରେ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ସମେତ ନିକଟରେ ନୂଆ ବସଷ୍ଟାଣ୍ଡ ରହିଛି। ରୋଗୀ ଓ ସମ୍ପର୍କୀୟ ତଥା ବସଷ୍ଟାଣ୍ଡକୁ ଆସୁଥିବା ଯାତ୍ରୀଙ୍କ ଭିଡ଼ ଏବଂ ସ୍ଥାନୀୟ ଲୋକଙ୍କ ଗହଳି ମଧ୍ୟ ଏହି ଛକରେ ଦେଖିବାକୁ ମିଳିଥାଏ। ଜନଗହଳି ସ୍ଥାନ ଲକ୍ଷ୍ୟ କରି ଛକରେ ଏକ ଶୌଚାଳୟ ନିର୍ମାଣ କରିବାକୁ ଦାବି କରାଯାଇଥିଲା। ଦାବି ପ୍ରକାରେ ଛକରେ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ସମ୍ମୁଖରେ ଏକ ସୁଲଭ ଶୌଚାଳୟ ନିର୍ମାଣ କରାଯାଇଛି। ହେଲେ ଏଠାରେ ପାଣି ସୁବିଧା ନଥିବାରୁ ତାହା କାର୍ଯ୍ୟକାରୀ ହୋଇପାରୁନଥିବା ଗଣମାଧ୍ୟମରେ ପ୍ରକାଶ ପାଇଥିଲା। ସମସ୍ୟାକୁ ଦୃଷ୍ଟିରେ ରଖି ସେଠାରେ ଏକ ବୋରିଂ ଖୋଲାଯାଇ ଶୌଚାଳୟକୁ ସଂଯୋଗ କରାଯାଇଛି। ଏହା ସତ୍ତ୍ୱେ ପ୍ରାୟ ବର୍ଷେ ହେଲା ଶୌଚାଳୟ କାର୍ଯ୍ୟକ୍ଷମ ହୋଇପାରୁନି। ଅବ୍ୟବହୃତ ରହିଥିବାରୁ ସେଠାରେ ଦୂଷିତ ପରିବେଶ ସୃଷ୍ଟି ହୋଇଛି। ବର୍ତ୍ତମାନ ଶୌଚାଳୟ ସମ୍ମୁଖରେ ଦୋକାନୀ ଅଳିଆ ଆବର୍ଜନା ପକାଉଥିବା ଦେଖିବାକୁ ମିଳିଛି। ସ୍ଥାନୀୟ ପ୍ରଶାସନ ନିରବଦ୍ରଷ୍ଟା ସାଜିଛି।

ସେହିପରି ଟିକାବାଲି ପୁରୁଣା ବସଷ୍ଟାଣ୍ଡରେ ଥିବା ଶୌଚାଳୟ ଜରାଜୀର୍ଣ୍ଣ ଅବସ୍ଥାରେ ଥିବାରୁ ଲୋକେ ନାହିଁ ନଥିବା ଅସୁବିଧା ସମ୍ମୁଖୀନ ହେଉଛନ୍ତି। ପୁରୁଣା ବସଷ୍ଟାଣ୍ଡରେ ଶୌଚାଳୟ ନିର୍ମାଣ ହେବାପରେ ଟେଣ୍ଡର ପାଇଥିବା ବ୍ୟକ୍ତି ଆଉ ଜଣକୁ ଦାୟିତ୍ୱ ଦେଇ କେଉଁଆଡେ ଉଭାନ ହୋଇଯାଇଛନ୍ତି। ବର୍ତ୍ତମାନ ଉକ୍ତ ଶୌଚାଳୟ ଦୟନୀୟ ଅବସ୍ଥାରେ ରହିଛି। ବର୍ତ୍ତମାନ ସରକାର ସ୍ୱଚ୍ଛ ଭାରତ ଅଭିଯାନକୁ ଗୁରୁତ୍ୱ ଦେଉଥିବା ବେଳେ ଟିକାବାଲିରେ ଉତ୍ତମ ଶୌଚାଳୟ ନ ଥିବା ଯୋଗୁଁ ସାଧାରଣରେ ପ୍ରତିକ୍ରିୟା ପ୍ରକାଶ ପାଉଛି। ସମସ୍ୟା ସମ୍ପର୍କରେ ଗୋଷ୍ଠୀ ଉନ୍ନୟନ ଅଧିକାରୀ ନାରାୟଣ ଦୀକ୍ଷିତଙ୍କୁ ପଚାରିବାରୁ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ସମ୍ମୁଖ ଛକରେ ଥିବା ଶୌଚାଳୟର ନିର୍ମାଣ କାମ ସମ୍ପୂର୍ଣ୍ଣ ହେବା ସହ ହସ୍ତାନ୍ତର ହୋଇଛି। କିଛି ଦିନ ମଧ୍ୟରେ ଏହା ଚାଲୁ କରାଯିବାକୁ ଉଦ୍ୟମ କରାଯାଉଛି ବୋଲି କହିଛନ୍ତି।

**● ଜି.ଉଦୟଗିରି ଠାକୁରାଣୀ ଯାତ୍ରା**

# ଅସ୍ଥାୟୀ ମଣ୍ଡପରେ ଏକାଠି ପୂଜା ପାଇଲେ ପଞ୍ଚ ଠାକୁରାଣୀ



ଜି.ଉଦୟଗିରି,୮।୬(ସମିସ): ଜି.ଉଦୟଗିରିରେ ଆରମ୍ଭ ହୋଇଥିବା ଠାକୁରାଣୀ ଯାତ୍ରାର ଦ୍ୱିତୀୟ ଦିନରେ ଅସ୍ଥାୟୀ ମଣ୍ଡପରେ ଏକାଠି ପୂଜା ପାଇଛନ୍ତି ପଞ୍ଚ ଠାକୁରାଣୀ। ମା' ସେସିବାଲି, ମା ତାରାତାରିଣୀ, ମା କନ୍ଧୁଣୀ ଦେବୀ, ଗ୍ରାମଦେବତୀଙ୍କ ସହିତ ମା ବରାଳିନୀଙ୍କ ଘଟ ସ୍ଥାପନ ସହିତ ଆରମ୍ଭ ହୋଇଛି ସ୍ୱତନ୍ତ୍ର ରୀତିନୀତି। ସକାଳ ଧୂପ, ବାଳ ଭୋଗ ସହିତ ସନ୍ଧ୍ୟାରେ ଘଟ ସ୍ଥାପନ କରାଯାଇ ହୋଇଛି ସନ୍ଧ୍ୟା ଆଳତୀ। ଏଥିଯୋଗୁ ଅସ୍ଥାୟୀ ମଣ୍ଡପରେ ଲାଗି ରହିଛି ଗହଳି। କାର୍ଯ୍ୟକ୍ରମରେ ଜିଲ୍ଲା ଓ ଜିଲ୍ଲା ବାହାରୁ ବିଭିନ୍ନ ସାଂସ୍କୃତିକ ଦଳ ଭାଗ ନେଉଥିବା ବେଳେ ସହରରେ ଲାଗିଛି ଭକ୍ତଙ୍କ ଭିଡ଼। ସୋମବାର ଠାରୁ ମାଙ୍କ ଘଟ ବିଭିନ୍ନ ସାହି ପରିକ୍ରମା କରିବା କାର୍ଯ୍ୟକ୍ରମ ସହ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ରହିଛି। ପୁଲିସ ପକ୍ଷରୁ ବ୍ୟାପକ ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇଛି। ସ୍ୱତନ୍ତ୍ର ପୂଜା ପାଇଁ ପୁରୋହିତ ସୂର୍ଯ୍ୟକାନ୍ତ ଆଚାର୍ଯ୍ୟଙ୍କ ସହିତ ସନ୍ତୋଷ କୁମାର କର, ସୁଦାମ ଶତପଥୀ, କାହ୍ନୁଚରଣ ପଣ୍ଡା, ନିରଞ୍ଜନ ପଣ୍ଡା, ରୁଦ୍ର ପ୍ରସାଦ ତ୍ରିପାଠୀ ରହିଛନ୍ତି। କର୍ତ୍ତା ଭାବେ ମଧୁ ସୁଦନ ରଥ, ବେଶୀ ଦେହେରା ଭାବେ ଓମ ପ୍ରକାଶ ପାତ୍ର ଦାୟିତ୍ୱ ତୁଲାଉଛନ୍ତି।

# ଜିଲ୍ଲା ମୁଖ୍ୟ ଚିକିତ୍ସା କେନ୍ଦ୍ରରେ ରୋଗୀସେବା ବିପର୍ଯ୍ୟସ୍ତ

ପାରଳାଖେମୁଣ୍ଡି,୮ ।୬(ସମିସ): ଆଦିବାସୀ ଅଧ୍ୟୁଷିତ ଗଜପତି ଜିଲ୍ଲାର ସଦରମହକୁମା ପାରଳାଖେମୁଣ୍ଡିସ୍ଥିତ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟର ପରିଚାଳନା ଠାରୁ ଆରମ୍ଭ କରି ରୋଗୀସେବା ବିପର୍ଯ୍ୟସ୍ତ ହୋଇପଡିଛି। ଏହି ଚିକିତ୍ସାଳୟ ଉପରେ ପାରଳାଖେମୁଣ୍ଡି ତଥା ଜିଲ୍ଲାର ୭ ବ୍ଲକର ଲୋକ ସହିତ ପଡୋଶୀ ରାୟଗଡା ଜିଲ୍ଲାର ପଦ୍ମପୁର ଓ ଗୁଣୁପୁର, ଆନ୍ଧ୍ରପ୍ରଦେଶ ଶ୍ରୀକାକୁଲମ ଜିଲ୍ଲାର ପାଥପାଟନାମ, ମିଳିଆପୁଟି ମଣ୍ଡଳ, ହିର ମଣ୍ଡଳମ୍ ଓ କାଶୀବୁଗା ଅଞ୍ଚଳର କିଛି ଅଞ୍ଚଳବାସୀ ନିର୍ଭରଶୀଳ। ଏତେ ଲୋକ ନିର୍ଭର କରୁଥିଲେ ମଧ୍ୟ ପାରଳାଖେମୁଣ୍ଡି ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଡାକ୍ତର, ନର୍ସ, ଇଣ୍ଡୋର ଓ ଆଉଟ୍‌ଡୋରରେ କର୍ମଚାରୀ ଅଭାବ ରହିଛି। ସିଂହ ଭାଗ କାମ ଆଉଟ୍‌ସୋର୍ସିଂ ଦ୍ୱାରା କରାଯାଉଛି। ଜିଲ୍ଲା ମୁଖ୍ୟ ଚିକିତ୍ସା କେନ୍ଦ୍ରରେ ସବୁ ରୋଗର ଅଧିକ ଚିକିତ୍ସା ପାଇଁ ବ୍ରହ୍ମପୁର ସ୍ଥିତ ମହାରାଜା କୃଷ୍ଣଚନ୍ଦ୍ର




ଗଜପତି ଭେଷଜ ମହାବିଦ୍ୟାଳୟକୁ ବହୁ ରୋଗୀଙ୍କୁ ରେଫର କରିଦିଆଯାଉଛି। ଯେଉଁ ଛୋଟମୋଟ ରୋଗର ଏଠାରେ ଚିକିତ୍ସା ହେଉଛି ତାହା ମଧ୍ୟ ଠିକ ଭାବେ ହେଉ ନ ଥିବା ଅଭିଯୋଗ ହେଉଛି। ଜିଲ୍ଲା ମୁଖ୍ୟ ଚିକିତ୍ସା କେନ୍ଦ୍ରରେ କୌଣସି ସେବା ମିଳୁନାହିଁ ବୋଲି ରୋଗୀ ତଥା ସେମାନଙ୍କ ସମ୍ପର୍କୀୟ ଅଭିଯୋଗ କରିଛନ୍ତି। ଇନ୍‌ଡୋର ରୋଗୀଙ୍କ ସମ୍ପର୍କୀୟ ଡାକ୍ତର ଲେଖିଥିବା ବିଭିନ୍ନ ପରୀକ୍ଷା ପାଇଁ ଇଣ୍ଡୋର୍ ଷ୍ଟାଫ୍ ଓ ୭୨ ନମ୍ବର ତଥା ନିଦାନ କୁହାଯାଉଥିବା ଗୃହରେ କାର୍ଯ୍ୟରତ କର୍ମଚାରୀଙ୍କୁ ରକ୍ତ ନମୂନା ନେବା ପାଇଁ ନେହୁରା ହେଉଛନ୍ତି। ହେଲେ କାର୍ଯ୍ୟରତ କର୍ମଚାରୀ ରୋକ୍‌ଠୋକ୍ ଭାବେ ରକ୍ତ ନମୂନା ସଂଗ୍ରହ ପାଇଁ ଯିବୁନାହିଁ ବୋଲି କହୁଛନ୍ତି। ଜଣେ ରୋଗୀ ଇନ୍‌ଡୋରରେ ଶଯ୍ୟାରେ ପଡି ରହିଥିବା ବେଳେ ଇନ୍‌ଡୋର୍ ଠାରୁ ଅନୁମାନିକ ୬୦ ରୁ ୧୦୦ ମିଟର ଦୂରରେ ଥିବା ୭୨ ନମ୍ବର କଠୋରୀକୁ ଯିବେ କିପରି ଏବଂ ତାଙ୍କ ସ୍ୱାସ୍ଥ୍ୟ ଅବସ୍ଥା ପ୍ରତି କୌଣସି ଅଘଟଣ ଘଟିଲେ ସେଥି ପାଇଁ ଦାୟୀ ରହିବ କିଏ ବୋଲି ପ୍ରଶ୍ନ ହେଉଛି।

ଏଠାରେ ସୂଚନାଯୋଗ୍ୟ ଯେ, ଗତ କିଛିଦିନ ହେବ ବହୁ ସଂଖ୍ୟାରେ ଆଉଟ୍‌ସୋର୍ସିଂ କର୍ମଚାରୀଙ୍କୁ ଛଟେଇ ହେବା ପରଠାରୁ ଇନ୍‌ଡୋରରେ ଏହି ରକ୍ତ ନମୂନା ସଂଗ୍ରହ ଦାୟିତ୍ୱ ନିଦାନ କର୍ମଚାରୀଙ୍କୁ ଦିଆଯାଇଛି। କିନ୍ତୁ କର୍ମଚାରୀ ଅଭାବ ବିଷୟରେ ରୋଗୀ ଓ ରୋଗୀଙ୍କ ସମ୍ପର୍କୀୟ ଜାଣି ନଥିବାରୁ ଇନ୍‌ଡୋରରେ କାର୍ଯ୍ୟରତ ଥିବା ନର୍ସିଂ ଷ୍ଟାଫ୍‌କୁ ଅସୁବିଧା ପାଇଁ ଦାୟୀ କରୁଛନ୍ତି। କେବଳ ନିଦାନ କେନ୍ଦ୍ରରେ ବସି ଯେଉଁ ରୋଗୀ ଆସିଲେ ସେମାନଙ୍କର ରକ୍ତ ନମୂନା ସଂଗ୍ରହ କରିବା ଛଡା ଅନ୍ୟ ରୋଗୀଙ୍କ ପାଇଁ ସେମାନେ କାମ ନକରିବା ରୋଗୀ ଓ ରୋଗୀଙ୍କ ସମ୍ପର୍କୀୟଙ୍କ ମହଲରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। ଚିକିତ୍ସା କେନ୍ଦ୍ରର କର୍ତ୍ତୃପକ୍ଷଙ୍କ ପରିଚାଳନାଗତ ତ୍ରୁଟି ଲାଗି ଠକ କର୍ମଚାରୀ ଅବହେଳା ପ୍ରଦର୍ଶନ କରୁଥିବା ବେଳେ ଇନ୍‌ଡୋରରେ ରହିଥିବା ହାତଗଣତି ନର୍ସିଂ ଷ୍ଟାଫ୍ ଲୋକଙ୍କ ରୋଷର ଶିକାର ହେଉଛନ୍ତି। ଜିଲ୍ଲାରେ କିଛିଦିନ ପୂର୍ବେ ୫୯ ଆଉଟ୍‌ସୋର୍ସିଂ ଷ୍ଟାଫ୍‌ଙ୍କୁ ବାହାର କରାଯାଇଥିବା ବେଳେ ରକ୍ତ ନମୂନା ସଂଗ୍ରହ ଦାୟିତ୍ୱ ପାଇଁ ନିଦାନର ୯ ଜଣ କର୍ମଚାରୀଙ୍କୁ ଡିଏମ୍‌ଓ ଦାୟିତ୍ୱ ଦିଆଯାଇଛି। କିନ୍ତୁ ସେମାନେ ରୋଗୀ ନିଦାନ ନିକଟକୁ ଆସିଲେ ରକ୍ତ ନମୂନା ସଂଗ୍ରହ କରୁଛନ୍ତି ନଚେତ୍ ବସି ବସି ଘରକୁ ଯାଉଛନ୍ତି। ଇନ୍‌ଡୋରରେ ୨୦ରୁ ୨୫ ନର୍ସିଂ ଷ୍ଟାଫ୍ ଆବଶ୍ୟକ ଥିବାବେଳେ ହାତଗଣତି କିଛି ଷ୍ଟାଫ୍ ଅଧିକ ସମୟ ଡ୍ୟୁଟି କରି ଲୋକଙ୍କର ରୋଷର ଶିକାର ହେଉଛନ୍ତି। ସମସ୍ୟା ସମାଧାନ ଦିଗରେ ଜିଲ୍ଲା ସ୍ୱାସ୍ଥ୍ୟ ବିଭାଗ ତୁରନ୍ତ ପଦକ୍ଷେପ ଗ୍ରହଣ କରିବାର ଆବଶ୍ୟକତା ରହିଛି।

# ପତଞ୍ଜଳି ଯୋଗ ସମିତିର ଜିଲ୍ଲାସ୍ତରୀୟ ବୈଠକ



ଫୁଲବାଣୀ/ଜି.ଉଦୟଗିର,୮।୬(ସମିସ): ଫୁଲବାଣୀ ଏସ୍‌ଏସ୍ ନର୍ସରୀ ସ୍କୁଲ ପରିସରରେ କନ୍ଧମାଳ ଜିଲ୍ଲା ପତଞ୍ଜଳି ଯୋଗ ସମିତର ଜିଲ୍ଲାସ୍ତରୀୟ ବୈଠକ ଅନୁଷ୍ଠିତ ହୋଇଯାଇଛି। ପତଞ୍ଜଳି ଯୋଗ ସମିତି ଜିଲ୍ଲା ଯୋଗ ପ୍ରଭାରୀ ବଟକୃଷ୍ଣ ଦାଶଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଦେବାଶିଷ ପୁରୋହିତ ଯୋଗ ଦେଇ ସଂଗଠନ ବିଭିନ୍ନ ଦିଗ ଉପରେ ଆଲୋଚନା କରିବା ସହିତ ଆଗକୁ ଆସୁଥିବା ବିଶ୍ୱ ଯୋଗ ଦିବସରେ ପତଞ୍ଜଳି ଯୋଗ ସମିତି କିଭଳି ପ୍ରମୁଖ ଭୂମିକା ନେଇ ସହରରୁ ପଲ୍ଲୀ ପର୍ଯ୍ୟନ୍ତ ଯୋଗର ପ୍ରଚାର ପ୍ରସାର କରିବ ସେ ସମ୍ପର୍କରେ ଆଲୋକପାତ କରିଥିଲେ। ଏହା ସହିତ ସଙ୍ଗଠନର ନୂତନ କର୍ମକର୍ତ୍ତା ଚୟନ କରାଯାଇଥିଲା। ଭାରତ ସ୍ୱାଭିମାନ ଟ୍ରଷ୍ଟ ଜିଲ୍ଲା ପ୍ରଭାରୀ ଭାବେ ଶ୍ୟାମ ସୁନ୍ଦର ପଣ୍ଡା, ପତଞ୍ଜଳି ଯୋଗ ସମିତି ଜିଲ୍ଲା ଯୋଗ ପ୍ରଭାରୀ ଭାବେ ବଟକୃଷ୍ଣ ଦାଶ, ଯୁବା ପ୍ରଭାରୀ ଭାବେ ନିରଞ୍ଜନ ପାଣ୍ଡେ, ମହିଳା ପତଞ୍ଜଳି ଯୋଗ ସମିତି ଜିଲ୍ଲା ପ୍ରଭାରୀ ଜ୍ୟୋତ୍ସ୍ନାରାଣୀ ସାଠୁଆ ଏବଂ ସୁମିତ୍ରା ପାତ୍ର, କିଷାନ ପ୍ରଭାରୀ ବାଳ କୃଷ୍ଣ ଦିଗାଳ, କୋଷାଧ୍ୟକ୍ଷ କୁମାର କୁନ୍ଦନ ସିଂ, ସଂଗ୍ରାହକ ରାଜେନ୍ଦ୍ର ମହାପାତ୍ର, ସୋସିଆଲ ମିଡିଆ ପ୍ରଭାରୀ ଅରୁଣ କୁମାର ମହାନ୍ତି, ଉପଦେଷ୍ଟା ମଣ୍ଡଳୀରେ ଡା.ସତ୍ୟ ନାରାୟଣ ପଟ୍ଟନାୟକ, ଚତୁର୍ଭୂଜ ସାହୁ, ସନ୍ତୋଷ କୁମାର ପ୍ରଧାନ, ଶ୍ରବଣ କୁମାର ପାତ୍ର ଓ ଆର୍ତ୍ତତ୍ରାଣ ଦଣ୍ଡସେନା ଅଛନ୍ତି।

# ମିଳୁନି ଜମି ପଟ୍ଟା; ଉପଜିଲ୍ଲାପାଳଙ୍କୁ ଚାଷୀଙ୍କ ଦାବିପତ୍ର



ବାଲିଶଙ୍କରା,୮।୬(ସମିସ): ବାଲିଶଙ୍କରା ବ୍ଲକ୍ କୁରେଇ ପଞ୍ଚାୟତର ଲମଟି ଗ୍ରାମର ଚାଷୀଙ୍କୁ ଜମି ପଟ୍ଟା ମିଳୁ ନଥିବା ଅଭିଯୋଗ ହୋଇଛି। ଦୀର୍ଘଦିନ ଧରି ଗାଁରେ ୮୨ ପରିବାର ବସବାସ କରୁଥିବାବେଳେ ଜନସଂଖ୍ୟା ୩୦୦ରୁ ଅଧିକ ରହିଛି। ଏମାନେ ଜଙ୍ଗଲଜାତ ଦ୍ରବ୍ୟ ସଂଗ୍ରହ ସହ ଧାନଚାଷ କରି ଜୀବନଜୀବିକା ନିର୍ବାହ କରିଥାନ୍ତି।୧୯୮୨ ମସିହାରୁ ରାଜସ୍ୱ ଗ୍ରାମ ପାଇଁ ସର୍ଭେ ହୋଇଥିବା ବେଳେ ୧୯୮୭ ମସିହା ପର୍ଯ୍ୟନ୍ତ ସର୍ଭେ କରାଯାଇଥିଲା। ୨୦୧୧ ମସିହାରେ ଲମଟି ଗ୍ରାମର ୩୫ ଜଣ ପ୍ରଜାଙ୍କୁ ଚାଷ ଜମି ପଟ୍ଟା ମିଳିଲା।୧୧ ଜଣଙ୍କୁ ଭୂମିହୀନ ଭାବେ ୪ ଡ଼ିସିମିଲ ବାସଗୃହ ପାଇଁ ପଟ୍ଟା ପ୍ରଦାନ କରାଯାଇଥିଲା। ହେଲେ ଅତ ପରିତାପର ବିଷୟ କି ଉକ୍ତ ଗ୍ରାମରେ ୩୬ ଜଣ ପ୍ରଜା ସରକାରୀ ପଟ୍ଟା ପାଇବାରୁ ବଞ୍ଚିତ ଥିବା ନେଇ ସୁନ୍ଦରଗଡ଼ ଉପଜିଲ୍ଲାପାଳ, ବାଲିଶଙ୍କରା ତହସିଲଦାରଙ୍କୁ ଲିଖିତ ଅଭିଯୋଗ ଜଣାଇଛନ୍ତି। ଏମାନେ ଗ୍ରାମର ବିଭିନ୍ନ ସରକାରୀ ଯୋଜନାରୁ ବଞ୍ଚିତ ରହୁଥିବାରୁ ତୁରନ୍ତ ପଦକ୍ଷେପ ନେବା ପାଇଁ ଦାବି କରିଛନ୍ତି।

# ଜୁଆଖେଳରୁ ହତ୍ୟା ମାମଲା; ଜଣେ ଗିରଫ

ସୁନ୍ଦରଗଡ,୮।୬(ସମିସ): ଲେଫ୍ରିପଡା ଥାନା ଅନ୍ତର୍ଗତ ରାଏଡିହି ସଂରକ୍ଷିତ ଜଙ୍ଗଲରେ ଜୁଆ ଖେଳରୁ ହୋଇଥିବା ହତ୍ୟାକାଣ୍ଡ ମାମଲାରେ ପୁଲିସ ଜଣେ ଅଭିଯୁକ୍ତକୁ ଗିରଫ କରିଛି। ଅଭିଯୁକ୍ତ ଜଣକ ବିଜାଡିହି ଗ୍ରାମର ତୁଳେଶ୍ୱର ଓରଫ ଉମାକାନ୍ତ ଗନ୍ଧା (୪୫)। ଲେଫ୍ରିପଡା ଥାନା ପୁଲିସ ସଦର ଏସଡିପିଓ ନିର୍ମଳ କୁମାର ମହାପାତ୍ରଙ୍କ ନେତୃତ୍ୱରେ ଛାନଭିନ ଚଳାଇଥିଲା। ତେବେ କୋର୍ଟରେ ଜାମିନ ନ ମିଳିବାରୁ ତାଙ୍କୁ ସୁନ୍ଦରଗଡ ବିଚାର ବିଭାଗୀୟ ଜେଲ ହାଜତକୁ ପଠାଇ ଦିଆଯାଇଛି। ସୂଚନାଯୋଗ୍ୟ, ଅଭିଯୁକ୍ତ ଏବଂ ତାଙ୍କ ସ୍ତ୍ରୀ ପିତୃହତ୍ୟା ଅଭିଯୋଗରେ ଗତ ଦିନରେ ଅନେକ ଦିନ ଜେଲରେ ରହି କିଛ ମାସ ପୂର୍ବେ ଜେଲରୁ ମକୁଳି ଥିଲେ।



ପୁଲିସ ତଦନ୍ତ ଅନୁଯାୟୀ, ଘଟଣା ଦିନ ଅଭିଯୁକ୍ତ ତୁଳେଶ୍ୱର ଏବଂ ମୃତକ ହେମଗିରି ଥାନା ଅନ୍ତର୍ଗତ ବିହାଜୋର ଗ୍ରାମର ରଙ୍କନିଧି ଓରାମ (୪୩) ରାଏଡିହି ସଂରକ୍ଷିତ ଜଙ୍ଗଲରେ ଜୁଆ ଖେଳି ଥିଲେ। ଜୁଆ ଖେଳିବା ସମୟରେ ସେମାନେ ମଦ ପିଇ ମାତାଲ ହୋଇ ଉଠିଥିଲେ। ଜୁଆ ଖେଳରେ ହାର ଜିତକୁ ନେଇ ଉଭୟଙ୍କ ମଧ୍ୟରେ ବଚସା ହୋଇଥିଲା। ଏଥିରେ ତୁଳେଶ୍ୱର ଉତ୍ତେଜିତ ହୋଇ ରଙ୍କନିଧିଙ୍କୁ ପଥରରେ ଛେଚି ହତ୍ୟା କରିଥିଲେ। ଏହାପରେ ସେ ଘଟଣାସ୍ଥଳରୁ ଫେରାର ହୋଇ ଝାରସୁଗୁଡାରେ ଆତ୍ମ ଗୋପନ କରିଥିଲା। ପୁଲିସ ବିଶେଷ ସୂତ୍ରରୁ ସୂଚନା ପାଇ ଅଭିଯୁକ୍ତଙ୍କ ମୋବାଇଲ ଟ୍ରାକିଂ କରି ଝାରସୁଗୁଡାରୁ ଗିରଫ କରିବାରେ ସକ୍ଷମ ହୋଇଥିଲା।

# ଜିଲ୍ଲାସ୍ତରୀୟ ଭିଜନ ଓଡ଼ିଶା ଓ ବିକଶିତ ଭାରତ କାର୍ଯ୍ୟକ୍ରମ



ସୁନ୍ଦରଗଡ,୮।୬(ସମିସ): ଜିଲ୍ଲାସ୍ତରୀୟ ଭିଜନ ଓଡିଶା ଓ ବିକଶିତ ଭାରତ କାର୍ଯ୍ୟକ୍ରମ ସମଗ୍ର ଶିକ୍ଷା ସୁନ୍ଦରଗଡ଼ ତରଫରୁ ଆୟୋଜିତ ହୋଇଯାଇଛି। ସ୍ଥାନୀୟ ପିଏମଶ୍ରୀ ଭବାନୀ ଶଙ୍କର ଉଚ୍ଚ ବିଦ୍ୟାଳୟରେ ଜିଲ୍ଲା ଶିକ୍ଷା ଅଧିକାରୀ ଅମୂଲ୍ୟ କୁମାର ପଧାନଙ୍କ ପ୍ରତ୍ୟେକ୍ଷ ତତ୍ତ୍ୱାବଧାନ ଓ ଜିଲ୍ଲା ଆଦିବାସୀ ଶିକ୍ଷା ସଂଯୋଜକ ଡ଼ଃ ଦୀପକ କୁମାର ଦାସଙ୍କ ସଂଯୋଜନାରେ ଆୟୋଜିତ କାର୍ଯ୍ୟକ୍ରମରେ ସୁନ୍ଦରଗଡ ପୌରପାଳିକାର ଅଧକ୍ଷ ତନୟା ମିଶ୍ର ମୁଖ୍ୟଅତିଥି ଭାବେ ଯୋଗଦେଇ ରାଷ୍ଟ୍ର ଗଠନରେ ଛାତ୍ରଛାତ୍ରୀମାନଙ୍କ ଭୂମିକା ଅତି ଗୁରୁତ୍ୱପୂର୍ଣ୍ଣ ଅଟେ ବୋଲି ମତବ୍ୟକ୍ତ କରିଥିଲେ। ସମ୍ମାନିତ ଅତିଥି ଭାବେ ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ଅଭିମନ୍ୟୁ ମାଝୀ, ଡ. ନୂତନ ଖମାରୀଲ ଉପସ୍ଥିତ ଥିଲେ। ଏଥିରେ ବ୍ଲକରୁ ୮ ଜଣ କରି ସମୁଦାୟ ୧୩୬ ଜଣ ଅଂଶଗ୍ରହଣକାରୀ କନିଷ୍ଠ ଓ ବରିଷ୍ଠ ବିଭାଗ ପ୍ରବନ୍ଧ ଲିଖନ ଓ ଚିତ୍ରାଙ୍କନରେ ଅଂଶ ଗ୍ରହଣ କରିଥିଲେ। କନିଷ୍ଠ ବିଭାଗ ପ୍ରବନ୍ଧ ଲିଖନରେ ସରକାରୀ ଉଚ୍ଚ ବିଦ୍ୟାଳୟ ବଡଗାଁର ଦୀପିକା ବେହେରା ପ୍ରଥମ, ବାସୁଦେବ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଡୁମାବାହାଲର ନୁପୁର କାଲୋ ଦ୍ୱିତୀୟ , ତୃତୀୟ ସ୍ଥାନ ମଦନ ମୋହନ ଉଚ୍ଚ ବିଦ୍ୟାଳୟ ସାନପତ୍ରାପାଲିର ଜୁନିସ୍ମିତା ପ୍ରଧାନ ଅଧିକାର କରିଥିଲେ। ବରିଷ୍ଠ ବିଭାଗ ପ୍ରବନ୍ଧ ଲିଖନରେ ପ୍ରଥମ ସ୍ଥାନରେ ଓଏଭି କୁଆଁରମୁଣ୍ଡାର ପ୍ରିୟା କୁମାରୀ , ଦ୍ୱିତୀୟ ସ୍ଥାନରେ ଓଏଭି ଜହରିଟୋଲିର ଚନ୍ଦ୍ରିକା ରାଣା , ତୃତୀୟ ସ୍ଥାନରେ କିଞ୍ଜିରକେଲା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ରୋଶନୀ ତନ୍ତୀ କୃତକାର୍ଯ୍ୟ ହୋଇଛନ୍ତି । କନିଷ୍ଠ ବିଭାଗ ଚିତ୍ରାଙ୍କନରେ ପ୍ରଥମ ସ୍ଥାନରେ ଓଏଭି ବାବୁନୂଆଗାଁର ସୁଶ୍ରୀ ଶୁଭଶ୍ରୀ ସାମଲ, ଦ୍ୱିତୀୟ ସ୍ଥାନରେ ବିଦ୍ୟାପିଠର ରଶ୍ମି ବୋଦ୍ରା ଦେଓକରଣ ଓ ତୃତୀୟ ସ୍ଥାନରେ ସରକାରୀ ଉଚ୍ଚ ବିଦ୍ୟାଳୟ ବୀରମିତ୍ରପୁରର ବିମଳା ମହାନନ୍ଦିଆ କୃତକାର୍ଯ୍ୟ ହୋଇଛନ୍ତି । ବରିଷ୍ଠ ବିଭାଗ ଚିତ୍ରାଙ୍କନରେ ସରକାରୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ବାଲିଶଙ୍କରର ରାଖି ତନ୍ତୀ ପ୍ରଥମ, ଦ୍ୱିତୀୟ ସ୍ଥାନରେ ଉଜ୍ୱଳପୁର ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ରାଜଶ୍ରୀ ସାହୁ ଓ ତୃତୀୟ ସ୍ଥାନରେ ଓଏଭି ଜହରିଟୋଲର । ଜିଲ୍ଲାସ୍ତରୀୟ ପ୍ରବନ୍ଧ ଓ ଚିତ୍ରକଳା ପ୍ରତିଯୋଗିତାର ପ୍ରତି ବର୍ଗରେ ପ୍ରଥମ ସ୍ଥାନ ଅଧିକାର କରିଥିବା ଶ୍ରେଷ୍ଠ କୃତି ପ୍ରତିଯୋଗୀକୁ ୫ ହଜାର, ଦ୍ୱିତୀୟ ସ୍ଥାନ ଅଧିକାର କରିଥିବା କୃତି ପ୍ରତିଯୋଗୀକୁ ୩ ହଜାର ଓ ତୃତୀୟ ସ୍ଥାନ ଅଧିକାର କରିଥିବା କୃତି ପ୍ରତିଯୋଗୀଙ୍କୁ ୨ ହଜାର ଟଙ୍କାର ଆର୍ଥିକ ପୁରସ୍କାର ପ୍ରଦାନ କରାଯିବାର ବ୍ୟବସ୍ଥା ଅଛି। କାର୍ଯ୍ୟକ୍ରମକୁ ଭବାନୀ ଶଙ୍କର ଉଚ୍ଚ ବିଦ୍ୟାଳୟର ଶିକ୍ଷକ ବିଦୁଭୂଷଣ ନାୟକ, ଶିକ୍ଷୟିତ୍ରୀ ସୁଜାତା ପଟେଲ ଓ ଶ୍ୟାମା ପଟେଲ ପରିଚାଳନା କରିଥିଲେ। ଶେଷରେ ଜିଲ୍ଲା ଶିକ୍ଷା ଅଧିକାରୀ ଅମୂଲ୍ୟ କୁମାର ପଧାନ ଧନ୍ୟବାଦ ଦେଇଥିଲେ।

**ବସ୍‌ରୁ ଗଞ୍ଜେଇ ଜବତ: କଣ୍ଡକ୍ଟର, ଖଲାସୀ ଗିରଫ**

# ପୁଲିସ ପାଇଲାନି; ଅବକାରୀ ବିଭାଗ ଧରିଲା

ଚାରିଛକ, ୮।୬(ସମିସ): ବୌଦ୍ଧ ଜିଲ୍ଲା ହରଭଙ୍ଗା ବ୍ଲକ କୁଶଙ୍ଗରୁ ଚାରିଛକ ଦେଇ ଭୁବନେଶ୍ୱର ଅଭିମୁଖେ ଯାତ୍ରା କରୁଥିବା ଏକ ଘରୋଇ ଯାତ୍ରୀବାହୀ ବସ୍‌ରେ ଗଞ୍ଜେଇ ଜବତ ହୋଇଛି। ଏହି ଘଟଣାରେ ବସର କଣ୍ଡକ୍ଟର, ଖଲାସୀ ଗିରଫ ହୋଇଛନ୍ତି। ବସ୍‌ରେ ଗଞ୍ଜେଇ ଚୋରାଚାଲାଣ ହେଉଥିବା ଖବର ପାଇ ହରଭଙ୍ଗା ଅବକାରୀ ଟିମ୍ ରବିବାର ଚଡ଼ଉ କରିଥିଲା। ଅବକାରୀ ଟିମ ବସ୍‌କୁ ଖୋର୍ଦ୍ଧା - ବଲାଙ୍ଗୀର ୫୭ ନମ୍ବର ଜାତୀୟ ରାଜପଥର ବଦଲା ନିକଟରେ ଅଟକାଇ ଯାଞ୍ଚ କରିଥିଲା। ଯାଞ୍ଚ ପରେ ବସ୍‌ର ସିକ୍ରେଟ ଚ୍ୟାମ୍ବରରୁ ଏକ ପେଟିରେ ଭର୍ତ୍ତିଥିବା ୮ କେଜି ଓଜନର ଗଞ୍ଜେଇ ଜବତ ହୋଇଛି। ଏହି ଘଟଣାରେ ସମ୍ପୃକ୍ତଥିବା ନୟାଗଡ଼ ଜିଲ୍ଲା ଇଟାମାଟି ଥାନା ବିଜିପୁର ଅଞ୍ଚଳର ଗାଡି କଣ୍ଡକ୍ଟର ଲକ୍ଷ୍ମୀଧର ଜାଗଯେଠି ଏବଂ ଫତେଗଡ଼ ଥାନା ଅଞ୍ଚଳର ଖଲାସୀ ବାବୁଲି ମାଣ୍ଡୋଇକୁ ଅବକାରୀ ବିଭାଗ ଗିରଫ କରି କୋର୍ଟ ଚାଲାଣ କରିଥିବା ହରଭଙ୍ଗା ଅବକାରୀ ନିରୀକ୍ଷକ ରବୀନ୍ଦ୍ରନାଥ ପ୍ରଧାନ ସୂଚନା ଦେଇଛନ୍ତି। ତେବେ ଗଞ୍ଜେଇ ଚୋରାଚାଲାଣରେ ସମ୍ପୃକ୍ତ ଥିବା ମୁଖ୍ୟ ଅଭିଯୁକ୍ତ ଫେରାର ଥିବା ସୂଚନା ମିଳିଛି। ଅନ୍ୟପକ୍ଷେ ଏକ ଯାତ୍ରୀ ବାହୀବସ୍‌ରେ ଗଞ୍ଜେଇ ଚୋରାଚାଲାଣ ହେଉଥିବା ଖବର ପାଇ ରବିବାର ସକାଳେ ବସ୍‌କୁ ପୁରୁଣାକଟକ ପୁଲିସ ଥାନା ସମ୍ମୁଖରେ ଅଟକାଇ ଯାଞ୍ଚ କରିଥିଲା; ମାତ୍ର ଗଞ୍ଜେଇ ଚୋରାଚାଲାଣ ସମ୍ପର୍କରେ କୌଣସି ସନ୍ଧାନ ପାଇ ନ ଥିଲା ବୋଲି ହରଭଙ୍ଗା ଅବକାରୀ ନିରୀକ୍ଷକ ରବୀନ୍ଦ୍ର ପ୍ରଧାନ ସୂଚନା ଦେଇଛନ୍ତି। ଅବକାରୀ ବିଭାଗ ବସ୍‌ର ପିଛା କରି ସେଥିରୁ ଗଞ୍ଜେଇ ଜବତ କରିପାରିଲା; ହେଲେ ପୁଲିସ କିଭଳି ପାଇଲାନି ତାହା ସନ୍ଦେହ ସୃଷ୍ଟିଇ କରିଛି।



# ପାଣି ପାଇଁ ଡହକବିକଳ ବୁକୁରାମୁଣ୍ଡା ଗ୍ରାମବାସୀ

ଶଗଡ଼ା, ୮।୬(ସମିସ): ସରକାର ପ୍ରତ୍ୟେକ ଗ୍ରାମକୁ ପାନୀୟ ଜଳ ଯୋଗାଇ ଦେବାକୁ ଅନେକ ଯୋଜନା ପ୍ରଣୟନ କରି କୋଟି କୋଟି ଟଙ୍କା ଖର୍ଚ୍ଚ କରୁଛନ୍ତି; ହେଲେ ବିଭାଗୀୟ ଅଧିକାରୀଙ୍କ ଅବହେଳା ଯୋଗୁଁ ଖରା ଦିନେ ଲୋକେ ପାଣି ପାଇଁ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ବୌଦ୍ଧ ଜିଲ୍ଲା କଣ୍ଟାମାଳ ବ୍ଲକ ଗୁଡଭେଲିପଦର ପଞ୍ଚାୟତ ବୁକୁରାମୁଣ୍ଡା ଗ୍ରାମରେ ଏହା ଦେଖିବାକୁ ମିଳିଛି। ଏହି ଗ୍ରାମର ଲୋକେ ଗାଧୋଇବା ସହ ପିଇବା ପାଣି ପାଇଁ ନଳକୂପ ଉପରେ ନିର୍ଭର କରି ଚଳୁଥିଲେ। ଗାଁରେ ୩ଟି ନଳକୂଅ ଅଛି। ତନ୍ମଧ୍ୟରୁ ଗୋଟିଏ ନଳକୂଅରେ ଗୋଳିଆ ଓ ବହୁ ବିଳମ୍ବରେ ପାଣି ବାହାରୁଛି। ଏଣୁ ୨ ନଳକୂପ ହିଁ ଲୋକଙ୍କ ଭରସା ପାଲଟିଛି। ପିଇବା ପାଣିଠାରୁ ଗାଧେଇବା, କପଡ଼ା ଧୋଇବା ସବୁ କାମ ପାଇଁ ୨ଟି ନଳକୂଅ ଉପରେ ଲୋକେ ଭରସା କରିଥାନ୍ତି। ସରକାରଙ୍କ ହର୍ ଘର୍ ନଲ୍, ହର୍ ଘର୍ ଜଲ୍ ଯୋଜନା କେବଳ ପ୍ରଚାର ପ୍ରସାରରେ ସୀମିତ ବୋଲି ଗ୍ରାମବାସୀ କହିଛନ୍ତି। ଏହା ଲୋକଙ୍କ ପାଇଁ ନୁହେଁ ବୋଲି କହିଛନ୍ତି। ପଞ୍ଚାୟତରୁ ପ୍ରଶାସନ ପର୍ଯ୍ୟନ୍ତ ସମସ୍ତଙ୍କୁ ଜଣାଇଥିଲେ ବି କେହି ଶୁଣିବାକୁ ନାରାଜ ବୋଲି ଗ୍ରାମବାସୀ କହିଛନ୍ତି। ଅନ୍ୟପକ୍ଷେ ସରପଞ୍ଚ ଏ ସମ୍ପର୍କର ଅବଗତ। ସେ ପ୍ରତିଶ୍ରୁତି ଦେଇ ଚାଲିଛନ୍ତି ବୋଲି ୱାର୍ଡସଭ୍ୟ ପ୍ରକାଶ କରିଛନ୍ତି; ହେଲେ ବର୍ତ୍ତମାନ ସୁଦ୍ଧା ଗ୍ରାମକୁ ଜଳ ଯୋଗାଣ ହୋଇ ପାରି ନାହିଁ। ଏହା ଫଳରେ ପ୍ରଚଣ୍ଡ ଖରା ସହ ପାନୀୟ ଜଳ ସମସ୍ୟା ଯୋଗୁଁ ଲୋକ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଗ୍ରାମରେ ଥିବା ନଳକୂପ ଲୋକଙ୍କ ଆବଶ୍ୟକତା ମେଣ୍ଟାଇ ପାରୁ ନ ଥିବା ବେଳେ ଲୋକେ ପାଣି ପାଇଁ ଖରାରେ ଲମ୍ବା ଲାଇନ୍ ଲଗାଇଥିବା ଦେଖିବାକୁ ମିଳିଛି। ଖରା ପ୍ରବଳ ହୋଇଥିବାରୁ ପାଣି ପାଇଁ ଲୋକଙ୍କ ସମସ୍ୟା ଦ୍ୱିଗୁଣିତ ହେଉଛି। ଅନ୍ୟପକ୍ଷେ ମେଗା ପାନୀୟ ଜଳ ଯୋଗାଣ ପ୍ରକଳ୍ପ ପାଇଁ ପ୍ରତ୍ୟେକ ଘରକୁ ପାଇପ୍ ସହ ଷ୍ଟାଣ୍ଡ ପୋଷ୍ଟ ବସା ଯାଇଛି; ହେଲେ ପାଇପ୍ ଫାଟି ଯିବାରୁ ବର୍ତ୍ତମାନ ସୁଦ୍ଧା ଗ୍ରାମକୁ ପାଣି ଯୋଗାଣ ହେଉ ନ ଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି। ପାଣି ସମସ୍ୟା ନେଇ ଗ୍ରାମବାସୀ ପଞ୍ଚାୟତ କର୍ତ୍ତୃପକ୍ଷଙ୍କ ସହ ବିଭାଗୀୟ ଅଧିକାରୀଙ୍କ ନିକଟରେ ଅଭିଯୋଗ କରିଥିଲେ ସୁଦ୍ଧା ସମସ୍ୟାର ସମାଧାନ ହେଉନି। ମେଗା ପାନୀୟ ଜଳ ପ୍ରକଳ୍ପକୁ କାର୍ଯ୍ୟକ୍ଷମ କରି ଗ୍ରାମକୁ ତୁରନ୍ତ ପାଣି ନ ଦେଲେ ଭୟାବହ ଆନ୍ଦୋଳନ ହେବ ବୋଲି ଗ୍ରାମବାସୀ କହିଛନ୍ତି।

## ନିଖୋଜ ଯୁବକଙ୍କ ଝୁଲନ୍ତା ମୃତଦେହ ଉଦ୍ଧାର

ସୁନ୍ଦରଗଡ,୮।୬(ସମିସ): ଗତ ୨ ତାରିଖରୁ ନିଖୋଜ ରହିଥିବା ସୁନ୍ଦରଗଡ ସଦର ଥାନା ଅନ୍ତର୍ଗତ ହମିରପୁର ଗ୍ରାମର ଜନୈକ ଯୁବକଙ୍କ ମୃତଦେହ ପୁଲିସ ସ୍ଥାନୀୟ ଜଙ୍ଗଲର ଏକ ଗଛରୁ ଝୁଲନ୍ତା ଅବସ୍ଥାରେ ଉଦ୍ଧାର କରିଛି। ମୃତକ ଜଣକ ହମିରପୁର ଗ୍ରାମର ପରମେଶ୍ୱର ପ୍ରଧାନ ବୋଲି ଜଣାପଡ଼ିଛି। ସେ ଗତ ୨ ତାରିଖରୁ ନିଖୋଜ ରହିଥିଲେ। ପରିବାର ଲୋକେ ବହୁ ଖୋଜାଖୋଜି କରି ବିଫଳ ହେବା ପରେ ଥାନାର ଦ୍ୱାରସ୍ଥ ହୋଇଥିଲେ। ଏନେଇ ପୁଲିସ ନିଖୋଜ ମାମଲା ରୁଜୁ କରି ତଦନ୍ତ ଚଳାଇଥିବା ବେଳେ ତାଙ୍କ ମୃତଦେହ ହମିରପୁର ଜଙ୍ଗଲର ଏକ ଗଛରେ ବେକରେ ରଶିରେ ଫାଶ ଲାଗିଥିବା ଅବସ୍ଥାରେ ଦେଖିବାକୁ ମିଳିଥିଲା। ସ୍ଥାନୀୟ ଲୋକଙ୍କ ସୂଚନା କ୍ରମେ ପୁଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିଥିଲା। ପୁଲିସ ମୃତ ଦେହ ଜବତ କରି ବ୍ୟବଚ୍ଛେଦ କରାଇବା ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି।

## ଡାକ୍ତରଖାନାରୁ ମୃତଦେହ ଜବତ

ସୁନ୍ଦରଗଡ,୮।୬(ସମିସ): ସୁନ୍ଦରଗଡ ସଦର ଥାନା ପୁଲିସ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରୁ ରବିବାର ଜନୈକ ବ୍ୟକ୍ତିଙ୍କ ମୃତଦେହ ଜବତ କରିଛି। ମୃତକ ସେମିନା ଗ୍ରାମର ନକୁଳ ପ୍ରଧାନ (୪୨)। ତାଙ୍କୁ ପରିବାର ଲୋକେ ମୃତ ଅବସ୍ଥାରେ ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ଏଣୁ କାର୍ଯ୍ୟରତ ଡାକ୍ତର ତାଙ୍କ ମୃତ୍ୟୁରେ ସନ୍ଦେହ ପ୍ରକଟ କରି ଥାନାକୁ ଏମଏଲସି ପଠାଇ ଥିଲେ। ଏନେଇ ପୁଲିସ ଅପମୃତ୍ୟୁ ମାମଲା ରୁଜୁ କରି ଶବ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି।

## ଜଙ୍ଗଲରୁ ଅଚିହ୍ନା ବୃଦ୍ଧଙ୍କ ମୃତଦେହ ଉଦ୍ଧାର

ସୁନ୍ଦରଗଡ,୮।୬(ସମିସ): ସୁନ୍ଦରଗଡ ସଦରଥାନା ଅନ୍ତର୍ଗତ ଖଇରଖମନ ଜଙ୍ଗଲରୁ ପୁଲିସ ଜଣେ ଅଚିହ୍ନା ବୃଦ୍ଧଙ୍କ ମୃତଦେହ ଉଦ୍ଧାର କରିଛି। ତାଙ୍କ ଆନୁମାନିକ ବୟସ ପ୍ରାୟ ୬୫ରୁ ୭୦ ବର୍ଷ ହେବ। ଦେହରେ କୌଣସି କ୍ଷତ ଚିହ୍ନ ନ ଥିବା ବେଳେ ଶବ ଚିହ୍ନଟ ହୋଇ ନଥିବାରୁ ପୁଲିସ ମୃତଦେହ ଜବତ କରି ଜିଲ୍ଲା ମୁଖ୍ୟ ଚିକିତ୍ସାଳୟର ଶବାଗାରରେ ସଂରକ୍ଷିତ ରଖାଇଛି। ଏନେଇ ପୁଲିସ ଅପମୃତ୍ୟୁ ମାମଲା ରୁଜୁ କରି ଶବ ଚିହ୍ନଟ କରିବାକୁ ଉଦ୍ୟମ ଚଳାଇଛି। ମୃତ୍ୟୁର ସଠିକ କାରଣ ଜଣାପଡି ନାହିଁ।

# ମାହେଶ୍ୱରୀ ଗୋଶାଳାରେ ଚାରାରୋପଣ

ବୌଦ୍ଧ, ୮।୬(ସମିସ): ବୌଦ୍ଧ ଜିଲ୍ଲା ହରଭଙ୍ଗା ବ୍ଲକ ମଥୁରା ପଞ୍ଚାୟତ ଦନ୍ତାପାଲିସ୍ଥିତ ମାହେଶ୍ୱରୀ ଗୋଶାଳା ଓ ଜରା ଆଶ୍ରମରେ ସାମୂହକ ଚାରାରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଜ୍ଞାନ ନାରାୟଣ ରଥ, ଶିକ୍ଷାବିତ ଶମ୍ଭୁ ଗିରି, ଶେଷ ଦେବ ଗାଇଗୌରିଆ, ଇଂ ବିକାଶ ମହାକୁଡ଼, ମନୋଜ ମହାକୁଡ଼, ଶେଷଦେବ ଛନ୍ଦ, ଜ୍ୟୋତି ରଞ୍ଜନ ପ୍ରଧାନ, ବିଭୂତି ଭୂଷଣ ମହାକୁଡ଼ ଯୋଗଦେଇ ଚାରା ରୋପଣ କରିଥିଲେ। ମାହେଶ୍ୱରୀ ଗୋଶାଳାର ଅଧ୍ୟକ୍ଷ ନିର୍ଗୁଣ ମହାକୁଡ଼, ସମ୍ପାଦକ କୃତ୍ତିବାସ ପଲିଆ, କୋଷାଧ୍ୟକ୍ଷ ଉଦ୍ଧବ କଳତା, ଭଗବାନ ଲୌରିଆ, ଅଭିମନ୍ୟୁ ବେହେରା, ଆଦିତ୍ୟ ପ୍ରଧାନ, ଯାଦବ ପୁଟେଲ ପ୍ରମୁଖ ସହଯୋଗ କରିଥିବା ବେଳେ ଗୋଶାଳା ପୃଷ୍ଟପୋଷାକ ଭାଗ୍ୟଧର ମହାକୁଡ଼ ଉପସ୍ଥିତ ଥିଲେ।

# ବିପଦକୁ ଆମନ୍ତ୍ରଣ କରୁଛି ରାସ୍ତା ମଝିର ଗର୍ତ୍ତ

କୋକସରା, ୮।୬(ସମିସ) : ପୂର୍ତ୍ତ ବିଭାଗ ଅଧୀନରେ ଥିବା କୋକସରା ବ୍ଲକ ବଡକେନ୍ଦୁଗୁଡା ବାଏପାସ ରାସ୍ତାରେ ଦୀର୍ଘ ମାସେରୁ ଅଧିକ ହେବ ବିରାଟ ଗର୍ତ୍ତ ସୃଷ୍ଟି ହୋଇଛି। ଫଳରେ ସାମାନ୍ୟ ଅସାବଧାନତା ହେଲେ ଦୁର୍ଘଟଣା ଘଟିବାର ବହୁ ଆଶଙ୍କା ରହିଛି। ଗ୍ରାମବାସୀ ସମ୍ପୃକ୍ତ ବିଭାଗକୁ ଅଭିଯୋଗ କଲେ ମଧ ମରାମତି ଦିଗରେ ଧ୍ୟାନ ଦେଉ ନ ଥିବା ପ୍ରକାଶ କରିଛନ୍ତି। ବିଜୁ ଏକ୍ସପ୍ରେସୱେର ବଡକେନ୍ଦୁଗୁଡାଠାରୁ ଜାତୀୟ ରାଜପଥ ୨୬କୁ ଏହି ରାସ୍ତା ସଂଯୋଗ କରୁଥିବା ଏହି ବାଇପାସ୍ ରାସ୍ତାରେ ପ୍ରତିଦିନ ଶହ ଶହ ଲୋକେ ଯାତାୟତ କରିଥାନ୍ତି। ତେବେ ଏହି ରାସ୍ତା ପାର୍ଶ୍ୱର ବଡ ଗର୍ତ୍ତ ଲୋକଙ୍କ ପାଇଁ ଚିନ୍ତାର କାରଣ ହୋଇଛି। ଅନ୍ୟପଟେ ଏହି ଗର୍ତ୍ତକୁ ମରାମତି ଦିଗରେ କେହି ଧ୍ୟାନ ଦେଉ ନ ଥିବାରୁ ଗ୍ରାମବାସୀଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ କରିଛନ୍ତି। ତେଣୁ କୌଣସି ଦୁର୍ଘଟଣା ନ ଘଟିବା ପୂର୍ବରୁ ପୂର୍ତ୍ତ ବିଭାଗ ପକ୍ଷରୁ ଏହି ଗର୍ତ୍ତକୁ ମରାମତି କରିବା ଜରୁରି ହୋଇ ପଡ଼ିଛି। ନଚେତ୍ କୌଣସି ଅଘଟଣ ଘଟିଲେ ସମ୍ପୃକ୍ତ ବିଭାଗ ହିଁ ଦାୟୀ ରହିବ ବୋଲି ଗ୍ରାମବାସୀ ଚେତାବନୀ ଦେଇଛନ୍ତି।



# କାଳବୈଶାଖୀ ପ୍ରଭାବରେ ସୌର ପାନୀୟ ଜଳ ପ୍ରକଳ୍ପ ନଷ୍ଟ

ଥୁଆମୂଳ ରାମପୁର, ୮।୬(ସମିସ): କଳାହାଣ୍ଡି ଜିଲ୍ଲା ଥୁଆମୂଳ ରାମପୁର ବ୍ଲକ ନାକୁରୁଣ୍ଡି ପଞ୍ଚାୟତ ଆମଝୋଲା ଗ୍ରାମରେ ଶନିବାର କାଳବୈଶାଖୀ ଯୋଗୁଁ କ୍ଷୟକ୍ଷତି ହୋଇଛି। ପ୍ରବଳ ଝଡ ବର୍ଷାରେ ଗ୍ରାମର ଏକ ସୌର ଚାଳିତ ପାନୀୟ ଜଳ ପ୍ରକଳ୍ପର ସୋଲାର୍ ପ୍ୟାନେଲ ଉଡାଇ ନେଇଛି। ତାହା ତଳେ ପଡ଼ି ସମ୍ପୂର୍ଣ୍ଣ ନଷ୍ଟ ହୋଇଯାଇଛି। ଏହାଫଳରେ ଗ୍ରାମର ସ୍କୁଲ ପଡ଼ାରେ ପିଇବା ପାଣି ବଡ ସମସ୍ୟା ସୃଷ୍ଟି କରିଛି। ଅନ୍ୟପଟେ ଗ୍ରାମର ବସୁଧା ପ୍ରକଳ୍ପ ମଧ ବାରମ୍ବାର ବିଦ୍ୟୁତ୍ ବିଭ୍ରାଟ ଯୋଗୁଁ ଅଚଳ ହୋଇ ପଡ଼ିଛି। ଏହି ପ୍ରକଳ୍ପ ଉପରେ ଭରସା କରୁଥିବା ଲୋକଙ୍କ ପାଇଁ ଆଉ କୌଣସି ବିକଳ୍ପ ବ୍ୟବସ୍ଥା ନ ଥିବା ବେଳେ ନାଳ ଝରଣାର ଦୂଷିତ ପାଣି ବ୍ୟବହାର କରିବାକୁ ବାଧ୍ୟ ହେବେ ବୋଲି ଗ୍ରାମବାସୀ ପ୍ରକାଶ କରିଛନ୍ତି। ପ୍ରଶାସନ ତୁରନ୍ତ କ୍ଷତିଗ୍ରସ୍ତ ସୌର ପ୍ରକଳ୍ପର ମରାମତି କରିବା ସହ ଆମଝୋଲା ଗ୍ରାମର ପାନୀୟ ଜଳ ସମସ୍ୟା ସମାଧାନ କରୁ ବୋଲି ଲୋକେ ଦାବି କରିଛନ୍ତି।

**ସୁନ୍ଦରଗଡ଼ରେ ଫୁଟବଲ ଛାତ୍ରାବାସ ଦାବି**

# କ୍ରୀଡ଼ାମନ୍ତ୍ରୀଙ୍କୁ ଫୁଟବଲ ଖେଳାଳିଙ୍କ ଦାବିପତ୍ର



ବାଲିଶଙ୍କରା,୮।୬(ସମିସ): ସୁନ୍ଦରଗଡ଼ ଜିଲ୍ଲାରେ ନୂତନ ଭାବେ ଫୁଟବଲ ଛାତ୍ରାବାସ ନିର୍ମାଣ କରିବାକୁ କ୍ରୀଡାବିତ୍ ତଥା ଖେଳାଳିମାନେ ରାଜ୍ୟ କ୍ରୀଡ଼ାମନ୍ତ୍ରୀ ସୂର୍ଯ୍ୟବଂଶୀ ସୁରଜଙ୍କୁ ଭେଟି ଏକ ଦାବିପତ୍ର ପ୍ରଦାନ କରିଛନ୍ତି। ହକିରେ ବ୍ୟତିତ ୩୦-୪୦ ବର୍ଷ ପୂର୍ବେ ଫୁଟବଲ ଖେଳରେ ମଧ ସୁନ୍ଦରଗଡ଼ ଜିଲ୍ଲା ବେଶ ଜଣାଶୁଣା ଥିଲା। ସୁନ୍ଦରଗଡ଼ର ଭବାନୀପୁରଠାରେ ୧୯୯୮ ମସିହାରେ କ୍ରୀଡା ଛାତ୍ରାବାସ ସ୍ଥାପିତ ହୋଇଥିଲା। ଉଭୟ ବାଳକ ଓ ବାଳିକାଙ୍କୁ ଫୁଟବଲ ପ୍ରଶିକ୍ଷଣ ଦିଆଯାଉଥିଲା। ଉକ୍ତ ଛାତ୍ରାବାସରୁ ଅନେକ ବାଳକ ଓ ବାଳିକା ଜାତୀୟ ଓ ଅନ୍ତର୍ଜାତୀୟ ସ୍ତରରେ ଖେଳ ଖେଳିଛନ୍ତି। କିନ୍ତୁ ୨୦୨୨ ମସିହାରେ ହଠାତ୍ ରାଜ୍ୟ ସରକାର ସୁନ୍ଦରଗଡ଼ ଠାରୁ ଫୁଟବଲ ଛାତ୍ରାବାସକୁ ବାରିପଦାକୁ ସ୍ଥାନାନ୍ତରିତ କରିଛନ୍ତି। ତେଣୁ ସୁନ୍ଦରଗଡ଼ରେ ନୂଆ ଫୁଟବଲ ଛାତ୍ରାବାସ କରିବା ପାଇଁ ପୂର୍ବତନ ଫୁଟବଲ ଖେଳାଳି ଓ ନୂତନ ଖେଳାଳି କ୍ରୀଡ଼ାମନ୍ତ୍ରୀଙ୍କୁ ଭେଟି ଲିଖିତ ଜଣାଇଥିଲେ। ପୂର୍ବତନ ଜାତୀୟ ଫୁଟବଲ ଖେଳାଳି ଶକ୍ତି ସିଂ, ପ୍ରଶ୍ନ ଠାକୁର, ନିତ୍ୟାନନ୍ଦ ଦାସ, ବୁଲୁ ଧର ଚିତା, ରଞ୍ଜନ ନାଏକ, ଅଜିତ ତିର୍କୀ , ପିଣ୍ଟୁ ନାଏକ, ମନୋଜ ସୁନାନୀ , ଅମିତ କାଲୋ, ବିଦ୍ୟା ଓରାମ, ସୁସିଲ ବାରିକ, ସଚିନ ଟପ୍ପୋ, ରାଜେନ୍ଦ୍ର ଟପ୍ପୋ, ମୀନକେତନ ପୂଝରୀ ପ୍ରମୁଖ ଏହି ଦାବିପତ୍ର ପ୍ରଦାନ ସମୟରେ ଉପସ୍ଥିତ ଥିଲେ।

# ଅନାଥ ଝିଅର ବିବାହ କଲେ ସେବାଶ୍ରମ କର୍ମକର୍ତ୍ତା



ସୁନ୍ଦରଗଡ,୮।୬(ସମିସ): ଟାଙ୍ଗରପାଲି ବ୍ଲକର ବେଲସରା ସ୍ଥିତ ଜୟ ଶଙ୍କର ସେବାଶ୍ରମ କର୍ମକର୍ତ୍ତା ରବିବାର ଜଣେ ଅନାଥ ଝିଅର ବିବାହ କରାଇଛନ୍ତି। ମାଧବୀ ନାମ୍ନୀ ସମ୍ପୃକ୍ତ ଅନାଥ ଝିଅଙ୍କୁ ସେବାଶ୍ରମ କର୍ତ୍ତୃପକ୍ଷ ପାଳିପୋଷି ବଡ କରିଥିଲେ। ପରିଣତ ବୟସରେ ଉପନିତ ହେବା ପରେ ତାଙ୍କୁ ହାତରୁ ଦି ହାତ କରିବାର ଚିନ୍ତା ଘାରିଥିଲା। ରାୟଗଡ ଜିଲ୍ଲା ଗୁଡିୟା ଗ୍ରାମର ଜଗନାରାୟଣ ନିଜ ଉଦାରତା ଦେଖାଇ ତାଙ୍କୁ ବିବାହ କରିବାକୁ ମନସ୍ଥ କରିଥିଲେ। ଏହାପରେ ଜୟ ଶଙ୍କର ସେବାଶ୍ରମ ସ୍ଥିତ ଦୁର୍ଗା ମନ୍ଦିର ପ୍ରାଙ୍ଗଣରେ ବୈଦିକ ରୀତିରେ ବିବାହ ସମ୍ପନ୍ନ ହୋଇଛି। ଏହି ବିବାହ ଉତ୍ସବରେ ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ଶ୍ରୀବନ୍ତ ଜେନା, ଶିଶୁ ମଙ୍ଗଳ ସମିତି ଅଧକ୍ଷ ନନ୍ଦଲାଲ ନାଏକ, ସେବାଶ୍ରମ ପରିଚାଳନା କମିଟି ସଭ୍ୟ ସୁନିଲ କୁମାର ମିଶ୍ର, ଆଶ୍ରମ ସଂପାଦକ ନରସିଂହ ରଣା, ଶିଶୁ ଯତ୍ନକାରୀ ଅନୁଷ୍ଠାନର କର୍ମଚାରୀ ତଥା ଜୟ ଶଙ୍କର ସେବାଶ୍ରମର ସମସ୍ତ କର୍ମଚାରୀ ଉପସ୍ଥିତ ନବବଧୂଙ୍କୁ ଆଶିର୍ବାଦ ପ୍ରଦାନ କରିଥିଲେ। ସେବାଶ୍ରମର ଭାରତୀ ନାହାକ ଓ ତାଙ୍କ ସ୍ୱାମୀ ସୁଶୀଲ କୁମାର ନାୟକ କନ୍ୟା ପିତାମାତା ଦାୟିତ୍ୱ ତୁଲାଇ ଥିଲେ।

# ଭୁବନେଶ୍ୱର ସିଟି





କୋଭିଡ୍ ସଂକ୍ରମଣକୁ ଦୃଷ୍ଟିରେ ରଖି କ୍ୟାପିଟାଲ୍ ହସ୍ପିଟାଲ୍‌ରେ ସ୍ୱତନ୍ତ୍ର ୱାର୍ଡ ପ୍ରସ୍ତୁତ

## ପ୍ରଥମ କରି ପଟିଆଗଡ଼ରେ ହେବ ରଜ ଉତ୍ସବ

ଭୁବନେଶ୍ୱର,୮।୬(ସମିସ): ଚଳିତବର୍ଷ ପ୍ରଥମ କରି ପଟିଆଗଡ଼ରେ ପାଳିତ ହେବ ରଜ ଉତ୍ସବ। ସ୍ଥାନୀୟ ଏଲ୍‌ଏ ଲନ୍‌ଠାରେ ୧୪, ୧୫, ୧୬ ତିନିଦିନ ଧରି ଧୁମ୍‌ଧାମ୍‌ରେ ପାରମ୍ପରିକ ଭାବେ ରଜ ଉତ୍ସବ ପାଳନ କରାଯିବ। ଏଥିପାଇଁ ଲନ୍‌କୁ ସୁନ୍ଦର ଭାବରେ ସାଜସଜା କରାଯିବା ସହ ବାଉଁଶ ଦୋଳି, ପଟା ଦୋଳି, ଚକ୍ରି ଦୋଳି ଲଗାଯିବ। ତା ସହିତ ରଜ ଗୀତ ସାଙ୍ଗକୁ ରଜ ପାନ ଓ ପିଠା ବାସ୍ନାରେ ମହକିବ ସାରା ଅଞ୍ଚଳ। ସେହିପରି ଝୋଟି, ଚିତା, ମୁରୁଜରେ ଦାଣ୍ଡ ଦୁଆର ଝଲସିବା ସହ ସାଂସ୍କୃତିକ ସନ୍ଧ୍ୟାରେ ଉତ୍ସବମୁଖର ହେବ। ନାଚ, ଗୀତ ଆଦି ପ୍ରତିଯୋଗିତା କରାଯାଇ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯିବ ବୋଲି ନିଷ୍ପତ୍ତି ହୋଇଛି। ପଟିଆ ଏଲ୍‌ଏ ଲନ୍‌ଠାରେ ପଟିଆ ଗ୍ରାମର ଯୁବନେତା ତଥା ୧ ନମ୍ବର ୱାର୍ଡର କର୍ପୋରେଟର ମିହିର କୁମାର ରାଉତଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ କବୟିତ୍ରୀ ଲଳିତା ଜେନା, ବରିଷ୍ଠ ନାଗରିକ ଅକ୍ଷୟ କୁମାର ଦାସ, ପୂର୍ଣ୍ଣଚନ୍ଦ୍ର ରାୟ, ମନୋଜ ତ୍ରିପାଠୀ, ରଞ୍ଜନ କୁମାର ଜେନା ଓ ଆୟୋଜକ ଅଭୟ ବଡ଼ଜେନା ପ୍ରମୁଖ ଉପସ୍ଥିତ ଥିଲେ। ଚଳିତବର୍ଷ ପ୍ରଥମ କରି ପଟିଆ ଗଡ଼ରେ ରଜ ମହୋତ୍ସବ ଆୟୋଜିତ ହେଉଥିବାରୁ ଅଞ୍ଚଳବାସୀଙ୍କ ମଧ୍ୟରେ ଆନନ୍ଦ ପ୍ରକାଶ ପାଇଛି।

**ଝୋଟି ଚିତାରେ ଝଲସିବ ସାରା ଅଞ୍ଚଳ**

## ରାଉଣ୍ଡ ଟେବୁଲ୍ ଇଣ୍ଡିଆ ଏରିଆ ୧୬ର ଏଫ୍‌ଏଫ୍ ୨୦୨୫ ସଂସ୍କରଣ

ଭୁବନେଶ୍ୱର, ୮।୬(ସମିସ):

ରାଉଣ୍ଡ ଟେବଲ ଇଣ୍ଡିଆ ଏରିଆ ୧୬ ଏହାର ସିଗ୍ନେଚର ଇଭେଣ୍ଟ ଫ୍ଲାଇଟ୍ ଅଫ୍ ଫାଣ୍ଟାସି (ଏଫ୍‌ଓଏଫ୍)ର ୨୦୨୫ ସଂସ୍କରଣର ଆୟୋଜନ କରିଛି। ଜୁନ୍ ୬ ଏବଂ ୭ ଦୁଇ ଦିନ ଧରି ହେଉଥିବା ଏହି କାର୍ଯ୍ୟକ୍ରମ ମାଧ୍ୟମରେ ଧାନବାଦ, ରାଞ୍ଚି, ଜାମସେଦପୁର, ରାଉରକେଲା ଏବଂ

**ପ୍ରଥମ ଥର ବିମାନ ଯାତ୍ରା କରିବେ ୧୦୦ ଆର୍ଥିକ ଅନଗ୍ରସର**



ସମ୍ବଲପୁରରୁ ୧୦୦ ହିତାଧିକାରୀ (୯୦ ଛାତ୍ରଛାତ୍ରୀ ଏବଂ ୧୦ ଜଣ ଶିକ୍ଷକ) ପ୍ରଥମ ଥର ପାଇଁ ବିମାନ ଯାତ୍ରାର ଆନନ୍ଦକୁ ଅନୁଭବ କରିବେ। ଆର୍ଥିକ ଅନଗ୍ରସର ବର୍ଗରୁ ଆସିଥିବା ଏହି ଛାତ୍ରଛାତ୍ରୀମାନେ ଭୁବନେଶ୍ୱର ଆସିବେ, ଯେଉଁଠାରେ ସେମାନଙ୍କୁ କଟକ ଓ ଭୁବନେଶ୍ୱରର ଟେବଲରମାନଙ୍କ ଦ୍ୱାରା ଆତିଥ୍ୟ ପ୍ରଦାନ କରାଯିବ। ଏକ ସୁଚିନ୍ତିତ ଭାବେ ସଂଯୋଜିତ ଏହି ଦୁଇଦିନିଆ କାର୍ଯ୍ୟକ୍ରମରେ ଶିକ୍ଷାଗତ ପରିଦର୍ଶନ, ମନୋରଞ୍ଜନ, ସାଂସ୍କୃତିକ ପ୍ରଦର୍ଶନ ଏବଂ ପ୍ରେରଣାଦାୟକ ପାରସ୍ପରିକ କ୍ରିୟାର ମିଶ୍ରଣ ରହିବ, ଯାହା ଛାତ୍ରଛାତ୍ରୀଙ୍କ ଦିଗନ୍ତକୁ ବିସ୍ତାର କରିବ ଏବଂ ସେମାନଙ୍କ ବଡ଼ ସ୍ୱପ୍ନକୁ ପ୍ରଜ୍ୱଳିତ କରିବା ପାଇଁ ଡିଜାଇନ୍ କରାଯାଇଛି। ରାଉଣ୍ଡ ଟେବଲ ଇଣ୍ଡିଆର ଚର୍ଚ୍ଚିତ ଐତିହ୍ୟର ଏକ ଅଂଶ ହେଉଛି ଏହି କାର୍ଯ୍ୟକ୍ରମ। ୨୦୧୦ରେ ଏରିଆ ୧୬ ଏହି ଏଫ୍‌ଏଫ୍ କାର୍ଯ୍ୟକ୍ରମକୁ ଆରମ୍ଭ କରିଥିଲା ଏବଂ ସେବେଠାରୁ ବର୍ତ୍ତମାନ ମଧ୍ୟରେ ଭାରତର ବିଭିନ୍ନ ପ୍ରାନ୍ତରୁ ୧୦୦୦ରୁ ଊର୍ଦ୍ଧ୍ୱ ଛାତ୍ରଛାତ୍ରୀଙ୍କୁ ସ୍ୱପ୍ନ ଦେଖିବା ପାଇଁ ଡେଣା ପ୍ରଦାନ କରାଯାଇଛି। ରାଷ୍ଟ୍ରୀୟ ଏଫ୍‌ଏଫ୍ ଆବାହକ ଟେବଲର ସରଜିତ ସିଂହ କୁହନ୍ତି, ଆମେ କେବଳ ସେମାନଙ୍କୁ ଏକ ବିମାନରେ ନେଉନାହୁଁ ବରଂ ଏକ ଉନ୍ନତ ଭବିଷ୍ୟତ ଆଡ଼କୁ ଅଗ୍ରସର ହେବାରେ ସେମାନଙ୍କୁ ସାହାଯ୍ୟ କରୁଛୁ। ଆଗ୍ରହୀ ବ୍ୟକ୍ତିବିଶେଷ ଏବଂ ସାମୁହିକ ଉଦ୍ୟମ ବଳରେ କ'ଣ ହାସଲ ହୋଇପାରିବ, ଏହି କାର୍ଯ୍ୟକ୍ରମ ତାହାର ଏକ ପ୍ରମାଣ।

## ଜୟ ଓଡ଼ିଶା ପକ୍ଷରୁ ରକ୍ତଦାନ ଶିବିର




ଭୁବନେଶ୍ୱର,୮।୬(ସମିସ): ପ୍ରଚଣ୍ଡ ଗ୍ରୀଷ୍ମ ପ୍ରବାହ ସମୟରେ ରକ୍ତ ଭଣ୍ଡାରରେ ରକ୍ତ ଅଭାବକୁ ଦୂର କରିବା ଲକ୍ଷ୍ୟ ନେଇ ଗାଡ଼କଣସ୍ଥିତ ଓଁ ସାଇ ବିହାର ସୋସାଇଟିଠାରେ ସ୍ୱେଚ୍ଛାସେବୀ ସଂଗଠନ ଜୟ ଓଡ଼ିଶାର ସହଯୋଗରେ ଏକ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ଏହା ଜୟ ଓଡ଼ିଶାର ରକ୍ତଦାନ ଅଭିଯାନର କ୍ରମାଗତ ସପ୍ତମ ରକ୍ତଦାନ ଶିବିର। ଯାହାର ଲକ୍ଷ୍ୟ ଚଳିତବର୍ଷ ୧୦୦ଟି ସଂସ୍ଥା ସହ ମିଶି ରକ୍ତଦାନ ଶିବିର ଆୟୋଜନ କରିବା। ଏହି ରକ୍ତଦାନ ଶିବିରରେ ଓଁ ସାଇ ବିହାରର ବାସିନ୍ଦା ରକ୍ତଦାନ କରିଥିଲେ। ଶିବିରରେ ମେୟର ସୁଲୋଚନା ଦାସ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିବାବେଳେ ସ୍ଥାନୀୟ କର୍ପୋରେଟର, ପୁଲିସ ଏସିପି ଲଲାଟେନ୍ଦୁ ମହାନ୍ତି ଓ ଜୟ ଓଡ଼ିଶାର ପ୍ରତିଷ୍ଠାତା ରୁଦ୍ର ନାରାୟଣ ସାମନ୍ତରାୟ, ଓମ୍ ସାଇ ବିହାର ସୋସାଇଟିର ସଭାପତି ସୁଶୀଲ ସିଂ, ସମ୍ପାଦକ ଉମାକାନ୍ତ ଗୁରୁ ପ୍ରମୁଖ ଉପସ୍ଥିତ ଥିଲେ। ଶିବିରକୁ ଧୀରେନ୍ଦ୍ର କୁମାର ସ୍ୱାଇଁ, ସରୋଜ କୁମାର ପ୍ରଧାନ, ବିଷ୍ଣୁ ପ୍ରସାଦ ସାହୁ, ଲକ୍ଷ୍ମୀଧର ସାହୁ ପ୍ରମୁଖ ପରିଚାଳନା କରିଥିଲେ।

## ମୃଣାଳିନୀ ପାଢ଼ୀଙ୍କ 'ଫକୀର ବାବୁ' ଉନ୍ମୋଚିତ



ଭୁବନେଶ୍ୱର,୮।୬(ସମିସ): ଆଇନଜୀବି ତଥା ଓଡ଼ିଆ ରେଡ଼କ୍ରସ ଦ୍ୱାରା ପରିଚାଳିତ ଭିନ୍ନକ୍ଷମଙ୍କ ନିମନ୍ତେ ଉଦ୍ଦିଷ୍ଟ ଅନୁଷ୍ଠାନ 'ସହାୟ'ର ଅବୈତନିକ ସମ୍ପାଦିକା ମୃଣାଳିନୀ ପାଢ଼ୀଙ୍କ ଦ୍ୱାର ଲିଖିତ ଏବଂ ଓଡ଼ିଶା ବୁକ୍‌ଷ୍ଟୋର ଦ୍ୱାରା ପ୍ରକାଶିତ ଉପନ୍ୟାସ "ଫକୀର ବାବୁ' ସ୍ଥାନୀୟ ଏକ ହୋଟେଲରେ ଉନ୍ମୋଚିତ ହୋଇଯାଇଛି। ଉତ୍ସବରେ ଅତିଥି ଭାବେ କବି ଅମରେଶ ପଟ୍ଟନାୟକ, ଲେଖକ ଦାଶ ବେନହୁର, ଅନୁବାଦକ ଏବଂ ସାହିତ୍ୟିକ ପ୍ରଫେସର ଜତିନ୍ ନାୟକ ପ୍ରମୁଖ ଯୋଗଦେଇ ପୁସ୍ତକଟିକୁ ଉନ୍ମୋଚନ କରିଥିଲେ। ଏହା ପାଠକୀୟ ଆଦୃତି ଲାଭ କରିବ ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ। ଏହି ପୁସ୍ତକଟି ସାମ୍ପ୍ରତିକ ସାମାଜିକ ଜୀବନଶୈଳୀ ଉପରେ ଆଧାରିତ ହୋଇଥିବା ବେଳେ ପୁସ୍ତକର ମୁଖ୍ୟ ଚରିତ୍ର 'ଫକୀର ବାବୁ'ଙ୍କ ସଂଘର୍ଷମୟ ଜୀବନ ଓ ଉପଲବ୍ଧ ବର୍ତ୍ତମାନର ସମାଜକୁ ନିଶ୍ଚୟ ପ୍ରଭାବିତ କରିବ ବୋଲି ପ୍ରକାଶ କରିବା ସହ ଏହି ପୁସ୍ତକରେ ବର୍ଣ୍ଣିତ ବାଉନ ବଜାର ତେପନ ଗଳିର କଟକ ସହର ଅତୀତର ଇତିହାସକୁ ପୁନଃ ସ୍ମୃତି ଚାରଣ କରିବ ବୋଲି ଅତିଥିମାନେ ମତବ୍ୟକ୍ତ କରିଛନ୍ତି। ଉତ୍ସବକୁ ବିଶିଷ୍ଟ ସାମ୍ବାଦିକ, କବି ଓ ଲେଖକ କେଦାର ମିଶ୍ର ପରିଚାଳନା କରିଥିବା ବେଳେ ଓଡ଼ିଶା ବୁକ୍‌ଷ୍ଟୋରର ପ୍ରକାଶକ ସାର୍ଥକ ଶଙ୍କର ପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ।

## 'ସ୍ୱରାଳାପ'ର ସାମ୍ବତ୍ସରିକ ଉତ୍ସବ

ଭୁବନେଶ୍ୱର,୮।୬(ସମିସ): ଗୁରୁ ଅଜୟ ଶତପଥୀଙ୍କ ଦ୍ୱାରା ପ୍ରତିଷ୍ଠିତ ସଙ୍ଗୀତ ଅନୁଷ୍ଠାନ 'ସ୍ୱରାଳାପ'ର ଅଷ୍ଟମ ସାମ୍ବତ୍ସରିକ ଉତ୍ସବ ବୁଦ୍ଧମନ୍ଦିର ସଭାଗୃହରେ ଅନୁଷ୍ଠିତ ହୋଇଯାଇଛି। ଏହି ସଙ୍ଗୀତ କାର୍ଯ୍ୟକ୍ରମରେ ବିଶ୍ୱ ପ୍ରସିଦ୍ଧ ନ୍ୟୁରୋ ସର୍ଜନ ପଦ୍ମଶ୍ରୀ ପ୍ରଫେସର ଡ. ଅଶୋକ ମହାପାତ୍ର, ଗୀତିଗଙ୍ଗୋତ୍ରୀର ସମ୍ପାଦକ ପ୍ରାଧ୍ୟାପକ ଅଜୟ କୁମାର ମହାନ୍ତି, ଓଡ଼ିଶା ମହୋଦଧି ସୋସାଇଟର ପ୍ରମୁଖ ନ୍ୟାସୀ ସୌରେନ୍ଦ୍ର କୁମାର ମହାପାତ୍ର ତଥା ସିନେ ସମୀକ୍ଷକ କ୍ରିଟିକ୍ ଦୀଲ୍ଲିପ ହାଲି ଅତିଥି ଭାବରେ ଯୋଗଦେଇଥିଲେ। ସଙ୍ଗୀତ କାର୍ଯ୍ୟକ୍ରମର ପ୍ରାରମ୍ଭରେ ଗୁରୁ ଅଜୟ ଶତପଥୀ ଓ ଶୁଭଲକ୍ଷ୍ମୀ ଶତପଥୀ ଗଜଲ ଓ ଅଭୁଲାଗୀତ ପରିବେଷଣ କରିଥିଲେ। ପରେପରେ ସ୍ୱରାଳାପର ଛାତ୍ରଛାତ୍ରୀ ଚିରସବୁଜ ହିନ୍ଦୀ ଚଳଚ୍ଚିତ୍ର ସଙ୍ଗୀତ, ଗଜଲ ଗୁଡିକ ପରିବେଷଣ କରିଥିଲେ। କାର୍ଯ୍ୟକ୍ରମକୁ କମଲ କିରନ୍ ଓ ଗୀତିଗଙ୍ଗୋତ୍ରୀର ସହସମ୍ପାଦିକା ମିନତି ମହାନ୍ତି ପରିଚାଳନା କରିଥିଲେ।

## ମଞ୍ଚରେ ମରିଗଲା 'ମାଲୁଣୀ ଆଈ'

ଭୁବନେଶ୍ୱର,୮।୭(ସମିସ): ଜଙ୍ଗଲ ଗୁମ୍ଫାରେ ରହୁଥିବା ମାଲୁଣୀ ଆଈ ଜଣେ ମଣିଷଭକ୍ଷୀ ଅସୁରୁଣୀ। ଗାଁ ପିଲା କାଳିଆ, ଚକରା, ହରି ପ୍ରମୁଖ ବଣରେ କୋଳି ତୋଳୁଥିବାବେଳେ ମାଲୁଣୀ ଆଈ କାଳିଆକୁ ଧରିନେଇଛି। କାଳିଆ ନିଜର ଉପସ୍ଥିତି ବୁଦ୍ଧି ଓ ସାହସିକତା ଯୋଗୁଁ ମାଲୁଣୀ ଆଈକୁ ମାରିଦେଇଛି। ମଞ୍ଚରେ ମାଲୁଣୀ ଆଈର ମୃତ୍ୟୁ ପରେ ମାଲୁଣୀ ପାଖରେ ଥିବା କେତକୀକୁ ଉଦ୍ଧାର କରିଛି। ଏପରି ଏକ କାଳ୍ପନିକ କାହାଣୀକୁ ନେଇ 'ଶତାବ୍ଦୀର କଳାକାର' ପକ୍ଷରୁ ନାଟକ 'ମାଲୁଣି ଆଈ' ବିଜୁ ନାଟ୍ୟକେନ୍ଦ୍ରଠାରେ ରବିବାର ମଞ୍ଚସ୍ଥ ହୋଇଯାଇଛି। ଏ ନେଇ ଆୟୋଜିତ କାର୍ଯ୍ୟକ୍ରମରେ ବିଜୟ ଦାସ ସଭାପତିତ୍ୱ କରିଥିବାବେଳେ ଅତିଥି ଭାବେ ସଂଗୀତ ନାଟକ ଏକାଡେମୀର ସଚିବ ଡ. ଚନ୍ଦ୍ରଶେଖର ହୋତା, ବିଶିଷ୍ଟ କବି ରକ୍ଷକ ନାୟକ, ବିଶିଷ୍ଟ ଗୀତିକାର ପଞ୍ଚାନନ ନାୟକ ଓ ବରିଷ୍ଠ ସାମ୍ବାଦିକ ଚୌଧୁରୀ ଅମିତାଭ ଦାସ ଉପସ୍ଥିତ ରହିଥିଲେ। ନାଟକର ରଚନା ସାତ୍ତ୍ୱିକ ରାଜା କରିଥିବାବେଳେ ନିତ୍ୟାନନ୍ଦ ରାଉତ ଓ ଜ୍ୟୋତିରଞ୍ଜନ ସାହୁ ନାଟକର ନିର୍ଦ୍ଦେଶନା ଦେଇଥିଲେ। ସଂଗୀତରେ ପ୍ରତାପ ରାଉତ, ମଞ୍ଚ ସଜାରେ ସଂଗ୍ରାମ ଓ ନୃସିଂହ, ରୂପସଜାରେ ନରେନ୍ଦ୍ର ଓ ପୋଷାକରେ ଅଶୋକ ରହିଥିଲେ। ଶତାବ୍ଦୀର କଳାକାରର ସଂପାଦକ ଧୀର ମଲ୍ଲିକ୍ ସଭା ପରିଚାଳନା ଓ ଧନ୍ୟବାଦ ପ୍ରଦାନ କରିଥିଲେ। ଅଭିନୟରେ ଆଭା, ପ୍ରିୟାଂଶୁ, ସୁଜନୀ, ଦେବୀ, ସଲୋନୀ, ସଞ୍ଜନା, ପ୍ରତ୍ୟାଶା ଏବଂ ଜନ୍ମଶ୍ରୀ ରହିଥିଲେ।



## ନାଟ୍ୟଧାରାରେ 'ଅନନ୍ୟ' ମଞ୍ଚସ୍ଥ

ଭୁବନେଶ୍ୱର,୮।୬(ସମିସ): ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ଏବଂ ଓଡ଼ିଶା ସଙ୍ଗୀତ ନାଟକ ଏକାଡେମୀ ଆନୁକୂଲ୍ୟରେ ନାଟ୍ୟଧାରାର ନାଟକ 'ଅନନ୍ୟ' ରବୀନ୍ଦ୍ରମଣ୍ଡପରେ ମଞ୍ଚସ୍ଥ ହୋଇଯାଇଛି। ସମ୍ବଲପୁରର ନାଟ୍ୟସଂସ୍ଥା 'କଖଗ' ନିବେଦିତ ଏହି ନାଟକର ରଚନା ଓ ନିର୍ଦ୍ଦେଶନା ଦେଇଛନ୍ତି ବ୍ରଜେନ୍ଦ୍ର ନାୟକ। ଏଥିରେ ବିଭିନ୍ନ ଭୂମିକାରେ ସୌମେନ୍ଦ୍ର ପୂଜାରୀ, ମୀନାକ୍ଷୀ ସୂପକାର, ମନୋଜ ବେହେରା ପ୍ରମୁଖ ଅଭିନୟ କରିଛନ୍ତି। ବାସ୍ତବବାଦ ଆଗରେ ଆଦର୍ଶବାଦ କିଭଳି ମଳିନ ପଡ଼ିଯାଇଛି, ଭାଷା, ସାହିତ୍ୟର କଥା କେବଳ ବକ୍ତୃତା ଓ ଉପଦେଶ ମଧ୍ୟରେ ସୀମିତ ରହିଯାଇଛି ଏବଂ ବସ୍ତୁ, ବଜାର, ଅହଂକାର କବଳରେ ମାତୃଭାଷା ସଂସ୍କୃତି କବଳିତ ହୋଇଥିବାବେଳେ ଆଦର୍ଶର ବିଲୟ ଘଟିବ ନା ଏବେ ବି କିଛି ସମ୍ଭାବନା ରହିଛି..? ଏଭଳି ପ୍ରଶ୍ନବାଚୀକୁ ନେଇ ନାଟକଟି ଗତିଶୀଳ ହୋଇଛି। ସନ୍ଧ୍ୟାରେ ଅତିଥି ଭାବେ ବରିଷ୍ଠ ନାଟ୍ୟକାର ଓ ନିର୍ଦ୍ଦେଶକ ନବୀନ ପରିଡ଼ା, ଓଡ଼ିଶା ସଙ୍ଗୀତ ନାଟକ ଏକାଡେମୀ ପୂର୍ବତନ ସଚିବ ପ୍ରବୋଧ ରଥ, ଓଡ଼ିଶା ନାଟ୍ୟ ସଂଘର ଉପଦେଷ୍ଟା ସୁଧାଂଶୁ ଦ୍ୱିବେଦୀ ପ୍ରମୁଖ ଯୋଗଦେଇଥିଲେ। କାର୍ଯ୍ୟକ୍ରମକୁ ଶୁଭକାନ୍ତ ପାଢ଼ୀ ପରିଚାଳନା କରିଥିଲେ। ଏହି ଅବସରରେ ନାଟକର ନିର୍ଦ୍ଦେଶକ ଶ୍ରୀ ନାୟକଙ୍କୁ ସମ୍ମାନିତ କରାଯାଇଥିଲା।



■ ଚରଣ ସ୍ପର୍ଶ ୫.୦

## ଘରୁ ସଂସ୍କାର ମିଳିଲେ ସଭ୍ୟତା ବଞ୍ଚିବ



ଭୁବନେଶ୍ୱର,୮।୬(ସମିସ): ଆଜିର ସମାଜରେ ଦିନକୁଦିନ ଆମ ଭାରତୀୟ ସଂସ୍କୃତିର ଅବକ୍ଷୟ ହେବାରେ ଲାଗିଛି। ପୂର୍ବରୁ ଆମ ପରିବାରରେ ଜଣେ ଗୁରୁଜନଙ୍କୁ ଦେଖିଲେ ଭୂମିଷ୍ଠ ପ୍ରଣାମ କରୁଥିଲା। ହେଲେ ପାଶ୍ଚାତ୍ୟ ସଂସ୍କୃତି ପ୍ରଭାବରେ ତାହା ହଜିବାକୁ ବସିଲାଣି। ଏବେ ପୁଣି ତାହା ଫେରାଇ ଆଣିବାକୁ ପଡ଼ିବ। ନିଜ ଘରୁ ପିଲାଙ୍କୁ ସଂସ୍କାର ମିଳିଲେ ସଭ୍ୟତା ବଞ୍ଚିବ ବୋଲି 'କନ୍ୟା ଅନ୍‌ମୋଲ ହେ' ଓ ରୋଟାରୀ ଆନୁକୂଲ୍ୟରେ ଆୟୋଜିତ 'ଚରଣ ସ୍ପର୍ଶ ୫.୦' କାର୍ଯ୍ୟକ୍ରମରେ ବକ୍ତାମାନେ କହିଛନ୍ତି। ରବିବାର ଗୁରୁ କେଳୁଚରଣ ଓଡ଼ିଶୀ ଗବେଷଣା କେନ୍ଦ୍ରରେ କନ୍ୟା ଅନ୍‌ମୋଲ ହେ ପ୍ରତିଷ୍ଠାତା ତଥା ରୋଟାରିଆନ ସରୋଜ କୁମାର ଦାଶଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଚରଣ ସ୍ପର୍ଶ-୨୦୨୫ କାର୍ଯ୍ୟକ୍ରମରେ ବିଶିଷ୍ଟ ଅଭିନେତା ତଥା ପୂର୍ବତନ ସାଂସଦ ପ୍ରଶାନ୍ତ ନନ୍ଦ, ସମାଜସେବୀ ପଦ୍ମଶ୍ରୀ ତୁଳସୀ ମୁଣ୍ଡା ଓ ଓଡ଼ିଶାର ପ୍ରଥମ ମହିଳା ଅର୍ଜୁନ ପୁରସ୍କାର ବିଜେତା ମିନତୀ ମହାପାତ୍ର, କଣ୍ଠଶିଳ୍ପୀ ଗୀତା ଦାଶଙ୍କୁ ଚଳିତବର୍ଷର ଚରଣ ସ୍ପର୍ଶ ସମ୍ମାନରେ ସମ୍ମାନିତ କରାଯାଇଥିଲା। କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ରୋଟାରୀ ୩୨୬୨ ପ୍ରାନ୍ତପାଳ (ଡିଜି) ଯଜ୍ଞାଶିଷ ମହାପାତ୍ର ଯୋଗଦେଇ କନ୍ୟା ସୁରକ୍ଷା ପାଇଁ ରୋଟାରୀ ଓ କନ୍ୟା ଅନ୍‌ମୋଲ ହେ କାର୍ଯ୍ୟକ୍ରମ ଜାରି ରଖିବେ ବୋଲି କହିଥିଲେ। ମୁଖ୍ୟବକ୍ତା ବିଶିଷ୍ଟ କବି ପ୍ରଶାନ୍ତ ଦାସ ଆମ ଭାରତୀୟ ସଂସ୍କୃତିର ମହାନତା ସମ୍ପର୍କରେ ଆଲୋଚନା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ରୋଟାରିଆନ୍ ଅନୀଲ ସାମଲ, ଇନ୍ଦ୍ରଜିତ ସାହୁ ପ୍ରମୁଖ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମକୁ ଉପସ୍ଥାପିକା ତପସ୍ୱିନୀ ପଟ୍ଟନାୟକ ପରିଚାଳନା କରିଥିଲେ। ଏହି ଉପଲକ୍ଷେ ଅପରାହ୍ଣରେ ଅନୁଷ୍ଠାନର ବରିଷ୍ଠ ସଦସ୍ୟ ରାମଜୀବନ ଗୋଛାୟତଙ୍କ ଅଧ୍ୟକ୍ଷତାରେ କନ୍ୟା ଉତ୍ସବ ଅନୁଷ୍ଠିତ ହୋଇଥିଲା। ଏଥିରେ ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ଶତାବ୍ଦୀ ପଲାଇ ଧନ୍ୟବାଦ ଅର୍ପଣ କରିଥିଲେ।

## ରଜରେ ମୁହାଁମୁହିଁ ହେବେ ବାବୁସାନ୍, ସବ୍ୟସାଚୀ

### ପରଦାକୁ ଆସିବ 'ଅନନ୍ତା' ଓ 'ବୋଉ ବୁଟୁ ଭୂତ'



ଭୁବନେଶ୍ୱର,୮।୬(ସମିସ):

ଚଳିତବର୍ଷ ରଜରେ ପରଦାକୁ ଆସିବ ୨ଟି ନୂଆ ଓଡ଼ିଆ ସିନେମା। ବାବୁସାନ୍‌ଙ୍କ 'ବୋଉ ବୁଟୁ ଭୂତ' ଏବଂ ସବ୍ୟସାଚୀଙ୍କ 'ଅନନ୍ତା'। ଏହାସହିତ ରଜର ଅବ୍ୟବହିତ ପୂର୍ବରୁ ଗତ ୬ ତାରିଖରେ ମୁକ୍ତିଲାଭ କରିଛି ଶ୍ରୀଧର ମାର୍ଥା ଓ କିଶୋର ନାୟକଙ୍କ ପ୍ରଯୋଜିତ ଆଉ ଏକ ଓଡ଼ିଆ ସିନେମା 'ଫାଷ୍ଟ ଲଭ୍'। ରଜ ଉପଲକ୍ଷେ ଏହି ୩ଟି ସିନେମା ଦର୍ଶକଙ୍କୁ ଭରପୂର ମନୋରଞ୍ଜନ କରିବ ବୋଲି ସିନେମାର ପ୍ରଯୋଜନା ସଂସ୍ଥା ଓ ନିର୍ଦ୍ଦେଶକ ଆଶା ରଖିଛନ୍ତି। 'ବୋଉ ବୁଟୁ ଭୂତ' ଏବଂ 'ଅନନ୍ତା' ଆସନ୍ତା ୧୨ ତାରିଖରେ ସାରା ଓଡ଼ିଶାରେ ମୁକ୍ତିଲାଭ କରିବ। ଏହି ସିନେମାଗୁଡ଼ିକର ଟ୍ରେଲର୍ ଓ ପୋଷ୍ଟର ସାମାଜିକ ଗଣମାଧ୍ୟମରେ ବେଶ୍ ଭାଇରାଲ୍ ହେଉଥିବା ଦେଖିବାକୁ ମିଳିଛି।

ସାଧାରଣତଃ ଆଗରୁ ରଜ, ଦୁର୍ଗାପୂଜା ଆଦି ପର୍ବପର୍ବାଣିରେ ପ୍ରତିଯୋଗିତା ଭାବେ ସିନେମା ରିଲିଜ୍ ହେଉଥିବାବେଳେ ଚଳିତବର୍ଷ ରଜରେ ମାତ୍ର ୨ଟି ସିନେମା ପରଦାକୁ ଆସିବ। କରୋନା ମହାମାରୀ ପରଠୁ ଯଦିଓ ଓଡ଼ିଆ ସିନେମାଠାରୁ ଦର୍ଶକ ମୁହଁ ଫେରାଇ ନେବା ଭଳି ପ୍ରତୀୟମାନ ହେଉଛି, ତଥାପି ମୌଳିକ କାହାଣୀକୁ ନେଇ ନିର୍ମିତ କେତୋଟି ଓଡ଼ିଆ ସନେମା ପରଦାକୁ ଆସିବା ପରେ ଦର୍ଶକ ହଲ୍‌ମୁହାଁ ହେଉଥିବା ବି ଦେଖିବାକୁ ମିଳିଛି। ରଜରେ ଫକୀର ମୋହନ ସେନାପତିଙ୍କ ଉପନ୍ୟାସ 'ରାଣ୍ଡିପୁଅ ଅନନ୍ତା'ର କାହାଣୀକୁ ନେଇ ନିର୍ମିତ 'ଅନନ୍ତା' ଶେଷରେ ଦର୍ଶକଙ୍କ ନିକଟରେ ପହଞ୍ଚିବାକୁ ଯାଉଛି। ସିନେମାର ନାଁକୁ ନେଇ ଅନେକ ବିବାଦ ପରେ ନାଁ ବଳାଯାଇଥିଲା। ସବ୍ୟସାଚୀ ମହାପାତ୍ରଙ୍କ ନିର୍ଦ୍ଦେଶିତ ଏହି ସିନେମାରେ ମୁଖ୍ୟ ଭୂମିକାରେ ସବ୍ୟସାଚୀ ଓ ସୂର୍ଯ୍ୟମୟୀ ରହିଛନ୍ତି। ସୁଶାନ୍ତ କୁମାର ମହାପାତ୍ର ଓ ଶ୍ୱେତପଦ୍ମା ମହାନାତ୍ରଙ୍କ ପ୍ରଯୋଜିତ ଏହି ଫିଲ୍ମରେ ଡ. ନିର୍ମଳ ନାୟକଙ୍କ ରଚିତ ଗୀତଗୁଡ଼ିକ ସଙ୍ଗୀତରେ ସଜାଇଛନ୍ତି ଅଭିଜିତ ମଜୁମ୍‌ଦାର।

ସେହିପରି ଜଗଦୀଶ ମିଶ୍ରଙ୍କ ନିର୍ଦ୍ଦେଶିତ ଏବଂ ତୃପ୍ତୀ ମହାନ୍ତିଙ୍କ ପ୍ରଯୋଜିତ 'ବୋଉ ବୁଟୁ ଭୂତ'ରେ ବାବୁଶାନ୍‌ଙ୍କ ସହିତ ଅଭିନେତ୍ରୀ ଅର୍ଚ୍ଚିତାଙ୍କ ଯୋଡ଼ିକୁ ଦୀର୍ଘବର୍ଷର ବ୍ୟବଧାନ ପରେ ପୁଣିଥରେ ଏକାଠି ଦେଖିବାକୁ ମିଳିବ। ସେହିପରି ଅପରାଜିତା ଏବଂ ସ୍ୱର୍ଗତ ଉତ୍ତମ ମହାନ୍ତିଙ୍କୁ ମଧ୍ୟ ଏହି ସିନେମାରେ ଦେଖିବାକୁ ପାଇବେ ଦର୍ଶକ।

ସେହିପରି ରେଞ୍ଚୀ ରୟାଲ୍ ଲାବ୍ ବ୍ୟାନର୍‌ରେ ଏବଂ ଜୀ ସାର୍ଥକ ସହଯୋଗରେ ପ୍ରସ୍ତୁତ 'ଫାଷ୍ଟ ଲଭ୍' ଚଳିତ ମାସ ୬ ତାରିଖରେ ମୁକ୍ତିଲାଭ କରିଥିବାବେଳେ ରଜରେ ମଧ୍ୟ ସିନେମାଟି ଦର୍ଶକଙ୍କୁ ହଲମୁହାଁ କରାଇବ ବୋଲି ପ୍ରଯୋଜନା ସଂସ୍ଥା ଆଶାବ୍ୟକ୍ତ କରିଛନ୍ତି। ଏଥିରେ ଶୈଳେନ୍ଦ୍ର ଓ ଦିବ୍ୟାଙ୍କ ସମେତ ଚୌଧୁରୀ ଜୟପ୍ରକାଶ ଦାସ, ଉଷସୀ ମିଶ୍ର, ଶୁଭ୍ରାଂଶୁ ନାୟକ, ମିଲି ମହାନ୍ତି ପ୍ରମୁଖ ଅଭିନୟ କରିଛନ୍ତି।







### ଓଟିଟିରେ ଅନୁଭବଙ୍କ 'କୁହୁଡ଼ି'

ଅଜୟ ପାଢ଼ୀଙ୍କ ନିର୍ଦ୍ଦେଶିତ ଓଡ଼ିଆ ସିନେମା 'କୁହୁଡ଼ି'କୁ ପୁଣି ଥରେ ଦେଖିବାର ସୁଯୋଗ ପାଇବେ ଦର୍ଶକ। ଗତବର୍ଷ ରଜରେ ଏହି ଫିଲ୍ମ ମାଧ୍ୟମରେ ବଡ଼ ପରଦାକୁ ଫେରିଥିଲେ ସୁପରଷ୍ଟାର ଅନୁଭବ ମହାନ୍ତି। ଏଥିରେ ଅନୁଭବଙ୍କ ଭିନ୍ନ ଚରିତ୍ର ଦର୍ଶକଙ୍କୁ ବେଶ୍ ପସନ୍ଦ ଆସିଥିଲା। ଏଥର ଓଟିଟି ପ୍ଲାଟଫର୍ମ ଆଓ ନେକ୍ସଟ୍‌ରେ ଦେଖିବାକୁ ମିଳିବ ସିନେମା 'କୁହୁଡ଼ି'। କ୍ୟାମେରା କୁଇନ୍ ପ୍ରଡକ୍ସନ୍ ପ୍ରସ୍ତୁତ ଅଜୟ ପାଢ଼ୀଙ୍କ ନିର୍ଦ୍ଦେଶିତ ଏବଂ ହିମାଦ୍ରୀ ତନୟ ଦାସଙ୍କ ପ୍ରଯୋଜିତ ଏହି ସିନେମାରେ ନାୟିକା ଭାବେ ସୁପ୍ରିୟା ରହିଥିବାବେଳେ ପ୍ରକୃତି ମିଶ୍ର ଏବଂ ଦୀପନ୍ୱିତ ଦାସ ମହାପାତ୍ରଙ୍କ ଦମଦାର ଅଭିନୟ ଦେଖିବାକୁ ମିଳିଥିଲା। ଏଥର ରଜରେ ଓଟିଟି ପ୍ଲାଟଫର୍ମରେ ସିନେମାଟି ରେକର୍ଡ କରିବ ବୋଲି ପ୍ରଯୋଜନା ସଂସ୍ଥା ପକ୍ଷରୁ କୁହାଯାଇଛି।

■ ମହିଳାଙ୍କୁ ଦୁଷ୍କର୍ମ ଉଦ୍ୟମ ବେଳେ ବିରୋଧ

# ନାବାଳକଙ୍କ ଗୁପ୍ତାଙ୍ଗ କାଟିଲେ ଦୁର୍ବୃତ୍ତ

କୋରୁକୋଣ୍ଡା,୮ ।୬(ସମିସ): ମହିଳାଙ୍କୁ ଦୁଷ୍କର୍ମ କରିବାକୁ ଉଦ୍ୟମ ବେଳେ ବିରୋଧ କରିବାରୁ ନାବାଳକଙ୍କ ଗୁପ୍ତାଙ୍ଗ କାଟିଲେ ଦୁର୍ବୃତ୍ତ। ମାଲକାନଗିରି ଜିଲ୍ଲା କୋରୁକୋଣ୍ଡା ଥାନା ଅଧୀନ ଏମଭି ୨୪ ଗ୍ରାମରେ ଗତ ରାତିରେ ଏହି ଘଟଣା ଘଟିଛି।

ଥାନାରେ ହୋଇଥିବା ଅଭିଯୋଗ ଅନୁଯାୟୀ, ଏମଭି ୨୪ ଗ୍ରାମରେ ଗତ ରାତି ପ୍ରାୟ ୮ ଘଟିକା ସମୟରେ ବିଜୁଳି ନଥିବା ବେଳେ ଘରେ ଏକାକି ଥିବା ଜଣେ ମହିଳାଙ୍କୁ ଅନ୍ଧାରର ସୁଯୋଗ ନେଇ ଉକ୍ତ ଗ୍ରାମର ଦୁଇ ଜଣ ଜୋରଜବରଦସ୍ତ ଦୁଷ୍କର୍ମ କରିବାକୁ ଚେଷ୍ଟା କରିଥିଲେ। ଏହି ସମୟରେ ମହିଳା ଜଣଙ୍କ ପାଟି କରିବାରୁ ତାଙ୍କ ଘର ନିକଟରେ ଥିବା ତାଙ୍କ ଦିଅରଙ୍କ ନାବାଳକ ପୁଅ ଆସି ପ୍ରତିବାଦ କରିଥିଲେ। ଉକ୍ତ ନାବାଳକ ପ୍ରତିବାଦ କରିବାରୁ ଅଭିଯୁକ୍ତ ଓ ତାଙ୍କ ଭାଇ ନାବାଳକ ଉପରକୁ ଆକ୍ରମଣ କରିବା ସହ ତାର ଗୁପ୍ତାଙ୍ଗକୁ ଆଘାତ କରି ଚାଲି ଯାଇଥିଲେ। ନାବାଳକ ଜଣଙ୍କ ଚିତ୍କାର କରିବାରୁ ପାଟି ଶୁଣି ସାହି ପଡିଶା ଲୋକେ ଆସି ତାକୁ ଉଦ୍ଧାର କରିବା ସହିତ ତୁରନ୍ତ ମାଲକାନଗିରି ଚିକିତ୍ସାଳୟକୁ ନେଇ ଚିକିତ୍ସା କରାଇ ଥିଲେ। ଏନେଇ ଅଭିଯୋଗ କାରିଣୀ କୋରୁକୋଣ୍ଡା ଥାନରେ ଲିଖିତ ଭାବେ ଅଭିଯୋଗ କରିଛନ୍ତି। ଏହାକୁ ନେଇ କୋରୁକୋଣ୍ଡା ଥାନା କେଶ ନଂ ୯୯/୨୦୨୫ରେ ଏକ ମାମଲା ରୁଜୁ ହୋଇଛି। ପୁଲିସ ଦୁଇ ଜଣଙ୍କୁ ଅଟକ ରଖି ତଦନ୍ତ କରୁଥିବା କହିଛନ୍ତି ତଦନ୍ତ ଅଧିକାରୀ ସବ୍ ଇନ୍ସପେକ୍ଟର ପ୍ରଶାନ୍ତ କୁମାର ସାବତ।

# ସୁଭଦ୍ରା ଶକ୍ତି ପକ୍ଷରୁ ପାରମ୍ପରିକ ପିଠା ପ୍ରତିଯୋଗିତା



ଗଞ୍ଜାମ,୮ ।୬(ସମିସ): ଗଞ୍ଜାମ ବ୍ଲକ ସୁଭଦ୍ରା ଶକ୍ତି ପକ୍ଷରୁ ପାରମ୍ପରିକ ପିଠା ପ୍ରତିଯୋଗିତା ଶନିବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଅତିଥି ଭାବେ ବ୍ଲକ ଅଧକ୍ଷା ଶର୍ମିଷ୍ଠା ପ୍ରଧାନ, ବିଡ଼ିଓ ଅଚ୍ୟୁତାନନ୍ଦ ଯାନୀ, ସିଡିପିଓ ସଲୀଳା ପ୍ରଧାନ, ସହକାରୀ ଯନ୍ତ୍ରୀ ଦିଗାମ୍ବର ନାୟକ, ହୁମା ସମିତି ସଭ୍ୟ ଧ୍ରୁବ ଚରଣ ପଲାଇ, ମଲାଡ଼ ସରପଞ୍ଚ ମମତା ବେହେରା ପ୍ରମୁଖ ଉପସ୍ଥିତ ଥିଲେ। ବ୍ଲକର ବିଭିନ୍ନ ପଞ୍ଚାୟତର ୧୮ ଟି ଏସଏଚଜି ମହିଳା ଗୋଷ୍ଠୀ ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିଲେ। ଏଥିରେ ପୋଡ଼ପିଠା, ଆରିସା ପିଠା, ଚକୁଳି, ମାଣ୍ଡିଆ ବରା, ଲଡ୍ଡୁ, ଦହି ବରା ଆଦି ସ୍ଥାନ ପାଇଥିଲା। ଏହି ପ୍ରତିଯୋଗିତାରେ ଶୁଭଦୃଷ୍ଟି ଏସଏଚଜି ଗ୍ରୁପର ମାଣ୍ଡିଆରେ ନିର୍ମିତ ରସାବଳୀ ଲଡ୍ଡୁ ପ୍ରଥମ ସ୍ଥାନ ପାଇଥିବା ବେଳେ ବନଦୁର୍ଗା ଏସଏଚଜି ଗ୍ରୁପ ଦ୍ୱିତୀୟ ସ୍ଥାନ ଅଧିକାର କରିଥିଲା। ପ୍ରଥମ ସ୍ଥାନ ପାଇଥିବା ଗ୍ରୁପକୁ ପାଞ୍ଚ ହଜାର ଓ ଦ୍ୱିତୀୟ ସ୍ଥାନ ଗ୍ରୁପକୁ ଚାରି ହଜାର ଟଙ୍କାର ଚେକ ପ୍ରଦାନ କରାଯାଇଥିଲା। ଗୋଷ୍ଠୀ ପ୍ରକଳ୍ପ ସଂଯୋଜକ ଦିଲ୍ଲୀପ କୁମାର ବେହେରା, ବିପିଏମ ଜଳନ୍ଧର ମହାରଣା ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

▶▶ ରଜ ପାଇଁ କବିତା ଆସର

# 'କବିତା ବଞ୍ଚିବାକୁ ପ୍ରେରଣା ଦିଏ'



ରାୟଗଡ଼ା,୮।୬(ସମିସ): ରଜ ଅବ୍ୟବହିତ ପୂର୍ବରୁ ରାୟଗଡ଼ା ସାହିତ୍ୟ ମହୋତ୍ସବ କମିଟି ପକ୍ଷରୁ ନ୍ୟୁ ଟାଉନ୍ ପୂଜା କମିଟି ସମ୍ମିଳନୀ କକ୍ଷରେ କବିତା ଆସର ଆୟୋଜନ ହୋଇଥିଲା। କମିଟିର ସଭାପତି ଡ. ଦୁଷ୍ମନ୍ତ କୁମାର ମହାନ୍ତିଙ୍କ ଅଧ୍ୟକ୍ଷତାରେ ଆୟୋଜିତ କବିତା ଆସରରେ କମିଟିର ସମ୍ପାଦକ ତଥା କବି ସୁଶାନ୍ତ କୁମାର ନାୟକ ପ୍ରାରମ୍ଭିକ ଅଭିଭାଷଣରେ କବିତା ମଣିଷକୁ ବଞ୍ଚିବାକୁ ପ୍ରେରଣା ଦେଇଥାଏ ଏବଂ ଏହା ସୃଜନର ପ୍ରମୁଖ ଅଳଙ୍କାର ବୋଲି କହିଥିଲେ। ଡ. ମହାନ୍ତି ନିଜ ବକ୍ତବ୍ୟରେ କହିଥିଲେ ଯେ କବିତା ପରିବର୍ତ୍ତନର ସୂତ୍ରଧର ଏବଂ ଏହା ସମାଜକୁ ମାର୍ଗ ଦର୍ଶନ କରାଇଥାଏ। ପରେ କବି ବିମଳ ଚାନ୍ଦ ପଟ୍ଟନାୟକ, ଶ୍ରୀଧର ପଟ୍ଟନାୟକ, ଶରତ ଚନ୍ଦ୍ର ରାଉତ, ମଞ୍ଜୁଶ୍ରୀ ମୁଖାର୍ଜୀ, ମହାଶ୍ୱେତା ପାଣିଗ୍ରାହୀ, ଲୋକନାଥ ପଣ୍ଡା, ଲାବଣ୍ୟ ମୋହନ ପଟ୍ଟନାୟକ, ଅରୁଣ କୁମାର ପାଣିଗ୍ରାହୀ, ରବି ଶତପଥୀ, ପ୍ରଶାନ୍ତି ସାହୁ, ତ୍ରିବେଣୀ ମିଶ୍ର, ସସ୍ମିତା କୁମାରୀ ଆଚାର୍ଯ୍ୟ, କୃଷ୍ଣପ୍ରିୟା ସାହାଣୀ, ବିନୋଦ ପାତ୍ର, ହୃଷିକେଶ ରଥ, ପଦ୍ମିନୀ ମିଶ୍ର, ଆଶୁତୋଷ ପାତ୍ର, ସୁଶାନ୍ତ କୁମାର ନାୟକ, ଡ. ଦୁଷ୍ମନ୍ତ କୁମାର ମହାନ୍ତି ପ୍ରମୁଖ ସ୍ୱରଚିତ କବିତା ପାଠ କରିଥିଲେ। ପରିଶେଷରେ କମିଟିର ସାଙ୍ଗଠନିକ ସଂପାଦକ ଡ. ଦ୍ୱିତୀଚନ୍ଦ୍ର ସାହୁ ଧନ୍ୟବାଦ ଅର୍ପଣ କରିଥିଲେ। କବି ବିମଳା ଚାନ୍ଦ ପଟ୍ଟନାୟକ ଓ ଶ୍ରୀଧର ପଟ୍ଟନାୟକ କବିତା ଗୁଡ଼ିକର ସଂଯୋଜନା କରିଥିଲେ।

## ଜିଲ୍ଲା ପରିଷଦ ସିଡିଓଙ୍କ ଗୁଣୁପୁର ବ୍ଲକ୍ ଗସ୍ତ

# ଉନ୍ନୟନ କାର୍ଯ୍ୟର ସମୀକ୍ଷା, ଗାଁ ସ୍ୱଚ୍ଛତା ଉପରେ ଗୁରୁତ୍ୱ



ରାୟଗଡ଼ା,୮।୬(ସମିସ): ରବିବାର ଦିନ ରାୟଗଡ଼ା ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ଅକ୍ଷୟ କୁମାର ଖେମୁଣ୍ଡୁ ଜିଲ୍ଲାର ଗୁଣପୁର ପଞ୍ଚାୟତ ସମିତିର ବିଭିନ୍ନ ଅଞ୍ଚଳ ଗସ୍ତ କରି ଉନ୍ନୟନ ମୂଳକ କାର୍ଯ୍ୟକ୍ରମର ସମୀକ୍ଷା କରିଛନ୍ତି। ପ୍ରଥମେ ଡ଼ମ୍ବସରା ଏବଂ ଚାଲାକମ୍ବା ପଞ୍ଚାୟତ ଗସ୍ତ କରି ବିକଶିତ ଗାଁ ଏବଂ ବିକଶିତ ଓଡ଼ିଶାର ପ୍ରକଳ୍ପ ପରିଦର୍ଶନ କରିଥିଲେ ଏବଂ ତତ୍ ପରେ ପୁଟାସିଂ ଗ୍ରାମପଞ୍ଚାୟତ ଠାରେ ଅପରାହ୍ନ ସମୟରେ ଗ୍ରାମ୍ୟସ୍ତରୀୟ ସ୍ୱଚ୍ଛତା ଶିବିର ବୈଠକରେ ଯୋଗ ଦେଇଥିଲେ। ଉକ୍ତ ଶିବିର ଗୁଣପୁର ଗୋଷ୍ଠୀ ଉନ୍ନୟନ ଅଧିକାରୀ ସ୍ୱସ୍ତିକ ଜମାଦାରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଥିବା ବେଳେ ଶ୍ରୀ ଖେମୁଣ୍ଡୁ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ତରଫରୁ ଧାର୍ଯ୍ୟ କରାଯାଇଥିବା ସମୟ ସୀମା ମଧ୍ୟରେ ସମସ୍ତ ଅସମ୍ପୂର୍ଣ୍ଣ ଏବଂ ନୂତନ ଭାବେ ଚିହ୍ନଟ ହୋଇଥିବା ପ୍ରଧାନମନ୍ତ୍ରୀ ଜନମନ ଯୋଜନା ହିତାଧିକାରୀମାନେ ଗୃହ ନିର୍ମାଣ କାର୍ଯ୍ୟ ସମ୍ପୂର୍ଣ୍ଣ କରିବାକୁ ବୈଠକରେ ଆଲୋଚନା କ୍ରମେ ହିତାଧିକାରୀଙ୍କୁ ପରାମର୍ଶ ଦେଇଥିଲେ। ଏହି ବୈଠକରେ ଧାର୍ଯ୍ୟ ସମୟ ୪ ମାସ ମଧ୍ୟରେ ସମସ୍ତ ଗୃହ କାର୍ଯ୍ୟ ସମ୍ପୂର୍ଣ୍ଣ ହେଲେ ହିତାଧିକାରୀମାନଙ୍କୁ ୨୦ ହଜାର ଟଙ୍କା ସରକାରଙ୍କ ତରଫରୁ ପ୍ରୋତ୍ସାହନ ରାଶି ପ୍ରଦାନ କରାଯାଉଥିବା ନେଇ ଆଲୋକପାତ କରାଯାଇଥିଲା। ବୈଠକରେ ଗୃହ କାର୍ଯ୍ୟ ଧାର୍ଯ୍ୟ ସମୟ ସୀମା ମଧ୍ୟରେ ସମ୍ପୂର୍ଣ୍ଣ କରିବାକୁ ଉପସ୍ଥିତ ସମସ୍ତ ହିତାଧିକାରୀ ସହମତି ପ୍ରକାଶ କରିଥିଲେ। ଏହା ବ୍ୟତୀତ ଗାଁ ପରିବେଶକୁ କେମିତି ସଫା ସୁତରା ରଖିବା, ପାଇଖାନାର ସଠିକ୍ ବ୍ୟବହାର କରିବା ଉପରେ ମଧ ଲୋକଙ୍କୁ ସଚେତନ କରାଯାଇଛି । ଉକ୍ତ ଶିବିର ବହୁ ସଂଖ୍ୟାରେ ଲାଞ୍ଜିଆ ସୌରା ଜନ ଜାତି ଅଂଶ ଗ୍ରହଣ କରିଥିଲେ। ଏହି ଶିବିରରେ ଅତିରିକ୍ତ ପ୍ରକଳ୍ପ ନିର୍ଦ୍ଦେଶକ ଅର୍ଥ, ଅତିରିକ୍ତ ପ୍ରକଳ୍ପ ନିର୍ଦ୍ଦେଶକ ସେବା ଲକ୍ଷ୍ମୀ ନାରାୟଣ ଦୋରା, ଜିଲ୍ଲା ପରିଷଦ ରାୟଗଡା, ପଞ୍ଚାୟତ ନିର୍ବାହୀ ଅଧିକାରୀ , ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ , ସରପଞ୍ଚ ଏସାୟ ଶବର ଏବଂ ସମିତି ସଭ୍ୟ , ପୁଟାସିଂ ଗ୍ରାମ ପଞ୍ଚାୟତର ସମସ୍ତ ସଭ୍ୟସଭ୍ୟା ଉପସ୍ଥିତ ଥିଲେ।

# ଭାରତୀୟ କମ୍ୟୁନିଷ୍ଟ ପାର୍ଟିର ସମ୍ମିଳନୀ



ଆସିକା,୮ ।୬(ସମିସ): ଆସିକା ଟାଉନ୍ ହଲ ଠାରେ ରବିବାର ଭାରତୀୟ କମ୍ୟୁନିଷ୍ଟ ପାର୍ଟି ଆସିକା ଆଞ୍ଚଳିକ ପରିଷଦର ସମ୍ମିଳନୀ ଅନୁଷ୍ଠିତ ହୋଇଥିଲା। ପ୍ରଥମେ ଦଳୀୟ ପତାକା ଉତ୍ତୋଳନ କରିଥିଲେ ଦଳର ପୁରୁଖା ନେତା ସଂଗ୍ରାମୀ ପୀତବାସ ମହାପାତ୍ର। ସଭାପତି ଭାବେ କାର୍ଯ୍ୟ ତୁଲାଇଥିଲେ ପ୍ରଫୁଲ୍ଲ ନାହାକ। ରାଜ୍ୟ ସହ ସମ୍ପାଦକ ଓ ଜିଲ୍ଲା ସମ୍ପାଦକ ପ୍ରକାଶ ପାତ୍ର, ଛାତ୍ର ଜିଲ୍ଲା ସଭାପତି କାମ ଦେବ ନାହାକ ଯୋଗଦେଇ କେନ୍ଦ୍ର ଓ ରାଜ୍ୟ ବିଜେପି ଡବଲ୍ ଇଂଜିନ ସରକାରଙ୍କ କୃଷକ ବିରୋଧୀ ଓ ଜନ ବିରୋଧୀ ନୀତି ସହ ନିତ୍ୟ ବ୍ୟବହାର୍ଯ୍ୟ ଜିନିଷର ଅହେତୁକ ଦରଦାମ ବୃଦ୍ଧି, ବେକାରୀ ସମସ୍ୟା ବୃଦ୍ଧି ନେଇ ସରକାରଙ୍କ ଉପରେ ବର୍ଷିଥିଲେ। ଏହି ଅବସରରେ ଆଗାମୀ ୩ବର୍ଷ ପାଇଁ ନୂତନ କମିଟି ଚୟନ କରାଯାଇଥିଲା ଓ କାର୍ଯ୍ୟକାରୀ କମିଟି ୧୧ ଜଣଙ୍କୁ ନେଇ ଗଠନ କରାଯାଇଥିଲା। ସମ୍ପାଦକ ଭାବେ ରାଜେନ୍ଦ୍ର ଦାସ, ସହ ସମ୍ପାଦକ ଦେବହରି ମହାନ୍ତି ଓ ପୁରୁଷୋତ୍ତମ ବିଷୋୟୀ ଏବଂ କମିଟିରେ ପୀତବାସ ମହାପାତ୍ର, ସନ୍ତୋଷ ପାଣିଗ୍ରାହୀ, ଉପେନ୍ଦ୍ର ଭଞ୍ଜ, ନାରାୟଣ ଜେନା, ସନ୍ୟାସୀ ନାହାକ, ଭଜରାମ ଲେଙ୍କା, ଓ ଭାଗ୍ୟଲତା ପଣ୍ଡାଙ୍କୁ ନେଇ କାର୍ଯ୍ୟକାରୀ କମିଟି ଗଠନ କରାଯାଇଥିଲା। ଦଳର ବରିଷ୍ଠ ଓ ସଂଗ୍ରାମୀ ନେତା ବିଦେଶୀ ନାହାକ ଉପସ୍ଥିତ ରହି ଦଳର ଆଭିମୁଖ୍ୟ ଉପରେ ଆଲୋଚନା କରି ଧନ୍ୟବାଦ ଅର୍ପଣ କରିଥିଲେ।

# ରଜ ଲାଗି ପ୍ଲାଷ୍ଟିକ୍ ଦୋଳିର ବଢୁଛି ଚାହିଦା

ରମ୍ଭା,୮ ।୬(ସମିସ): ଦିନ ଥିଲା ଲୋକେ ସାହି ପଡିଶା ହେଉ ଗଛଡ଼ାଳ କିମ୍ବା ନିଜ ଘରେ କତା ଦୌଡ଼ି କିମ୍ବା ଲୁଗାକୁ ଦୁଲାରେ ବାନ୍ଧି ରଜ ଦୋଳିର ମଜା ଉଠାଉଥିଲେ। ହେଲେ ଏବେ ଯୁଗ ବଦଳିବା ସହ ଏହି ସବୁ ସାମଗ୍ରୀର ଚାହିଦା କମିବାରେ ଲାଗିଛି। କିନ୍ତୁ ଏବେ ରାସ୍ତା କଡ଼ରେ କିମ୍ବା ବେକରେ ଝୁଲାଇ ଅଣ ଓଡ଼ିଆ ବେପାରୀ ମାନେ ନିଜ ଗୁଜୁରାଣ ମେଣ୍ଟାଇବା ପାଇଁ ସାହି, ଗଳି କନ୍ଦି ବୁଲି ରଜକୁ ଲକ୍ଷ୍ୟ ରଖି ରଙ୍ଗବେରଙ୍ଗ ସହ ବିଭିନ୍ନ କିଶମର ପ୍ଲାଷ୍ଟିକ ଦୌଡ଼ି ଭିନ୍ନ ଭିନ୍ନ ତରିକାରେ ବିକ୍ରି କରୁଥିବା ଲକ୍ଷ୍ୟ କରାଯାଇଛି। ଗ୍ରାହକ ପସନ୍ଦ ମୁତାବକ ଦୌଡ଼ି ପସନ୍ଦ କରିଥିଲେ ମଧ ତାକୁ ନିରାଶ ନ କରି ଦରକୁ ଗୁରୁତ୍ୱ ନ ଦେଇ ପ୍ରଦାନ କରୁଥିବା ଲକ୍ଷ୍ୟ କରାଯାଇଛି। ଏମାନେ ପ୍ରବାସୀ ହୋଇଥିବାରୁ ସ୍ଥାନୀୟ ବାସିନ୍ଦାଙ୍କ ଠାରୁ ଆରମ୍ଭ କରି ପାଖ ପଡୋଶୀ, ଗ୍ରାମବାସୀ ନାନା ଦୃଷ୍ଟିରେ ଦେଖୁଥିବା ବେଳେ ଏମାନେ କୌଣସି ସ୍ଥାନରେ ବେଶୀଦିନ ନରହି ବୁଲୁଥିବା ଜଣାପଡ଼ିଛି। ତେବେ ଆଗକୁ ରଜ ପର୍ବ ଥିବାରୁ ରାସ୍ତା କଡ଼ରେ ନିଜର ପସରା ମେଲାଇବା ସହ ଗ୍ରାହକଙ୍କ ଅପେକ୍ଷାରେ ଏହି ବେପାରୀ ମାନେ ରହିଥାନ୍ତି। ଯଦି କେହି ଗ୍ରାହକ ଆସନ୍ତି ତେବେ ସେମାନଙ୍କ ପସନ୍ଦ ମୁତାବକ ଦୋଳି ଦେଇଥାନ୍ତି।



# ସଂଗ୍ରାମୀ ସ୍ମାରକୀ ପୀଠରେ ବୃକ୍ଷରୋପଣ

ରମ୍ଭା,୮ ।୬(ସମିସ): ଐତିହାସିକ ସହର ରମ୍ଭା ନଗରୀରେ ଉତ୍କଳ ସଂଗ୍ରାମୀ ସ୍ମାରକୀ ପୀଠ ପ୍ରତିଷ୍ଠା ଅବସରରେ ରମ୍ଭା ସରକାରୀ ଉଚ୍ଚ ବିଦ୍ୟାଳୟ ପରିସରରେ ପ୍ରକୃତିବନ୍ଧୁ ମାନଙ୍କ ଦ୍ୱାରା ବିଶ୍ୱ ପରିବେଶ ଦିବସ ପାଳିତ ହୋଇଯାଇଛି। ରମ୍ଭା ସରକାରୀ ଉଚ୍ଚ ବିଦ୍ୟାଳୟ ପରିସରରେ ସଂଗ୍ରାମୀ ସ୍ମାରକୀ ପୀଠର ଭବ୍ୟ ଓ ଦିବ୍ୟ ମଞ୍ଚରେ ୪୧ଜଣ ବରପୁତ୍ର ମାନଙ୍କ ପ୍ରତିମୂର୍ତ୍ତିକୁ ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ଉନ୍ମୋଚନ ହେବା ସ୍ମୃତିରେ ଗଞ୍ଜାମ ଜିଲ୍ଲା ଶିକ୍ଷା ଅଧିକାରୀ ଅଜୟ କୁମାର ପାତ୍ର, ପ୍ରକୃତିବନ୍ଧୁ ପ୍ରଧାନ ଶିକ୍ଷକ ଗୋପୀନାଥ ବେହେରା, ପ୍ରକୃତିବନ୍ଧୁ ସାମାଜିକ କର୍ମୀ ପଞ୍ଚାନନ ଖଟୁଆ, ପ୍ରକୃତି ବନ୍ଧୁ ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର ପ୍ରାପ୍ତ ସହକାରୀ ଶିକ୍ଷକ ଶେଷଦେବ ବେହେରା, ଶିକ୍ଷକ ଅଭିରାମ ସାହୁ, ଆଶିଷ କୁମାର ପାତ୍ର, ଜଗବନ୍ଧୁ ପାତ୍ର, ଶିକ୍ଷୟିତ୍ରୀ ସବିତା କୁମାରୀ ବେହେରା, କିରାଣି କୃଷ୍ଣଚନ୍ଦ୍ର ବାଡତ୍ୟା, ସ୍ୱେଚ୍ଛାସେବୀ ଡାକ ବେହେରା ପ୍ରମୁଖଙ୍କ ଉପସ୍ଥିତିରେ ଶିଶୁ ଉଦ୍ୟାନ ପରିସରରେ ବିଭିନ୍ନ ଚାରା ରୋପଣ କରାଯାଇଥିଲା।



## ରାୟଗଡ଼ା ଗ୍ରାମଦେବତା ପର୍ବ

# ହଳଦୀ ଗାଧୁଆ, ଦୋଳି ଖେଳ ସମ୍ପନ୍ନ





ରାୟଗଡ଼ା,୮।୬(ସମିସ) : ରାୟଗଡ଼ାର ଅଧିଷ୍ଠାତ୍ରୀ ଦେବୀ ଶ୍ରୀ ଶ୍ରୀ ବୁରୁଦାଲା ପୋଲାମ୍ମା ମାଁଙ୍କ ଗ୍ରାମଦେବତା ପର୍ବ ଚଳିତ ମାସ ୨ତାରିଖରୁ ମହା ଆଡମ୍ବର ସହକାରେ ଧୁମ୍‌ଧାମରେ ପୂଜା କମିଟି ପକ୍ଷରୁ ପାଳନ ହୋଇଆସୁଛି। ଆଜି ସପ୍ତମ ଦିନ ରବିବାରରେ ସକାଳେ ପାରମ୍ପରିକ ରୀତି ନୀତି ଅନୁଯାୟୀ ପୂଜାର୍ଚ୍ଚନା ସରିବା ପରେ ଅପରାହ୍ନ ୩ଟା ସମୟରେ ହଳଦୀ ପାଣି ଗାଧୁଆ ନୀତି ସମ୍ପନ୍ନ ହୋଇଥିଲା। ଏହି ପୂଜା ରୀତିନୀତି ଅନୁଯାୟୀ କୁନି କୁନି ପିଲାଙ୍କୁ ହଳଦୀରେ ସଜେଇବା ପରେ ଜିଲ୍ଲା କୋଷାଗାର କାର୍ଯ୍ୟାଳୟ ପରିସରରେ ଥିବା ରାଜାଙ୍କ ଘର ଠାରେ ମାଁଙ୍କ ପୂଜାର୍ଚ୍ଚନା ହୋଇ ସାହି ସାହିରେ ମାଁଙ୍କ ପରିଭ୍ରମଣ କରାଯାଇଥାଏ। ଏହି ସମୟରେ ସାହି ବାସିନ୍ଦାମାନେ ନିଜ ଘରୁ ପବିତ୍ର ହଳଦୀ ପାଣିରେ ମାଁଙ୍କ ଗାଧୋଇ ଦେଇଥାନ୍ତି। କଥାରେ ଅଛି,ମାଁଙ୍କ ଏହି ଗାଧୁଆ ହଳଦୀ ପାଣି ମାଟିରେ ପଡିଲେ ଚାଷୀ ତାହାର ଚାଷ କାମ ଆରମ୍ଭ କରିଥାଏ ଏବଂ ଏହା ବର୍ଷାରମ୍ଭର ସୂଚକ ପ୍ରତୀକ ହୋଇଥାଏ ବୋଲି ବିଶ୍ୱାସ ରହିଛି। କୁନି କୁନି ପିଲାମାନେ ହଳଦୀ ବୋଳି ହେବା ସହ ହାତରେ ନିମ ଡାଳ ଧରି ମାଁଙ୍କୁ ସାହି ସାହି ବୁଲାଇଥାନ୍ତି। ଫଳରେ ଅଞ୍ଚଳରେ ଏକ ଆଧ୍ୟାତ୍ମିକ ପରିବେଶ ସୃଷ୍ଟି ହୋଇଥାଏ। ଆଜି ରାତ୍ର ୮ଟା ସମୟରେ ମାଁଙ୍କ ଅସ୍ଥାୟୀ ମଣ୍ଡପଠାରେ ଦୋଳି ଖେଳ ସମ୍ପନ୍ନ ହୋଇଥିଲା। ଯାହାକୁ ଦେଖିବା ପାଇଁ ଆଖପାଖ ଅଞ୍ଚଳର ଶତାଧିକ ଭକ୍ତଙ୍କ ସମାଗମ ହୋଇଥିଲା। ମାଁଙ୍କ ଏହି ଗ୍ରାମ ଦେବତା ପର୍ବ ନିମନ୍ତେ ପୂଜା କମିଟି ପକ୍ଷରୁ ମୁଖ୍ୟ ରାସ୍ତାରେ ଆଲୋକମାଳାକୁ ସୁସଜ୍ଜିତ କରାଯାଇଛି। ଆସନ୍ତାକାଲି ଅଷ୍ଟମ ଦିନ ୯ତାରିଖ ଅର୍ଥାତ୍ ସୋମବାରରେ ରାତ୍ର ୯ଟା ସମୟରେ ଆସରାଲୁ ପୂଜା କାର୍ଯ୍ୟକ୍ରମ ରହିଥିବା ପୂଜା କମିଟି ପକ୍ଷରୁ ସୂଚନା ମିଳିଛି।

# ସରଗିଗୁଡ଼ା ଗାଁକୁ ପକ୍କା ରାସ୍ତା ନିର୍ମାଣ ଦାବି



ଚନ୍ଦ୍ରପୁର,୮।୬(ସମିସ):ଆଦିବାସୀ ବହୁଳ ରାୟଗଡ଼ା ଜିଲ୍ଲା ଚନ୍ଦ୍ରପୁର ବ୍ଲକ ଡ଼ାଙ୍ଗସୋରଡ଼ା ପଞ୍ଚାୟତର ସରଗିଗୁଡା ଗାଁକୁ ପକ୍କା ରାସ୍ତା ନିର୍ମାଣ ପାଇଁ ଦାବି ହୋଇଛି। ପଞ୍ଚାୟତ ସଦର ମହକୁମା ଠାରୁ ମାତ୍ର ୨ କିମି ଦୂରରେ ରହିଛି ଗାଁ। ଏହି ଗାଁରେ ୯ ଆଦିବାସୀ ପରିବାର ଲୋକେ ବସବାସ କରନ୍ତି। ପଞ୍ଚାୟତର ସମସ୍ତ ଗାଁକୁ ପକ୍କା ରାସ୍ତା ସଂଯୋଗ କରାଯାଇଥିବା ବେଳେ ମୁଖ୍ୟ ରାସ୍ତାରୁ କେରେଞ୍ଜା ରାସ୍ତାକୁ ସଂଯୋଗ କରୁଥିବା ସରଗିଗୁଡା ୧.୫୦୦ କିମି ରାସ୍ତା ବାଦ୍ ପଡିଛି। ମୁଖ୍ୟରାସ୍ତାରୁ ଅଧା କିମିରୁ କମ୍ ଦୂରରେ ରହିଛି ସରଗିଗୁଡା ଗାଁ। ୫ ବର୍ଷ ପୂର୍ବେ ମନରେଗା ଯୋଜନାରେ ପଞ୍ଚାୟତ ପକ୍ଷରୁ ମୁଖ୍ୟ ରାସ୍ତାରୁ ସରଗିଗୁଡା ଗାଁ ଦେଇ କେରେଞ୍ଜା ରାସ୍ତା ପର୍ଯ୍ୟନ୍ତ ମାଟି ଓ ମୋରମ ନିର୍ମାଣ କରାଯାଇଥିଲା। ବର୍ଷା ଦିନେ ମାଟି ରାସ୍ତା କାଦୁଅ ପଚପଚ ହେଉଥିବା ଯୋଗୁଁ ଲୋକମାନେ ଯାତାୟାତ କରିବାରେ ଅସୁବିଧା ହେଉଛନ୍ତି। ରାସ୍ତାଟି ଅଣଓସାର ରହିଛି। ବର୍ଷା ଦିନେ କାଦୁଅରେ ଗାଁ ଭିତରକୁ ଆମ୍ବୁଲାନ୍ସ ଆସିବା ପାଇଁ ରାସ୍ତା ସୁବିଧା ନ ଥିବାରୁ ରୋଗୀ ଓ ସମ୍ପର୍କୀୟ ମାନେ ହଇରାଣ ହରକତ ହେଉଛନ୍ତି। ରୋଗୀଙ୍କୁ ଖଟିଆରେ ବୋହି କରି ମୁଖ୍ୟ ରାସ୍ତାକୁ ନିଆଯାଉଛି। ପରେ ଆମ୍ବୁଲାନ୍ସ କିମ୍ବା ଅନ୍ୟ ଗାଡ଼ି ଦ୍ୱାରା ଚନ୍ଦ୍ରପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର କିମ୍ବା ମୁନିଗୁଡା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ରୋଗୀଙ୍କୁ ଭର୍ତ୍ତି କରାଯାଉଛି। ଅନ୍ୟ ପଟେ ଗାଁରେ ଗୋଟିଏ ମାତ୍ର ନଳକୂପ ରହିଛି। ସେମାନଙ୍କର ପିଇବା, ଗାଧୋଇବା, ଲୁଗାପଟା ସଫା କରିବା ଇତ୍ୟାଦି କାମରେ ପାଣି ବ୍ୟବହାର କଲେ ପାଣି ନିଅଣ୍ଟ ହେଉଛି। ୧୦ ବର୍ଷ ପୂର୍ବେ ଓଟିଏଲ୍‌ପି ପ୍ରକଳ୍ପ ମାଧ୍ୟମରେ ଗାଁରେ ପାଣି ବୋର ଖୋଳା ଯାଇଥିଲା। ସେହି ବୋରରେ ମଟର ବସାଇ ବିଦ୍ୟୁତ୍ ସଂଯୋଗ କରାଯାଇ ଗାଁ ଲୋକେ ପାଣି ବ୍ୟବହାର କରୁଥିଲେ। ମଟର ଅଚଳ ଅବସ୍ଥାରେ ରହି ଥିବାରୁ ବୋର ପାଣି ସଂପୂର୍ଣ୍ଣ ଭାବେ ବନ୍ଦ ହୋଇ ନଷ୍ଟ ହେବାକୁ ଯାଉଛି। ପାଣି ସମସ୍ୟା ନେଇ ଜିଲ୍ଲାପାଳଙ୍କୁ ଜଣାଇଥିବା ଗାଁ ଲୋକେ କହିଛନ୍ତି। ଜିଲ୍ଲା ପ୍ରଶାସନ ପକ୍ଷରୁ ତୁରନ୍ତ ଗାଁ ସମସ୍ୟା ଉପରେ ପଦକ୍ଷେପ ଗ୍ରହଣ କରିବାକୁ ନିବେଦନ କରାଯାଇଛି।

# ତମ୍ପୋ ବାଲିଘାଟ ବିରୋଧରେ ମେଳି; ଲିଜ୍ ବାତିଲ ଦାବି




ରାମଚନ୍ଦ୍ରପୁର,୮।୬(ସମିସ): ଘଷିପୁରା ବ୍ଲକ ଅନ୍ତର୍ଗତ ବାତୋ ପଞ୍ଚାୟତ ତମ୍ପୋ ବୈତରଣୀ ବାଲିଘାଟକୁ ପ୍ରଶାସନ ଏକତରଫା ଲିଜ ଦେବାକୁ ନେଇ ସ୍ୱର ଉତ୍ତୋଳନ ହେଉଛି। ରବିବାର ବାତୋ ଶିଶୁ ମନ୍ଦିର ପ୍ରାଙ୍ଗଣରେ ଆଞ୍ଚଳିକ ସଚେତନ ନାଗରିକ ମିଳିତ କ୍ରିୟାନୁଷ୍ଠାନ କମିଟି ପକ୍ଷରୁ ଏକ ପ୍ରତିବାଦ ସଭାରେ କ୍ଷତିଗ୍ରସ୍ତ ହେବାକୁଥିବା ବାତୋ ପଞ୍ଚାୟତର ଅତା ପୁଟିଆ ଉଲ୍ଲଳ, ଅଞ୍ଜିରା, ଗୋଡ଼ିଉପର, ପରମାନନ୍ଦପୁର, ତମ୍ପୋ, ବାତୋ, ମଧୁକେଶରୀ, ପଞ୍ଚରା, ପଣ୍ଡୁଆ, ସାଇକୁଳ ଏବଂ ଶାଳଦେଇ ଓ ତରୁଆଁ ପଞ୍ଚାୟତର ବହୁ ସଚେତନ ନାଗରିକ ଏବଂ ମହିଳା ଯୋଗ ଦେଇଥିଲେ। ଯଦି ବାଲିଘାଟ ଏହି ରାସ୍ତା ଦେଇ ଚାଲେ ସ୍ଥାନୀୟ ଲୋକ ନାନାଦି ଅସୁବିଧାର ସମ୍ମୁଖୀନ ହେବେ। ଏହି ଅଞ୍ଚଳରେ ୧୦ରୁ ଅଧିକ ଶିକ୍ଷାନୁଷ୍ଠାନ, ୨ଟି କଲେଜ, ୨ଟି ମେଡିକାଲ, ୨ଟି ସାପ୍ତାହିକ ହାଟ ମଧ ରହିଛି। ଏହି ଦୃଷ୍ଟିରୁ ବାଲିଘାଟ ଲିଜ୍‌କୁ ବାତିଲ ଦାବି ନେଇ ମିଳିତ କ୍ରିୟାନୁଷ୍ଠାନ କମିଟି ପକ୍ଷରୁ ସ୍ୱର ଉତ୍ତୋଳନ କରାଯିବା ସହ ବୈତରଣୀ ନଦୀବନ୍ଧ ନିକଟରେ ନିର୍ମାଣାଧୀନ ପୋଲଟି କ୍ଷତିଗ୍ରସ୍ତ ହେବା ଆଶଙ୍କା କରାଯାଇଛି। କୌଣସି ପରିସ୍ଥିତିରେ ଏଠାରେ ବାଲି ଉଠାଣ ହୋଇପାରିବ ନାହିଁ ବୋଲି ମତ ପ୍ରକାଶ ପାଇଛି। ବୈଠକରେ ବିଜେପି ନେତା ପୃଥ୍ୱୀରାଜ କୁଅଁର, ବାତୋ ପଞ୍ଚାୟତ କଂଗ୍ରେସ ସଭାପତି ବଲ୍ଲଭ ସାହୁ, ସମାଜସେବୀ ଭାସ୍କର ବୋଇତେଇ, ନେତା ପ୍ରଫୁଲ୍ଲ ବେହେରା, କଂଗ୍ରେସ ନେତା ଦିଲ୍ଲୀପ ରାଉତ, କୁଳମଣି ଜେନା, ଦିଲ୍ଲୀପ ସାହୁ, ହରିହର ବୋଇତେଇ, ବସନ୍ତ ଚକ୍ର, ରବୀନ୍ଦ୍ର ପଣ୍ଡା, ଦେବକୀ ଜେନା, ଯମୁନା ଜେନା, ଆକାଶ ନାଥ, ସଜନୀ ସାହୁ, ବିଷ୍ଣୁମୋହନ ପାଗଳ, ଅଲେଖଚନ୍ଦ୍ର ରାଉତଙ୍କ ସମେତ ଶତାଧିକ ଜନସାଧାରଣ ଯୋଗ ଦେଇଥିଲେ।

# ବେଆଇନ ବାଲି ଉଠାଣକୁ ତୀବ୍ର ବିରୋଧ

କୁଆଁମରା,୮।୬(ସମିସ): ବର୍ଷ ତମାମ ପ୍ରବାହିତ ସୋନ ନଦୀରୁ ବେଆଇନ ବାଲି ଚାଲାଣ ହେଉଛି। ବାଲି ମାଫିଆ ବାଲି ଉଠାଣ କରି ବାହାରକୁ ଚାଲାଣ କରୁଛନ୍ତି। ଏପ୍ରିଲରୁ ଜୁନ ମଧ୍ୟରେ ତିନି ମାସ ଧରି ଦିନ ରାତି ବାଲିଚାଲାଣ ହେଉଥିଲେ ମଧ ଖଣି ବିଭାଗ ଆଖି ବୁଜିଦେଇଛି।




ଦୃଶିଆ ପଦକ୍ଷେପ ନନେବା ଅଞ୍ଚଳବାସୀଙ୍କ ପାଇଁ ଅସନ୍ତୋଷର କାରଣ ପାଲଟିଛି। ଗୋପବନ୍ଧୁ ନଗର ବ୍ଲକ ଦେଇ ପ୍ରବାହିତ ସୋନ ନଦୀରୁ ଜୟପୁର, ସାଇଁକୁଳା, ବରଡିହି ତିନୋଟି ପଞ୍ଚାୟତର ୧୦ ରୁ ୧୨ଟି ସ୍ଥାନରୁ ବାଲି ଉଠୁଛି। ତେବେ ଆଜି ଜୟପୁରରେ ଏକ ଜେସିବି ଦ୍ୱାରା ବାଲିଚାଲାଣ କରୁଥିବା ବେଳେ ସ୍ଥାନୀୟ ଗ୍ରାମର ମହିଳା ଓ ପୁରୁଷ ଏକାଠି ହୋଇ ବିରୋଧ କରିଥିଲେ। ଫଳରେ ଏନେଇ ଉଭୟଙ୍କ ମଧ୍ୟରେ ତିକ୍ତତା ପ୍ରକାଶ ପାଇଥିଲା। ତେବେ ନୂଆ ଗାଁରେ ସରକାରଙ୍କ ପକ୍ଷରୁ ବାଲିଘାଟ ନିଲାମ ହୋଇଥିବା ବେଳେ ଲିଜ ଧରି ନୂଆଗାଁ ଠାରୁ ବାଲି ଉଠାଣ କରି ଆସୁଥିଲେ। ସେ ସ୍ଥାନରୁ ବାଲି କମିଯିବା ପରେ ଧିରେ ଧିରେ ଜୟପୁର ମୁହାଁ ହୋଇଥିଲେ। ତେବେ ଆଜି ଗ୍ରାମ ଲୋକେ ପହଞ୍ଚି ବାଲି ଉଠାଣ କରିବାକୁ ଦେଇନଥିଲେ ଓ ଥାନାକୁ ଖବର ଦେଇଥିଲେ। ଏଘଟଣାରେ ଉଦଳା ଥାନା ଆଇଆଇସି ବନମାଳୀ ବାରିକ ସଦଳବଳେ ପହଞ୍ଚି ଜେସିବିକୁ ଜବତ କରିବା ସହ ଘଟଣା ଉପରେ ତଦନ୍ତ କରିଥିଲେ। ତେବେ ଆସନ୍ତାକାଲି ଉକ୍ତ ବିବାଦୀୟ ସ୍ଥାନ କୁ ମାପ କରାଯିବା ପରେ ଉପଯୁକ୍ତ ପଦକ୍ଷେପ ନିଆ ଯିବ ବୋଲି ଆଇ ଆଇ ସି ଶ୍ରୀ ବାରିକ୍ କହିଛନ୍ତି।

## ମିଶନ 'ଅୱା ମୂତିଡ ୱାରାଙ୍ଗଚିତି' ଉଦ୍‌ଘାଟିତ



ଶରତ,୮।୬(ସମିସ): ହୋ' ଭାଷା ଶିକ୍ଷା ପରିଷଦ, ଠାକୁରମୁଣ୍ଡା, ଓଡ଼ିଶା ଆନୁକୂଲ୍ୟରେ ପରିଚାଳିତ ହୋ ଭାଷା ୱାରାଙ୍ଗଚିତି ବାର୍ଷିକ ପରୀକ୍ଷାର ଶେଷ ଦିବସରେ ଶିକ୍ଷା ପରିଷଦ ଅଧୀନସ୍ଥ ବିଦ୍ୟାଳୟମାନଙ୍କରେ ଏକାସଙ୍ଗେ ମୟୂରଭଞ୍ଜ, କେନ୍ଦୁଝର, ସୁନ୍ଦରଗଡ଼, ଯାଜପୁର, ଅନୁଗୋଳ ଓ ଢେଙ୍କାନାଳ ଜିଲ୍ଲାରେ ଏହି ମିଶନ ୱାରାଙ୍ଗଚିତି (ଘରେ ଘରେ ୱାରାଙ୍ଗଚିତି) ଅଭିଯାନ ଦେୱାନବାହାଲି ଉଚ୍ଚ ବିଦ୍ୟାଳୟ ପରିସରରେ ଉଦ୍‌ଘାଟିତ ହୋଇଯାଇଛି। ଶିକ୍ଷା ପରିଷଦର ଅଧ୍ୟକ୍ଷ ଦିବାକର ସୟଙ୍କ ଅଧ୍ୟକ୍ଷତାରେ ପରିଚାଳିତ ଉତ୍ସବରେ କରଞ୍ଜିଆ ବିଧାୟକ ପଦ୍ମଚରଣ ହାଇବ୍ରୁ ମିଶନ ଫିତାକାଟି ଉଦଘାଟନ କରିଛନ୍ତି। ଆୟୋଜିତ ଉତ୍ସବରେ ମୁଖ୍ୟ ଅତିଥି ଶ୍ରୀ ହାଇବ୍ରୁ ଘରେ ଘରେ କୋଣ ଅନୁକୋଣରେ ସମସ୍ତଙ୍କ ପାଖରେ ୱାରାଙ୍ଗଚିତି ଲିପି ପହଞ୍ଚାଇବା ପାଇଁ ହୋ ସମ୍ପ୍ରଦାୟର ଲୋକଙ୍କୁ ଆହ୍ୱାନ ଦେଇଥିଲେ। କାର୍ଯ୍ୟକ୍ରମ ଶିକ୍ଷା ପରିଷଦର ପ୍ରତିଷ୍ଠା ଦିବସ ଆସନ୍ତା ସେପ୍ଟେମ୍ବର ୨୫ ତାରିଖରେ ଠାକୁରମୁଣ୍ଡାରେ ଉଦଯାପିତ ହେବ। ଅନ୍ୟମାନଙ୍କ ମଧ୍ୟରେ ପରିଷଦର ଉପଦେଷ୍ଟା କାଇରା ସିଂ ବାନ୍ଦିଆ, ଶରତ ସରପଞ୍ଚ ପଦ୍ମାବତୀ ସିଂ, ଦେୱାନବାହାଲି ସରପଞ୍ଚ ଲକ୍ଷ୍ମୀପ୍ରିୟା ସିଂ, ସମିତି ସଭ୍ୟ ଶିବ ପ୍ରସାଦ ନାଏକ, ବାଗୁନ ଜାରିକା, ସୁରେନ୍ଦ୍ର ବାଙ୍କିରା, ବିଙ୍ଗ ବିକ୍ରମ ବିରୁଲି ପ୍ରମୁଖ ଯୋଗଦେଇଥିଲେ। କାର୍ଯ୍ୟକ୍ରମକୁ ଏଟେଃ ତୁର୍ତି ଇତୁନ ମଣ୍ଡନ, ଦେୱାନବାହାଲିର ଶିକ୍ଷୟିତ୍ରୀ ସରୋଜିନୀ ଶୁଣ୍ଡି ପରିଚାଳନା କରିଥିଲେ।

## ଶ୍ରୀ ସୋସାଇଟିକୁ ପ୍ରକୃତି ମିତ୍ର ପୁରସ୍କାର



ଠାକୁରମୁଣ୍ଡା,୮।୬(ସମିସ): ମୟୂରଭଞ୍ଜ ଜିଲ୍ଲା ଠାକୁରମୁଣ୍ଡା ବ୍ଲକ ଅଧୀନ ଶ୍ରୀ ସୋସାଇଟିକୁ ରାଜ୍ୟ ସରକାରଙ୍କ ପକ୍ଷରୁ ପ୍ରକୃତି ମିତ୍ର ପୁରସ୍କାର-୨୦୨୫ରେ ସମ୍ମାନିତ କରାଯାଇଛି। ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗ ଓଡ଼ିଶା ସରକାରଙ୍କ ତରଫରୁ ଜୁନ ମାସ ୫ ତାରିଖ ବିଶ୍ୱ ପରିବେଶ ଦିବସ ଅବସରରେ କୃଷି ଶିକ୍ଷା ସଦନ ଭୁବନେଶ୍ୱରରେ ରାଜ୍ୟସ୍ତରୀୟ ସମ୍ବର୍ଦ୍ଧନା ଉତ୍ସବରେ ପୁରସ୍କାର ପ୍ରଦାନ କରାଯାଇଛି। ମୁଖ୍ୟଅତିଥି ଭାବେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏବଂ ସମ୍ମାନିତ ଅତିଥି ଭାବେ ଜଙ୍ଗଲ ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗ ମନ୍ତ୍ରୀ ଗଣେଶ ରାମ ସିଂ ଖୁଣ୍ଟିଆ, ମୁଖ୍ୟ ଶାସନ ସଚିବ ମନୋଜ ଆହୁଜା ପ୍ରମୁଖଙ୍କ ସହିତ ବିଭାଗୀୟ ଅଧିକାରୀ ଯୋଗଦେଇଥିଲେ। ଠାକୁରମୁଣ୍ଡା ଶ୍ରୀ ସୋସାଇଟିର ସହ ସମ୍ପାଦକ ସୁବ୍ରତ କୁମାର ନାୟକଙ୍କୁ ମାନପତ୍ର ଓ ୨୦ ହଜାର ଟଙ୍କାର ଚେକ୍ ପ୍ରଦାନ କରିଥିଲେ। ଶ୍ରୀ ସୋସାଇଟିର ସହ ସମ୍ପାଦକ ଶ୍ରୀ ନାୟକ ପ୍ରକୃତି ବନ୍ଧୁ ବର୍ଷ ତମାମ ବିଭିନ୍ନ ଜନ ସଚେତନତା କାର୍ଯ୍ୟକ୍ରମ ଆୟୋଜନ କରିଥାନ୍ତି। ଅନୁଷ୍ଠାନର ସଭ୍ୟ ସଭ୍ୟାଙ୍କୁ ନେଇ ଚାରାରୋପଣ, ବନାଗ୍ନି ରୋକିବା, ନିଶାଦ୍ରବ୍ୟ ସେବନ ନ କରିବା, ପ୍ଲାଷ୍ଟିକ ବ୍ୟବହାର ନକରିବା, ବିଭିନ୍ନ ସ୍କୁଲ, କଲେଜ ଏବଂ ବ୍ଲକସ୍ତରୀୟ ଯୋଗ ଶିବିର ଆୟୋଜନ କରି ଯୋଗ ଶିକ୍ଷା ଦେଇଥାନ୍ତି। ଚଳିତ ବର୍ଷ ଶ୍ରୀ ସୋସାଇଟିକୁ ପ୍ରକୃତ ମିତ୍ର ପୁରସ୍କାର ମିଳିଥିବାରୁ, ପରିଚାଳନା କମିଟିର ସଭ୍ୟ ସଭ୍ୟା ଏବଂ ଠାକୁରମୁଣ୍ଡା ଅଞ୍ଚଳର ପ୍ରକୃତି ପ୍ରେମୀ ଶୁଭେଚ୍ଛା ଅଭିନନ୍ଦନ ଜଣାଇଛନ୍ତି।

## ବିଜେପି ନେତା ଶେଖର ମାଝୀଙ୍କ ପରଲୋକ

ରାଇରଙ୍ଗପୁର,୮।୬(ସମିସ): ରାଇରଙ୍ଗପୁର ପୌରପରିଷଦର ବରିଷ୍ଠ ବିଜେପି ନେତା ତଥା ସମାଜସେବୀ ଶେଖର ମାଝୀ(୬୫)ଙ୍କ ଶନିବାର ସକାଳେ ପରଲୋକ ଘଟିଛି। ଆଦିବାସୀ ସମ୍ପ୍ରଦାୟର ଜଣେ ପୁରୁଖାନେତା ତଥା ସମାଜସେବୀ ଭାବେ ଜନସାଧାରଣଙ୍କ ସେବାରେ ନିଜକୁ ନିୟୋଜିତ କରିଥିଲେ।



ତାଙ୍କ ମୃତ୍ୟୁ ଖବର ପାଇ ମୟୂରଭଞ୍ଜ ଲୋକସଭା ସାଂସଦ ନବଚରଣ ମାଝୀ ଶୋକପ୍ରକାଶ କରିବା ସହିତ ତାଙ୍କ ପ୍ରତିନିଧି ତଥା ବିଜେପିର ରାଜ୍ୟ ସମ୍ପାଦକ ନବୀନ ରାମଙ୍କୁ ଶେଷକୃତ୍ୟ କାର୍ଯ୍ୟରେ ଯୋଗଦେବାକୁ ପଠାଇଥିଲେ। ରାଇରଙ୍ଗପୁରର ପୂର୍ବତନ ବିଧାୟକ ଶ୍ୟାମଚରଣ ହାଁସଦା, ପ୍ରହ୍ଲାଦ ପୂର୍ତ୍ତି, ଜେଏମ୍ଏମ୍ ନେତା ସୁନିଲ ମାଝୀ, ସାଲୁ କିସ୍କୁଙ୍କ ସମେତ ଦଳମତ ନିର୍ବିଶେଷରେ ସମସ୍ତ ରାଜନୈତିକ ଦଳର ନେତୃବର୍ଗ ପହଞ୍ଚି ଶେଷ ଦର୍ଶନ କରିବା ସହ ପରିବାରବର୍ଗଙ୍କୁ ସମବେଦନା ଜଣାଇଥିଲେ।

# ନିର୍ବାଚିତ ଓକିଲ ସଂଘର କର୍ମକର୍ତ୍ତା ସମ୍ମିଳନୀ

କରଞ୍ଜିଆ,୮।୬(ସମିସ): କରଞ୍ଜିଆ ଓକିଲ ସଂଘର ସଭାପତି ମଦନ ମହନ ମହାନ୍ତ ଓ ସମ୍ପାଦକ ସରୋଜ ରାଉଳଙ୍କ ସମେତ ରାଜ୍ୟରୁ ନିର୍ବାଚିତ ଓକିଲ ସଂଘର କର୍ମକର୍ତ୍ତାମାନେ ଭୁବନେଶ୍ୱରସ୍ଥିତ କଳିଙ୍ଗ କନଭେନସନରେ ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ ଏବଂ ଆଇନମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନଙ୍କ ସହିତ ସାକ୍ଷାତକରି ବିଭିନ୍ନ ପ୍ରସଙ୍ଗରେ ଆଲୋଚନା କରିଛନ୍ତି। ରାଜ୍ୟ ବିଜେପି ପକ୍ଷରୁ ମଦନ ମହାନ୍ତ ଓ ସରୋଜ ରାଉଳଙ୍କୁ ଅଭିନନ୍ଦନ ଜଣାଇବା ସହିତ ସମ୍ମାନିତ କରାଯାଇଥିଲା। ମନ୍ତ୍ରୀଙ୍କ ସହିତ ଆଲୋଚନାରେ ରାଜ୍ୟରେ ଥିବା ଗରୀବ ଭୂମିହୀନ ଲୋକଙ୍କୁ ୪ଡେସିମିଲ ଲେଖାଏ ଜମି ବଣ୍ଟନ କରାଯିବ, ଏଥିରେ ନାମକୁ ମାତ୍ର ଥିବା ଏକ, ଦୁଇ ଡେସିମିଲ ଜମି ଥିବା ଲୋକ ମଧ ଉପକୃତ ହେବେ। ପୂର୍ବରୁ ଜମି ପାଇଁ ବିକ୍ରି



କରିଥିବା ଲୋକ ଏହି ସୁଯୋଗ ପାଇବେ ନାହିଁ। ଜମି ଜମା କିଣା ବିକ୍ରି କରିବା ବ୍ୟବସ୍ଥାରେ ମଧ ପରିବର୍ତ୍ତନ କରାଯାଇଛି ବୋଲି ମନ୍ତ୍ରୀ ଘୋଷଣା କରିଥିଲେ। ଜମିବାଡ଼ି ବିକ୍ରି କ୍ଷେତ୍ରରେ ବାଇ ପ୍ଲଟ ଜମି ବିକ୍ରି ବ୍ୟବସ୍ଥାକୁ ଉଚ୍ଛେଦ କରାଯାଇ ଜମି ମାଲିକ ତାର ଗୋଟିଏ ପ୍ଲଟରେ ଥିବା ଜମିକୁ ସେ ଏବେ ବିକ୍ରି କରିପାରିବ। କରଞ୍ଜିଆରେ ଜେଏମ୍ଏଫସି କୋର୍ଟର ନ୍ୟାୟିକ ବ୍ୟବସ୍ଥାରେ ପରିବର୍ତ୍ତନ କରାଯାଇ ଏଠାରେ ଥିବା କୋର୍ଟକୁ ବିଭିନ୍ନ ମାମଲାରେ ନିଷ୍ପତ୍ତି ଗ୍ରହଣ କରିବାକୁ କ୍ଷମତା ପ୍ରଦାନ କରାଯିବାକୁ ସଂଘ ତରଫରୁ ମନ୍ତ୍ରୀଙ୍କୁ ଅନୁରୋଧ କରାଯାଇଛି। ଏଥିରେ ମଧ ଲୋକଙ୍କୁ ତ୍ୱରିତ ନ୍ୟାୟ ପାଇପାରିବେ ବୋଲି ଓକିଲମାନେ ପ୍ରକାଶ କରିଥିଲେ। ଲୋକଙ୍କ ସୁବିଧା ପାଇଁ ମନ୍ତ୍ରୀ ଗ୍ରହଣ କରିଥିବା ପଦକ୍ଷେପକୁ ଓକିଲ ସଂଘ ପକ୍ଷରୁ ସ୍ୱାଗତ କରାଯାଇଛି ବୋଲି ଆଡଭୋକେଟ ମଦନ ମୋହନ ମହାନ୍ତ ପ୍ରକାଶ କରିଛନ୍ତି।

■ କୁମ୍ଭୀର୍ଦା କିଚକେଶ୍ୱରୀ ଉଚ୍ଚ ବିଦ୍ୟାଳୟ

# ସ୍ମୃତି ବାଣ୍ଟିଲେ ପୁରାତନ ଛାତ୍ରଛାତ୍ରୀ

ଖୁଣ୍ଟିଂ,୮।୬(ସମିସ): ମୟୂରଭଞ୍ଜ ଜିଲ୍ଲା ଶୁକ୍ରୁଲି ବ୍ଲକର ଅଗ୍ରଣୀ ଶିକ୍ଷାନୁଷ୍ଠାନ କିଚକେଶ୍ୱରୀ ଉଚ୍ଚ ବିଦ୍ୟାଳୟ କୁମ୍ଭୀର୍ଦାର ମାଟ୍ରିକ ୧୯୮୧ ବ୍ୟାଚର



ବନ୍ଧୁମିଳନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ପୁରାତନ ଛାତ୍ର ତଥା ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦର ସେବା ନିବୃତ୍ତ ସହସଚିବ ରୋହିତାଶ୍ୱ ନାଏକଙ୍କ ସଭାପତିତ୍ୱରେ ଖୁଣ୍ଟିଂସ୍ଥିତ କଲ୍ୟାଣମଣ୍ଡପ ପରିସରରେ ସଭା ଆୟୋଜିତ ହୋଇଥିଲା। ମୁଖ୍ୟଅତିଥି ଭାବେ ସ୍କୁଲର ପୂର୍ବତନ ପ୍ରଧାନଶିକ୍ଷକ ପ୍ରତାପ ଚନ୍ଦ୍ର ବେହେରା ଏବଂ ସମ୍ମାନିତ ଅତିଥି ଭାବେ ବିଜ୍ଞାନ ଶିକ୍ଷକ କାଶୀନାଥ ମହାନ୍ତ, କଳା ଶିକ୍ଷକ ପଦ୍ମଲୋଚନ ବାରିକ ଓ ଲାଲମୋହନ ମହାନ୍ତ, ସଂସ୍କୃତ ଶିକ୍ଷକ ବସନ୍ତ ବୈଦ୍ୟ, କ୍ରୀଡ଼ା ଶିକ୍ଷକ ତ୍ରିଲୋଚନ ଗିରି, ଅଣଶିକ୍ଷା କର୍ମଚାରୀ ଭକ୍ତବନ୍ଧୁ ଦେଓ, ମିତ୍ରଭାନୁ ବେହେରା ସମେତ ପୂର୍ବତନ ବରିଷ୍ଠ ଛାତ୍ର ବଳଭଦ୍ର ଘଡ଼ାଇ, ସହଦେବ ମୁଣ୍ଡା ଓ ମହେଶ୍ୱର ବେହେରା ପ୍ରମୁଖ ସ୍ୱତନ୍ତ୍ର ଅତିଥି ଭାବେ ଯୋଗଦେଇଥିଲେ। ମୁଖ୍ୟ ଅତିଥି ପ୍ରଦୀପ ପ୍ରଜ୍ୱଳନ କରି ସଭାକାର୍ଯ୍ୟ ଶୁଭାରମ୍ଭ କରିବା ପରେ ଦିବଂଗତ ପୂର୍ବତନ ଶିକ୍ଷକ ଓ ଛାତ୍ରଙ୍କ ନିମନ୍ତେ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରାଯିବା ସହିତ ପହଲଗାମରେ ଘଟିଥିବା ବର୍ବର ହତ୍ୟାକାଣ୍ଡରେ ସହିଦଙ୍କ ନିମନ୍ତେ ନୀରବ ପ୍ରାର୍ଥନା କରାଯାଇଥିଲା। ଅପରେସନ ସିନ୍ଦୂରକୁ ସ୍ୱାଗତ କରାଯାଇଥିଲା। କାର୍ଯ୍ୟକ୍ରମକୁ ପୂର୍ବତନ ଛାତ୍ର ତଥା ଅତିରିକ୍ତ ଅବସରପ୍ରାପ୍ତ ଏବିଓ ରତ୍ନାକର ମହାନ୍ତ, ପ୍ରାକ୍ତନ ପ୍ରଧାନଶିକ୍ଷକ ନରୋତ୍ତମ ମହାନ୍ତ, ଶିକ୍ଷକ ସୁରେଶ କୁମାର ନାଏକ, ନିର୍ମଳ ଚନ୍ଦ୍ର ସି, ତ୍ରିଲୋଚନ ମହାନ୍ତ, ଲକ୍ଷ୍ମୀ ନାୟକ, ଜ୍ୟୋତ୍ସ୍ନାରାଣୀ ମିଶ୍ର ତ୍ରିଲୋଚନ ଟୁଙ୍ଗ ପ୍ରମୁଖ ପରିଚାଳନା କରିଥିଲେ।

## ପାଣିରେ ବୁଡ଼ି ନାବାଳକ ମୃତ

କୁଆଁମରା, ୮।୬(ସମିସ): ଖୁଣ୍ଟା ଥାନା ତଥା ଗୋପବନ୍ଧୁ ନଗର ବ୍ଲକ ନହରା ଗ୍ରାମର ଜଣେ ଶିଶୁପୁତ୍ର ରାସ ସିଂଙ୍କ ପୁଅ ଶିବ (୮) ପାଣିରେ ବୁଡ଼ି ଯାଇ ପ୍ରାଣ ହରାଇଛି। ଗ୍ରାମ ନିକଟସ୍ଥ ଏକ ବନ୍ଧ ନିକଟରେ ଆଜି ଏକ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିବା ବେଳେ ଶିବ ସେଠାରେ ଖେଳୁଥିବା ଅବସ୍ଥାରେ ବନ୍ଧର ପାଣି ମଧକୁ ପଶି ଯାଇ ଆଉ ବାହାରି ପାରି ନଥିଲା। ତାଙ୍କ ଭଉଣୀ ତାକୁ ପାଣିରେ ଦେଖି ଲୋକଙ୍କୁ ଡାକିଥିଲେ। ଶିବକୁ ପାଣି ମଧ୍ୟରୁ ଉଦ୍ଧାର କରି ଖୁଣ୍ଟା ଡାକ୍ତରଖାନାକୁ ନେଇଥିଲେ। ଡାକ୍ତର ସେଠାରେ ମୃତ ଘୋଷଣା କରିଥିଲେ। ପୁଲିସ ଏଏସଆଇ ସବ୍ୟସାଚୀ ସାମଲ ଏକ ଅପମୃତ୍ୟୁ ମାମଲା ରୁଜୁକରି ତଦନ୍ତ ଚଳାଇଛନ୍ତି।

## ବିକଶିତ କୃଷି ସଂକଳ୍ପ ଅଭିଯାନ କାର୍ଯ୍ୟକ୍ରମ

ଶୁଳିଆପଦା,୮।୬(ସମିସ): କୃଷି ଓ କୃଷକ ସଶକ୍ତକରଣ ବିଭାଗ ଏବଂ କୃଷି ବିଜ୍ଞାନ କେନ୍ଦ୍ର ଶ୍ୟାମାଖୁଣ୍ଟାର ମିଳିତ ସହଯୋଗରେ ଶୁଳିଆପଦା ବ୍ଲକ୍, କାଣିମହୁଲି ପଞ୍ଚାୟତ ଅଧୀନ କାଣିମହୁଲି ଗ୍ରାମରେ ବିକଶିତ କୃଷି ସଂକଳ୍ପ ଅଭିଯାନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ବ୍ଲକ୍ କୃଷି ଅଧିକାରିଣୀ ଜୁଜ୍ଜାୟୀ ମହାନ୍ତିଙ୍କ ପୌରହିତ୍ୟରେ କାର୍ଯ୍ୟକ୍ରମରେ ଅତିଥି ଭାବେ କୃଷି ବିଜ୍ଞାନ କେନ୍ଦ୍ରର ବୈଜ୍ଞାନିକ ଡ.ଝୁନିଲତା ଭୂୟାଁ, ମୟୂରଭଞ୍ଜ ଅତିରିକ୍ତ ନିର୍ଦ୍ଦେଶିକା ଜଳଛାୟା ପ୍ରକଳ୍ପ, ମନସ୍ୱିନୀ ସାହୁ, ସହକାରୀ ଉଦ୍ୟାନ କୃଷି ଅଧିକାରୀ, ସଞ୍ଜୀବ କୁମାର ସିଂ, ଶ୍ରୀଅନ୍ନ ଅଭିଯାନର ଜିଲ୍ଲା ସଂଯୋଜକ ନାରାୟଣ ପାଣିଗ୍ରାହୀ, ସହକାରୀ କୃଷି ଅଧିକାରୀ, ଶ୍ୟାମାଖୁଣ୍ଟା ବ୍ଲକ୍, ସୁରୋଜ କୁମାର ବେହେରା, ଗୃହ ଓ ନଗର ଉନ୍ନୟନ ବିଭାଗ ମନ୍ତ୍ରୀଙ୍କ ପ୍ରତିନିଧି ଭାଗବତ ମାର୍ଣ୍ଡି ପ୍ରମୁଖ ଯୋଗଦେଇଥିଲେ। କାର୍ଯ୍ୟକ୍ରମରେ କାଣିମହୁଲି, କାଦକୋଠା ଜୁଳକ, ନୂଆଗାଁ, ତଲକଚୁଇଁ, ବେଗନାଡିହା ଓ ରାଇଁଦା ପ୍ରଭୃତି ଗ୍ରାମର ଚାଷୀ ଯୋଗଦେଇଥିଲେ। ଛତୁ, ମାଣ୍ଡିଆ, ଅଣଧାନ ଫସଲ ଓ ତୈଳ ବୀଜ ଚାଷକରି କିପରି ଚାଷୀମାନଙ୍କର ଆୟ ବୃଦ୍ଧି ହୋଇପାରିବ ସେ ବିଷୟରେ ଅତିଥିମାନେ ଗୁରୁତ୍ୱ ଦେଇଥିଲେ। କାର୍ଯ୍ୟକ୍ରମରେ ମୃତ୍ତିକା ସ୍ୱାସ୍ଥ୍ୟ କାର୍ଡ ବଣ୍ଟନ କରାଯିବା ସହିତ ଏହି କାର୍ଡ ଅନୁମୋଦନ ଅନୁସାରେ ଜୈବିକ ଖତ ଓ ସାର ବ୍ୟବହାର ପାଇଁ ପରାମର୍ଶ ଦିଆଯାଇଥିଲା। କୃଷକମାନଙ୍କୁ ସଚେତନ କରିବା ପାଇଁ ବିଭିନ୍ନ ଗ୍ରାମରେ କୃଷି ରଥ ପରିକ୍ରମା କରିଥିଲା। କାର୍ଯ୍ୟକ୍ରମକୁ କୃଷି, ଉଦ୍ୟାନ କୃଷି, ମୃତ୍ତିକା ସଂରକ୍ଷଣ ବିଭାଗର କର୍ମକର୍ତ୍ତା ପରଜଶ ଚନ୍ଦ୍ର ଦାସ ମହାପାତ୍ର ଏବଂ ସମସ୍ତ ଏଟିଏମ୍, ଗ୍ରାମ୍ୟ କୃଷି କର୍ମଚାରୀ, କୃଷି ଅଧିଦର୍ଶକ, କୃଷକ ସାଥୀ, ଉଦ୍ୟାନ ସାଥି, ଶ୍ରୀଅନ୍ନ ଅଭିଯାନର ବ୍ଲକ୍ ସଂଯୋଜକ ଓ କର୍ମକର୍ତ୍ତା କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।




## ଲଟାବୁଦାରେ ଲୁଚିଗଲାଣି ଟ୍ରାନ୍ସଫର୍ମର; ବିଭାଗ ଚୁପ୍



ରାମଚନ୍ଦ୍ରପୁର, ୮।୬(ସମିସ): ମୌସୁମୀ ବର୍ଷା ପୂର୍ବରୁ ବିଦ୍ୟୁତ୍ ବିଭାଗ ସବୁଠି ରକ୍ଷଣାବେକ୍ଷଣ ନାମରେ ବିଦ୍ୟୁତ୍ କାଟ୍ କରୁଥିବା ବେଳେ ଲଟାବୁଦାରେ ପରିପୂର୍ଣ୍ଣ ହୋଇ ପଡ଼ିଛି ଟ୍ରାନସଫର୍ମର। ଫଳରେ ଏହା ବର୍ଷା ସମୟରେ ବିପଦକୁ ଡାକିବ ବୋଲି ଆଶଙ୍କା ପ୍ରକାଶ ପାଇଛି। ପଣ୍ଡୁଆ ମୁସଲମାନ ବସ୍ତିରେ ଥିବା ଏକ ଟ୍ରାନସଫର୍ମର ଦୀର୍ଘ ଦିନ ହେଲା ବିନା ତାରବାଡ଼ାରେ ବିପଦପୂର୍ଣ୍ଣ ଅବସ୍ଥାରେ ରହିଛି। ବିଦ୍ୟୁତ୍ ବିଭାଗର ସେ ଦିଗରେ କୌଣସି ନିଘା ନାହିଁ। ସ୍ଥାନୀୟ କର୍ମଚାରୀ ଏ ବିଷୟରେ ଜାଣିଥିଲେ ସୁଦ୍ଧା କୌଣସି ପଦକ୍ଷେପ ନିଆଯାଉ ନଥିବା ଅଭିଯୋଗ ହେଉଛି। ଯଦ୍ୱାରା ବୁଲା ଗାଈଗୋରୁ ଏବଂ ଜୀବଜନ୍ତୁଙ୍କ ପାଇଁ ଏହା କାଳ ସଦୃଶ ହୋଇଛି। ସାହି ଲୋକେ ଏଦିଗରେ ଅନେକଥର ବିଭାଗୀୟ ଅଧିକାରୀଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ ମଧ ପଦକ୍ଷେପ ନିଆଯାଉ ନାହିଁ। ଏଦିଗରେ ବିଭାଗୀୟ କର୍ତ୍ତୃପକ୍ଷ ତୁରନ୍ତ ହସ୍ତକ୍ଷେପ କରି ଟ୍ରାନ୍ସଫରମର ଚତୁପାଶ୍ୱର୍ରେ ତାରବାଡ଼ ବ୍ୟବସ୍ଥା କରାଇବାକୁ ସ୍ଥାନୀୟ ସାହିବାସିନ୍ଦା ଦାବି କରିଛନ୍ତି।

## ଜର୍ଦ୍ଦା ବୋଝେଇ ଟ୍ରକ୍ ଅଟକ

ବାରିପଦା,୮।୬(ସମିସ): ବ୍ରହ୍ମପୁରରୁ ପଶ୍ଚିମବଙ୍ଗ ଯାଉଥିବା ବେଳେ ସ୍ଥାନୀୟ ତକତପୁରରେ ଏକ ଜର୍ଦ୍ଦା ବୋଝେଇ ଟ୍ରକକୁ ବାରିପଦା ଟାଉନ ଥାନା ପୁଲିସ ଚଢ଼ଉ କରି ଅଟକ ରଖିଛି। ତେବେ ଏହା ଅସଲି କି ନକଲି ଜର୍ଦ୍ଦା ଜଣାପଡ଼ିନଥିବା ବେଳେ ତଦନ୍ତ ଜାରି ରହିଛି। ଟାଉନ ଥାନା ପୁଲିସ ରବିବାର ପାଟ୍ରୋଲିଂ ସମୟରେ ଉପରୋକ୍ତ ପଦକ୍ଷେପ ନେଇ ଟ୍ରକ ଚାଳକ ଓ ଶ୍ରମିକଙ୍କୁ ପଚରାଉଚରା ଜାରି ରଖିଛନ୍ତି। ଏହାର ସମ୍ପୂର୍ଣ୍ଣ ତଦନ୍ତ ପରେ ତଥ୍ୟ ପ୍ରଦାନ କରାଯିବ ବୋଲି ଥାନା ଅଧିକାରୀ କରୁଣାକର ରାଉତ କରିଛନ୍ତି।

## ସାନ୍ତାଳି ଭାଷାରେ ପରୀକ୍ଷାଦେଲେ ଛାତ୍ରଛାତ୍ରୀ



କେନ୍ଦୁଝର, ୮।୬(ସମିସ): କେନ୍ଦୁଝର ସଦର ବ୍ଲକ ଅନ୍ତର୍ଗତ ପଦ୍ମପୁର ପଞ୍ଚାୟତ ଜଡିଚାତର ଆଦିମ ମାର୍ଶାଲ ଶାନ୍ତାଳି ଆଶରା ଅଲଇତୁନ ଲୟର ଓ ହାୟର ସେକେଣ୍ଡାରୀ ଷ୍ଟାଣ୍ଡାଡ ବିଦ୍ୟାଳୟର ୩୦ଜଣ ଛାତ୍ରଛାତ୍ରୀ ସାନ୍ତାଳି ଭାଷାରେ ବାର୍ଷିକ ପରୀକ୍ଷା ଦେଇଛନ୍ତି। ଏଥିରେ ଚିତ୍ରାଙ୍କନ ବିଷୟରେ ଥିବା ପ୍ରଶ୍ନ ପରମ୍ପରା ବଳ ପେଟେର ଓ ପାତାଳାଫୁଲୁ ପାଟି ପରୀକ୍ଷାର ଆକର୍ଷଣ ହୋଇଥିଲା। ପ୍ରଧାନ ଶିକ୍ଷକ ଶ୍ୟାମସୁନ୍ଦର ମାଝୀ, ଶିକ୍ଷୟିତ୍ରୀ ମୀତା ମାଝୀ, ସ୍କୁଲ ପରିଚାଳନା କମିଟିର ଚେୟାରମ୍ୟାନ ରଘୁନାଥ ମାଝୀ, ସମ୍ପାଦକ ଗୋପାଳ ମାଝୀ, କୋଷାଧ୍ୟକ୍ଷ ପରେଶ ମାଝୀ, ସଦସ୍ୟ ଦିଲ୍ଲୀପ ମାଝୀ, ଯୋଗେନ୍ଦ୍ର ମାଝୀ, ପିତାମ୍ବର ମାଝୀ, ସୁରେନ୍ଦ୍ର ମାଝୀ, କୁନା ମାର୍ଡି, ବିଦ୍ୟାଧର ମାଝୀ, ସହଦେବ ମାଝୀ, ବାୟା ମାଝୀ ପ୍ରମୁଖ ସହଯୋଗ କରିଥିଲେ।

# ମରଣଯନ୍ତା ସାଜିଛି ପୋଲ; ବିପଦରେ ଯାତ୍ରୀ

ଠାକୁରମୁଣ୍ଡା,୮।୬(ସମିସ)



ମୟୂରଭଞ୍ଜ ଜିଲ୍ଲା ଠାକୁରମୁଣ୍ଡା ବ୍ଲକ ଅଖାପଲାଣ ବନ୍ଧସାହିରୁ ହାତୀଗୋଡ଼ା ରାସ୍ତାରେ ଥିବା ପୋଲ ଦୀର୍ଘଦିନ ଧରି ବିପଦସଂକୁଳ ଅବସ୍ଥାରେ ରହିଛି। ଯାତାୟାତରେ ଏହିପୋଲ ସାଧାରଣ ଯାତ୍ରୀଙ୍କ ଜୀବନ ପ୍ରତି ବିପଦ ରହିଛି। ଦୀର୍ଘବର୍ଷ ପୂର୍ବରୁ ନିର୍ମାଣ ହୋଇଥିବା ଏହି ପୋଲର ଛାତ ମଝିରେ ଭାଙ୍ଗିଯାଇ ବଡ଼ ଗାତ ହୋଇରହିଛି। ଦୀର୍ଘଦିନ ଧରି ଏଭଳି ଅବସ୍ଥାରେ ଥିବା ବେଳେ ପ୍ରଶାସନ କିମ୍ବା ଲୋକ ପ୍ରତିନିଧିଙ୍କ ଦୃଷ୍ଟି ପଡୁନାହିଁ ବୋଲି ଅଭିଯୋଗ ହେଉଛି।

ନିକଟରେ ସେହି ଭଙ୍ଗାବସ୍ଥାରେ ପଡ଼ିରହିଥିବା ପୋଲକୁ ଲାଗି ମୁଖ୍ୟମନ୍ତ୍ରୀ ସ୍ୱତନ୍ତ୍ର ସହାୟତା ଯୋଜନାରେ ୫ ଲକ୍ଷ ଟଙ୍କା ବ୍ୟୟରେ କଂକ୍ରିଟ ରାସ୍ତା ବ୍ଲକ୍ ଦ୍ୱାରା ନିର୍ମାଣ କରାଯାଇଛି।

ଏପରିସ୍ଥଳେ ଦୀର୍ଘଦିନ ଧରି ପୋଲର ଛାତ ଭାଙ୍ଗି ପଡ଼ିରହିଥିବା ବେଳେ ଏହା ନଜରକୁ ନ ଆସିବା ସାଧାରଣରେ ଅସନ୍ତୋଷ ଦେଖାଦେଇଛି। ଭାଙ୍ଗି ଯାଇଥିବା ପୋଲ ଛାତର ଗାତ ଯୋଗୁଁ ଏହି ପୋଲଦେଇ ଯାନବାହନ ପ୍ରତି ବିପଦ ଥିବାବେଳେ ରାତିରେ ପଥଚାରି ଏହି ଛାତରୁ ଗଳିପଡ଼ି ଜୀବନ ଯିବାର ସମ୍ଭାବନା ରହିଛି। ଭାଙ୍ଗି ପଡ଼ିଥିବା ପୋଲକୁ ପ୍ରଶାସନ ପକ୍ଷରୁ ତୁରନ୍ତ ନିର୍ମାଣ କରାନଗଲେ ଆଗାମୀ ଦିନରେ ଏହା ଯାତ୍ରୀଙ୍କ ପ୍ରତି ବିପଦ ସୃଷ୍ଟି କରିପାରେ।

ସକାଳ
THE SAKALA



# ପବିତ୍ର ମୋହନ ମେଡିକାଲ କଲେଜ ଖୋଲିବାରେ ତ୍ରୁଟି କେଉଁଠି !

ତାଳଚେରସଦର, ୮ ।୬(ସମିସ)



ତାଳଚେରରେ ମାତ୍ରାଧିକ ଖଣି ଓ କାରଖାନା ଗଢ଼ି ଉଠିଥିବାରୁ ଏଠିକାର ପ୍ରଦୂଷଣ ଦିଲ୍ଲୀକୁ ମଧ୍ୟ ପଛରେ ପକାଇ ସର୍ବଭାରତୀୟ ସ୍ତରରେ ପ୍ରଥମ ସ୍ଥାନରେ ରହୁଛି। ଅନ୍ୟପଟେ ଦେଶ ଏବଂ ରାଜ୍ୟର ଆର୍ଥିକ ଅଭିବୃଦ୍ଧିରେ ତାଳଚେରର ପ୍ରମୁଖ ଅବଦାନ ରହି ଆସିଛି। କିନ୍ତୁ ସେହି ଅନୁପାତରେ ତାଳଚେରବାସୀ ବିଭିନ୍ନ କ୍ଷେତ୍ରରେ ଅବହେଳିତ ହେଉଛନ୍ତି। ବିଜେଡି ସରକାର ସମୟରେ ରାଜ୍ୟର ବିଭିନ୍ନ ଜିଲ୍ଲାରେ ୧୧ଟି ମେଡିକାଲ କଲେଜ ଖୋଲିଥିବା ବେଳେ ଗତ ଏକବର୍ଷ ମଧ୍ୟରେ ବିଜେପି ସରକାର ଆଉ ୮ ମେଡିକାଲ କଲେଜ ଖୋଲିବାକୁ ନିଷ୍ପତ୍ତି ନେଇଛନ୍ତି। କିନ୍ତୁ ୧୫ଶହ କୋଟି ଟଙ୍କା ସିଆର, ଡିଏମଏଫ୍ ବିନିଯୋଗ କରିସାରିବା ପରେ ତାଳଚେର ଅଞ୍ଚଳ ପାଇଁ ଉଦ୍ଦିଷ୍ଟ ପବିତ୍ର ମୋହନ ପ୍ରଧାନ ମେଡିକାଲ କଲେଜ ଏପର୍ଯ୍ୟନ୍ତ କାହିଁକି ଖୋଲାଯାଇ ପାରି ନାହିଁ ତାହାକୁ ନେଇ ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ମେଡିକାଲ କଲେଜରେ ଭିତ୍ତିଭୂମି ଅଭାବ କହି ଏମଏସସିଏସ୍ ହସ୍ପିଟାଲକୁ ଜିଲ୍ଲା ଚିକିତ୍ସାଳୟକୁ ଟିଟିଂ ହସ୍ପିଟାଲରେ ଘୋଷଣା କରି ଶହେରୁ ଊର୍ଦ୍ଧ୍ୱ ଡାକ୍ତର ପ୍ରଫେସର ମେ ପହିଲାରୁ ସେଠାରେ ସେବା ଯୋଗାଇ ଦେଲେଣି। ଏହି କାରଣରୁ ନୈତିକତା ଦୃଷ୍ଟିରୁ ତାଳଚେରର ଆଗଧାଡ଼ିର ନେତାମାନେ ବର୍ତ୍ତମାନ ଏହି ମେଡିକାଲ କଲେଜ ଖୋଲିବାରେ କେଉଁଠି ତ୍ରୁଟି ରହିଲା ବୋଲି ସ୍ପଷ୍ଟୀକରଣ ଦେବାର ଆବଶ୍ୟକତା ରହିଛି। ସୂଚନାଯୋଗ୍ୟ, ତାଳଚେର ପବିତ୍ର ମୋହନ ପ୍ରଧାନ ମେଡିକାଲ କଲେଜ ଓ ହସ୍ପିଟାଲ ପାଇଁ ଏମସିଏଲ ପକ୍ଷରୁ ପ୍ରାୟ୧୫ଶହ କୋଟି ଟଙ୍କା ଖର୍ଚ୍ଚ କରାଯାଇ ଏଠାରେ ସୁନ୍ଦର ଅଟ୍ଟାଳିକା ନିର୍ମାଣ ସହି ଶଯ୍ୟା ଓ ସରଞ୍ଜାମ ଆଦି ଯୋଗାଇ ଦିଆଯାଇଛି। ହେଲେ ଏହି କୋଠା ଏବେ ଭୂତକୋଠିରେ ପରିଣତ ହେବାକୁ ବସିଥିବା ବେଳେ କାହିଁକି ଖୋଲାଯାଉ ନାହିଁ ତାକୁ ନେଇ ବିଭିନ୍ନ କଳ୍ପନା ଜଳ୍ପନା ବୃଦ୍ଧି ପାଇଛି। ଏଠିକାର ଟାଣୁଆ ନେତାମାନେ ନିଜକୁ ତାଳଚେର ମାଟିର ପୁଅ କହୁଥିବା ବେଳେ ପ୍ରାୟ ୫ବର୍ଷ ହେବ ମେଡିକାଲ କଲେଜ ଖୋଲିବା ନେଇ ତାଙ୍କର କେତେ ଆନ୍ତରିକତା ଓ ପାରିବାପଣିଆ ରହିଛି ତାହା ସ୍ପଷ୍ଟ ବାରି ହୋଇପଡୁଛି।

■ ପଛକୁ ଗଡ଼ିଲା ଟ୍ରେଲର

## ଅଟୋ ଷ୍ଟାଣ୍ଡରେ ୩ ଗାଡ଼ିକୁ ଧକ୍କାଦେଲା

ଅନୁଗୋଳ, ୮ ।୬(ସମିସ): ଅନୁଗୋଳ ସହର ଦେଇ ଭାରୀଯାନ ଚଳାଚଳ ଉପରେ କଟକଣା ଜାରି ହୋଇଥିଲେ ବି ସହର ମଧ୍ୟରେ ଭାରୀଯାନ ଯୋଗୁଁ ଅନେକ ଦୁର୍ଘଟଣା ଘଟୁଛି। ରବିବାର ପୂର୍ବାହ୍ନରେ ସହରର କାଲଟାକ୍ସ ଛକ ନିକଟରେ ଏକ ଲୁହା ରଡ୍ ବୋଝେଇ ଟ୍ରେଲର ରାସ୍ତା ପାର୍ଶ୍ୱରେ ଥିବା ଟ୍ରଲି ଅଟୋ ଷ୍ଟାଣ୍ଡରେ ପଶିଯାଇ ଏକ ଟାଟା ମ୍ୟାଜିକ ଓ ମହିନ୍ଦ୍ରା ପିକଅପ ସମେତ ୩ ଗାଡ଼ିକୁ ଧକ୍କା ଦେଇଥିଲା। ମହିନ୍ଦ୍ରା ପିକଅପ ଗାଡ଼ିରେ ଚାଳକ ଭିତରେ ବସିଥିଲେ। ସେ ଅଳ୍ପକେ ବର୍ତ୍ତିଯାଇଛନ୍ତି। ତେବେ ପରେ ଜଣାପଡ଼ିଲା ଯେ ଟ୍ରେଲର ଚାଳକ ହ୍ୟାଣ୍ଡ ବ୍ରେକ ଦେଇ ଓହ୍ଲାଇବା ପରେ ବ୍ରେକ ଫେଲ ହୋଇଯାଇଥିଲା। ଫଳରେ ଗାଡ଼ି ଗଡ଼ାଣିଆ ସ୍ଥାନରେ ପଛକୁ ଗଡ଼ିଥିଲା। ଅନୁଗୋଳ ଥାନା ପୁଲିସ ଘଟଣାସ୍ଥଳରେ ପହଞ୍ଚି ମହିନ୍ଦ୍ରା ପିକଅପରେ ଫସି ରହିଥିବା ଚାଳକଙ୍କୁ ଉଦ୍ଧାର କରିବା ସହ ଦୁର୍ଘଟଣା ଘଟାଇଥିବା ଗାଡ଼ିକୁ ଥାନାକୁ ନେଇଛି।

## ବାଇକ ସହ ୨ ଛୁରୀ ଜବତ; ଶିକାରୀ ଚମ୍ପଟ

କଣିହାଁ, ୮ ।୬(ସମିସ): କଣିହାଁ ବନାଞ୍ଚଳ ଅନ୍ତର୍ଗତ କଣିହାଁ-୨ ରେଙ୍ଗାଳି ଫରେଷ୍ଟ ବିଟ୍‌ରେ ପାଟ୍ରୋଲିଂ ବେଳେ ଶନିବାର ବିଳମ୍ବିତ ରାତିରେ ବନ ବିଭାଗ କର୍ମଚାରୀଙ୍କୁ ଦେଖି ଶିକାରୀ ଚମ୍ପଟ ମାରିଥିଲେ। ବନ ବିଭାଗ ଗୋଟିଏ ବାଇକ୍ ସହ ଦୁଇଟି ଛୁରୀ ଜବତ କରିଛି। ସୂଚନା ଅନୁଯାୟୀ, ଶନିବାର ରାତି ସାଢ଼େ ୧୨ଟାରେ ହନୁମାନପୁର ପଞ୍ଚାୟତ ଅନ୍ଧାରି ଗ୍ରାମ ନିକଟସ୍ଥ ସଂରକ୍ଷିତ ଜଙ୍ଗଲରେ ସ୍ଥାନୀୟ ବିଟ ବନପାଳ ପ୍ରଦୀପ ପ୍ରଧାନଙ୍କ ନେତୃତ୍ୱରେ ବନବିଭାଗ ପକ୍ଷରୁ ପାଟ୍ରୋଲିଂ ଚାଲିଥିଲା। ତେବେ ଶିକାରୀ ବନ କର୍ମଚାରୀଙ୍କୁ ଦେଖି ଘଟଣାସ୍ଥଳରେ ବାଇକ ସହିତ ଦୁଇଟି ଛୁରୀ ଛାଡ଼ି ଚମ୍ପଟ ମାରିଥିଲେ। ଏ ନେଇ ରବିବାର କଣିହାଁ ରେଞ୍ଜ ଅଧିକାରୀ ନୀଳାଦ୍ରିନାଥ ସାହୁ କଣିହାଁ ଥାନାରେ ଅଭିଯୋଗ କରିଛନ୍ତି। ଏଥିସହ ଜବତ ବାଇକ ଓ ଛୁରୀକୁ ପୁଲିସକୁ ହସ୍ତାନ୍ତର କରାଯାଇଛି। ପୁଲିସ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଛି। ବନ୍ୟଜନ୍ତୁ ଶିକାର ପାଇଁ ଶିକାରୀମାନେ ଚୋରା ବନ୍ଧୁକ ସହ ବିଭିନ୍ନ ମାରଣାସ୍ତ୍ର ବ୍ୟବହାର କରୁଛନ୍ତି। ବନ୍ୟଜନ୍ତୁ ସୁରକ୍ଷା ପାଇଁ ଉଭୟ ପୁଲିସ ଓ ବନବିଭାଗ ମିଳିତ ଚଢ଼ଉ କରିବା ସହ ପାଟ୍ରୋଲିଂ କଡ଼ାକଡ଼ି କରିବାକୁ ପରିବେଶବିତ୍ ମତ ଦେଇଛନ୍ତି।



## ଅଦ୍ୱୈତ ମାର୍ଗ ନୋ ପାର୍କିଂ ଜୋନ୍ ଘୋଷିତ

ଅନୁଗୋଳ, ୮ ।୬(ସମିସ): ଅନୁଗୋଳର ଅଦ୍ୱୈତ ମାର୍ଗ ତଥା ଜିଲ୍ଲା କାର୍ଯ୍ୟାଳୟ ସମ୍ମୁଖ ରାସ୍ତାକୁ ନୋ ପାର୍କିଂ ଜୋନ ଘୋଷଣା କରିଛି ଆଞ୍ଚଳିକ ପରିବହନ ବିଭାଗ। ପୂର୍ବରୁ ଏହି ରାସ୍ତାରେ ଟ୍ରକ୍, ମିନିଟ୍ରକ, ଅଟୋଠାରୁ ଆରମ୍ଭ କରି ଟ୍ରଲିରିକ୍ସା ମନଇଚ୍ଛା ପାର୍କିଂ କରାଯାଉଥିଲା। ଫଳରେ ଟ୍ରାଫିକ ସମସ୍ୟା ଦେଖାଦେଇଥିଲା। ଏ ନେଇ ଅଭିଯୋଗ ହେବାପରେ ଆଞ୍ଚଳିକ ପରିବହନ ବିଭାଗ ପକ୍ଷରୁ ପାର୍କିଂ ଉପରେ ରୋକ୍ ଲଗାଯାଇଛି। ଏହି ଅଞ୍ଚଳରେ ବେଆଇନ ପାର୍କିଂ କଲେ ଚାଲାଣ କଟିବ ବୋଲି ଜଣାପଡ଼ିଛି। ସୂଚନାଯୋଗ୍ୟ, ଏହି ରାସ୍ତାର ଉଭୟ ପାର୍ଶ୍ୱ ପାଚେରିରେ ପଟ୍ଟଚିତ୍ର ଆଙ୍କି ସଜାଇଛି ଅନୁଗୋଳ ପୌରପାଳିକା।

## ୧୯୮୨ ମ୍ୟାଟ୍ରିକ ବ୍ୟାଚର ବନ୍ଧୁ ମିଳନ




କିଶୋରନଗର, ୮ ।୬(ସମିସ): ବିଲେଇନାଳି ଜଗନ୍ନାଥ ଉଚ୍ଚ ବିଦ୍ୟାଳୟ ୧୯୮୨ ବ୍ୟାଚର ବନ୍ଧୁ ମିଳନ ବିଶ୍ୱ ଯୁବକେନ୍ଦ୍ର ପରିସରରେ ଅନୁଷ୍ଠିତ ହୋଇଛି। ପୂର୍ବତନ ପ୍ରଧାନଶିକ୍ଷକ ରବିନାରାୟଣ ମହାନ୍ତିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ଶିକ୍ଷକ ଯଜ୍ଞେଶ୍ୱର ପ୍ରଧାନ, ବାନାମ୍ବର ପ୍ରଧାନ, ରତ୍ନାକର ସାହୁ, ଗୁଣ୍ଡିଚା ପ୍ରଧାନ ଓ ଭବାନୀ ଶଙ୍କର ମିଶ୍ର ଯୋଗଦେଇ ଶିକ୍ଷା, ଶିକ୍ଷକ ଓ ଛାତ୍ରଛାତ୍ରୀଙ୍କ ସମ୍ପର୍କ ଓ ତତ୍କାଳୀନ ଶିକ୍ଷା ବ୍ୟବସ୍ଥା ଉପରେ ଆଲୋକପାତ କରିଥିଲେ। ଦୀର୍ଘ ୪୩ ବର୍ଷ ପରେ ଶିକ୍ଷକ ଓ ଛାତ୍ରଛାତ୍ରୀଙ୍କ ଭେଟଘାଟ ଏକ ଭାବବିହ୍ୱଳ ପରିବେଶ ସୃଷ୍ଟି କରିଥିଲା। ବିଦ୍ୟାଳୟର ପୂର୍ବତନ ଛାତ୍ରୀ ତଥା ପୂର୍ବତନ ବ୍ଲକ ଅଧ୍ୟକ୍ଷ ଗୌରୀ ସାହୁଙ୍କ ଆବାହକତ୍ୱରେ ଅନୁଷ୍ଠିତ ବୈଠକରେ ରବୀନ୍ଦ୍ର ବିଶ୍ୱାଳ, ସୁରଥ ନାୟକ, ଅନନ୍ତ ଚରଣ ସାହୁ, ଦୟାନିଧି ମାଝୀ, ଅହଲ୍ୟା ପ୍ରଧାନ, ଗୀତାଞ୍ଜଳି ମାଝୀ, ପବିତ୍ର ପ୍ରଧାନ, ଚୈତନ୍ୟ ସାହୁ, ଶିବରାମ ବେହେରା, ପୀତାମ୍ବର ସାହୁ, ଘନଶ୍ୟାମ ବିଶ୍ୱାଳ, ବିଜୟ ପ୍ରଧାନ, ଯଶୋବନ୍ତ ସାହୁ, ଗିରୀଶ ପ୍ରଧାନ, ଅଧିକାରୀ ବେହେରା ପ୍ରମୁଖ ଯୋଗଦେଇଥିଲେ। ବିଶିଷ୍ଟ ଅତିଥି ଭାବେ ବିଶ୍ୱ ଯୁବକେନ୍ଦ୍ରର ନିର୍ଦ୍ଦେଶକ ମନୋଜ କୁମାର ମହାପାତ୍ର ଓ ପୂର୍ବତନ ସମିତି ସଭ୍ୟ ବିଜୟ କୁମାର ସାହୁ ଯୋଗଦେଇଥିଲେ। ଦୟାନିଧି ମାଝୀ ସ୍ୱାଗତ ଭାଷଣ ଓ ଗୌରୀ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

■ ଅନ୍ତ୍ୟୋଦୟ ଗୃହ ଯୋଜନା

## ହିତାଧିକାରୀଙ୍କ ଘର ସ୍ଥିତି ଅନୁଧ୍ୟାନ କଲେ ବିଡିଓ

କିଶୋରନଗର, ୮ ।୬(ସମିସ): କିଶୋରନଗର ବ୍ଲକରେ ଅନ୍ତ୍ୟୋଦୟ ଗୃହ ଯୋଜନାରେ ଯୋଗ୍ୟ ହିତାଧିକାରୀଙ୍କୁ ସାମିଲ କରିବା ପାଇଁ ବିଡିଓ ସୁବ୍ରତ କୁମାର ବେହେରା ବିଭିନ୍ନ ପଞ୍ଚାୟତକୁ ଯାଇ ହିତାଧିକାରୀଙ୍କ ଘର ସ୍ଥିତି ଅନୁଧ୍ୟାନ କରିଛନ୍ତି। ବିଡିଓଙ୍କ ପରିଦର୍ଶନ ସମୟରେ ସମ୍ପୃକ୍ତ ପଞ୍ଚାୟତର ପିଇଓମାନେ ଉପସ୍ଥିତ ଥିଲେ। ଏହି ଅବସରରେ ବିଡିଓ ବେହେରା ଜୀବିକା ମିଶନ ଦ୍ୱାରା ମହିଳା ଗୋଷ୍ଠୀଙ୍କ ଦ୍ୱାରା ଚଳିଥିବା ବିଭିନ୍ନ ପ୍ରକଳ୍ପ ବୁଲି ଦେଖିଥିଲେ।



## ଘରୁ ନାଗସାପ ଉଦ୍ଧାର

ବଇଣ୍ଡା, ୮ ।୬(ସମିସ): କିଶୋରନଗର ବ୍ଲକ ହଣ୍ଡପା ଥାନା ବଣିନାଳି ଗ୍ରାମର ଅକ୍ଷୟ ପ୍ରଧାନଙ୍କ ଘରୁ ରବିବାର ଏକ ନାଗସାପ ଉଦ୍ଧାର କରାଯାଇଛି। ସାପକୁ ଦେଖି ଅକ୍ଷୟ ସାପ ଉଦ୍ଧାରକାରୀ ମାଧପୁର ଅଞ୍ଚଳର ସିଦ୍ଧେଶ୍ୱର ରଥଙ୍କୁ ସୂଚନା ଦେଇଥିଲେ। ସିଦ୍ଧେଶ୍ୱର ଅକ୍ଷୟଙ୍କ ଘରେ ପହଞ୍ଚି ସୁରକ୍ଷିତ ଅବସ୍ଥାରେ ସାପକୁ ଉଦ୍ଧାର କରି ନିକଟସ୍ଥ ଜଙ୍ଗଲରେ ଛାଡ଼ିଥିଲେ।



## ଭାତ ହାଣ୍ଡିରେ ପଡ଼ି ଶିଶୁ ଗୁରୁତର

ବଇଣ୍ଡା, ୮ ।୬(ସମିସ): ଆଠମଲ୍ଲିକ ବ୍ଲକ ଠାକୁରଗଡ଼ ଥାନା ଘୋଡ଼ାବାନ୍ଧୁଣି ଗ୍ରାମରେ ଶନିବାର ସୁନୀଲ ଭୋଇଙ୍କ ୫ ବର୍ଷର ପୁଅ ସୋମରାଜ ଭୋଇ ଭାତ ହାଣ୍ଡିରେ ପଡ଼ି ଗୁରୁତର ଆହତ ହୋଇଛନ୍ତି। ପରିବାର ଲୋକେ ତାଙ୍କୁ ଉଦ୍ଧାର କରି ପ୍ରଥମେ ଆଠମଲ୍ଲିକ ଉପଖଣ୍ଡ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। ସେଠାରୁ ତାଙ୍କୁ ଅନୁଗୋଳ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ସ୍ଥାନାନ୍ତର କରାଯାଇଛି। ତାଙ୍କ ଶରୀର ୫୦ ପ୍ରତିଶତ ପୋଡ଼ିଯାଇଛି। ସୋମରାଜଙ୍କ ମା' ଚୁଲିରୁ ଭାତହାଣ୍ଡି ତଳକୁ ଆଣୁଥିବା ବେଳେ ସୋମରାଜ ସେଥିରେ ପଡ଼ିଯାଇଥିଲେ।

## ବାଇକ, ପିକଅପ୍ ଭ୍ୟାନ ଜବତ; ୨ ଗିରଫ

ବଇଣ୍ଡା, ୮ ।୬(ସମିସ): ହଣ୍ଡପା ଓ ଠାକୁରଗଡ଼ ଥାନା ପୁଲିସ ଶନିବାର ରାତିରେ ବିଭିନ୍ନ ସ୍ଥାନରେ ଗାଡ଼ିମଟର ଯାଞ୍ଚ କରିଛି। ହଣ୍ଡପା ପୁଲିସ କମରେଇ ଅଞ୍ଚଳରେ ଗାଡ଼ି ଯାଞ୍ଚ କରୁଥିବା ସମୟରେ ମଦ୍ୟପାନ କରି ପିକଅପ ଭ୍ୟାନ ଚଳାଉଥିବା ଅଭିଯୋଗରେ ଭୁବନେଶ୍ୱର ମଞ୍ଚେଶ୍ୱର ଥାନା ପଳାଶୁଣି ଗ୍ରାମର ରମା ସିଂକୁଙ୍କୁ ଗିରଫ କରିଛି। ରମା ମଦ୍ୟପାନ କରି ଦ୍ରୁତଗତିରେ ଗାଡ଼ି ଚଳାଉଥିବା ବେଳେ ପୁଲିସ ଯାଞ୍ଚ କରି ତାଙ୍କୁ ଗିରଫ କରିଛି। ତାଙ୍କ ଗାଡ଼ି ଜବତ କରାଯାଇଛି। ଏ ନେଇ ହଣ୍ଡପା ଥାନାରେ ଏକ ମାମଲା ରୁଜୁ ହୋଇଛି। ସେହିପରି ଠାକୁରଗଡ଼ ପୁଲିସ ଠାକୁରଗଡ଼ ଅଞ୍ଚଳରେ ଗାଡ଼ି ଯାଞ୍ଚ କରୁଥିବା ସମୟରେ ମଦ୍ୟପାନ କରି ବାଇକ ଚଳାଉଥିବା ଅଭିଯୋଗରେ କୋରାବ ଗ୍ରାମର ଦୋଳଗୋବିନ୍ଦ ନାୟକଙ୍କୁ ଗିରଫ କରିଛି। ଏଥିସହ ତାଙ୍କ ବାଇକ ଜବତ କରାଯାଇଛି। ଏ ନେଇ ଠାକୁରଗଡ଼ ଥାନାରେ ଏକ ମାମଲା ରୁଜୁ ହୋଇଛି।

## ଠେଙ୍ଗାରେ ପିଟି ହତ୍ୟା ଘଟଣାରେ ଜଣେ ଗିରଫ

ପାଲଲହଡ଼ା, ୮ ।୬(ସମିସ): ଗୁରୁବାର ରାତିରେ ପାଲଲହଡ଼ା ଥାନା ବନ୍ଧାଭୂଇଁ ପଞ୍ଚାୟତ ଭୀମକାଣ୍ଡ ଗାଁର ନକୁଳ ପ୍ରଧାନ (୫୫)ଙ୍କୁ ଠେଙ୍ଗାରେ ପିଟି ପିଟି ହତ୍ୟା ଘଟଣାରେ ରବିବାର ପୁଲିସ ଜଣେ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ଗିରଫ ଅଭିଯୁକ୍ତ ହେଲେ ସେହି ଗାଁର କାହ୍ନା ପ୍ରଧାନ। ଏହି ଘଟଣାରେ ସମ୍ପୃକ୍ତ କାହ୍ନାଙ୍କ ଭାଇ ଜିତୁ ପ୍ରଧାନ ଏବେ ବି ଫେରାର ଅଛନ୍ତି। ଖୁବଶୀଘ୍ର ତାଙ୍କୁ ଗିରଫ କରାଯିବ ବୋଲି ଏସ୍‌ଡିପିଓ କୈଳାସ ଚନ୍ଦ୍ର ସେଠୀ ଏବଂ ଥାନା ଅଧିକାରୀ ପ୍ରଦୀପ କୁମାର ମହାନ୍ତ ସୂଚନା ଦେଇଛନ୍ତି। ଗୁରୁବାର ରାତିରେ ନକୁଳଙ୍କ ସହ କାହ୍ନା ଓ ଜିତୁଙ୍କ ଝଗଡ଼ା ହୋଇଥିଲା। ଏଥିରେ ଉତକ୍ଷିପ୍ତ ହୋଇ ଦୁଇଭାଇ ନକୁଳଙ୍କୁ ଏକ ଠେଙ୍ଗାରେ ପିଟି ପିଟି ହତ୍ୟା କରି ଫେରାର ହୋଇଯାଇଥିଲେ। ପୁଲିସ ମାମଲା ରୁଜୁକରି ତଦନ୍ତ ଚଳାଇଥିଲା।



■ ପର୍ଯ୍ୟଟକଙ୍କୁ ଅପହରଣ ପରେ ମାଡ଼ମାରି ସୁନାଗହଣା ଲୁଟ୍ ଘଟଣା

## ୬ ଗିରଫ; ବୋଲେରୋ, କାର, ବାଇକ, ଲୁହା ପାଇପ୍ ଜବତ

ଅନୁଗୋଳ, ୮ ।୬(ସମିସ): ମେ ୨୯ ତାରିଖ ରାତି ପ୍ରାୟ ସାଢ଼େ ୧୦ଟାରେ ଅନୁଗୋଳ ମୂଷାପାପୁଲି ନିକଟରେ କେନ୍ଦ୍ରାପଡ଼ାରୁ ସମ୍ବଲପୁର ଆଡ଼କୁ ଯାଉଥିବା ଏକ ପର୍ଯ୍ୟଟକ ଦଳକୁ କିଛି ଦୁର୍ବୃତ୍ତ ଅଟକାଇ ନିର୍ଘାତ ମାଡ଼ ମାରିବା ସହ ଲୁଟପାଟ କରିବା ଘଟଣାରେ ସଦର ଥାନା ପୁଲିସକୁ ସଫଳତା ମିଳିଛି। ରବିବାର ପୁଲିସ ୬ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ସେମାନେ ହେଲେ ଜରାସିଂହାର ପ୍ରଦୀପ ବେହେରା, ପ୍ରଦୀପ ସ୍ୱାଇଁ, ପିଣ୍ଟୁ ସାହୁ, ସୁସୁଡ଼ାର ବିଶ୍ୱଜିତ୍ ମହାପାତ୍ର, ପରଙ୍ଗର ମାନସ ରଞ୍ଜନ ପାତ୍ର ଓ ଜିତେନ୍ଦ୍ର ସେନାପତି। ଏମାନଙ୍କଠାରୁ ଗୋଟିଏ ବୋଲେରୋ ଗାଡ଼ି, ଗୋଟିଏ ଆକ୍ଟିଭା ସ୍କୁଟି, ଇଣ୍ଡିଗୋ କାର, ପଲ୍ସର ବାଇକ୍, ଦୁଇଟି ଲୁହାଛଡ଼, ଗୋଟିଏ ଠେଙ୍ଗା, ୭ଟି ମୋବାଇଲ ଏବଂ ୭ ହଜାର ଟଙ୍କା ଜବତ କରାଯାଇଛି।

ପୁଲିସ ସୂଚନା ମୁତାବକ, ମେ ୨୯ ରାତିରେ କେନ୍ଦ୍ରାପଡ଼ା ଅଞ୍ଚଳର ସୁବ୍ରନ କୁମାର ନାୟକ ନିଜ ବନ୍ଧୁଙ୍କ ସହ ସମ୍ବଲପୁର ଆଡ଼କୁ ଯାଉଥିବା ବେଳେ ମୂଷାପାପୁଲି ନିକଟରେ ୧୦ରୁ ୧୨ ଜଣ ଦୁର୍ବୃତ୍ତ ଛଡ଼, ଠେଙ୍ଗାବାଡ଼ି ତଥା ଅନ୍ୟାନ୍ୟ ମାରଣାସ୍ତ୍ର ଧରି ସେମାନଙ୍କୁ ଅଟକାଇଥିଲେ। ଡ୍ରାଇଭର ଓ ଅନ୍ୟମାନଙ୍କୁ ନିସ୍ତୁକ ମାଡ଼ ମାରିବା ସହ ଏକ ନିଛାଟିଆ ସ୍ଥାନକୁ ନେଇ ସେଠାରେ ପୁଣି ମାଡ଼ମାରି ଲକ୍ଷେ ଟଙ୍କା ମାଗିଥିଲେ। ଦୁର୍ବୃତ୍ତମାନେ ପର୍ଯ୍ୟଟକଙ୍କ ପାଖରେ ଥିବା ଟଙ୍କା, ସୁନା ଅଳଙ୍କାର ସମେତ ମୋବାଇଲ ଛଡ଼ାଇ ନେଇଥିଲେ। ଏହି ସମୟରେ ପୁଲିସର ପାଟ୍ରୋଲିଂ ଗାଡ଼ି ଦେଖି ଦୁର୍ବୃତ୍ତମାନେ ଫେରାର ହୋଇଯାଇଥିଲେ। ପରଦିନ ସକାଳେ ସୁବ୍ରନ୍ ଥାନାରେ ଅଭିଯୋଗ କରିବା ପରେ ଏସପିଙ୍କ ନିର୍ଦ୍ଦେଶରେ ପୁଲିସ ଛାନ୍‌ଭିନ ଆରମ୍ଭ କରିଥିଲା। ବ୍ୟବସାୟିକ ଶତ୍ରୁତାରୁ ଏହି ଘଟଣା ଘଟିଥିବା ପୁଲିସ ଅନୁସନ୍ଧାନରୁ ଜାଣିପାରିଥିଲା।

■ ଗୋଟିଏ ଦିନରେ ଦୁଇଭାଇଙ୍କ ମୃତ୍ୟୁ ଘଟଣା

## ପରିବାରକୁ ଭେଟି ସମବେଦନା ଜଣାଇଲେ ସାଂସଦ



ଅନୁଗୋଳ, ୮ ।୬(ସମିସ): ଅନୁଗୋଳ ତୁରଙ୍ଗ ଦୁର୍ଗାବିହାରସ୍ଥିତ ଅନ୍ନପୂର୍ଣ୍ଣା ସାହୁଙ୍କ ଘରେ କିଛିଦିନ ପୂର୍ବେ ଗୋଟିଏ ଦିନରେ ଦୁଇଭାଇ ଅଭିରାମ ସାହୁ ଓ ମହଗା ସାହୁଙ୍କ ମୃତ୍ୟୁ ଘଟିଥିଲା। ଖବର ପାଇ ଢେଙ୍କାନାଳ ସାଂସଦ ରୁଦ୍ରନାରାୟଣ ଅନ୍ନପୂର୍ଣ୍ଣାଙ୍କ ପରିବାରକୁ ଭେଟି ସମବେଦନା ଜଣାଇଛନ୍ତି। ସାଂସଦଙ୍କ ସହ ଜିଲ୍ଲା ବିଜେପି ସାଧାରଣ ସମ୍ପାଦକ ତଥା କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ପ୍ରତିନିଧି ସୁଦୀପ ଗଡ଼ନାୟକ, ପ୍ରାକ୍ତନ ଜିଲ୍ଲା କୋଷାଧ୍ୟକ୍ଷ ରୁଚିର ନନ୍ଦ, ବିକଳ ସାହୁ, ତୁରଙ୍ଗ ସରପଞ୍ଚ ସମରେନ୍ଦ୍ର ଦେହୁରୀ, ତୋଫାନ ଦାସ, ମୁନା ସାହୁ, ପାଣୁ ନାୟକ ପ୍ରମୁଖ ବହୁ ବ୍ୟକ୍ତିବିଶେଷ ଉପସ୍ଥିତ ଥିଲେ। ସେହିପରି ପାଲଲହଡ଼ା ବିଧାୟକ ଅଶୋକ ମହାନ୍ତିଙ୍କ ମାଉସୀ ନୂଆଁହତା ଗ୍ରାମର ନିରାଶ ସାମଲଙ୍କ ଦ୍ୱାଦଶାହରେ ସାଂସଦ ପାଣି ଯୋଗଦେଇ ଶ୍ରଦ୍ଧାଞ୍ଜଳି ଜଣାଇଥିଲେ। ଏଥିସହ ବିଜେପି କାର୍ଯ୍ୟକର୍ତ୍ତା ବୀର ବାରିକଙ୍କ ମା' କାମିନୀ ବାରିକଙ୍କ ଏକାଦଶାହରେ ସାଂସଦ ଯୋଗଦେଇଥିଲେ।

## ବିକଶିତ କୃଷି ସଂକଳ୍ପ ଅଭିଯାନ କାର୍ଯ୍ୟକ୍ରମ



ବଇଣ୍ଡା, ୮ ।୬(ସମିସ): ଅନୁଗୋଳ ଜିଲ୍ଲା ଆଠମଲ୍ଲିକ ବ୍ଲକ ଠାକୁରଗଡ଼ ପଞ୍ଚାୟତ ହତାଶିମିଳି ଗ୍ରାମରେ ବିକଶିତ କୃଷି ସଂକଳ୍ପ ଅଭିଯାନ ସଚେତନତା କର୍ମଶାଳା ଶୁକ୍ରବାର ଅନୁଷ୍ଠିତ ହୋଇଛି। ଜିଲ୍ଲା କୃଷି ବିଜ୍ଞାନ କେନ୍ଦ୍ର ତଥା କୃଷି ଓ କୃଷକ ସଶକ୍ତୀକରଣ ବିଭାଗ ଦ୍ୱାରା ଆୟୋଜିତ ଏହି କାର୍ଯ୍ୟକ୍ରମରେ ଠାକୁରଗଡ଼ ସରପଞ୍ଚ ଚାରୁଲତା ମିଶ୍ର ମୁଖ୍ୟଅତିଥି, ଆମ୍ବାର ପୂର୍ବତନ ଅଧ୍ୟକ୍ଷ ମହେଶ୍ୱର ଦେହୁରୀ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ବୈଜ୍ଞାନିକ ଡ. ଦେବାଶିଷ ମିଶ୍ରଙ୍କ ସମେତ କୃଷି ଅଧିକାରୀ, ମତ୍ସ୍ୟ ଅଧିକାରୀ, ଉଦ୍ୟାନ ଅଧିକାରୀ ପ୍ରମୁଖ ଯୋଗଦେଇ ବୈଜ୍ଞାନିକ ପଦ୍ଧତିରେ କୃଷି ଉପରେ ଲୋକଙ୍କୁ ବୁଝାଇଥିଲେ। ବ୍ଲକ କୃଷି ଅଧିକାରୀ ଜଗନ୍ନାଥ ବାରିକ ମଞ୍ଚ ପରିଚାଳନା କରିଥିଲେ। ପଞ୍ଚାୟତର ପ୍ରାୟ ୨୫୦ କୃଷକ ଏବଂ କୃଷିଜୀବୀ ଯୋଗଦେଇଥିଲେ। କୃଷି ଗ୍ରାମସେବକ ସୁନୀଲ କୁମାର ପ୍ରଧାନ, ଏଟିଏମ ଡିଳେଶ୍ୱର ପରିଡ଼ା ଓ ହତାଶିମିଳି ଗ୍ରାମ ସମ୍ପାଦକ ପ୍ରବୀଣ ବିଶ୍ୱାଳ ସହଯୋଗ କରିଥିଲେ।

## ବଡ଼ହୁଲା ଗ୍ରାମ ଚଷା ସମାଜ ପୁଞ୍ଜି ବୈଠକ



ବଇଣ୍ଡା, ୮ ।୬(ସମିସ): ଅନୁଗୋଳ ଜିଲ୍ଲା କିଶୋରନଗର ବ୍ଲକ ଧୁଣ୍ଡି ଆମ୍ବତୋଟାରେ ୧୫ ଗ୍ରାମକୁ ନେଇ ଚଷା ସମାଜ ବୈଠକ ଅନୁଷ୍ଠିତ ହେଇଛି। ଗ୍ରାମ ପୁଞ୍ଜି ପକ୍ଷରୁ ସବୁ ବର୍ଷ ପରି ଏ ବର୍ଷ ମଧ୍ୟ ସବୁ ଚଷା ଭାଇମାନଙ୍କୁ ନେଇ ବିଭିନ୍ନ ସମସ୍ୟା ଉପରେ ଆଲୋଚନା କରାଯାଇଥିଲା। ଏଥିରେ ମୁଖ୍ୟଅତିଥି ଭାବେ କୃଷି ଅଧିକାରୀ ପ୍ରେମାନନ୍ଦ ନାୟକ ଯୋଗଦେଇ ସରକାରଙ୍କ ପକ୍ଷରୁ କୃଷକଙ୍କ ପାଇଁ ଥିବା ଯୋଜନା ସମ୍ପର୍କରେ ଅବଗତ କରିଥିଲେ। ପଞ୍ଚାୟତରେ ୪ଟି ହାଇସ୍କୁଲର ପ୍ରଥମ ସ୍ଥାନ ଅଧିକାର କରିଥିବା ଛାତ୍ରଛାତ୍ରୀଙ୍କୁ ପୁଞ୍ଜି ପକ୍ଷରୁ ପୁଷ୍ପଗୁଚ୍ଛ ଓ ଉତ୍ତରୀୟ ଦେଇ ସମ୍ମାନିତ କରାଯାଇଥିଲା। ରାମଦେଓ ଉଚ୍ଚ ବିଦ୍ୟାଳୟର ଦିବ୍ୟରଞ୍ଜନ ମହାଲିକ ୫୨୭ ନମ୍ବର ରଖି ପ୍ରଥମ ସ୍ଥାନ ଅଧିକାର କରିଥିଲେ। ରାଧାକୃଷ୍ଣ ଉଚ୍ଚ ବିଦ୍ୟାଳୟର ଶୁଭ୍ରାସିନୀ ପ୍ରଧାନ ୫୧୫ ରଖି ପ୍ରଥମ ସ୍ଥାନ ଅଧିକାର କରିଥିଲେ। ମା' ମାହେଶ୍ୱରୀ ଉଚ୍ଚ ବିଦ୍ୟାଳୟର ପ୍ରଭାତି ସାହୁ ୪୦୪ ନମ୍ବର ରଖି ପ୍ରଥମ ସ୍ଥାନ ଅଧିକାର କରିଥିଲେ। ଏମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ବୈଠକରେ ସଭାପତି ଦୈତାରୀ ସାହୁ, ସମ୍ପାଦକ ବେଣୁଧର ଦେହୁରୀ, ଉପସଭାପତି ଲକ୍ଷ୍ମଣ ସାହୁ, କାର୍ଯ୍ୟକାରୀ ସଭାପତି ପ୍ରଶ୍ନ କୁମାର ପ୍ରଧାନ, ପ୍ରଗଣା ସଭ୍ୟ ସୁରେଶ ପ୍ରଧାନ, ସହ ସମ୍ପାଦକ ନନ୍ଦକିଶୋର ସାହୁ, ଧୁଣ୍ଡି ସମାଜ ସଭାପତି ଋଷିନାଥ ପ୍ରଧାନ, ପୂର୍ବତନ ପୁଞ୍ଜି ସଭାପତି ବୃଷଭ ପ୍ରଧାନଙ୍କ ସମେତ ୧୫ ଗ୍ରାମର ସଭାପତି ତଥା ସମ୍ପାଦକ ଓ ସଦସ୍ୟ ଉପସ୍ଥିତ ଥିଲେ।

## ସାରସ୍ୱତ ସାଧକଙ୍କ ସ୍ମୃତିରେ ରକ୍ତଦାନ ଶିବିର

ଅନୁଗୋଳ, ୮ ।୬(ସମିସ)



ଅନୁଗୋଳ ନାଲକୋନଗରସ୍ଥିତ ସରେଗାମା ଭବନରେ ସାରସ୍ୱତ ସାଧକ ସ୍ୱର୍ଗତ ନିତ୍ୟାନନ୍ଦ ନାୟକଙ୍କ ସ୍ମୃତିରେ ରବିବାର ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଛି। ସେବା ଓ ସାଂସ୍କୃତିକ ଅନୁଷ୍ଠାନ ସାରେଗାମା, ସ୍ୱେଚ୍ଛାସେବୀ ସଂଗଠନ ସ୍ପନ୍ଦନ, ଆମ ଓଡ଼ିଶା ଓ ଜିଲ୍ଲା ରେଡ୍‌କ୍ରସ ସଂସ୍ଥା ମିଳିତ ସହଯୋଗରେ ଶିବିର ହୋଇଥିଲା। ମୁଖ୍ୟଅତିଥି ଭାବେ ନାଲକୋ ନିର୍ବାହୀ ନିର୍ଦ୍ଦେଶକ ନରେଲା ସୁବ୍ରମଣ୍ୟମ, ସମ୍ମାନିତ ଅତିଥି ଭାବେ ଜିଜିଏମ (ସିପିପି) ତଥା ସାରେଗାମାର ମୁଖ୍ୟ ପରାମର୍ଶଦାତା ସତ୍ୟବାଦୀ ମିଶ୍ର, ଅନ୍ୟତମ ଅତିଥି ଭାବେ ଜିଜିଏମ (ମାନବ ସମ୍ବଳ) ତଥା ସାରେଗାମାର ସଭାପତି ଶୁଭେନ୍ଦୁ କୁମାର ନାୟକ ଯୋଗଦେଇ ଶିବିରକୁ ଉଦଘାଟନ କରିଥିଲେ। ପ୍ରାରମ୍ଭରେ ଅତିଥିମାନେ ନିତ୍ୟାନନ୍ଦଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ। ଦୁଇ ମିନିଟ ନିରବ ପ୍ରାର୍ଥନା କରାଯାଇଥିଲା। ନାଲକୋ କର୍ମଚାରୀ, ସେମାନଙ୍କ ପରିବାର ସଦସ୍ୟ, ସିଆଇଏସଏଫ ଯବାନ, ଘରୋଇ ସିକ୍ୟୁରିଟି ସଂସ୍ଥା କେଏସଏସଏର କର୍ମଚାରୀ ତଥା ପାରିପାର୍ଶ୍ୱିକ ଅଞ୍ଚଳବାସୀ ରକ୍ତଦାନ କରିଥିଲେ। ଜିଲ୍ଲା ରେଡ୍‌କ୍ରସ ରକ୍ତଭଣ୍ଡାର ଡାକ୍ତର ରକ୍ତଦାତାଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରିଥିବା ବେଳେ କର୍ମଚାରୀ ରକ୍ତ ସଂଗ୍ରହ କରିଥିଲେ। କିଶୋର କୁମାର ବେହେରା, ଅତିଥି ରଞ୍ଜନ ସ୍ୱାଇଁ, ଅଜୟ ମହାରଣା, ପ୍ରଦୀପ୍ତ ସାହୁ, ରମେଶ ସାହୁ, ଶ୍ରୀନିବାସ ସାହୁ, ରଶ୍ମିତା ଜେନା, ଦେବୀପ୍ରସାଦ ମହାପାତ୍ର, ନଳିନୀକାନ୍ତ ପଣ୍ଡା, ଅବିନାଶ ପ୍ରଧାନ, ପ୍ରଶାନ୍ତ କୁମାର ସାହୁ, ଚନ୍ଦନ କିଶୋର ଦଳେଇ, ମାଧବ ସେଠୀ, ବିଭୁ ପ୍ରସାଦ ଶତପଥୀ, ଦୁଷ୍ମନ୍ତ ନାଥ, ସୁଜିତ କୁମାର ବେହେରା ପ୍ରମୁଖ ଶିବିର ପରିଚାଳନାରେ ସହଯୋଗ କରିଥିଲେ। ସୂଚନାଯୋଗ୍ୟ, ନିତ୍ୟାନନ୍ଦ ଅନେକ କାଳଜୟୀ ପୁସ୍ତକ ରଚନା କରିଯାଇଛନ୍ତି। ଗତ ମାସ ୨୨ ତାରିଖ ତାଙ୍କ ଦେହାନ୍ତ ହୋଇଥିଲା। ତାଙ୍କ ଏକାଦଶାହରେ ସ୍ୱରଚିତ ପୁସ୍ତକ 'ଉତ୍କଳ ବୀରାଙ୍ଗନା' ବିଶିଷ୍ଟ ସାହିତ୍ୟିକଙ୍କ ଗହଣରେ ରାଉରକେଲାରେ ଉନ୍ମୋଚିତ ହୋଇଥିଲା।



# ଭୁବନେଶ୍ୱର ସିଟି

■ ୧୭ ନମ୍ବର ୱାର୍ଡ

## ରାସ୍ତା ଓ ଡ୍ରେନ୍ କାର୍ଯ୍ୟର ଭିତ୍ତିପ୍ରସ୍ତର



ଭୁବନେଶ୍ୱର,୮।୬(ସମିସ): ଭୁବନେଶ୍ୱର ମହାନଗର ନିଗମ ଅନ୍ତର୍ଗତ ୧୭ ନମ୍ବର ୱାର୍ଡରେ ରାସ୍ତା ଓ ଡ୍ରେନ୍ ନିର୍ମାଣ କାର୍ଯ୍ୟର ଭିତ୍ତିପ୍ରସ୍ତର ସ୍ଥାପନ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। କର୍ପୋରେଟର ପୂଜା ମହାରଣାଙ୍କ ନେତୃତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଉତ୍ତର ବିଧାୟକ ସୁଶାନ୍ତ କୁମାର ରାଉତ, ମେୟର ସୁଲୋଚନା ଦାସ ଯୋଗଦେଇ ନୂତନ କାର୍ଯ୍ୟର ଶୁଭ ଦେବା ସହିତ ୱାର୍ଡ କାର୍ଯ୍ୟାଳୟରେ ବସିଥିବା ପାନୀୟ ଜଳ ମେସିନ୍‌ର ଉଦ୍‌ଘାଟନ କରିଥିଲେ। ନିର୍ମାଣ କାର୍ଯ୍ୟ ମଧ୍ୟରେ ୮୬ ଲକ୍ଷ ଟଙ୍କା ବ୍ୟୟ ଅଟକଳରେ ନିର୍ମିତ ହେବାକୁ ଥିବା ପଥରବନ୍ଧ ଆଦର୍ଶ କଲୋନୀ ରାସ୍ତା ଓ ଡ୍ରେନ୍ ଏବଂ ୬୦ ଲକ୍ଷ ଟଙ୍କା ବ୍ୟୟ ଅଟକଳରେ ପୋଷ୍ଟାଲ କଲୋନୀ ରାସ୍ତା ଓ ଡ୍ରେନ୍ କାର୍ଯ୍ୟ ରହିଛି। ଏଥିରେ ଅନ୍ୟମାନଙ୍କ ମଧ୍ୟରେ ରାମଚନ୍ଦ୍ର ବେହେରା, ବିଶ୍ୱନାଥ ଦାସ, ଶିବା ରେଡ୍ଡି ପ୍ରମୁଖ ଉପସ୍ଥିତ ଥିଲେ। ଯୁବନେତା ଭୋଳାନାଥ ମହାରଣା କର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ।

## ବାଲି ବୋଝେଇ ଟ୍ରାକ୍ଟର ଜବତ

ବାଲିଅନ୍ତା,୮।୬(ସମିସ): ବାଲକାଟି ଭାର୍ଗବୀ ନଦୀର ସାଇଫନ ନିକଟରେ ବେଆଇନ ଭାବେ ବାଲି ଚାଲାଣ କରୁଥିବା ଏକ ଟ୍ରାକ୍ଟରକୁ ଆଜି ଜବତ କରାଯାଇଛି। ଫାଣ୍ଡି ଅଧିକାରୀଙ୍କ କହିବା ଅନୁସାରେ ଚାଳକ ଶ୍ରମିକ ଲଗାଇ ବେଲଚା, କୋଡ଼ି କୋଦାଳ ସାହାଯ୍ୟରେ ବାଲି ଭର୍ତ୍ତି କରୁଥିଲେ। ଖବର ପାଇ ଫାଣ୍ଡି ପୁଲିସ ସେଠାରେ ଚଢ଼ଉ କରିଥିଲା। ପୁଲିସ ଚାଳକକୁ ଥାନାକୁ ନେଇ ନୋଟିସ କରି ଛାଡ଼ିଦେଇଥିବା ଜଣାପଡ଼ିଛି।

‘ଅଳିଆ ଗଦା ହଟାଅ, ସୈନିକ ସ୍କୁଲ ବଞ୍ଚାଅ ଅଭିଯାନ’ର ଜୋରଦାର ପ୍ରତିବାଦ

## ଅଳିଆଗଦା ନହଟିଲେ ଏନ୍‌ଏଚ୍ ବନ୍ଦ

ଭୁବନେଶ୍ୱର, ୮।୬(ସମିସ):



ଟିଟିଏସ୍ ଅଳିଆ ଗଦା ହଟାଇବାକୁ ନେଇ ବହୁ ପ୍ରତିଶ୍ରୁତି ଶୁଣିଲୁଣି। ହେଲେ ସବୁ ପାଣିର ଗାର। ଏଣୁ ତୁରନ୍ତ ସୈନିକ ସ୍କୁଲ ସ୍ଥିତ ଟିଟିଏସ୍‌କୁ ହଟାଅ। ନ ହେଲେ ଆଗକୁ ଜାତୀୟ ରାଜପଥ ବନ୍ଦ କରିଦେବୁ। ଅଖଚକ ସବୁକିଛି ବନ୍ଦ କରିଦେବୁ। ଏଭଳି ରଣହୁଙ୍କାର ଦେଇଛି ‘ଅଳିଆଗଦା ହଟାଅ, ସୈନିକସ୍କୁଲ ବଞ୍ଚାଅ ଅଭିଯାନ’। ସଂଗଠନର ଡାକରାରେ ବରିଷ୍ଠ ନାଗରିକ, ମହିଳାଙ୍କ ସମେତ ଶହ ଶହ ସଂଖ୍ୟାରେ ସାଧାରଣ ଜନତା ଯୋଗ ଦେଇ ଡମ୍ପିଂ ୟାର୍ଡର ମୁଖ୍ୟ ଗେଟ ବନ୍ଦ କରି ଜନପ୍ରତିବାଦ କରିଥିଲେ। ଜନ ପ୍ରତିବାଦ ସମୟରେ ସାଧାରଣ ଲୋକଙ୍କ ବିରକ୍ତିରୁ ସତେ ଯେମିତି ଅଞ୍ଚଳର ସାଧାରଣ ଲୋକଙ୍କ ଆକ୍ରୋଶ ବାରିହୋଇ ପଡୁଥିଲା। ଗାଡ଼କଣ ଡମ୍ପିଂୟାର୍ଡ ଗେଟ ସମ୍ମୁଖରେ ଧାରଣାବେଳେ ଅଳିଆଗଦା ହଟାଅ ଓ ସୈନିକ ସ୍କୁଲ ବଞ୍ଚାଅ ସ୍ଲୋଗାନ ଦେଇଥିଲେ।

ପୂର୍ବରୁ ମେ ମାସ ୧୫ ତାରିଖରେ ପଳାଶୁଣିସ୍ଥିତ ଶୁଖିଲା ବର୍ଜ୍ୟବସ୍ତୁ ପ୍ରକ୍ରିୟାକରଣ ପ୍ଲାଣ୍ଟ ସାଧାରଣ ଲୋକଙ୍କ ଦ୍ୱାରା ନଡ଼ିଆ ବାଡେଇ ଲୋକାର୍ପିତ କରାଯିବା ପରେ ସେଠାରେ ଶୁଖିଲା ଅଳିଆ ପ୍ରକ୍ରିୟାକରଣ ହେବା କଥା। ବିଏମ୍‌ସି କମିସନର ୭ତାରିଖରେ ପଳାଶୁଣି ପ୍ଲାଣ୍ଟ ଟ୍ରାଏଲ ରନ ଆରମ୍ଭ କରିବେ ବୋଲି ଗଣମାଧ୍ୟମରେ ପ୍ରଚାର କରିଥିଲେ। ଏହା ନ କରିବା ଦୁର୍ଭାଗ୍ୟ ଜନକ। ପଳାଶୁଣି ପ୍ଲାଣ୍ଟ ଆରମ୍ଭ ନକରିବା ଦ୍ୱାରା ବିଏମସି ଦୈନିକ ୩୫୦ମେଟ୍ରିକ ଟନ୍ ଶୁଖିଲା ଓ ଓଦା ଅଳିଆ ସୈନିକ ସ୍କୁଲ ଅଳିଆ ଗଦାକୁ ଆଣିବା ଫଳରେ ଲୋକମାନଙ୍କ ମଧ୍ୟରେ ଉତ୍ତେଜନା ବୃଦ୍ଧି ପାଇଲାଣି। ଯାହାର ପରିଣାମ ସ୍ୱରୂପ ସାଧାରଣ ଲୋକ ଆଜି ଖରାରେ ରାସ୍ତା ସମ୍ପୂର୍ଣ୍ଣ ବନ୍ଦ କରି ବସି ରହି ଥିଲେ। ଅଳ୍ପ ବର୍ଷା ହେବା ଫଳରେ କିଛିଦିନ ହେବ ଦୁର୍ଗନ୍ଧ ହେଉଛି ଆଗକୁ ଜୋର ବର୍ଷା ହେଲେ ପ୍ରବଳ ଦୁର୍ଗନ୍ଧ ହେବ। ଫଳରେ ସେହି ଅଞ୍ଚଳରେ ପ୍ରାୟ ଦଶ କିମି ପରିଧିରେ ଦୁର୍ଗନ୍ଧ ସହ ଲୋକଙ୍କ ପାଇଁ ବଞ୍ଚିବା ଆହୁରି ଦୁର୍ବିସହ ହୋଇ ପଡ଼ିବ। ଯଦି ଦୈନିକ୧୫୦ ଟନ ଶୁଖିଲା ଅଳିଆ ପଳାଶୁଣିରେ ପ୍ରୋସେସିଂ ହେବ ତେବେ ଗାଡ଼କଣରୁ ଅଳିଆ କମିଯିବ। ସେପଟେ ବିଏମ୍‌ସିର ପୂର୍ବ ପ୍ରତିଶ୍ରୁତି ଅନୁଯାୟୀ ସାତ ଦିନ ଭିତରେ ଗାଡ଼କଣରେ ପୂର୍ବରୁ ଗଦା ହୋଇ ରହିଥିବା ସବୁ ଅଳିଆ ସଫା ହୋଇଯିବା କଥା। ବିଏମସି ଏଠାରେ ବେଆଇନ ଭାବେ ଅଳିଆ ଗଦା କରୁଛି ନା ସଠିକ ଅନୁମତି ପତ୍ର ଅଛି ନା ସରକାରୀ ବିଧି ବ୍ୟବସ୍ଥାର ସ୍ୱୀକୃତି ପାଇଛି। ମାତ୍ର ୧୫ଟନ୍ ଅଳିଆ ପ୍ରକ୍ରିୟାକରଣ ପାଇଁ ଅନୁମତି ଥିଲା ବେଳେ ଦୈନିକ ୩୫୦ମେଟ୍ରିକ ଟନ ଅଳିଆ ଗଦେଇ ଜନସାଧାରଣଙ୍କୁ ଅଯଥା ହଇରାଣ କରାଯାଉଛି। ଦାବି ପୂରଣ ନହେଲେ ବାଣୀବିହାର ପାଖରେ ଜାତୀୟ ରାଜପଥ ଅବରୋଧ କରାଯିବ ବୋଲି ମଧ୍ୟ ଘୋଷଣା କରିଥିଲେ।

ଏହି ଜନପ୍ରତିବାଦରେ ବାସୁଦେବ ଭଟ୍ଟ, ପ୍ରସନ୍ନ ବିଷୋୟୀ, ଅଶୋକ ପାଇକରାୟ, ପ୍ରୀତିଶ ବାସା ଶଙ୍କର୍ଷଣ ବାରିକ, ଆଶୁତୋଷ ମିଶ୍ର, ସଞ୍ଜୟ ମଳିକ, ଭିଏସ୍‌ଏସ୍ ନଗର ଉନ୍ନୟନ ପରିଷଦର ସାଧାରଣ ସମ୍ପାଦକ ଦିଲ୍ଲୀପ ଦାଶଶର୍ମା, ଯୁଗ୍ମ -ସମ୍ପାଦକ ଚିନ୍ତାମଣି ବାରିକ, ଜୟ ସୂର୍ଯ୍ୟ କାନୁନଗୋ, ଗୋବର୍ଦ୍ଧନ ଷଡ଼ଙ୍ଗୀ, କୋଷାଧ୍ୟକ୍ଷ ମହେଶ୍ୱର ବିଶ୍ୱାଳ, ଦୁର୍ଗା ପୂଜା ସମିତିର ସଭାପତି ଡ ଜୟନ୍ତ କୁମାର ପରିଡ଼ା, ଉପ -ସଭାପତି ନିମାଇଁ ଚରଣ ଦାସ, ସାଧାରଣ ସମ୍ପାଦକ ପ୍ରତାପ ନନ୍ଦ, ବରିଷ୍ଠ ନାଗରିକ ମଞ୍ଚର ସମ୍ପାଦକ ଇଓ ସୁରେଶ କର, ଉନ୍ନୟନ ପରିଷଦର ଯୁଗ୍ମ -ସମ୍ପାଦକ ଧରଣୀଧର ରାଉତ ଓ ରାମଚନ୍ଦ୍ର ସାମଲ ପ୍ରମୁଖ ପ୍ରତିବାଦ କରିଥିଲେ।

## ପୁଲିସ କର୍ମଚାରୀଙ୍କୁ ଖଣ୍ଡା ଚୋଟ

ଭୁବନେଶ୍ୱର,୮।୬ (ସମିସ): ପିସିଆର୍ କର୍ମଚାରୀଙ୍କୁ ଖଣ୍ଡାରେ ଆକ୍ରମଣ କରିଥିବା ୩ ଅଭିଯୁକ୍ତଙ୍କୁ ଗିରଫ କରି ସହିଦନଗର ଥାନା ପୁଲିସ। ଗିରଫ ଅଭିଯୁକ୍ତ ହେଉଛନ୍ତି ସାଇନ୍ସ ପାର୍କ ବସ୍ତିର ରାମଚନ୍ଦ୍ର ନାୟକ (୩୦), ବିକାଶ ଦିଗାଲ (୧୯) ଓ ଦଶରଥ ବେହେରା ଓରଫ୍ ନିଲୁ (୩୭)। ପୁଲିସ ସୂଚନା ଅନୁସାରେ, ଗତକାଲି ରାତିରେ ରାମଚନ୍ଦ୍ର, ବିକାଶ ଓ




ନିଲୁ ଜୟଦେବ ବିହାର ସ୍ଥିତ ଭେଙ୍କଟେଶ୍ୱର ମନ୍ଦିର ନିକଟରେ ସାଧାରଣରେ ଗାଳିଗୁଲଜ କରି ବିଶୃଙ୍ଖଳା ସୃଷ୍ଟି କରୁଥିଲେ। ଏଥିସହିତ ମାରଣାସ୍ତ୍ର ଦେଖାଇ ଲୋକଙ୍କୁ ଭୟଭୀତ କରୁଥିଲେ। ଖବର ପାଇବା ପରେ ପିସିଆର୍-୫ ର ସହଦେବ ମିଞ୍ଜ ଓ ଅନ୍ୟ ଦୁଇ କର୍ମଚାରୀ ଘଟଣାସ୍ଥଳକୁ ଯାଇଥିଲେ। ସେଠାରେ ପହଞ୍ଚିବା ପରେ ୩ ଜଣ ମିଶି ପୁଲିସକୁ ଗାଳି କରିବା ସହିତ ଧମକ ଚମକ ଦେଇଥିଲେ। ପାଖରେ ରଖିଥିବା ଖଣ୍ଡା ଓ ପଥରରେ ପୁଲିସକୁ ମରଣାନ୍ତକ ଆକ୍ରମଣ କରିଥିଲେ। ସହଦେବ ଓ ଅନ୍ୟ କର୍ମଚାରୀମାନେ କୌଶଳ କ୍ରମେ ସେମାନଙ୍କୁ କାବୁ କରିବା ସହ ଖଣ୍ଡା ଓ ଏକ ସ୍କୁଟି ଜବତ କରିଥିଲେ। ସହଦେବଙ୍କ ଅଭିଯୋଗ କ୍ରମେ ସହିଦନଗର ଥାନା ପୁଲିସ ଏକ ମାମଲା ରୁଜୁ କରି ୩ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରିଛି।

## ୮୦ଲକ୍ଷ ନେଇଗଲେ ସାଇବର ଠକ

ଭୁବନେଶ୍ୱର,୮।୬(ସମିସ): ୟୁ-ଟ୍ୟୁବ୍ ଚ୍ୟାନେଲ ସବ୍‌ସ୍କ୍ରିପ୍‌ସନ୍ ଆଳରେ ୮୦ ଲକ୍ଷ ଟଙ୍କା ଠକି ନେଇଛନ୍ତି ସାଇବର ଠକ। ଏହି ଠକେଇ ଗତ କିଛି ମାସ ହେବ ବଢ଼ିଛି। ସାଇବର ଠକ ଦୁଇଗୁଣା ଅର୍ଥ ଦେବାକୁ କହୁଛନ୍ତି। ଟଙ୍କା ଲଗାଇବା ପରେ କିଛି ଟ୍ୟାକ୍ସ ଦେଉଛନ୍ତି। ଏହାକୁ ପୂରଣ କରିବା ପରେ ବିଶ୍ୱାସ ଜମାଇବା ପାଇଁ ପ୍ରଥମେ କିଛି ଲାଭ ଦେଉଛନ୍ତି। ପରେ ମୋଟା ରକମର ଟଙ୍କା ଲଗାଇବା ପରେ ଠକେଇ କରୁଛନ୍ତି। ଏଭଳି ଠକାମିର ଶିକାର ହୋଇଥିବା ପଟିଆ ଶ୍ରୀବିହାରର ବିକାଶ ନାୟକ ସାଇବର ଥାନାରେ ଅଭିଯୋଗ କରିଛନ୍ତି। ଅଭିଯୋଗ ପରେ ଟଙ୍କା ଯାଇଥିବା ୪ଟି ଆକାଉଣ୍ଟକୁ ଫ୍ରିଜ୍ କରିଛି ସାଇବର ପୁଲିସ। ହେଲେ ଉକ୍ତ ଆକାଉଣ୍ଟରେ ଏକ ଲକ୍ଷ ଟଙ୍କା ଥିବା ଜଣାପଡ଼ିଛି। ଟଙ୍କା ନେବା ପରେ ସାଇବର ଠକ ଏହାକୁ ବିଭିନ୍ନ ଆକାଉଣ୍ଟ ମାଧ୍ୟମରେ ଉଠାଇ ନେଇଯାଇଛି। ଏହି ଠକେଇ ପଛରେ ରାଜ୍ୟ ବାହାରର ଅଭିଯୁକ୍ତଙ୍କ ସଂପୃକ୍ତି ତଦନ୍ତରୁ ଜଣାପଡ଼ିଛି।

ଅଭିଯୋଗ ଅନୁସାରେ ବର୍ତ୍ତମାନ ୟୁ-ଟ୍ୟୁବ୍ ଯୁଗରେ ସମସ୍ତେ ଭିଡିଓ ପୋଷ୍ଟ କରି ଟଙ୍କା ରୋଜଗାର କରିବାକୁ ଇଚ୍ଛା ପ୍ରକାଶ କରୁଛନ୍ତି। ତେଣୁ ଏହା ମଧ୍ୟରେ ଶ୍ରୀବିହାରରେ ରହୁଥିବା ବିକାଶଙ୍କ ହ୍ୱାଟ୍ସଆପ୍ ନମ୍ବରକୁ ଏକ ମେସେଜ୍ ଆସିଥିଲା। ଏଥିରେ ୟୁ-ଟ୍ୟୁବ୍ ସବ୍‌ସ୍କ୍ରିପସନ୍ କରି ପ୍ରତି ସବ୍‌ସ୍କ୍ରିପସନ୍ ପିଛା ୫୦୦ ଟଙ୍କା କମାଇବାକୁ କହିଥିଲେ। ଏହି ମେସେଜ୍ ଦେଖିବା ପରେ ଜଣେ ଅଜଣା ବ୍ୟକ୍ତି ତାଙ୍କୁ ଫୋନ୍ କରିଥିଲେ। ବିକାଶ ତାଙ୍କ ଫୋନ୍ ଉଠାଇବା ପରେ ଅଭିଯୁକ୍ତ ଜଣଙ୍କ ୟୁ-ଟ୍ୟୁବ୍‌ରୁ ଟଙ୍କା ରୋଜଗାର କରି କୋଟିପତି ହେବାର ସ୍ୱପ୍ନ ଦେଖାଇଥିଲେ। ପ୍ରତି ସବ୍‌କ୍ରିସନ୍ ପିଛା ୫୦୦ ଟଙ୍କା ତୁମ୍ ଆକାଉଣ୍ଟକୁ ଆସିବ। ଆଉ ଏକ ଟଙ୍କା ତୁମ୍‌ର ଟେଲିଗ୍ରାମ୍‌ରେ ଖୋଲାଯାଇଥିବା ଏକ ଆକାଉଣ୍ଟରେ ଆଡ୍ ହେବ। ଶେଷରେ ୫ହଜାର ଉପରେ ଟଙ୍କା ହେବା ପରେ ଏହାକୁ ଉଠାଇ ନେଇଯିବ ବୋଲି କହିଥିଲେ। ଏହା କହିବା ପରେ ଅଭିଯୁକ୍ତ ଏକ ଟେଲିଗ୍ରାମ୍ ଲିଙ୍କ୍ ପଠାଇଥିଲେ। ଏହାକୁ କ୍ଲିକ୍ କରିବା ପରେ ବିକାଶ ସେଥିରେ ଯୋଡ଼ି ହୋଇଯାଇଥିଲେ। ଯାହା ସବୁ ସବ୍‌କ୍ରିସନ୍ ଟଙ୍କା ଆସେ ଏହି ଟେଲିଗ୍ରାମ୍ ଗ୍ରୁପ୍‌ରେ ମେସେଜ୍ ପଢ଼ିବା ପରେ ଜଣାପଡେ। ଥରେ ହଠାତ୍ ଅନ୍ୟ ଜଣେ ଅଜଣା ବ୍ୟକ୍ତି ଫୋନ୍ କରି ବିକାଶଙ୍କୁ ଟଙ୍କା ଜମା କରି ଅଧିକ ସୁଧ ପାଇବାର ସ୍ୱପ୍ନ ଦେଖାଇଥିଲେ। ବିକାଶ ସ୍ୱଳ୍ପ ଟଙ୍କା ଲଗାଇବା ପରେ ଅଭିଯୁକ୍ତମାନେ ବିଶ୍ୱାସ ଜମାଇବା ପାଇଁ ପ୍ରଥମେ ୧୨ ହଜାର ୬ଶହ ଟଙ୍କା ଏବଂ ପରେ ୧୫ଶହ ଟଙ୍କା ଦେଇଥିଲେ। ଏହି ଟଙ୍କା ପାଇବା ପରେ ବିକାଶଙ୍କ ଲୋଭ ବଢିଯାଇଥିଲା। ତେଣୁ ସେ ବିଭିନ୍ନ କିସ୍ତିରେ ୮୦ ଲକ୍ଷ ଟଙ୍କା ଦେଇଥିଲେ। ଟଙ୍କା ନେବା ପରେ ସାଇବର ଠକ ଆଉ ଅଧିକ ସୁଧ ଦେଇ ଟଙ୍କା ଫେରାଇନଥିଲେ। ଅଭିଯୁକ୍ତ କରିଥିବା ଫୋନ୍ ନମ୍ବରକୁ କଲ୍ କରିଥିଲେ ମଧ୍ୟ ତାହା ବନ୍ଦ ରହିଥିଲା। ଟେଲିଗ୍ରାମ୍‌ରେ ଯୋଗାଯୋଗ କରିଥିଲେ ମଧ୍ୟ ତାହା ମଧ୍ୟ କାମ କରିନଥିଲା। ଶେଷରେ ଠକାମିର ଶିକାର ହୋଇଥିବା ଜାଣି ବିକାଶ ଥାନାରେ ଅଭିଯୋଗ କରିଛନ୍ତି। କେବଳ ବିକାଶ ନୁହେଁ ଏହିଭଳି ଭୁବନେଶ୍ୱରରେ ରହୁଥିବା ୧୦ ଜଣ ଶିକାର ହୋଇଥିବା ଅଭିଯୋଗ ହୋଇଛି। ପୁଲିସ ଏଭଳି ରାକେଟ୍‌କୁ ଧରିବାକୁ ତନାଘନା କରୁଛି।

## ନୂଆପଲ୍ଲୀରେ ଜାକଜମକରେ ହେବ ‘ରଜ ମହୋତ୍ସବ’

ଭୁବନେଶ୍ୱର,୮।୬(ସମିସ): ଚଳିତବର୍ଷ ରଜ ମହୋତ୍ସବ ଆସନ୍ତା ୧୩ରୁ ୧୬ ତାରିଖ ପର୍ଯ୍ୟନ୍ତ ନୂଆପଲ୍ଲୀ ରାବଣ ପୋଡ଼ି ପଡ଼ିଆରେ ପାଳନ କରାଯିବ। ଅନୁଷ୍ଠାନ ଚଳିତ ବର୍ଷ ଚତୁର୍ଥ ବର୍ଷ ରଜ



ମହୋତ୍ସବ ପାଳନ କରିବାକୁ ଯାଉଥିବାବେଳେ ୪ ଦିନ ଧରି ରଜ ମହୋତ୍ସବରେ ବହୁ ମହିଳା ନିଜ ନିଜ ହାତ ତିଆରି ପିଠାପଣା ସାଙ୍ଗକୁ ବିଭିନ୍ନ ଖାଦ୍ୟ ପରିବେଷଣ କରିବେ। ଏହା ସହିତ ଏଠାରେ ମହିଳା, ଶିଶୁ ଓ ବୟୋଜ୍ୟେଷ୍ଠଙ୍କ ପାଇଁ ବିଭିନ୍ନ ପ୍ରକାର ଖେଳ ପ୍ରତିଯୋଗିତା କରାଯିବ। କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ ମଧ୍ୟ କରାଯିବ। ସେହିପରି ମନୋରଞ୍ଜନ ପାଇଁ ରାମଦୋଳି, ବ୍ରେକ୍ ଡ୍ୟାନ୍ସ, ବେଲୁନ ଦୋଳି, ଡ୍ରାଗନ୍ ଦୋଳି ସହିତ ମୀନା ବଜାରର ସୁବିଧା ମଧ୍ୟ ରହିବ। ଚଳିତବର୍ଷ ୮୦ରୁ ଊର୍ଦ୍ଧ୍ୱ ଷ୍ଟଲ ସାଙ୍ଗକୁ ୨୦ରୁ ଊର୍ଦ୍ଧ୍ୱ ଦୋଳିର ବ୍ୟବସ୍ଥା ରହିବ। ମହୋତ୍ସବର ପ୍ରତି ସନ୍ଧ୍ୟାରେ ରଙ୍ଗାରଙ୍ଗ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। କଣ୍ଠଶିଳ୍ପୀ ମଣ୍ଟୁ ଛୁରିଆ, ବିଷ୍ଣୁମୋହନ୍ କବି ପ୍ରମୁଖ ଗୀତିକାର ଓ ପପୁ ପପ୍ ପମ୍ ଏବଂ ଓଡ଼ିଆ ସିନେମା ଜଗତର କଳାକାରମାନେ ଯୋଗଦେବାର କାର୍ଯ୍ୟକ୍ରମ ରହିଛି। ଏଥର ୨ ଲକ୍ଷରୁ ଊର୍ଦ୍ଧ୍ୱ ଲୋକଙ୍କ ସମାଗମ ହେବାକୁ ଯାଉଥିବାରୁ ସୁରକ୍ଷା ବ୍ୟବସ୍ଥାକୁ କଡ଼ାକଡ଼ି କରାଯିବା ସହ ସ୍ୱେଚ୍ଛାସେବୀଙ୍କ ସମେତ ପୁଲିସ ମୁତୟନ କରାଯିବ ବୋଲି ନୂଆପଲ୍ଲୀ କଳିଙ୍ଗ କ୍ରୀଡ଼ା ଓ ବିକାଶ ପରିଷଦର ସାଧାରଣ ସମ୍ପାଦକ ପ୍ରଭୁଦତ୍ତ ସାମଲ କହିଛନ୍ତି। ଏନେଇ ଆୟୋଜିତ ଏକ ବୈଠକରେ ସ୍ଥାନୀୟ କର୍ପୋରେଟର ବନ୍ଦିତା ପାଲ୍, ଅନୁଷ୍ଠାନର ଅଧ୍ୟକ୍ଷ ଅର୍ଜୁନ ବେହେରା, ସଭାପତି ମନୋରଞ୍ଜନ ବେହେରା, କଳା ଓ ସାଂସ୍କୃତିକ ସମ୍ପାଦକ ଅଜିତ ବେହେରାଙ୍କ ସମେତ ଅନୁଷ୍ଠାନର ସଦସ୍ୟମାନେ ଉପସ୍ଥିତ ଥିଲେ।

## ଲୋକଙ୍କ ବିଶ୍ୱାସକୁ ନେଇ ଠକୁଛନ୍ତି ଭଣ୍ଡ ତାନ୍ତ୍ରିକ

### ବିଫଳ ପ୍ରେମ, ଆର୍ଥିକ ସମସ୍ୟାକୁ ଟାର୍ଗେଟ

- ସହରର ଏକାଧିକ ସ୍ଥାନରେ ଖୋଲିଲେଣି ଅଫିସ୍
- ସୋସିଆଲ ମିଡିଆରେ ଦେଉଛନ୍ତି ବିଜ୍ଞାପନ
- ପୂଜା ନାଁରେ ୧୫ରୁ ୨୦ ହଜାର ଟଙ୍କା ଅଗ୍ରିମ
- ଲୋକ ଲଜ୍ଜା ଭୟରେ ଥାନାକୁ ଯାଉନାହାନ୍ତି ଲୋକେ

ଭୁବନେଶ୍ୱର,୮।୬(ସମିସ):

ପ୍ରେମରେ ବିଫଳ ହୋଇଛନ୍ତି କି? ବ୍ୟବସାୟରେ ମାନ୍ଦା ହେଉଛି। ପାରିବାରିକ କଳହ ହେଉଛି କି? କିଛି ଡରିବାର ନାହିଁ। ଆମ ପାଖକୁ ଆସନ୍ତୁ, ୪୮ ଘଣ୍ଟା ଭିତରେ ସବୁ ସମାଧାନ କରିଦେବୁ। ଏହା ବାବା ଖୁରେସୀଙ୍କ ଗ୍ୟାରେଣ୍ଟି। ଏଭଳି ଢଙ୍ଗରେ ସୋସିଆଲ ମିଡିଆରେ ବିଜ୍ଞାପନ ଦେଇ ଲୋକଙ୍କୁ ଠକୁଛନ୍ତି କିଛି ଭଣ୍ଡ ତାନ୍ତ୍ରିକ। ଲୋକଙ୍କ ସରଳତାର ସୁଯୋଗ ନେଇ ସେମାନେ ଲକ୍ଷାଧିକ ଟଙ୍କା ଲୁଟି ନେଉଛନ୍ତି। ଟଙ୍କା ନେବା ପରେ କାମ ହେଉନାହିଁ। ଟଙ୍କା ଫେରସ୍ତ ମାଗିଲେ ବିଭିନ୍ନ ପ୍ରକାର ବାହାନା କରୁଛନ୍ତି। ଟଙ୍କା ମାଗୁଛୁ ଚଢ଼େଇ କରି ଉଡ଼େଇ ଦେବି।



ଆହୁରି ମଧ୍ୟ ମୂକ କରିଦେବାକୁ ଧମକ ଦେଉଛନ୍ତି। ଅନେକ ଲୋକ ଲୋକଲଜ୍ଜା ଭୟରେ ଏଭଳି ଠକଙ୍କ ବିରୋଧରେ ଅଭିଯୋଗ କରିବାକୁ ଥାନାକୁ ଯାଉ ନାହାନ୍ତି। କାରଣ ଆଧୁନିକ ଯୁଗରେ କିଭଳି ଅନ୍ଧବିଶ୍ୱାସର ବଶୀଭୂତ ହେଲ ବୋଲି ପଚାରି ଅନେକ ଲୋକ ହସିବେ। ତେଣୁ ଜାଣିଶୁଣି ଲୋକେ ଥାନାକୁ ଯାଉନାହାନ୍ତି।

#### ପ୍ରେମରେ ବିଫଳ ଯୁବକ ସର୍ବାଧିକ ଶିକାର

ସହରରେ ବିଶେଷ କରି ଏଭଳି ଭଣ୍ଡ ତାନ୍ତ୍ରିକଙ୍କ ଅଧିକ ଶିକାର ହେଉଛନ୍ତି ପ୍ରେମରେ ବିଫଳ ଯୁବକ। ସେମାନେ ସୋସିଆଲ ମିଡିଆ ଏବଂ ଦଲାଲ ମାଧ୍ୟମରେ ଭଣ୍ଡ ପାଖରେ ପହଞ୍ଚୁଛନ୍ତି। ଯୁବକ ନିଜ ପ୍ରେମ ବିଷୟରେ ସବୁ କିଛି ଉଗାଳି ଦେବା ପରେ ଆରମ୍ଭ ହୁଏ ତାନ୍ତ୍ରିକର ଖେଳ। ସେ ପ୍ରଥମେ ପ୍ରେମିକା ଉପରେ କଳା ଯାଦୁ ହୋଇଥିବା କହିବେ। ପରେ ତାହାକୁ ପୂଜା ମାଧ୍ୟମରେ ଠିକ୍ କରିବା ପାଇଁ କହି ୧୨ରୁ ୩୦ ହଜାର ଟଙ୍କା ଅଗ୍ରିମ ମାଗିବେ। ଟଙ୍କା ନେବା ପରେ ପୁଣି କୁକୁଡ଼ା ବଳି ପାଇଁ ଆହୁରି ଟଙ୍କା ଦରକାର ବୋଲି କହି ମାଗୁଛନ୍ତି। ଶେଷରେ ସପ୍ତାହ ପରେ କାମ ନହେଲେ ସେମାନେ ବିଭିନ୍ନ ବାହାନା ଦେଖାଉଛନ୍ତି। ଶେଷରେ ଠକ କିଛି ଉପାୟ ନପାଇ ଯେଉଁ କାମ କରିହେବ ନାହିଁ ତାହା ଯୁବକଙ୍କୁ କରିବାକୁ କହୁଛନ୍ତି। ଯାହାକି କରିବା ଅସମ୍ଭବ ହୋଇ ପଡୁଛି।

#### ଫେକ୍ ଭିଡିଓ ପଠାଇ ବିଶ୍ୱାସ ଜମାଉଛନ୍ତି

ଯେଉଁମାନେ ନିଜ କାର୍ଯ୍ୟରେ ସଫଳ ହେଉ ନାହାନ୍ତି, ସେମାନେ ନିଜ ଭିତରେ ହାରି ଯାଉଛନ୍ତି। ଶେଷରେ ଇନ୍‌ଷ୍ଟାଗ୍ରାମ୍ ହେଉ ଅବା ଫେସ୍‌ବୁକ୍ ସେମାନେ ଫୋନ୍ ନମ୍ବର ନେଇ ଯୋଗାଯୋଗ କରୁଛନ୍ତି। ଏହାପରେ ଠକ ତାଙ୍କୁ ପୂଜା ବାହାନାରେ ଆଗେ ଟଙ୍କା ନେଉଛନ୍ତି। ଆହୁରି ଟଙ୍କା ଲୁଟିବା ପାଇଁ ପୂର୍ବରୁ ରଖିଥିବା ଭିଡିଓକୁ ଲୋକଙ୍କ ହ୍ୱାଟ୍ସଆପ୍‌କୁ ଛାଡ଼ି ଜାଲ ବିଛାଉଛନ୍ତି। ଲୋକଙ୍କ ବିଶ୍ୱାସ ଆସିବା ପରେ ଅନ୍ୟ ବାହାନା କରି ଲୁଟୁଛନ୍ତି।

#### ପୁଲିସ ଜାଣିଲେ ବି ନେଉନି କାର୍ଯ୍ୟାନୁଷ୍ଠାନ

ଏଭଳି କଳାଯାଦୁ କରୁଥିବା ଠକଙ୍କ ବିଷୟରେ ପୁଲିସ ଜାଣିଥିଲେ ମଧ୍ୟ କାର୍ଯ୍ୟାନୁଷ୍ଠାନ ନେଉନି। କାରଣ ସେମାନଙ୍କ ବିରୋଧରେ ନା କେହି ଥାନାରେ ଅଭିଯୋଗ କରୁଛନ୍ତି, ନା ତାଙ୍କ ବିରୋଧରେ କିଛି ପ୍ରମାଣ ରହୁଛି। ଯେଉଁଥି ପାଇଁ ପୁଲିସ ମଧ୍ୟ ସେମାନଙ୍କର କିଛି କରିପାରୁନି। ଅନେକ ସ୍ଥାନରେ ପୁଲିସ ମଧ୍ୟ ଭୟରେ ରହୁଛି। କାଳେ ସତରେ ତାନ୍ତ୍ରିକ ତାଙ୍କୁ କିଛି କରିଦେବ।

#### ଭୂତ ଭୟ ଦେଖାଇ ମୌଲାନା ନେଇଥିଲେ ୬୨ ଲକ୍ଷ

କଟକର କୈଫିକ ଖାନ୍ ନିଜକୁ ତାନ୍ତ୍ରିକ ଭାବେ ପରିଚୟ ଦେଉଥିଲେ। ଲୋକଙ୍କୁ ସତମିଛ କହି ଟଙ୍କା ଲୁଟୁଥିଲେ। କଟକ ମଙ୍ଗଳବାଗର ଜଣେ ମହିଳାଙ୍କୁ ସତ ମିଛ କହି ଭୂତପ୍ରେତର ଭୟ ଦେଖାଇବା ସହ ଗୁପ୍ତଧନର ଲୋଭ ଦେଖାଇ ଲୁଟି ନେଇଥିଲେ ୬୨ ଲକ୍ଷ ଟଙ୍କା।

#### ମହିଳା ହେଉଛନ୍ତି ଯୌନ ଶିକାର

ନିଃସନ୍ତାନ ଏବଂ ସ୍ୱାମୀ-ସ୍ତ୍ରୀ ମଧ୍ୟରେ ଝଗଡ଼ା ଥିବା ମହିଳା ତାଙ୍କ ନିକଟକୁ ସମାଧାନ ପାଇଁ ଗଲେ ସେମାନେ ଯୌନ ଶୋଷଣ ପାଇଁ ଟାର୍ଗେଟ କରୁଛନ୍ତି। ଶେଷରେ ବିଭିନ୍ନ ବାହାନା ଦେଖାଇ ଯୌନ ଶୋଷଣ କରୁଛନ୍ତି। ଏହିଭଳି ଜଣେ ନିଃସନ୍ତାନ ଦମ୍ପତିଙ୍କୁ ସନ୍ତାନପ୍ରାପ୍ତି କରାଇବାକୁ କହି ଠକୁଥିବା ଭଣ୍ଡବାବା ସିଦ୍ଧେଶ୍ୱର ସାମନ୍ତରାୟ ବାବାକୁ ବାଦାମବାଡ଼ି ପୁଲିସ ଗିରଫ କରିଥିଲା। ଏହି ବାବା ଝାଞ୍ଜିରମଙ୍ଗଳାର ଜଣେ ବ୍ୟକ୍ତିଙ୍କୁ ସନ୍ତାନପ୍ରାପ୍ତି କଥା କହି ୩ ଲକ୍ଷ ନେଇଥିଲା। ଗତ ବର୍ଷ ଖଣ୍ଡଗିରି ଥାନାରେ ଜଣେ ଭଣ୍ଡ ତାନ୍ତ୍ରିକଙ୍କ ନାମରେ ଯୌନ ଅଭିଯୋଗ ଆଣିଥିଲେ ମହିଳା।

#### ରୋଗ ଭଲ କରିବା ବାହାନାରେ ଠକେଇ

କିଛି ଠକ ତାନ୍ତ୍ରିକ ରୋଗ ଭଲ କରି ଦେଉଥିବା ଦାବି କହୁଛନ୍ତି। ସେମାନେ ଭଡ଼ାରେ ଲୋକ ଆଣୁଛନ୍ତି। ଯେଉଁମାନେ ଲୋକଙ୍କ ଆଗରେ ମିଛ ନାଟକ କହି ଫସାଇବାରେ ସାହାଯ୍ୟ କରୁଛନ୍ତି। ମିଛରେ ଗୋଡ ଭାଙ୍ଗିବା ବାହାନା କରୁଛନ୍ତି। ଠକ ତାନ୍ତ୍ରିକ ଅନ୍ୟ ଲୋକଙ୍କ ଆଗରେ ତାଙ୍କ ଗୋଡ଼ରେ ହାତ ମାରି ଚିକିତ୍ସା କରୁଛନ୍ତି। ପରେ ଭଡ଼ାରେ ଆସିଥିବା ଲୋକେ ଠିଆ ହୋଇ ଚାଲୁଛନ୍ତି।

## ଘୋଷଣାରେ ଅଟକିଛି ଚଳଚ୍ଚିତ୍ର ଅଭିଲେଖାଗାର

ଭୁବନେଶ୍ୱର, ୮।୬(ସମିସ): ରାଜ୍ୟର ସମସ୍ତ ଜିଲ୍ଲାରେ ପ୍ରତିଷ୍ଠା ହେବ ଅଭିଲେଖାଗାର (ଆର୍କାଇଭ୍)। ପ୍ରତ୍ୟେକ ଜିଲ୍ଲା ସଦର ମହକୁମାରେ ତହସିଲଦାର, ଜିଲ୍ଲାପାଳଙ୍କ ନିକଟରେ ମହଜୁଦ ରହିଥିବା ଉକ୍ତ ଜିଲ୍ଲାର ନଥିପତ୍ର, ଘଟଣାକ୍ରମର ନଥିପତ୍ର ଏବଂ ଇତିହାସର ନଥିପତ୍ରଗୁଡ଼ିକ ସଂଗ୍ରହ କରାଯିବ। ପ୍ରତ୍ୟେକ ଜିଲ୍ଲାର ଇତିହାସ ଜାଣିବା ସହ ଆଗାମୀପିଢ଼ି ପାଇଁ ଏହାକୁ ସଂରକ୍ଷଣ କରାଯାଇପାରିବ। ସମଗ୍ର ରାଜ୍ୟବାସୀ ଅଭିଲେଖାଗାରର ଆବଶ୍ୟକତା, ଏହାର ମହତ୍ତ୍ୱ ଓ କାର୍ଯ୍ୟଧାରା ସମ୍ପର୍କରେ ଅବଗତ ହୋଇପାରିବେ। ଭୁବନେଶ୍ୱରରେ ଥିବା ରାଜ୍ୟ ଅଭିଲେଖାଗାରର ଶାଖା ଅଭିଲେଖାଗାର ଭାବେ ଓଡ଼ିଶାର ବିଭିନ୍ନ ଜିଲାରେ ଏହା ପ୍ରତିଷ୍ଠା ହେବ ବୋଲି ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ପକ୍ଷରୁ କୁହାଯାଇଥିଲା। ଏହାସହ ଜିଲ୍ଲାସ୍ତରରୁ ନଥିପତ୍ର ସଂଗ୍ରହ ନିମନ୍ତେ କାର୍ଯ୍ୟ ଆରମ୍ଭ କରାଯିବ ବୋଲି ସୂଚନା ଦିଆଯାଇଥିଲା। କିନ୍ତୁ ଏ ପର୍ଯ୍ୟନ୍ତ ତାହା ବାସ୍ତବ ରୂପ ନେଇପାରିନାହିଁ। ସେହିପରି ରାଜ୍ୟରେ ଏକ ଚଳଚ୍ଚିତ୍ର ଅଭିଲେଖାଗାର ପ୍ରତିଷ୍ଠା କରାଯିବାକୁ ମଧ୍ୟ ଯୋଜନା ହୋଇଥିଲା। ଓଡ଼ିଆ ଚଳଚ୍ଚିତ୍ର ସହ ଜଡ଼ିତ ପୋଷ୍ଟର, ଗ୍ରାମୋଫୋନ୍ ରେକର୍ଡ, ସଂଗୀତର ରେକର୍ଡ ଭଳି ସମସ୍ତ ପ୍ରକାରର ରେକର୍ଡକୁ ସାଇତାଯିବା ଭଳି ଅନେକ ଯୋଜନା କରିଥିଲା ସଂସ୍କୃତି ବିଭାଗ। ହେଲେ ଏବେବି ଏସବୁ ଘୋଷଣାରେ ଅଟକି ରହିଛି।

ସୂଚନା ଅନୁସାରେ, ସମସ୍ତ ଜିଲ୍ଲାରେ ଡିଆର୍‌ଆର୍ ବା ଡିଷ୍ଟ୍ରିକ୍ଟ ରେକର୍ଡ ରୁମ୍ ରହିଛି। ବର୍ତ୍ତମାନ ରାଜ୍ୟ ଅଭିଲେଖାଗାରରେ ୧୮୦୩ ମସିହା ଓ ଏହା ପରର ବହୁ ଉପାଦେୟ, ବିରଳ, ଗୁରୁତ୍ୱପୂର୍ଣ୍ଣ ରେକର୍ଡ ମହଜୁଦ ରହିବା ସହ ରେକର୍ଡ ସଂଗ୍ରହ ଅଭିଯାନ ଚାଲୁ ରହିଛି। ଏହାଦ୍ୱାରା ଅଭିଲେଖ ଭାବେ ବହୁ ଗୁରୁତ୍ୱପୂର୍ଣ୍ଣ ରେକର୍ଡ ସାଇତା ହୋଇ ରହିବ। ତେବେ ୧୯୭୦ ମସିହା ପର୍ଯ୍ୟନ୍ତ ବହୁ ଦପ୍ତରର ରେକର୍ଡ ଅଭିଲେଖାଗାରରେ ସାଇତା ଯାଇଛି। କୌଣସି ଦପ୍ତର ବା ସରକାରୀ କାର୍ଯ୍ୟାଳୟରେ ସରକାରୀ ନଥିପତ୍ର ୩୦ବର୍ଷ ପର୍ଯ୍ୟନ୍ତ ସଂରକ୍ଷିତ ରଖାଯାଏ। ୩୦ବର୍ଷ ପରେ ଏଗୁଡ଼ିକୁ ନଷ୍ଟ କରି ଦିଆଯାଏ, ନଚେତ୍ ଅଭିଲେଖାଗାରକୁ ପ୍ରଦାନ କରାଯାଇଥାଏ। ତେବେ ୧୯୭୦ ପରଠୁ ଏପର୍ଯ୍ୟନ୍ତ ୫୪ବର୍ଷ ବିତି ଯାଇଥିବାରୁ ଦପ୍ତରମାନଙ୍କରେ ମହଜୁଦ ଥିବା ଗୁରୁତ୍ୱପୂର୍ଣ୍ଣ, ବିରଳ ଓ ଆବଶ୍ୟକ ନଥି ତଥା ରେକର୍ଡ ସଂଗ୍ରହ କରାଯିବାକୁ ବିଭାଗ ଏହି ଯୋଜନା କରିଥିଲା। ଜିଲ୍ଲାସ୍ତରୀୟ ଅଭିଲେଖାଗାର ଏବଂ ଫିଲ୍ମ ଅଭିଲେଖାଗାର ପ୍ରତିଷ୍ଠା କରାଯିବା ନେଇ ସଂସ୍କୃତି ନିର୍ଦ୍ଦେଶକ ବିଜୟ କେତନ ଉପାଧ୍ୟାୟଙ୍କୁ ଯୋଗାଯୋଗ କରାଯାଇଥିଲେ ମଧ୍ୟ ଏ ବିଷୟରେ ସେ ଜାଣି ନଥିବା କହିଛନ୍ତି।



### ଆଜି ଆନ୍ତର୍ଜାତିକ ଅଭିଲେଖାଗାର ଦିବସ

### ଜିଲ୍ଲାସ୍ତରୀୟ ସଂରକ୍ଷଣାଗାର ଶାଖା ପ୍ରତିଷ୍ଠା କେବେ ?

## ଚାଷ ପାଇଁ ଚାକିରି ଛାଡ଼ିଲେ ଇଂ ଉଦୟନାଥ

# ଗ୍ରାମାଞ୍ଚଳରେ ରୋଜଗାରର ସୁଯୋଗ ଦେଖାଇଛନ୍ତି





ହାଟଡିହୀ, ୮।୬(ସମିସ):

ଇଞ୍ଜିନିୟରିଂ ପାଠ ପଢ଼ି ବାହାରେ ଚାକିରି କରିଥିଲେ; ହେଲେ ନିଜେ ସ୍ୱାଧୀନ ଭାବେ କିଛି କରିବା ନିଶା ତାଙ୍କୁ ନିଜ ଗାଁକୁ ଟାଣି ଆଣିଥିଲା। ଏବେ ୨୨ ଏକର ଚାଷ ଜମିରେ ଗୋ-ପାଳନ, ମାଛଚାଷ, ଧଳା ଘୁଷୁରି ଚାଷ ସହ ପିଜୁଳି, ଗୁଆ ଆଦି ସମନ୍ୱିତ ଚାଷ କରି ସ୍ୱାବଲମ୍ବୀ ହୋଇଛନ୍ତି ହାଟଡିହୀ ବ୍ଲକ ଜଗନ୍ନାଥପୁର ଗ୍ରାମର ଇଂ ଉଦୟନାଥ କର। ସେ ବାହାର ରାଜ୍ୟରେ ଚାକିରି ଜୀବନରୁ ମୁହଁ ମୋଡ଼ି ନିଜ ପୈତୃକ ଗାଁକୁ ଫେରି ଆସି ନିଜସ୍ୱ ସମ୍ବଳରେ କିଛି କରିବାକୁ ମନ ବଳାଇଥିଲେ। ପାରମ୍ପରିକ ଧାନ ଚାଷ ଛାଡ଼ି ସେ ମାଛ ଓ ଦୁଗ୍ଧ ଚାଷ ଆରମ୍ଭ କରିଥିଲେ। ମାତ୍ର କରୋନା ମହାମାରୀ ସମୟରେ ଅନେକ କ୍ଷତିର ସମ୍ମୁଖୀନ ହେଲେ। ସେଥିପାଇଁ ସେ ସମନ୍ୱିତ ଚାଷ ଉପରେ ମନୋନିବେଶ କଲେ। ଗୋଟିଏ ଚାଷରୁ କ୍ଷତି ହେଲେ ଅନ୍ୟ ଚାଷରୁ ତାହା ଭରଣା ହୋଇପାରିବ ବୋଲି ସେ ସମନ୍ୱିତ ଚାଷକୁ ଗୁରୁତ୍ୱ ଦେଲେ। ସେ ୧୦ଟି ପୋଖରୀ ଖୋଳି ସେଥିରେ ବିଭିନ୍ନ ପ୍ରକାର ମାଛ ଚାଷ କରିବା ସହ ୨ ଏକର ଜମିରେ ପିଜୁଳି ଚାଷ କରିଛନ୍ତି। ମାଛ ଚାଷରୁ ମାସକୁ ଲକ୍ଷାଧିକ ଟଙ୍କା ପାଉଥିବା ବେଳେ ପିଜୁଳି ସବୁକୁ ଭଦ୍ରକ, ବାଲେଶ୍ୱର,

### ପିଜୁଳି, ମାଛ ସହ ଗାଈ, ଘୁଷୁରି ଭଳି ସମନ୍ୱିତ ଚାଷରେ ସଫଳ

କେନ୍ଦୁଝର ଜିଲ୍ଲାର ବିଭିନ୍ନ ସ୍ଥାନରେ ବିକ୍ରି କରୁଛନ୍ତି। ସେହିପରି ଶହେରୁ ଅଧିକ ଧଳା ଘୁଷୁରି, ୨୦ରୁ ଅଧିକ ଗାଈ ରଖି ଭଲ କ୍ଷୀର ଉତ୍ପାଦନ କରିପାରୁଛନ୍ତି। ଖାଲି ସେତିକି ନୁହଁ ଛେଳି, କୁକୁଡ଼ା ଆଦି ଚାଷ କରି ଜଣେ ସଫଳ ଚାଷୀ ଭାବେ ଏବେ ନିଜ ଚାଷଜମିରେ ଠିଆ ହୋଇପାରୁଛନ୍ତି। ଏପରିକି ଶ୍ରୀ କର ୩୦ଜଣଙ୍କୁ ରୋଜଗାର ଦେଇପାରିଛନ୍ତି। ସେ ଧଳା ଘୁଷୁରୀ ଚାଷ ପାଇଁ ରାଜସ୍ଥାନ ଧଳପୁର ଯାଇ ପ୍ରଶିକ୍ଷଣ ନେଇ ଏହି ଚାଷ ଆରମ୍ଭ କରିଥିଲେ। ଏବେ ଅନ୍ୟମାନଙ୍କୁ ପ୍ରଶିକ୍ଷଣ ଦେଇ ଘୁଷୁରି ଚାଷ କରିବାକୁ ପ୍ରୋତ୍ସାହନ କରୁଛନ୍ତି। ଘୁଷୁରି ବିକ୍ରି ପାଇଁ ଓଡ଼ିଶାରେ ସେପରି କୌଣସି ବ୍ୟବସ୍ଥା ନ ଥିଲେ ବି ଆସାମ, ପଶ୍ଚିମବଙ୍ଗ ଓ ଝାଡ଼ଖଣ୍ଡ ଅଞ୍ଚଳରୁ ବେପାରୀମାନେ ଆସି କିଣୁଛନ୍ତି। ତାଙ୍କ ମତରେ ଏକର ଏକର ଜାଗା ଦରକାର ନାହିଁ, ୧୦-୧୨ ଗୁଣ୍ଠ ଜମି ହେଲେ ଯଦି ସେଥିରେ ପିଜୁଳି ଚାଷ କରାଯିବ ତେବେ ବର୍ଷକୁ ଲକ୍ଷାଧିକ ଟଙ୍କା ମିଳିପାରିବ। ତେଣୁ ଆଜିର ଯୁବପିଢି ଚାକିରି ପଛରେ ନଗୋଡାଇ ଚାଷ ପ୍ରତି ଦୃଷ୍ଟି ଦେଲେ ନିଜର ପରିବାର ପ୍ରତିପୋଷଣ କରିପାରିବ ବୋଲି ସେ କହନ୍ତି। ଖାଲି ସେତିକି ନୁହଁ; ସେ ଜଣେ ଆଦର୍ଶ ସ୍ୱେଚ୍ଛାସେବୀ ଭାବେ ମଧ୍ୟ ବେଶ୍ ଜଣାଶୁଣା। ବିପଦ ଆପଦରେ ପଡ଼ିଥିବା ଲୋକଙ୍କୁ ସାହାଯ୍ୟ ସହଯୋଗର ହାତ ବଢ଼ାଇଥାନ୍ତି। ଘରପୋଡିଠାରୁ ଆରମ୍ଭ କରି ବନ୍ୟା ବାତ୍ୟା ସମୟରେ ଲୋକଙ୍କ ସେବା କରି ଅନେକ ସଂଗଠନ ପକ୍ଷରୁ ପୁରସ୍କୃତ ମଧ୍ୟ ହୋଇଛନ୍ତି। ସେ ଚଣ୍ଡିଆବିରଞ୍ଚିପୁରଠାରେ ସେଣ୍ଟ ଜାଭିୟର୍ସ ନାମରେ ଏକ ଘରୋଇ ସ୍କୁଲ୍ ଖୋଲି ଶହ ଶହ ଛାତ୍ରଛାତ୍ରୀଙ୍କୁ ଶିକ୍ଷାଦାନ କରାଇ ପାରିଛନ୍ତି।

## ଖୋଲାମେଲା ପଡ଼ିଛି ଏକ୍ସପାରୀ ମେଡିସିନ୍



ଆନନ୍ଦପୁର, ୮।୬(ସମିସ): କେଉଁଠି ମିଳୁନାହିଁ ତ ଆଉ କେଉଁଠି ରଖି ରଖି ଏକ୍ସପାରୀ ହେବାପରେ ଫିଙ୍ଗାଯାଉଛି ଲକ୍ଷ ଲକ୍ଷ ଟଙ୍କାର ସରକାରୀ ଔଷଧ। ଆନନ୍ଦପୁର ଉପଖଣ୍ଡ ମୁଖ୍ୟ ଚିକିତ୍ସାଳୟ ପରିସର ପଛ ପାଖରେ ଥିବା ବାୟୋ ମେଡିକାଲ ଟ୍ରିଟମେଣ୍ଟ ପ୍ଲାଣ୍ଟଠାରେ ପଡ଼ିଥିବା ପୁଳା ପୁଳା ଔଷଧ, ଇଞ୍ଜେକ୍ସନ, ସାଲାଇନ୍, ସିରପ୍‌କୁ ଦେଖିଲେ ଏହାର ପରିଚାଳନା ବ୍ୟବସ୍ଥା ଉପରେ ପ୍ରଶ୍ନ ଉଠିଛି। ସେହିପରି ଏଠାରେ ସରକାରୀ ଔଷଧ ରୋଗୀଙ୍କୁ କିଭଳି ବିତରଣ କରାଯାଉଥିବ ଏବଂ ରୋଗୀ ସ୍ୱାସ୍ଥ୍ୟସେବା କ୍ଷେତ୍ରରେ କି ପ୍ରକାର ସରକାରୀ ସୁବିଧା ସଠିକ ସମୟରେ ପାଇପାରୁଥିବେ ସ୍ପଷ୍ଟ ଭାବେ ଜଣାପଡୁଛି। ଆଜି ସକାଳୁ ଏହି ସ୍ଥାନରେ ପଡ଼ିଥିବା ଏତେ ପରିମାଣର ଏକ୍ସପାରୀ ଔଷଧକୁ କେନ୍ଦ୍ରକରି ଚର୍ଚ୍ଚା ଲାଗି ରହିଛି। ଔଷଧଗୁଡ଼ିକ ଏକ୍ସପାରୀ ହୋଇଥିଲେ ମଧ୍ୟ ଏ ସମ୍ପର୍କରେ ପ୍ରଥମେ ଜଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ସୂଚୀତ କରାଯାଇ ପଠାଯିବାର ନିୟମ ରହିଛି। ଏହି ଔଷଧକୁ ବାୟୋ ମେଡିକାଲ ଟ୍ରିଟମେଣ୍ଟ ପ୍ଲାଣ୍ଟଠାରେ କିଏ ଓ କାହିଁକି ପକାଇ ଦେଇଛି ତାକୁ ନେଇ ପ୍ରଶ୍ନ ଉଠାଇଛନ୍ତି ସ୍ଥାନୀୟ ବୁଦ୍ଧିଜୀବୀ। ଘଟଣାର ଉଚ୍ଚସ୍ତରୀୟ ତଦନ୍ତ କରି ଉଚିତ ପଦକ୍ଷେପ ଗ୍ରହଣ କରିବାକୁ ଦାବି ହୋଇଛି। ଘଟଣା ସମ୍ପର୍କରେ ମେଡିକାଲ ଅଧୀକ୍ଷକଙ୍କ ଅନୁପସ୍ଥିତି ନେଇ ପ୍ରତିକ୍ରିୟା ମିଳିପାରି ନାହିଁ।

## ବଡ଼ପଦନାରେ ମଣ୍ଡଳସ୍ତରୀୟ କାର୍ଯ୍ୟକର୍ତ୍ତା ସମ୍ମିଳନୀ

ରାମଚନ୍ଦ୍ରପୁର, ୮।୬(ସମିସ): ଘସିପୁରା ନିର୍ବାଚନମଣ୍ଡଳୀ ଅନ୍ତର୍ଗତ ବଡ଼ପଦନା ଗ୍ରାମରେ ବିଜେପି ପକ୍ଷରୁ ରାମଚନ୍ଦ୍ରପୁର ମଣ୍ଡଳସ୍ତରୀୟ ଏକ କାର୍ଯ୍ୟକର୍ତ୍ତା ସମ୍ମିଳନୀ ଅନୁଷ୍ଠିତ ହୋଇଛି। ଏଥିରେ ବିଜେପି ଜିଲ୍ଲା ସଭାପତି ଶୁକଦେବ ମହାନ୍ତ କାର୍ଯ୍ୟକର୍ତ୍ତାଙ୍କୁ ଉଦବୋଧନ ଦେଇଥିଲେ। ୮ଟି ପଞ୍ଚାୟତରୁ ଶତାଧିକ ସକ୍ରିୟ କାର୍ଯ୍ୟକର୍ତ୍ତାଙ୍କ ସହ ବରିଷ୍ଠ ନେତା ଡ. ଶମ୍ଭୁନାଥ ରାଉତ ଏବଂ ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ପୃଥ୍ୱୀରାଜ କୁଅଁର, ରାମଚନ୍ଦ୍ରପୁର ମଣ୍ଡଳ ସଭାପତି ଅଜୟ ବାରିକ ପ୍ରମୁଖ ଯୋଗ ଦେଇଥିଲେ। ଏହି ଅବସରରେ ବହୁ ନୂତନ ସଦସ୍ୟଙ୍କୁ ଦଳରେ ସ୍ୱାଗତ କରାଯିବା ସହ ଜିଲ୍ଲା ସଭାପତି ଶିବ ମନ୍ଦିର ପାର୍ଶ୍ୱରେ ପିଆଶାଳ ବୃକ୍ଷ ରୋପଣ କରି ପରିବେଶ ପ୍ରତି ବ୍ରତୀ ହେବାକୁ ପରାମର୍ଶ ଦେଇଥିଲେ।

## ପୂର୍ବତନ ବିଇଓଙ୍କୁ ବିଦାୟ ସମ୍ବର୍ଦ୍ଧନା



ହାଟଡିହୀ,୮।୬(ସମିସ): ହାଟଡିହୀ ବ୍ଲକ ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟ ସଭାଗୃହରେ ଏକ ବିଦାୟକାଳୀନ ସମ୍ବର୍ଦ୍ଧନା ସଭା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ବିଇଓ ରାଜୀବ ଦଳେଇ ଓ ଏବିଇଓ ପ୍ରମୋଦ ନାୟକଙ୍କ ସଂଯୋଜନାରେ ପୂର୍ବତନ ବ୍ଲକ ଶିକ୍ଷାଧିକାରୀ ଓମକାର ଅନ୍ୱେଷଙ୍କୁ ବିଦାୟୀ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଛି। ଶ୍ରୀ ଅନ୍ୱେଷଙ୍କ ଜିଲ୍ଲା ମୁଖ୍ୟାଳୟକୁ ବଦଳି ହୋଇଛି। ଏହି କାର୍ଯ୍ୟକ୍ରମରେ ସମସ୍ତ ସିଆରସିସିଙ୍କ ସହ କାର୍ଯ୍ୟାଳୟର ସମସ୍ତ କର୍ମଚାରୀ ଉପସ୍ଥିତ ଥିଲେ। ୮ ଜଣ ସିଆରସିସି କେଶବଚନ୍ଦ୍ର କର, ଗଦାଧର ଜେନା, ରବିନାରାୟଣ ଦାସ ମହାପାତ୍ର, କୃଷ୍ଣଚନ୍ଦ୍ର ନାୟକ, ବିଜୟ କୁମାର ସା, ପ୍ରଦୀପ ଦେହୁରୀ, ବସନ୍ତ ନାଇକ, ମଙ୍ଗଳ ହାଁସଦା ପ୍ରମୁଖଙ୍କୁ ମଧ୍ୟ ବିଦାୟକାଳୀନ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି। ବରିଷ୍ଠ ଶିକ୍ଷକ ପ୍ରଫୁଲ୍ଲ ଜେନା ଓ ସିଆରସିସି ସୌଭାଗ୍ୟ ରଞ୍ଜନ ଦେବାଶିଷ ବାରିକ ଏବଂ ଅନ୍ୟ କର୍ମଚାରୀ ସହଯୋଗ କରିଥିଲେ।

## ପୃଥକ ଦୁର୍ଘଟଣା; ୨ ଡ୍ରାଇଭର ଗୁରୁତର




ତୁରୁମୁଙ୍ଗା, ୮।୬(ସମିସ): କେନ୍ଦୁଝର ଜିଲ୍ଲା ତୁରୁମୁଙ୍ଗା ଥାନା ଅନ୍ତର୍ଗତ ୪୯ ନମ୍ବର ଜାତୀୟ ରାଜପଥର ରେଙ୍ଗାଳବେଡ଼ାଠାରେ ରବିବାର ଭୋରରୁ ଏକ ଆଇରନ ବୋଝେଇ ଟ୍ରେଲର ପଛରେ ଆଉ ଏକ ଆଇରନ ବୋଝେଇ ଟ୍ରେଲର ଧକ୍କା ଦେବା ଫଳରେ ପଛ ଟ୍ରେଲର ଡ୍ରାଇଭର ଗାଡ଼ି ଭିତରେ ଚାପି ହୋଇ ଗୁରୁତର ହୋଇଥିଲେ। ତାଙ୍କୁ ସ୍ଥାନୀୟ ଲୋକେ ଏବଂ ଏନଏଚଆଇ ଆମ୍ବୁଲାନ୍ସ କର୍ମଚାରୀ ଉଦ୍ଧାର କରି ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରିଥିଲେ। ଆଇରନ ବୋଝେଇ ଦୁଇ ଟ୍ରେଲର କେନ୍ଦୁଝରରୁ ଜଶିପୁର ଆଡ଼କୁ ଯାଉଥିବା ସମୟରେ ଏହି ଦୁର୍ଘଟଣା ଘଟିଥିଲା। ଆହତ ଡ୍ରାଇଭରଙ୍କ ପରିଚୟ ମିଳି ପାରି ନାହିଁ।

ସେହିପରି ରବିବାର ସକାଳେ ତୁରୁମୁଙ୍ଗା ଥାନା ଅନ୍ତର୍ଗତ ୪୯ ନମ୍ବର ଜାତୀୟ ରାଜପଥର ଝାରବେଡ଼ା ଛକରେ ଆଉ ଏକ ଦୁର୍ଘଟଣାରେ ଡ୍ରାଇଭର ଗୁରୁତର ହୋଇଛନ୍ତି। ଏକ ଟ୍ରକ ପଛରେ ଆଉ ଏକ ଟ୍ରକ ଧକ୍କା ଦେବା ଫଳରେ ପଛ ଟ୍ରକର ଡ୍ରାଇଭର ଚାପି ହୋଇ ଗୁରୁତର ହୋଇଥିଲେ। ତାଙ୍କୁ ମଧ୍ୟ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଛି। ଉଭୟ ଗାଡ଼ି କେନ୍ଦୁଝରରୁ ଜଶିପୁର ଆଡ଼କୁ ଯାଉଥିବା ସମୟରେ ଏହି ଦୁର୍ଘଟଣା ଘଟିଥଲା। ଗୁରୁତର ଡ୍ରାଇଭରଙ୍କ ପରିଚୟ ମିଳି ପାରିନାହିଁ।

## ଇନ୍ଦୁମତୀ ଦାଶଙ୍କ ପରଲୋକ



ତୁରୁମୁଙ୍ଗା, ୮।୬(ସମିସ): ପାଟଣା ବ୍ଲକ ବଡ଼ପାଟଣା ପଞ୍ଚାୟତ ଶିବନାରାୟଣପୁର ଶାସନର ଧର୍ମପ୍ରାଣା ମହିଳା ଇନ୍ଦୁମତୀ ଦାଶଙ୍କ ରବିବାର ସକାଳ ୮ରେ ସାଧୁପଡ଼ାସ୍ଥିତ ବାସଭବନରେ ୭୫ ବର୍ଷ ବୟସରେ ପରଲୋକ ହୋଇଯାଇଛି। ସେ ପାଟଣାର ଜଣାଶୁଣା ବ୍ୟବସାୟୀ ତଥା ସାମାଜିକ କର୍ମୀ ସ୍ୱର୍ଗତ କୀର୍ତ୍ତନ ବିହାରୀ ଦାଶଙ୍କ ପତ୍ନୀ। ତାଙ୍କ ମୃତ୍ୟୁରେ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି। ମୃତ୍ୟୁଶଯ୍ୟା ନିକଟରେ ବଡ଼ପୁଅ ବିବେକାନନ୍ଦ, ସାନପୁଅ ଅରବିନ୍ଦ, ବଡ଼ବୋହୂ ସ୍ୱପ୍ନାରାଣୀ, ସାନବୋହୂ ଚନ୍ଦ୍ରାବତୀଙ୍କ ସମେତ ନାତିନାତୁଣୀ ଉପସ୍ଥିତ ଥିଲେ। ବଡପାଟଣା ସରପଞ୍ଚ ବିନତି ବାନରା, କଂଗ୍ରେସ ନେତା ଲକ୍ଷ୍ମଣ ଦାଶ, ସାମାଜିକ କର୍ମୀ ଅଜୟ ଦାଶ, ଅରୁଣ ମିଶ୍ର, ସନାତନ ଦାଶ, ଅଜିତ ଦାଶ ପ୍ରମୁଖ ଶେଷ ଦର୍ଶନ କରିବା ସହ ଶୋକ ପ୍ରକାଶ କରିଛନ୍ତି। ସନ୍ଧ୍ୟାରେ ପାଟଣା ବୈତରଣୀ ନଦୀ ଶ୍ମଶାନରେ ଅନ୍ତ୍ୟୋଷ୍ଟିକ୍ରିୟା ସମ୍ପନ୍ନ କରାଯାଇଛି।

■ ଖପରାଖାଇ-ପଞ୍ଚୁପଲ୍ଲୀ ରାସ୍ତା ନିର୍ମାଣରେ ମନମାନି

# ପାଣି ପଡୁନି; ଧୂଳିଧୂଆଁରେ ଲୋକେ ଅଣନିଶ୍ୱାସୀ



ଆନନ୍ଦପୁର,୮।୬ (ସମିସ): ଖପରାଖାଇ-ପଞ୍ଚୁପଲ୍ଲୀ ବୈତରଣୀ ବନ୍ୟା ସୁରକ୍ଷା ବନ୍ଧ ଉପରେ ଚାଲିଥିବା ରାସ୍ତା ନିର୍ମାଣ କାର୍ଯ୍ୟରେ ଠିକାଦାରଙ୍କ ମନମାନି ଯୋଗୁଁ ଅସନ୍ତୋଷ ପ୍ରକାଶ ପାଇଛି। ପ୍ରଥମ ପର୍ଯ୍ୟାୟ କାର୍ଯ୍ୟ ପ୍ରାୟ ୧୫ ଦିନ ହେବ ମନ୍ଥର ଗତିରେ ଚାଲିଛି। ରାସ୍ତାରେ ପାଣି ସିଞ୍ଚନ କରାଯାଉ ନଥିବାରୁ ଯାତାୟାତ କରିବା କଷ୍ଟକର ହୋଇପଡ଼ିଛି। ଏହିରାସ୍ତାରେ ଯାତାୟାତ କରୁଥିବା ଚାରିଚକିଆ ଗାଡ଼ି ପଛରେ ଦୁଇଚକିଆ ବାଇକ ସାଇକଲ ଆରୋହୀ ଓ ପଥଚାରୀ ଅଣନିଶ୍ୱାସୀ ହୋଇପଡୁଛନ୍ତି। ରାସ୍ତାର ଉଭୟ ପାର୍ଶ୍ୱରେ ଥିବା ଜନବସତି ଓ ସାଧାରଣ ଜୀବନଯାତ୍ରା ଅସ୍ତବ୍ୟସ୍ତ ହୋଇପଡିଲାଣି। କୋଟିକୋଟି ଟଙ୍କା ବ୍ୟୟରେ ନିର୍ମାଣ ହେଉଥିବା ରାସ୍ତା କାର୍ଯ୍ୟ ବିନା ସୂଚନାଫଳକରେ ଚାଲିଛି। ଠିକସଂସ୍ଥା ନିଜ ମନମାନିରେ ନିର୍ମାଣ କାର୍ଯ୍ୟ କରୁଥିବା ନେଇ ଅସନ୍ତୋଷ ପ୍ରକାଶ ପାଇଛି। କାର୍ଯ୍ୟ ଆରମ୍ଭରୁ ସୂଚନାଫଳକରେ ସମ୍ପୂର୍ଣ୍ଣ ତଥ୍ୟ ବିବରଣୀ ନିର୍ମାଣ ଅବଧି, ପୁଞ୍ଜି ବିନିଯୋଗ ଆଦି ସମ୍ପର୍କରେ ସାଧାରଣ ଲୋକଙ୍କୁ ଅବଗତ କରିବାକୁ ସରକାରୀ ନିର୍ଦ୍ଦେଶ ଥିବା ବେଳେ ସମ୍ପୂର୍ଣ୍ଣ ବ୍ୟତିକ୍ରମ ପରିଲକ୍ଷିତ ହୋଇଛି। ଏନେଇ ଆନନ୍ଦପୁର ଜଳସେଚନ ବିଭାଗ ପକ୍ଷରୁ ଖପରାଖାଇଠାରୁ ଜଆଁରା ରାସ୍ତା ନିର୍ମାଣକାରୀ ଠିକସଂସ୍ଥାକୁ ତାଗିଦ କରାଯାଉ ନଥିବା ମଧ୍ୟ ଜଣାପଡ଼ିଛି। ଜଳସେଚନ ବିଭାଗ ଉଚ୍ଚ କର୍ତ୍ତୃପକ୍ଷ ଏ ଦିଗରେ ଦୃଷ୍ଟି ଦେବାକୁ ଦାବି ହୋଇଛି।

# ନୂଆ ବ୍ଲକ୍ ସହକାରୀ ଯନ୍ତ୍ରୀଙ୍କ ଯୋଗଦାନ



ଆନନ୍ଦପୁର, ୮।୬(ସମିସ): ଇଂ ଶୁଭପ୍ରକାଶ ସାହୁ ଆନନ୍ଦପୁର ବ୍ଲକ୍‌ର ନୂଆ ସହକାରୀ ଯନ୍ତ୍ରୀ ଭାବେ କାର୍ଯ୍ୟରେ ଯୋଗ ଦେଇଛନ୍ତି। ସାଂସଦ ପ୍ରତିନିଧି ନିଧି ଟୁକୁନା ମହାନ୍ତଙ୍କ ନେତୃତ୍ୱରେ ବ୍ଲକର ସମସ୍ତ କର୍ମଚାରୀ ପୁଷ୍ପଗୁଚ୍ଛ ଦେଇ ସ୍ୱାଗତ କରିଥିଲେ। ଏଠାରେ ପୂର୍ବରୁ କାର୍ଯ୍ୟରତ ସହକାରୀ ଯନ୍ତ୍ରୀ ଅନ୍ନପୂର୍ଣ୍ଣା ଘଡ଼େଇଙ୍କ ତେଲକୋଇ ବ୍ଲକ୍‌କୁ ବଦଳି ହୋଇଛି। ଗତ ୨୮ ତାରିଖ ଅନ୍ନପୂର୍ଣ୍ଣାଙ୍କୁ ଆନନ୍ଦପୁରରୁ ରିଲିଭ୍ କରାଯାଇଥିବା ବେଳେ ସେ ତେଲକୋଇରେ ଯୋଗଦେଇ ନଥିବା ଜଣାପଡ଼ିଛି। ସୂଚନାଯୋଗ୍ୟ, କିଛି ଦିନ ତଳେ ସହକାରୀ ଯନ୍ତ୍ରୀ ଓ ବିଜେପି ସମର୍ଥକ ମୁହାଁମୁହିଁ ହୋଇଥିଲେ। ବିବାଦ ଥାନା ପର୍ଯ୍ୟନ୍ତ ଯାଇଥିବା ବେଳେ ବ୍ଲକ୍ କର୍ମଚାରୀ କାର୍ଯ୍ୟାଳୟ ସମ୍ମୁଖରେ ଏକ ସପ୍ତାହ ଧରି କଲମଛାଡ଼ ଆନ୍ଦୋଳନ କରିଥିଲେ।

## ବୟସ ନବେ ଟପିଲାଣି, ଉଲିଙ୍କୁ ମିଳୁନି ବର୍ଦ୍ଧିତ ଭତ୍ତା



ରାମଚନ୍ଦ୍ରପୁର, ୮।୬(ସମିସ): ବୟସ ନବେ ଡେଇଁଲାଣି, ହେଲେ ନିଜ ଔଷଧ ଖର୍ଚ୍ଚ ମେଣ୍ଟାଇବାକୁ ସରକାରଙ୍କ ପକ୍ଷରୁ ମିଳୁଥିବା ମାସିକ ବାର୍ଦ୍ଧକ୍ୟ ଭତ୍ତା ହଜାରେ ଅଣ୍ଟୁନି। ସରକାର କହୁଛନ୍ତି, ୮୦ ବର୍ଷରୁ ଅଧିକ ବୟସର ବାର୍ଦ୍ଧକ୍ୟ ବ୍ୟକ୍ତି ମାସକୁ ୩୫ ଶହ ଟଙ୍କା ଭତ୍ତା ପାଇବେ, ହେଲେ ଘସିପୁରା ବ୍ଲକ ଅଳତି ଗ୍ରାମର ଉଲି ସାହୁ (୯୨) ସେ ସୁବିଧାରୁ ବଞ୍ଚିତ ରହି ଯାଇଛନ୍ତି। ଉଲିଙ୍କ କହିବା କଥା ହେଲା, ବର୍ଦ୍ଧିତ ଭତ୍ତା ପାଇଁ ସେ ଆଧାର କାର୍ଡ, ଭୋଟର, ବ୍ୟାଙ୍କ ବହି କେତେ ଥର ଦେଇ ସାରିଲିଣି,ହେଲେ ବର୍ଦ୍ଧିତ ଭତ୍ତା ମିଳିବାର ନାହିଁ। ଉଲି ସାହୁଙ୍କ ଭଳି ଅନେକ ବ୍ୟକ୍ତି ବର୍ଦ୍ଧିତ ଭତ୍ତାରୁ ଏବେବି ବଞ୍ଚିତ ଅଛନ୍ତି। ବ୍ଲକ ପ୍ରଶାସନ ଉଲିଙ୍କୁ ତୁରନ୍ତ ବର୍ଦ୍ଧିତ ଭତ୍ତା ପ୍ରଦାନ କରିବାକୁ ଗ୍ରାମର ବୁଦ୍ଧିଜୀବୀ ବ୍ଲକ ପ୍ରଶାସନ ନିକଟରେ ଦାବି କରିଛନ୍ତି। ଘସିପୁରା ବିଡିଓ ଉଲିଙ୍କୁ ବର୍ଦ୍ଧିତ ଭତ୍ତା ଯୋଜନାରେ ଯଥାଶୀଘ୍ର ସାମିଲ କରିବେ ବୋଲି ସେ ଆଶା ବାନ୍ଧି ବସିଛନ୍ତି।

# ସଙ୍କୁଚିତ ହେଉଛି ଗୋଚର ଜମି; ଗାଈବଳଦ ରାସ୍ତାରେ

ବାଲିବନ୍ଧ, ୮।୬ (ସମିସ):



ଚାଷୀ ହେବା ନିମନ୍ତେ ବିଭିନ୍ନ ସରକାରୀ ଯୋଜନା ମାଧ୍ୟମରେ ଗୋ-ପାଳନକୁ ପ୍ରୋତ୍ସାହନ ଦିଆଯାଉଥିଲା ବେଳେ ଗୋଚର ଭୂଇଁ ଧୀରେ ଧୀରେ ସଙ୍କୁଚିତ ହେବାରେ ଲାଗିଛି। ଏ ଦିଗରେ ତହସିଲ ପ୍ରଶାସନର ଉଦାସୀନତା ଯୋଗୁଁ କିଛି ମୁଷ୍ଟିମେୟ ଲୋକ ଏଭଳି ଜମିକୁ ନିଜ ଅକ୍ତିଆରକୁ ଆଣି ରଖିଛନ୍ତି। ଗୋଚର ଭୂଇଁରେ କେଉଁଠି ବିଦ୍ୟାଳୟ ତ କେଉଁଠି ଖେଳପଡ଼ିଆ ତ ଆଉ କେଉଁଠି ପାର୍କ ନିର୍ମାଣ କରି ଦିଆଯାଉଛି। ଗ୍ରାମଗୁଡିକରେ ଗୋଚର ଭୂଇଁ ଆଉ ନାହିଁ କହିଲେ ଅତ୍ୟୁକ୍ତି ହେବ ନାହିଁ। ଗୋଚର ଭୂଇଁ କବଜାକୁ ଚାଲିଯିବା ଫଳରେ ଗାଈ, ବଳଦ, ଛେଳି, ମେଣ୍ଢା ରାସ୍ତାକୁ ଚାଲିଆସୁଥିବା ଦେଖିବାକୁ ମିଳିଛି।

ଝୁମ୍ପୁରା ବ୍ଲକ ମୁଖ୍ୟାଳୟର ବଜାର ଏବେ ଗାଈଗୋରୁଙ୍କ କବଜାରେ ରହୁଥିବା ଦେଖିବାକୁ ମିଳୁଛି। ଝୁମ୍ପୁରା ରାଜସ୍ୱନିରୀକ୍ଷକ ଅଧୀନସ୍ଥ ଝୁମ୍ପୁରା, ଭାଲୁକା ଏବଂ ବିଷ୍ଣୁପୁର ଗ୍ରାମର ଗୋଚର ଭୂଇଁ ଲୋକଙ୍କ କବଜାରେ। ଗାଈ, ବଳଦ, ଛେଳି, ମେଣ୍ଢା ଛିଡ଼ା ହେବା ପାଇଁ ଇଞ୍ଚେ ଜମି ନାହିଁ। ଝୁମ୍ପୁରା ବଜାରର ମୁଖ୍ୟରାସ୍ତାରେ ଦିନକୁ ଦିନ ଗାଈ, ବଳଦ ଗୋଠ କରି ଛିଡ଼ା ହୋଇରହୁଛନ୍ତି। ଏହି ଅଞ୍ଚଳର ସମ୍ପୃକ୍ତ ମାଲିକଙ୍କ ମଧ୍ୟ ବେପରୁଆ ମନୋଭାବ ଯୋଗୁଁ ସାଧାରଣ ଲୋକେ କଷ୍ଟ ଭୋଗୁଥିବା ନେଇ ଆଲୋଚନା ହେଉଛି। ମାଲିକମାନେ ମଧ୍ୟ ଗାଈ, ବଳଦ ଛେଳିକୁ ଗୁହାଳରେ ଆକଟ ନକରି ଦିନରାତି ବାହାରେ ବୁଲିବା ପାଇଁ ଛାଡ଼ି ଦେଉଛନ୍ତି। କେବଳ କ୍ଷୀର ସଂଗ୍ରହ କରିବା ସମୟରେ ହିଁ ଗାଈଗୁଡ଼ିକୁ ଗୁହାଳକୁ ଆଡ଼େଇ ନେଇଥାନ୍ତି। ତା'ପରେ ପୁଣି ବାହାରେ ଛାଡ଼ି ଦେଉଛନ୍ତି। ଝୁମ୍ପୁରା ବଜାର ମୁଖ୍ୟରାସ୍ତା, ଭାରତୀୟ ଷ୍ଟେଟ ବ୍ୟାଙ୍କ ସମ୍ମୁଖ ରାସ୍ତା, ପୁରଣା ବସଷ୍ଟାଣ୍ଡ ଏବଂ ଝୁମ୍ପୁରା-ଉଖୁଣ୍ଡା ରାସ୍ତାରେ ମେଡିକାଲ ପର୍ଯ୍ୟନ୍ତ ସକାଳୁ ରାତି ପର୍ଯ୍ୟନ୍ତ ଗାଈ ବଳଦ ଦଖଲ କରି ରଖୁଥିବା ଦେଖିବାକୁ ମିଳିଛି। ଫଳରେ ପଥଚାରୀ, ସାଇକଲ, ବାଇକ ଆରୋହୀ ଏବଂ ଯାନବାହନ ଯିବାଆସିବାରେ ନାହିଁ ନଥିବା ଅସୁବିଧା ଭୋଗୁଛନ୍ତି। ଗାଈ, ବଳଦ ରାସ୍ତା ଅବରୋଧ କରିବା ଦ୍ୱାରା ରାସ୍ତାରେ ଟ୍ରାଫିକ ସମସ୍ୟା ସୃଷ୍ଟି ହେବା ସହ ଅତି ଜରୁରିକାଳୀନ ଗାଡି ୧୦୨ ଜନନୀ ସୁରକ୍ଷା, ୧୦୮ ଆମ୍ବୁଲାନ୍ସ ଏବଂ ୧୦୧ ଅଗ୍ନିଶମ ଗାଡ଼ି ଆଦି ଅଟକି ରହୁଛି। ଏହା ବ୍ୟତୀତ ଗାଡି ମଟର ସହିତ ଗାଈ, ବଳଦ ଓ ଛେଳିର ଧକ୍କା ହୋଇ କ୍ଷତି ହେଉଛି। ମାଲିକଙ୍କ ବେପରୁଆ ମନୋଭାବ ଏବଂ ଗୋଚର ଭୂଇଁ ଅଭାବ ଯୋଗୁଁ ୨୦ନମ୍ବର ଜାତୀୟ ରାପଥ ଏବଂ ଝୁମ୍ପୁରା ବଜାର ମୁଖ୍ୟରାସ୍ତାରେ ଅନେକ ସମୟରେ ଦୁର୍ଘଟଣା ଘଟି ନିରୀହ ଗାଈ, ବଳଦ, ଛେଳିଙ୍କ ଜୀବନ ଚାଲିଯାଉଛି। ଏଥିପ୍ରତି ସ୍ଥାନୀୟ ପ୍ରଶାସନ ପଦକ୍ଷେପ ନେବା ନିମନ୍ତେ ସାଧାରଣରେ ଦାବି ହେଉଛି।

## ସରକାରୀ ଆମ୍ବୁଲାନ୍ସରେ ନାହିଁ ଅକ୍ସିଜେନର ସୁବିଧା

# ବେସରକାରୀ ଆମ୍ବୁଲାନ୍ସ ଭରସାରେ ଗୁରୁତର ରୋଗୀ

ଭଦ୍ରକ,୮ ।୬(ସମିସ):



ପୁଣି ସାମ୍ନାକୁ ଆସିଲା ୧୦୮ଆମ୍ବୁଲାନ୍ସ ସେବା ଅବ୍ୟବସ୍ଥାର ସାଙ୍ଘାତିକ ଚିତ୍ର । ଗୁରୁତର ଶିଶୁକୁ ନେବାକୁ ହସ୍ପିଟାଲ ଆସିଲା ୧୦୮ ଆମ୍ବୁଲାନ୍ସ ଓ କିନ୍ତୁ ସେଥିରେ ନ ଥିଲା ଅକ୍ସିଜେନ। ଅଧଘଣ୍ଟା କାଳ ଅପେକ୍ଷ କରିବା ପରେ ଶେଷରେ ବେସରକାରୀ ଆମ୍ବୁଲାନ୍ସରେ ଗଲେ ଭଦ୍ରକ ମେଡ଼ିକାଲ। ଏମିତି ଏକ ଅଭାବନୀୟ ଘଟଣା ଦେଖିବାକୁ ମିଳିଛି, ଭଦ୍ରକ ଜିଲ୍ଲା ଚାନ୍ଦବାଲି ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ। ଆଜି ସକାଳେ ସ୍ଥାନୀୟ ପାହାଡ଼ପୁର ଗ୍ରାମର ପ୍ରଭାତ ମହାଳିକ ୩ ମାସର ଝିଅ କୌଣସି କାରଣରୁ ପଡିଯାଇଥିଲା। ସେ ସଂଜ୍ଞାହୀନ ହୋଇପଡିଥିଲେ ଓ ତୁରନ୍ତ ତାଙ୍କୁ ଚାନ୍ଦବାଲି ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ଆଣିଥିଲେ। ଡାକ୍ତର ପ୍ରାଥମିକ ଚିକିତ୍ସା ପରେ ଗୁରୁତର ଥିବା ଦର୍ଶାଇ ଭଦ୍ରକ ରେଫର କରିଥିଲେ। ଆଉ ଅକ୍ସିଜେନ ଦେଇ ନେବା ପାଇଁ କହିଥିଲେ। ୧୦୮ ଆମ୍ବୁଲାନ୍ସକୁ ଫୋନ କଲା ପରେ ଆମ୍ବୁଲାନ୍ସ ଆସିଥିଲା ଓ କିନ୍ତୁ ସେଥିରେ ଅକ୍ସିଜେନ ନ ଥିଲା। ଡାକ୍ତର କହୁଛନ୍ତି ଶିଶୁକୁ ଅକ୍ସିଜେନ ଦେଇ ନେବାକୁ ଓ କିନ୍ତୁ ଆମ୍ବୁଲାନ୍ସରେ ଅକ୍ସିଜେନ ନାହିଁ। ଆଉ ଗୋଟେ ଆମ୍ବୁଲାନ୍ସ ଆସିବ ଆସିବ କହି କର୍ମଚାରୀ ଅଧଘଣ୍ଟା ଅପେକ୍ଷା କରାଇଲେ ଓ କିନ୍ତୁ ଗାଡି ଆସିଲା ନାହିଁ ଓ ଶେଷରେ ବେସରକାରୀ ଆମ୍ବୁଲାନ୍ସରେ ଶିଶୁଟିକୁ ଭଦ୍ରକ ନେଇଥିଲେ। ଆମ୍ବୁଲାନ୍ସର ଟେକ୍ନିସିଆନ କେତେବେଳେ କହୁଛନ୍ତୁ ଟାଙ୍କି ଲିକ୍ ତ, କେତେବେଳେ କହୁଛନ୍ତି ଆମେ ଭାବିଥିଲୁ କିଛି କଲ୍ ଆସିଥିଲେ ଆମେ ଭଦ୍ରକ ନେଇକି ଯାଇଥାନ୍ତୁ ଆଉ ସେଠି ଭରିଥାନ୍ତୁ। ଯାହା ଖବର ରହିଛି ଶିଶୁଟି ଭଦ୍ରକ ଯାଇସାରିବା ପରେ ଆଉ ଗୋଟେ ଆମ୍ବୁଲାନ୍ସ ପହଞ୍ଚିଥିଲା। ଦୁଇ ଦୁଇଟି ଆମ୍ବୁଲାନ୍ସ କିନ୍ତୁ ଶିଶୁଗଲା ବେସରକାରୀ ଆମ୍ବୁଲାନ୍ସରେ। କେଉଁ ଭରସାରେ ଲୋକ ସରକାରୀ ଆମ୍ବୁଲାନ୍ସ ଉପରେ ଭରଷା କରିବେ ବୋଲି ରୋଗୀଙ୍କ ସମ୍ପର୍କୀୟ ଟୁକୁନା ମହାଳିକ ଅଭିଯୋଗ କରିଛନ୍ତ।

# କେନାଲ ରାସ୍ତାରେ ଗର୍ତ୍ତ

ବାରିକପୁର,୮ ।୬(ସମିସ): ଭଣ୍ଡାରିପୋଖରୀ ବ୍ଲକ ପଟା ପୋଲ ଠାରୁ ବେଲଗଡ଼ିଆ ଗ୍ରାମକୁ ସଂଯୋଗ କରୁଥିବା କେନାଲ ରାସ୍ତାଟି ଧିରେଧିରେ ଖରାପ ହେବାକୁ ବସିଛି। ଗ୍ରାମ୍ୟ ଉନ୍ନୟନ ବିଭାଗ ପକ୍ଷରୁ ପ୍ରଧାନମନ୍ତ୍ରୀ ଗ୍ରାମ ସଡ଼କ ଯୋଜନାରେ ରାସ୍ତାଟି ନିର୍ମିତ ହୋଇଥିବା ବେଳେ ଏହାର ପ୍ରଥମ ପର୍ଯ୍ୟାୟ ମରାମତି କାର୍ଯ୍ୟ ମଧ୍ୟ ଶେଷ ହୋଇଛି। ଇତିମଧ୍ୟରେ ରାସ୍ତାରେ ପଡ଼ିଥିବା ପିଚୁ କ୍ରମଶଃ ଫାଟିବା ଆରମ୍ଭ କରୁଛି।



ବର୍ଷା ଆରମ୍ଭ ହେଲେ ରାସ୍ତାଟି ଜରାଜୀର୍ଣ୍ଣ ଅବସ୍ଥାକୁ ଗତି କରିବ। ଏବେ ସବୁଠୁ ଗୁରୁତ୍ୱପୂର୍ଣ୍ଣ କଥା ହେଲା ନୂଆପୋଖରୀ ହନୁମାନ ମନ୍ଦିର ନିକଟରେ ଏକ ବିରାଟ ଗର୍ତ ସୃଷ୍ଟି ହୋଇଛି। ପଟା ପୋଲ ପଟୁ ରାସ୍ତାର ଡାହାଣ ପାର୍ଶ୍ୱରେ ଗର୍ତ ହୋଇଥିବା ବେଳେ ସାଇକେଲ ଓ ମୋଟର ସାଇକେଲ ଆରୋହୀ ମାନଙ୍କ ପାଇଁ ଏହା ବିପଦ ଆଣୁଛି। ଏହି ପଥଟି ଉପରେ ପ୍ରାୟ ୫/୬ ଖଣ୍ଡ ଗାଁର ଲୋକେ ଦୈନିକ ଯାତାୟାତ ପାଇଁ ନିର୍ଭର କରିଥାନ୍ତି। ଗାଁର ଅନେକ ଗାଈଗୋରୁ ମଧ୍ୟ ଏହି ବାଟଦେଇ ଗୃହକୁ ଯାଇଥାନ୍ତି। କେତେବେଳେ ଯେ କିଏ ଦୁର୍ଘଟଣାର ଶିକାର ହେବ କହି ହେଉନାହିଁ। ଅନେକ ଦିନ ହେବ ହଠାତ୍ ରାସ୍ତା ଦବି ଯାଇ ଖଣାଗାଡ଼ ସଦୃଶ ଗର୍ତ୍ତ ସୃଷ୍ଟି ହୋଇ ଏହାର ଆୟତନ ଦିନକୁ ଦିନ ବୃଦ୍ଧି ପାଉଥିବା ବେଳେ ବିଭାଗୀୟ ଅଧିକାରୀ ଏହାକୁ ତୁରନ୍ତ ମରାମତି ପାଇଁ ଲୋକେ ଦାବି କରିଛନ୍ତି।

# ଡ୍ରାମା ଦେଖିବାକୁ ଯାଇଥିବା ବେଳେ ଘରୁ ଚୋରି

ଦୋବଲ,୮ ।୬(ସମିସ):ଧାମନଗର ଥାନା ଅଞ୍ଚଳରେ ଦିନକୁଦିନ ଚୋରି ବୃଦ୍ଧି ପାଇବାରେ ଲାଗିଛି। କେଉଁଠି ଦିନ ଦ୍ୱିପ୍ରହରରେ ଛକରୁ ବାଇକ୍ ଚୋରି ହେଉଛି ତ କେଉଁଠି ଘର ଗ୍ରୀଲ କବାଟ ତାଲା ତାଡି ଚୋର ମାନେ କଳା କନା ବୁଲାଇ ଦେଇଛନ୍ତି। ଏମିତି ଏକ ଘଟଣା ଦୋବଲ ନିକଟସ୍ଥ ସୋହାଡ଼ା ପଞ୍ଚାୟତ ମିଶ୍ରପୁର ଗ୍ରାମରେ ଦେଖିବାକୁ ମିଳିଛି। ଏତଲାକାରି ସରସ୍ୱତୀ ସାହୁଙ୍କ ଅଭିଯୋଗରୁ ଜଣାଯାଇଛି ଯେ ତାଙ୍କ ଗ୍ରାମରେ ଡ୍ରାମା ହେଉଥିଲା। ଶୁକ୍ରବାର ବିଳମ୍ବିତ ରାତିରେ ପରିବାର ଲୋକ ଖାଇ ସାରି ଘର ଚାବି ପକାଇ ଡ୍ରାମା ଦେଖିବାକୁ ଯାଇଥିଲେ। ଘରେ କେହି ନଥିବାର ସୁଯୋଗ ନେଇ ଚୋରମାନେ ଘର ଚାବି ଭାଙ୍ଗି ଗ୍ରୀଲ୍ ଓ କବାଟକୁ ଶାବଳରେ ତାଡି ଘରେ ପଶି ଏକ ବାକ୍ସରେ ଥିବା ନଗଦ ୨୦ ହଜାର ଟଙ୍କା, ଦୁଇ ଭରିରୁ ଅଧିକ ସୁନା ଅଳଙ୍କାର, ୨୫୦ ଶହ ଗ୍ରାମରୁ ଅଧିକ ରୂପା ଅଳଙ୍କାର, କଂସା, ପିତଳ, ଷ୍ଟିଲ ବାସନ, ଦାମିକା ଶାଢ଼ି ନେବା ସହ ଚାରିଆଡ଼େ ଫୋପାଡି ଦେଇଛନ୍ତି। ଏନେଇ ସରସ୍ୱତୀଙ୍କ ସ୍ୱାମୀ ସୁଶାନ୍ତ କୋଲକାତାରେ ଥିବାରୁ ସରସ୍ୱତୀ ଶନିବାର ଧାମନଗର ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଅଭିଯୋଗ ପାଇ ଧାମନଗର ପୁଲିସ ରବିବାର ମଧ୍ୟାହ୍ନରେ ସନ୍ଧାନୀ କୁକୁର ନେଇ ଘଟଣାସ୍ଥଳ ତଦନ୍ତ କରିଛି। ତେବେ ସନ୍ଧାନୀ କୁକୁର ଚୋରି ସଂପର୍କରେ କୌଣସି ସୁରାକ ପାଇନାହିଁ। ଏକ ମାସ ତଳେ ମଧ୍ୟାହ୍ନରେ ଖଡ଼ିପଦା ଛକ ଓ କାଞ୍ଜିଆପାଳ ରାସ୍ତା ମୋଡ ପାଖରୁ ଦୁଇଟି ବାଇକ୍ ଚୋରି ସାଙ୍ଗକୁ ଘର ଚାବି ଭାଙ୍ଗି ଚୋରି ଦିନକୁ ଦିନ ବଢ଼ିବାରେ ଲାଗିଛି। ଏଥିପ୍ରତି ପୁଲିସ ପ୍ରଶାସନ ଆବଶ୍ୟକ ପଦକ୍ଷେପ ଗ୍ରହଣ କରିବାକୁ ଦାବି ହେଉଛି।



ବୌଦ୍ଧ ଜିଲ୍ଲାର କଣ୍ଟାମାଳ ବ୍ଲକ ସଦର ମହକୁମାରେ ଆୟୋଜିତ ତ୍ରିଦିବସୀୟ ରାଜ୍ୟସ୍ତରୀୟ ଲୋକକଳା ଓ ସଂକୀର୍ତ୍ତନ ମହୋତ୍ସବରେ ଗୁରୁଶ୍ରୀ ସୁବାସ ଚନ୍ଦ୍ର ମଲ୍ଲିକ ସମ୍ବର୍ଦ୍ଧିତ

# ଅମୃତ ସରୋବର ନାମରେ ଲୁଟ୍

ବାସୁଦେବପୁର,୮ ।୬(ସମିସ): ବାସୁଦେବପୁର ବ୍ଲକର ବିଭିନ୍ନ ପଞ୍ଚାୟତର ଅମୃତ ସରୋବର ନାମରେ ଏମ୍‌ଜିଏନଆରଜିଏସର ସ୍ୱଷ୍ଟ ଦିବାଲୋକରେ ଲୁଟ୍ ଚାଲିଛି।



ଲକ୍ଷ୍ମୀଦାସପୁର ପଞ୍ଚାୟତର ସାଧାରଣ ଜନତା ଲିଖିତ ଅଭିଯୋଗ ପରେ ବି ପ୍ରଶାସନ ନିଦା ବିଷ୍ଟୁ ସାଜିଛନ୍ତି। ବାସୁଦେବପୁର ବ୍ଲକର ଲକ୍ଷ୍ମୀଦାସପୁର ପଞ୍ଚାୟତର ଛକ ମନ୍ଦିର ପାଖରେ ଥିବା ମଠ ପୋଖରୀକୁଏମଜିଏନଆରଜିଏସର ଅମୃତ ସରୋବର ଯୋଜନାର ଆଠ ଲକ୍ଷ ଟଙ୍କାର ପୁର୍ନଦ୍ଧାର କାମ ଚାଲିଛି। ଗାଁ ସାଥି ଅଶୋକ କୁମାର ଦଳେଇ ନାମରେ କାମ ଚାଲିଛି। ଗତ ୨୨ ତାରିଖ ବାସୁଦେବପୁର ବ୍ଲକର ସକାଳ ଠାରୁ ବର୍ଷା ଢାଳୁଥିଲା ବେଳେ ୪୭ ଜଣ ଶ୍ରମିକ ଦର୍ଶାଇ ଅର୍ଥ ଲୁଟ କରୁଛନ୍ତି। ଲକ୍ଷ୍ମୀଦାସପୁର ପଞ୍ଚାୟତର ୫ଟି ସ୍ଥାନରେ ଏମଜିଏନଆରଜିଏସର କାମ ଚାଲିଛି। ସବୁଠି ଶ୍ରମିକ କମ ସଂଖ୍ୟକ ଥିବାରୁ ଗ୍ରାମର କିଛି ଲୋକଙ୍କୁ ଡକାଇ ଫଟୋ ଉଠାଇ ସାଇଡ୍ ରେ ଅପଲୋଡ କରୁଛନ୍ତି। ଏସମ୍ପର୍କରେ ବାସୁଦେବପୁର ବିଡିଓ ଓ ଡିଆରଡିଏର ମୁଖ୍ୟ ଉନ୍ନୟନ ଅଧିକାରୀ ଠାରେ ଲିଖିତ ଅଭିଯୋଗ କରାଯାଇ ଥିଲେ ମଧ ପ୍ରଶାସନ କାର୍ଯ୍ୟାନୁଷ୍ଠାନ ପରିବର୍ତ୍ତେ ନିଦାବିଷ୍ଟୁ ସାଜିଛନ୍ତି।

# କେନାଲ କାମକୁ ନେଇ ଚାଷୀ ଅସନ୍ତୋଷ



ବାରିକପୁର,୮ ।୬(ସମିସ):ଭଣ୍ଡାରିପୋଖରୀ ବ୍ଲକ ସରସଦା, ମାଳଦା, ରହଣିଆ, କୋରିଗାଁ ପ୍ରମୁଖ ପଞ୍ଚାୟତ ଅଞ୍ଚଳ ଚାଷ ଜମିକୁ ଧାମନଗର ଜଳସମ୍ପଦ ବିଭାଗ ପକ୍ଷରୁ ପାଣି ଯୋଗା ଯାଇଥାଏ। ପରିବର୍ତିତ ଜଳବାୟୁ ପାଇଁ ପ୍ରତ୍ୟେକ ବର୍ଷ ଖରିଫ୍ ଧାନ ଚାଷ ସକାଶେ ଚାଷୀ ମାନେ କେନାଲ ପାଣି ଉପରେ ନିର୍ଭରଶୀଳ ହୋଇ ଥାନ୍ତି। ତେଣୁ ବିଭାଗ ପକ୍ଷରୁ ତିନୋଟି ମୁଖ୍ୟ କେନାଲ ସମେତ ୧୦-୧୨ ଗୋଟି ମାଇନର ସାହାଯ୍ୟରେ ଚାଷ ଜମି ଗୁଡ଼ିକୁ ଜଳ ଯୋଗାଣ ହୋଇଥାଏ। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଲା ଜଳର ସୁବିନିଯୋଗ ପାଇଁ ବର୍ଷକୁ ବର୍ଷ କେନାଲ ସଫା ସୁତୁରା ବାବଦରେ ଲକ୍ଷ ଲକ୍ଷ ଟଙ୍କା ଖର୍ଚ୍ଚ ହୋଇଥାଏ। ଚଳିତ ବର୍ଷ ମଧ୍ୟ କେନାଲ ଗୁଡ଼ିକର ପରିଷ୍କାର ପରିଛନ୍ନତା ପାଇଁ ଟେଣ୍ଡର ଜରିଆରେ ଲକ୍ଷ ଲକ୍ଷ ଟଙ୍କା ବ୍ୟୟ ଅଟକଳ ହୋଇଛି। ପରିତାପର ବିଷୟ ଆରମ୍ଭରୁ କେନାଲ ସଫେଇ କାର୍ଯ୍ୟ ଅନୁନ୍ନତ ହେଉଥିବା ଚାଷୀ ମାନେ ଅଭିଯୋଗ କରିଛନ୍ତି। କେନାଲ ଗର୍ଭକୁ କେବଳ କୋଦାଳ ଜରିଆରେ ନାମକୁ ମାତ୍ର ସଫା କରାଯାଉଛି। ଏକଫୁଟ ପ୍ରସ୍ଥ ବିଶିଷ୍ଟ କେନାଲ ଭିତରେ କେବଳ ସାମାନ୍ୟ ମାଟି ଚଞ୍ଚା ଯାଇଥିବା ବେଳେ ଦା ସାହାଯ୍ୟରେ ଅଳ୍ପ କେତେକ ଅନାବନା ଘାସ କଟା ଯାଉଛି। ତେଣୁ ଏଭଳି କାର୍ଯ୍ୟ ପରେ କେମିତି କେନାଲ ପାଣି ସୁପରିଚାଳନା ହେବ ତାହାକୁ ନେଇ ସନ୍ଦେହ ସୃଷ୍ଟି ହୋଇଛି। ଏନେଇ ଲୋକେ ଯନ୍ତ୍ରୀଙ୍କୁ ମଧ୍ୟ ଅବଗତ କରିଛନ୍ତି। ଉକ୍ତ କାମ ସଂପର୍କରେ ବିଭାଗୀୟ ଅଧିକାରୀ ଙ୍କ ମତାମତ ନେବାରୁ କେନାଲରେ ପାଣି ଆସିଲେ ଏହାକୁ ସମ୍ପୂର୍ଣ୍ଣ ଭାବେ ସଫା ସୁତୁରା କରାଯିବ ବୋଲି କହିଛନ୍ତି।

# ଗ୍ରୀଷ୍ମକାଳୀନ କ୍ରିକେଟ ପ୍ରଶିକ୍ଷଣ ଶିବିର ଉଦ୍‌ଯାପିତ

ଭଦ୍ରକ,୮ ।୬(ସମିସ): ଓଡିଶା କ୍ରିକେଟ୍ ଆସୋସିଏସନ୍, ଭଦ୍ରକ ଜିଲ୍ଲା ପ୍ରଶାସନ ଓ ଭଦ୍ରକ ଜିଲ୍ଲା କ୍ରିକେଟ୍ ଆସୋସିଏସନର ମିଳିତ ଉଦ୍ୟମ ଚାଲୁଥିବା ସପ୍ତଦିବସୀୟ ଗ୍ରୀଷ୍ମକାଳୀନ କ୍ରିକେଟ ପ୍ରଶିକ୍ଷଣ ଶିବିର ଉଦ୍‌ଯାପିତ ହୋଇଯାଇଛି। ଶିବିରରେ ଜିଲ୍ଲାର କୋଣ ଅନୁକୋଣରୁ ୧୦୬ ଜଣ କିଶୋର କ୍ରିକେଟର୍ ଯୋଗ ଦେଇଥିଲେ। ସେମାନଙ୍କୁ ୧୨ ବର୍ଷରୁ କମ୍ ଓ ୧୫ ବର୍ଷରୁ କମ୍ ଦୁଇଟି ଶ୍ରେଣୀରେ ବିଭକ୍ତ କରାଯାଇ ସ୍ୱତନ୍ତ୍ର ପ୍ରଶିକ୍ଷଣ ଦିଆଯାଇଥିଲା। ଟିମ୍ ଓଡ଼ିଶା କ୍ରିକେଟ୍ ଏକାଡେମୀର ନିର୍ଦ୍ଦେଶକ ଭି. ଭେଙ୍କଟରାମଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଏହି ଶିବିରରେ ପ୍ରଶିକ୍ଷକ ରୁପେ ଭାରତୀୟ-ଏ' ଟିମ୍‌ର ପୂର୍ବତନ କ୍ରିକେଟର୍ ସଞ୍ଜୟ ଶତପଥୀ, ପୂର୍ବତନ ରାଜ୍ୟ ରଣଜୀ କ୍ରିକେଟର୍ ଦେବଦତ୍ତ ଲେଙ୍କା, ଟିମ୍ ଓଡିଶା କୋଚ୍ କେଭି. ପ୍ରସାଦ ତଥା ଓସିଏ ସଂଯୋଜକ ଅଭିଳାଷ ଅଭିନନ୍ଦନ ଯୋଗ ଦେଇଥିଲେ। ସହଯୋଗ କରୁଥିଲେ ଭଦ୍ରକ ଜିଲ୍ଲାର ତିନି ପ୍ରମୁଖ ପ୍ରଶିକ୍ଷକ ଚନ୍ଦନ ନାୟକ, ଅସିତ ଦାସ, ରାଜେଶ ନାୟକ ଏବଂ ଜିଲ୍ଲା କ୍ରୀଡା ଅଧିକାରୀ ରମେଶ କୁମାର ମହାନ୍ତି।

ଭଦ୍ରକ ଜିଲ୍ଲା କ୍ରିକେଟ୍ ଆସୋସିଏସନ୍ ସଭାପତି ଆଇନଜୀବୀ ବିଜୟ କୁମାର ଜେନାଙ୍କ ଅଧକ୍ଷତାରେ ଅନୁଷ୍ଠିତ ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟଅତିଥି ଭାବେ ଭଦ୍ରକ ବିଧାୟକ ସୀତାଂଶୁ ଶେଖର ମହାପାତ୍ର ଯୋଗଦେଇଥିଲେ। ସମ୍ମାନିତ ଅତିଥି ରୂପେ ଜିଲ୍ଲାପାଳ ଦିଲୀପ ରାଉତରାଏ, ଉପଜିଲ୍ଲାପାଳ ସୌରଭ ଚକ୍ରବର୍ତ୍ତୀ ଯୋଗଦେଇଥିବା ବେଳେ ଆସୋସିଏସନର ସାଧାରଣ



ସମ୍ପାଦକ ଧୀରେନ୍ ପଲାଇ ଶିବିର ଆୟୋଜନ ଓ ପରିଚାଳନା ବିବରଣୀ ପ୍ରଦାନ କରିଥିଲେ। ବରିଷ୍ଠ ସଦସ୍ୟ ତଥା ଆଇନଜୀବୀ ଅତିଶ କୁମାର ବେହେରା ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଅବସରରେ ସମସ୍ତ ପ୍ରଶିକ୍ଷକଙ୍କୁ ଶିବିରର ସ୍ମୃତିପତ୍ର ପ୍ରଦାନ କରାଯାଇଥିଲା। ଏହି କାର୍ଯ୍ୟକ୍ରମକୁ ସଂଚାଳନ କରିଥିଲେ ହ୍ୟାପ୍ପି ହୋମ୍ ସ୍କୁଲର ନିର୍ଦ୍ଦେଶିକା ପ୍ରଜ୍ଞା ପରିମିତା ପଲାଇ। ଶିବିର ଆୟୋଜନ ଓ ପରିଚାଳନା ପାଇଁ କୋଷାଧ୍ୟକ୍ଷ ବ୍ୟୋମୋକେଶ ସେନାପତିଙ୍କ ନେତୃତ୍ୱରେ ଏକ ସ୍ୱତନ୍ତ୍ର କମିଟି ଦାୟିତ୍ୱ ଗ୍ରହଣ କରିଥିଲା। ଏଥିରେ ସଦସ୍ୟ ଥିଲେ ରବିନାରାୟଣ ଓଝା, ଶମ୍ଭୁନାଥ ଜେନା, ମୃଣ୍ମୟ ତ୍ରିପାଠୀ, ସାହିଲ୍ ଖାନ୍ ଓ ନିର୍ଣ୍ଣେକ୍ ଘୋଷ। ଏହି ଅବସରରେ ଆସୋସିଏସନର ସଦସ୍ୟ ପୂର୍ବତନ ସଭାପତି ଉପେନ୍ଦ୍ର କୁମାର ବାରିକ, ଉପସଭାପତି ଆଇନଜୀବୀ ଯତିକାନ୍ତ ନାୟକ ଓ ବ୍ରଜନାରାୟଣ ଜେନା, ଯୁଗ୍ମ ସମ୍ପାଦକ ବିଜୟ ଲଖାନୀ ଓ ସୁଦାମ ନାୟକ, ପୂର୍ବତନ ଉପସଭାପତି ଭବତୋଷ ଦାସ, ଆଇନଜୀବୀ ପବନ କୁମାର ଶର୍ମା, ଆଇନଜୀବୀ ପୂର୍ଣ୍ଣଚନ୍ଦ୍ର ମହାନ୍ତି, ଆଇନଜୀବୀ ତୁଷାର ଦାସ, ସୋମନାଥ ସାହୁ, ସୁଶୀଲ ପଟ୍ଟନାୟକ ସହଯୋଗ କରିଥିଲେ।

# ଚାଷ ଜମି ପାଲଟିଛି ଚାରଣ ଭୂଇଁ

ବାରିକପୁର,୮ ।୭(ସମିସ): ଚଳିତ ବର୍ଷ ରାଜ୍ୟକୁ ସହଳ ମୌସୁମୀ ଆସିବ ବୋଲି ପାଣିପାଗ ବିଭାଗ ସୂଚନା ଦେଇଥିଲା। ମୌସୁମୀ ସକ୍ରିୟ ପାଇଁ ଓଡ଼ିଶାରେ ଜଳବାୟୁ ଅନୁକୂଳ ଥିବା କୁହା ଯାଇଥିଲା। ହେଲେ ପୂର୍ବ ସପ୍ତାହରେ ଲଘୁଚାପ ଜନିତ ହେଉ କିମ୍ବା ଅନ୍ୟାନ୍ୟ କୌଣସି କାରଣରୁ ମୌସୁମୀ ବିଳମ୍ବିତ ହେବ ବୋଲି ସୂଚନା ମିଳିଛି। ଭଣ୍ଡାରିପୋଖରୀର ବ୍ଲକ ଅଞ୍ଚଳର ହଜାର ହଜାର ହେକ୍ଟର ଚାଷଜମି ଏବେ ଚାରଣ ଭୂମି ସଦୃଶ ପାଲଟି ଯାଇଛି। ସୂଚନା ମୁତାବକ ବ୍ଲକ ଅନ୍ତର୍ଗତ ୨୩ ଗୋଟି ପଞ୍ଚାୟତ ଅଞ୍ଚଳରେ ପ୍ରାୟ ୧୬ ହଜାର ୫ ଶହ ହେକ୍ଟର ଜମିରେ ଖରିଫ୍ ଧାନ ଚାଷ ହେବ ବୋଲି ଲକ୍ଷ୍ୟ ରଖାଯାଇଛି। କୃଷି ବିଭାଗ ପକ୍ଷରୁ ଯଦିଓ ଏଯାଏଁ ନିର୍ଦ୍ଦିଷ୍ଟ କେଉଁ ବିକ୍ରେତାଙ୍କ ଠାରୁ ଚାଷୀ ମାନଙ୍କୁ ବିହନ ମିଳିବ ଜଣା ଯାଇନାହିଁ କିନ୍ତୁ କୃଷକ ମାନେ ତଳି ପକାଇବାକୁ ସଜ ହେଲେଣି। ପହିଲି ରଜକୁ ଦିନ କେତେଟା ବାକି ରହିଥିବା ବେଳେ ଏହା ପୂର୍ବରୁ ଚାଷ ଜମି ବେଉଷଣ ସହିତ ତଳି ପକା କାମ ସାରିବାକୁ ଚାଷୀ ଭାଇ



ମାନେ ଏବେ ବ୍ୟଗ୍ର ହୋଇଛନ୍ତି। ଏତିକି ବେଳେ ପାଗ ଅନୁକୂଳ ନଥିବା ହେତୁ ବିଲବାଡ଼ି ଏବେ ଗାଈଗୋରୁଙ୍କ ଚାରଣ ପାଲଟିଛି। ଅର୍ଦ୍ଧାଧିକ ଜମିରେ ପାଗ ଉପଯୋଏ ନଥିବା ବେଳେ ସେଥିରେ ଖରାଟିଆ ହଳ ହୋଇ ପାରୁନାହିଁ। ଏପଟେ ବର୍ଷା ବିନା ମଧ୍ୟ ଜମିରେ କାଦୁଅ ହଳ ହୋଇ ସେଥିରେ ତଳି ପକାଇବା କାର୍ଯ୍ୟ ମଧ୍ୟ ହେବା ସମ୍ଭବ ହେଉନାହିଁ। ତେଣୁ ଦୋଛକିରେ ଏବେ ଚାଷୀକୂଳ ରହିଛନ୍ତି। କେଉଁ ଦିନ ଓଡ଼ିଶାରେ ପାଗ ଅନୁକୂଳ ହେବା ସହିତ ମୌସୁମୀ ସକ୍ରିୟ ହେବ ତାହା ଏଯାଏଁ ସଠିକ୍ ଜଣା ପଡ଼ିନାହିଁ। ବିଳମ୍ବିତ ବର୍ଷାକୁ ନେଇ ଚାଷୀ ଭାଇ ମାନେ ଏକପ୍ରକାର ଏବେ ଚିନ୍ତାରେ ଅଛନ୍ତି।

# ମାନବାଧିକାର କର୍ମୀ ରାଧାକାନ୍ତ ତ୍ରିପାଠୀଙ୍କ ପରଲୋକ

ଭଦ୍ରକ,୮ ।୬(ସମିସ): ସୁପ୍ରିମକୋର୍ଟର ଅଧିବକ୍ତା, ପରିଚିତ ମାନବାଧିକାର କର୍ମୀ, ପରିବେଶବିତ ରାଧାକାନ୍ତ ତ୍ରିପାଠୀଙ୍କ ଆଜି ପୂର୍ବାହ୍ନ ୧୨ଟା ୩୦ ସମୟରେ ନୂଆଦିଲ୍ଲୀରେ ପରଲୋକ ହୋଇଯାଇଛି। ମୃତ୍ୟୁବେଳକୁ ତାଙ୍କୁ ୫୧ବର୍ଷ ବୟସ ହୋଇଥିଲା। ଆଜି ଛାତିରେ ଯନ୍ତ୍ରଣା ହେବାରୁ ତାଙ୍କୁ ଦିଲ୍ଲୀ ଏମ୍‌ସରେ ଭର୍ତ୍ତି କରା ଯାଇଥିଲା। ଚିକିତ୍ସାଧୀନ ଥିବା ବେଳେ ତାଙ୍କର ଦେହାନ୍ତ ଘଟିଥିବା



ଜଣାଯାଇଛି। ତାଙ୍କ ବିୟୋଗ ଖବର ପ୍ରଚାରିତ ହେବା ପରେ ଉଭୟ ଭଦ୍ରକ ଓ ତାଙ୍କ ପୈତୃକ ଗ୍ରାମ ତିହିଡ଼ି ବ୍ଲକ ଅଧୀନ ତାଳଗୋପବିନ୍ଧା ଗାଁରେ ଗଭୀର ଶୋକ ପ୍ରକାଶ ପାଇଛି।

ଜାତୀୟ ମାନବାବାଧିକାର ଆୟୋଗ (ଏନ୍‌ଏଚ୍‌ଆରସି) ରେ ଜଣେ ପ୍ରତିଷ୍ଠିତ ମାନବିକ ଅଧିକାର ସୁରକ୍ଷା କର୍ମୀ ତଥା ପରିବେଶବିତ ଭାବେ ସେ କେବଳ ଓଡିଶାରେ ନୁହେଁ ବରଂ ଦେଶରେ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଥିଲେ। ମାଗଣାରେ ଅନେକ ମାମଲା ଲଢ଼ିବା ସହ ମାଗଣାରେ ମାନବାଧିକାର ଲାଗି ମାମଲା ରୁଜୁ କରି ସେ ରେକର୍ଡ ସୃଷ୍ଟି କରିଛନ୍ତି। ସେ ପରିବେଶ ସୁରକ୍ଷା ଲାଗି ବିଶ୍ୱ କର୍ଦ୍ଦମ ଦିବସ (ୱାଲ୍ଡ କ୍ଲେ ଡେ)ର ଆରମ୍ଭ କରିବା ସହ ବିଶ୍ୱ ବିଶ୍ରାମ ଦିବସ ମଧ୍ୟ ଆରମ୍ଭ କରି ପ୍ରତିବର୍ଷ ଏହାର ପାଳନ କରୁଥିଲେ। ଜାତୀୟ ମାନବାଧିକାର କମିଶନଙ୍କ ନିକଟରେ ଲୋକଙ୍କ ସମସ୍ୟା ଉପରେ ସବୁଠାରୁ ଅଧିକ ମୋକଦ୍ଦମା ଆଗତ କରି "ଇଣ୍ଡିଆନ ବୁକ୍ ଅଫ୍ ରେକର୍ଡସ୍' ଓ "ଲିମ୍‌କା ବୁକ୍ ଅଫ୍ ରେକର୍ଡସ୍'ରେ ସ୍ଥାନ ପାଇଥିଲେ। ସେ ଭଦ୍ରକ ଜିଲା ତିହିଡ଼ି ବ୍ଲକ ତଳଗୋପବିନ୍ଧା ଗ୍ରାମର ଅବସରପ୍ରାପ୍ତ ଶିକ୍ଷକ ଗୌରହରି ତ୍ରିପାଠୀଙ୍କ ବଡପୁଅ। ତାଙ୍କ ଆକସ୍ମିକ ବିୟୋଗରେ ବିଭିନ୍ନ ମହଲରେ ଗଭୀର ଶୋକ ପ୍ରକାଶ ପାଇଛି।

# ତାରେଣୀ ମନ୍ଦିର ପ୍ରତିଷ୍ଠା ଉତ୍ସବ

ଭଣ୍ଡାରିପୋଖରୀ, ୮ ।୬(ସମିସ): ଭଣ୍ଡାରିପୋଖରୀ ବ୍ଲକର ବନ୍ଦାଳୋ-ମଢିଆଳି ପଞ୍ଚାୟତ ଅନ୍ତର୍ଗତ ଖପୁରିଆପଦା ପଞ୍ଚବଟୀ ଛକରେ ଥିବା ମା' ତାରେଣୀ ମନ୍ଦିର ପ୍ରତିଷ୍ଠା ଉତ୍ସବ ରବିବାର ଅନୁଷ୍ଠିତ ହୋଇଯାଇଛି। ପ୍ରାରମ୍ଭରେ ଘଟାଧିବାସ, ସୂର୍ଯ୍ୟପୂଜା, ଯଜ୍ଞକୁଣ୍ଡ ସ୍ଥାପନ, ଷୋଡ଼ଶ ଉପଚାର ପୂଜା, ଚଣ୍ଡିପୂଜା ଅନୁଷ୍ଠିତ ହୋଇ ସନ୍ଧ୍ୟାରେ ପୂର୍ଣ୍ଣାହୁତି ହୋଇଥିଲା। କର୍ତ୍ତା ସୁବାସ ଚନ୍ଦ୍ର ପତି ଓ କର୍ତ୍ତୀ ନିରୂପମା ପତି ସଙ୍କଳ୍ପ କରିଥିଲେ। ମୁଖ୍ୟପୂଜକ ବ୍ରଜମୋହନ ମିଶ୍ର, ଲଳିତ



ପଣ୍ଡା, ପ୍ରଶାନ୍ତ ପଣ୍ଡା, ଧ୍ରୁବଚରଣ ପତି, ସୁମନ୍ତ ପଣ୍ଡା ଓ କିଶୋର ଚନ୍ଦ୍ର ପତି ପୂଜାକାର୍ଯ୍ୟ ବିଧିମତେ ତୁଲାଇଥିଲେ। ଦିଗାମ୍ବର ଜେନା, ସୁଶାନ୍ତ ଦାସ, ଉପେନ୍ଦ୍ର ପଣ୍ଡା, ସନ୍ତୋଷ ପୃଷ୍ଟି, ପ୍ରଦୀପ ବାରିକ, ନବକିଶୋର ବେହେରା, ପ୍ରଭାତ ରାଉତ, ଶାନ୍ତନୁ କୁମାର ଜେନାଙ୍କ ସମେତ ବନ୍ଦାଳୋ, ମଢିଆଳି, ଖପୁରିଆପଦା ଗ୍ରାମବାସୀ ପୂଜା କାର୍ଯ୍ୟ ପରିଚାଳନରେ ସହଯୋଗ କରିଥିଲେ।

# ବାତ୍ୟା ଆଶ୍ରୟସ୍ଥଳୀର ମରାମତି କାମ କରିବାକୁ ମାର୍‌ପିଟ୍

ବାସୁଦେବପୁର,୮ ।୬(ସମିସ):

ବାସୁଦେବପୁର ବ୍ଲକର ବାତ୍ୟା ଆଶ୍ରୟସ୍ଥଳୀର ମରାମତି କାମ କରିବାକୁ ବିଭିନ୍ନ ବାତ୍ୟା ଆଶ୍ରୟସ୍ଥଳୀର ପୃଥକ ପୃଥକ ଫଳକ କରି ଦୁଇ ଗୋଷ୍ଠୀଙ୍କ ମଧ୍ୟରେ ମାରପିଟ ଲାଗି ଥାନାର ଲିଖିତ ଏତାଲା ହୋଇଛି। ଆଜି ବାସୁଦେବପୁର ବ୍ଲକର ଜଗନ୍ନାଥପୁର ପଞ୍ଚାୟତର ବଚ୍ଛଦା ବାତ୍ୟା ଆଶ୍ରୟସ୍ଥଳୀର ମରାମତି କାମ ବିଜେପିର କର୍ମୀ କରୁଥିବା ବେଳେ କଂଗ୍ରେସ କର୍ମୀଙ୍କ ଆକ୍ରମଣରେ ବିଜେପିର



ବୁଦ୍ଧଦେବ ପାତ୍ର ଆହତ ହୋଇଛନ୍ତି। ବାସୁଦେବପୁର ଥାନାର ପୃଥକ ପୃଥକ ଭାବେ ୨ଟି ଏତାଲା ହୋଇଛି। ଆଗକୁ ବର୍ଷା ଋତୁ ଆସୁଥିବାରୁ ରାଜ୍ୟର ସରକାରଙ୍କ ପକ୍ଷରୁ ଓଡିଶାର ସମସ୍ତ ବାତ୍ୟା ଆଶ୍ରୟସ୍ଥଳୀର ମରାମତି କରିବାକୁ ଅର୍ଥ ଯୋଗାଇ ଦିଆଯାଇଛି। ବାତ୍ୟା ଆଶ୍ରୟସ୍ଥଳୀର ପରିଚାଳନା କମିଟିକୁ ମରାମତି ପାଇଁ ଅର୍ଥ ପ୍ରଦାନ ନକରି ବ୍ଲକ ଜରୀଆରେ ଅର୍ଥ ଯୋଗାଇ ଦିଆ ଯାଇଛି। ଏହି ମରାମତି କାମକୁ ବ୍ଲକ ପ୍ରଶାସନ ବିଭାଗ ଅଧିକାରୀଙ୍କ ନାମରେ ରଖି କେଉଁ ରାଜନୈତିକ ଦଳର କର୍ମୀଙ୍କୁ ପରୋକ୍ଷରେ କାମ କରିବାକୁ ପ୍ରଦାନ କରୁଛନ୍ତି। ମରାମତି କାମରେ ଅଧାରୁ ଅଧେ ଲାଭ ଥିବାରୁ ସବୁ ଲୁଟିବା ଚକରେ ଟଣା ଉଟରା ଲାଗୁଛନ୍ତି। ଜଗନ୍ନାଥପୁର ପଞ୍ଚାୟତର ବଚ୍ଛଦା ଓସଡମା ବହୁମୁଖୀ ବାତ୍ୟା ଆଶ୍ରୟସ୍ଥଳୀର ମରାମତି ପାଇଁ ଛଅ ଲକ୍ଷ ଟଙ୍କା ପ୍ରଦାନ କରାଯାଇଛି। ସରକାର ବିଜେପିର ରହିଥିବା ବେଳେ ବିଧାୟକ କଂଗ୍ରେସର। ବ୍ଲକ ଅଧକ୍ଷ ବିଜେଡିର ରହିଛି। ତିନି ଛକିରେ ବସିଥିବା ବାସୁଦେବପୁର ବିଡିଓ କାମ କିଏ କରିବ ନିର୍ଣ୍ଣୟ କରିବା କଷ୍ଟକର ହୋଇ ପଡୁଛ। ବାତ୍ୟା କାମରେ ମହୁ ଝରୁଥିବାରୁ କାମ କରିବାକୁ ବାଡିଆ ପିଟା ହେଉଛନ୍ତି। ବିଜେପିର କିଛି କର୍ମୀ ସୂଚନା ଫଳକ କରି କାମ ଆରମ୍ଭ କରିଥିଲେ। ଗତକାଲି ରାତ୍ରିର ବିରୋଧିମାନେ ଫଳକ ଭାଙ୍ଗି ଦେଇଥିଲେ। ଆଜି କାମ ଆରମ୍ଭ ହେବାରୁ ଆରମ୍ଭ ହେଲା ଦୁଇ ଗୋଷ୍ଠୀଙ୍କ ମଧ୍ୟରେ ମୁହାଁମୁହିଁ ମାରପିଟ। ବୁଦ୍ଧଦେବ ପାତ୍ର ନାମକ ବିଜେପି କର୍ମୀ ଆହତ ହୋଇ ବାସୁଦେବପୁର ଡାକ୍ତରଖାନାର ଚିକିତ୍ସା ଭର୍ତିହୋଇ ଥିଲେ। ପ୍ରାଥମିକ ଚିକିତ୍ସା ପରେ ଭଦ୍ରକ ରେଫର କରାଯାଇଛି। ପୂର୍ବରୁ ଦୁଇ ତିନୋଟି ସ୍ଥାନରେ ମାରପିଟ ଲାଗି ଏତାଲା ହୋଇ ଗିରଫ ହୋଇ କୋର୍ଟ ଚାଲାଣ ହୋଇଛନ୍ତି।

# ପ୍ରାକ୍ତନ ସରପଞ୍ଚଙ୍କ ପରଲୋକ

ଅସୁରାଳି,୮ ।୬(ସମିସ): ଧାମନଗର ବ୍ଲକ ବମକୁରା ପଞ୍ଚାୟତ ବରିଷ୍ଠ ବିଜେପି ନେତା ତଥା ପୂର୍ବତନ ସରପଞ୍ଚ ଦେବେନ୍ଦ୍ର ସାମଲଙ୍କ ୬୫ ବର୍ଷ ବୟସରେ ପରଲୋକ ଘଟିଛି। ସରପଞ୍ଚ ଥିବା ବେଳେ ସ୍ୱଚ୍ଛ ଭାରତ ମିଶନର ସଫଳ ରୂପାୟନ ଯୋଗୁଁ ବମକୁରା ସ୍ୱଚ୍ଛ ପଞ୍ଚାୟତ ଭାବେ ରାଷ୍ଟ୍ରପତି ପୁରସ୍କାର ପାଇଥିଲା। ତାଙ୍କ ସରପଞ୍ଚ ସମୟରେ ସେ



ଦଳ ଗୋଷ୍ଠୀ ନିର୍ବିଶେଷରେ ସମସ୍ତ ଜନତାଙ୍କୁ ତାଙ୍କର ଆବଶ୍ୟକତା ଦେଖି କାହାକୁ ଆବାସ ତ କାହାକୁ ଶୌଚାଳୟ ତ ଆଉ କାହାକୁ ଆର୍ôଥକ ସହାୟତା ରୂପେ ଭତା ପ୍ରଦାନ କରିଥିଲେ। ତାଙ୍କର ନିରପେକ୍ଷତା ଗୁଣ ଯୋଗୁଁ ତାଙ୍କୁ ସମସ୍ତ ପଞ୍ଚାୟତ ବାସି ତାଙ୍କ ମୃତ୍ୟୁରେ ଝୁରି ହେଉଛନ୍ତି। ତାଙ୍କର ଅକାଳ ବିୟୋଗରେ ଉଚ୍ଚଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୁରଜ୍, ବରିଷ୍ଠ ବିଜେପି ନେତା ଚତୁର୍ଭୁଜ ନାୟକ, ଧୂଷୁରୀ ସରପଞ୍ଚ ଅନ୍ତର୍ଯ୍ୟାମୀ ପତି, ଯୁବନେତ ଅନିରୁଦ୍ଧ ସାହୁ, ବରିଷ୍ଠ ନେତା ରଘୁନାଥ ଲେଙ୍କା, ରତିକାନ୍ତ ନାୟକ ପ୍ରମୁଖ ଶୋକ ବାର୍ତା ପ୍ରଦାନ କରିଥିଲେ।

## ନ୍ୟାସନାଲ ସ୍କୁଲରେ ଶିକ୍ଷକ ପ୍ରଶିକ୍ଷଣ ଶିବିର

କୁଜଙ୍ଗ,୮।୬(ସମିସ): କୁଜଙ୍ଗସ୍ଥ ନ୍ୟାସନାଲ ସ୍କୁଲ ପରିସରରେ ଶିକ୍ଷକ ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଯାଇଛି। ନ୍ୟାସନାଲ ସ୍କୁଲର ଅଧ୍ୟକ୍ଷା ପ୍ରମିଳା ନନ୍ଦଙ୍କ ଅଧ୍ୟକ୍ଷତାରେ ଏହି ଶିବିରକୁ ସମାଗୋଳସ୍ଥ ବିସି ମହାବିଦ୍ୟାଳୟର ପ୍ରାକ୍ତନ ଅଧ୍ୟକ୍ଷ ଡଃ ଗଙ୍ଗାଧର ସାମନ୍ତରାୟ ଉଦ୍‌ଘାଟନ କରି ବିଗତ ପାଞ୍ଚବର୍ଷ ମଧ୍ୟରେ ଶିକ୍ଷଣ ପଦ୍ଧତି ଓ ଶିକ୍ଷାର ପରିଭାଷା ବଦଳି ଯାଇଥିବାବେଳେ ଯେଉଁ କେତେକ ନିର୍ଦ୍ଦିଷ୍ଟ ଧାରା ବଦଳିନି, ତାହା ହେଉଛି ଶିକ୍ଷକଙ୍କ ଶ୍ରଦ୍ଧା, ନିଷ୍ଠା, ସମର୍ପଣ ଓ ସକରାତ୍ମକ ଚିନ୍ତା। ଶିକ୍ଷକ ଶିକ୍ଷୟିତ୍ରୀ ରୋଲ ମଡେଲ ସାଜିବାକୁ ଆହ୍ୱାନ ଜଣାଇବା ସହ ଯନ୍ତ୍ର ମାଧ୍ୟମରେ ଶିକ୍ଷାଦାନ ପିଲାଙ୍କୁ କିଛି ସମୟ ଖୁସି ଦେଇପାରେ, ମାତ୍ର ଶିକ୍ଷକ ଆବେଗ, ଅଭିମାନ ତଥା ଅକଳପଟ ହସ ପିଲାଙ୍କୁ ଅଧିକ ଉତ୍ସାହିତ କରିଥାଏ ବୋଲି କହିଥିଲେ। ବିଦ୍ୟାଳୟର ପ୍ରତିଷ୍ଠାତା ଡଃ ରଘୁନାଥ ସାହୁ ଓ ସେଣ୍ଟ ଜାଭିୟର ଇଣ୍ଟରନ୍ୟାସନାଲ ସ୍କୁଲ ଅଧ୍ୟକ୍ଷ ସୁଧାକର ବିଶ୍ୱାଳ ପ୍ରମୁଖ ପ୍ରତ୍ୟହ କରତକୁ ଦାଢ ନ କଲେ ଅଧିକ କାଠ କାମ କରିହୁଏ ନାହିଁ। ଠିକ୍ ସେହିପରି ପ୍ରଶିକ୍ଷଣ ଶିକ୍ଷକ ଜୀବନ ପାଇଁ ଜରୁରୀ। ବଦଳୁଥିବା ପରିବେଶ ଓ ସମୟକୁ ଆମକୁ ତାଳ ଦେଇ ଚାଲିବାକୁ ହେବ ବୋଲି କହିଥିଲେ। ଏହି ଶିବିରରେ ପ୍ରାକ୍ତନ ପ୍ରଧାନଶିକ୍ଷକ ସରୋଜ ବେହେରା, ନୃସିଂହ ଚରଣ ବାହାଲିଆ, ଜୀବନ ମହାରଣା ଓ ବିଭୂତି ଭୂଷଣ ଦାସ ପ୍ରମୁଖ ଯୋଗଦେଇ ପ୍ରଶିକ୍ଷଣ ପ୍ରଦାନ କରିଥିଲେ।

## ମହିଳାଙ୍କ ଆତ୍ମହତ୍ୟା

ପାରାଦୀପ,୮।୬(ସମିସ): ପାରାଦୀପ ଲକ୍‌ଥାନା ଅଧୀନ ଚୁନବେଲାରି ଗ୍ରାମରେ ଜଣେ ମହିଳା ଗତକାଲି ଆତ୍ମହତ୍ୟା କରିଛନ୍ତି। ସେ ସରୋଜ ରାଉତଙ୍କ ପତ୍ନୀ ସୁଜାତା ରାଉତ (୪୦) ବୋଲି ଜଣାପଡ଼ିଛି। ପଡ଼ୋଶୀଙ୍କ କହିବା ମୁତାବକ, କରଜ ଭାର ସହି ନ ପାରି ସୁଜାତା ଏଭଳି ଚରମ ନିଷ୍ପତ୍ତି ନେଇଛନ୍ତି। ସେ ପିଲାମାନଙ୍କୁ ପାଠ ପଢ଼ାଇବା ଲାଗି ଘରୋଇ ବ୍ୟାଙ୍କଠାରୁ ଆରମ୍ଭ କରି ହାତ ଉଧାରି ବହୁ ଟଙ୍କା ଆଣି ସୁଝି ପାରି ନ ଥିଲେ। ଋଣ ଭାର ବଢ଼ିଯିବାରୁ ସେ ମାନସିକ ଚାପରେ ରହୁଥିଲେ। ଏପରିକି ଲୋକଙ୍କ ନିକଟରୁ ଅପମାନ ସହିବାକୁ ପଡୁଥିଲା। ସୁଜାତା ଗୁହାଳ ଘରେ ବେକରେ ରଶି ଲଗାଇ ଆତ୍ମହତ୍ୟା କରିଛନ୍ତି। ମହିଳାଙ୍କ ସ୍ୱାମୀ ଥାନାରେ ଅଭିଯୋଗ କରିବା ପରେ ପୁଲିସ ପହଞ୍ଚି ଶବ ଜବତ କରି ତଦନ୍ତ ଆରମ୍ଭ କରିଛି। ଏ ନେଇ ଥାନାରେ ଏକ ଅପମୃତ୍ୟୁ ମାମଲା ରୁଜୁ କରାଯାଇଛି।

## ଆଖଣ୍ଡଳମଣି ବିଦ୍ୟାପୀଠରେ ଚାରାରୋପଣ




କୁଜଙ୍ଗ,୮।୬(ସମିସ): ତାଳପଡ଼ା ପଞ୍ଚାୟତ ଅନ୍ତର୍ଗତ ଆଖଣ୍ଡଳମଣି ବିଦ୍ୟାପୀଠରେ ବିଶ୍ୱ ପରିବେଶ ଦିବସ ଅବସରରେ ଚାରାରୋପଣ ଓ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟର ସବୁଜ ବାହିନୀ ଓ ଶକ୍ତି କ୍ଲବ୍ ପକ୍ଷରୁ ଆୟୋଜିତ ଏହି କାର୍ଯ୍ୟକ୍ରମକୁ ପ୍ରଧାନଶିକ୍ଷକ ସୁରେଶ ଚନ୍ଦ୍ର ଦଳାଇ ଉଦ୍‌ଯାପନ କରିବା ସହ ଦ୍ରୁତ ପରିବେଶ କ୍ଷୟ ରୋକିବାକୁ ହେଲେ ପିଲାମାନେ ଛୋଟ ଅବସ୍ଥାରୁ ଅଧିକରୁ ଗଛ ଲଗାଇ ଏହାର ସଂରକ୍ଷଣ କରିବାକୁ ଆହ୍ୱାନ ଦେଇଥିଲେ। ଶକ୍ତି କ୍ଲବ ଦାୟିତ୍ୱରେ ଥିବା ଶିକ୍ଷୟିତ୍ରୀ ବବିତା ନାୟକ, କର୍ମଚାରୀ ସରୋଜ କୁମାର ସ୍ୱାଇଁ, ନିରଞ୍ଜନ ସାହୁ ଓ ଛାତ୍ରଛାତ୍ରୀ ଏହି କାର୍ଯ୍ୟକ୍ରମରେ ସାମିଲ ଥିଲେ।

### ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖ ରାସ୍ତା

# ନିମ୍ନମାନର ମରାମତି କାମ, ଜମୁଛି ପାଣି

ଜଗତସିଂହପୁର,୮।୬(ସମିସ):



ଜଗତସିଂହପୁର ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖସ୍ଥ ପଡ଼ିଆ ଓ କାର୍ଯ୍ୟାଳୟକୁ ସଲଗ୍ନ କରୁଥିବା ରାସ୍ତାର ଦୁରବସ୍ଥା ସମ୍ପର୍କରେ ଗତ ମେ’ ୨୨ ତାରିଖରେ ଦୈନିକ ଖବରକାଗଜ ‘ସକାଳ’ରେ ଫଟୋ ସହିତ ଖବର ପ୍ରକାଶ ପାଇଥିଲା। ଏହି ଖବର ପ୍ରକାଶ ପାଇବା ପରେ ଜଗତସିଂହପୁର ରାସ୍ତା ଓ ଗୃହ ନିର୍ମାଣ ବିଭାଗ ଦ୍ୱାରା ଉକ୍ତ ରାସ୍ତାର ମରାମତି କାର୍ଯ୍ୟ କରାଯାଇଛି। ତେବେ ରାସ୍ତା ସଠିକ୍ ଭାବେ ସମତୁଲ ହୋଇ ନ ଥିବାରୁ ଅସରାଏ ବର୍ଷାରେ ପୁନର୍ବାର ପାଣି ଜମି ରହୁଥିବା ଲକ୍ଷ୍ୟ କରାଯାଇଛି। ଆଗକୁ ବର୍ଷାଦିନ ଆସୁଥିବାରୁ ଏଠାରେ ପାଣି ଜମି ଗମନାଗମନରେ ବାଧା ସୃଷ୍ଟି ହେବାର ଯଥେଷ୍ଟ ସମ୍ଭାବନା ରହିଛି। ଏହାକୁ ଦୃଷ୍ଟିରେ ରଖି ଉକ୍ତ ରାସ୍ତାକୁ ସଠିକ୍ ଢଙ୍ଗରେ ମରାମତି କରିବା ପାଇଁ ସ୍ଥାନୀୟ ଜନସାଧାରଣ ଦାବି କରିଛନ୍ତି। ଖୋଦ୍ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ଯଦି ଏଭଳି କାର୍ଯ୍ୟ ହେଉଛି, ଅନ୍ୟ ସ୍ଥାନରେ କିପରି କାମ ହେଉଥିବା ତାହା ସହଜରେ ଅନୁମାନ କରିହେବ। ତେଣୁ ଜିଲ୍ଲା ପ୍ରଶାସନ ଏ ଦିଗରେ ଦୃଷ୍ଟି ଦେବା ଆବଶ୍ୟକ ବୋଲି ମତ ପ୍ରକାଶ ପାଇଛି।

## ରେଜେଙ୍ଗଲା କଳସ ଶୋଭାଯାତ୍ରାକୁ ସ୍ୱାଗତ ପାଇଁ ଜିଲ୍ଲା ଯାଦବ ମହାସଭାର ପ୍ରସ୍ତୁତି ବୈଠକ



ଜଗତସିଂହପୁର,୮।୬(ସମିସ): ଅଖିଳ ଭାରତୀୟ ଯାଦବ ମହାସଭା ଓ ଉତ୍କଳ ଯାଦବ ମହାସଭା ମିଳିତ ଆନୁକୂଲ୍ୟରେ ଆୟୋଜିତ ବିହାରର ଚମ୍ପାରଣରୁ ଆରମ୍ଭ ହୋଇ ସମଗ୍ର ଭାରତ ପରିକ୍ରମା କରୁଥିବା ପବିତ୍ର ରେଜେଙ୍ଗଲା ମାଟି କଳସ ଯାତ୍ରା ଆସନ୍ତା ୨୫ ତାରିଖ ବୁଧବାର ଦିନ ଜଗତସିଂହପୁର ଜିଲ୍ଲାରେ ପହଞ୍ଚି ଜିଲ୍ଲା ପରିକ୍ରମା କରିବ । ଏହି କଳସ ଯାତ୍ରାକୁ ସ୍ୱାଗତ କରିବାକୁ ଜଗତସିଂହପୁର ଜିଲ୍ଲା ଯାଦବ ମହାସଭା ପକ୍ଷରୁ ପ୍ରସ୍ତୁତି ବୈଠକ ଜୟବଡ଼ ଜଗନ୍ନାଥ ମନ୍ଦିର ପରିସରରେ ଅନୁଷ୍ଠିତ ହୋଇଯାଇଛି। ରବୀନ୍ଦ୍ର ନାଥ ସେନାପତିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ଉତ୍କଳ ଯାଦବ ମହାସଭାର ସାଧାରଣ ସମ୍ପାଦକ ତୀର୍ଥବାସୀ ବେହେରା, ପ୍ରସନ୍ନ ବେହେରା, ତରଣି ସେନ୍ ବେହେରା, ରାଜ୍ୟ ଯୁଗ୍ମ ସମ୍ପାଦକ କାର୍ତ୍ତିକ ଚନ୍ଦ୍ର ବେହେରା ପ୍ରମୁଖ ଯୋଗଦେଇ ପ୍ରସ୍ତୁତି ସମ୍ପର୍କରେ ଆଲୋଚନା କରିଥିଲେ। ୧୯୬୨ ଭାରତ-ଚୀନ ଯୁଦ୍ଧ ସମୟରେ ପରମ ବୀର ଚକ୍ର ବିଜେତା ଶୈତାନ୍ ସିଂଙ୍କ ନେତୃତ୍ୱରେ କୁମାଉଁ ରେଜିମେଣ୍ଟ ରାଜସ୍ଥାନ ଓ ହରିୟାଣାର ୧୨୦ ଜଣ ଭାରତୀୟ ସୈନିକ ଅହିର ଯାଦବ ୩୦୦୦ରୁ ଅଧିକ ଚୀନ ସୈନିକଙ୍କ ସାମ୍ନା କରିବା ସହିତ ରାଜନୈତିକ ଦୃଷ୍ଟିକୋଣରୁ ଗୁରୁତ୍ୱପୂର୍ଣ୍ଣ ରେଜେଙ୍ଗଲା ପର୍ବତ ପଛକୁ ସଫଳତାର ସହିତ ରକ୍ଷା କରିଥିଲେ। ଏହି ସ୍ମୃତିକୁ ଉଜ୍ଜୀବିତ କରିବା ପାଇଁ ସେହି ରେଜେଙ୍ଗଲା ମାଟିରୁ କଳସ ଶୋଭାଯାତ୍ରା ଆରମ୍ଭ କରାଯାଇଛି। ଆସନ୍ତା ୨୫ ତାରିଖ ଦିନ ଏହି ଶୋଭାଯାତ୍ରାକୁ କୁଜଙ୍ଗ ନିକଟ ଭୂତମୁଣ୍ଡାଇଠାରେ ସ୍ୱାଗତ କରିବା ପରେ ଏକ ବାଇକ୍ ଶୋଭାଯାତ୍ରାରେ କୁଜଙ୍ଗ, ଏରସମା, ବାଲିକୁଦା, ବଜାର ପରିକ୍ରମା କରିବା ପରେ ଜଗତସିଂହପୁର ସଦର ମହକୁମାରେ ଏକ ବିଶେଷ ବୈଠକ ଅନୁଷ୍ଠିତ ହେବ। ଜଗତସିଂହପୁରର ବିଶିଷ୍ଟ ବ୍ୟକ୍ତିଙ୍କ ଦ୍ୱାରା ଯାତ୍ରାକୁ ସ୍ୱାଗତ କରାଯିବା ସହିତ ସହିଦ ହୋଇଥିବା ଭାରତୀୟ ସୈନିକଙ୍କ ପ୍ରତି ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯିବ। ଆସନ୍ତା ନଭେମ୍ବର ୧୮ ତାରିଖ ଅହିର ସୌର୍ଯ୍ୟ ଦିବସ ଦିନ ନୂଆଦିଲ୍ଲୀର ଜନ୍ତର ମନ୍ତରଠାରେ ପହଞ୍ଚିବା ପରେ କେନ୍ଦ୍ର ସରକାରଙ୍କ ନିକଟରେ ଅହିର୍ ରେଜଏମେଣ୍ଟ ଗଠନ ପାଇଁ ଦାବି ଉପସ୍ଥାପନା କରାଯିବ। ପ୍ରସ୍ତୁତି ବୈଠକରେ ରବୀନ୍ଦ୍ର ସେନାପତି, ଚିତ୍ତରଞ୍ଜନ ଦାସ, ସୁଭାଶିଷ ନାୟକ, ଲୋକନାଥ ଦାସ, ଚିତ୍ରସେନ ବେହେରା, ଗୋପାଳ ଦାସ, ବିକ୍ରମ ଦାସ, ବିଷ୍ଣୁଚରଣ ଦାସ, ଚୈତନ୍ୟ କଂସ, କୃପାସିନ୍ଧୁ ଦାସ, ମାନଗୋବିନ୍ଦ ଦାସ ପ୍ରମୁଖ ଯୋଗ ଦେଇଥିଲେ।

### ■ ଚୋରା ଡିଜେଲ କାଉଣ୍ଟର ଉପରେ ଚଢ଼ଉ

## ୧୬୦ ଲିଟର ଡିଜେଲ ସହ ଅନ୍ୟାନ୍ୟ ସାମଗ୍ରୀ ଜବତ

ଜଗତସିଂହପୁର,୮।୬(ସମିସ): ଜଗତସିଂହପୁର ସଦର ଥାନା ଅନ୍ତର୍ଗତ ମଙ୍ଗଳପୁରଠାରେ ଚାଲିଥିବା ଏକ ଚୋରା ଡିଜେଲ କାଉଣ୍ଟର ଉପରେ ଚଢ଼ଉ କରି ପୁଲିସ ୧୬୦ ଲିଟର ଡିଜେଲ ଓ ଅନ୍ୟାନ୍ୟ ସାମଗ୍ରୀ ଜବତ କରିଛି। ଏହି ଚୋରା ଡିଜେଲ ବ୍ୟବସାୟ କରୁଥିବା ମଙ୍ଗଳପୁର ଗ୍ରାମର ସନ୍ତୋଷ ବେହେରାଙ୍କୁ ଥାନାରେ ପଚରାଉଚରା ପରେ ନୋଟିସ ଦେଇ ଛଡ଼ାଯାଇଛି। ସନ୍ତୋଷ କୁକୁଡ଼ା ଫାର୍ମ ନିକଟରେ ଏହି ଚୋରା କାରବାର କରୁଥିଲେ। ଏହି ରାସ୍ତା ଦେଇ ଯାତାୟାତ କରୁଥିବା ଟ୍ରକ୍, ଟିପର ଓ ଅନ୍ୟ ଯାନବାହନରୁ ଡିଜେଲ ସଂଗ୍ରହ କରୁଥିଲେ ସନ୍ତୋଷ। ପରେ ଏହାକୁ ବଜାର ଦରଠାରୁ କମ୍ ମୂଲ୍ୟରେ ବିକ୍ରି କରୁଥିବା ପୁଲିସ ତଦନ୍ତରୁ ସ୍ପଷ୍ଟ ହୋଇଛି। କୌଣସି ସୂତ୍ରରୁ ଖବର ପାଇ ସଦର ଥାନା ପୁଲିସ ଆଜି ପୂର୍ବାହ୍ନରେ ଦୁଇଜଣ ସାକ୍ଷୀଙ୍କ ଉପସ୍ଥିତିରେ ଉକ୍ତ ଡିଜେଲ କାଉଣ୍ଟର ଉପରେ ଚଢ଼ଉ କରିଥିଲା।

## ବାର୍‌ହାକୁ ମାରିବା ପୂର୍ବରୁ ପହଞ୍ଚିଗଲା ବନ ବିଭାଗ

ପାରାଦୀପ, ୮।୬(ସମିସ): ବାର୍‌ହା ମାରି ମାଂସ ଖାଇବା ପାଇଁ ପ୍ରସ୍ତୁତି ଏକ ପ୍ରକାର ସରିଥିବାବେଳେ ଖବର ପାଇ ବନ ବିଭାଗ ଘଟଣାସ୍ଥଳରେ ପହଞ୍ଚି ଥିଲା। ବନ ବିଭାଗ ନିର୍ଦ୍ଦେଶ କ୍ରମେ ବାର୍‌ହାର ଗୋଡ଼ରୁ ଶିକାରୀମାନେ ଦଉଡି ଖୋଲିବା ମାତ୍ରେ ଜୀବନ ପାଇ ବାର୍‌ହାଟି ଦୌଡ଼ି ପଳାଇଥିଲା। ଏଭଳି ଘଟଣା ଘଟିଛି ଗତକାଲି ବିଳମ୍ବିତ ରାତିର ଇଫକୋ ସାର କାରଖାନା ପଛପଟ ମୂଷାଡିଆ ଗ୍ରାମରେ। ଇଫକୋ ସାର କାରଖାନାର ଏକ ଖାଲରେ ପଡ଼ିଥିଲା ବାର୍‌ହା। ଏହାକୁ ସୁରକ୍ଷା କର୍ମୀଙ୍କ ସହଯୋଗରେ ଉଦ୍ଧାର କରିଥିଲେ କିଛି ସ୍ଥାନୀୟ ଲୋକ। ତେବେ ଏହି ବାରହାକୁ ଗୋଡ଼ ବାନ୍ଧି ଖାଇବା ପାଇଁ ସ୍ଥିର ହୋଇଥିବାବେଳେ ଖବର ପାଇ ବନ ବିଭାଗ ପହଞ୍ଚି ବିଗାଡି ଦେଲା ଯୋଜନା। ଫଳରେ ବାର୍‌ହାଟି ସେ ସ୍ଥାନରୁ ଅନ୍ୟତ୍ର ପଳାଇଥିଲା।

## ମା’ ତେନ୍ତୁଳାଇଙ୍କ ମନ୍ଦିର ପ୍ରତିଷ୍ଠା ଉତ୍ସବ



ବାଲିକୁଦା,୮।୬(ସମିସ):ମାଛଗାଁ ପଞ୍ଚାୟତ ଓଟିନ୍ଦା ଗ୍ରାମର ପଡ଼ା ଗ୍ରାମ ବିଶ୍ୱାଳ ସାହିର ଗ୍ରାମଦେବତୀ ମା’ ତେନ୍ତୁଳାଇଙ୍କ ମନ୍ଦିର ପ୍ରତିଷ୍ଠା ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଗ୍ରାମବାସୀଙ୍କ ପକ୍ଷରୁ ୧୦୮ କଳସ ଶୋଭାଯାତ୍ରା, ପ୍ରତିଷ୍ଠା ଯଜ୍ଞ, ମା’ଙ୍କ ପ୍ରାଣ ପ୍ରତିଷ୍ଠା, ସାଂସ୍କୃତିକ କାର୍ଯ୍ୟକ୍ରମ ଭଜନ ସନ୍ଧ୍ୟା ଓ ୨ ଦିନ ଧରି ପ୍ରବଚନ ଅନୁଷ୍ଠିତ ହୋଇଥିଲା। ଏହି କାର୍ଯ୍ୟକ୍ରମରେ କର୍ତ୍ତା ରବୀନ୍ଦ୍ର ବିଶ୍ୱାଳ ଓ କର୍ତ୍ତ୍ରୀ ଭାବେ ମିନାକ୍ଷୀ ବିଶ୍ୱାଳ କାର୍ଯ୍ୟ ସମ୍ପାଦନ କରିଥିଲେ। ଅର୍ଜୁନ ରଥ, ନବ କୁମାର ମିଶ୍ରଙ୍କ ସମେତ ଅନ୍ୟ ୭ ଜଣ ଯାଜ୍ଞିକ ପଣ୍ଡିତ ଅଂଶଗ୍ରହଣ କରି ବେଦ ମନ୍ତ୍ର ଓ ରୀତିନୀତି ଅନୁଯାୟୀ ମା’ଙ୍କ ପ୍ରାଣ ପ୍ରତିଷ୍ଠା କରିଥିଲେ। ରାଜ୍ୟପାଳ ପୁରସ୍କାରପ୍ରାପ୍ତ ଶିକ୍ଷକ ଅରୁଣ କୁମାର ମହାନ୍ତି ଓ ସହଯୋଗୀ ରବୀନ୍ଦ୍ର ମହାନ୍ତି, ଅନାଦି ମହାନ୍ତି, ସାହେବ ସ୍ୱାଇଁ ଓ ଜୟରାମ ସାହୁ ପ୍ରମୁଖ ଭାଗବତ କଥା ଉପସ୍ଥିତ ଶ୍ରୋତାଙ୍କୁ ଶ୍ରବଣ କରାଇ ଥିଲେ। ମା ତେନ୍ତୁଳାଇ ମହିଳା ସମିତି, ଜଗନ୍ନାଥ ମହିଳା ସମିତି, ମା’ ବୃନ୍ଦାବତୀ ମହିଳା ସମିତି, ମହାଲକ୍ଷ୍ମୀ ମହିଳା ସମିତି ସମେତ ଗ୍ରାମର ସମସ୍ତ ଜନସାଧାରଣ ସହଯୋଗ କରିଥିଲେ।

## ସୁଶ୍ରୀ ଶୁଭଶ୍ରୀ ସାହିତ୍ୟ ସଂସଦ ସଭାପତିଙ୍କୁ ସମ୍ବର୍ଦ୍ଧନା



ତିର୍ତ୍ତୋଲ, ୮।୬ (ସମିସ): ଅବସରପ୍ରାପ୍ତ କୃଷି ଅଧିକାରୀ ତଥା ସୁଶ୍ରୀ ଶୁଭଶ୍ରୀ ସାହିତ୍ୟ ସଂସଦ ସଭାପତି ପ୍ରେମ ଚରଣ ରାଉତଙ୍କୁ ଚେଳିତୋଳ କଲଚରାଲ ଏକାଡେମୀ ପକ୍ଷରୁ ସାରଳା ଭବନ ପରିସରରେ ବିଶିଷ୍ଟ କୃଷିବିତ ଭାବେ ସମ୍ବର୍ଦ୍ଧିତ କରାଯାଇଛି। ଦୀର୍ଘ ୨୦ ବର୍ଷ ଧରି ସୁଶ୍ରୀ ଶୁଭଶ୍ରୀ ସାହିତ୍ୟ ସଂସଦ ସଭାପତି ଥିବା ଶ୍ରୀ ରାଉତ ପରିବେଶ ସୁରକ୍ଷା ପାଇଁ ବୃକ୍ଷ ରୋପଣ, ଶୀତବସ୍ତ୍ର ବଣ୍ଟନ ଓ ଅସହାୟଙ୍କୁ ସହାୟତା ପ୍ରଦାନ କରିବାରେ ପ୍ରମୁଖ ଗ୍ରହଣ କରିଆସୁଛନ୍ତି। ଉଦ୍‌ଘାଟକ ପଦ୍ମଶ୍ରୀ ବାବା ବଳିଆ, ଚେଳିତୋଳ କଲଚାର ଏକାଡେମୀର ପ୍ରତିଷ୍ଠାତା ସଭାପତି ଇଂ ପ୍ରଭାକର ସ୍ୱାଇଁ, ସମ୍ପାଦକ କୈଳାସ ଦଳାଇ, ପ୍ରଫେସର ରଞ୍ଜିତା ନାୟକ, ଡା ନିମାଇଁ ଚରଣ ପରିଜା, ଡା ନିରଞ୍ଜନ ତ୍ରିପାଠୀ, ସୋହାଗିନୀ ବେହେରା ପ୍ରମୁଖ ଉପସ୍ଥିତ ରହି ଉତ୍ତରୀୟ, ମାନପତ୍ର, ଫଳକ ଓ ପୁଷ୍ପ ଗୁଚ୍ଛ ପ୍ରଦାନ ପୂର୍ବକ ଶ୍ରୀ ରାଉତଙ୍କୁ ସମ୍ମାନିତ କରିଥିଲେ।

## ବହୁମୁଖୀ ବାତ୍ୟା ଆଶ୍ରୟସ୍ଥଳୀର ଶିଳାନ୍ୟାସ

ନାଉଗାଁ,୮।୬(ସମିସ): ଜଗତସିଂହପୁର ଗ୍ରାମ୍ୟ ଉନ୍ନୟନ ଓ ଗୃହ ନିର୍ମାଣ ବିଭାଗ ପକ୍ଷରୁ ନାଉଗାଁ ବ୍ଲକ୍ ଅନ୍ତର୍ଗତ ରୋହିଆ ପଞ୍ଚାୟତର ଆରଖକୁଦ ଗୋଠଦଣ୍ଡାଠାରେ ୩ କୋଟିରୁ ଉର୍ଦ୍ଧ୍ୱ ଟଙ୍କା



ବ୍ୟୟରେ ଏକ ବହୁମୁଖୀ ବାତ୍ୟା ଆଶ୍ରୟସ୍ଥଳୀ ନିର୍ମାଣ ପାଇଁ ସ୍ଥାନୀୟ ବିଧାୟକ ଅମରେନ୍ଦ୍ର ଦାସଙ୍କ ଦ୍ୱାରା ଶିଳାନ୍ୟାସ କରାଯାଇଛି। ଉକ୍ତ ଆଶ୍ରୟସ୍ଥଳୀ ବନ୍ୟା, ବାତ୍ୟା ଭଳି ପ୍ରାକୃତିକ ବିପର୍ଯ୍ୟୟ ସମୟରେ ଲୋକଙ୍କୁ ଆଶ୍ରୟ ପ୍ରଦାନ କରିବା ସହିତ ସ୍ଥାନୀୟ ଅଞ୍ଚଳରେ ହେଉଥିବା ବିବାହ, ବ୍ରତ ଓ ବିଭିନ୍ନ କାର୍ଯ୍ୟକ୍ରମ ପାଇଁ ଲୋକଙ୍କ କାର୍ଯ୍ୟରେ ଲାଗିବ। ଏହି କାର୍ଯ୍ୟକ୍ରମରେ ବିଧାୟକଙ୍କ ସହିତ ବିଭାଗର କାର୍ଯ୍ୟନିର୍ବାହୀ ଯନ୍ତ୍ରୀ ଅନିରୁଦ୍ଧ ଦୋରା, ଜିଲ୍ଲା ପରିଷଦ ସଭ୍ୟା ଅମିତା ସ୍ୱାଇଁ, ସରପଞ୍ଚଙ୍କ ପ୍ରତିନିଧି ପଦ୍ମଚରଣ ରାଉତ, ସମିତିସଭ୍ୟାଙ୍କ ପ୍ରତିନିଧି କ୍ଷୀରୋଦ ରାଉତ, ଆଇନଜୀବୀ ସୌମ୍ୟରଞ୍ଜନ ମହାନ୍ତି, ତାପସ ଦାସ, ଦେବୀପ୍ରସାଦ ପାଢ଼ୀ, ଦୀପକ ମହାନ୍ତିଙ୍କ ସମେତ ଶତାଧିକ ବିଜେପି କର୍ମୀ ଉପସ୍ଥିତ ଥିଲେ।

## ଶ୍ରୀଅରବିନ୍ଦ ସାବିତ୍ରୀ ମନ୍ଦିର ପ୍ରତିଷ୍ଠା ଉତ୍ସବ



କୁଜଙ୍ଗ,୮।୬(ସମିସ): ପାଟପୁର ପଞ୍ଚାୟତର କରତୁଠାଠାରେ ଶ୍ରୀଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ର ପରିସରରେ ଶ୍ରୀଅରବିନ୍ଦ ସାବିତ୍ରୀ ମନ୍ଦିର ପ୍ରତିଷ୍ଠା କରାଯାଇଛି। ଗନାଇଲୋସ୍ଥ ଶ୍ରୀଅରବିନ୍ଦ ସାଧନା ମନ୍ଦିରରେ ପ୍ରଥମେ ସମବେତ ଧ୍ୟାନ ହେବା ପରେ ଏଠାରୁ ପବିତ୍ର ଦେହାଂଶ ଶୋଭାଯାତ୍ରା କରାଯାଇଥିଲା। ପରେ ତିର୍ତ୍ତୋଲ, ହୁକୁଟଲା, ରାହାମା, ପଙ୍କପାଳ, ପାଇକସ୍ତା ଦେଇ କରତୁଠା ଗ୍ରାମ ମଧ୍ୟରେ ପରିକ୍ରମା ପୂର୍ବକ ଏହି ପବିତ୍ର ଦେହାଂଶ ବହନ କରୁଥିବା ସୁସଜ୍ଜିତ ରଥ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ରରେ ପ୍ରବେଶ କରିଥିଲା। ପରେ ଗ୍ରାମବାସୀ, ବିଦ୍ୟାଳୟ କର୍ତ୍ତୃପକ୍ଷ, ଛାତ୍ରଛାତ୍ରୀ, ପୂର୍ବତନ ଛାତ୍ର ଏହି ଦେହାଂଶକୁ ବନ୍ଦାପନା କରିବା ସହ ମାର୍ଚ୍ଚପାଷ୍ଟ ଓ ସମ୍ମାନ ପ୍ରଦର୍ଶନ କରିଥିଲେ। ସାଧାରଣ ଦର୍ଶନ ପରେ ଏହି ପବିତ୍ର ଦେହାଂଶକୁ ସାବିତ୍ରୀ ମନ୍ଦିରରେ ସ୍ଥାପନ କରାଯାଇଥିଲା। କରତୁଠା ଶ୍ରୀଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ର ପରିଚାଳନା କମିଟି ମ୍ୟାନେଜିଂ ଟ୍ରଷ୍ଟି ଡଃ କେଶବ ଚନ୍ଦ୍ର ଦଳାଇଙ୍କ ପୌରୋହିତ୍ୟରେ ଆୟୋଜିତ କାର୍ଯ୍ୟକ୍ରମରେ ଶ୍ରୀଅରବିନ୍ଦ ସାଧନା ମନ୍ଦିର ସାଧିକା ନିରୂପମା ଚଇନି ସାବିତ୍ରୀ ମନ୍ଦିରରେ ପବିତ୍ର ଦେହାଂଶ ସ୍ଥାପନ କରିଥିଲେ। ଗ୍ରାମର ମୁରବୀ, ପରିଚାଳନା କମିଟି ସଦସ୍ୟ, ଜିଲ୍ଲା ସଂଗଠକ ଓ ଅନ୍ୟାନ୍ୟ ମାତୃପ୍ରେମୀ ଯୋଗ ଦେଇଥିଲେ।

## ବୀଣାପାଣି ବିଦ୍ୟାଳୟ ପୁରାତନ ଛାତ୍ରଛାତ୍ରୀଙ୍କ ଗୁରୁପୂଜନ



ଜଗତସିଂହପୁର,୮।୬(ସମିସ): ଜଗତସିଂହପୁର ସଦର ବ୍ଲକ୍ ଅନ୍ତର୍ଗତ ଓଡ଼ିଶାଗଡ ବୀଣାପାଣି ଉଚ୍ଚବିଦ୍ୟାଳୟ ପରିସରରେ ୧୯୯୫ ମସିହା ପୁରାତନ ଛାତ୍ରଛାତ୍ରୀଙ୍କ ଗୁରୁପୂଜନ ଓ ବନ୍ଧୁ ମିଳନ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ସ୍କୁଲର ପୂର୍ବତନ ପ୍ରଧାନଶିକ୍ଷକ ଘନଶ୍ୟାମ କାନୁନଗୋଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ସ୍କୁଲର ପୁରାତନ ଶିକ୍ଷକ ଗୋବିନ୍ଦ ଜେନା, ସୋମନାଥ ସ୍ୱାଇଁ, ସଚ୍ଚିଦାନନ୍ଦ ରାଉତ, ପ୍ରଦୀପ୍ତ ରାଉତ ପ୍ରମୁଖ ଯୋଗ ଦେଇଥିଲେ। ସେମାନଙ୍କୁ ଛାତ୍ରଛାତ୍ରୀ ଫୁଲ, ଚନ୍ଦନ, ଅଙ୍ଗବସ୍ତ୍ର, ମାନପତ୍ର, ଗଛ ଚାରା ଦେଇ ସମ୍ବର୍ଦ୍ଧିତ କରିଥିଲେ। ଶିକ୍ଷକମାନେ ଛାତ୍ରଛାତ୍ରୀଙ୍କ ଏଭଳି ପ୍ରୟାସକୁ ପ୍ରଶଂସା କରିଥିଲେ ଓ ଆଗାମୀ ପିଢ଼ି କିଭଳି ଗୁରୁ ଛାତ୍ର ପରମ୍ପରାକୁ ବଞ୍ଚାଇ ରଖିପାରିବେ, ସେ ନେଇ ଆଲୋଚନା କରିଥିଲେ। ଏହି କାର୍ଯ୍ୟକ୍ରମକୁ ସୁକାନ୍ତ ବେହେରା, ପ୍ରମୋଦ ପୃଷ୍ଟି, ପ୍ରକାଶ ବେହେରା, ରାଜନାରାୟଣ ମହାନ୍ତି, ସନ୍ଧ୍ୟାରାଣୀ ଦାସ ପ୍ରମୁଖ ପରିଚାଳନା କରିଥିଲେ।

# ଏରସମା ରଜ ମହୋତ୍ସବର ସପ୍ତମ ସନ୍ଧ୍ୟା

ଏରସମା, ୮।୬(ସମିସ): ଏରସମା ରଜ ମହୋତ୍ସବ କମିଟି ପକ୍ଷରୁ ୧୪ତମ ରଜ ମହୋତ୍ସବ ଉତ୍ସବ ଏରସମା ଦେବୀ ଦୋଳ ପଡିଆରେ ଅନୁଷ୍ଠିତ ହେଉଛି। ଆଜି ସପ୍ତମ ସନ୍ଧ୍ୟାରେ ମୁଖ୍ୟଅତିଥି ଭାବେ ବାଲିକୁଦା-ଏରସମା ବିଧାୟକ ସାରଦା ପ୍ରସନ୍ନ ଜେନା ଯୋଗଦେଇ ଉତ୍ସବକୁ ଉଦ୍‌ଘାଟନ କରିଥିଲେ। ଏରସମା ରଜ ମହୋତ୍ସବ କମିଟିର ସଭାପତି ସମୀର ରଞ୍ଜନ ମଲ୍ଲିକ ଅତିଥି ପରିଚୟ ପ୍ରଦାନ କରିବା ସହିତ ବିଧାୟକ ସାରଦା ପ୍ରସନ୍ନ ଜେନାଙ୍କୁ ମହୋତ୍ସବ କମିଟିର




ଦାୟିତ୍ୱ ଦେଇଥିଲେ। ପୂର୍ବରୁ ଏରସମାର ପୂର୍ବତନ ମନ୍ତ୍ରୀ ଦାମୋଦର ରାଉତ ଏରସମା ରଜ ମହୋତ୍ସବ ଆରମ୍ଭ କରିଥିଲେ। ଡ. ରାଉତଙ୍କୁ ଗୁରୁ ଭାବେ ଦାୟିତ୍ୱ ଦେଇଥିଲେ। ଏରସମା ଗ୍ରାମ୍ୟ କମିଟିର ସଭାପତି ଅମୂଲ୍ୟ ବିଶ୍ୱାଳଙ୍କ ସଭାପତିତ୍ୱରେ ମୁଖ୍ୟଅତିଥି ଭାବେ ବାଲିକୁଦା-ଏରସମା ବିଧାୟକ ସାରଦା ପ୍ରସନ୍ନ ଜେନା ଯୋଗଦେଇ ଏରସମା ରଜ ମହୋତ୍ସବକୁ ସ୍ୱର୍ଗତ ଦାମୋଦର ରାଉତ ଆରମ୍ଭ କରିଥିଲେ। ଏହାକୁ ଭାଇଚାରା ସମ୍ପର୍କ ରଖି ସୁଚାରୁରୂପେ ପାଳନ କରାଯାଉଥିବାରୁ ଏରସମା ରଜ ମହୋତ୍ସବ କମିଟିକୁ ଧନ୍ୟବାଦ୍ ଦେଇଥିଲେ। ମୁଖ୍ୟବକ୍ତା ଭାବେ ଏରସମା ବ୍ଲକ ଅଧ୍ୟକ୍ଷା ଲକ୍ଷ୍ମୀପ୍ରିୟା ମହାପାତ୍ର, ସମ୍ମାନିତ ଅତିଥି ଭାବେ ୩ନଂ ଜୋନ୍ ଜିଲ୍ଲା ପରିଷଦ ସଭ୍ୟ ପୀତବାସ ଗୋଛାୟତ ଯୋଗଦେଇଥିଲେ। ରଜ ମହୋତ୍ସବ କମିଟି ସମ୍ପାଦକ ନିରାକାର ସ୍ୱାଇଁ ଧନ୍ୟବାଦ୍ ଦେଇଥିଲେ। ଏ ଅବସରରେ ବିଭିନ୍ନ କଳାକାରଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା। କମିଟି କୋଷାଧ୍ୟକ୍ଷ ସମୀର ସାହୁ, କାର୍ଯ୍ୟକାରୀ ସମ୍ପାଦକ ବିଶ୍ୱଜିତ ମୁଦୁଲି, ଉପସଭାପତି ଜଗନ୍ନାଥ ବିଶ୍ୱାଳ, କାର୍ଯ୍ୟକାରୀ ସଭାପତି କିଶୋର ପଣ୍ଡା ଉତ୍ସବକୁ ପରିଚାଳନା କରିଥିଲେ।

## ଧର୍ମପ୍ରାଣ ସୀତା ରାଉତଙ୍କ ସ୍ମୃତିସଭା

କୁଜଙ୍ଗ,୮।୬(ସମିସ): ପଙ୍କପାଳ ପଞ୍ଚାୟତ ପହଣା ମଠସାହି ଗ୍ରାମର ସ୍ୱର୍ଗତ ରତ୍ନାକର



ରାଉତଙ୍କ ପତ୍ନୀ ଧର୍ମପ୍ରାଣ ସୀତା ରାଉତଙ୍କ ଏକାଦଶରେ ସ୍ମୃତିସଭା ଅନୁଷ୍ଠିତ ହୋଇଯାଇଛି। ପୂର୍ବତନ ସରପଞ୍ଚ ଡା. ଶରତ ଚନ୍ଦ୍ର ମହାପାତ୍ର, ପଙ୍କପାଳ ଶିଶୁ ବିଦ୍ୟାମନ୍ଦିରର ପ୍ରଧାନ ଆଚାର୍ଯ୍ୟ କେଳୁଚରଣ ସାହୁ, ଅଧ୍ୟାପକ କ୍ଷେତ୍ରବାସୀ ରାଉତ, ପ୍ରସନ୍ନ ଦାସ, ଆଇନଜୀବୀ ତପନ ଦାସ, ପଙ୍କପାଳ ବାଣିକ ସଂଘ ସଭାପତି ଫକୀର ଦାସ, ସୁରେଶ ବାରିକ, ନିକୁଞ୍ଜ ଚୌଧୁରୀ, ସନ୍ତୋଷ ଦାସ, ଶିଳ୍ପମନ୍ତ୍ରୀଙ୍କ ପ୍ରତିନିଧି ଦିଲ୍ଲୀପ ବେହେରା ଓ ସମାଜସେବୀ ପ୍ରତାପ ବେହେରା ପ୍ରମୁଖ ଯୋଗଦେଇ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ସଭାକୁ ପ୍ରଫୁଲ୍ଲ ରାଉତ, ଗୋକୁଳାନନ୍ଦ ରାଉତ, ପ୍ରଭାକର ରାଉତ, ସୁଶାନ୍ତ ରାଉତ ପ୍ରମୁଖ ପରିଚାଳନା କରିଥିଲେ।

### କଥା ରଖିଲେ ନିର୍ବାହୀ ଯନ୍ତ୍ରୀ

# ଆନ୍ଦୋଳନ ପୂର୍ବରୁ ଉଠିଲା ସିପି ନିକଟରେ ଥିବା ହମ୍ପ୍ସ

ଜଗତସିଂହପୁର,୮।୬(ସମିସ):



୨୦୨୩ ମସିହାରୁ ଜଗତସିଂହପୁର ଜିଲ୍ଲା ମଧ୍ୟ ଦେଇ ଯାଇଥିବା ୫୫ ନମ୍ବର ଜାତୀୟ ରାଜପଥ ନିର୍ମାଣ କାମ ଜାରି ରହିଥିବାବେଳେ ଜଗତସିଂହପୁର ସହର ଉପକଣ୍ଠସ୍ଥ ସିପି ସୁବର୍ଣ୍ଣବରାହୀ ମନ୍ଦିର ନିକଟରେ ପୂର୍ବରୁ ରହିଥିବା ୧୦ଟି ହମ୍ପ୍ସ ଗମନାଗମନରେ ବାଧା ସୃଷ୍ଟି କରୁଥିଲା। ବିଭିନ୍ନ ସମୟରେ ଏହି ହମ୍ପ୍ସ ଉଠାଇ ଦେବାକୁ ଦାବି ହୋଇଥିଲେ ମଧ୍ୟ ତାହା କାର୍ଯ୍ୟକାରୀ ହୋଇ ନ ଥିଲା। ଏହା ଏକ ବ୍ୟସ୍ତବହୁଳ ରାସ୍ତା ହୋଇଥିବାରୁ ପ୍ରତିଦିନ ସହସ୍ରାଧିକ ଯାନବାହନ ଏହି ରାସ୍ତାରେ ଚଳାଚଳ କରିଥାଏ। ଜାତୀୟ ରାଜପଥରେ ବେଆଇନ ଭାବେ ନିର୍ମାଣ ହୋଇଥିବା ଏହି ହମ୍ପ୍ସ ଯୋଗୁ ପ୍ରତିଦିନ ଛୋଟବଡ଼ ଦୁର୍ଘଟଣା ଘଟୁଥିଲା। ତେଣୁ ଏହି ହମ୍ପସ ଉଠାଇବା ଦାବିରେ ଜୁନ ୯ ତାରିଖରେ ଆନ୍ଦୋଳନ ଡକରା ଦେଇଥିଲେ ସଂଗ୍ରାମୀ ନେତା ବାସୁଦେବ। ଏ ସମ୍ପର୍କରେ ଗତ ଜୁନ ୬ ତାରିଖରେ ବିଭାଗୀୟ ନିର୍ବାହୀ ଯନ୍ତ୍ରୀ ଜୟକୃଷ୍ଣ ରାଉତଙ୍କୁ ଫୋନ ଯୋଗେ ପଚାରିବାରୁ ଆନ୍ଦୋଳନ ପର୍ଯ୍ୟନ୍ତ କଥାଯିବନି, ତା’ ପୂର୍ବରୁଏହି ହମ୍ପ୍ସ ଉଠାଯିବ ବୋଲି କହିଥିଲେ। ଶ୍ରୀ ରାଉତଙ୍କ କଥା ଅନୁସାରେ ୭ ତାରିଖ ବିଳମ୍ବିତ ରାତିରେ ଜେସିବି ସହାୟତାରେ ସମସ୍ତ ୧୦ଟି ହମ୍ପସ ତଡ଼ାଯାଇଥିଲା। ଦୀର୍ଘ ବର୍ଷର ଦାବି ପରେ ହମ୍ପସ ଉଠିଯାଇଥିବାରୁ ଜଗତସିଂହପୁର ସହରବାସୀ ଖୁସିବ୍ୟକ୍ତ କରିବା ସହିତ ଆନ୍ଦୋଳନ ଡକରା ଦେଇଥିବା ସଂଗ୍ରାମୀ ବାସୁଦେବଙ୍କୁ ଧନ୍ୟବାଦ ଜଣାଇଛନ୍ତି।

## ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘର ଧର୍ମ ଜାଗରଣ ସମ୍ମିଳନୀ

ପାରାଦୀପ, ୮।୬ (ସମିସ): ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘ ଧର୍ମ ଜାଗରଣ ସମନ୍ୱୟ ବିଭାଗ ପକ୍ଷରୁ ଓଡ଼ିଶା ପୂର୍ବ ପ୍ରାନ୍ତର ଅଭ୍ୟାସ ବର୍ଗ ଓ ସମ୍ମିଳନୀ ପାରାଦୀପ ସରସ୍ୱତୀ ବିଦ୍ୟାମନ୍ଦିରରେ ଅନୁଷ୍ଠିତ ହୋଇଯାଇଛି। ୭ ତାରିଖରେ ଆରମ୍ଭ ହୋଇଥିବା ଏହି ଦୁଇଦିନିଆ କାର୍ଯ୍ୟକ୍ରମକୁ ଅଖିଳ ଭାରତୀୟ ଅଧିକାରୀ ଶ୍ରୀ ଶ୍ୟାମଜୀ ଉଦ୍‌ଘାଟନ କରିଥିଲେ। ପୂର୍ବ କ୍ଷେତ୍ର ପ୍ରମୁଖ ବିନୟ ଭୂୟାଁଙ୍କ ନେତୃତ୍ୱରେ ପ୍ରାନ୍ତ ପ୍ରମୁଖ ଆଲୋକ ଖଟୁଆ, ସଂଯୋଜକ ମଙ୍ଗୁଳି ପାତ୍ର, ସହସଂଯୋଜକ ଚନ୍ଦ୍ରକାନ୍ତ ପ୍ରଧାନ, ପ୍ରଶାସନିକ ପ୍ରମୁଖ ମାନସ ବୈରୀଶଲ୍ୟ, ବିଧି ପ୍ରମୁଖ ବିଭୁକିଶୋର ପଣ୍ଡା ଓ ସଂସ୍କୃତି ପ୍ରମୁଖ ଶ୍ରୁତି ସାଗର ମହାରାଜଙ୍କ ସହିତ ପୂର୍ବ ପ୍ରାନ୍ତର ୧୬ଟି ଜିଲ୍ଲାରୁ ୨୫୦ ଜଣ ଧର୍ମରକ୍ଷକ ଯୋଗ ଦେଇଥିଲେ। ଜାତିବାଦ ଭୁଲି ହିନ୍ଦୁଧର୍ମ, ସଂସ୍କୃତି ଓ ସଭ୍ୟତାକୁ କିପରି ବିଧର୍ମୀଙ୍କ କବଳରୁ ରକ୍ଷା କରାଯିବ, ତା’ ଉପରେ ମତ ପୋଷଣ କରିଥଲେ। ବନବାସୀ କ୍ଷେତ୍ର ଓ ଦଳିତ ଗ୍ରାମରେ ଚାଲୁଥିବା ବିଧର୍ମୀଙ୍କ କାର୍ଯ୍ୟ ଓ ଗତିବିଧି ଉପରେ ଜନସାଧାରଣଙ୍କୁ ସଚେତନ କରିବାକୁ ପୂର୍ବ କ୍ଷେତ୍ର ପ୍ରମୁଖ ବିନୟ ଭୂୟାଁ ପରାମର୍ଶ ଦେଇଥିଲେ। ଜଗତସିଂହପୁର ଜିଲ୍ଲାର ଧର୍ମ ଜାଗରଣ କର୍ମକର୍ତ୍ତା ଓ ସ୍ଥାନୀୟ ସ୍ୱୟଂସେବକ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ସଦର ରେଞ୍ଜ୍ ଫରେଷ୍ଟର୍‌ଙ୍କ ଅନିୟମିତତା ପାଠ

# ‘ଇ ଡିଏଫଓ କେନ୍‌ସି କାମ୍‌କେ ନାଇଁସେ’

ସମ୍ବଲପୁର, ୮ ।୬(ସମିସ)

କାହାକେ ନାଇଁ ଡର। ଗଲା ଡିଏଫ୍‌ଓ ସାରଙ୍କ ବେଳେ ମଧ ଏନ୍ତା ଠକେଇ ହେଇଛେ। ସେ ଡିଏଫ୍‌ଓ ସାର ତ ପାହାଡ ଚଢୁଥିଲେ। ଇ ଡିଏଫଓ କେନ୍‌ସି କାମ୍‌କେ ନାଇଁସେ। ପାହାଡ କେନୁ ଯାଉଛନ୍ତି। ଏସିଏଫ୍ ବି ଅଧା ଦୂରେ ଅଟକୁଛନ। ତେଣୁ ଯାହା କଲେ ବି କେହି ଜାଣି ନାଇ ପାରନ।

ନାଇଁ ଡର ବୋଲି ଜଣେ ଫରେଷ୍ଟର ରାତ୍ରି ଜଗୁଆଳୀଙ୍କୁ ଅନିୟମିତତା କରିବାକୁ ପାଠ ପଢ଼ାଉଛନ୍ତି।ଏହାର ଅଡ଼ିଓ ଏବେ ଭାଇରାଲ ହେବାରେ ଲାଗିଛି। ସମ୍ବଲପୁର ଡିଏଫ୍‌ଓଙ୍କ ଅଧିନରେ କାର୍ଯ୍ୟରତ ଝାଙ୍କରପାଲି ବିଟର ଜଣେ ମହିଳା ଫରେଷ୍ଟର ଜଣେ ରାତ୍ର ଜଗୁଆଳିଙ୍କୁ ଦୁର୍ନୀତି କରିବାକୁ ବାଧ କରୁଥିବା ସମୟର ଅଡିଓ ଭାଇରାଲ୍ ହେବାରେ ଲାଗିଛି। ବାଉଁଶ ବୁଦା ରକ୍ଷଣାବେକ୍ଷଣା ପାଇଁ ସରକାର କୋଟି କୋଟି ଟଙ୍କା ଖର୍ଚ୍ଚ କରୁଛନ୍ତି। କିନ୍ତୁ ସମ୍ବଲପୁରରେ ଏହାର ବାଟମାରଣ ହୋଇଛି। ଜଣେ ପରେଷ୍ଟର କିପରି କାମ ନକରି ମିଛ ବିଲ କରି ଟଙ୍କା ଉଠାଇ ହେବ ସେ ନେଇ ରାତ୍ରି ଜଗୁଆଳିଙ୍କୁ ଅନିୟମିତତାର ପାଠ ପଢ଼ାଉଛନ୍ତି। ଏପରକି ପୂର୍ବ ଡିଏଫ୍‌ଓଙ୍କ ସମୟରେ ମଧ ଅନିୟମିତତା ହୋଇଥିବା କହିଛନ୍ତି। ସମ୍ବଲପୁରର ପୂର୍ବ ଡିଏଫ୍‌ଓ ନିଲାମ୍ବରମ ପାହଡ଼ ଚଢ଼ି ଯାଞ୍ଚ କରୁଥିଲେ ହେଲେ ମଧ ମିଛ ବିଲ୍ କରି ଟଙ୍କା ଉଠାଯାଇଛି। ଆଉ ଏବେ ଠିବା ଡିଏଫ୍‌ଓ ତ ଯାଞ୍ଚରେ ଆସୁନାହାନ୍ତି। ତେଣୁ କାହାକୁ ଡର ବୋଲି ଫରେଷ୍ଟର କହୁଛନ୍ତି। ସୂଚନା ଅନୁସାରେ, ସଦର ରେଞ୍ଜ ଝାଙ୍କରପାଲି ସେକ୍ସନ ମୁଣ୍ଡର ବିଟ୍‌ରେ ଫରେଷ୍ଟର ଜଣେ ରାତ୍ର ଜଗୁଆଳିଙ୍କୁ ଅନିୟମିତତ



କରିବାକୁ ପାଠ ପଢ଼ାଉଛନ୍ତି। ଅନିୟମିତତ ଧରାପଡ଼ିଯିବା ନେଇ ଭୟ କରୁଛନ୍ତି ରାତ୍ର ଜଗୁଆଳି। ହେଲେ ତାଙ୍କୁ ବାଧ କରୁଛନ୍ତି ଫରେଷ୍ଟର। ଯାହାକି ଅଡିଓରୁ ସ୍ପଷ୍ଟ ଜଣାପଡୁଛି। ବାଉଁଶ ବୁଦା ସଂରକ୍ଷଣ ପାଇଁ ମାଟି ରଖି ପଥର ଫିଙ୍ଗି କରାଯାଏ। ଫଳରେ ବାଉଁଶ ବୁଦା ସଂରକ୍ଷିତ ରହିବ। ହେଲେ ଏହା କାମ ନ କରି ବିଲ୍ କରିବାକୁ ଫରେଷ୍ଟର ରାତ୍ର ଜଗୁଆଳିଙ୍କୁ କହୁଛନ୍ତି। ତୁମେ କେବଳ ପଥର ଉପରେ ନମ୍ବର କର ବାକି ମୁଁ କରିବି। ୭୬୫ ଯାଏଁ ଲେଖା ହୋଇଥିଲା। ଏବେ ୭୬୬ରୁ ଲେଖା ଆରମ୍ଭ କର। କିଏ ଯାଞ୍ଚ କରି ଆସିବ ତୁମେ ଲେଖ। ପୁରୁଣା ହେଉ କି ନୂଆଁ। ପଥର ତ ପଥର। ବେଶି ଥାଉ କି କମ୍ ଥାଉ। ଏଥିରେ ଚିନ୍ତା କରିବାର କିଛି ନାହିଁ। ଟିକେ କିଟେ ଏରିଆ ଛାଡ଼ିକି ଲେଖିଚାଲ। ବାକି ସବୁ ପଛରେ ଦେଖିବା। ତୁମର ଉପରେ କାହିଁକି କିଏ ଦୋଷ ଦେବ ? ଏମ୍ଆର୍(ମୋଷ୍ଟର୍ ରୋଲ୍) ଓ ଭାଉଚର୍‌ରେ ମୁଁ ଦସ୍ତଖତ କଲି।ଏଥିରେ ତୁମର କଣ ଅଛି ଓ ତୁମକୁ କିଏ କାହିଁକି କହିବ ବୋଲି ଫରେଷ୍ଟର ରାତ୍ର ଜଗୁଆଳିଙ୍କୁ କହୁଛନ୍ତି। ଏହି ଅଡିଓ ଏବେ ବନ ବିଭାଗର ଅସଲ ମୁଖା ଖୋଲିଦେଇଛି। କିଭଳି ବନ ବିଭାଗରେ କାମ ହେଉଛି ଓ କିଏ ଏହାକୁ ତଦାରଖ କରୁଛନ୍ତି, ତାହା ଏହି ଅଡିଓରୁ ଜଣାପଡ଼ିଛି। ଫରେଷ୍ଟର ଯେଭଳି ଭାବେ କହୁଛତି, ଡିଏଫ୍‌ଓ ଯାଞ୍ଚ କରୁନାହାନ୍ତି, ତାହା ବନବିଭାଗର ପ୍ରକୃତ ସତ ପଦାକୁ ଆସିଛି। ଯଦି, ଡିଏଫ୍‌ଓ ଓ ଏସିଏଫ୍ ଯାଞ୍ଚ କରୁ ନାହାନ୍ତି ତେବେ ବିଲ୍ ପାଇଁ ଦସ୍ତଖତ କରୁଛି କିଏ ? ନା, ବିନା ଯାଞ୍ଚରେ ଦସ୍ତଖତ କରି କୋଟି କୋଟି ଟଙ୍କା ହଡ଼ପ କରାଯାଉଛି। ଏହି ଦୁର୍ନୀତି କେବଳ ଏହି ରେଞ୍ଜରେ ହୋଇଛି କି ଆଉ କେଉଁ ରେଞ୍ଜରେ ହେଉଛି ତାକୁ ନେଇ ବି ପ୍ରଶ୍ନ ଉଠିଛି। ସେହି ରେଞ୍ଜର ଜଣେ କର୍ମଚାରୀ କହିଛନ୍ତି, ପ୍ରତି ବର୍ଷ ବାଉଁଶ ସୁରକ୍ଷା ପାଇଁ ମନରେଗା ଲକ୍ଷ ଲକ୍ଷ ଟଙ୍କା ଆସିଥାଏ। ବାଉଁଶ ବୁଦାକୁ ସଂରକ୍ଷିତ ରଖିବାକୁ ପଥର ବନ୍ଧେଇ କରାଯାଏ। ଗୋଟିଏ ବୁଦାକୁ ୬୦ ଟଙ୍କା ଦିଆଯାଏ। କିନ୍ତୁ ଏହି ବିଟ୍ ଅଧିନରେ ୪ରୁ ବାନ୍ଧି ବାକି ଟଙ୍କା ହଡ଼ପ ପାଇଁ ମସୁଧା ଚାଲିଥିଲା। ଏ ନେଇ ସମ୍ପୃକ୍ତ ଫରେଷ୍ଟର କିମ୍ବା ଡିଏଫ୍‌ଓଙ୍କ ପ୍ରତିକ୍ରିୟା ମିଳିପାରି ନାହିଁ। ଏହି ଘଟଣାର ତଦନ୍ତ ହେଲେ ବନବିଭାଗର ଅସଲ ମୁଖା ସାମ୍ନାକୁ ଆସିବ ବୋଲି ସାଧାରଣରେ ଦାବି ହୋଇଛି।

**ରାତ୍ର ଜଗୁଆଳିଙ୍କୁ ପ୍ରବର୍ତ୍ତାଉଥିବା ଅଡିଓ ଭାଇରାଲ**

**ପୂର୍ବ ଡିଏଫ୍‌ଓଙ୍କ ବେଳେ ବି ଠକିଥିଲେ**

**ଉଚ୍ଚସ୍ତରୀୟ ତଦନ୍ତ ଦାବି**

## ସୋନପୁର -ସମ୍ବଲପୁର ସୀମାରେ ମାଓବାଦୀ

# ଡ୍ରୋନ୍ ସହାୟତାରେ ଲାଲବାହିନୀକୁ ଖୋଜା



**ସମ୍ବଲପୁର, ୮ ।୬(ସମିସ):** ବହୁ ଦିନର ବ୍ୟବଧାନ ପରେ ପୁଣି ସମ୍ବଲପୁରରେ ସକ୍ରିୟ ହୋଇଛନ୍ତି ମାଓବାଦୀ। ସମ୍ବଲପୁର-ସୋନପୁର ସୀମା ରେ ମାଓବାଦୀ ସକ୍ରିୟଥିବା ଗୁଇନ୍ଦା ବିଭାଗର ଖବର ପରେ ପୁଲିସ ପକ୍ଷରୁ କଡା ସୁରକ୍ଷା ବ୍ୟବସ୍ଥା କରାଯାଇଛି। ସମ୍ବଲପୁର ଜିଲ୍ଲାର ଚାରମାଳ ଥାନା ବଡ଼ମାଳ ଫାଣ୍ଡି ଅଞ୍ଚଳରେ ମାଓବାଦୀ ଗତିବିଧି ଦେଖା ଦେଇଥିବା ପ୍ରତ୍ୟେକ୍ଷଦର୍ଶୀ ସୂଚନା ଦେଇଥିଲେ। ଏହାକୁ ନଜରରେ ରଖି ମାଓବାଦୀ ଗତିବିଧି ଉପରେ କମ୍ବି ଅପେରସନ ଜୋରଦାର କରାଯାଇଛି। ଶନିବାର ରାତି ତମାମ ଅର୍ଦ୍ଧ ସାମରିକ ବାହିନୀ, ଡିଭିଏଫ ଓ ଏସଓଜି ଯବାନଙ୍କୁ ନେଇ ଚାଲିଥିଲା ଅପରେସନ। ଡ୍ରୋନ ସହାୟତାରେ ମାଓବାଦୀ ଖୋଜା ଚାଲିଥିଲା। ମାଳମାଳ ପୁଲିସ କର୍ମଚାରୀ ଚାରମାଳ ଥାନା ଅଞ୍ଚଳରେ ଡେରା ପକାଇଛନ୍ତି। ଛତିଶଗଡ଼ରେ ଜୋରଦାର ଅପରେସନ ପରେ ୧୦୦ ରୁ ଅଧିକ ମାଓବାଦୀ ଏ ଅଞ୍ଚଳକୁ ଆସିଥିବା ଶୁଣାଯାଉଛି। ହେଲେ ଲାଲବାହିନୀଙ୍କ କୌଣସି ପତ୍ତା ମିଳିନଥିବା ବିଶ୍ୱସ୍ତ ସୂତ୍ରରୁ ଖବର ମିଳିଛି। ତେଣୁ ଏହି ଅପରେସନକୁ ସ୍ଥଗିତ କରାଯାଇଛି। ସୂଚନାଯୋଗ୍ୟ, ରେଢ଼ାଖୋଲ ବନଖଣ୍ଡ ଚାରଗଡ଼ ସଂରକ୍ଷିତ ଜଙ୍ଗଲ ଓ ସୋନପୁର ଜିଲ୍ଲା ଉଲୁଣ୍ଡା ବନଖଣ୍ଡର ଗୁଜା ଓ ସିଂହାସନ ସଂରକ୍ଷିତ ଜଙ୍ଗଲ ସଂଲଗ୍ନ ହୋଇ ରହିଛି। ଏହା ସୋନପୁର ଓ ସମ୍ବଲପୁର ଜିଲ୍ଲାର ସୀମାନ୍ତ ଜଙ୍ଗଲ ଅଟେ। ଗତ ମାସରେ ଉଲୁଣ୍ଡା ଜଙ୍ଗଲରେ ମାଓବାଦୀ ପାଦ ଥାପିଥିବା ସୂଚନା ରହିଛି। ସେତେବେଳେ ଠାରୁ ଉକ୍ତ ଜଙ୍ଗଲରେ ମାଓବାଦୀ ମାନେ ରହୁଆସୁଥିଲେ। ଉକ୍ତ ଜଙ୍ଗଲ ମଧରେ ମାଓବାଦୀଙ୍କ ଉପସ୍ଥିତି ନେଇ ପୁଲିସ ବାରମ୍ବାର କମ୍ବି ଜାରିରଖିଥିବା ବେଳେ ବାଧ ହୋଇ ଉକ୍ତ ଜଙ୍ଗଲ ଛାଡି ସଂଲଗ୍ନ ରେଢ଼ାଖୋଲ ଜଙ୍ଗଲକୁ ପ୍ରବେଶ କରିଥିବା ସୂଚନା ମିଳିଛି। ଉଲୁଣ୍ଡାର ସିଂହାସନ ଓ ଗୁଜା ପାହାଡ଼ ଦେଇ ରେଢ଼ାଖୋଲ ବନଖଣ୍ଡର ବଡପାଟି ଜଙ୍ଗଲରେ ଏକ ସପ୍ତାହ ପର୍ଯ୍ୟନ୍ତ ଆତ୍ମଗୋପନ କରିଥିବା ଶୁଣାଯାଉଛି। ଏହା ପରେ ଚାରଗଡ଼ ଜଙ୍ଗଲରେ ଦୀର୍ଘଦିନ ଅବସ୍ଥାନ କରିଛନ୍ତି। ଦୁଇଦିନ ତଳେ ନିକଟସ୍ଥ ଏକ ଗାଁ ମୁଣ୍ଡ ଖସଡ଼ା ଜଙ୍ଗଲରେ ମାଓବାଦୀ ବିଶ୍ରାମ ନେଇଥିବା ବେଳେ କିଛି ସ୍ଥାନୀୟ ଯୁବକ ଦେଖିବାକୁ ପାଇଥିଲେ। ଚାରମାଳ ଥାନା, ବଡ଼ମାଳ ଫାଣ୍ଡି, କିସିଣ୍ଡା ଓ ନାକଟିଦେଉଳ ଥାନାରେ ବ୍ୟାପକ ଭାବେରେ ଫୋର୍ସ ମୁତୟନ କାରାଯାଇଥିବା ଦେଖିବାକୁ ମିଳିଛି। ପୂର୍ବରୁ ଯୁଯୁମୁରା ମେଘପାଲ ଆଦି ଅଞ୍ଚଳ ମାଓବାଦୀଙ୍କ ଗଡ଼ ଥିଲା। ପୂର୍ବରୁ ଏମସିସି ମାଓଇଷ୍ଟ କମ୍ୟୁନିଷ୍ଟ ସେଣ୍ଟର୍ ଓ ପରେ ସିପିଆଇ ମାଓବାଦୀ ହୋଇଥିବା ମାଓ ସଂଗଠନର ଏସଡିଏସ (ସମ୍ବଲପୁର ଦେବଗଡ଼ ଓ ସୁନ୍ଦରଗଡ଼) ଏ ଅଞ୍ଚଳ ହେଉଛି ରେଡ କରିଡର। ଛତିଶଗଡ଼ ଓ ଆନ୍ଧ୍ର ପଟରୁ ସୋନପୁର ସମ୍ବଲପୁର ଦେବଗଡ଼ ସୁନ୍ଦରଗଡ଼ ଦେଇ ଝାଡ଼ଖଣ୍ଡକୁ ସଂଯୋଗ କରୁଛି ଏହି ଏସିଡିଏସ ରେଡ କରିଡର। ଗୋପନୀୟତା ଦୃଷ୍ଟିରୁ ପୁଲିସ ଏ ସମ୍ପର୍କରେ କୌଣସି ଖବର ଦେଉନାହିଁ।

**ରାତି ତମାମ କମ୍ବି, ମିଳିଲାନି ପତ୍ତା**

**ବନ୍ଦ ରହିଲା ଅପରେସନ !**

## ବଳମ ଶିଶୁମନ୍ଦିରପଡ଼ାରେ ପାଣି ସମସ୍ୟା

# ଆଦେଶ ମାନୁନି ବିଭାଗ

**ନାକଟିଦେଉଳ, ୮ ।୬ (ସମିସ):** ସମ୍ବଲପୁର ଜିଲ୍ଲା ନାକଟିଦେଉଳ ବ୍ଲକ ଅନ୍ତର୍ଗତ ବଳମ ପଞ୍ଚାୟତର ଶିଶୁମନ୍ଦିର ସାହିରେ ଦୀର୍ଘ ଦିନ ହେବ ପାଣି ସମସ୍ୟା ଲାଗିରହିଛି।ଏ ନେଇ ୨୩.୧୨.୨୦୨୪ ତାରିଖରେ ବଳମ ପଞ୍ଚାୟତ ତରଫରୁ ପତ୍ର ସଂଖ୍ୟା ୪୦ରେ ନାକଟିଦେଉଳ ବିଡିଓଙ୍କୁ ପତ୍ର ମଧ ଲେଖାଯାଇଥିଲା। ସେହି ତାରିଖରେ ସରକାରଙ୍କ ଅଭିଯୋଗ ଶୁଣାଣିରେ ଗ୍ରାମର ମନୋଜ ବେହେରା ଅଭିଯୋଗ ମଧ କରିଥିଲେ। ଗତ ୧୩.୩.୨୦୨୫ରେ ନାକଟିଦେଉଳ ବ୍ଲକ ତରଫରୁ ପତ୍ର ସଂଖ୍ୟା ୧୦୮୨ରେ ଶିଶୁମନ୍ଦିର ସାହିରେ ତୁରନ୍ତ ନଳକୂପ ଖୋଳିବା ପାଇଁ ସମ୍ବଲପୁର ଜିଲ୍ଲପାଳଙ୍କୁ ଅନୁରୋଧ କରାଯାଇଥିଲା। କିନ୍ତୁ ଦୁଃଖର ବିଷୟ ବର୍ତ୍ତମାନ ଆସିଥିବା ଲିଷ୍ଟରେ ଶିଶୁମନ୍ଦିର ସାହିର ନାମ ନଥିବା ବେଳେ ପାଣିର ସୁବିଧା ଥିବା ସ୍ଥାନରେ ନଳକୂପ ଖୋଳାଯାଉଥିବା ଦେଖିବାକୁ ମିଳୁଛି। ନିର୍ଦ୍ଦେଶକୁ ନମାନି ନିଜର ସ୍ୱାର୍ଥ ହିସାବରେ ଲିଷ୍ଟ ତିଆରି କରି ବିଭାଗ ନୂତନ ନଳକୂପ ଖୋଲୁଥିବା ସାଧାରଣରେ ଚର୍ଚ୍ଚା ହେଉଛି।

# ରକ୍ତଦାନ ଶିବିରରେ ୩୮ ୟୁନିଟ୍ ସଂଗୃହୀତ

**କୁଚିଣ୍ଡା, ୮ ।୬(ସମିସ):** ଓଡ଼ିଶାରେ ବିଜେପି ସରକାରର ବର୍ଷ ପୂର୍ତ୍ତି ଉପଲକ୍ଷେ କୁଚିଣ୍ଡା ନଗର ମଣ୍ଡଳ ସଭାପତି ପ୍ରାଣବନ୍ଧୁ ନାଥଙ୍କ ନେତୃତ୍ୱରେ କୁଚିଣ୍ଡା କଲେଜ ଅଡିଟୋରିୟମରେ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଥିଲା। କୁଚିଣ୍ଡା ରକ୍ତ ଭଣ୍ଡାରର ସମସ୍ତ କର୍ମଚାରୀମାନେ ରକ୍ତଦାତାଙ୍କ ଠାରୁ ରକ୍ତ ସଂଗ୍ରହ କରିଥିଲେ। ମୋଟ ୩୮ ୟୁନିଟ୍ ରକ୍ତ ସଂଗ୍ରହ ହୋଇଥିଲା। ରକ୍ତଦାନ ଶିବିରକୁ କୁଚିଣ୍ଡା ଉପଖଣ୍ଡ ଚିକିତ୍ସା ଅଧିକାରୀ ଡ଼ଃ ସୁବୋଧ ନାଏକ ଉଦ୍‌ଘାଟନ କରିଥିଲେ। ତାଙ୍କ ସହିତ କୁଚିଣ୍ଡା ଜୋନ ୨ ଜିଲ୍ଲା ପରିଷଦ ସଦସ୍ୟ ଦିବ୍ୟରାଜ କିସାନ, କୁଚିଣ୍ଡା ବ୍ଲକ ଉପାଧକ୍ଷ ରଶ୍ମିତା ନାଏକ, ବରିଷ୍ଠ ଓକିଲ ସୈଲେନ୍ଦ୍ର ନାଏକ, ଚୈତ୍ର ମଣ୍ଡଳ ସଭାପତି ରାଜକୁମାର ରକ୍ସା, ସାଂସଦ ପ୍ରତିନିଧି ଅରୁଣ ଅଗ୍ରୱାଲ, ବରିଷ୍ଠ କାର୍ଯ୍ୟକର୍ତ୍ତା ସୁଶିଲ ଅଗ୍ରୱାଲ, ସରୋଜ ପଣ୍ଡା, ପୁଷ୍ପାଞ୍ଜଳି ପଟେଲ, କୁଞ୍ଜଲତା ନାଏକ, ଗାୟତ୍ରୀ ଚାଲାନ, ମାରୱାଡି ଯୁବା ମଞ୍ଚର ରାହୁଲ ଅଗ୍ରୱାଲ, ଆତିଶ ଅଗ୍ରୱାଲ ପ୍ରମୁଖ ଉପସ୍ଥିତ ଥିଲେ।



## କନିଅର ଫଳ ଖାଇ ନାବାଳିକା ଗୁରୁତର

**ରେଢ଼ାଖୋଲ, ୮ ।୬ (ସମିସ):** ସମ୍ବଲପୁର ଜିଲ୍ଲା ରେଢ଼ାଖୋଲ ବ୍ଲକ ଲୁହାପଙ୍କ ପଞ୍ଚାୟତ ସାଧୁମୁଣ୍ଡା ଗ୍ରାମରେ ରବିବାର ଦିନ ଜଣେ ନାବାଳିକା କନୀଅର ଫଳ ଖାଇ ଗୁରୁତର ହୋଇଛି। ସୂଚନା ଯୋଗ୍ୟ ଯେ ସାଧୁମୁଣ୍ଡା ଗ୍ରାମର ଜଣେ ନାବାଳିକା କୌଣସି କାରଣରୁ କାନୀଅରଗଛର ଫଳ ଖାଇ ଦେଇଥିଲା। ନାବାଳିକା ଜଣଙ୍କ ଗୁରୁତର ହେବାରୁ ପରିବାର ଲୋକ ରେଢ଼ାଖୋଲ ଉପଖଣ୍ଡ ଚିକିତ୍ସାଳୟକୁ ଆଣି ଭର୍ତ୍ତି କରିଥିଲେ। ଚିକିତ୍ସା ପରେ ନାବାଳିକାର ସ୍ୱାସ୍ଥ୍ୟବସ୍ଥା ଠିକ୍ ରହିଛି।

## ଯୁବକଙ୍କ ଆତ୍ମହତ୍ୟା ଅଭିଯୋଗ

**ସମ୍ବଲପୁର, ୮ ।୬ (ସମିସ):** ଟାଉନ ଥାନା ଅନ୍ତର୍ଗତ ଧୂତୁରାପଡ଼ାରେ ଜଣେ ବ୍ୟକ୍ତିଙ୍କ ଆତ୍ମହତ୍ୟା। ମିଳିଥିବା ସୂଚନା ଅନୁସାରେ ଧୂତୁରାପଡ଼ାର ଅଜିତ ନାମକ ଜଣେ ବ୍ୟକ୍ତି ଘରେ ଓଢଣୀ ଲଗାଇ ଆତ୍ମହତ୍ୟା କରିଥିବା ଅଭିଯୋଗ ହୋଇଛି ।ସେ କେଉଁ କାରଣ ପାଇଁ ଆତ୍ମହତ୍ୟା କରିଛନ୍ତି ତାହା ସ୍ପଷ୍ଟ ହୋଇନାହିଁ। ଟାଉନ ପୁଲିସ ପହଞ୍ଚି ତଦନ୍ତ ଆରମ୍ଭ କରିଛି। ଶବ ବ୍ୟବଚ୍ଛେଦ ପରେ ମୃତ୍ୟୁର କାରଣ ଜଣାପଡ଼ିବ ବୋଲି ପୁଲିସ କହିଛି।

## ଜଗନ୍ନାଥ ମନ୍ଦିରର ରତ୍ନମୁଦ ଉତ୍ସବ



**ରେଢ଼ାଖୋଲ, ୭ ।୬(ସମିସ):** ସମ୍ବଲପୁର ଜିଲ୍ଲା ରେଢ଼ାଖୋଲ ବ୍ଲକ ଚାରମାଳ ଗ୍ରାମରେ ରବିବାର ଶ୍ରୀଜଗନ୍ନାଥ ମନ୍ଦିର ରତ୍ନମୁଦ ସ୍ଥାପନ ହୋଇଯାଇଛି। ଦୀର୍ଘ ୧୦୦ ବର୍ଷରୁ ଉର୍ଦ୍ଧ୍ୱ ହେବ ଏକ ଗୁଡ଼ି ଘରରେ ଶ୍ରୀ ଜଗନ୍ନାଥ ପୂଜା ପାଇ ଆସୁଥିଲେ। ବିଭିନ୍ନ ସମୟରେ ଶ୍ରୀ ଜଗନ୍ନାଥ ପର୍ବ ପର୍ବାଣୀ ପୂଜାର୍ଚ୍ଚନା ପାଳନ କରାଯାଉଥିଲା। ରାଜ୍ୟ ସରକାରଙ୍କ ମନ୍ଦିର ଉନ୍ନତିକରଣ ପାଇଁ ଦେଇଥିବା ସହାୟତା ଅର୍ଥ ଅନୁଦାନ ଏବଂ ଗ୍ରାମବାସୀଙ୍କ ପ୍ରୟାସରେ ଭବ୍ୟ ଶ୍ରୀ ଜଗନ୍ନାଥ ମନ୍ଦିର ରତ୍ନମୁଦ ସ୍ଥାପନ ହୋଇଯାଇଛି। ରବିବାର ସକାଳୁ ମନ୍ଦିର ରତ୍ନମୁଦ ସ୍ଥାପନ ପାଇଁ ନିତିନିତି ବିଦ୍ଧିବିଦ୍ଧ ଅନୁଯାୟୀ ପୂଜାର୍ଚ୍ଚନା ଆରମ୍ଭ କରାଯାଇଥିଲା। ହୋମଯଜ୍ଞ କରାଯାଇ ପୂଜାର୍ଚ୍ଚନା ପୂର୍ବକ ରତ୍ନମୁଦ ସ୍ଥାପନ ହୋଇଥିଲା। ଚାରମାଳ ଗ୍ରାମବାସୀ ସକ୍ରିୟ ସହଯୋଗ କରିଥିଲେ।

## ■ ଅହିର ରେଜିମେଣ୍ଟ ପ୍ରତିଷ୍ଠା ହେଉ

# ରେଜାଙ୍ଗଲା କଳସ ଯାତ୍ରାକୁ ଭବ୍ୟ ସ୍ୱାଗତ

**ସମ୍ବଲପୁର, ୮ ।୬(ସମିସ):** ବିହାରର ଚମ୍ପାରଣରୁ ଆରମ୍ଭ ହୋଇ ସମଗ୍ର ଭାରତ ପରିକ୍ରମା କରୁଥିବା ପବିତ୍ର- ରେଜାଙ୍ଗଲା ରାଜ କଳସ ଯାତ୍ରାକୁ ସମ୍ବଲପୁରରେ ଭବ୍ୟ ସ୍ୱାଗତ କରାଯାଇଛି। ରେଜାଙ୍ଗଲା’ରେ ପବିତ୍ର ମାଟିକୁ ନେଇ ବାହାରିଥିବା କଳସ ବରଗଡ଼ରୁ ଆସି ଚାଉଁରପୁରରେ ପହଞ୍ଚିବା ପରେ ସମ୍ବଲପୁର ଜିଲ୍ଲା ଯାଦବ ମହାସଭା ଏବଂ ସମ୍ବଲପୁର ଯାଦବ ସଂଘ ପକ୍ଷରୁ ଆୟୋଜିତ ବିଶାଳ ବାଇକ୍ ଶୋଭାଯାତ୍ରାକୁ ଉତ୍କଳ ଯାଦବ ମହାସଭାର କାର୍ଯ୍ୟକାରୀ ସଭାପତି ସୁଭାଷ ବେହେରା ପତାକା ଦେଖାଇ ଶୁଭାରମ୍ଭ କରିଥିଲେ। ଶୋଭାଯାତ୍ରା ନେଲସନ୍ ମଣ୍ଡେଲା ଛକସ୍ଥିତ ସହିଦ ସ୍ତମ୍ଭରେ ରଖାଯିବା ପରେ ବିଭିନ୍ନ ଅନୁଷ୍ଠାନ ଏବଂ ବ୍ୟକ୍ତିବିଶେଷ ପକ୍ଷରୁ ସ୍ୱାଗତ କରାଯିବା ସହିତ ସହିଦ ଭାରତୀୟ ଯବନଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ଏହା ପରେ ଶୋଭାଯାତ୍ରା ଓଡ଼ିଶା ସାଂସ୍କୃତିକ ସମାଜରେ ପହଞ୍ଚି ଥିଲା। ଜିଲ୍ଲା ଯାଦବ ମହାସଭର ସଭାପତି ଭୋଲାଶଙ୍କର ମହତମଙ୍କ ଅଧକ୍ଷତାରେ ଅନୁଷ୍ଠିତ ସଭାରେ ଅହରି ରେଜିମେଣ୍ଟର ଆବାହକ ବ୍ରିଗେଡ଼ିଅର(ଅବସରପ୍ରାପ୍ତ) ପ୍ରଦୀପ ଯାଦୁ ମୁଖ୍ୟଅତିଥି ଭାବେ ଯୋଗଦେଇ ଦେଶ ପାଇଁ ବଳିଦାନ ଦେଇଥିବା ଯାଦବ ସୈନିକଙ୍କ ସମ୍ପର୍କରେ ବିଭିନ୍ନ ତଥ୍ୟ ପ୍ରମାଣ ଦେଇ ଯାଦବମାନଙ୍କୁ ଏକ ବୀର ଜାତି ଭାବେ ଉପସ୍ଥାପନ କରିଥିଲେ। ସମ୍ମାନିତ ଅତିଥି ଅଖିଳ ଭାରତ ଯାଦବ ମହାସଭା ମହିଳା ଶାଖାର ସଭାନେତ୍ରୀ ମଞ୍ଜୁ ଯାଦୁ ଦେଶରେ ଯାଦବମାନଙ୍କ ପ୍ରତି ହେଉଥିବା ଅବହେଳା ସମ୍ପର୍କରେ ଆଲୋକପାତ କରିବା ସହିତ ଆସନ୍ତା ନଭେମ୍ବର ମାସରେ ଅହିର ରେଜିମେଣ୍ଟ ସ୍ଥାପନ ଦାବିରେ ହେବାକୁ ଥିବା ସମାବେଶରେ ସଫଳ କରିବାକୁ ଆହ୍ୱାନ ଦେଇଥିଲେ। ସମ୍ମାନିତ ଅତିଥି ଉତ୍କଳ ଯାଦବ ମହାସଭାର କାର୍ଯ୍ୟକାରୀ ସଭାପତି ସୁଭାଷ ବେହେରା ଲକ୍ଷ୍ୟ ହାସଲ ପାଇଁ ଯାଦବମାନଙ୍କୁ ସଂଗଠିତ ହେବାକୁ ଆହ୍ୱାନ ଦେଇଥିଲେ। ସଭାରେ ଜିଲ୍ଲା ଯାଦବ ମହାସଭାର ଉପସଭାପତି ଶିବଶମ୍ଭୁ ଯାଦବ, ସାଧାରଣ ସମ୍ପାଦକ ହେମନ୍ତ ଗହୀର, ପଶ୍ଚିମ ଓଡ଼ିଶା ପୂର୍ବତନ ସୈନିକ ସଂଘର ଏସ୍ଏନ୍ ବେହେରା, ହେମନ୍ତ ଗହୀର ପ୍ରମୁଖ ମଞ୍ଚାସୀନ ଥିଲେ। ଉତ୍କଳ ଯାଦବ ମହାସଭାର ମିଡିଆ ପ୍ରକୋଷ୍ଠ ସଂଯୋଜକ ରତ୍ନାକର ଭୋଇ ଧନ୍ୟବାଦ ଅର୍ପଣ କରିଥିଲେ। ସମୀର ବାବୁ, ଡା. ସଞ୍ଜୀବ ମିଶ୍ର, ରାମଦାସ ପଣ୍ଡା, ସନ୍ଦୀପ ପଟ୍ଟନାୟକ, ଦୀପକ ପାଣ୍ଡେ, କାର୍ତ୍ତିକ ବହିଦାର, ଶିବକୁମାର ଅଗ୍ରୱାଲ, ଶିଶିର ବହିଦାର ପ୍ରମୁଖଙ୍କ ନେତୃତ୍ୱରେ ବିଭିନ୍ନ ଜାଗାରେ ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ଯାତ୍ରାକୁ ସ୍ୱାଗତ କରାଯାଇଥିଲା।



## ଝୁଲନ୍ତା ମୃତଦେହ ଉଦ୍ଧାର

**ସମ୍ବଲପୁର, ୮ ।୬(ସମିସ):** ଝୁଲନ୍ତା ଅବସ୍ଥାରେ ଜଣଙ୍କ ମୃତଦେହ ଉଦ୍ଧାର ହୋଇଛି। ମୃତକ ଜଣଙ୍କ ସରଲାକାନୀର ଦୀପକ ଓରାମ(୫୦)। ପରିବାର ଲୋକଙ୍କ କହିବାନୁଯାୟୀ, ଦୀପକ ସବୁବେଳେ ମଦ ପିଅନ୍ତି। ଆଜି ମଦ ପିଇବା ପାଇଁ ତାଙ୍କ ସ୍ତ୍ରୀଙ୍କୁ ଟଙ୍କା ମାଗିଲେ। ମନା କରିବାରୁ ସେ ରାଗି ଯାଇ ନିଜ ସାଇକଲରେ ବାହାରକୁ ପଳାଇଥିଲେ। ପରିବାର ଲୋକେ ଖୋଜାଖୋଜି କରିବା ପରେ ସେ ଗଛରେ ବେକରେ ଗାମୁଛା ବାନ୍ଧି ଝୁଲିଥିବା ଦେଖିବାକୁ ପାଇଥିଲେ। ଆତ୍ମହତ୍ୟା ସନ୍ଦେହ କରି ଧନୁପାଲି ପୁଲିସକୁ ଏ ବିଷୟରେ ଜଣାଇଥିଲେ। ପୁଲିସ ଘଟଣାସ୍ଥଳରେ ପହଞ୍ଚି ଶବ ବ୍ୟବଚ୍ଛେଦ ପାଇଁ ପଠାଇଥିଲା। ଏନେଇ ପୁଲିସ ପକ୍ଷରୁ ଅପମୃତ୍ୟୁ ମାମଲା ରୁଜୁ କରାଯାଇଛି।

## ରାଷ୍ଟ୍ର ନିର୍ମାଣରେ ଯୁବ ପ୍ରସ୍ତୁତି ପ୍ରଶିକ୍ଷଣ

# ‘ପରିବେଶ ପ୍ରଦୂଷଣ ରୋକିବା ସମସ୍ତଙ୍କ ଦାୟିତ୍ୱ’




**ସମ୍ବଲପୁର, ୮ ।୬(ସମିସ):** ସମ୍ବଲପୁର ପବ୍ଲିକ୍ ଲାଇବ୍ରେରୀ ପ୍ରେକ୍ଷାଳୟରେ ୨୦୨୫ ବର୍ଷ ପାଇଁ ରାଷ୍ଟ୍ର ନିର୍ମାଣରେ ଯୁବ ପ୍ରସ୍ତୁତି ପ୍ରଶିକ୍ଷଣ ଶିବିରର ସପ୍ତମ ସପ୍ତାହର ଶିକ୍ଷାଦାନ ସମାପନ ହୋଇଯାଇଛି ।ପୂଜାର୍ଚ୍ଚନା ଓ ପ୍ରାର୍ଥନା ପରେ ଔପଚାରିକ ଭାବେ ପ୍ରଥମ ଅଧିବେଶନ ନୈତିକ ଶିକ୍ଷା ଆଧାରରେ ପ୍ରଶିକ୍ଷଣର ପ୍ରସଙ୍ଗ ‘ପରିବେଶ ପ୍ରଦୂଷଣ ଓ ନିୟନ୍ତ୍ରଣ’ ଉପରେ ରହିଥିଲା। ପ୍ରଶିକ୍ଷଣ ଆରମ୍ଭ କରି ରାଜ୍ୟ ପ୍ରଦୂଷଣ ଓ ନିୟନ୍ତ୍ରଣ ବୋର୍ଡ଼ ସମ୍ବଲପୁର ଆଞ୍ଚଳିକ ଅଧିକାରୀ ଡ. ସତ୍ୟନାରାୟଣ ନନ୍ଦ ପ୍ରଦୂଷଣର ବିଭନ୍ନ ଦିଗ ଉପରେ ଆଲୋଚନା କରି ଜଳ, ବାୟୁ ଓ ମାଟି ପ୍ରଦୂଷଣର କାରଣ, ଭୟାବହତା ଓ ନିୟନ୍ତ୍ରଣ ବୁଝେଇ ସଚେତନତା ସୃଷ୍ଟି ପାଇଁ ଆହ୍ୱାନ ଦେଇଥିଲେ। ଦ୍ୱିତୀୟ ଅଧିବେଶନ ବିଜ୍ଞାନ ପ୍ରସଙ୍ଗ ଉପରେ ଆଲୋଚନା ଆରମ୍ଭ କରି ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟର କମ୍ପ୍ୟୁଟର ବିଭାଗର ସହକାରୀ ଅଧ୍ୟପିକା ଡ.ସାଗରିକା ମିଶ୍ର ମୋବାଇଲର କାରିଗରୀ କୌଶଳ ଏହାର ଉପକରିତା ଓ ଅପକାରିତା ଉପରେ ଆଲୋଚନା କରିଥିଲେ। ମୋବାଇଲରେ କଥାବାର୍ତ୍ତା, ଖବର ଆଦାନ ପ୍ରଦାନ, ସୋସିଆଲ ମିଡିଆ ଓ ସାଇବର କ୍ରାଇମରୁ ଆସୁଥିବା ନକଲି ପ୍ରସାର ପ୍ରତି ସାବଧାନ ହେବା ସହ ଦୂରେଇ ରହିବାକୁ ପରାମର୍ଶ ଦେଇଥିଲେ। ସଂଯୋଜକ ରାଜେନ୍ଦ୍ର ପଣ୍ଡା ପିଲାଙ୍କୁ ମୌଳିକ ଇଂରାଜୀ ଶିକ୍ଷା ପ୍ରଦାନ କରିବା ସହ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ। ପ୍ରଦୂଷଣ ନିୟନ୍ତ୍ରଣ ଅଧିକାରୀଙ୍କ ଦ୍ୱାରା ପ୍ରଦତ୍ତ ସ୍କୁଲ ବ୍ୟାଗ ଓ ଲଇବ୍ରେରୀ ତରଫରୁ ଚିହ୍ନଟ କାର୍ଡ ପ୍ରତ୍ୟେକ ପ୍ରଶିକ୍ଷାର୍ଥୀଙ୍କୁ ପ୍ରଦାନ କରାଯାଇଥିଲା। ସମ୍ପାଦକ ରଘୁନାଥ ମିଶ୍ର, ପ୍ରଫେସର ସେବକ ତ୍ରିପାଠୀ, ଅର୍ଜୁନ ପଣ୍ଡା, ଇଂ ସୁଶାନ୍ତ କୁମାର ଗୁରୁ, ଡ. ଜୟଦେବ ମେହେର ଓ ପୃଥ୍ୱୀରାଜ ମିଶ୍ର ପ୍ରମୁଖ ଉପସ୍ଥିତ ଥିବା ବେଳେ ବିଜୟ କୁମାର ସାହୁ ବୈଷୟିକ ସହାୟତା ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମରେ ୧୮ ଟି ବିଦ୍ୟାଳୟରୁ ୪୭ ଜଣ ଛାତ୍ରଛାତ୍ରୀ ଉପସ୍ଥିତ ଥିଲେ।

## ମିଲ୍ ଟାର୍ଗେଟ ନୀତିରେ ଚାଷୀ ହନ୍ତସନ୍ତ

# ଉଠିଲାନି ଧାନ, ଆଜି ଏନ୍‌ଏଚ-୫୩ ଅବରୋଧ

ସମ୍ବଲପୁର, ୮ ।୬(ସମିସ)

ଚାଷୀଙ୍କ ସମସ୍ୟା ସମାଧାନ କରିବା ଆଶା ଦେଖାଇ ରାଜ୍ୟରେ ବିଜେପି ସରକାର କଲା। କିନ୍ତୁ ଚାଷୀଙ୍କ ସମସ୍ୟା ଦୂର କରିବା ବଦଳରେ ବଢେଇ ଦେଇଛି। ମିଲରେ ଧାନ ଟାର୍ଗେଟ ମିଳୁନି ଏପରି ପ୍ରସଙ୍ଗ ଗତ ୨୦ ବର୍ଷ ଯାଏ ଚାଷୀମାନେ ଶୁଣି ନାହାନ୍ତି। କିନ୍ତୁ ନୂତନ ସରକାର ଆସିବା ମାତ୍ରେ ମିଲ ଟାର୍ଗେଟ ନୀତିରେ ଚାଷୀମାନେ ଅଧିକ ପେଶି ହେଉଥିବା ସମ୍ବଲପୁର ଜିଲ୍ଲା କୃଷକ ସୁରକ୍ଷା ସଂଗଠନର ସଭାପତି ଦେବେନ୍ଦ୍ର ପ୍ରଧାନ କହିଛନ୍ତି। ସେ କହିଛନ୍ତି, ଜିଲ୍ଲାରେ ମେ ୧୪ରୁ ଧାନ ସଂଗ୍ରହ ଆରମ୍ଭ ହୋଇଥିଲା। କିନ୍ତୁ ଅଳ୍ପ ଦିନ ପରେ ଜିଲ୍ଲାର ସବୁ ମଣ୍ଡିରେ ଧାନକ୍ରୟ ବନ୍ଦ ରହିଛି। ମଣ୍ଡିକୁ ଧାନ ଆଣିଲେ ଟୋକନ ଥାଇ ବି ଚାଷୀ ଧାନ ବିକ୍ରି କରି ପାରୁନାହିଁ। ମିଲର୍‌ଙ୍କୁ କୌଣସି ଟାର୍ଗେଟ ଦେଉନଥିବାରୁ ଚାଷୀ ବିକ୍ରି କରି ପାରୁନାହିଁ। ତବଲା, ନୂଆମୁଣ୍ଡା ଆଦି ଜିଲ୍ଲାର ବିଭିନ୍ନ ମଣ୍ଡିରେ ଦିନରାତି ଧାନ ଜଗୁଛି ଚାଷୀ। ଲକ୍ଷ ଲକ୍ଷ ଧାନ ପ୍ୟାକେଟ ମଣ୍ଡିରେ ପଡ଼ିରହିଛି। ତବଲାରେ ଧାନ କ୍ରୟ ହୋଇ ନଥିବା ଯୋଗୁଁ ଆଜି ଚାଷୀମାନେ ସମବାୟ ସମିତି ଓ ଧାନ ମଣ୍ଡିକୁ ତାଲି ପକାଇ ପ୍ରତିବାଦ କରିଥିଲେ। ମଣ୍ଡି ସଭାପତି ସୁବ୍ରତ ପଧାନଙ୍କ ନେତୃତ୍ୱରେ ଶତାଧିକ ଚାଷୀ ପ୍ରତିବା କରିଥିଲେ। ଖରିଫ ଧାନ କ୍ରୟ ବେଳେ ମଧ କଟ୍‌ନୀ ଛଟ୍‌ନୀ ଓ ଏଫଏକ୍ୟୁ ମାନରେ ଚାଷୀ ପେଶି ହୋଇଥିଲା। ବିନା କଡ୍‌ନୀ ଛଟନୀରେ କୌଣସି ମଣ୍ଡିରୁ ଧାନ ଉଠୁନଥିବା ପରି ଅଭିଯୋଗ ହୋଇଥିଲା। କିନ୍ତୁ ଯୋଗାଣ ମନ୍ତ୍ରୀ ବିନା କଟ୍‌ନୀ ଛଟ୍‌ନୀରେ ଧାନ କ୍ରୟ ହୋଇଥିବା କହିଥିଲେ। ଆଗକୁ ଏପରି ସମସ୍ୟା ହେବ ନାହିଁ ବୋଲି ମଧ ସମ୍ବଲପୁର ଗସ୍ତରେ ଆସି ଚାଷୀଙ୍କୁ ପ୍ରତିଶ୍ରୁତି ଦେଇଥିଲେ। କିନ୍ତୁ ରବି ଫସଲ କ୍ରୟ ବେଳେ ପୁଣି ଯନ୍ତ୍ରଣା ଭୋଗୁଛନ୍ତି ଚାଷୀ। ଜିଲ୍ଲାରେ ରବି ଧାନକ୍ରୟ ସକାଶେ ପ୍ରାରମ୍ଭିକ ଭାବେ ୮ ଲକ୍ଷ ୭୩ ହଜାର ୧୭୦ କ୍ୱିଣ୍ଟାଲ ଟାର୍ଗେଟ୍ ଦିଆଯାଇଥିବା ବେଳେ ପରେ ୨ ଲକ୍ଷ ୧୯ ହଜାର କ୍ୱିଣ୍ଟାଲ ଧାନକିଣା ପାଇଁ ଟାର୍ଗେଟ୍ ଆସିଥିଲା। କିନ୍ତୁ ପଞ୍ଜିକୃତ ଚାଷୀଙ୍କ ସଂଖ୍ୟା ଅନୁଯାୟୀ ଏହା ପର୍ଯ୍ୟାପ୍ତ ନୁହେଁ। ଚାଷୀମାନେ ମଣ୍ଡିକୁ ଦୈନିକ ପ୍ରାୟ ୭ ରୁ ୧୦ ହଜାର ପ୍ୟାକେଟ୍ ଧାନ ନେଉଥିବା ବେଳେ ଟାର୍ଗେଟ୍ ନଥିବାରୁ ମଣ୍ଡିମାନଙ୍କରେ ଅପେକ୍ଷା କରି ରହୁଛନ୍ତି କିମ୍ବା ଫେରାଇ ନେଉଛନ୍ତି। ଧାନ କ୍ରୟ ବନ୍ଦ ଥିବାରୁ ଚାଷୀମାନେ ଜିଲ୍ଲାପାଳଙ୍କ ଦ୍ୱାରସ୍ଥ ମଧ ହୋଇଥିଲେ। କିନ୍ତୁ ଜିଲ୍ଲା ପ୍ରଶାସନର ଉଦାସୀନତା ପାଇଁ ଧାନ ମଣ୍ଡିରୁ ଉଠୁନଥିବା ଅଭିଯୋଗ ହୋଇଛି। ଏହାକୁ ପ୍ରତିବାଦ କରି ସୋମବାର ତବଲା, କୁକୁଡ଼ାପାଲି, ପରମାନପୁର ଚାଷୀ ସଂଗଠନ ସିନ୍ଦୁରପଙ୍କ ଜାତୀୟ ରାଜପଥ ୫୩କୁ ସକାଳେ ଅବରୋଧ କରିବା ନେଇ ସୂଚନା ଦେଇଛନ୍ତି।

**‘ପୂର୍ବ ସରକାରଙ୍କ ବେଳେ ଏପରି ନଥିଲା’**



### କଳାହାଣ୍ଡିରେ ପଛୁଆ ବର୍ଗ ମଞ୍ଚର କର୍ମକର୍ତ୍ତା ଚୟନ

# ଓବିସିଙ୍କ ପାଇଁ ସଂରକ୍ଷଣ ବ୍ୟବସ୍ଥା ନ ହେଲେ ଆନ୍ଦୋଳନ



**ଭବାନୀପାଟଣା, ୮ ।୬(ସମିସ):** ସ୍ଥାନୀୟ ଭବାନୀପାଟଣା ଅମଲା ଭବନରେ କଳାହାଣ୍ଡି ପଛୁଆ ବର୍ଗ ମଞ୍ଚ କର୍ମକର୍ତ୍ତା ଚୟନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ତେବେ କେନ୍ଦ୍ର ଓ ରାଜ୍ୟ ସରକାର ଶିକ୍ଷା, ଚାକିରି ଓ ରାଜନୀତି କ୍ଷେତ୍ରରେ ୨୭% ପ୍ରତିଶତ ସଂରକ୍ଷଣ ଦେବାକୁ ଦାବି କରାଯାଇଛି । ଯଦି ଆସନ୍ତା ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନରେ ରାଜ୍ୟ ସରକାର ପଛୁଆ ବର୍ଗଙ୍କ ପାଇଁ ୨୭% ପ୍ରତିଶତ ସଂରକ୍ଷଣ ନ ଦେଲେ ସାରା ରାଜ୍ୟରେ ଓବିସି ମଞ୍ଚ ଓଡ଼ିଶା ପକ୍ଷରୁ ଭୟାବହ ଆନ୍ଦୋଳନ ହେବ ବୋଲି ସାମ୍ବାଦିକ ସମ୍ମିଳନୀରେ ପଛୁଆ ବର୍ଗ ମଞ୍ଚ ପ୍ରକାଶ କରିଛି । ଏହି ଅବସରରେ କଳାହାଣ୍ଡି ଜିଲ୍ଲା ପଛୁଆ ବର୍ଗ ମଞ୍ଚ ଜିଲ୍ଲା ସଭାପତି ଭାବେ ଡମ୍ବୁରୁଧର ଲହଜଲ, କାର୍ଯ୍ୟକାରୀ ସଭାପତି ଭାବେ ସଚ୍ଚିଦାନନ୍ଦ ମହାଖୁଡ, ଉପ ସଭାପତି ଭାବେ କୃଷ୍ଣଚନ୍ଦ୍ର ସାହୁ, ବେଣୁଧର ଟୋଲଟିଆ, ଗୋଲାପଚନ୍ଦ୍ର ସାହୁ, ପ୍ରଦୀପ ନାଏକ, ସାଧାରଣ ସମ୍ପାଦକ ଭାବେ ହିମାଂଶୁ ଶେଖର ବରାଡ, ସାଂଗଠନିକ ସମ୍ପାଦକ ଭାବେ ଡାକେଶ୍ୱର ଲହଜଲ, କୋଷାଧକ୍ଷ ଭାବେ ଦୀପଚାନ୍ଦ ସାହୁ, ସହସମ୍ପାଦକ ଭାବେ ରଶ୍ମିରେଖା ରାଉତ, ବିରଞ୍ଚି ପ୍ରସାଦ ସରାପ, ସଚ୍ଚିଦାନନ୍ଦ ସାହୁଙ୍କୁ ଦାୟିତ୍ୱ ଦିଆଯାଇଛି । କାର୍ଯ୍ୟକାରୀ ସଦସ୍ୟା ଭାବେ ସଙ୍ଗୀତ ଖର୍ସେଲ, ସଦସ୍ୟ ଲିଳାମ୍ବର ସାହୁ, ରଜନୀକାନ୍ତ ବିଶି, ନରହରୀ ବାଗ, କୀର୍ତ୍ତିଚନ୍ଦ୍ର ଗଉଡ, ବିକାଶ ପ୍ରଧାନ, ଅଙ୍କୁର ବାଗ, ଗିରିଧାରୀ ସାହୁ ଦାୟିତ୍ୱ ତୁଲାଇବେ । ଉପଦେଷ୍ଟା ଭାବେ ରୂପକେଶର ଦଳାଇ, ବ୍ରଜମୋହନ ସାହୁ, ସିଦ୍ଧାର୍ଥ ନାଏକ, କୀର୍ତ୍ତନ ନାଏକ, ପ୍ରକାଶ ଚନ୍ଦ୍ର ନାଏକ, ଈଶ୍ୱର ପୁଝାରୀ, ଟିକଚନ ନାଗ, ମହେନ୍ଦ୍ର ନାଏକ, ଦିଲୀପ ମେହେରଙ୍କୁ ଦାୟିତ୍ୱ ମିଳିଛି । ଜିଲ୍ଲା ଛାତ୍ର ସଂଯୋଜକ ଭାବେ ନୀଳାମ୍ବର ସାହୁ ଓ ସାମାଜିକ ଗଣମାଧ୍ୟମ ସଂଯୋଜେକ ଭାବେ ତୁଳାମଣି ନାଗ, ଲକ୍ଷ୍ମୀ ରଞ୍ଜନ ବାଗ, ମନମୋହନ ପ୍ରଧାନଙ୍କ ନାମ ଘୋଷଣା କରାଯାଇଛି ।

# ସାମ୍ବାଦିକଙ୍କୁ ଭଣ୍ଡେଇ ଦେଇଛନ୍ତି ସରକାର

**ନୂଆପଡ଼ା, ୮।୬(ସମିସ)**

ବିଜେଡି ଶାସନ ସମୟରେ ରାଜ୍ୟ ସରକାର ଓଡ଼ିଶାର ପ୍ରତ୍ୟେକ ଜିଲ୍ଲାର ପ୍ରତିଷ୍ଠିତ ଖବର କାଗଜ ଓ ବୈଦ୍ୟୁତିକ ଗଣମାଧ୍ୟମର ସମ୍ବାଦିକଙ୍କ ପରିବାର ବର୍ଗଙ୍କ ସ୍ୱାସ୍ଥ୍ୟ ସୁରକ୍ଷା ନିମନ୍ତେ ୨୦୧୭ ମସିହାରେ ଗୋପବନ୍ଧୁ ସ୍ୱାସ୍ଥ୍ୟ କାର୍ଡ ଯୋଜନା ମାଧ୍ୟମରେ

- **କାମରେ ଆସୁନି ଗୋପବନ୍ଧୁ ସ୍ୱାସ୍ଥ୍ୟ ବୀମା କାର୍ଡ**
- **କ୍ୟାସଲେସ୍ ସୁବିଧା ମିଳୁନି**
- **୨ ଲକ୍ଷରୁ ଅଧିକ ଟଙ୍କା ଆବଶ୍ୟକ**
- **ବେଡ୍‌ରେ ପଡ଼ିଛି କୁନି ଝିଅ**

ଦେଶର ବିଭିନ୍ନ ହସ୍ପିଟାଲରେ ୫ ଲକ୍ଷ ଟଙ୍କାର ମାଗଣା ଚିକିତ୍ସା ସୁବିଧା ଯୋଗାଇଛନ୍ତି; ହେଲେ ବର୍ଷେ ହେଲା ସରକାର ପରିବର୍ତ୍ତନ ପରେ ଏହାର ଫାଇଦା ଏବେ ସାମ୍ବାଦିକଙ୍କ ପରିବାର ସଦସ୍ୟ ପାଉ ନ ଥିବା କୋମନା ବ୍ଲକର ଜଣେ ଛାପା ଗଣମାଧ୍ୟମ ସଂସ୍ଥାର ଜଣେ ସାମ୍ବାଦିକ ଏକ୍ସରେ ସିଏମ୍‌ଓ ଓଡ଼ିଶା ଓ ସୂଚନା ଓ ଲୋକ ସମ୍ପର୍କ ବିଭାଗକୁ ଜଣାଇଛନ୍ତି । ଅଭିଯୋଗକାରୀ ସାମ୍ବାଦିକ ନନ୍ଦିଘୋଷ ଖମାରୀଙ୍କ ଅଭିଯୋଗ ଅନୁଯାୟୀ, ସେ ତାଙ୍କର ୧୩ ଅର୍ଷର ଝିଅ ଅର୍ପିତା ଖମାରୀଙ୍କୁ ଦୀର୍ଘ ୩ ବର୍ଷ ହେବ ତାମିଲନାଡୁର ଜଣାଶୁଣା ହସ୍ପିଟାଲ ଭେଲୋରର ସିଏମ୍‌ସିରେ ଚିକିତ୍ସା କରିଆସୁଛନ୍ତି । ୨୦୨୨ ମସିହାରେ ଝିଅକୁ ଭୁବନେଶ୍ୱର ଆପୋଲୋ ହସ୍ପିଟାଲ ଏବଂ ସିଏମ୍‌ସି ଭେଲୋରରେ ଭର୍ତ୍ତି କରି ଉକ୍ତ କାର୍ଡ ମାଧ୍ୟମରେ ମାଗଣା ଚିକିତ୍ସା କରିବାକୁ ଆବେଦନ କରିଥିଲେ । ପରମାଉଣ୍ଟ ହେଲ୍‌ଥ(ଟିପିଏ) କାର୍ଡ ଗ୍ରହଣ କରିଥିଲା; କିନ୍ତୁ ଡିସଚାର୍ଜ ସମୟରେ ଫାଇନାଲ ବିଲ୍ ପେମେଣ୍ଟ କରିବାର ଆବେଦନ ନାକଚ କରିଥିଲା । ଏହା ଫଳରେ ନିଜ ପକେଟ ତଥା ଚିହ୍ନା ଲୋକଙ୍କ ଠାରୁ ଧାର କରଜ କରି ବିଲ୍ ଦେଇ ଘରକୁ ଫେରାଇ ଆଣିଥିଲେ । ବର୍ତ୍ତମାନ ସାମ୍ବାଦିକଙ୍କ କୁନି ଝିଅ ଅର୍ପିତାକୁ ୟୁରିନ୍ ଇନ୍‌ଫେକ୍ସନ୍ ସମସ୍ୟା କାରଣରୁ ସେଠାରେ ଭର୍ତ୍ତି କରାଯାଇଛି । ହସ୍ପିଟାଲ ବୋର୍ଡ଼ରେ ପାରାମାଉଣ୍ଟର ସଂସ୍ଥା ସହ ଟାଏ ଅପ୍ ଥିବା ସୂଚନା ଥିଲେ ସୁଦ୍ଧା ଗୋପବନ୍ଧୁ ସ୍ୱାସ୍ଥ୍ୟ ବୀମା କାର୍ଡରେ ବର୍ତ୍ତମାନ ମଧ୍ୟ ସିଏମ୍‌ସି ହସ୍ପିଟାଲରେ ମାଗଣା ଚିକିତ୍ସା ହେଉ ନ ଥିବା ଜଣାପଡ଼ିଛି । କାର୍ଡ ଦ୍ୱାରା ମାଗଣା ଚିକିତ୍ସା ଆଶାରେ ଉତ୍ତମ ଚିକିତ୍ସା ପାଇଁ ବାହାର ରାଜ୍ୟକୁ ଯାଉଥିବା ବେଳେ ତାହା ବାହାର ରାଜ୍ୟର ହସ୍ପିଟାଲରେ କାମରେ ଆସୁ ନ ଥିବାରୁ ହିତାଧିକାରୀଙ୍କୁ ହାଇରାଣ ହେବାକୁ ପଡୁଛି । ଏଣୁ ଏହାର ଉଚ୍ଚସ୍ତରୀୟ ତଦନ୍ତ କରି ସାମ୍ବାଦିକ ବନ୍ଧୁମାନଙ୍କ ବୀମାକାର୍ଡ ସମ୍ବନ୍ଧୀୟ ସମସ୍ୟାର ସ୍ଥାୟୀ ସମାଧାନ କରିବା ସହ ବୀମା କମ୍ପାନୀ ବିରୋଧରେ ଆଇନଗତ କାର୍ଯ୍ୟାନୁଷ୍ଠାନ ନେବା ପାଇଁ ଜିଲ୍ଲାର ସାମ୍ବାଦିକ ମହଲରେ ଦାବି ହୋଇଛି ।



# ଗଛରେ ପିଟିହୋଇ ବାଇକ୍ ଚାଳକଙ୍କ ମୃତ୍ୟୁ

**ନୂଆପଡ଼ା/ପାଇକମାଲ, ୮ ।୬(ସମିସ):** ନୂଆପଡ଼ା-ବରଗଡ଼ ରାସ୍ତାର ଜାମସେଠ ଗାଁ ନିକଟରେ ରବିବାର ଦୁର୍ଘଟଣା ଘଟଇଛି । ଜଣେ ବାଇକ୍ ଚାଳକ ରାସ୍ତା କଡ଼ରେ ଥିବା ଏକ ଗଛରେ ପିଟି ହେବା ଫଳରେ ଘଟଣାସ୍ଥଳରେ ହିଁ ତାଙ୍କ ମୃତ୍ୟୁ ଘଟିଛି । ମୃତକ ହେଲେ ନୂଆପଡ଼ା ଥାନା ପଗାର ପାଣି ଗାଁର ସହଦେବ ରାଉତ (୩୨) । ରାତି ପ୍ରାୟ ୮ ଟାରେ ସହଦେବ ପାଇକମାଲ ପଟୁ ଏକ ବାଇକ୍‌ରେ ଏକୁଟିଆ ନୂଆପଡ଼ା ପଟକୁ ଆସୁଥିଲେ । ଜାମସେଠ ବସ୍ତି ଅତିକ୍ରମ କଲାପରେ ରାସ୍ତା ପାର୍ଶ୍ୱରେ ଥିବା ନିମ୍ବ ଗଛରେ ପିଟି ହୋଇ ରାସ୍ତାରେ ପଡ଼ି ଯାଇଥିଲେ । ଘଟଣା ସ୍ଥଳରେ ହିଁ ତାଙ୍କ ମୃତ୍ୟୁ ଘଟିଥିଲା । ସ୍ଥାନୀୟ ଲୋକ ଉଦ୍ଧାର କରି ନୂଆପଡ଼ା ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ । ଡାକ୍ତର କିନ୍ତୁ ମୃତ ଘୋଷଣା କରିଥିଲେ ।

# ବିଜେପିର ମଣ୍ଡଳସ୍ତରୀୟ ବିକଶିତ ଭାରତ କାର୍ଯ୍ୟକ୍ରମ

**ନୂଆପଡ଼ା, ୮ ।୬(ସମିସ):** ସ୍ଥାନୀୟ ଜିଲ୍ଲା ବିଜେପି କାର୍ଯ୍ୟାଳୟରେ ବିକଶିତ ଭାରତ ଅମୃତ କାଳ ସେବା, ସୁଶାସନ ଏବଂ ଗରିବ କଲ୍ୟାଣରେ କେନ୍ଦ୍ର ସରକାରଙ୍କ ୧୧ ଓ ରାଜ୍ୟ ସରକାରଙ୍କ ୧ ବର୍ଷ ପୂର୍ତ୍ତି ଉପଲକ୍ଷେ ମଣ୍ଡଳସ୍ତରୀୟ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ବିଜେପି ଯୁବ ମୋର୍ଚ୍ଚା ଜିଲ୍ଲା ସଭାପତି ଅଭିନନ୍ଦନ ପଣ୍ଡା, ମୂରଲୀ ସୁନା, ବିଜୟ ଚନ୍ଦ୍ରପାର, ମିଲୋଉ ରଣା, ଅଜିତ ସୁନା, ଲାଲା ମାଝୀ, ଘନଶ୍ୟାମ ବାରିକ, ଆଲୋକ ଧଳ ପ୍ରମୁଖ ଯୋଗ ଦେଇଥିଲେ । ଏଥିରେ ବିଜେପି ସରକାରର ବର୍ଷକ ଭିତରେ କାର୍ଯ୍ୟାନ୍ୱୟନ ହୋଇଥିବା ବିଭିନ୍ନ କାର୍ଯ୍ୟ କଳାପ ଉପରେ ଆଲୋଚନା କରାଯାଇଥିଲା । ନୂଆପଡ଼ା ମଣ୍ଡଳ ସଭାପତି ସଦାନନ୍ଦ ଯୋଷୀ ସଭାପତିତ୍ୱ କରିଥିଲେ । ସେହିଭଳି ଲୋକନାଥ ହୋତାଙ୍କ ସଭାପତିତ୍ୱରେ ସୁନଦାଇ ମଣ୍ଡଳରେ କାର୍ଯ୍ୟକ୍ରମ ହୋଇଥିଲା । ସେଠାରେ ମୁଖ୍ୟ ଅତିଥି ଭାବେ ପୂର୍ବତନ ରାଜ୍ୟ ସଭାପତି ତଥା ପୂର୍ବତନ କଳାହାଣ୍ଡି ସାଂସଦ ବସନ୍ତ ପଣ୍ଡା, ଅଭିନନ୍ଦନ ପଣ୍ଡା, ତୁଳସ ପଟେଲ, ବିକ୍ରମ ଆଡବଙ୍ଗ, ସହଦେବ ପ୍ରଧାନ ଉପସ୍ଥିତ ଥିଲେ । ଅନ୍ୟପକ୍ଷେ ବଞ୍ଜାରୀ ମଣ୍ଡଳରେ ଭକ୍ତ ରଣାଙ୍କ ନେତୃତ୍ୱରେ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ମୁଖ୍ୟ ଅତିଥି ଭାବେ ପୂର୍ବତନ ସାଂସଦ କଳାହାଣ୍ଡି ବସନ୍ତ ପଣ୍ଡା, ଅଭିନନ୍ଦନ ପଣ୍ଡା, ତୁଳସ ପଟେଲ, ଡମରୁ ମହାନନ୍ଦ, ଫୁଲେଶ୍ୱର ଭୋଇ, ଚନ୍ଦ୍ରମଣି ଶବର ପ୍ରମୁଖ ଉପସ୍ଥିତ ଥିଲେ ।



# ହନୁମାନ ମନ୍ଦିର ଓ ବିଗ୍ରହ ପ୍ରତିଷ୍ଠା

**ଭବାନୀପାଟଣା, ୮ ।୬(ସମିସ):** ସଦର ବ୍ଲକ ଜଗନ୍ନାଥପୁର ଗ୍ରାମରେ ଶ୍ରୀ ଶ୍ରୀ ମହାବୀର ହନୁମାନ ମନ୍ଦିର ଏବଂ ବିଗ୍ରହ ପ୍ରାଣ ପ୍ରତିଷ୍ଠା ଉତ୍ସବ ଅନୁଷ୍ଠିତ ହୋଇଛି । ଏହି କାର୍ଯ୍ୟକ୍ରମରେ କର୍ତ୍ତା ରୂପେ ଜଗନ୍ନାଥପୁର ଗ୍ରାମର ମନୋରଞ୍ଜନ ରାଜଗୁରୁ ଏବଂ ତାଙ୍କ ପତ୍ନୀ ପୁଷ୍ପାଞ୍ଜଳି ରାଜଗୁରୁ ଦାୟିତ୍ୱ ତୁଲାଇ ଥିଲେ । ମୁଖ୍ୟ ପୁରୋହିତ ଭାବେ ନିରଞ୍ଜନ ଦାଶ, ଆଚାର୍ଯ୍ୟ ଭାବେ ମନୋରଞ୍ଜନ ଦାଶ, ପ୍ରଚାରକ ଭାବେ ପ୍ରଦ୍ୟୁମ୍ନ ମିଶ୍ର, ବ୍ରହ୍ମା ଭାବେ ବଳଭଦ୍ର ମିଶ୍ର, ଚଣ୍ଡୀପାଠକ ଭାବେ ଚକ୍ରଧର ତ୍ରିପାଠୀ, ରୁଦ୍ରାଭିଷେକରେ ରାୟଗଡ଼ାର ହରିହର ମିଶ୍ର, ହନୁମାନଙ୍କ ସେବାୟତ ତିରୁପତି ମିଶ୍ର ଏବଂ ଗଦାଧର ଦାଶ ସ୍ୱସ୍ତି ବାଚକ ଦାୟିତ୍ୱ ସମ୍ପାଦନ କରିଥିଲେ । ପ୍ରତିଷ୍ଠା ଉତ୍ସବରେ ଜଗନ୍ନାଥପୁର ଗ୍ରାମର ସମସ୍ତ ଜନସାଧାରଣ ସହଯୋଗ କରିଥିଲେ । ଜୁନ୍ ୪ ରେ ଅଙ୍କୁରାରୋପଣ ଏବଂ କଳସ ଯାତ୍ରା ହୋଇଥିବା ସ୍ଥଳେ ୫ରେ ଶାଳା ପୂଜା, ୬ରେ ବନଜାଗ ଯାତ୍ରା ଏବଂ ରତ୍ନ ଭରଣ ହୋଇଥିଲା । ୭ରେ ପ୍ରାଣ ପ୍ରତିଷ୍ଠା ତଥା ଜୀବନ୍ୟାସ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ୮ ତାରିଖରେ ପ୍ରଭୁ ଶ୍ରୀ ହନୁମାନଙ୍କ ବିଗ୍ରହ ମନ୍ଦିର ବିଜେ କରିଥିଲେ ।

# ସମ୍ବଲପୁରୀ ଡେରାରେ ସମର୍ପଣ ଉତ୍ସବ

**ସମ୍ବଲପୁର, ୮ ।୬(ସମିସ):** ଗୁରୁ ସତ୍ୟନାରାୟଣ ସମ୍ବଲପୁରୀ ଡେରାରେ ସମ୍ବଲପୁରୀ ଦିନ ପାଇଁ ରବିବାର ଗଣ ସଫେଇ ସହ ସମର୍ପଣ ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ସମ୍ବଲପୁର ମହାନଗର ନିଗମ, ଯୋଗ ପରିବାର, ଭାରତୀ ସମାଜ ଏବଂ



ସମ୍ବଲପୁର ଜିଲା କିକ୍ ବକ୍ସିଂ ଆସୋସିଏସନର ସହଯୋଗରେ ପଶ୍ଚିମାଞ୍ଚଳ ଏକତା ମଞ୍ଚ ପକ୍ଷରୁ ସମ୍ବଲପୁରୀ ଡେରା ପରିସରକୁ ସଫା କରାଯାଇଥିଲା । ପ୍ରତିବର୍ଷ ସମ୍ବଲପୁରୀ ଡେରା ପରିସରରେ ଗୁରୁ ସତ୍ୟନାରାୟଣ ବହିଦାରଙ୍କ ଜନ୍ମ ଦିନ ଅବସରରେ ରାଜ୍ୟ ସ୍ତରୀୟ ସମ୍ବଲପୁରୀ ଦିନର ଆୟୋଜନ କରାଯାଇଥାଏ । ଏହି କାର୍ଯ୍ୟକ୍ରମରେ ହଜାର ହଜାର ଲୋକଙ୍କ ସମାଗମ ହୋଇଥାଆନ୍ତି । ଏଥିପାଇଁ ଡେରା ପରିସରକୁ ସଫାସୁତୁରା କରିବା ପାଇଁ ରବିବାର ଏକ ଗଣ ସଫେଇ କାୟରୟକ୍ରମର ଆୟୋଜନ କରାଯାଇଥିଲା । ମହାନଗର ନିଗମର ସଫେଇ କର୍ମଚାରୀଙ୍କ ସହ ବିଭିନ୍ନ ସଙ୍ଗଠନର ସଦସ୍ୟ ମାନେ ଡେରା ପରିସରକୁ ସଫା କରିଥିଲେ । ଏହାପରେ ବିଗତ ଦିନରେ ଅକାଳ ବିୟୋଗ ହୋଇଥିବା ପଶ୍ଚିମାଞ୍ଚଳ ଏକତା ମଞ୍ଚର ପୂର୍ବତନ ଝାରସୁଗୁଡା ଜିଲା ସଂଯୋଜକ ଅଜିତ ରଥ ଏବଂ ସମ୍ବଲପୁରର ବରିଷ୍ଠ ସଦସ୍ୟ ସବ୍ୟସାଚୀ ମିଶ୍ରଙ୍କ ବିୟୋଗରେ ଦୁଇଟି ବୃକ୍ଷକୁ ସମର୍ପଣ କରାଯାଇଥିଲା । ମଞ୍ଚର ସମସ୍ତ ସଦସ୍ୟ ମାନେ ଉଭୟ ବୃକ୍ଷର ଦାୟିତ୍ୱ ନେଇ ଉଭୟ ସଦସ୍ୟଙ୍କ ଉପସ୍ଥିତକୁ ମନେ ପକାଇବା ପାଇଁ ସଂକଳ୍ପ କରିଥିଲେ ।

**ଦିବଙ୍ଗତ ସଦସ୍ୟଙ୍କ ନାମରେ ବୃକ୍ଷ ସମର୍ପଣ**

**ସମ୍ବଲପୁରୀ ଦିନ ଆୟୋଜନ ପାଇଁ ପ୍ରସ୍ତୁତି**

ଏହି କାର୍ଯ୍ୟକ୍ରମରେ ଆଞ୍ଚଳିକ ପ୍ରଦୂଷଣ ନିୟନ୍ତ୍ରଣ ଅଧିକାରୀ ସତ୍ୟନାରାୟଣ ନନ୍ଦ ମୁଖ୍ୟ ଅତିଥି ଭବାରେ ଯୋଗ ଦେଇଥିଲେ । ଡେରା ପରିସରକୁ ସବୁଜ ସୁନ୍ଦର କରିବା ଦିଗରେ ସହଯୋଗ କରିବା ପାଇଁ ସେ ପ୍ରତିଶ୍ରୁତି ଦେଇଥିଲେ । ସମର୍ପଣ କାର୍ଯ୍ୟକ୍ରମ ପରେ ଡେରା ପରିସରରେ ଏକ ସ୍ୱାସ୍ଥ୍ୟ ଶିବର ଆୟୋଜନ କରାଯାଇଥିଲା । ଏଥିରେ ଉପସ୍ଥିତ ସଦସ୍ୟ ମାନଙ୍କର ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇଥିଲା । ପ୍ରତିବର୍ଷ ଅଗଷ୍ଟ ଏକ ତାରିଖରେ ସମ୍ବଲପୁରୀ ଦିନ କାର୍ଯ୍ୟକ୍ରମ ଆୟୋଜନ ହେଉଥିବାରୁ ବର୍ଷା ଯୋଗୁଁ ଡେରା ପରିସର କାଦୁଅ ହୋଇଯାଇଥାଏ । ଏଥିପାଇଁ ଜିଲା ପ୍ରଶାସନ ଏବଂ ମହାନଗର ନିଗମକୁ ପରିସରରେ ପେଭର ବ୍ଲକ ବସାଯିବାକୁ ଅନୁରୋଧ କରାଯାଇଥିଲା । ଏହାସହ ଜୁଲାଇ ମାସରେ ସଦସ୍ୟ ମାନେ ଗୋଟିଏ ଲେଖାଏଁ ବୃକ୍ଷରୋପଣ କରି ତାର ଯତ୍ନ ନେବାକୁ ସଂକଳ୍ପ କରିଥିଲେ । ତେବେ ଡେରା ପରିସରରେ ନିୟମିତ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜନ ହେଉଥିବା ବେଳେ ଏଠାରେ ଏକ ଖୋଲା ମଞ୍ଚ ଏବଂ ପାନୀୟ ଜଳର ବ୍ୟବସ୍ଥା କରିବାକୁ ବିଭିନ୍ନ ସଙ୍ଗଠନ ପକ୍ଷରୁ ପ୍ରଶାସନକୁ ଦାବି କରାଯାଇଥିଲା । ଏହାସହ ଆସନ୍ତା ସମ୍ବଲପୁରୀ ଦିନକୁ କିଭଳି ଆକର୍ଷଣୀୟ ଢଙ୍ଗରେ ଆୟୋଜନ କରାଯିବ ସେନେଇ ଆଲେଚନା କରାଯାଇଥିଲା । ଆଜିର କାର୍ଯ୍ୟକ୍ରମରେ ବିଭିନ୍ନ ଅନୁଷ୍ଠାନର ୬୦ରୁ ଅଧିକ ସଦସ୍ୟ ସାମିଲ ହୋଇଥିଲେ ।

# ସିନାପାଲିରେ ରଥଯାତ୍ରା ପ୍ରସ୍ତୁତି ବୈଠକ

**ସିନାପାଲି, ୮।୬(ସମିସ) :** ନୂଆପଡ଼ା ଜିଲ୍ଲା ସିନାପାଲିଠାରେ ରଥଯାତ୍ରା ପାଳନ ନିମନ୍ତେ ଏକ ପ୍ରସ୍ତୁତି ବୈଠକ ସ୍ଥାନୀୟ ଜଗନ୍ନାଥ ମନ୍ଦିର ପରିସରରେ ରବିବାର ଅନୁଷ୍ଠିତ ହୋଇଛି । ମନ୍ଦିର ପରିଚାଳନା କମିଟିର ସଭାପତି ବୈଶମ୍ପାୟନ ମେହେରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ମହାପ୍ରଭୁଙ୍କ ସ୍ନାନଯାତ୍ରା, ଅଣସରନୀତି, ନେତ୍ରୋତ୍ସବ, ରଥଯାତ୍ରା, ହେରାପଞ୍ଚମୀ, ବାହୁଡ଼ାଯାତ୍ରା, ସୁନାବେଶ, ଅଧରପଣା, ନୀଳାଦ୍ରି ବିଜେ ଆଦି ଉତ୍ସବକୁ ଶୃଙ୍ଖଳାର ସହ ପାଳନ ନେଇ ଆଲୋଚନା କରାଯାଇଥିଲା । ଏଥିସହ ଯାତ୍ରା ସମୟରେ ଶ୍ରଦ୍ଧାଳୁଙ୍କ ଭିଡ଼ ଦୃଷ୍ଟିରୁ ଟ୍ରାଫିକ୍ ବ୍ୟବସ୍ଥା, ସ୍ୱଚ୍ଛତା, ପାନୀୟ ଜଳ, ପ୍ରାଥମିକ ଚିକିତ୍ସା ବ୍ୟବସ୍ଥାକୁ କମିଟି ତରଫରୁ ଗୁରୁତ୍ୱ ଦିଆଯାଇଛି । ଏହି ଅବସରରେ ସେବାୟତମାନଙ୍କୁ ବିଭିନ୍ନ ଦାୟିତ୍ୱ ବଣ୍ଟନ କରାଯାଇଥିଲା । ପ୍ରାରମ୍ଭରେ ନବୀନ ଚନ୍ଦ୍ର ମେହେର ସଭାର ବିବରଣୀ ଉପସ୍ଥାପନ କରିଥିଲେ । ଶେଷରେ ରୂପେଶ ମେହେର ଧନ୍ୟବାଦ ଦେଇଥିଲେ ।

# ସ୍ୱାଧୀନତା ସଂଗ୍ରାମୀ ଲାଲ୍‌ସିଂଙ୍କୁ ଭୁଲି ଯାଉଛନ୍ତି ସରକାର

**ନୂଆପଡ଼ା, ୮।୬(ସମିସ):** ନୂଆପଡ଼ା ଜିଲ୍ଲାର ବୀରପୁତ୍ର ତଥା ବ୍ରିଟିସ ଶାସନ ଅମଳରେ କଳାପାଣି ସଜା ଭୋଗିଥିବା ପ୍ରଥମ ଓଡ଼ିଆ ସ୍ୱାଧୀନତା ସଂଗ୍ରାମୀ ଟାନୱାଟର ଗୌନ୍ତିଆ ଲାଲ ସିଂ ମାଝୀଙ୍କୁ ଭୁଲିଯାଉଛନ୍ତି ସରକାର । ତାଙ୍କୁ ଆଜି ଓଡ଼ିଶା ତଥା ଜାତୀୟସ୍ତରରେ କୌଣସି ମର୍ଯ୍ୟାଦା ମିଳିପାରିନାହିଁ ବୋଲି ପଡୋଶୀ ଛତିଶଗଡ଼ ମହାସମୁନ୍ଦର ପୂର୍ବତନ ସାଂସଦ ଚୁନିଲାଲ ସାହୁ ଏକ ସାମ୍ବାଦିକ ସମ୍ମିଳନୀରେ ଅଭିଯୋଗ ଆଣିଛନ୍ତି । ଟାନୱାଟରେ ଏକ ସ୍ମୃତି ସ୍ତମ୍ଭ ସ୍ଥାପନ ସହ ନୂଆପଡ଼ା ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ(ଡିଏଚ୍‌ଏଚ୍)କୁ ଲାଲ ସିଂ ମାଝିଙ୍କ ନାମରେ ନାମିତ କରିବାକୁ ପୂର୍ବତନ ସାଂସଦ ସାହୁ ଦାବି ଜଣାଇଛନ୍ତି । ଏନେଇ ସେ ଓଡ଼ିଶାର ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂ ଦେଓଙ୍କୁ ଦାବିପତ୍ର ପ୍ରଦାନ କରିଥିବା ସାମ୍ବାଦିକ ସମ୍ମିଳନୀରେ ସୂଚାଇଛନ୍ତି । ଲାଲସିଂଙ୍କ ବୀରତ୍ୱ ଗାଥାକୁ ନେଇ କୋଶଳ କ୍ରାନ୍ତିବୀର ନାମକ ଏକ ପୁସ୍ତକ ମଧ୍ୟ ସେ ଉନ୍ମୋଚନ କରିଛନ୍ତି । ଲାଲସିଂଙ୍କ ପରି ଜଣେ ସହୀଦଙ୍କୁ ଉପଯୁକ୍ତ ସମ୍ମାନ ମିଳିବା ଉଚିତ ବୋଲି ପୂର୍ବତନ ସାଂସଦ ମତବ୍ୟକ୍ତ କରିଥିଲେ । ତାଙ୍କ ସ୍ମୃତିରେ ସରକାର, ସ୍ଥାନୀୟ ପ୍ରଶାସନ କୌଣସି ପ୍ରକାରେ ଧ୍ୟାନ ଦେଉନଥିବାରୁ ଏଭଳି ବୀର ପୁରୁଷଙ୍କ ପ୍ରତି ଆଗାମୀ ଦିନରେ ସମସ୍ତଙ୍କୁ ଆଗକୁ ଆସିବାକୁ ହେବ ବୋଲି ସେ ଆହ୍ୱାନ ଦେଇଥିଲେ ।




### ଯନ୍ତ୍ରଣା ଦେଉଛି ଏନଏଚ୍‌ଏଆଇ

# ଅସମ୍ଭାଳ ଭିଡ଼ ସହ ବିପର୍ଯ୍ୟସ୍ତ ଟ୍ରାଫିକ

**ସମ୍ବଲପୁର, ୮ ।୬(ସମିସ)**

ଏନଏଚ୍‌ଏଆଇ ପକ୍ଷରୁ ସମ୍ବଲପୁର ଅଇଁଠାପାଲି ଠାରେ ଫ୍ଲାଏ ଓଭର ନିର୍ମାଣ ହେଉଛି । ସବୁବେଳେ ଏହି ଛକରେ ଭିଡ଼ ସହ ଦୁର୍ଘଟଣା





ଘଟିଥାଏ । ଅନେକ ଦିନର ଘୋଷଣା ପରେ ଫ୍ଲାଏ ଓଭରର ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇଛି । ଫ୍ଲାଏ ଓଭର ନିର୍ମାଣ ହେଲେ ସହରବାସୀ ନିର୍ଭୟରେ ଯାତାୟାତ କରିବା ନେଇ ସ୍ୱପ୍ନ ଦେଖିଥିଲେ । କିନ୍ତୁ ନିର୍ମାଣଧୀନ ଫ୍ଲାଏ ଓଭର ଲୋକଙ୍କୁ ଯନ୍ତ୍ରଣା ଦେବାରେ ଲାଗିଛି । ନିର୍ମାଣ କାର୍ଯ୍ୟ ଯେତିକି କଷ୍ଟ ଦେଉନି ତାଠୁ ଅଧିକ ବିପର୍ଯ୍ୟସ୍ତ ଟ୍ରାଫିକ ବ୍ୟବସ୍ଥା ଯନ୍ତ୍ରଣା ଦେଉଛି । ଛକରେ ଅସମ୍ଭାଳ ଭିଡ଼ ସାଙ୍ଗକୁ ଧୂଳି ଲୋକଙ୍କୁ କଲବଲ କରୁଛି । ସୂଚନାଯୋଗ୍ୟ, ସମ୍ବଲପୁର ସହରର ପ୍ରମୁଖ ଅଇଁଠାପାଲି ଛକ ଦେଇ ପ୍ରତି ଦିନ ହଜାର ସଂଖ୍ୟାରେ ଗାଡ଼ି ଯିବା ଆସିବା କରୁଛି । ଅଇଁଠାପାଲି ଓ ତଳି ଛକର ପରିସ୍ଥିତି ଏବେ ଜଟିଳ ହୋଇ ପଡ଼ିଛି । ବର୍ତ୍ତମାନ ଅଇଁଠାପାଲି ଛକ ଦେଇ ଫ୍ଲାଏ ଓଭର ନିର୍ମାଣ କାର୍ଯ୍ୟ ଜାରି ରହିଛି । ଏହି ଦୁଇ ଛକ ହେଉଛି ଜନଗହଳି ଛକ ।କଲିକତା, ଛତିଶଗଡ଼, ବରଗଡ଼, ଝାରସୁଗୁଡ଼ା ଦେବଗଡ଼, କଟକ ଭୁବନେଶ୍ୱର ସମେତ ଅନେକ ସ୍ଥାନକୁ ଏହି ଛକ ଦେଇ ଗାଡ଼ି ଯାତାୟାତ କରୁଛି । କିନ୍ତୁ ଅଇଁଠାପାଲି ଛକ ଓ ମଦନାବତୀ ସ୍କୁଲ ଛକରେ ଉପଯୁକ୍ତ ବ୍ୟବସ୍ଥା ନାହିଁ । ଯେହେତୁ ଫ୍ଲାଏଓଭର କାର୍ଯ୍ୟ ଜାରି ରହିଛି, ତେଣୁ ମୁଖ୍ୟ ରାସ୍ତାରେ ଗାଡି ଯାତାୟତ ହେବାରେ ଅସମ୍ଭବ ରହିଛି । ଏଥି ପାଇଁ ଉଭୟ ପାର୍ଶ୍ୱର ରାସ୍ତା ହିଁ ଭରସା ରହିଛି । ହେଲେ ବୁଲାଣି ପଏଣ୍ଟ ଗୁଡ଼ିକ ଠିକ ଭାବେ ଡିଜାଇନ ହୋଇ ନାହିଁ । ଉଭୟ ପାର୍ଶ୍ୱରୁ ହଜାର ହଜାର ଗାଡ଼ି ଅଲଗା ରାସ୍ତାରେ ଆସିବେ, କିନ୍ତୁ ଗୋଟାଏ ପଏଣ୍ଟ ବୁଲାଣି ଦେଇ ପୁଣି ସର୍ଭିସ ରୋଡ ଦେଇ ଯିବେ । ସେହ ପଏଣ୍ଟରେ ବରଗଡ଼, ଦେବଗଡ଼, ଝାରସୁଗୁଡ଼ାର ଗାଡ଼ି ଏକା ସାଙ୍ଗରେ ବୁଲିବେ । ପୁଣି ସେପଟୁ ଅଇଁଠାପାଲି ବସଷ୍ଟାଣ୍ଡ, କାଇଁସର ରୋଡ ଓ ସହର ଭିତରୁ ଗାଡି ମଧ୍ୟ ବାହାରି ସେହି ପଏଣ୍ଟ ଦେଇ ଯିବେ । ବୁଲାଣି ସ୍ଥାନରେ ଯଥେଷ୍ଟ ପରିମାଣର ସ୍ଥାନ ରହିନାହି । ସବୁ ପଟରୁ ଆସି ନିଜ ଜୀବନ ଓ ଗାଡ଼ିକୁ ବଞ୍ଚାଇ ସେହି ଛକ ପାର କରିବେ । ଟିକେ ଅସାବଧାନ ହେଲେ ଦୁର୍ଘଟଣାର ଶିକାର ମଧ୍ୟ ହେବ । ସେହପରି ତଳି ଛକ ଆଗରେ ସେହି ସମାନ ସ୍ଥିତି । ସବୁ ପଟରୁ ଗାଡ଼ି ଗୋଟାଏ ବୁଲାଣି ରାସ୍ତା ଦେଇ ଯିବେ । ରାସ୍ତାର ଏପରି ବ୍ୟତିକ୍ରମ ଡିଜାଇନ ପାଇଁ ପ୍ରାୟ ଦିନ ଦୁର୍ଘଟଣା ଘଟୁଛି । ଗତମାସରେ ଛୋଟ ବଡ ୧୦ରୁ ଅଧିକ ଦୁର୍ଘଟଣା ଘଟିଛି । ସହରର ବିକାଶ ହେଉଛି । କିନ୍ତୁ ବିକାଶ ଆଳରେ ଲୋକଙ୍କ ଜୀବନ ଗଡ଼ୁଛି । ବ୍ୟବସ୍ଥିତ ରାସ୍ତା ଡିଜାଇନ ରହିନଥିବାରୁ ଏପରି ଘଟୁଥିବା ସ୍ଥାନୀୟ ଲୋକେ ଅଭିଯୋଗ କରିଛନ୍ତି । ତେଣୁ ଏନଏଚଏଆଇ କର୍ତ୍ତୃପକ୍ଷ ଶୀଘ୍ର ଉପଯୁକ୍ତ ବ୍ୟବସ୍ଥା କରନ୍ତୁ ବୋଲି ଦାବି ହୋଇଛି ।ବିଶେଷ ଭାବେ ଦୁଇ ଚକିଆ ଓ ଟ୍ରକ ଲାଗି ବିକଳ୍ପ ରାସ୍ତା ନିର୍ମାଣ କରାଯାଉ । ନହଲେ ଭବିଷ୍ୟତରେ ଅନେକ ଦୁର୍ଘଟଣା ଘଟିବା ନେଇ ଆଶଙ୍କା କରାଯାଇଛି ।

**ଫ୍ଲାଏ ଓଭର ନିର୍ମାଣରେ ହନ୍ତସନ୍ତ ଲୋକ**

**ବ୍ୟବସ୍ଥିତ ସର୍ଭିସ ରୋଡ ଦାବି**